ସାହସିକ

ଷଷ୍ଠ ସଂସ୍କରଣ - ୨୦୨୩



ଆମ ପ୍ରୟାସ, ଆମ ପରିଚୟ...



ବଣମଲ୍ଲୀ ମହୋତ୍ସବ-୨୦୨୨ର ମଞ୍ଚାସୀନ ଅତିଥିଗଣ



ବଣମଲ୍ଲୀ ମହୋତ୍ସବ-୨୦୨୨ର ସଫଳ ଉଦ୍‌ଯାପନ



ବନ୍ଧୁ ମିଳନ ଉତ୍ସବ - ୨୦୨୩



'ମହକ' ପଞ୍ଚମ ସଂସ୍କରଣର ଉନ୍ମୋଚନ



ମହକ ପତ୍ରିକା ନିମନ୍ତେ ଲେଖା ପଠାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା



ଶିକ୍ଷାନୁଷ୍ଠାନରେ ମହକ ପତ୍ରିକା ବଣ୍ଟନ



ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧିକ ବିଜ୍ଞାଣ କାର୍ଯ୍ୟକ୍ରମର ସଫଳ ଆୟୋଜନ



-: ଯୋଗାଯୋଗ :-
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ କାର୍ଯ୍ୟାଳୟ
ବୃନ୍ଦାଦେଈପୁର, ଜେନାପୁର, ଯାଜପୁର, ପଞ୍ଜିକରଣ ନଂ: ୩୪୫୭/୨୭-୨୦୧୮
ebsite: www.teambanamalli.org | Email: banamalliparivar@gmail.com



ସଂପାଦକୀୟ.....

ପୃଥିବୀର ଅଧିକାଂଶ ମଣିଷ ଜୀବନ କ'ଣ ବୁଝିବା ପୂର୍ବରୁ ହିଁ ଶେଷ ନିଶ୍ୱାସ ତ୍ୟାଗ କରନ୍ତି । ଜୀବନକୁ ନ ଚିହ୍ନି ନ ଜାଣି ବୁଝି କେବଳ ଆୟୁଷ ଗଣି ମରିଯିବା କ'ଣ ଜୀବନର ଲକ୍ଷ୍ୟ ? ଜୀବଦଶା ଭିତରେ ସମାଜ ପ୍ରତି ଯଦି ଅଙ୍ଗୀକାରବଦ୍ଧ ରହିଲା, ସଂସ୍କାରର ଶ୍ରୀମନ୍ଦିର ନିର୍ମାଣ ପାଇଁ ଯଦି ଏ ଛାତି ବଡଦାଣ୍ଡ ନ ସାଜିଲା, ସମାଜରେ ଭାସି ବୁଲୁଥିବା ବାଧା ବି ଲହଡିକୁ ଯଦି ବେଳାଭୂମି ସାଜି ପାଦରେ ଠେଲି ନ ଦେଲା, ନୀତି ନୈତିକତା ଓ ସାମାଜିକ ମୂଲ୍ୟବୋଧର ତ୍ରିବେଣୀ ସ ନ ସାଜିଲା ତେବେ ସେ ଜୀବନଟା ଗୋଟେ ଫୁଟା ଡଙ୍ଗା ଆଉ ନିରାଶାର ଅସରା ମରୁଭୂମି ସଙ୍ଗେ ସମାନ ।

ଏମିତିରେ ବି ଜୀବନ ସବୁବେଳେ ବାସ୍ତବତାକୁ ଖୋଜେ । ସେ ଖୋଜାଖୋଜି ଭିତରେ ନିଜେ ବାରମ୍ବାର ହଜି, ଭାଙ୍ଗିଗୁଜି ପୁଣିଥରେ ନିଜକୁ ପ ରୂପରେ ପାଏ ସମାଜର ବନ୍ଧୁର ପିଠିରେ । ଆମଭଣ କରେ ଏକ ଶିଶିର ଭିଜା ସକାଳକୁ, ନୂଆ ସୂର୍ଯ୍ୟୋଦୟର ପ୍ରଥମ କିରଣକୁ ଛୁଇଁ ସଫଳତାର ମ ବୁଣେ । ସମାଜସେବା ସହିତ ସାହିତ୍ୟର ସମନ୍ୱୟକୁ ପ୍ରମୁଖ ଆବଶ୍ୟକତା ମନେ କରି ଏହିଭଳି ଏକ ଭିନ୍ନ ଚିନ୍ତାଧାରାକୁ ଆଧାର ତା୨୫.୦୫.୨୦୧୫ରିଖରେ ଜନ୍ମ ନେଇଥିଲା 'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ' । ସମାଜସେବା ସହିତ ସାହିତ୍ୟ ପ୍ରତି ଲୋକଙ୍କୁ ଆକୃଷ୍ଟ କ ସ୍ଥାନୀୟ ପ୍ରତିଭାର ସ୍ଫୁରଣ କରିବା, ଲେଖକ ଲେଖିକାଙ୍କୁ ଛାତିରେ ସ୍ଥାନ ଦେଇ ପାଠକଙ୍କ ହୃଦୟରେ ରହିବାର ପ୍ରୟାସ ଏହାର ପ୍ରମୁଖ ଲକ୍ଷ୍ୟ ।

ଏ ଭିତରେ ଏହି ଅନୁଷ୍ଠାନ ଅନେକ ବସନ୍ତ ଛୁଇଁଲାଣି । ସଦ୍ୟ ସୃଷ୍ଟି ହୋଇ ଗୁରୁଣ୍ଡୁଥିବା ଅନୁଷ୍ଠାନ ଯେ ଆଜି ପରିପକ୍ୱ ଓ ଅଗ୍ରଣୀଙ୍କଠାରୁ ଆଗରେ ଏ ସନ୍ଦେହ ନାହିଁ । 'ବଣମଲ୍ଲୀ' ଯେ କେବଳ ବଣରେ ସୀମିତ ଅଛି ତା ନୁହେଁ ସହରର ବଗିଚାରେ ବି ଏ ବାଣ୍ଟି ଗଲିଛି ତାର ଅଫୁରନ୍ତ ସୌନ୍ଦର୍ଯ୍ୟ । ଆଞ୍ଚଳିକ ସୀମା ଡେଇଁ ଡେଣା ଝାଡ଼ି ଉଡୁଛି ଠିକ୍ ଆକାଶର ମୁକ୍ତ ବିହଙ୍ଗ ପରି । ଅନେକ ଅନୁଭବ, ଅନୁଭୂତି, କୃତି ଓ କୀର୍ତ୍ତିର କଳସୀ କାଖରେ କାଖେଇ ପାଦ ପକା "ବଣମଲ୍ଲୀ" । ସମାଜସେବା, ବୃକ୍ଷ ରୋପଣ, ବୌଦ୍ଧିକ ବିକାଶ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ସଚେତନତା, ଶିଶୁ କନ୍ୟା ସୁରକ୍ଷା, ମହାପୁରୁଷଙ୍କ ଜନ୍ମ ଦି ପାଳନ ସହ ସମାଜର ଅବହେଳିତ ଗୋଷ୍ଠୀଙ୍କୁ ସହଯୋଗର ହାତ ବଢ଼ାଇ ଅନୁଷ୍ଠାନ ହାସଲ କରିଛି ଅନନ୍ୟ ପରିଚୟ ।

'ମହକ' ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ସାରସ୍ୱତ ସନ୍ତାନ । ସ୍ରଷ୍ଟାର ସୃଷ୍ଟିକୁ ନିଜ ପୃଷ୍ଠାର ଛାତିରେ ଆଉଜି ଲୋକାଭିମୁଖୀ କରିବା ଏକ ପ୍ରୟ ସ୍ରଷ୍ଟା ଶବ୍ଦରେ ଜୀବନ ଭରିଲା ପରେ ଦିଗ୍‌ବଳୟରେ ଏହାକୁ ବିସ୍ତାରିବାର ଦାୟିତ୍ୱ ମୁଣ୍ଡାଇଛି 'ମହକ' । ଦୀର୍ଘ ୫ ବର୍ଷ ହେବ ସରୋଜକାନ୍ତ ବେହେରାଙ୍କ ସ ସମ୍ପାଦନା ପରେ ମୋ କଅଁଳ କାନ୍ଧରେ ଏ ଗୁରୁ ଦାୟିତ୍ୱର ଜୁଆଳି ଲଦି ମତେ ବଳ ଯୋଗାଉଥିବା ପ୍ରତିଟି ପ୍ରେରଣାଙ୍କ ନିକଟରେ ମୁଁ ଚିର ଋଣି । ମୁଁ ଆଶାବ ଯେ ଏ ସମ୍ପାଦନା ମୋ ପାଇଁ ବିଫଳତାର ପାଳଦଉଡ଼ି ନୁହେଁ ବରଂ ସଫଳତାର ଉତ୍ତରୀୟ ହେବ । କାରଣ ମୁଁ ସିନା ନିମିତ୍ତ ମାତ୍ର କିନ୍ତୁ ପରଦା ପଛରେ ଅ ମହକର ପ୍ରକୃତ ମହାନାୟକ, ଯେଉଁମାନେ ମୋ ଅସୁସ୍ଥତା ସତ୍ତ୍ୱେ ମତେ ଅନୁଷ୍ଠାନ ଆକାଶରୁ ଅସ୍ତ ହେବାକୁ ଦେଇ ନାହାନ୍ତି ।

ବାହାରକୁ ସୁନ୍ଦର ଦିଶୁଥିବା ସୃଷ୍ଟିରେ ବି ଜ୍ୱଳନର ଯନ୍ତ୍ରଣା ଅଛି, ସଂଘର୍ଷର ଅନ୍ତଃସ୍ୱର ଅଛି, ପୁଣି ସହଯୋଗର ମାଇଲ୍ ଖୁଣ୍ଟ ବି ଅଛି । ସହାୟତାର ସୋ ମଞ୍ଜି ବୁଣି ହଳଦୀ ଗୁରୁଗୁରୁ ସାହିତ୍ୟ କ୍ଷେତ ସୃଷ୍ଟି କରିଥିବା ପ୍ରଣମ୍ୟ ବଡ଼ଭାଇ ତଥା ଶ୍ରେୟର ସିଂହଭାଗର ଅଧିକାରୀ ଜୟଦେବ ଶତପଥୀ ଏବଂ ଅନୁଷ୍ଠା ନିସର୍ତ୍ତ ପ୍ରେମ କରୁଥିବା ସଭାପତି ନିର୍ମାଲ୍ୟ କୁମାର ପ୍ରଧାନ ମହୋଦୟଙ୍କୁ ଧନ୍ୟବାଦ ଦେବାକୁ ମୋ ପାଖରେ ଶବ୍ଦ ବା କାହିଁ ? ପ୍ରକୃତରେ ଏ କୀର୍ତ୍ତି ତାଙ୍କ ଏ

ଆମକୁ ଉତ୍ସାହର ଭିଟାମିନ୍ ଡି ଯୁକ୍ତ କିରଣ ଯୋଗାଉଥିବା ଆମର ମାର୍ଗଦର୍ଶକ ଲକ୍ଷ୍ମୀଧର ସାହୁ, ପଦ୍ମନାଭ ଶତପଥୀ, ପ୍ରଭାତ ଶତପଥି, ଅଜୟ ଦାସ, ପ୍ରଫୁ ଦାସ, କାହ୍ନୁଚରଣ ସାହୁ, ସରୋଜ ସାହୁ, ସୁଦୂର ଆମେରିକାରୁ ଆମକୁ ମାଟି ମୁହାଁ କରାଉଥିବା ପ୍ରମୋଦ ଶତପଥି, ଲାଲ୍‌ମୋହନ ଶତପଥି ସମସ୍ତଙ୍କ ପାଖେ ମୁଁ ଚିର ଋଣି । ପତ୍ରିକାଟିକୁ ନିର୍ଭୁଲ କରିବା ପାଇଁ ବାରମ୍ବାର ପ୍ରେସ୍‌କୁ ଗସ୍ତ କରି ଏବଂ ପାଣ୍ଡୁଲିପିକୁ ତନ୍ନ ତନ୍ନ କରି ତା ଦେହରେ ତ୍ରୁଟିଶୂନ୍ୟତାର ରଙ୍ଗୀନ ମଲ ଲଗାଇଥିବା ତୀର୍ଥବାସୀ ଦଳାଇ, ରତୁପର୍ଣ୍ଣା ମହାନ୍ତି, ମାମାଲି ବାରିକ, ଦମୟନ୍ତୀ ପ୍ରଧାନ, ରୁଦ୍ର ନାରାୟଣ ଓଝା, ଅନିମେଷ ପଟ୍ଟନାୟକ, ରାକେଶ୍ ସ ଅନ୍ତର୍ଯ୍ୟାମୀ ବେହେରା, ମାନସ ପ୍ରଧାନ ଏବଂ ନିଜ ବ୍ୟସ୍ତବହୁଳ ଜୀବନରୁ ବିରତି ଟାଣି ଆମକୁ ସମୟ ଦେଇଥିବା ଶିକ୍ଷୟିତ୍ରୀ ମଧୁସ୍ମିତା ଖଟୁଆ ଓ ଅଧ୍ୟାପି ଜ୍ୟୋତିର୍ମୟୀ ସାହୁଙ୍କ ନିକଟରେ ଅଶେଷ କୃତଜ୍ଞତା । ବାସ୍ତବରେ ଏ ଶ୍ରେୟ ସେମାନଙ୍କର ।

ସଭ୍ୟତା, ସଂସ୍କୃତି ଓ ପ୍ରତିଭାର ଅରୁଣିମା ଛିଟାରେ ଏ ପତ୍ରିକା ଦୀପ୍ତିମାନ୍ ହେଉ । ଆତ୍ମପ୍ରକାଶ କରିବାକୁ ଯାଉଥିବା 'ମହକ' ଚିରନ୍ତନ ସାହିତ୍ୟର ପଦମର୍ଯ୍ୟ ଦାବି କରେ, କାରଣ ଏହା ଏକ ପ୍ରୟାସ ନୁହେଁ ବରଂ ପ୍ରତିବଦ୍ଧତା । ଏଥିରେ ରହିଛି ବାସ୍ତବ ଜୀବନର ମଧୁର କାକଳି, କଳ୍ପନାର ସର୍ବଶ୍ରେଷ୍ଠ କାରୁକାର୍ଯ୍ୟ, ବାସ୍ତବ କଳ୍ପନାର ସନ୍ନିଶ୍ରଣ, ରସାନୁଭୂତିର ମୃଦୁ ପରିଚୟ, ସୃଜନ ସମନ୍ୱୟର ସ୍ନିଗ୍ଧ ଇନ୍ଦ୍ରଧନୁ ଯାହା ଆପଣଙ୍କୁ ବାନ୍ଧି ରଖିବ ଶୀର୍ଷକରୁ ଶେଷ ଯାଏଁ ।

'ମହକ' ଛାତିକୁ ଚଉଡ଼ା କରିଥିବା ପ୍ରତିଟି ସ୍ରଷ୍ଟାଙ୍କୁ ଶୁଭେଚ୍ଛାର ଫୁଲ ଚନ୍ଦନ । ବାଦ୍ ପଡ଼ିଥିବା ସ୍ରଷ୍ଟାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥିନୀ । ପତ୍ରିକାର ଉନ୍ନତି ପା ଆପଣମାନେ ପରାମର୍ଶ ଦେବେ ବୋଲି ଆଶା କରୁଛି । ଯେଉଁମାନଙ୍କ ଅକୁଣ୍ଠ ସହଯୋଗରେ ଏ ପତ୍ରିକା ଆତ୍ମପ୍ରକାଶ କରିବ ସେ ସାରସ୍ୱତ ପ୍ରେମୀଙ୍କୁ ଅଶେ କୃତଜ୍ଞତା । ଆମ ପାଇଁ ପ୍ରଚ୍ଛଦ କରି ପଚ୍ଛଦପଟରେ ରହିଥିବା ସ୍ୱର୍ଗତ ମନୋଜ କୁମାର ପ୍ରଧାନଙ୍କ ନିକଟରେ ଆମେ ଚିରକୃତଜ୍ଞ । ସେ ପ୍ରଚ୍ଛଦରେ ଥାଇ ଆମ ଆଶୀର୍ବାଦ କରୁଥାଆନ୍ତୁ । ଅନୁଷ୍ଠାନ ଏବଂ ମହକ ପତ୍ରିକା ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ । ତାଙ୍କ ଅନ୍ତେ ଆମ ପ୍ରତି ସହଯୋଗର ଅନ୍ତ ନ କରି ଏ ଧା ବଜାୟ ରଖିଥିବା ତାଙ୍କ ସୁକନ୍ୟା ନନ୍ଦନିକା ପ୍ରଧାନଙ୍କୁ ବିଶେଷ କୃତଜ୍ଞତା ।

ଶେଷରେ ଏତିକି କହିବି ମହକ ମୋର କି ବଣମଲ୍ଲୀର ନୁହେଁ ବରଂ ଆମ ସମସ୍ତଙ୍କର । ଏ "ମହକ" ଆପଣଙ୍କ ଶବ୍ଦର ମହକ, ସୃଷ୍ଟିର ମହକ, ସାଧନା ମହକ, କଲମ କାଳିର ମହକ, କୀର୍ତ୍ତି କୀର୍ତ୍ତନର ମହକ, ମହତ୍ ଆକାଂକ୍ଷାର ମୃଦଙ୍ଗର ମହକ । ପ୍ରତିଟି ସ୍ରଷ୍ଟା ଓ ପାଠକ ଆମ ପାଇଁ ଅଭ୍ରାନ୍ତ ପଥ ପ୍ରଦର୍ଶକ ଆପଣମାନେ ଆପଣଙ୍କ "ମହକ"କୁ ଆପଣେଇ ନେଲେ ହିଁ ଆମ ସମସ୍ତଙ୍କ ଶ୍ରମ ସାର୍ଥକ ହେବ । ଚେତନାର ଜୟଯାତ୍ରାରେ ମହକ ସାରଥୀ ହେଉ ।

"ସାହିତ୍ୟ, ଗୋଟାଏ ସରୁ ନଥିବା ଅତୀତ
'ମହକ' ହେଉ ଏ କ୍ଷେତ୍ରର ଭିନ୍ନ ଭବିଷ୍ୟତ ।"
- ନମସ୍କାର -

ରଶ୍ମିତା ବେହେରା

ରଶ୍ମିତା ବେହେରା
ସମ୍ପାଦିକା, 'ମହକ' ଷଷ୍ଠ ସଂସ୍କରଣ

ଉପଦେଷ୍ଟା ମଣ୍ଡଳୀ



ପ୍ରମୋଦ ଶତପଥୀ
ମୁଖ୍ୟ ନିର୍ବାହୀ ଅଧିକାରୀ, ରୋଜଗାର ଲ୍ୟାବ୍



ଅଜୟ କୁମାର ଦାସ
ବରିଷ୍ଠ ସମାଜସେବୀ



ସରୋଜ କୁମାର ସାହୁ
ସମାଜସେବୀ



ପ୍ରଭାତ ଶତପଥୀ
ସମାଜସେବୀ



ପ୍ରଫୁଲ୍ଲ କୁମାର ଦାସ
ବରିଷ୍ଠ ସମାଜସେବୀ



ପଦ୍ମନାଭ ଶତପଥୀ
ସମାଜସେବୀ



ଅଶୋକ ନାୟକ
ବରିଷ୍ଠ ଅଧିକାରୀ, ଓଡ଼ିଶା ପୋଲିସ



ମାଧବ ଚନ୍ଦ୍ର ଶତପଥୀ
ଅବସରପ୍ରାପ୍ତ ଅଧିକାରୀ
ଗୋପାଳପୁର ବନ୍ଦର



ରଘୁନାଥ ବେହେରା
ଅବସରପ୍ରାପ୍ତ ଶିକ୍ଷକ



ଡ. ଆଭାଞ୍ଜଳି ଶତପଥୀ
ଲେଖିକା ଓ ଗବେଷିକା



ଡ. ବନଲତା ଦେବୀ
ଶିକ୍ଷାବିତ୍



ବାଇଧର ମାଝୀ
ବିଶିଷ୍ଟ ବ୍ୟଙ୍ଗ କବି ଓ ସାହିତ୍ୟିକ



କାହ୍ନୁ ଚରଣ ସାହୁ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ



ଡ. ମନୋରଞ୍ଜନ ଶତପଥୀ
ଶିକ୍ଷାବିତ୍



ପ୍ରଦୀପ ଶତପଥୀ
ସମାଜସେବୀ

ପରିଚାଳନା ମଣ୍ଡଳୀ



ନିର୍ମଳ୍ୟ କୁମାର ପ୍ରଧାନ
ସଭାପତି



ଲାଲ୍‌ମୋହନ ଶତପଥୀ
ଉପ-ସଭାପତି



ସରୋଜକାନ୍ତ ବେହେରା
ସଂପାଦକ



ଜୟଦେବ ଶତପଥୀ
ସହ-ସଂପାଦକ



ତୀର୍ଥବାସୀ ଦଳାଇ
କୋଷାଧ୍ୟକ୍ଷ

ସଭ୍ୟ ଓ ସଭ୍ୟା



ମାନସ ରଞ୍ଜନ ପ୍ରଧାନ
ସମାଜସେବୀ



ପ୍ରଭାତ କୁମାର ସାହୁ
ସମାଜସେବୀ



ଅମର କୁମାର ବାରିକ
ସମାଜସେବୀ



ସୌମ୍ୟରଂଜନ ଖଟୁଆ
ଶିକ୍ଷାର୍ଥୀ



ବେଣୁଧର ପଣ୍ଡା
ସମାଜସେବୀ



ପ୍ରଗତୀ ମିଶ୍ର
ଗୃହିଣୀ



ପ୍ରତିଭା ଶତପଥୀ
ଚିକିତ୍ସକ ଓ କୋଭିଡ୍ ଯୋଦ୍ଧା



ଲିଙ୍ଗରାଜ ଶତପଥୀ
ଶିକ୍ଷାର୍ଥୀ



ପ୍ରୀତିଶ୍ ଶତପଥୀ
ଶିକ୍ଷାର୍ଥୀ



ଅନ୍ତର୍ଯ୍ୟାମୀ ବେହେରା
ଶିକ୍ଷାର୍ଥୀ



କୃଷ୍ଣଚନ୍ଦ୍ର ସାହୁ
ଶିକ୍ଷକ



ଗଗନ ସ୍ୱାଇଁ
ସମାଜସେବୀ



ସୁଶ୍ରୀଲତା ଦାସ
ମହିଳା ସଂଗଠିକା



ଲକ୍ଷ୍ମୀପ୍ରିୟା ଭୂତିଆ
ସମାଜସେବୀ



ନନ୍ଦିନୀ ରାଉତ
ଜବୟିତ୍ରୀ



ସୁରେଶ ସାହୁ
ସମାଜସେବୀ

ସଭ୍ୟ ଓ ସଭ୍ୟା



ସୁଭେଶ କୁମାର ସାହୁ
ଶିକ୍ଷକ




ପ୍ରଦୀପ ଶତପଥୀ
ସମାଜସେବୀ



ଜନ୍ମେଜୟ ଶତପଥୀ
ସମାଜସେବୀ



ପ୍ରଦୀପ କୁମାର ବେହେରା
ସମାଜସେବୀ



ଯଯାତି କେଶରୀ ପଟ୍ଟନାୟକ
ସମାଜସେବୀ



ସତ୍ୟବ୍ରତ ନାୟକ
ଶିକ୍ଷକ



ମଣ୍ଟୁ ଶତପଥୀ
ସମାଜସେବୀ



ଅନିମେଶ ପଟ୍ଟନାୟକ
କନିଷ୍ଠ ଯନ୍ତ୍ରୀ, ଟାଟା ପାୱାର



ରାକେଶ କୁମାର ସାହୁ
ଶିକ୍ଷାର୍ଥୀ



ରୁଦ୍ରନାରାୟଣ ଓଝା
ଶିକ୍ଷାର୍ଥୀ



ରବିନ୍‌ରାଜ ସାହୁ
ଶିକ୍ଷାର୍ଥୀ



ସୁବ୍ରତ କୁମାର ସାହୁ
ଶିକ୍ଷାର୍ଥୀ



ରଶ୍ମିତା ବେହେରା
ସାମ୍ବାଦିକା



ରଞ୍ଜିତା ଓଝା
ଗୃହିଣୀ



ଆଲୋକ ଦାସ
ସମାଜସେବୀ



ଡ଼. ଅତୁଳ କୁମାର ସାହୁ
ଚିକିତ୍ସକ, କେୟାର ହସ୍‌ପିଟ

ସଭ୍ୟ ଓ ସଭ୍ୟା



ଚନ୍ଦ୍ରମଣି ସାହୁ
ସମାଜସେବୀ



ଜ୍ୟୋତିର୍ମୟୀ ସାହୁ
ଅଧ୍ୟାପିକା



ମଧୁସ୍ମିତା ଖଟୁଆ
ଶିକ୍ଷୟିତ୍ରୀ



ମେଘନାଦ ଶତପଥୀ
ଶିକ୍ଷକ



ତୁଷାର ଦାସ
ସମାଜସେବୀ



ମାମାଲି ବାରିକ
ଶିକ୍ଷାର୍ଥୀ



ଋତୁପର୍ଣ୍ଣା ମହାନ୍ତି
ଶିକ୍ଷାର୍ଥୀ



କୃଷ୍ଣଚନ୍ଦ୍ର ପଣ୍ଡା
ଶିକ୍ଷାର୍ଥୀ




ସଞ୍ଜୟ ଶତପଥୀ
ସମାଜସେବୀ



କ୍ଷେତ୍ରବାସୀ ରାଉତ
ସମାଜସେବୀ



ପ୍ରଭାତୀ ପାଣିଗ୍ରାହୀ
ଶିକ୍ଷୟତ୍ରୀ



ଶରତ ମହାନ୍ତି
ସମାଜସେବୀ (ଅ.ପ୍ରା. ସୈନ୍ୟ)



ଡ଼. ବିପ୍ରଚର ଦଳାଇ
ସଂସ୍କୃତ ଆଚାର୍ଯ୍ୟ



ଡ଼. ପ୍ରୀଶିଳା ଶତପଥୀ
ଗବେଷିକା



ସୁବ୍ରତ କୁମାର ସାହୁ
ଲୋକୋ ପାଇଲଟ୍ ଓ ସମାଜସେବୀ



ଦମୟନ୍ତୀ ପ୍ରଧାନ
ଶିକ୍ଷାର୍ଥୀ

ସଭ୍ୟ ଓ ସଭ୍ୟା



ସୁଦର୍ଶନ ପ୍ରଧାନ
ସମାଜସେବୀ



କ୍ଷୀରୋଦ ଦଳାଇ
ସମାଜସେବୀ



ମାନସ ଦାସ
ସମାଜସେବୀ



ଗୌରାଙ୍ଗ ଚନ୍ଦ୍ର ରାଉତ
ଶିକ୍ଷାର୍ଥୀ



ଶୁଭେନ୍ଦୁ ପ୍ରଧାନ
କର୍ମଚାରୀ, ରାଜସ୍ୱ ବିଭାଗ



ଉତ୍ତମ ଦଳାଇ
ଶିକ୍ଷାର୍ଥୀ



ପ୍ରମୋଦ ଦଳାଇ
ଶିକ୍ଷାର୍ଥୀ



ଚିନ୍ମୟ ରାଉତ
ସମାଜସେବୀ



ସ୍ମୃତିରେ ସ୍ୱର୍ଗତଃ ମନୋଜ କୁମାର ପ୍ରଧାନ

ଆପଣଙ୍କ ପ୍ରେରଣା ଓ ମାର୍ଗଦର୍ଶନ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ...





















ବଣମଲ୍ଲୀ; ସଂକ୍ଷେପରେ...



ବଣମଲ୍ଲୀ, ପବିତ୍ର ଓଡ଼ିଶା ମାଟିର ଯାଜପୁର ଜିଲ୍ଲାର କିଛି ସାହିତ୍ୟ ଓ ମାନବ ପ୍ରେମୀ ମଣିଷଙ୍କ ମାନସ ସନ୍ତାନ । ମଇ ୨୫, ୨୦୧୫ ତ୍ରାହ୍ମଣୀ କୂଳରେ ବୃନ୍ଦାଦେଇପୁର ଗଡଜାତ ସ୍ମାରକୀ ପୀଠରେ ଏହାର ଜନ୍ମ । ସେଦିନ ସାୟଂକାଳୀନ ଆସରରେ ଓଡ଼ିଆ ଭାଷାର ଅବକ୍ଷୟ ଉପରେ ଚର୍ଚ୍ଚା କରୁ କରୁ ଗୋଟିଏ ସାହିତ୍ୟ ସଂସଦ ଗଠନର ଆବଶ୍ୟକତାକୁ ବୁଝିହେଲା । ସାହିତ୍ୟ ସହ ସମାଜସେବା ଉଭୟ କ୍ଷେତ୍ରରେ ରୁଚି ରଖୁଥିବା ଶ୍ରୀମାନ୍ ନିର୍ମାଲ୍ୟ କୁମାର ପ୍ରଧାନ, ଜୟଦେବ ଶତପଥୀ, ଶ୍ରୀ ଲାଲମୋହନ ଶତପଥୀ, ଶ୍ରୀ ଅନିମେଷ ପଟ୍ଟନାୟକ, ଶ୍ରୀ ରବୀନ ରାଜ ସାହୁ ଓ ମୁଁ ମୌଖିକ ଭାବେ ଗଢ଼ିଦେଲୁ ଏକ ସାହିତ୍ୟ ସଂସଦ । ଉଦ୍ଦେଶ୍ୟ ରହିଲା ସମାଜରେ ବୁଡ଼ିଯାଉଥିବା ସାହିତ୍ୟ ପ୍ରୀତିକୁ ପୁଣି ଫେରାଇ ଆଣିବା ଓ ସମାଜକୁ ସାହିତ୍ୟ ମନସ୍କ କରାଇବା । ୨୦୧୫ ଜୁନ୍ ୧୬ ଅନ୍ତିମ ରଜ ଅର୍ଥାତ୍ ନବଜାତ ସଂଗଠନର ଏକୋଉଶିଆ ଅବସରରେ ଏକ କବିତା ଆସର ଅନୁଷ୍ଠିତ କରାଗଲା ଓ ନାମକରଣ କରାଗଲା 'ବଣମଲ୍ଲୀ ସାହିତ୍ୟ ସଂସଦ' । ଗ୍ରାମରେ ଫୁଟି ମଉଳି ଯାଉଥିବା ବଣମଲ୍ଲୀ ବଣରେ ଆଉ ମଉଳି ଯିବ ନାହିଁ, ଗ୍ରାମ ପ୍ରତିଭାକୁ ପୁରା ଦୁନିଆ ଦେଖିବ; ଏହିପରି ଏକ ପ୍ରାରମ୍ଭିକ ଉଦ୍ଦେଶ୍ୟ ନେଇ ନିଜର ଯାତ୍ରା ଆରମ୍ଭ କଲା ବଣମଲ୍ଲୀ । ପ୍ରତିବର୍ଷ ଜୁନ୍ - ୧୬ରେ, ଅର୍ଥାତ୍ ଶେଷ ରଜରେ କବିତା ଆସର ପାଳିତ ହେବ ବୋଲି ନିଶ୍ଚୟ କରାଗଲା । ଯାହାର ଉଦ୍ଦେଶ୍ୟ କେବଳ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସୁଯୋଗ ଦେବା ।

୨୦୧୫-୧୬ ମଧ୍ୟରେ ଏହି ସଂଗଠନ ସାହିତ୍ୟ ସହିତ ଧୀରେ ଧୀରେ ସମାଜ ସେବାରେ ମନୋନିବେଶ କଲା । ଛୋଟ ଛୋଟ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲା । ଯେପରିକି ବୃକ୍ଷ ରୋପଣ, ରାଷ୍ଟ୍ରୀୟ ଦିବସ ପାଳନ ଇତ୍ୟାଦି । ୨୦୧୬ ଜୁନ୍ ୧୬, ପୂର୍ବନିର୍ଦ୍ଧାରିତ ଅନୁସାରେ ଦ୍ୱିତୀୟ ରଜ ମହୋତ୍ସବ ତଥା କବିତା ଆସର ଅନୁଷ୍ଠିତ ହେଲା । କବିତା ସହିତ ନୃତ୍ୟ, ସଂଗୀତ ଆଦିକୁ ଏଥିରେ ସାମିଲ କରାଗଲା ଏବଂ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନର ସୁଯୋଗ ସୃଷ୍ଟି କରାଗଲା । ୨୦୧୬ ବେଳକୁ ଇଂ ପ୍ରମୋଦ ଶତପଥୀ ଏହି ଅନୁଷ୍ଠାନରେ ଯୋଡି ହେଲେ ଏବଂ ବଣମଲ୍ଲୀ ସାହିତ୍ୟ ସଂସଦରେ ସମାଜ ସେବାକୁ ଯୋଡିବାକୁ ପ୍ରସ୍ତାବ ଦେଲେ ଓ ତା' ପରେ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ନିଜର ସମ୍ପୂର୍ଣ୍ଣ ନାମ ପାଇ ଲୋକଲୋଚନକୁ ଆସିଲା । ୨୦୧୬-୧୭ ମଧ୍ୟରେ ବଣମଲ୍ଲୀ ସମ୍ପୂର୍ଣ୍ଣ ରୂପେ ସମାଜ ସେବା କ୍ଷେତ୍ରକୁ ମଧ୍ୟ ପ୍ରବେଶ କଲା । ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର, ନୂତନ ଲେଖକ ଲେଖିକା ସୃଷ୍ଟି ସମାଜକୁ ସାହିତ୍ୟ ମନସ୍କ କରାଇବା ସହିତ ନିଶାନିବାରଣ, ଶିଶୁସୁରକ୍ଷା, ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ବକ୍ତୃତା ପ୍ରତିଯୋଗିତା ଓ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ମତଦାତା ସଚେତନତା କାର୍ଯ୍ୟକ୍ରମ, ନିଃସହାୟ ଲୋକଙ୍କ ମୃତ୍ୟୁ ପରେ ସଂସ୍କାର କାର୍ଯ୍ୟ କରିବା, ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଗୃହ ନିର୍ମାଣ ଆଦି ମହତ କାମରେ ନିଜକୁ ନିୟୋଜିତ କରି ସମାଜରେ ଏକ ଅନନ୍ୟ ପରିଚୟ ସୃଷ୍ଟି କଲା । ୨୦୧୭ ମସିହା ଇଂ ପ୍ରମୋଦ ଶତପଥୀ, ଇଂ ମନୋଜ ପ୍ରଧାନ ଓ ସରୋଜ ସାହୁଙ୍କ ମାର୍ଗଦର୍ଶନ ଓ ସହଯୋଗରେ ପ୍ରକାଶିତ ହେଲା ବଣମଲ୍ଲୀର ମୁଖପତ୍ରର ପ୍ରଥମ ସଂସ୍କରଣ; ନାମ ରଖାଗଲା ମହକ । ଗ୍ରାମାଂଚଳରେ ନୂତନ ଲେଖକ ଲେଖିକା ସୃଷ୍ଟି କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ ।

୨୦୧୮ ମସିହା, ବଣମଲ୍ଲୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ।

ଏହିବର୍ଷ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ବିଧିବଦ୍ଧ ଭାବେ ସରକାରୀ ସ୍ତରରେ ପଂଜିକୃତ ହେଲା ଏବଂ ଏକ ସ୍ୱୀକୃତି ପ୍ରାପ୍ତ ସଂଗଠନ ରୂପେ ପରିଚୟ ପାଇଲା । ୨୦୧୫ ରୁ ଏଯାବତ ଏହି ସଂଗଠନ ନିଃସ୍ୱାର୍ଥ ଭାବେ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଆସିଛି । ଯଦିଓ ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିବା, ସମାଜକୁ ସାହିତ୍ୟ ମନସ୍କ କରାଇବା ଏହି ସଂଗଠନର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା, ପରବର୍ତ୍ତୀ ସମୟରେ ଏହା ସମାଜସେବାକୁ ମଧ୍ୟ ସମପରିମାଣର ଗୁରୁତ୍ୱ ଦେଇ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା । ଏହି ସଂଗଠନର ପ୍ରତ୍ୟେକ ସଦସ୍ୟ ନିଜକୁ ଆଶ୍ଚର୍ଯ୍ୟ ପୂର୍ଣ୍ଣ ଭାବେ ବିନା ଦ୍ୱିଧାରେ ସମାଜ ସେବାରେ ବ୍ରତୀ କରିଛନ୍ତି । କାର୍ଯ୍ୟ ବାର୍ତ୍ତାମାନଙ୍କରେ ସମାଜସେବା ପ୍ରତି ନିଷ୍ଠା, ଉପଦେଷ୍ଟାମାନଙ୍କର ଅମୂଲ୍ୟ ଦିଗ୍‌ଦର୍ଶନ ଆମ ସଂଗଠନକୁ, ସଂଗଠନର ପ୍ରୟାସକୁ ସଫଳତାର ସ୍ପର୍ଶ ଦେଇଛି । ଭବିଷ୍ୟତରେ ମଧ୍ୟ ଏହି ସଂଗଠନ ସାହିତ୍ୟ ସହିତ ସମାଜସେବା କ୍ଷେତ୍ରରେ ଅଧିକରୁ ଅଧିକ ସକ୍ରିୟ ହେବାର ଲକ୍ଷ୍ୟ ରଖିଛି । ଜନ୍ମ, ମୃତ୍ୟୁ, ବିଭାଘର ଆଦି ପ୍ରତ୍ୟେକ ସାମାଜିକ ଅନୁଷ୍ଠାନରେ ଅସହାୟମାନଙ୍କୁ ପ୍ରତ୍ୟେକ୍ଷ ସହଯୋଗ, ଆର୍ଥିକ ଅନଗ୍ରସର ତଥା ଗୃହହୀନଙ୍କ ପାଇଁ ବାସଗୃହ ନିର୍ମାଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଶିକ୍ଷାନୁଷ୍ଠାନମାନଙ୍କରେ ବିବିଧ କାର୍ଯ୍ୟକ୍ରମ ଜରିଆରେ ଛାତ୍ର,ଛାତ୍ରୀମାନଙ୍କୁ ଓଡିଆ ସାହିତ୍ୟ ମନସ୍କ କରାଇବା ଆଦି କ୍ଷେତ୍ରରେ ଆହୁରି ଅଧିକ ଗୁରୁତ୍ୱ ଦେବା ପାଇଁ ଲକ୍ଷ୍ୟ ରଖିଛି । ତତ୍‌ସହିତ ଶିଶୁ ଶ୍ରମିକ, ବାଳିକା ଶିକ୍ଷା, ସ୍ୱଚ୍ଛ ମତଦାନ ଆଦି କ୍ଷେତ୍ରରେ ସମାଜରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକୁ ମଧ୍ୟ ଆଗାମୀ ଦିନରେ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ପଥରେ ଏହି ସଂଗଠନ ଆଗକୁ ବଢ଼ିବ । ଏସବୁ ଲକ୍ଷ୍ୟ ହାସଲ ସମସ୍ତ ଉପଦେଷ୍ଟା, ବୁଦ୍ଧିଜୀବି, କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସହଯୋଗୀଙ୍କ ଆଶୀର୍ବାଦ ଓ ସହଯୋଗ ପାଇଁ ସମ୍ଭବ ହୋଇପାରିଛି । ଆପଣମାନେ ସମସ୍ତେ ନିଜର କ୍ଷମତା ଅନୁସାରେ ବରଂ ତା' ଠାରୁ କିଛି ମାତ୍ରାରେ ଅଧିକ ଜନବଳ, ଧନ ବଳ, ନିଜର ବହୁମୂଲ୍ୟ ସମୟ ଓ ମାର୍ଗଦର୍ଶନରେ ଆମ ସଂଗଠନକୁ ବଞ୍ଚାଇ ରଖିଥିବାରୁ ଏହାର ଉନ୍ନତିରେ ଆପଣମାନଙ୍କର ଅପୂର୍ବ ଅବଦାନ ପାଇଁ ଆମେ ଆପଣମାନଙ୍କ ପାଖରେ ଚିର କୃତଜ୍ଞ ।

ଧନ୍ୟବାଦ !


- ଠ -

ସରୋଜକାନ୍ତ ବେହେରା

ସଂପାଦକ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

FAKIR MOHAN UNIVERSITY
ଫକୀର ମୋହନ ବିଶ୍ୱବିଦ୍ୟାଳୟ

Prof. Manindra Kumar Meher
Ex. H.O.D., P.G. Deptt. of Language & Literature
(Odia, English, Urdu)
FAKIR MOHAN UNIVERSITY
Vyasabihar, Balasore- 756089
Member, Odisha Sahitya Academy, Bhubaneswar



ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପୂର୍ବତନ ବିଭାଗ-ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଓ ସାହିତ୍ୟ ବିଭାଗ
(ଓଡ଼ିଆ, ଇଂରାଜୀ, ଉର୍ଦ୍ଦୁ)
ଫକୀର ମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

E-mail.manindrasu@gmail.com
Mob. 9937365698, 7847818455

ପତ୍ର ନଂ.....
Letter No.....

ତାରିଖ.....
Date.....

ଶୁଭେଚ୍ଛା ବାର୍ତ୍ତା

ଜଗତ୍ସିଂହପୁର ସାହିତ୍ୟ ଓ ସେବା ସଂଗଠନର ଅନ୍ତର୍ଜାଳ ପତ୍ରିକାଟିକୁ ଆରମ୍ଭରୁ ଗଭୀର ଆଶା ଓ ଆତ୍ମବିଶ୍ୱାସ ଲାଭ କରିଛି । ଆମ ଅଞ୍ଚଳରେ ଏଭଳି ଅନୁଷ୍ଠାନ ଦ୍ୱାରା ସୃଜିତ ହେଉଥିବା ଉନ୍ନତ ଜନସଚେତନତା ତଥା ଦୂରଦୃଷ୍ଟିସମ୍ପନ୍ନ ନାନାବିଧ ସାମାଜିକ ସମସ୍ୟା ଖୋଜି ମୋର ଦୃଢ଼ ବିଶ୍ୱାସ । ଅନୁଷ୍ଠାନ ତରଫରୁ ପ୍ରକାଶିତ ହେଉଥିବା 'ମହକ' ପତ୍ରିକାରେ ମହତ୍ତ୍ୱପୂର୍ଣ୍ଣ ଲେଖାଗୁଡ଼ିକ ସଂପୃକ୍ତ ହେବାରେ ଲାଗିଥିବ, ତାହା ଆମ ଅଞ୍ଚଳର ଯୁବପିଢ଼ିର ଭବିଷ୍ୟତର ସୂଚନା କରିଥିବ ।

ଏହି ପତ୍ରିକା ପ୍ରକାଶନ ଅବସରରେ ମୋର ଆନ୍ତରିକ ଶୁଭକାମନା ଜଣାଉଛି ଓ ଅନୁଷ୍ଠାନର କାର୍ଯ୍ୟଧାରା ଅଧିକ ବଳିଷ୍ଠ ଓ ପ୍ରେରଣାଦାୟକ ହେବା ସକାଶେ ବିଶ୍ୱ ସ୍ରଷ୍ଟାଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା ଜଣାଉଛି ।

ମଣୀନ୍ଦ୍ର କୁମାର ମେହେର
୨୮/୦୩/୨୦୨୩



ହରପ୍ରସାଦ ଦାସ

ଶୁଭେଚ୍ଛା ବାର୍ତ୍ତା

ସ୍ଥାନୀୟତାର ସ୍ୱପ୍ରକାଶ ବଣମଲ୍ଲୀ ! ସାଂସ୍କୃତିକ ଓ ରାଜନୈତିକ ଦୃଷ୍ଟିରୁ ଅଗ୍ରସର ଯାଜପୁର-ଜେନାପୁର ଅଞ୍ଚଳ ଯେଉଁ ବହୁମୁଖୀ ସ୍ଥାନୀୟତାର ଆତ୍ମପ୍ରକାଶ ପାଇଁ ତତ୍ପର, ତାର ବିବିଧ ମାଧ୍ୟମ ଭିତରେ ସାହିତ୍ୟ ଅନ୍ୟତମ ଏବଂ ସର୍ବୋତ୍ତମ । ବସ୍ତୁତଃ ସ୍ଥାନୀୟତାର ରୂପ ଓ ସମ୍ଭାବନା ସାହିତ୍ୟ ।

ଏ ବଣମଲ୍ଲୀ ତାର ସୁବାସରେ ମହକୁ ଓ ମହାକାଉ !

ଅବସରପ୍ରାପ୍ତ ପ୍ରଶାସକ ଓ
କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ



ଭୁବନେଶ୍ୱର
୨୭.୪.୨୦୨୩

ଡକ୍ଟର ଗୌରହରି ଦାସ
ସଂପାଦକ: କଥା
ସମ୍ବାଦ ଭବନ, ଭୁବନେଶ୍ୱର- ୭୫୧୦୧୦

ବାର୍ତ୍ତା

ଯାଜପୁର ଜିଲ୍ଲା ବୃନ୍ଦାଦେଇଛପୁର ଅଞ୍ଚଳରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଗତ ଆଠ ବର୍ଷ ଧରି ସାହିତ୍ୟ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ଆଦି ବହୁବିଧ କ୍ଷେତ୍ରରେ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ଜାଣି ଖୁସି ହେଲି। ଗ୍ରାମାଞ୍ଚଳରେ ସାହିତ୍ୟର ପ୍ରସାର ପାଇଁ ଏହି ଅନୁଷ୍ଠାନ ତରଫରୁ ପ୍ରତିବର୍ଷ 'ମହକ' ପତ୍ରିକା ପ୍ରକାଶ ପାଉଥିବା ଖୁସିର ବିଷୟ। ସହର ଅପେକ୍ଷା ଗାଁରେ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରିବାର ଅଧିକ ଆବଶ୍ୟକତା ରହିଛି ଏବଂ ଏହି ଆବଶ୍ୟକତାକୁ ମହକ ପତ୍ରିକା ପୂରଣ କରିପାରିବ ବୋଲି ମୋର ବିଶ୍ୱାସ। 'ବଣମଲ୍ଲୀ'ର ସଫଳତା କାମନା କରିବା ପୂର୍ବକ ଅନୁଷ୍ଠାନ ସହିତ ଜଡ଼ିତ ସମସ୍ତ କର୍ମକର୍ତ୍ତାଙ୍କୁ ଅଶେଷ ସାଧୁବାଦ ଜଣାଉଅଛି।

(ଗୌରହରି ଦାସ)



COLLECTORATE: JAJPUR

Ph 06728-222001(O), 222330 (R), Fax-222087
E-mail: dm-jajpur@nic.in, Web Site: www.jajpur.nic.in
(CULTURE SECTION)

Letter No. 17/Dated:_20/03/2023

ଶୁଭେଚ୍ଛା ବାର୍ତ୍ତା

ବଣ ମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଉଅଛି । ଏହି ଅନୁଷ୍ଠାନ ମାଧ୍ୟମରେ ଓଡିଆ ଭାଷା ସାହିତ୍ୟକୁ ସର୍ବତ୍ର ପ୍ରଚାର ପ୍ରସାର କରିବାକୁ ଯେଉଁ ପ୍ରୟାସ ଜାରି ରଖିଛି ସେଥିନିମନ୍ତେ ଏହାର କର୍ମକର୍ତ୍ତାମାନଙ୍କୁ ମୋର ଶ୍ରଦ୍ଧା ଓ ସମ୍ମାନ ଜଣାଉଅଛି । କାମନା କରୁଅଛି ଆଗାମୀ ଦିନରେ ଜବି ସାହିତ୍ୟିକ ଲେଖକ ଏବଂ ସମାଜସେବୀ ମାନଙ୍କୁ ପ୍ରେରଣା ପ୍ରଦାନ କରିବା ସହ ସାମାଜିକ ପରିବର୍ତ୍ତନ ନିମନ୍ତେ ଏହି ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କର ନିଷ୍ଠା ଆନ୍ତରିକତା ଥିବାରୁ ମୁଁ ସାଧୁବାଦ ଜଣାଇବା ସହ ଓଡ଼ିଶାର ଜଣ ପର୍ବ **"ଉଜ ପର୍ବ"** ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଏହି ଅନୁଷ୍ଠାନର ସଫଳ କାମନା କରୁଅଛି ।

ପୂର୍ଣ୍ଣଚନ୍ଦ୍ର ସାହୁ

ଜିଲ୍ଲା ସଂସ୍କୃତି ଅଧିକାରୀ, ଯାଜପୁର



ଶ୍ରୀଯୁକ୍ତ ଲକ୍ଷ୍ମୀଧର ସାହୁ

ଶୁଭେଚ୍ଛା ବାର୍ତ୍ତା

ମୋ ଗାଁ ବୃନ୍ଦାଦେଇପୁର ଶାସନର ଅଗ୍ରଣୀ ଯୁବଗୋଷ୍ଠୀମାନଙ୍କ ଉଦ୍ୟମରେ ଜନ୍ମ ଲାଭ କରିଥିବା 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ବର୍ତ୍ତମାନ ଜନମାନସରେ ଏକ ସୁପରିଚିତ ଅନୁଷ୍ଠାନ ଅଟେ । କର୍ମକର୍ତ୍ତାମାନେ ବର୍ଷ ସାରା ବିଭିନ୍ନ ସେବା ମୂଳକ, ସଚେତନ ଧର୍ମୀ, ପରିବେଶ ସୁରକ୍ଷା ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି । ଏହା ସହ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ 'ମହକ' ନାମରେ ଏକ ମୁଖପତ୍ର ପ୍ରକାଶ ପାଉଛି । ତୃଣମୂଳ ସ୍ତରରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗୁଡିକରେ କର୍ମକର୍ତ୍ତାମାନେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ସାହିତ୍ୟ ମନସ୍କ କରାଇବା ସହ ସେମାନଙ୍କ ଲେଖାଗୁଡିକ ପତ୍ରିକାରେ ସ୍ଥାନ ଦେଉଥିବା ଅତ୍ୟନ୍ତ ପ୍ରଶଂସନୀୟ ଉଦ୍ୟମ ଅଟେ ।

ଅନେକ ଇତିହାସର ମୂକସାକ୍ଷୀ ଆମର ଏହି ଗ୍ରାମର ଗୌରବକୁ ବଜାୟ ରଖିବା ସହ ସୁକାର୍ଯ୍ୟରେ ବ୍ରତୀ ହୋଇଥିବା 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ'କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

"ମହକ" ଷଷ୍ଠ ସଂସ୍କରଣର ଶୁଭ ପ୍ରକାଶନ କାମନା କରିବା ସହ ସଂପାଦନା ମଣ୍ଡଳୀର ସମସ୍ତ ପ୍ରୟାସକୁ ଧନ୍ୟବାଦ ଜଣାଉଛି ।

- o -

ଶ୍ରୀ ଲକ୍ଷ୍ମୀଧର ସାହୁ

ଅବସରପ୍ରାପ୍ତ ଶିକ୍ଷକ
ବୃନ୍ଦାଦେଇପୁର ଶାସନ, ଜେନାପୁର



ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ବରାଳ
ପୂର୍ବତନ ଅଧ୍ୟକ୍ଷ
ଜେନାପୁର ମହାବିଦ୍ୟାଳୟ

ବାର୍ତ୍ତା

ବଡ଼ ଆନନ୍ଦର କଥା ଯେ, ପୁନଶ୍ଚ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ମୁଖପତ୍ର 'ମହକ' ତା'ର ଷଷ୍ଠତମ ସଂସ୍କରଣ ଆତ୍ମପ୍ରକାଶ କରିବାକୁ ଯାଉଅଛି ।

ସ୍ରଷ୍ଟା ନିଶ୍ଚିତ ଭାବେ ସ୍ୱୀୟ ସୃଷ୍ଟି ସଚେତନ । ପରିବେଶ ତା'ର ସୃଷ୍ଟି ପରିଧି ସୀମାଭୂକ୍ତ । କଳ୍ପନା ଓ ବାସ୍ତବତା ତା'ର ଚିର ସହଚର । ସରସତା ଓ ସୌନ୍ଦର୍ଯ୍ୟ ତା ପାଇଁ ଅପରିହାର୍ଯ୍ୟ । ସାରସ୍ୱତ ସୃଷ୍ଟି ରୂପ ବିବିଧ, ତାହା ମନୋରମ କଳାକୃତୀ ଓ ବିଚିତ୍ର ଶିଳ୍ପ ସମ୍ଭାର । ଗ୍ରାମାଞ୍ଚଳର ମେଧାବୀ, ଅଧ୍ୟବସାୟୀ, ଅନୁରାଗୀ ନବ ନବ ସୃଷ୍ଟି କିଶଳୟର ଗୁମ୍ଫନରେ ପତ୍ରିକାଟି ଏକ ସୁନ୍ଦର, ସରସ, ସବୁଜ ସମ୍ଭାର, ଚମକପ୍ରଦ ମହକ ପ୍ରଦାନ କରିବ, ଏହା ମୋର ଆଶା ଏବଂ ବିଶ୍ୱାସ ।

ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ । 'ମହକ'ର ମହକ ଚତୁର୍ଦ୍ଦିଗକୁ ବିସ୍ତୁରିତ ହେଉ । ଧନ୍ୟବାଦ ।

ପ୍ରକାଶ ଚନ୍ଦ୍ର ବରାଳ
ତା ୨୩.୦୪.୨୦୨୩



ଅଜୟ କୁମାର ଦାସ
ବରିଷ୍ଠ ସମାଜସେବୀ

ବାର୍ତ୍ତା

ମୁଁ ଜାଣି ଅତ୍ୟନ୍ତ ଖୁସି ହେଲି ଯେ ବଣମଲ୍ଲୀ ତା'ର ଷଷ୍ଠ ସଂସ୍କରଣ ନିମନ୍ତେ 'ମହକ' ନାମରେ ଏକ ପତ୍ରିକା ପ୍ରକାଶ କରିବାକୁ ଯାଉଛି ।

ବଣମଲ୍ଲୀ ବର୍ଷସାରା ସମାଜର ଅନେକ ଉନ୍ନତିମୂଳକ କାର୍ଯ୍ୟକରି ପ୍ରଶଂସିତ ହେଉଛି । ସ୍କୁଲ ପିଲାମାନଙ୍କୁ ନେଇ ଅନେକ ପ୍ରତିଯୋଗିତା କରାଉଛି । ମହାପୁରୁଷମାନଙ୍କର ଜୟନ୍ତିରେ ସ୍କୁଲ ପିଲାମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ମଧ୍ୟ କରାଉଛି ।

ପତ୍ରିକାର ଶୁଭକାମନା ସହିତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କର ମଙ୍ଗଳ କାମନା କରୁଅଛି ।

—o—

ଅଜୟ କୁମାର ଦାସ

ଅଜୟ କୁମାର ଦାସ



ପ୍ରଫୁଲ୍ଲ କୁମାର ଦାସ
ସଭାପତି, "ମୋ ସ୍କୁଲ ଅଭିଯାନ"
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ
ଜେନାପୁର, ଯାଜପୁର

"ବାର୍ତ୍ତା"

ଆମ ଜେନାପୁର ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ "ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ"ର ପ୍ରେରଣାତ୍ମକ କାର୍ଯ୍ୟକ୍ରମ ଗୁଡ଼ିକ, ଅଞ୍ଚଳବାସୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ, ଏହାର ଉପକାରିତା ଉତ୍ତରପିଢ଼ୀଙ୍କ ପାଇଁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଜାଣି ଖୁସି ହେଲି ଯେ, ଉକ୍ତ ଅନୁଷ୍ଠାନ ତାର ବାର୍ଷିକ ପ୍ରତ୍ରିକା "ମହକ"ର ଷଷ୍ଠ ସଂସ୍କରଣ ପ୍ରକାଶନ ନିମନ୍ତେ ଚେଷ୍ଟିତ ।

ଇତ୍ୟବସରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପ୍ରଫୁଲ୍ଲ କୁମାର ଦାସ

ପ୍ରଫୁଲ୍ଲ କୁମାର ଦାସ



ଶ୍ରୀଯୁକ୍ତ ପ୍ରଭାତ କୁମାର ଶତପଥୀ

ଶୁଭେଚ୍ଛା ବାର୍ତ୍ତା

ମୋ ଗାଁ ବୃନ୍ଦାଦେଈପୁର ଶାସନ ପବିତ୍ର ମାଟିରେ ଉଦୀୟମାନ ଯୁବ ବନ୍ଧୁମାନଙ୍କ ଅକ୍ଲାନ୍ତ ଉଦ୍ୟମରେ ୨୦୧୫ ମସିହା ଠାରୁ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ସୃଷ୍ଟି କରିବା ସହ ଏହା ମାଧ୍ୟମରେ ସେବା ଓ ସାହିତ୍ୟର ସୁରକ୍ଷା ନିମନ୍ତେ ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି ।

ବର୍ତ୍ତମାନର ଏହି ପରିବର୍ତ୍ତିତ ସମୟରେ ଉନ୍ନତିର ଡିଣ୍ଡିମ ପିଟି ଆଗକୁ ବଢୁଥିବା ସମାଜ ସମାନ୍ତରାଳ ଭାବେ ଅଗଣିତ ସମସ୍ୟାକୁ ଜନ୍ମଦେଇଛି । ଏହିଭଳି ସମୟରେ ସେବା, ତ୍ୟାଗ ଓ ପ୍ରେମକୁ ମୂଳଧନ କରି ମାନବବାଦର ପ୍ରଚାର କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନମାନେ ବାସ୍ତବରେ ପ୍ରଣମ୍ୟ ।

ସାହିତ୍ୟର ସୁରକ୍ଷା ପାଇଁ ଅନେକ ବ୍ୟକ୍ତି ଓ ଅନୁଷ୍ଠାନ ବିଭିନ୍ନ କାର୍ଯ୍ୟକରୁଥିବା ଆମେ ଦେଖିଛନ୍ତି । ବଣମଲ୍ଲୀ ଅନୁଷ୍ଠାନ ଏ ଦିଗରେ ତୃଣମୂଳ ସ୍ତରରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମାତୃଭାଷା ପ୍ରେମ ସୃଷ୍ଟି କରି ସେମାନଙ୍କ ଲେଖା ଗୁଡିକ ନିଜ ମୁଖପତ୍ରରେ ପ୍ରକାଶ କରିବା ସହ ଅଗ୍ରାଧିକାର ଦେବା ବାସ୍ତବରେ ଏକ ନିଆରା ଓ ପ୍ରଶଂସନୀୟ ପଦକ୍ଷେପ ଅଟେ ।

ଅନୁଷ୍ଠାନର କାର୍ଯ୍ୟଧାରା ଓ ସାମାଜିକ ଦାୟିତ୍ୱବୋଧକୁ ସାଧୁବାଦ ଜଣାଇବା ସହ 'ମହକ' ଷଷ୍ଠ ସଂସ୍କରଣର ସଫଳ ପ୍ରକାଶନ ପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଅଛି ।

ପ୍ରଭାତ କୁମାର ଶତପଥୀ

ଶୁଭେଚ୍ଛା ସହ
ସ୍ୱତ୍ୱାଧିକାରୀ, ଚିନ୍ତାମଣିଶ୍ୱର ଫିଲିଂ ଷ୍ଟେସନ,
ପାହାଳ, ଭୁବନେଶ୍ୱର ଓ ବରିଷ୍ଠ ସମାଜସେବୀ

ସୂଚୀପତ୍ର

ପଦ୍ୟ ବିଭାଗ

ଭୂତଭୟ	ହରପ୍ରସାଦ ଦାସ	୧୮
ଆହେ ବିଶ୍ୱପତି	ପ୍ରଭାତୀ ପାଣିଗ୍ରାହୀ	୧୯
ମୁଁ ବେଲାଳସେନ	ଦେବେନ୍ଦ୍ର ପ୍ରସାଦ ବଳ	୧୯
ଅନାମିକା ପ୍ରେମିକା	ସ୍ମୃତିରେଖା ବେହେରା	୨୦
ଆମେ ଭାରତ ସନ୍ତାନ	ସମର୍ପିକା ଦଳାଇ	୨୦
ମନେ ପଡ ସାଥୀ ତୁମେ	ପୂର୍ଣ୍ଣାନନ୍ଦ ସେଠୀ	୨୧
ଫଗୁଣର ଛିଟା	ଡ. ଆଭାଞ୍ଜଳୀ ଶତପଥୀ	୨୨
ମେଘକର୍ଣ୍ଣିକା	କବି ଶ୍ରୀ ବଳରାମ ପୂଜାରୀ	୨୩
ଅହଲ୍ୟା	ଅଧ୍ୟାପକ ବିଶ୍ୱନାଥ ସାହୁ	୨୪
ମୁକ୍ତି ପଥ	ମୃଣ୍ମୟୀ ବେହେରା	୨୫
ଭୂମି	ପ୍ରଭାକର ଶତପଥୀ	୨୫
ଭାଗ୍ୟ	ନାରାୟଣ ସାହୁ	୨୬
ଯୁଦ୍ଧ	ଡକ୍ଟର ମନୋରଞ୍ଜନ ବିଷୋୟୀ	୨୭
ମାନସରୋବର	ରାଧାରାଣୀ ସରକାର	୨୭
ଭ୍ରମ	ବିଶ୍ୱକେସନ ଦାଶ	୨୮
ସବୁ ସମ୍ପର୍କର ଉର୍ଦ୍ଧ୍ୱରେ	ମଧୁସ୍ମିତା ମହାନ୍ତି	୨୮
ବିଶ୍ୱାସ	ମନୀଷା ବିଶ୍ୱାଳ	୨୯
ସପନର ଚୌହଦୀ	ନିରଞ୍ଜନ ସାହୁ	୩୦
ମା ମୋ ସାହା !	ମାମାଲି ବାରିକ	୩୧
ହେ ବିବେକୀ ମଣିଷ	ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ	୩୨
ସାର୍ ! ଆଜି ପାଇଁ କ୍ଷମା କର	ଚିତ୍ତରଞ୍ଜନ ନାୟକ	୩୨
ରକ୍ତକଇଁ	ରୂପେଶ ସାହୁ	୩୩
ଅର୍ନ୍ତଦାହ	ସବ୍ୟସାଚୀ ବିଷୋୟୀ	୩୪
ଉଷା ଆଗମନ	ଶୁଭାଶିଷ ଧୀର	୩୪
ଅନାବୃତ୍ତ	ସୁବ୍ରତ କୁମାର ସେନାପତି	୩୫
ବିମୁଗ୍ଧାନୁଭବ	ସୁଧାଂଶୁ ଶେଖର ଦଣ୍ଡପାଟ	୩୬

ସୂଚୀପତ୍ର

କଷ୍ଟ ମାନସାଙ୍କ	ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ	୩୬
ପୂଣ୍ୟର ରଙ୍ଗ	ପ୍ରଣୟ ସୁଧା	୩୭
ନିଷ୍କାମ ପ୍ରେମ	ଦେବକୀରାଣୀ ସାହୁ	୩୮
ଆତ୍ମହତ୍ୟା ନୁହେଁ ସମାଧାନ ବାଟ	ଜିତାଞ୍ଜଳି ଦାସ	୩୮
ଜୀବନରେ ମୁଁ	ପବିତ୍ର ମୋହନ ଭଦ୍ର	୩୯
ବହ୍ନି	ସୁଶ୍ରୀ ତେଜସ୍ୱିନୀ ଭଦ୍ର	୪୦
ଜୀବନ	ପ୍ରଦୀପ କୁମାର ବେହେରା	୪୦
ସୌନ୍ଦର୍ଯ୍ୟର ଗନ୍ତାଘର	ଜୟଶ୍ରୀ ଅଧିକାରୀ	୪୧
ମୋ ବହ୍ନି	ରାଜଶ୍ରୀ ଅଧିକାରୀ	'୪୧
ଜାଣେ ପୁଅ !	ଦେବବ୍ରତ ଦାସ	୪୨
ଚରିତ୍ର	କଳ୍ପୀରାମ ଜଟ	୪୩
ଗପ ହେଲେବି ସତ	ଐଶ୍ୱର୍ଯ୍ୟା ରାଉତ	୪୪
ଏରଠୁ ବୋଧେ....	ସଚ୍ଚିଦାନନ୍ଦ ବେହେରା	୪୪
ଆମ୍ନ୍	ଶରତ ଚନ୍ଦ୍ର ପରମାଣିକ	୪୫
ବୁଢ଼ା ପୁଅ	ତୃପ୍ତି ରଞ୍ଜନ ଦାସ	୪୬
ଅଲିଭା ସଂପର୍କ	ଅଲିଭା ସାମନ୍ତସିଂହାର	୪୬
ପ୍ରତିକ୍ଷାରେ...	ଅମିତ୍ କୁମାର ସାହୁ	୪୭
ସମାନ୍ତର ରେଖା	ଆକାଶ ଦାଶ	୪୮
ଅନ୍ଧାର ରାତିର ଦୀପ	ସତ୍ୟଜିତ୍ ସାହୁ	୪୮
ମୃତ୍ୟୁର ଦୀପାବଳୀ	ସତ୍ୟ ଶିବ ସୁନ୍ଦର ଦାସ	୪୯
କବିତା ତୁ ! ସଂଜ୍ଞାହୀନା	ଚୁବି ନାୟକ	୪୯
ମୋ ଗାଁ	ପ୍ରଗତୀ ମିଶ୍ର	୫୦
ମୃତ୍ତିକା ଶଯ୍ୟା	ସନ୍ତୋଷ ଭୋଇ	୫୦
ପ୍ରେମ ଋତୁ ଓ ବିରହ	ସାଗରିକା ସାହୁ	୫୧
ଅପ୍ରେମିକ	ସ୍ମୃତିରଞ୍ଜନ ସେଠୀ	୫୨
ସଡକ ସୁରକ୍ଷା ଜୀବନ ରକ୍ଷା	ଜ୍ୟୋସ୍ନାରାଣୀ ଭୂୟାଁ	୫୩
ଭାରତ ଦେଶର ଗାଥା	ପ୍ରଜ୍ଞାସିନୀ ପାତ୍ର	୫୩
ସମ୍ମୋହିନୀ	ଶ୍ରୀ କିରଣ କୁମାର ମହାନ୍ତି	୫୪
ଗୀତ ଗାଉଥିବା ପକ୍ଷୀ	ସୌମ୍ୟ ରଞ୍ଜନ ମହାପାତ୍ର	୫୬
ଜହ୍ନରାତି	ରଞ୍ଜନ କୁମାର ବେହେରା	୫୬

ସଖ୍ୟ	ପ୍ରଦୀପ କୁମାର ପଣ୍ଡା
ମଶାଣି ସାଜିଛି ମନ	ସୁରଞ୍ଜନ ପାତ୍ର
ବ୍ୟବଧାନ	ସୁଜ୍ଞାନ ବେଣ୍ଡଜାର
କବି ଓ ସମୁଦ୍ର	ବୀରେନ୍ଦ୍ର ନାୟକ
ପଞ୍ଚଭୂତ	ବସୁଧା ରାଉତ
ତୁମେ	ବିପ୍ଲବିନୀ ଜେନା
ସାତଦିନର ସର୍ତ୍ତ	ଧର୍ମେନ୍ଦ୍ର ଚୁହାନ
ନିମିଷକେ ଯିବ ଜଳି	ଧୀରେନ୍ଦ୍ର ମଲ୍ଲିକ
ପ୍ରିୟତମ ଦୁଃଖ	ଅଜୟ କୁମାର ଜେନା
ପାଳଭୂତ	ବାଦଲ ମହାନ୍ତି
ଦେଶ	ଦିପୁନ ପୁହାଣ
ଝର୍କା	ଧର୍ମରାଜ ମହାମଲ୍ଲିକ
ନଈ	ସଂଗ୍ରାମ ମହାରଣା
ତଥାପି ବୟସ	ରଞ୍ଜନ କୁମାର ମହାନ୍ତି
କଳିଙ୍ଗ/ୟୁକ୍ରେନ	ଦୁର୍ଲ୍ଲଭ କୁମାର ରାଉତ
ଜୀବନ	ନନ୍ଦିନୀ ରାଉତ
ଦରପୋଡା ଝିଅ	ସ୍ନେହାଶିଷ ମହାନ୍ତି
ପାହାନ୍ତି ରାତିର ଅଧାଜହ୍ନ	ଉମେଶ ଚନ୍ଦ୍ର ଯେନା
ଶୀତ ଓ ମୋ ଗାଁର କିଛି ଦୃଶ୍ୟ	କ୍ଷୀରୋଦ ବିହାରୀ ବିଶ୍ୱାଳ
କାଲିକୁ କିଏ ଦେଖିଛି	ଦେବବ୍ରତ ବାରିକ
ନର୍ସ	ଦେବାଶିଷ ରାଉତ
ଦୋଳଯାତ	ଦେବଦତ୍ତ ମିଶ୍ର
ପ୍ରେମ ସହ ସନ୍ଧି	ଦୀପକ କୁମାର ସ୍ୱାଇଁ
ପ୍ରିୟତମା: ଗୋଟେ ପ୍ରେମ ଚିଠି	ଭାଗୀରଥି ସେନାପତି
ଆଲବମରେ ସ୍ତ୍ରୀଲୋକ	ପବିତ୍ର ମୋହନ କର
ନିଶା	ପ୍ରବୀଣ କବ
ଫୁଲଟିଏ	ସୁଭାସିନୀ କବ
ସମ୍ପର୍କ	ଅନ୍ନପୂର୍ଣ୍ଣା ଜେନା
କନ୍ୟାରତ୍ନ	ଶ୍ରେଷ୍ଠା ଶତପଥୀ
ଗୁରୁମା	ଶୁଭ୍ରଶୀ ସେନାପତି

ସୂଚକ

ଭାଇ - ଗୋଟିଏ ଗଜଲ	ସୁମିତ ପଣ୍ଡା ୭୯
ଗାଆଁଟି ମୋର	ରିମା ଚାନ୍ଦ ୭୯
ମାଆ	ରୁପଶ୍ରୀ ସାହୁ ୮୦
ମୋ ଦୁଇ ବଡ ଭଉଣୀ	ରଞ୍ଜିତା ଓଝା ୮୦
ମୋ ମା	ଶ୍ରୀମତୀ ବନ୍ଦିତା ସା ୮୧
ବିଦ୍ୟାଳୟ	ସୌଭାଗ୍ୟ ସାହୁ ୮୧
ବୋଉ ପାଇଁ ପଦେ...	ଅଭୀପ୍ସା ଶତପଥୀ ୮୨
ଛତା	ରୁଦ୍ର ମାଧବ ସାହୁ ୮୨
ସେଇ ପିଲାଟି	ସୁନିଲ କୁମାର ଛନ୍ଦ ୮୩
ମୋବାଇଲ୍ ଫୋନ୍	ସୁଶ୍ରୀ ଦୀପ୍ତିପ୍ରଭା ଭଦ୍ର ୮୪
ଅଳପ ଦିନର ଗଳପ	ସୁବାସିନୀ ପଣ୍ଡା ୮୫
ଗାନ୍ଧୀ ପ୍ରୀତି	ଶ୍ରୀ ସୌମ୍ୟରଞ୍ଜନ ପାଣି ୮୬
କର୍ମଦୃଷ୍ଟି	ଶ୍ରୀ ବିବେକାନନ୍ଦ ନାୟକ ୮୬
ଆମ ବିଦ୍ୟାଳୟ	କୀର୍ତ୍ତି ସୋନମ୍ ମହାନ୍ତି ୮୭
ମୋ ଶିଶୁ ମନ୍ଦିର	ଅସ୍ମିତ୍ ଭୂତିଆ ୮୭
ବନ୍ଧୁତ୍ୱ	ଆୟୁଷ ବରାଳ ୮୮
ମା	ଆଶୁତୋଷ ଶତପଥୀ ୮୮
ଆମେ ସୁନା ପିଲା ହୋଇବା	ଅଂଶିକା ସାମଲ ୮୯
ଆସରେ ସାଥି	ଶ୍ରଦ୍ଧାଞ୍ଜଳି ଦାସ ୮୯
ଆମ ଜନ୍ମଭୂମି	ଆକାଂକ୍ଷା ମଲିକ ୯୦
ମା'	ପ୍ରିୟଦର୍ଶିନୀ ୯୦
ଗୁରୁଙ୍କ ଚରଣ ବନ୍ଦିବା	ସୁଶାନ୍ତ କୁମାର ଶତପଥୀ ୯୧
କ୍ଷମା	ଆର୍ଯ୍ୟନ ସାହୁ ୯୧
ଆମ ବିଦ୍ୟାଳୟ	ସୁଦକ୍ଷିଣା ଦଳାଇ ୯୨
ଅସହାୟ ଈଶ୍ୱର	ଜ୍ୟୋତିରଞ୍ଜନ ବାରିକ ୯୨
ଆଶା	ସୁଶ୍ରୀଲତା ଦାସ ୯୩
ମୁଁ କିଏ ?	ନମିତା କବ ୯୪
ପାନ୍ଥଶାଳା	ସତ୍ୟରଂଜନ ପ୍ରହରାଜ ୯୪

ସୂଚୀପତ୍ର

କର୍ତ୍ତବ୍ୟ : ଶିକ୍ଷା ସଂସ୍କାରର ଅବିଚ୍ଛେଦ୍ୟ ଅଙ୍ଗ
ଶିକ୍ଷା ଓ ସଂସ୍କାର
ସାଲବେଗଙ୍କ ଭଜନାବଳୀର ବିଶେଷତ୍ୱ
ଅନୁଭୂତି
ସଂରକ୍ଷଣ ବ୍ୟବସ୍ଥା ଓ ଆତ୍ମହତ୍ୟା :
ବ୍ୟବସ୍ଥାଗତ ତ୍ରୁଟି ନା ଅତ୍ୟାଚାରର କରୁଣ ପରିଣତି ?
ଦୋଷ ଦେବି ମୁଁ କାହାକୁ ?

ଅସ୍ପୃଶ୍ୟ
ମୋ ସତ ସ୍ୱପ୍ନ
ମାଆଙ୍କ ମୌନବ୍ରତ
ଉଦାରତା ହିଁ ମାନବତା
ଭଗ୍ନ ବୀଣାର ସ୍ୱର
କର୍ତ୍ତବ୍ୟ ହିଁ ଭଗବାନ
ଭସା ବାଦଲରୁ... ବରଷା ଯାଏ...
ବୁଦ୍ଧି ଓ ସାହାସର ଜୟ
ଅଭିମାନ
ଭୋକର ଭୂଗୋଳ
ଆଦର୍ଶ ଜଳ ଛତ୍ର
ବାକି ଖାତା
ଦରଗଢ଼ା ମଣିଷ
ମାଷ୍ଟର
ଆମ ପରିବାର
ଜୀବନବୁଲା
ଉର୍ବଶୀ
ବଗ ଓ କୁକୁର
ଶେଷ ସ୍ନେହ
ରଙ୍ଗ ଡ୍ରେସ୍

ମହକ


ପ୍ରବନ୍ଧ ବିଭାଗ

ଡ. ମନୋରଞ୍ଜନ ଶତପଥୀ ୯୬
ଜ୍ୟୋସ୍ନା ମଞ୍ଜରୀ ପଣ୍ଡା ୯୯
ଆଶାଲତା ମହାନ୍ତି ୧୦୦
ଗାୟତ୍ରି ପଣ୍ଡା ୧୦୨
ଜୟଦେବ ଶତପଥୀ ୧୦୩
ନିର୍ମାଲ୍ୟ କୁମାର ପ୍ରଧାନ ୧୦୪

ଗଳ୍ପ ବିଭାଗ

ଅମରେଶ ବିଶ୍ୱାଳ ୧୦୭
ଅବିନାଶ ପାଣି ୧୧୧
ପ୍ରଫେସର ମଣୀନ୍ଦ୍ର କୁମାର ମେହେର ୧୧୨
ପ୍ରମୋଦ ଶତପଥୀ ୧୧୫
ଲତିକା ବିଳାସ ୧୧୬
ଅଂଶୁମାନ ଶତପଥୀ ୧୧୯
ଅଶୋକ କୁମାର ନାୟକ ୧୨୦
ଜ୍ୟୋତିସ୍ମାନ୍ ଶତପଥୀ ୧୨୩
ଶିବାନନ୍ଦ ବାରିକ ୧୨୪
ସୂର୍ଯ୍ୟକାନ୍ତ ଛୋଟରାୟ ୧୨୬
ତୁଷାର ଦାସ ୧୨୭
ପ୍ରଦୀପ ନାୟକ ୧୨୮
କିରଣ ମିଶ୍ର ୧୩୦
ଅମୀୟ ବେଜ ୧୩୨
ପଦ୍ମାଳୟା ପାଢ଼ୀ ୧୩୫
ବିଜୟଲକ୍ଷ୍ମୀ ସାମନ୍ତରାୟ ୧୩୭
ସନ୍ତୋଷ ମିଶ୍ର ୧୩୮
ଶୁଭଲକ୍ଷ୍ମୀ ସାମନ୍ତ ୧୪୧
ରଶ୍ମିତା ରାଉତ ୧୪୨
ଲକ୍ଷ୍ମୀପ୍ରିୟା ମହାନ୍ତି ୧୪୪

ତାରା	ଗୌରୀ ସାହୁ ୧୪୬
କାଗଜ ବାଘ	ରଶ୍ମିତା ବେହେରା ୧୪୮
ମୁଁ ଓ ମୋର ଭାବନା	ରତୁପୂର୍ଣ୍ଣା ମହାନ୍ତି ୧୫୧
ଏକତାର ବଳ	ସ୍ୱାତୀ ସ୍ୱାଗତିକା ସାମଲ ୧୫୨
ଏକତା ହିଁ ବଳ	ରାନୁ ବିଶ୍ୱାଳ ୧୫୩
ପ୍ରକୃତ ସାଙ୍ଗ ବଗ	ସ୍ୱିଟିସ୍ମିତା ସେଠୀ ୧୫୪
ପ୍ରତୀକ୍ଷା	ରଚିତା ରତୁପର୍ଣ୍ଣା ଜେନା ୧୫୪
ଲଳିତାର ଶିକ୍ଷା	ପ୍ରଜ୍ଞାସିନି ପାତ୍ର ୧୫୬



ପଦ୍ୟ ବିଭାଗ

ଭୂତଭୟ

ହରପ୍ରସାଦ ଦାସ

କେବେ ପଥଚାରୀ, ତ କେବେ ନଉଚାରୀ ଈଗି
ଶିଖେଇ ସାରିଲିଣି ଚାଲି, ଓଡ୍ରାଫ୍ ଠାରୁ ଦେହ
ଜାଣି ସାରିଲିଣି ତାର ନିଜର ଉଦ୍ଧାରକଳା ଜଳାବର୍ତ୍ତୁ।
ସେ ବି ଶିଖେଇ ସାରିଲାଣି ଦେହକୁ ତାର
ନ ଡରିବାର ବିଦ୍ୟା, ଦୁଇପିଲାଙ୍କ ଟଣା ଓଟରା ଓ
ଅଭାବୀ ସ୍ୱାମୀର ଝାଲୁଆ ମୁଠା ଭିତରୁ
ମୁକୁଳେଇ ଜାଣିଲାଣି ଦେହକୁ,
ମଉନମୁହିଁ କହି ଜାଣିଲାଣି କଥା,
ଅଯତ୍ନର କଳାରେ ସୁନ୍ଦର ତାର ଦେହ
ଲୁଚେଇ ଜାଣିଲାଣି ଝୁଲି ପଡୁଥିବା ବାହୁ,
ଓହଳି ପଡୁଥିବା ପେଟ, ଦରପାଚିଲା କେଶ।
ହେଲେ, ଯେମିତିକି ସେମିତି ଅଛି ଭୂତଭୟ
ଯେମିତିକି ସେମିତି ଅଛି ପ୍ରେମ।
କଳା ସମୁଦ୍ରରେ ଗୁପ୍ତ ଛୁରୀ ଭଳି ପ୍ରେମର ଗାଢ଼ ଚନ୍ଦ୍ରହା
ଏବେବି ଡରାଏ ତାକୁ
ଏବେ ବି ମୁଁ କହେ ଦେହରେ କିଛି ନାହିଁରେ ବାୟାଣୀ
ମିଛରେ କାହିଁକି ଏତେ ଭୟ।

- ୦ -

ସେହ କହିଲା : ପ୍ରେମ କଣ ମୁଁ ଜାଣେନା ପ୍ରିୟ
ତା ନାଁ ଶୁଣିଲେ ମତେ ଭୟ
ଲାଗେ ମୋ ଭିତରେ ଗୋଟେ କଳା ସମୁଦ୍ର ହେଇ
ଫୁଲି ଉଠୁଚି ସେ, ଲାଗେ
ସେ କଳା ସମୁଦ୍ର ଆଉ ଟିକେ ଫୁଲିଲେ
ଉଠି ଆସିବ କଳଙ୍କର ଚନ୍ଦ୍ରମା
ଛୁଇଁ ଦବ ମତେ,
କାଳେ ଲାଗିଯିବ ଦାଗ ଦେହରେ।
କାଳେ ହେଇଯିବ ପାପ।
ମୁଁ ଫେରେଇନିଏ ତାକୁ ଛୁଇଁବାପାଇଁ ବଢ଼େଇଥିବା ହାତ,
କହେ: ଦେହରେ କିଛି ନାହିଁରେ ବାୟାଣୀ, କାଇଁକି ଏତେ
ଭୟ ?
କାନ୍ଥକୁ ଚାହିଁ ସେ କହେ:
ଦେହକୁ ଭୟ ନୁହେଁ ପ୍ରିୟ, ଦେହର ଭୂତକୁ ମୋର ଭୟ।
ବହୁ ବର୍ଷ ଗଲାଣି ଏ ଭିତରେ
ଦେହକୁ ମୁଁ ବଢ଼େଇ ସାରିଲିଣି ଯୋଗ୍ୟ କରି,
ପଢ଼େଇ ସାରିଲିଣି ଧର୍ମ, ଅର୍ଥ, କାମ, ମୋକ୍ଷ
ବୁଲେଇ ସାରିଲିଣି ଚାରିଧାମ,
ଚଲେଇ ସାରିଲିଣି ଗୋଟି କରି ସ୍ମାର୍ଟ ସିଟିରେ

ଆଇ.ଆର.ସି ଭି
ଭୁବନେଶ୍ୱର (୭୫୧

ଆହେ ବିଶ୍ୱପତି

ପ୍ରଭାତୀ ପାଣିଗ୍ରାହୀ

ତୁମେ ବିଶ୍ୱପତି ମୁଁ ଦୀନ ଅତି
ତୁମେ ମୋ ବନ୍ଧୁ ହୋଇବ କେମିତି
ନିଜ ସମ ସାଥେ ଭାବ ଦିଆନିଆ
ମୁଁ ତୁମ ସହ ହେବି ସରିକି ।
ତୁମେ ଆକାଶର ଦୀପ୍ତ ନିଶାକର
ମୁଁ ଖଦ୍ୟୋତ କ୍ଷଣିକ ମୋ ଜ୍ୟୋତି
ତୁମେ ସାଗରର ନୀଳ ଜଳଧାର
ମୁଁ ବିନ୍ଦୁ ସିନ୍ଧୁ ସରି ହେବିକି ।
ହସିଲେ ଅଳପ ସରଜେ ଜଗତ
କୋଟି ଜୀବେ ବାଣ୍ଟ ପଉଟି
ଭ୍ରୁକୁଟି କୁଞ୍ଚନେ ପ୍ରଳୟ ଉପୁଜେ
ମୁଁ ତୁମ ସାଥେ ହେବି ସରିକି ।
ଧରଣୀର କଇଁ ଚାନ୍ଦ ମୁହଁ ଚାହିଁ
ଫୁଟି ଉଠେ ଲାଜେ ହସିକି
ସୁରୁଜ କିରଣେ ପୁଲକି ପରାଣେ
ପଦୁଅଁ ବି ଉଠେ ମୁରୁକି ।
ଭାବୁଛି ସେମିତି ତୁମେ ବିଶ୍ୱପତି
ମୁଁ ଧୂଳି କଣା ଶୂନ୍ୟେ ମୋ ଗତି
ତୁମ ସହ ମୋର ସୂତା ଖିଅକର
ଭାବଡୋରୀ ଅଛି ଲଟକି
ସାଗରରେ ବିନ୍ଦୁ ମିଶି ହୁଏ ସିନ୍ଧୁ
ଧୂଳିକଣା ମିଶି ଧରତୀ
ନିଜକୁ ହରାଇ ତୁମକୁ ପାଇବି
ମୋ ପାଇଁ ସେ ଭାଗ୍ୟ ହେବକି ।

- ୦ -

ଶିକ୍ଷୟିତ୍ରୀ, ବଡକଇଞ୍ଚି
ପ୍ରାଥମିକ ବିଦ୍ୟାଳୟ

ମୁଁ ବେଲାଳସେନ

ଦେବେନ୍ଦ୍ର ପ୍ରସାଦ ବଳ

ସବୁ ଶାସନ ସାମ୍ରାଜ୍ୟର ମୁକସାକ୍ଷୀ ମୁଁ,
ବେଲାଳସେନ ପରି,
ସବୁ ପାପ ପୁଣ୍ୟକୁ ତଉଲି ସାରି
ସବୁ ହସ ଖୁସିକୁ ଭାଗ ବଣ୍ଟା କରି
ବଳି ପଡିଲା ଯାହା,
ତାକୁ ଫୋପାଡି ଦେଲି ମୋ ପାଖକୁ,
କେମିତି ଗ୍ରହଣ କରିବି,
ତୁମର ସେ ମିଛ ଆପଣାର ପଣକୁ,
ତୁମର ମିଛ ହସ, ମିଛ ସ୍ନେହ, ମିଛ ପ୍ରେମକୁ,
ମୁଁ ପରା ଆତ୍ମ ସ୍ୱାଭିମାନ ଭରା ଆତ୍ମାଟିଏ,
ମୋତେ ଟିକେ ମୁକ୍ତି ଦରକାର,
ଟିକେ ବିଶ୍ରାମ ଦରକାର,
ଏ ଧର୍ମ ଅଧର୍ମର ମହାଭାରତ,
ଏ ମିଛ ନାଟକର ଯବନିକା ମୋର ଏକାନ୍ତ କାମ୍ୟ,
ଆତ୍ମା ସହିତ ପରମାତ୍ମାର ମିଳନ
ମୋର ଏକ ମାତ୍ର ଅଭିଳାଷ....
ମୁଁ ପରା ବେଲାଳସେନ
ସବୁ ଶୂନ୍ୟତାରେ
ପୂର୍ଣ୍ଣତା ପାଇବାର ଆଶା ନେଇ ରହିଁଛି ମୁଁ, କାହିଁ କେତେ ଦିନରୁ..
ଧର୍ମର ଜୟ ଅଧର୍ମର ପରାଜୟ
କେବେ ହେବ,
ଏବେ, ନା ଅପେକ୍ଷା ପୁଣି ଏକ କୁରୁକ୍ଷେତ୍ର କୁ ? ?

—୦—

ଓଡ଼ିଶା ପ୍ରଶାସନିକ ସେବା
ମଣ୍ଡଳ ଉନ୍ନୟନ ଅଧିକାରୀ, ଧର୍ମଶାଳା, ଯାଜପୁର

ଅନାମିକା ପ୍ରେମିକା

ସ୍ମୃତିରେଖା ବେହେରା

ସମୁଦ୍ରର ଗର୍ଜନ ହୁଏତ
କାହା ପାଇଁ ଶ୍ରୁତି ମଧୁର ହେଇ ନପାରେ
ହେଲେ ସେ ଛାତି ପିଟି ପିଟି ଚିତ୍କାର କରେ
ମୁଁ ବି ଭଲ ପାଇ ପାରେ ।୧ ।
ହୃଦୟର ଗଭୀର ପ୍ରଦେଶରେ
ତୋ ପାଇଁ ପ୍ରେମ କେବେ ନ ସରେ
ପ୍ରିୟା କେବେ ବୁଝିବ ମୋ ପ୍ରେମ
ସାଇତିବ ମତେ ତୁମ ଛୋଟ ହୃଦୟରେ ।୨ ।
ନିତି ନିତି ପିଟୁଥାଏ ଛାତି
ନିତି ମୋ ପ୍ରେମ ନିବେଦନ କରେ
ଶାନ୍ତ ବେଳାଭୂମି ବୁଝେ କଷ୍ଟ ମୋର
ତୁମେ ରୁହ ଦୂର ଦିଗ୍‌ବଳୟରେ ।୩ ।
ଗର୍ଜି ଗର୍ଜି ବୁଝେନି ମୋ ମନ
ଅଧିକ ଗର୍ଜେ ଅମାବାସ୍ୟା ନିଝୁମ୍ ରାତିରେ
ପୂର୍ଣ୍ଣିମାର ଜହ୍ନ ବୁଝିଛି ମୋ ମନ
ଲୁଚେଇ ପାରେନି ଲୁହ ତା ଆଲୁଅରେ ।୪ ।
ଶାମୁକା କହୁଛି ହେବ ମୋ ପ୍ରେମିକା
ମୁଁ କିନ୍ତୁ ତୁମ ପ୍ରେମେ ମରେ
ମଲା ଶାମୁକା ବଞ୍ଚେ ମୋ ସ୍ପର୍ଶରେ
ମୁଁ ଅଛି ତୁମ ସ୍ପର୍ଶ ଅପେକ୍ଷାରେ ।୫ ।
ନଦୀ ନାଳ ସବୁ ମୋ ଅନ୍ୱେଷଣେ
ମିଶନ୍ତି ମୋ ଦେହେ ବିନା ଦ୍ୱିଧାରେ
ରହିଲେ ଦୂରେଇ କେମିତି ବଞ୍ଚିବି
ମୁଁ ଗହେଁ ମିଶିବାକୁ ତୋ ଅନ୍ତରରେ ।୬ ।
ସନ୍ଧ୍ୟା ବୁଝେ ମୋ ଅନ୍ତର ବେଦନା
ଘୋଡେଇ ଦିଏ ତା ଶୀତଳ ଅନ୍ଧକାରରେ
ମୁଁ ଦୂରେଇଲି ସଭିଙ୍କୁ ମୋ ଠାରୁ
ହେଲେ ତୁମେ ରୁହ ମୋଠୁ ଦୂରରେ ।୭ ।
ଗର୍ଜନ ମୋହର ନ ବୁଝିଲେ କେହି
ବୁଝ ତୁମେ ଗୋଟେ ଥର
ତୁମେ ଅନାମିକା ପ୍ରେମିକା ମୋହର
ମୁଁ ଅଟେ ସମୁଦ୍ର ପ୍ରେମିକ ତୁମର ।୮ ।

—୦—

ଯୁବ ଜିଲ୍ଲା ପରିଷଦ ସଦସ୍ୟା, ଯାଜପୁର

ଆମେ ଭାରତ ସନ୍ତାନ

ସମର୍ପିକା ବଳ

ଜାଗ ହେ ନବୀନ ଭାରତ ସନ୍ତାନ
ଆସିଛି ପରା ଶୁଭର ଦିନ
ଏହି ଦିନ ଆମେ ସ୍ୱାଧୀନ ହେଲେ
ରଖି ଦେଶ ଜାତି ମାନ ।

ତ୍ରିରଙ୍ଗା ପତାକା ସ୍ୱାଧୀନ ପ୍ରତୀକ
କରିବାନି କେବେ ତାର ଅସମ୍ମାନ
ଜାତିର ଟେକ ସଦା ରଖିଥିବା
ଉଜ୍ଜଳ ମାତାର ହୋଇ ସନ୍ତାନ ।

ଗାଇ ଜନଗଣ କରିବା ପାଳନ
ଉଡ଼ାଇ ଜାତୀୟ ଝଣ୍ଡା
ଆନନ୍ଦ ଉତ୍ସବେ ଏହି ଦେଶ ମୋର
ସହରଠୁ ଗାଁ ଗଣ୍ଡା ।

ଭାରତ ମାତାର ଯୋଗ୍ୟ ସନ୍ତାନ
ବୀର ସୈନିକ ଯବାନ
ଭାରତ ମାର ସେନେହ ପ୍ରିତୀ

କୋଟି ଓଡ଼ିଆଙ୍କ ଜୟଗାନ ।
ଦେଶ ସ୍ୱାର୍ଥ ପାଇଁ କରିବୁ ଲଢ଼େଇ
ତ୍ରିରଙ୍ଗା ପତାକା ଧରି
କରୁଥିବୁ ଗାନ ଜାତୀୟ ସଂଗୀତ
ବୀର ସୈନିକ ପରି ।

—୦—

+୩ ଦ୍ୱିତୀୟବର୍ଷ କଳା ଛାତ୍ରୀ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା

ମନେ ପଡ ସାଥୀ ତୁମେ

ପୂର୍ଣ୍ଣାନନ୍ଦ ସେଠୀ

କାହିଁକି କେଜାଣି ମନେ ପଡ ସାଥୀ
ଭାବୁଛି ତୁମରି କଥା
ଦେଖିବାକୁ ଥରେ ଏ ଆଖି ଖୋଜୁଛି
ଘୂରିଯାଏ ମୋର ମଥା ।
ଦହି ମୋ ହେଉଛି ମନ ପ୍ରାଣ ହୃଦ
ବିକଳ ହେଉଛି ଆତ୍ମା
ତୁମେ ମୋର ମନ ତୁମେ ମୋର ଧନ
ତୁମେ ମୋ ବିବେକ ସତ୍ତା ।
ନିର ଭିଜା ଆଖି ନିରବି ଯାଇଛି
ନିଇତି ଖୋଜୁଛି ଖାଲି
ନିରିମାଖି ମନ ଖୋଜେ ଟିକେ ପ୍ରେମ
ପ୍ରେମିକା କରିବି ବୋଲି ।
କେଣେ ଝଲିଗଲ ବୋଧେ ଭୁଲିଗଲ
ସଂପର୍କକୁ ଛିନ୍ନ କରି
ମନେ କି ପଡୁନି ପିଲାଦିନ ଖେଳ
ଲୁଚକାଳି ବୋହୂ ଚୋରି ।
ରଜ ପୋଡ଼ପିଠା କାକରା ଆରିସା
ଛଡେଇ ନେଇ କି ଖାଉ
ରାଗିଯାଏ ଯଦି ହସି ଗେଲ କରୁ
ନିଜ ହାତେ ଖୋଇ ଦେଉ ।
କୁଆଁର ପୁନେଇ ରାତି ଭଲ ଲାଗେ
ପୁନେଇଁ ଝଲକୁ ଦେଖି
ତୋଫା ଆଲୁଅରେ କେତେ ହସ ଖୁସି
ଜହ୍ନ ମାମୁଁ ଆମ ସାକ୍ଷୀ ।
ସଞ୍ଜ ନଇଁଗଲେ ଆକାଶ ଦୀପଟା
ଥିରି ଥିରି ଜଳି ଉଠେ
ଶଙ୍ଖ ଘଣ୍ଟ ତାନେ କାନ ଫାଟିଯାଏ
ଗାଁ ଦାଣ୍ଡ ହସି ଫାଟେ ।
ଶୀତରେ ଥରିକି ନଦୀକୁ ଯାଇଛେ
ଡଙ୍ଗା ଭସେଇବା ପାଇଁ
ସାଥୀ ହୋଇ କେତେ ବାଣ ଫୁଟାଇଛେ
ସେହି ଦିନ ଆଜି ନାହିଁ ।
ସଜ କରିଦିଏ ଜନମ ଦିନରେ
ସକାଳୁ ଗାଧୋଇ ମାଆ
ସରୁ ଚକୁଳିରେ ଚଟଗୁଡ ଥୋଇ
ବାଣ୍ଟିଥାଏ ସାହି ଗାଆଁ ।
ପାଦେ ପଡ଼ି ତାଙ୍କୁ ପ୍ରଣାମ କରିଲେ
ମାଆ ମୋ କୋଳେଇ ନିଏ
ଦୁନିଆଁର ସବୁ ସୁଖକୁ ଅଜାଡି
ପଣତେ ଲୁଚେଇ ଦିଏ ।
ଗୋଟି ଗୋଟି କଥା ସବୁ ମନେଅଛି
ସ୍ମୃତି ରହିଅଛି ଚେଇଁ
କେଉଁଦିନ ସାଥୀ ଫେରିବ ମୋ ପାଶେ
ରହିଛି ବାଟକୁ ଝହିଁ ।
ଥକି ପଡିଲିଣି ଅସହ୍ୟ ହେଲାଣି

ବେଦନାରେ ଭରା ପ୍ରାଣ
ଛାଡିଥାଁ ଲାଗୁଛି ଦେଖିବି କି ନାହିଁ
ଆସିଯିବ କି ମରଣ ।
ମରିବା ପୂର୍ବରୁ ଦେଖି ଦିଅନ୍ତି କି
ତୁମ ତନୁଶ୍ରୀକୁ ଥରେ

ସ୍ୱର୍ଗ ସୁଖ ନିଶେ ଲଭନ୍ତା ଏ ଆତ୍ମା
ରାତିଦିନ ଝୁରି ମରେ ।

—o—

ଜନପ୍ରିୟ ପ୍ରେସ୍, ଚଣ୍ଡିଖୋଲ, ମାଲକାନଗିରି
ମୋ- ୯୦୪୦୬୯୬୪୦

ଫଗୁଣର ଛିଟା

ଡ. ଆଭାଞ୍ଜଳୀ ଶତପଥୀ

ବେଦ ପୁରାଣର ସନ୍ଧି ସମାପକୁ
ଓଲଟା ପୋଲଟା କରି
ଆତ୍ମଶ୍ଲାଘୀ ନର ବାହାଘୋଟ ମାରେ
ଅଜ୍ଞାନୀ ଦୁର୍ବଳ ନାରୀ ।
ନାରୀଜାଗରଣ ସଶକ୍ତିକରଣ
ଶିକ୍ଷା ସମାନତା ନାରୀ ନିଷ୍ପେସିତା
କେତେ ଶବଦର ନଚ ଜଳେବର
ଉଠେ ଅସଂଲଗ୍ନ ପ୍ରଶ୍ନର ଭଣ୍ଡାର
ସେ ପ୍ରଶ୍ନମାଳାର ସଂଲଗ୍ନ ଉତ୍ତରେ
ଫଗୁଣ ଛିଟାର ପହିଲି ତିଥିରେ
ବସନ୍ତ ପଞ୍ଚମୀ ଜ୍ଞାନର ଆଧାର
ସୃଷ୍ଟିକ ବଚନେ ଫଗୁଣ ପ୍ରଜ୍ଞାର ।
ଯା ବାକ୍‌ରୁ ଝରେ ଓଁକାରର ଧ୍ୱନି
ତହୁଁ ଶବ ବର୍ଗ ସ୍ୱର ଓ ବ୍ୟଞ୍ଜନ,
ବୁଦ୍ଧି ବିବେଜର ଅଧିଷ୍ଠାତ୍ରୀ ଦେବୀ
ଆଖିରେ ତାଙ୍କର ଜ୍ଞାନର ଅଞ୍ଜନ ।
ଶାନ୍ତି ବିଶୋଭନା ସବୁ ଯୋଗର ସାଧନା

ପ୍ରକୃତିକୁ ଦିଏ ଆକୃତି,
ବେଦ ବେଦାଙ୍ଗର ସଂସ୍କୃତି ସଭ୍ୟତା
ତା ଦେହୁ ସବୁ ତ ଉତ୍ପତ୍ତି ।
ଆପାଦମସ୍ତକ ବିଜ୍ଞେ ସୁଶୋଭିତା
ବିଷାଦ ବିଶଲ୍ୟକରଣୀ,
ମେଧା ଜନ୍ମଦାତ୍ରୀ କମଳବାସିନୀ
ହଂସାସୀନା ଜ୍ଞାନତୃଷ୍ଣା ବିମୋଚନୀ ।
ସ୍ମୃତି ଶ୍ରୁତିଗ୍ରନ୍ଥ ସବୁର ସେ ସ୍ରୋତ
କରି ପ୍ରଜ୍ଞା ଶକ୍ତି ବିସ୍ତାର,
ପ୍ରତାତି ବିସ୍ମୃତି ତା' ଇଚ୍ଛାରେ ଚାଳିତ
ଉଚ୍ଚନୀଚ ଭାବନାର ।
ଯା ବୀଣା ଧ୍ୱନିରୁ ସାତ୍ତ୍ୱିକ ସ୍ଫୁରିତ
ପଞ୍ଚମହାଭୂତ ତା ଦେହୁ ଝରିତ
ତା ଆଶିଷ ରେଣୁରେ କେତେ ଯେ ମହତ୍ତ୍ୱ
ସବୁ ଚିନ୍ତା ଅପବର୍ଗେ ହୁଏ ରୂପାୟିତ ।
ପୁରାଣ ପୋଥିକୁ ଅଙ୍ଗିଲା ପ୍ରସଙ୍ଗେ
ଯେ କରେ ଅବଜ୍ଞା ଅଙ୍ଗନାର
ସ୍ୱୟଂ ସରସ୍ୱତୀ ନାରୀର ସ୍ୱରୂପ
ସର୍ବ ବିଦ୍ୟାର ସେ ସମ୍ଭାର ।

- o -

ଚେନ୍ନାଇ

ମେଘକଣ୍ଠୀକା

କବି ଶ୍ରୀ ବଳରାମ ପୂଜାରୀ

ବେ; ମେଘରାଣୀ ର ପାଦଭାରି,
ଳସ ଭାଙ୍ଗୁଛି, ମେଘବତୀ,
ଷି କଷି ମେଘଲେସା;
ଲୁଆ ବାଲ୍ୟବନ୍ତ, ପାଲଟିଛି,
ର୍ଭୁଣୀ ମେଘମାନଙ୍କ, ପୋକତି, ଖୁଆଡ ?
'ମାସିଆ ମେଘଭୃଣ ଧରି
ଉଁଛନ୍ତି; ଗର୍ଭୂଣୀ ମେଘ ଭୂଆଷୂଣୀ,
କବେ; ସାପୁଆ ଡଙ୍ଗରର କଡେ କଡେ,
ଉ ; କେବେ; ବାଘପାହାଡର
ବଣ ଡଙ୍ଗର ମୁଣ୍ଡିଆରେ,
ଗନା ଅଗନି ଜଙ୍ଗଲ ସାରା ଓହଳିଛନ୍ତି,
ଜରା ମଜରା, ଅସଜ ଗର୍ଭୂଣୀଦିହ ?
ବେ, କେଉଁଠି, ପ୍ରସବି ବସିବେ
ନି କୁନି ମେଘଛୁଆ ପଲେ ?
ଦା ଓଦା ଆଶୀର୍ବାଦରେ
ାଉଁସି ଦେବେ, ତତଲା ମାଲ୍ୟବନ୍ତର,
ାହାଡିଆ, ଖାପୁଏ, ରଙ୍ଗଡିଆ ପିଠି ?
ସା ଭସା ଥାକୁଲୁ ମାକୁଲୁ ମେଘଶାବକଙ୍କ,
ଆଁ କୁଆଁ ରାବରେ;
ମି ଉଠୁଛି, ଜଙ୍ଗଲ ରାଇଜ,
ପଟ୍‌ରି, ପଣର ଅଳସେଇ
ଜରିଆ ଦିହ ନିମତେ ଢୁଳେଇ
ଡୁଛି, ମେଘବତୁରା
ମଘବର୍ଣ୍ଣା,
ାତ ମଜରିଆ, ହାଇ ଅଳସରେ
ମୋଁଇ ପଡୁଛନ୍ତି,
ମେଘ ବାର୍ତ୍ତା ନେଇ,
କୋଉ ଦୂର ରାଇଜରୁ ଆସିଥିବା
ମେଘସଖି 'ମେଘ ଦୂତିକା'
ବେ; ମେଘୁଆ ମେଘୁଆ ଗୀତ ଗଜଲ୍‌ରେ
ଝୁମୁଚ୍ଛି ମାଲ୍ୟବନ୍ତର
ପରଜାବସ୍ତି;
ପାହାଡ ତଳ ଗାଁ 'ଧୂଂଗିଆ ପୁଟ୍'
'ନାରଙ୍ଗିଝୋଲାର'
ନୁଖୁରା ପୁଖୁରା ନଅଙ୍କିଆ;
ଖୋଲା ମେଲା ଖମାଣ ?
ଦକ୍ଷିଣା ପବନର ଫୁଆରାରେ,
ଗଣୁ ଝୁଣଗୁ ଶୁଭୁଛି,
ମେଘରୂପସୀର ରୂପା ପାଉଁଜି,
ଓଦା ସର ସର ମେଘପାଟ
ମୁକୁଳା ଛାତି ଫାଙ୍କରୁ,
ଉଙ୍କି ମାରୁଛି, ଯାଉଁଳା ଯାଉଁଳା
ନିଟୋଳ; ମେଘଥନ,
ଠାଏ, ଠାଏ ଥିପିପଡୁଛି ।
ମଉନା ମେଘବତୀର
ବୁନ୍ଦା ବୁନ୍ଦା, କଷ; କଷୁଆ; ମେଘଖିର
ନିପାଣିଆ, ପାଟି ମେଲେଇ ଚୋଷୁଛନ୍ତି,
ଶୋଷୁଛନ୍ତି; ଜଙ୍ଗଲକୁ ଯାବୁଡିଥିବା
ତମାମ ଆଟବିକ ସାମ୍ରାଜ୍ୟର
ଡହକ ବିହକ ପ୍ରଜାକୁଳ ?

ଭିଜା ଭିଜା 'ଡୁଡୁଙ୍ଗା'ର ବତୁରା ବତୁରା ସ୍ୱର
ଲାଜକୁଳି 'ରିଞ୍ଚୋଡି'ର ଓଦା ଓଦା ଆତୁର,
ଚାରିଆଡେ ଏବେ ! ଜିଅନ୍ତା ଜିଅନ୍ତା,
ମାଟିଦେବତାର ମନ୍ତୁରା ମନ୍ତୁରା 'ବନଜାଗ' ?
ଉଷୁଳିଆ ଭୂମିବାସ୍ପାରେ ବିଭୋର
ଡଙ୍ଗର କୋଡକା, ମାଟି ପରଜା,
ବେଡା, କୋଡା, ମୁଣ୍ଡିଆ ମଣ୍ଡପ,
ଏବେ ! ସଭିଏଁ; ଓଦା ଓଦା,

ଭିଜା ଭିଜା 'ବନମହୋତ୍ସବ' ?
ପିହଳି ଭିଜାର ଆଷାଢୁଆ ଆୟୁଷ,
ଗଣ୍ଠିଲିଏ ଗଣ୍ଠିଲି ଏ ମେଘବୁଢୁଳା ମୁଣ୍ଡେଇ
'ଆଦିଭୂମି'ର ତହତହ
ଯନ୍ତ୍ରଣାର ଲୋରୀ, ଗାଉଛନ୍ତି ?
ମେଘ ବୋହି, ଆସିଥିବା
ମହରା ମହରା ମୌସୁମୀ,
ଅବତୀର୍ଣ୍ଣା ! ! ଏବେ,
"କୋଣ୍ଡାକାନ୍ଧେ"ରୁ ମଥାନରେ
ପାଟମହାଦେଈ ମେଘଦେବୀ 'ମେଘକର୍ଣ୍ଣିକା' ?
ଆଦିବାସୀଭାଇର,
ଫଟା କପାଳରେ ଲେଖିବାକୁ;
ଭୋକ ଭାଗବତର ଏକାଦଶ ସ୍କନ୍ଧ ଓ
ଚାଖଣ୍ଡେ ପେଟଜ୍ୱାଳାର ଜ୍ୱଳନ୍ତ; ଜ୍ୱଳନ;
ତହ ତହ; ଗୀତଗୋବିନ୍ଦ ?

- o -

କୁଡୁମୁଲୁଗୁମ୍ମା, ମାଲକାନଗିରି
ମୋ: ୯୬୬୮୬୮୮୪୭୪

ଅହଲ୍ୟା

ଅଧ୍ୟାପକ ବିଶ୍ୱନାଥ ସାହୁ

ପାପୋଦ୍ଧାର ପାଇଁ ପାଦ ହିଁ କାହିଁକି ଭଗବାନ,
ପାମର ପାଇଁ ଆପଣଙ୍କ ଅନୁନୟ ଚାହାଣିଟେ ଯଥେଷ୍ଟ ନୁହେଁ କି ?
ଯଥେଷ୍ଟ ନଥିଲା କି
ନିଜେ ଭିଆଇଥିବା ବ୍ୟୁହରେ ମୁକ୍ତାକାଂକ୍ଷୀ ପଥରଟାଏ ଜଡବତ
ପୃଥିବୀଟେ ଜୀଇଁ ସାରିଥିଲା ।
ତେବେ ପାଦ ହିଁ କାହିଁକି ?
କେତେଦିନ ଆଉ ପାଳିଥାନ୍ତା ବ୍ରତ
କେତେ ଦିନ ଆଉ ପାଣି ଢ଼ାଳିଥାନ୍ତା ପଦାରବିନ୍ଦେ ?
ପରଶଟେ ଯଥେଷ୍ଟ ଯେଉଁଠି
ସେଠି ପଦରଜର କି ପ୍ରୟୋଜନ ?

- o -

ବରପାଲି ବିଦ୍ୟାଳୟ, ବରପାଲି

ମୁକ୍ତି ପଥ

ମୃଣ୍ମୟୀ ବେହେରା

ନବଧାଭକ୍ତିର ରସେ ରସି ମନ
ଭକ୍ତିରସ କରେ ପାନ
ନିତ୍ୟ ରାହାସର ଗନ୍ତବ୍ୟ ସ୍ଥଳ ଯେ
ହୃଦ ହିଁ ପ୍ରଭୁ ଆସ୍ଥାନ ।।
ଭାବ ବହ୍ନି ଜାଳି ହୃଦୟ ପ୍ରଦେଶେ
ମୁଖେ ଗାଇ ହରିନାମ,
ବାହ୍ୟ ଆକର୍ଷଣେ ଚକ୍ଷୁ ଫେଡି ଦେଖ
ଅନ୍ତରେ ଶ୍ରୀ ଘନଶ୍ୟାମ ।।
ଜୀବନର ଅନ୍ତେ ଅନନ୍ତର କୃପା
କୃପା କଟାକ୍ଷ ହିଁ ସାହା,
ଏ ଭବ ସାଗରେ ଭାବରେ ଅଭାବେ
ସାଥି ହୁଏ ଦୁଃଖ ଛାୟା ।।
ନାମୀ ଠାରୁ ବଡ ନାମର ମହିମା
ଜନ୍ମ ମୃତ୍ୟୁ ଚକ୍ରୁ ମୁକ୍ତ,
ଚକ୍ରଧର ପଦେ ସମର୍ପି ସର୍ବସ୍ୱ
ହୁଅ ହରି ପ୍ରେମାସକ୍ତ ।।
ମୁକ୍ତି ରଥେ ବସି ମୁକ୍ତ ପକ୍ଷୀ ସମ
ଯାତ୍ରା କରି ମୁକ୍ତି ପଥେ,
ମୁକ୍ତ ହେବ ସବୁ ମିଥ୍ୟା ମୋହମାୟା
ଲୀନହେବୁ ବ୍ରହ୍ମ ସାଥେ ।।
ଆଦର୍ଶ ଜୀବନ ପ୍ରଭୁ ଚରଣରେ
ଲାଗିବ ଯଦି ଏ ମନ
ନିରନ୍ତର ଚାଖି ଶ୍ରୀ ନାମର ରସ
କର ଜଗତ କଲ୍ୟାଣ ।।

- ୦ -

ଝାରପଡା, ଭୁବନେଶ୍ୱର

ଭୂମି

ପ୍ରଭାକର ଶତପଥୀ

ଯୁଦ୍ଧ ଅନିବାର୍ଯ୍ୟ,
ମୁହାଁ ମୁହିଁ ଆମେ ଦୁଇଜଣ
ଆରମ୍ଭରୁ ଡର,
ନିଶାକାଳ,
ଓଠର ଚଟାଣରେ
ଖଣ୍ଡାଧାରର ଚୁମ୍ବନ କୌଶଳ,
ଡରୁଥିଲୁ ଆମେ
ନା ଆମକୁ ନେଇ
ଲହୁଲୁହାଣ ହେଉଥିଲା ରାତି ?
ଅସ୍ତ୍ରଧରିବା ଜଣାନଥିଲା ଆମକୁ
ଫୁଲଝରି ଛୁଇଁଦେଲେ
ଛନକୁଥିଲା ଛାତି,
ଅଥଚ କମାଣ ଫୁଟିଲା ସାରାରାତି,
ଘମାଘୋଟ ଲଢ଼େଇରେ
ଦୁଲୁକିଲା ମାଟି,
ସଜ ବିଛଣା ବସିହେଲା
କୁଆ କା କା କଲା ।
କୁଆର କା କା
ଆଉଁସିଦେଲା
ଅଲରା ଶେଜକୁ ଯେ,
ଯୋଡାଏ ଶବ
ଜିଇଉଠିଲେ ଭୂଇଁରେ
କୁଆଁତାରା କହିଲା
ଥାଉ,
ଆଜି ଏତିକି ଥାଉ,
ଏତ ଖେଳ ନୁହେଁ ଯୁଦ୍ଧ,
ଏ ଯୁଦ୍ଧ ସମ୍ଭବ
ଯଦି ପ୍ରସ୍ତୁତ ଅଛି
ଭୂମି ।

- ୦ -

ବନମାଳୀପୁର, ଧର୍ମଶାଳା, ଯାଜପୁର
ମୋ: ୯୪୩୮୭୯୦୦୯୫

ଭାଗ୍ୟ

ନାରାୟଣ ସାହୁ

ଗୋଟିଏ ଅଳ୍ପାବଦ୍ଧ କୋଠରୀର
କାନ୍ଥରୁ ଝଡି ପଡୁଥିବା ସିମେଣ୍ଟ ପେଣ୍ଟର ଖୋଳପାକୁ ଦେଖି
ପଶ୍ଚିମ ଆକାଶର ପାହାଡ ତଳେ ଲୁଚି ଆସୁଥିବା
ଦୁଇଟି ବୟସ ନିଜକୁ ଧିକ୍କାର କରନ୍ତି...
ସ୍ୱାମୀ ଘର ଖାନଦାନ
କିନ୍ତୁ
ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ପ୍ରେମସ୍ୱୀକାରୋକ୍ତିରେ ହୋଇଥିଲା
ବିବାହ ।
ବିବାହରେ ଅରାଜି ଥିଲେ
ସ୍ୱାମୀଟିର ବାପା, ଭାଇ, ବନ୍ଧୁ ସହୋଦର
ନିଜର ରାଜକୀୟ ଷ୍ଟେଟସ ଦ୍ୱାହିରେ ।
ସ୍ତ୍ରୀ'ଟିର ସାହି ସାରା କମ୍ପୁଥିଲା
"ଏଡେ ଅଲକ୍ଷଣ ଝିଅଟାଲୋ
ଜନ୍ମରୁ ଖାଇଲା ବୋଉକୁ ତାହାର
ଏବେ ପର ଘରେ କାହା ମୁଣ୍ଡ ନବ
କି ପାଇଁ ସେ ବାହା ହଉଚି ଲୋ ।"
ଅଗ୍ନିକୁ ସାକ୍ଷୀ ରଖି ହାତରେ ହାତ ଛନ୍ଦି
ବିବାହ ହେଲେ ଦୁହେଁ,
ଉଭୟ
ଆକାଶରୁ ଫର୍ଦ୍ଦେ ଚିରି ଆଣି ତା'ର
ସାଦା ପୃଷ୍ଠାରେ ଲେଖିଲେ ଭାଗ୍ୟ ବୋଲି କିଛି ନାହିଁ
ମାଟିରୁ କିଛି ଶବ୍ଦ ସାଉଁଟି ଲେଖି ଚାଲିଲେ
ଗୋପନୀୟ କବିତା,
ଯାହାକୁ ଭୋଗିପାରିବା କାହା ଭାଗ୍ୟରେ ନାହିଁ ।
ଜଳରେ ଜାତକ ଫୋପାଡି ତାଳପତ୍ରରେ ଚିତ୍ରିଲେ ହୃଦୟ,
ପବନରେ ପକ୍ଷୀକୁ ଚିଠି ଲେଖି କହିଲେ
ଯାରେ ଯେତେ ଦୂର ଯା
ପବନ ପକ୍ଷୀର ପକ୍ଷୀ ପବନର ଧୂଳିକୁ ତୁ କହି ଯା..
କିଛି ଦିନ କଟିଗଲା ଏଇମିତି
ଅଧା ଖରା ଅଧା ଛାଇ ହୋଇ ।
ଦୁଇଟି ଝିଅର ସଂସାର
ଗୋଟେ ଝିଅ ଘର ଛାଡି ଅଜାତିରେ ଗଲା
ଆର ଝିଅ ପ୍ରେମ କରି ଆତ୍ମାହୂତି ଦେଲା
ସ୍ୱାମୀ ମିଛ କେସରେ ପଶିଲା
ଘର ବାଡି ନିଲାମ ହେଲା ।
ହାଏରେ ଭାଗ୍ୟ...
ଭାଗ୍ୟ ନାଁରେ ଏ କି କଳଙ୍କ ଲାଗିଲା ।
ସେହି ସ୍ୱାମୀ ବଦଳରେ କହିଲା
"ଏଡେ ଅଲକ୍ଷଣି ତୁହି ଲୋ
ତୋତେ ବାହା ହେଇ ମୋର କି ଲାଭ ହେଲା" ???
ସତରେ,
କାନ୍ଥରୁ ଝଡି ଆସୁଥିବା ସେ ରଙ୍ଗ ଖୋଳପା
କଣ ବେଶୀ ଦୁଃଖ ଦିଏ ?
କାହା
ଆଖିରୁ, ଓଠରୁ ଓ ହୃଦୟରୁ ନିଜକୁ ଲିଭେଇ ଦେବାଠୁଁ ?

- ଠ -

ନୂଆସୁଙ୍ଗୁଡା, ଚଣ୍ଡିଖୋଲ, ଯାଜପୁର
ମୋ: ୭୬୦୮୦୧୪୦୬୪

ଯୁଦ୍ଧ

ଡକ୍ଟର ମନୋରଞ୍ଜନ ବିଷୋୟୀ

ବିରାଟ ଯୁଦ୍ଧର ଆୟୋଜନ
ଏ ଭାରତ ବକ୍ଷେ
ବୋଧେ ହେବ ଏହା
ସେହି ମହାଭାରତର
ଶେଷ ପରିଚ୍ଛେଦ ।
ସଭିଏଁ ଆଗ୍ରହୀ ଏଠି
ସଭିଏଁ ଲଢ଼ନ୍ତି
ଶକୁନିର ଖଳ ଚିନ୍ତାରେ
ସଭିଏଁ ନାଚନ୍ତି ।
କିନ୍ତୁ ଶକୁନିଟା
ଦେଖା ନ ନିଅନ୍ତି ।
ସଭିଏଁ ରୁଣ୍ଡହୋଇ
ବ୍ୟାକୁଳେ ଖୋଜନ୍ତି
ଶକୁନିକୁ, ଅର୍ଜୁନକୁ
ସାମ୍ରାଜ୍ୟକୁ ଭାଙ୍ଗିବାକୁ
ପଣ ରଖିବାକୁ ।
ଅବା ବଂଶର ସେ
ଛୋଟ ଦୀପଟାକୁ
ପ୍ରାଣଭରି ରକ୍ଷା କରିବାକୁ ।

- ୦ -

ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ: ୮୮୯୫୧୪୧୭୨୭

ମାନସରୋବର

ରାଧାରାଣୀ ସରକାର

ଅଭିଯୋଗ
ତା ସମଗ୍ର ଖାତାରେ
ଶବ୍ଦଟିଏ ନାହିଁ
ହିସାବର ଗଣିତ
ନାଁ, ଗୋଟିଏ ପୃଷ୍ଠା ବି ପାଇବ ନାହିଁ
ଅଭିମାନ
ନାହିଁ ବୋଲି କହିବିନି
ହାତ ମୁଠାରେ
ପାଣିକୁ ଧରିବା ଭଳି ତା' ଅଭିମାନ
ତା ଆଖି ଦୁଇ
ଶୀତ ସକାଳର କଅଁଳ ଖରା ଭଳି
ତା ଶବ୍ଦସବୁ
ରସାଳ, ମିଠା ଫଳନ୍ତି ଆମ୍ବତୋଟା ଭଳି
ତା ମୁହଁରେ
ଆଲୁଅ ପ୍ରତି ଆକର୍ଷଣ
ମୋଟେ ଝଡିପୋକ ଭଳି ନୁହେଁ
ବୃକ୍ଷମାନଙ୍କ ଭଳି, ଖୁବ୍ ନିରାପଦ
ତା ଓଠର ଧାରେ ହସ
ମହାଦେବଙ୍କ ଜଟାର ଚନ୍ଦ୍ର ଭଳି
କେବେ ଗ୍ରହଣ ଲାଗେନି
ତା' ପସନ୍ଦର ସୁଖ
ସଠିକ୍ କହି ପାରିବିନି
କିନ୍ତୁ ତା' ଦୁଃଖ
ନିଜ ଭିତରର
ବଳକା ଅନ୍ଧାରକୁ ନେଇ
ସର୍ବମୋଟ
ଖୁବ୍ ବଡ ନହେଲେ ବି
ଶୀତଳ ଓ ପବିତ୍ର ହ୍ରଦଟିଏ
କହିପାର ମାନସରୋବର ।

- ୦ -

ଉମାରକୋଟ
ମୋ: ୯୯୩୭୪୧୮୧୨୨

ଭ୍ରମ

ବିଶ୍ୱକେସନ ଦାଶ

(୧)

ଦେହ ପୁଟା ଖରାରେ ଦେଖିଲି
ପଥରଟା ଇତିହାସ ଲେଖୁଛି ବୋଲି
ସେ ଯୁଗ ଜିତୁଛି ବୋଲି ଆଶ୍ଚର୍ଯ୍ୟ ହେଲି
ଉଁ.....ହୁଁ.... ସେଇଠି ମନେପଡିଲା
ବାପାଙ୍କ ଛାତି ଏବେ ମଧ୍ୟ ଫୁଲୁଛା
ମୁଁ ପିନ୍ଧେ କୁର୍ତ୍ତା ସମ୍ବଲପୁରୀର
ଟାଣେ ଆଧୁନିକତାର ଖଡି
ସେଇ ପଥର ଉପରେ ଚଢ଼ି
ଅକସ୍ମାତ ଭାବେ ସେ ଯୁଗ - ବିଜୟୀର ଗାଥା
ମନରୁ ଗଲା ମୋ ଛାଡି ।।

(୨)

ଚୁଲି କୋଳରେ ନିଃସ୍ୱାର୍ଥପର କାଠ ଖଣ୍ଡେ ଜଳୁଥିଲା
ମୁଁ ଖାଇବି ବୋଲି
ଘରେ ଖାଇବେ ବୋଲି
ଶୁଭୁଥିଲା ତା' ତ୍ୟାଗର ଜତମତ ଶବ୍ଦ
ଅସହ୍ୟ ଭାବି ଆଖି ବନ୍ଦ କରିଦେଲି
ଉଁ...ହୁଁ ସେଇଠୁ ମନେ ପଡିଲା
ମାଆଙ୍କ 'ହାତ' ଏବେ ମଧ୍ୟ ଶୂନ୍ୟ
ତାଙ୍କ ଆଖିରେ କଥା କୁହେ
ଜୀବନବ୍ୟାପୀ କାରୁଣ୍ୟ
ମୁଁ ପୋଛି ଦିଏ ତାଙ୍କ ହାତ ରେଖା ସୁଖ
କେତେ ଯେ ହୀନମନ୍ୟ !
ତାଙ୍କ ପ୍ରଚେଷ୍ଟିତ ନିର୍ବିକାର ହାତ ଗଢ଼ା
ମୋ ଜୀବନର ଅଟ୍ଟାଳିକା ଦେଖି
କାଠ ଖଣ୍ଡର ତ୍ୟାଗ ଲାଗିଲା ଅପୂର୍ଣ୍ଣ ।।

- ୦ -

ଆଳି, କେନ୍ଦ୍ରାପଡା,
ମୋ: ୭୬୮୩୮୭୪୯୯୯

ସବୁ ସମ୍ପର୍କର ଉର୍ଦ୍ଧ୍ୱରେ

ମଧୁସ୍ମିତା ମହାନ୍ତି

ସବୁ ସମ୍ପର୍କର ଉର୍ଦ୍ଧ୍ୱରେ ତୁମକୁ
ଦେଇଛି ସ୍ୱତନ୍ତ୍ର ସ୍ଥାନ
ହୃଦୟ ମନ୍ଦିରେ ପୂଜା ପାଉଅଛ
ପାଉଥିବ ଆଜୀବନ ।୧।
ଆଜୀବନ ତୁମ ପୂଜା କରୁଥିବି
ତୁମେ ଯେ ଦେବତା ମୋର
ଭାବ ଭକ୍ତିରେ ବାନ୍ଧି ମୁଁ ରଖିବି
ପୂଜାରିଣୀ ହୋଇ ତୁମର ।୨।
ଭକ୍ତ ଭଗବାନ୍ ଅତୁଟ ସଂପର୍କ
ନାଁ ତାର ପରା ପ୍ରେମ
ମିଳନ ବିଚ୍ଛେଦ ଲାଗି ରହେ ସିନା
ସମର୍ପଣରେ ହୁଏ ପୂର୍ଣ୍ଣ ।୩।
ନିଜକୁ ସମର୍ପିଦେଇ ତୁମ ପାଦ ପଦ୍ମେ
ହେ ହୃଦୟସ୍ୱର ଭଗବାନ
ତୋଳି ନିଅ ପ୍ରଭୁ କର କମଳରେ
କରୁଣାର ବୃଷ୍ଟି କର ।୪।
ତୁମ କରୁଣାରେ ହସିଉଠୁ ପ୍ରଭୁ
ଏଇ ଧାରା ଉପବନ
ବିଶ୍ୱରେ ଶାନ୍ତି, ମୈତ୍ରୀ ପ୍ରତିଷ୍ଠା ହେଉ
ଧର୍ମର ହେଉ ବିଜୟ ।୫।
କାହିଁକି କରୁଛ ଏତେ ବିଚଳିତ

କୁହ ତୁମ ବିନା କିଏ ନିଜର
ପ୍ରତି ମୁହୂର୍ତ୍ତ ବିଚଳିତ ହୁଏ
ଆଖିରୁ ଝରେ ମୋ ଲୁହ ।୬।
ପାଦ ଧୂଳି ଟିଏ ମୁଁ ତୁମର ପ୍ରଭୁ
ଆପଣାର କରି ନିଅ
ମୋ ସଂସାର ନାବ ଚଳାଇ ନିଅ ହେ
ତୁମ ବିନା ମୁଁ ଅଚଳ ।୭।
ଚର୍ମ ନେତ୍ର ମୋର ପବିତ୍ର ହୋଇଛି
ଦେଖି ତୋର କଳାମୁଖ
ସବୁଜନ୍ମରେ ତୁମ ପରି ବନ୍ଧୁ
ମିଳୁ ଥାଉ ଆଜୀବନ ।୮।

ଜଗତ ଠାକୁର କର ଆପଣାର
ଯୋଡେ ମୋର ଦୁଇ ହାତ
ଜୀବ ଯିବାବେଳେ ତୁଣ୍ଡେ ତୁମ ନାମ
ଆଖି ଦେଖୁ ଦିବ୍ୟ ରୁପ ।୯।
ସଂସାରର ମୋହ ମାୟାରୁ ଦୂରେଇ
ଈଶ୍ୱରାଭିମୁଖୀ କରାଅ
ଜନ୍ମ ମୃତ୍ୟୁର ଚକ୍ରକୁ ଭେଦି
ମୁକ୍ତି ମାର୍ଗ ପଥ ଧରାଅ ।୧୦।

- ୦ -

ପାରାଦ୍ୱୀପ
ମୋ: ୭୭୪୯୦୨୫୧୩୫

ବିଶ୍ୱାସ

ମନୀଷା ବିଶ୍ୱାଳ

କେଉଁ ଏକ ରାତିରେ ହିଁ ଗଢ଼ା ହୁଅନ୍ତି ଈଶ୍ୱର
କେତେ ଆଉ ଖୋଜିବ
କୋଉଠି ବା ଟର୍ଚ୍ଚ ଧରି ବାଡି ବୁଲେଇବା ।।

ମୁକ୍ତି ଖୋଜୁ ଖୋଜୁ ମଧ୍ୟରାତ୍ରି,
ଛାଇମାନଙ୍କ ଗୁମୁରା କାନ୍ଦ
ଜହ୍ନରେ ରକ୍ତର ଛିଟା
ଈଶ୍ୱର ଝୁଣ୍ଟିଲେ ହିଁ ଏମିତି ହୁଏ... ।।

ଟ୍ରେନ ଲାଇନ୍ କଡରେ ପଡିଥିବା
କେଇ ପଟ ରୁଟି, କାହା ଦେହର ମାଂସ
ସବୁ ପଥଭ୍ରଷ୍ଟ ..... ।
ସେମାନେ କଣ ନାସ୍ତିକ,
ନା' ଈଶ୍ୱର କେବଳ ଏକ ପ୍ରହେଳିକା ମାତ୍ର ?
ନିଶ୍ଚିନ୍ତରେ ଶୋଇଥିବା ଲୋକ ଟି ହିଁ
ଠିକ୍ ଜାଣିଛି;
ପ୍ରେମ କେଉଁଠି ସରେ !

ସେ ଜାଣିଛି ମିଛ ଜହ୍ନରାତିର ପ୍ରତିବିମ୍ବ କେଉଁଠି ଦେହ
ହକାଳେ ! !
ଈଶ୍ୱର ଶୂନ୍ୟତା ଭୋଗୁଛନ୍ତି ବୋଲି
ସେ ହିଁ ଦାବି କରେ । ।
ତା ଆଖି ଦିଟା,
ଗଛ କୋରଡରେ ମିଟମିଟକରେ
ସେ ପ୍ରତିଥର ନିଜକୁ ପାଏ
ଅନୁର୍ବର ମୃତ୍ତିକାର ସ୍ତୁପ ଉପରେ,
ଫଡ ଫଡ କରୁଥିବା ଚଢ଼େଇର ଡେଣାରେ,
ମେଞ୍ଚାଏ ଲମ୍ବା ଦୀର୍ଘଶ୍ୱାସ ମଝିରେ ..... !
ସେ ବି ତରଳିଯାଏ
ବରଫର ଆକାର ଟେ ନେଇ;
ଧସେଇ ପଶେ ମାଟିର ଆଁ ଭିତରେ
ତା ଦେହ ଟା ପୋକ ସାଲୁବାଲୁ
ଈଶ୍ୱର କୁଆଡେ ଖୁବ୍ ଜିଦିଆ;
ତାଙ୍କ ଜିଦିରେ ସୃଷ୍ଟି ହେଇଛି ଗ୍ରହନକ୍ଷତ୍ର, ଉଲ୍କାପିଣ୍ଡ। ଓ

ସେ ଲୋକଟାର ବିଶ୍ୱାସ
ହେଲେ ତା ପାଇଁ
ଈଶ୍ୱର ଏବେ ବି ଏକ ପ୍ରଶ୍ନବାଚୀ

ଅସମାହିତ ପ୍ରଶ୍ନ ମାନଙ୍କର
ଯଦିଓ ତା ଈଶ୍ୱର ବି ରାତିରେ ଗଢ଼ା ହୁଅନ୍ତି ।।

- ୦ -

ଖୋର୍ଦ୍ଧା
ମୋ: ୮୬୫୮୦୦୦୭୬୨

ସପନର ଚୌହଦୀ

ନିରଞ୍ଜନ ସାହୁ

ଏଠି ସ୍ୱପ୍ନ କିଣାବିକା ହେଉଥାଏ
ନିତ୍ୟ ନିୟମିତ ଭାବେ ।

ସ୍ୱପ୍ନର ବିପଣୀ ପସରା ମେଲିଲେ
ଗ୍ରାହକ ଚଢ଼ାଉତରା ହୁଅନ୍ତି
ବେପାରୀ ବି ମାଲାମାଲ ହୁଏ ।

ବେପାରୀଙ୍କ ବେପାର କରିବା ବୁଦ୍ଧି
କଥା କହିବାର ଶୈଳୀ
ବୁଝାଇବାର କୌଶଳ
ଢ଼େର ପ୍ରଭାବ ପୂର୍ଣ୍ଣ ମନେ ହୁଏ ।

ବିଚରା ଗ୍ରାହକଟି
ସେ ଐନ୍ଦ୍ରଜାଲିକ ମାୟାରୁ ମୁକୁଳି ପାରେନା
ଚଢ଼ା ଦର ଦେଇ ସ୍ୱପ୍ନ କିଣେ
ସ୍ୱପ୍ନ ଦେଖେ, ସ୍ୱପ୍ନରେ ବଞ୍ଚେ
ସ୍ୱପ୍ନ ବାଣ୍ଟି ଚାଲେ ଅହରହ ।

ସ୍ୱପ୍ନ ବେପାରୀ ଲାଭ ମାରିନିଏ
ଅଥଚ କ୍ରେତା ମଣିଷଟି
ଲାଭକ୍ଷତିର ଅଙ୍କ କଷୁଥାଏ
କଷଟି ପଥରରେ ଅସଲି ନକଲି
ପରଖୁଥାଏ ବାରମ୍ବାର

ପାଇବାର ଆଶା ଥିଲେ ଖୁସି ହୁଏ
ହରାଇବାର ଆଶଙ୍କା ଆସିଲେ
ମନ ଦୁଃଖରେ ଭାଙ୍ଗିଯାଏ
ନେଡି ଗୁଡ କହୁଣୀକୁ ବହିଗଲା ପରେ
ଆଉ କିଛି ଚାରା ନଥାଏ ।
ଏବେ ଦୁନିଆର ପ୍ରତ୍ୟେକ କ୍ଷେତ୍ରରେ
ଅନବରତ ଚାଲିଥାଏ
ଏହି ସ୍ୱପ୍ନର ବେପାର
ସମସ୍ତେ ସ୍ୱପ୍ନରେ ବିଭୋର ହୁଅନ୍ତି
ଦିବା ସ୍ୱପ୍ନରେ ହଜି ଯାଆନ୍ତି
ଅଳସ ନିଦର ସ୍ୱପ୍ନରେ
ପରିକଳ୍ପନା କରନ୍ତି
ସ୍ୱପ୍ନ ବେପାରୀର କଥାରେ
ଭାସିଭାସି ରଙ୍ଗୀନ ସ୍ୱପ୍ନ ଦେଖୁଥାନ୍ତି ।

ଶିକ୍ଷା, ରାଜନୀତି, ବ୍ୟବସାୟ ବାଣିଜ୍ୟ
ମନୋରଞ୍ଜନଧର୍ମୀ ଯାତ୍ରା, ସିନେମା
ସଙ୍ଗୀତ, ନୃତ୍ୟର ଦୁନିଆ
ଜମି କିଣାବିକା, ହୋଟେଲ ବ୍ୟବସାୟ
ଶିଳ୍ପ, ନିଯୁକ୍ତି, ସ୍ୱାସ୍ଥ୍ୟସେବା, କ୍ରୀଡା
ଗମନାଗମନ, ସାହିତ୍ୟ, ସଂସ୍କୃତି
ବୈଦେଶିକ ବାଣିଜ୍ୟ, ବୀମା
ଇତ୍ୟାଦି ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ

ଏବେ ସ୍ୱପ୍ନ କିଣାବିକା ଚାଲେ ।

ଏଠି କିଏ ଜିତେ କିଏ ହାରେ
ହିସାବକିତାବ ଅହରହ ଚାଲୁଥାଏ
କଷା ଯାଉଥାଏ ଅଙ୍କ
ଅନ୍ୟକୁ ସ୍ୱପ୍ନ ଦେଖାର ଦେଖାଇ
ଅନ୍ୟର ସ୍ୱପ୍ନକୁ ଲୁଟି ନେବାକୁ
ଉପକ୍ରମ ଚାଲୁଥାଏ ଅହରହ ।
ଶେଷରେ ସ୍ୱପ୍ନ ପାଗଳ ମଣିଷ
ନିଜକୁ ସାନ୍ତ୍ୱନା ଦେବାକୁ
ଖୋଜୁଥାଏ ବାଟ
ଲୋଡୁଥାଏ ମଦ୍ୟପାନର ସାହଶ୍ୟର୍ଯ୍ୟ
ଆଉ ନିଜକୁ ସମ୍ଭାଳି ନ ପାରିଲେ
ଭାରାକ୍ରାନ୍ତ ମସ୍ତିଷ୍କରେ ନିଏ
ଜୀବନର ଶେଷ ନିଷ୍ପତ୍ତି
ତାହା ହିଁ କେବଳ ଆତ୍ମହତ୍ୟା ।

-- ୦--

ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ: ୯୯୩୮୭୪୧୫୮୩

ମା ମୋ ସାହା !

ମାମାଲି ବାରିକ୍

ବ୍ୟାକୁଳ ହୃଦୟେ ଯୋଡି ମୋ କର
ନୁଆଁଇଲି ତୋ ଚରଣେ ଶିର
ଅଶ୍ରୁରେ ଭିଜାଇ ନୟନ ମୋର
କାନ୍ଦୁଛି ଆଜି ମା ସନ୍ତାନ ତୋର
କେତେ ମୋ ପରୀକ୍ଷା ଆଉ ତୁ ନେବୁ
ଦୁଃଖ ନେଇ କେବେ ସୁଖ କୁ ଦେବୁ
କଣ୍ଟକିତ ଏହି ପଥକୁ ମୋର
ଫୁଲ କରି ମତେ କରିଦେ ପାର
ମା ମା ବୋଲି କେତେ ମୁଁ ଡାକୁଛି
କାହିଁକି ହୋଉନୁ ସାହା
ଭକତ ତୋହର ଝୁରୁଛି ତୋ କୋଳ
କାହିଁକି କରୁନୁ ଆହା !
ନିରୀହ ସରଳ ମନକୁ ମୋର
ଦୁନିଆ କରିଛି ଆଜି କଠୋର
କହ ମା ମୁଁ କେମିତି ସହିବି
ଏହି ଅନ୍ୟାୟର ଘେର
ଅସହାୟ ଏହି ସନ୍ତାନ ତୋର
ପାରୁନାହିଁ କରି ବିପଦ ପାର
ଧରିପକା ଏହି ହାତକୁ ମୋର
ଆଶିଷେ ଭରିଦେ ଶିରକୁ ମୋର ।
ଜାଣିଛି ଜିତିବି ତୁ ଥିଲେ ମୋ ସାଥେ
ପାରିବେନି କେହି ହରାଇ ମତେ !
ପାରିବେନି କେହି ହରାଇ ମତେ !

- ୦ -

ସଦସ୍ୟା ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ
ତଥା ଜେନାପୁର ଡିଗ୍ରୀ କଲେଜ ଛାତ୍ରୀ
ଇତିହାସ, କଳା ବିଭାଗ

ହେ ବିବେକୀ ମଣିଷ

ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ଲୋଡା ନାହିଁ ହିଂସା, ଦ୍ୱେଷ,
ଯୁଦ୍ଧ ଆଉ ସନ୍ତ୍ରାସ
ଲୋଡା ଖାଲି ସ୍ନେହ, ପ୍ରେମ
ଶ୍ରଦ୍ଧା, ଶାନ୍ତି, ବିଶ୍ୱାସ
ତମେ ଦେଇକି ପାରିବ କୁହ
ହେ ବିବେକୀ ମଣିଷ ?
ପ୍ରତୀକ୍ଷଣେ ଶୁଭେ ଯୁଦ୍ଧର ଭେରୀ
ଶୁଣବାରେ କାନ ଡେରି
ମାନବତ ଆଜି ଦାନବ ସାଜିଛି
ହିଂସା ପଥ ଅନୁସରି...
ତାକୁ ତୁମେ କର ମାନବ ଦେବତା
ଦେଇ ସ୍ୱର୍ଗୟୀ ପରଶ ।୧।
ସମ୍ପ୍ରଦାୟ ସବୁ କରୁଛନ୍ତି କଳି
ନିଜ ନିଜ ସ୍ୱାର୍ଥ ପାଇଁ
ଧରମ ଏକ ଅଟଇ ଅଭିନ୍ନ
ଏ ମଣିଷ ମାନେ ନାହିଁ -
ହରିନିଅ ତୁମେ ମଣିଷ ମନରୁ
ଏହି ଅଜ୍ଞତାର ବିଷ ।୨।
ବିଶ୍ୱ ଭାତୃତ୍ୱ କି ହେବ ପ୍ରତିଷ୍ଠିତ
ପବିତ୍ର ଶପଥ ବିନା
ପବିତ୍ର ଶପଥ କରଇ ଜାଗ୍ରତ
ବିଶ୍ୱପିତା ନିରାଜନା,
ବିଶ୍ୱବାସୀଙ୍କର ପାଶେ ପହଞ୍ଚାଅ
ଏହି ଧରମ ସନ୍ଦେଶ ।୩।

- ୦ -

କଣ୍ଢାବଣିଆ, ଛତ୍ରପଡା, ଯାଜପୁର
ମୋ: ୮୫୯୪୮୮୫୮୯୮

ସାର୍ ! ଆଜି ପାଇଁ କ୍ଷମା କର

ଚିତ୍ତରଞ୍ଜନ ନାୟକ

ଭୂମିଷ୍ଠ ପ୍ରଣାମ ସାର୍ !
କେମିତି ଅଛନ୍ତି ?
ଆମେ ଜାଣୁ, ସାଇକେଲ୍ ସିଟ୍‌ରେ
ବସିପାରୁନଥିବେ ଆଗପରି
ହୁଏତ ଆଗପରି ଖାଉନଥିବେ
ପାନରେ ଧୂଳି ଗୁଣ୍ଡି, ଡବଲ ମିଠା ଓ ଲବଙ୍ଗ
ହୁଏତ ଆଗପରି ଆଙ୍କି ପାରୁନଥିବେ ଝାଳରେ
ମେଘ, ଆକାଶ ଓ ଇନ୍ଦ୍ରଧନୁ
ଆଗପରି ପଢ଼ିପାରୁନଥିବେ ସ୍ୱପ୍ନର ତରଙ୍ଗ ।

ଆମେ ତ ଭାଗ୍ୟବାନ ପିଲା
ଭୋକକୁ ଅସ୍ତ୍ର କରି
ଜିତିଯାଉଛୁ ଦୁର୍ଭାଗ୍ୟର ଗଡ଼
ଝଡକୁ ସିଡି କରି
ଚଢ଼ିପାରୁଛୁ ଭାଗ୍ୟର ପାହାଡ଼ ।

ସାର୍ ! ଆମେ ସବୁ ତାଲିମପ୍ରାପ୍ତ ପାରା
ସବୁଦିନ ଖୁଣ୍ଟି ଖାଉଛୁ ବ୍ୟସ୍ତତାର ଦାନା
କିଛି ପରାକ୍ରମୀ ମିଛର ସୁରକ୍ଷା ବଳୟରେ
ସବୁଦିନ ଘଷିମାଜି ଚିକ୍କଣ କରୁଛୁ
ବୟସ୍କ ହେଇଚାଲିଥିବା ସତର ବାହାନା
କିଛି ଅନୁପ୍ରବେଶକାରୀ ପ୍ରେମର ଦେହରେ

କଳାଜାଇ ପରି ଦିଶୁଛି ଆମ ପୁରୁଣା ପ୍ରାର୍ଥନା ।
ଅଙ୍କ ଖାତାରେ ମଣିଷ ମୁଣ୍ଡ ଆଙ୍କି
ଅମରି ପାହାର ଖାଇଥିବା ପିଲା ଆମେ
ସବୁ ଝିଅଙ୍କ ନାମରେ ଗୀତ ଫାନ୍ଦି
ଘଣ୍ଟା ଘଣ୍ଟା ଆଣ୍ଠେଇଥିବା ଅକାଳ କୁଷ୍ମାଣ୍ଡ ଆମେ
ଆମେ କୋଉଠୁ ଜାଣିବୁ ଲୁହର ଉପପାଦ୍ୟ
ଆମେ କୋଉଠୁ ବୁଝିବୁ କୋହର ପରିକ୍ରମଣ
ଆମେ କୋଉଠୁ ଲେଖିବୁ ପ୍ରତିବାଦର ସରଳାର୍ଥ
ଆମେ କୋଉଠୁ ଘୋଷିବୁ ବର୍ଷକ ବାରମାସ ଗୀତ ।
ସାର୍ ! ଆଜି ଆମେ ଗୋଟେ ଗୋଟେ କାରଖାନା
ଆଜି ବି ଖୋଜୁଛୁ ମୁକ୍ତିର ଅଣୁ ପରମାଣୁ
ଆମ ରକ୍ତକୁ ଛାରପୋକ ପରି ଶୋଷୁଛି
ଅଗଣିତ ଜିନ୍ଦାବଦର ଦୁର୍ଦ୍ଦଷ ଭୂତାଣୁ ।
ସତ କଥା ହେଲା

ଯୋଉ ଯୋଉ ଜାଗାରେ ବାଜିଛି ଆପଣଙ୍କ ଛାଟ
ସେଇତକ ଆଲୁଅ
ଆଉ ବାକିତକ ଅନ୍ଧାର
ଆଉ ବାକିତକ ଅଙ୍ଗାର ।
ସାର୍ ! ଆଜି ପାଇଁ କ୍ଷମା କର
ଆମେ ଯୋଗାଡ଼ କରୁ ଧୂପ, ଦୀପ, ଫୁଲ
ଲୁଚେଇଦେଇଆସୁ ଆମ ଅଭିଶାପ
ନିରବ କରିଦେଉ ଆମ ଅହଙ୍କାର
ପୁଣିଥରେ ସମବେତ କଣ୍ଠରେ ଉଚ୍ଚାରଣ କରୁ
ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁଦେବ ମହେଶ୍ୱର ।

- ୦ -

ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଘଟଗାଁ ବ୍ଲକ୍, କେନ୍ଦୁଝର
ମୋ: ୯୯୩୭୫୬୫୪୯୨

ରକ୍ତକଇଁ

ରୂପେଶ ସାହୁ

ନିଜକୁ ଏକାଏକା
କେତେ ଆଉ ଜାଳିବ ପ୍ରିୟତମା,
ସମୟର ଦ୍ୱାହି ଦେଇ
ଭାବନାର ନଈ କୂଳେ ବୁଡ ଦେଉଥିବା
ତୁମେ କହୁଛ ଆଖିରେ ତୁମର
ମେଞ୍ଚେ ଶୋଷ,
ଅଥଚ ମୁଁ ଦେଖୁଛି ସମୁଦ୍ର !
କୋହର ଲୁଣିପାଣି ସବୁ
ଢ଼ଉ ହେଇ ଫେରିଯାଉଛନ୍ତି
ଅନନ୍ତ ଅନ୍ଧାରକୁ ।
ଓଠରେ ତୁମକୁ ଶୁଖି ମରୁଥିବା ନଈ ।
ହେଲେ କାହିଁ ମୋତେ ତ
ଜମା ଦିଶୁନାହିଁ ?
ବରଂ ଫୁଟିଛି ସେଠି ସତ୍ୟତମ
ବର୍ଣ୍ଣବିଭା ଗୋଟେ ରକ୍ତ କଇଁ ।
ଅବଶୋଷ ସବୁକୁ ଅବଶେଷ କରି
ଫିଙ୍ଗିଦିଅ ଝରକା ସେ ପାଖେ
ବହିବାକୁ ଦିଅ ଦଲକାଏ ପବନ

ଉତୁରିଯାଉ ସବୁତକ ବେଦନା
ଖୁବ୍ ଏକାନ୍ତରେ,
ଆଉ ଜମା ପଛକୁ ଫେରନା
ନିଜ ଭିତରେ ନିଜକୁ ମାରନା,
ବରଂ ଖୋଜ, ସାରା ଜଗତ ଏବେ
ଉବୁଟୁବୁ ପ୍ରେମରେ,
ଏଇ ଦେଖନା,
ମୁଁ ବି ଏବେ ବନ୍ଦୀ ତୁମ କାରାଗୃହରେ
ଠିକ୍ ସେତିକିବେଳୁ
ଯେତେବେଳେ ତୁମେ ଚାଲିଗଲ
ଆଇନାରେ ମୁହଁ ଚାହିଁ,
ନାଲି ଓଠେ ହସ ଫୁଟେଇ
ଆଖିରେ କଜଳର ସୀମା ଆଙ୍କିଦେଇ ।

- ୦ -

ପଦ୍ମପୁର, ରାୟଗଡ
ମୋ: ୯୩୩୭୨୨୩୫୪୭

ଅର୍ନ୍ତଦାହ

ସବ୍ୟସାଚୀ ବିଷୋୟୀ

ନିଅ ଫିଙ୍ଗି ଦେଲି ଏ ଦେହକୁ
ଯେଉଁ ଦେହ
କଣ୍ଟା ହୋଇ ଫୁଟୁଥିଲା
ତୁମ ଆଉ ମୋ ମଝିରେ
ବାରମ୍ବାର ବାଧା ଦେଉଥିଲା
ଏକାକାରର ମହାର୍ଘ୍ୟ ମୁହୂର୍ତ୍ତକୁ
ସମାଧିସ୍ଥ କରୁଥିଲା
ମୋ ହୃଦୟରେ ଗଜରୁଥିବା ପ୍ରେମବୀଜକୁ
ମୁଁ ଦୋମୁହାଁ ପ୍ରେମିକ ନୁହେଁ
ବଞ୍ଚି ପାରିବିକି
ଦେହକୁ ଦହନ କରି
ଆଉ ମନ ମୌନ କରି
ହଁ ତୁମେ ନଚାହିଁ ପାର
ଲୋଡି ନପାର
ଲୋଭ ନଥାଇ ପାରେ ତୁମର
ମୋ ପ୍ରେମ ଉପରେ
ତୁମ ଶରୀର ପାଇଁ ସେ
ଅଲୋଡା ହୋଇପାରେ

କିନ୍ତୁ ତୁମ ଛାତିର ପ୍ରତିଟି ସ୍ପନ୍ଦନରେ
ବିନ୍ଧି ପାରେ ମୋହିନୀମନ୍ତ୍ର
ମୋତେ ଛୁଇଁଥିବା ପବନରେ ମଧ୍ୟ
ଶୁଣିପାର ତୁମ ନାମ, ତୁମ ଦେହ ଗନ୍ଧ
ଦୀକ୍ଷିତ ସେ ତୁମ ପ୍ରେମ ଦୀକ୍ଷାରେ
ହଁ ମୁଁ ଏବେ
ତୁମ ବିରହରେ ଅର୍ନ୍ତଦାହରେ
ଜାଳୁଛି ଆପାଦମସ୍ତକ ମୋର..
ଅଥଚ ଦଗ୍ଧ ହେଉଥିବା
ପାଉଁଶରେ ମଧ୍ୟ ଚହଟୁଛି
ପ୍ରେମ ପାରିଜାତ ବାସ୍ନା
ବିମୁଗ୍ଧ ମାଟିରେ ଗଢୁଛି ତୁମ ମୂର୍ତ୍ତି
କରିବାକୁ ନିଜର ....
ଆସ ଜୀବନ୍ୟାସ ଦେଇଯାଅ
ତୁମ ହାତର ସ୍ପର୍ଶ ଦେଇ.....

- o -

କଣ୍ଟାମାଳ (ନବରଙ୍ଗପୁର)
ମୋ: ୯୩୪୮୩୩୮୬୭୬

ଉଷା ଆଗମନ

ଶୁଭାଶିଷ ଧୀର

ମଙ୍ଗଳ ମୂହୁର୍ତ୍ତେ ଉଷାର ପ୍ରବେଶ,
ଆସଇ ମଙ୍ଗଳେ କରି ନିଶି ଶେଷ ।
ଶୁଭିଲା ଓଁକାର ଭେଦିତା ଗଗନ,
ଦୂରାନ୍ତରୁ ଶୁଭେ ବେଦ ଘନ ଘନ ॥
ନୀହାର ପଲ୍ଲବ ପୁଷ୍ପେ ପଡିଅଛି,
ରାଜୀବ ନନ୍ଦିନୀ ଶୋଭା ବଢ଼ାଉଛି ॥
ବିକଚ କୁସୁମ କି ସୁନ୍ଦର ଦିଶେ,
ବୁଲନ୍ତି ଭ୍ରମରେ ଭ୍ରମିଣ ବିର ସେ ॥

ତାପସ ସାଧକ ବେଦ ଧ୍ୱନି ଶୁବେ,
ପୁରିଛି ଗଗନ ବିହଙ୍ଗମ ରବେ ॥
ଶିଶୁ ନିଦ୍ରା ତ୍ୟାଗେ ସ୍ତନ୍ୟ ପାନ ପାଇଁ,
ଅପତ୍ୟ ସୁଖକୁ ମାଆ ଜାଣିଥାଇ ।
ଆସନ୍ତି ତପନ ପାଟ ପରିଧାନେ,
ଲୁଚନ୍ତି ଉଲୁକ କାନନ ଗହନେ ॥
ଶୀତଳ ସମୀର ଶୀହରଣ ଦେଇ,
ରଟନ୍ତି କକ୍କୁଟ ଗଗନ କମ୍ପାଇ ॥

ପରଭାତ ତାରା ଦୀପ ସମ ଜଳି,
ପୂର୍ଣ୍ଣବ ସୁନିରେ ଉଠଇ ଚହଲି ।
ବାଗେଶ୍ୱରୀ ବୀଣା ଝଙ୍କାର ବଜାଇ,
ଉଷାର ପ୍ରବେଶେ ବସୁଧା ନାଚଇ ॥

ମଙ୍ଗଳ ଉଷା ମଙ୍ଗଳ ପ୍ରବେଶ,
ଶୁଭାଶିଷ ବୋଲେ ଥାଉ ଏ ଆଶିଷ ॥

- ୦ -

ବଳରାମପୁର ଗଡ, ଯାଜପୁର

ଅନାବୃତ

ସୁବ୍ରତ କୁମାର ସେନାପତି

ଅରେ ଭଲପାଇସାରିବା ପରେ
ଆଉ ଅନାବୃତ କରିବାର
ମାନେ ବା କଣ ?
ତୁମେ ଅନାବୃତ କରିବ ମୋତେ
ଆଉ ମୁଁ ତୁମକୁ
କଣ ବା ମିଳିବ ଆମକୁ ସେଇଠୁ ?
ଏକ କଳାରଙ୍ଗର ଅଲିଭା ଆସ୍ତରଣଟିଏ ।
ଯାହା ଢାଙ୍କିଦେବ
ଆମ ଭଲ ପାଇବାର ଆକାଶର
ଚିତ୍ରିତ ଇନ୍ଦ୍ରଧନୁ
ବିଞ୍ଚି ହୋଇ ପଡୁଥିବା ଜହ୍ନ ଆଲୁଅକୁ
ଚୋରାଇ ଭରିଦେବ ପୁଳାପୁଳା ଅନ୍ଧାର ।
ଭଲପାଇବା ବେଳେ ତୁମେ ଓ ମୁଁ
ଯେଉଁ ସବୁଜ ବନସ୍ତରେ ଆଖି ବୁଜି
ପଶିବା ପରେ ବି
ଦେଖିପାରୁଥିଲୁ ଶତ ଶତ କୋରକର
ପ୍ରସ୍‌ଫୁଟନ ବେଳର ହସ
ଦଳ ଦଳ ପକ୍ଷୀଙ୍କ ରାସପର୍ବ
ଆଖିରେ ଆଖିରେ ସମ୍ମୋହନ
ତାହା କି ଆଉ ଦେଖିହେବ

ଉନ୍ମିଳିତ ଚକ୍ଷୁ ଯୁଗଳରେ
ଏ ଅନାବୃତ ବେଳାରେ ?
ଆତ୍ମୀୟତା, ନିବିଡତା, ଅଂତରଙ୍ଗତା
ସବୁକିଛିକୁ ସନ୍ଦେହର ଦ୍ରବଣରେ ଧୋଇଦେଇ
ପରସ୍ପର ଭିତରେ ଚିକ୍କଣତା ଖୋଜିବାର ଅଭିଳାଷରେ
ଅନାବୃତ କ୍ରିୟାକୁ ଆବୋରି ବସିବା ବେଳେ
ଆମେ ତ ଖୋଜିବା ଖାଲି
ଶ୍ୱାନ ଶ୍ୱାପଦଙ୍କ ପଦଚିହ୍ନ
ରକ୍ତ ଶୈବଳିନୀର ଦ୍ରୁତ ପ୍ରବାହ
କାନ ଡେରିଥିବା
ପ୍ରତାରିତ ମୃଗୁଣୀ, ତୃଷାର୍ତ୍ତ କାକର ବିଷୋଦଗୀରଣ
ଏସବୁ ଭିତରେ ବିବର୍ଣ୍ଣ ହୋଇସାରିଥିବ ଆମ ଆକାଶ
ଝରିପଡିଥିବ ସବୁତକ କଡ଼
ନିରବି ସାରିଥିବେ ପକ୍ଷୀଦଳ
ଆଉ ମ୍ଳାନ ଶ୍ରୀହୀନ ହୋଇସାରିଥିବ ସେ ବନସ୍ତ ।

- ୦ -

ଖାରବେଳ ହଷ୍ଟେଲ, ଓୟୁଏଟି, ଭୁବନେଶ୍ୱର - ୭୫୧୦୦୩
ମୋ: ୭୯୭୮୧୬୮୧୯୩

ବିସ୍ମୟାନୁଭବ

ସୁଧାଂଶୁ ଶେଖର ଦଣ୍ଡପାଟ

ସବୁଜ - ପାଟ ପିନ୍ଧା;
ପୁଷ୍ପ - ଉଦ୍ୟାନ, ତନ୍ମଧ୍ୟରେ
ଗୋଟିଏ ସୁନ୍ଦର ଉନ୍ମାଦନା ।
ସତେ ଯେମିତି ଇନ୍ଦ୍ରଧନୁର ନୀଳ ରଙ୍ଗ
ବୋଳି ହୋଇଛି ତୁମ ଦେହ ସାରା ।

ବଢ଼ାଇଦେଲି ହାତ ତୁମକୁ;
ଭୁଲି ମୋ ନିଜ ଇଚ୍ଛା - ରାସ୍ତାକୁ ।
ଦେଖୁଥିଲି ତୁମ ନୀଳ ଆଖିରେ
ଭରି ରହିଥିବା ସିକ୍ତ ପ୍ରେମକୁ ।
ଭୋଗୁଥିଲି ନିତ୍ୟ ବିଲୁପ୍ତ ଆଖିରେ;
ଅସରନ୍ତି ପ୍ରତ୍ୟୟ ଚ୍ରିତ ଚେତନାକୁ ।

ଖୁବ୍ ଜାଣୁଥିଲି ସମର୍ପଣ ହେତୁ;
ମନ ତଳେ ହଜିଥିବା ପ୍ରେମକୁ ।
ଦେଖୁଥିଲି ହସ୍ତେ ଆଙ୍କିଥିବା ଯେଉଁ;
ଚିତ୍ର ଚରିତ୍ର ସେ ମେହେନ୍ଦିକୁ
ପୁଣି ଦେଖୁଥିଲି ଲାଜ ମିଶା ହସ;
ଫୁଲପରି ଥରୁଥିବା ଦେହକୁ ॥
ଝାମ୍ପା ଅନ୍ଧାରକୁ ଛଳ ଛଳ ଆଖି,
କହୁଥିଲେ ଦୁହେଁ; ଅନୁରାଗ ବାକି,
ଆଲିଙ୍ଗନ ଛାତିପରେ ପ୍ରୀତିଭରା ଢ଼ଉ;
ଆକର୍ଷିତ ଗଭୀରତା ତୁମ ପରି ହେଉ ॥

- ଠ -

କେନ୍ଦ୍ରାପଡା, ବଲୁରିଆ, ମୋ: ୯୧୭୮୩୬୦୫୭

କଷ୍ଟ ମାନସାଙ୍କ

ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ

ସେ ଛାଟିଦେଲେ ମଞ୍ଜି, ଅଙ୍କୁରେ ପଟାଳିଏ ଶାଗ
ସେ ଫିଙ୍ଗିଦେଲେ ଟାକୁଆ, ତିନି ପିଢ଼ି ଖାଉଥାନ୍ତି ଆମ୍ବ
ସେ ଛୁଇଁଦେଲେ ଫୁଟିଯାଏ ଟଗର ମନ୍ଦାର
ତା' ଆଖିକୁ ଚାହିଁଲେ ଦିଶେ ଗୋଟେ ଅତଳ ସାଗର
ରନ୍ଧାବଢ଼ା ଯାବତୀୟ ବୋଉର କପାଳ
ଗୋବରପାଣି ଛିଞ୍ଚି ସେ ଆରମ୍ଭେ ସକାଳ ।

ବୋଉ ପଢ଼ିପକାଏ ମୋ ହସ ପଛ ଲୁହ
ସେ ଘୋଷୁଥାଏ ମୋ ଛାତି ତଳ କୋହ
ବୋଉକୁ ଚିହ୍ନନ୍ତି ସବୁ ଦେବାଦେବୀ
ସେ କିନ୍ତୁ ଚିହ୍ନୁଥାଏ କେବଳ ପେଟ ଚାଖଣ୍ଡକ
ବସି ବସି ଲେଖୁଥାଏ ମୋ ଜୀବନ ଜାତକ ।

ବୋଉ ଓଷା କରେ, ଖୋସା ବାନ୍ଧେ
ବୋଉ ଚୁଲି ଲିପେ, ଚଉକା ଦିଏ
ବୋଉ ଜାଣି ଜାଣି ହଜିଯାଏ ଘର କୋଣେ
ସଭିଏଁ ଶୋଇଗଲା ପରେ,
ଚେଇଁଥାଏ ଏକା ସେଇ ଜଣେ ।
ଦିନ ଦିପହରେ ଯାଇ ବୋଉର ଶୁଖିଯାଏ ତଣ୍ଟି
ବୋଉ ତରବରେ ଢ଼ୋକିଦିଏ
ତୋରାଣିରେ ଲୁହ କିଛି ଫେଣ୍ଟି ।

ବୋଉ ହାତରେ ଯେତେ ପଟ ଶଙ୍ଖା
ତା'ର ଦଶ ଗୁଣ ବରଗଛ ଓହଳରେ ବନ୍ଧା
ତା' ଜୀବନ ଯାକ ପିନ୍ଧିନି ଯେତେ ଖଣ୍ଡ ଶାଢ଼ୀ
ମାଜଣାରେ ବେଶୀ ପିନ୍ଧେ ଆମ ଗାଁ ଠାକୁରାଣୀ

ବୋଉ ଗୋଟେ କଷ୍ଟ ମାନସାଙ୍କ,
କେବେ ବୁଝି ହୁଏନି ଯା' ହସ ଲୁହର ହିସାବ
ବୋଉକୁ ଚାହିଁଲେ କିଏ ଅବା ନ ଭୁଲେ ଜଞ୍ଜାଳ ?
ପୃଥିବୀ ଆପଣା ଲାଗେ ପାଇଲେ ତା' କୋଳ ।
ବୋଉ ମୋ ହସଖେଳ ବହିର କବିତା

ବୋଉ ଗୋଟେ ଦରପଡ଼ା ଗପ
ବୋଉ ପୁନେଇଁ ରାତିର ଆକାଶ
ବୋଉ ଅଦିନେ ଅସୀମ ସାହସ
ବୋଉ ଆମ ସଂସାରର ନେତ
ବୋଉ ମୋ ଜୀବନର ପାରିଜାତ ।

- ୦ -

ସମାଜଶାସ୍ତ୍ର ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

ପୂଣ୍ୟର ରଙ୍ଗ

ପ୍ରଣୟ ସୁଧା

ମୁଁ କଳଙ୍କରୁ ବାହାରେ
ଆଖିରେ ଅନ୍ଧାର ନେସି
ଜୀବନ୍ୟାସ ଦିଏ ନିଜକୁ ।
ମାଟିର ଦେହକୁ,
ଆଲୋକର ପୋଷାକ ପିନ୍ଧାଇ
ଓଠରେ ହସର ଅତର ଲଗାଏ
ଓ ବୁଲି ବୁଲି ଦୁନିଆଁର ଚିତ୍ରରେ
ପୂଣ୍ୟର ରଙ୍ଗ ଖୋଜେ ।
ଚାଲୁ ଚାଲୁ
ଆକାଶ ଛିଡି ଛିଡି ଯାଏ - ଉପରେ
ରାସ୍ତା ଘୋରି ହୁଏ-ପାଦତଳେ,
ଗଛ ମାନେ ନାଚନ୍ତି
ପାହାଡ଼ କ୍ରମଶଃ ଛୋଟ ହୋଇ
ପାଲଟି ଯାଏ ଗୋଟେ ଛାଇ

ଅଥଚ ମିଳେନା ପୁଣ୍ୟର ରଙ୍ଗ;
ବାଟୋଇର ଧର୍ମ
କି ପକ୍ଷୀର ନକ୍ସା ଆଙ୍କିବା ପାଇଁ ।
ମୁଁ ହସେ ! ଖାଲି ହାତରେ
ଖାଲି ପାଦରେ
ଖୋଲା ଆକାଶ
ଓ ଆବଦ୍ଧ ଅନ୍ଧାରରେ
ତା ପରେ ତୁମେ ଭେଟ ହୁଅ
ଜ୍ୱଳନ୍ତା ଗ୍ରହ, ନକ୍ଷତ୍ରର ଆଭା ମଣ୍ଡଳ ନେଇ
ଓ ମୋତେ ନିରବରେ କୁହ
କଳଙ୍କରୁ ବାହାରିଥିବା ମଣିଷକୁ
ପୁଣ୍ୟର ରଙ୍ଗ ଖୋଜିବା ପାପ
ଦୁନିଆଁର ଚିତ୍ର ଉପରେ ହସିବା ମନା
କାରଣ ଚିତ୍ର ସବୁ ରଙ୍ଗର ଭିଡ଼
ଆଉ ରଙ୍ଗ ସବୁ ଆଲୋକର
ଆଖିଖୋଲା ବାହାନା ।

- ୦ -

ଯାଜପୁର, ମୋ: ୮୩୩୯୮୧୮୪୧୧

ନିଷ୍କାମ ପ୍ରେମ

ଦେବକୀରାଣୀ ସାହୁ

ଜନ୍ମ, ଜୀବନ, ଯୌବନ
ଭଙ୍ଗା ଗଢ଼ାର ସ୍ୱପ୍ନ
କଳ୍ପନା ଓ ବାସ୍ତବର ରୂପରେଖ ନେଇ
ଏ ଦୁନିଆଁ ରଙ୍ଗ ମଞ୍ଚେ
ଅଭିନୀତ ଜୀବନ ନାଟକେ
ଏକ ଏକ ଅଭିନେତା ସର୍ବେ
ସମୟ ହାତରେ ହାତ ମିଶେଇ
କିଏ ଆଗେଇଯାଏ.....
ପାହାଚ ଉପରେ ପାହାଚତ....
କିଏ ଝୁଣ୍ଟି ପଡେ ଅଧା ବାଟରୁ..
କିଏ ସକାମ ପ୍ରେମରେ
ମଜ୍ଜି ରହି
ଭୁଲି ଯାଏ ଭାଇବନ୍ଧୁ କୁଟୁମ୍ବ
ଓ ଜ୍ଞାତି ପରିଜନ....
ରଙ୍ଗିନ ପ୍ରଜାପତିର ଡେଣା ନେଇ
ଉଡିବୁଲେ ଏ ଫୁଲରୁ ସେ ଫୁଲ... ।
ନିଷ୍କାମ ପ୍ରେମ....
କାମନା ବାସନାର ବିନାଶରେ
ଦୁଃଖର ବିନାଶ
ନଥାଏ କିଛି ପାଇବାର ସ୍ୱପ୍ନ
ଆଉ ହରେଇବାର ଅବଶୋଷ
ପ୍ରେମ ସ୍ୱର୍ଗୀୟ, ପ୍ରେମ ଚିରନ୍ତନ
ପ୍ରେମ ଶାଶ୍ୱତ
ପ୍ରେମ ସତ୍ୟ, ମୃତ୍ୟୁ ସତ୍ୟ
ଶରୀର ମିଥ୍ୟା...
ଭୋଗ ବିଳାସ ମିଥ୍ୟା ।
ନିଷ୍କାମ ପ୍ରେମରେ ଜଳି ଜଳି
ଅନ୍ୟକୁ ଆଲୋକିତ କରିବା...
ଜୀବନ ଉତ୍ସର୍ଗ କରିବା
ତେବେ ଯାଇ ମୁକ୍ତିର ପଥ
ହୋଇବ ଉନ୍‌ମୁକ୍ତ
ଆତ୍ମାର ମିଳନ ହେବ
ପରମାତ୍ମାଙ୍କ ସହିତ... ।

- ୦ -

କବାଟବନ୍ଧ, ଯାଜପୁର
ମୋ: ୯୧୧୪୩୧୮୯୭

ଆତ୍ମହତ୍ୟା ନୁହେଁ ସମାଧାନ ବାଟ

ଜିତାଞ୍ଜଳି ଦାସ, ଆଠର୍ଯ୍ୟ

ଝିଅମାନେ ମୁଁ ତୁମକୁ କହିଛି
ମନେ ରଖିବ ମୋ କଥା
ପର ପାଇଁ ତୁମେ ଜୀବନ ହାରୁଛ
ରଖିଣ ମନରେ ବ୍ୟଥା
ଦରିଦ୍ର ହୋଇଣ ବାପା ମାଆ କେତେ
ପଢ଼ାଉ ଅଛନ୍ତି ପାଠ
ସ୍ୱପ୍ନ ଦେଖିଛନ୍ତି ଝିଅ ମୋର ଦିନେ
ହୋଇବ ମେଧାବୀ ଚାଟ
ବଡ ହୋଇ ତୁମେ ବାହାରେ ପଡୁଛ
ସାଙ୍ଗ ସାଥି ମେଳେ ରହି
ଅସୁବିଧା ହେଲେ ନ କହି କାହାକୁ
ଚୁପ୍ ରହୁଅଛ କାହିଁ ?
ଟିକେ କିଛି ହେଲେ ସହିତ ପାରୁନ
କରୁଛ ନିଜକୁ ଲୀନ

ଜାଣିକି ପାରୁନ ବାପା ମାଆଙ୍କର
ତୁମେ ହିଁ ଜୀବନ ଧନ
ଋଣ ପରେ ଋଣ କରି ବାପା ମାଆ
ପଢ଼ାଉ ଅଛନ୍ତି ପାଠ
ସେ କି ଜାଣନ୍ତି ଝିଅ ମୋର ଦିନେ
କରିବ ଆମକୁ ଛୋଟ
ପ୍ରତି ମୁହୂର୍ତ୍ତରେ ଠିଆ ହେବୁ ଆମେ
ଜୀବନକୁ ବାଜି ଲଗାଇ
ଆମକୁ ନ କହି ନିଜ ଜୀବନକୁ
ଦେଉଅଛ କାହିଁ ଲିଭାଇ
ଆତ୍ମ ହତ୍ୟା ନୁହେଁ ସମାଧାନ ବାଟ
ଜାଣିତ ପାରୁନ ତୁମେ
ତୁମେ ଗଲାପରେ କେମିତି ରହିବୁ,
ମରି ମରି ସବୁଦିନେ ।

- ଠ -

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେନାପୁର

ଜୀବନରେ ମୁଁ

ପବିତ୍ର ମୋହନ ଭଦ୍ର

ଭଲ ପରେ ମନ୍ଦ, ମନ୍ଦ ପରେ ଯେ ଭଲ
ଏମିତି କରି ଚାଲିଛି ସଂସାର, ଏ କଥା ମନୁ ନ ଭୁଲ ।
ସତ ମିଛ ଜୀବନରେ ଅନେକ ଏ ରଙ୍ଗ ଆସେ,
ସେହି ରଙ୍ଗରେ ରଙ୍ଗୀନ୍ ହୋଇ ମଣିଷ ପୁଣି ହସେ ।
ଗ୍ରୀଷ୍ମର ଟାଣ ଖରା, ବର୍ଷାର ନିଦାଲିଆ ବର୍ଷା,
ଏତିକିରେ ସହିଯାଏ ଯିଏ, ଜୀବନ ତା'ର ସରସା ।
ମନେ ମନେ ଭାବି ବସେ, ଏ ପୁଣି କି ପରୀକ୍ଷା
କର୍ମରେ ଜୀଇଁଖାଲି ବାଣ୍ଟିଚାଲେ ସୁଶିକ୍ଷା ।।
କହିଲ ଦେଖି କିଏ, କି ଘଟିବ କାଲିକି,
ମନର ମିଛ ଆଶଙ୍କା ସବୁ, ଚାଲିଯାଉ ଚୁଲିକି ।।
ଈଶ୍ୱରଙ୍କର ଅନବେଦ୍ୟ ସୃଷ୍ଟି ଆମେ କାହିଁ ପାଇଁ ଏତେ ଶୋଚନା
ଏ ଜଗତେ ଯାହା ଦେଖୁ ଅଛେ ସବୁ, ତାଙ୍କରି ମହାନ୍ ସର୍ଜନା ।
ଜଗତର ଶ୍ରେଷ୍ଠ ଜୀବ ରୂପେ, ବିଭୁପାଦେ ରଖ ମନ,
ତାଙ୍କରି ଆଶୀଷେ ବଳୀୟାନ ହୋଇ, ଦୂରକର କୁଜ୍ଞାନ ।।
ଚାରିଆଡେ ଘଟୁଛି ଯାହା, ଆମ ଆଖି ଆଗରେ
ସେଥିପାଇଁ ଦାୟୀ ଆମେ, ଈଶ୍ୱରଙ୍କର ଦରବାରରେ ।।
ଉଠ ଆଉ ବେଳ ନହିଁ, ବିବେକକୁ କର ଜାଗ୍ରତ
ଭଲ ପାଇବାର ସୂତ୍ରରେ ବାନ୍ଧି ଦିଅ ସାରା ଜଗତ ।।
ମଣିଷ ପଣିଆତ ପରି ଦିବ୍ୟ ଚେତନା, ସଭିଏଁ କର ଉପାର୍ଜନ,
ଦେବ ଦୁର୍ଲ୍ଲଭ କର୍ମ ଭୂମିରେ, ନିଜକୁ କର ନିୟୋଜନ ।।
ଏ କେଇପଦ କଥାସବୁ ମନକୁ ଯେ ମୋର ଆସିଲା
ପରମପିତାଙ୍କର କରୁଣା ଭାବି, ଆଜି ପାଇଁ ଏତିକିରେ ରହିଲା ।।

- ଠ -

ଆଧ୍ୟାତ୍ମିକବାଦୀ, ତଥା ବରିଷ୍ଠ ସାହିତ୍ୟିକ
ମର୍ଜିତାପୁର, ଯାଜପୁର, ଓଡିଶା
ମୋବାଇଲ୍ ନଂ - ୯୭୭୬୩୫୫୯୦୯

ବହି

ସୁଶ୍ରୀ ତେଜସ୍ୱିନୀ

କାଗଜରେ ତିଆରି ମୁଁ, ମୋ ନାଁଟି ବହି,
କେତେ କେତେ ଜ୍ଞାନ ବାଣ୍ଟେ, କିଏ ସେ ପାରିବ କହି ।।
ଧଳା ଉପରେ କଳା ଅକ୍ଷର, ହୋଇଅଛି ଲେଖା,
ପଢ଼େ ଯିଏ ସୁଧୁରିଯାଏ, ପାଇ ଏତେ ଶିକ୍ଷା ।।
ପିଲାମାନେ ପିଲାବେଳେ ମୋତେ, ରଖନ୍ତି ନିଜ ପାଖରେ
ମୋତେ ପଢ଼ି ଖୁସି ହୁଅନ୍ତି ଖାଲି ସାଥୀ ମେଳରେ ।।
ଗପବହି, ଛବି ବହି, ଗୀତ ବହି ଏମିତି କେତେ ପ୍ରକାର
ବସ୍ତାନିରେ ଲୁଚିଥାଏ ମୁଁ ଯେ ନିରନ୍ତର ।।
ମୋ ପାଇଁ ସାଙ୍ଗମେଳେ, କେତେ ଜଳି କଳିଆ
ଗୁରୁଜୀ ଆସି ଭାଙ୍ଗିଛନ୍ତି, କାହିଁ ଯେତେ ଅଡୁଆ ।।
ଆଜି ଯାଏ ବାଣ୍ଟୁଅଛି ଜ୍ଞାନ, ନିଜେ ଜଳି ଜଳିକି,
ଯାଦୁକର ସବୁ ପିଲାଙ୍କୁ ଦେଖାନ୍ତି, କେତେକେତେ ଭେଳିକି ।।
ବାଲୁତ, କିଶୋର, ବୟସ୍କ, ଯିଏ ଯେଉଁଠି ଅଛନ୍ତି
କାମରେ ଥକି ଯାଇ, ବସି ପଡି, ମୋତେ ପଢ଼ି
ଭାବନ୍ତି ।।
ରେଳରେ ଦୂରଜାଗାକୁ ଯିବା ଆସିବା ସମୟରେ
ଏକାକୀ ପଣିଆ ଦୂର ପାଇଁ, ମୋତେ ନିଅନ୍ତି ସାଥୀରେ
ଯିଏ ଯାହା ଭାବୁ ମୋତେ, ମୁଁ ଯେ ଅଛି ଉପକାରେ
ଭଲ ସାଥୀ ହୋଇ ରହିଛି, ରହିବି ଜୀଇଁଥିବା
ଜୀବନରେ ।।

- ୦ -

ପଞ୍ଚମ ଶ୍ରେଣୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କବା
ଯାଜପୁର,
ମୋ: ୯୭୭୬୩୫୫

ଜୀବନ

ପ୍ରଦୀପ କୁମାର ବେହେରା

ଏନ୍ତୁଡି ନିଆଁରୁ ଜୀବନ ଆରମ୍ଭ,
ଯୁଇର ନିଆଁରେ ଶେଷ,
ବୃଥା ଅହଂକାର ଗର୍ବ ଗାରିମାରେ
ପକାଅ ହେ ପୂର୍ଣ୍ଣଚ୍ଛେଦ
ଜୀବନଟା ଗୋଟେ ପାଣିଫଟକା
ନିମିଷକେ ଯିବ ଫାଟି,
ଧନୀ ହେଉ ଅବା ଗରିବ ଲୋକର
ସାକ୍ଷୀ ତ ଶ୍ମଶାନ ମାଟି,
ପିଣ୍ଡ ଜଳିଯିବ କର୍ମ ରହିଯିବ,
ଏ ଦୁନିଆଁ ରଙ୍ଗ ମଞ୍ଚେ
ସତ କର୍ମରେ ଚାଲୁ ଥିବା ଲୋକ
ମରିବା ପରେ ବି ବଞ୍ଚେ...
ଧନ ମାନ ଯଶ ଲୋକ ଦେଖାଣିଆ
ସବୁ ପୁଣି ନିରର୍ଥକ,
ପର ଦୁଖେ ଦୁଖୀ ହେଲେ ଏ ପ୍ରାଣ
ଜୀବନ ହୁଏ ସାର୍ଥକ,
ଏ ଜୀବନ ଦାନ ପ୍ରଭୁଙ୍କ କରୁଣା
କର୍ମ ଏଠି ଭଗବାନ,
ବୁଣିବା ଯେମିତି କାଟିବା ସେମିତି,
ଧ୍ୟାନ ରଖ ନିତ୍ୟ ମନ...

- ୦ -

ବରମୁଣ୍ଡୁଳି, ଜେନାପୁର, ଯାଜପୁର

ସୌନ୍ଦର୍ଯ୍ୟର ଗନ୍ତାଘର

ଜୟଶ୍ରୀ ଅଧିକାରୀ (ଛାତ୍ରୀ)

ସୌନ୍ଦର୍ଯ୍ୟର ଗନ୍ତାଘର
ନଦୀନଦୀ ଗିରି ସାଗର,
ସାଇତି ରଖିଛି ବୁକୁରେ ତା'ର
ଓଡିଶା ମୋର ଓଡିଶା ମୋର ।
ମନ୍ଦିର ମାଳିନୀ ରାଇଜ ମୋର
ହସେ ସବୁଜିମା କୋଳରେ ତା'ର,
ଓଡିଆ ଭାଷାର ସୁମଧୁର ଶବ୍ଦ
ନିର୍ଝରିଣୀର କୁଳୁକୁଳୁ ନାଦ ।
ବାରମାସେ ତା'ର ତେର ପରବ
କୁଆଁର ପୁନେଇଁ ରଜମଉଜ,
ଦୋଳ ମେଳଣରେ ରଙ୍ଗ ଅବିର
ମନଲୋଭା ନାଚ ଚଇତି ଘୋଡାର ।
ଜଗନ୍ନାଥ ଦେଶେ କେତେ ମନ୍ଦିର
ତାରିଣୀ, ବିରଜା, ଚନ୍ଦ୍ରଶେଖର
କେଦାର ଗୌରୀ, ଲିଙ୍ଗରାଜ ଆଉ ମହାବିନାୟକ
ହରିଶଙ୍କର, କାଳିଜାଇ ପୁଣି ପଞ୍ଚଲିଙ୍ଗେଶ୍ୱର ।
କେତେ ନଦୀନଦୀ ଯାଇଛି ବହି
ମହାନଦୀ, ବ୍ରାହ୍ମଣୀ, ବୈତରଣୀ
ଦୟା, କୁଶଭଦ୍ରା, ବୁଢ଼ାବଳଙ୍ଗ, ଭାର୍ଗବୀ, ଦେବୀ
ରଷିକୁଲ୍ୟା, ଇନ୍ଦ୍ରାବତୀ, କୋଲାବ, କୁଆଖାଇ
କେତେ ମହାମୁନି ଯୋଗ୍ୟ ସନ୍ତାନ
କୋଳରେ ତା'ର ନେଲେ ଜନମ,
ବକ୍ସି ଜଗବନ୍ଧୁ,ଜୟୀ ରାଜଗୁରୁ, ମଧୁ ବାରିଷ୍ଟର
ଚନ୍ଦନ ହଜୁରୀ, ଗୋପବନ୍ଧୁ ଆଉ ବୀର ସୁରେନ୍ଦ୍ରର
ନନ୍ଦିନୀ, ମାଳତୀ, କୁମାରୀ କୁନ୍ତଳା
ଶାରଳା, ତୁଳସୀ ଆଉ ଶୈଳବାଳା
ରମାଦେବୀ, ପ୍ରତିଭା, ତୁଳସୀ ମୁଣ୍ଡା
ଉଡାଇଲେ କେତେ ଯଶର ଝଣ୍ଡା ।
ଏ ମାଟିର ଝିଅ ଜୟଶ୍ରୀ ମୁହିଁ
ଏ ମାଟିକୁ କେବେ ଭୁଲିବି ନାହିଁ ।
କରୁଛି ଆଜି ମୁଁ ବଜ୍ର ଶପଥ ।
ହୋଇଯାଉ ପଛେ ପ୍ରାଣ ଅସ୍ତମିତ ।

- ୦ -

ଓଡିଶା ଆଦର୍ଶ ବିଦ୍ୟାଳୟ
ଦେଉଳିପାଳ, ଧର୍ମଶାଳା

ମୋ ବହି

ରାଜଶ୍ରୀ ଅଧିକାରୀ(ଛାତ୍ରୀ)

ମୋ ବହି,
ଅନ୍ଧାର ହଟାଇ ଆଲୋକ ଦେଖାଇ
ଉଚିତ୍ ପଥରେ ନିଏ ତ ଚଲାଇ
ମୋ ବହି ।
ମୋ ବହି,
କେତେ ନାମ ତା'ର କେତେ ଯେ ରୂପ,
ପ୍ରବନ୍ଧରୁ ଉପନ୍ୟାସ, କବିତାରୁ ଗଳ୍ପ,
ପୃଷ୍ଠାରେ ପୃଷ୍ଠାରେ ହୁଏ ସଜେଇ
ଶବ୍ଦରେ ଶବ୍ଦରେ ହୁଏ ରଙ୍ଗେଇ
ମୋ ବହି ।
ମୋ ବହି,
ଅମାପ ବିଦ୍ୟାକୁ ସାଇତି ରଖଇ
ବିନା ସ୍ୱାର୍ଥେ ସିଏ ଜ୍ଞାନ ବିତରଇ,
ପାଇବାର କିଛି ଆଶା ତ ନାହିଁ,

ତା' ଠାରୁ ପ୍ରିୟ ସାଙ୍ଗ ମୋର ଆଉ କେ ନାହିଁ ମୋ ବହି ।
ମୋ ବହି,
ଅଧୁରା ବାଟରେ ଛାଡେନି ହାତ,
ଦ୍ୱନ୍ଦରେ ପଡିଲେ ଦେଖାଏ ପଥ
ବଳରେ ତା'ର ବଳୀୟାନ୍ ହୋଇ
ସାରା ! ବିଶ୍ୱକୁ ଜିଣିବି ମୁହିଁ
ମୋ ବହି ।

- o -

ଓଡିଶା ଆଦର୍ଶ ବିଦ୍ୟାଳୟ, ଦେଉଳିପାଳ, ଧର୍ମଶାଳା

ଜାଣେ ପୁଅ !

ଦେବବ୍ରତ ଦାସ

ଏସବୁ ଏତେ ସହଜ ନୁହେଁ
ହେଲେ ମୋ କଥାରଖି
କେବେଦିନେ ଏକାନ୍ତରେ କାନପାରି ଶୁଣିବୁ
ଦିନକୁ ଦିନ ଏକଲା ହେଇଯାଉଥିବା ପ୍ରିୟ ନଦୀର ଚୁଠପଥରକୁ,
ବାଟଭାଂଗି ଚାଲିଯାଇଥିବା ସ୍ୱାଭିମାନୀ ପ୍ରେମିକାର ପାହାନ୍ତି
ଇଚ୍ଛାକୁ,
ରୋଷେଇଶାଳରେ ଆଜୀବନ ଦୁଃଖ ଜାଳୁଥିବା ତୋ ବୋଉର
ଅବଶୋଷକୁ
ବେଳଅବେଳରେ ତୋତେ କ୍ଷମାକରିଦେଇଥିବା ତୋ ଭାରିଜାର
ନୂଆପୁରୁଣା ଦରଜକୁ ।
କାନପାରି ଶୁଣିବୁ ।

ମନେରଖିବୁ ପୁଅ ।
କେବେ ଯଦି ଜୀବନ ଏକବାରେ ବିଜାର ଲାଗେ
ତିନିଘଡି ରାତିଯାଏଁ ନିଦ ନହୁଏ
ତେବେ ବାଁ ହାତରେ ଲଣ୍ଠନ
ଡାହାଣ ହାତରେ କବାଟକୋଣରେ ଡେରା ହେଉଥିବା କଣ୍ଟା
ବାଁଆଶ ବାଡ଼ି ଧରି ଚାଲି ଆସିବୁ
ପୁଁ ପୋଡା ହେଇଥିବା ମଶାଣିକୁ ।
ୁହ ପୋଛି ଘଡିକ ପରେ ସାହସ କରି ଥରେ ଆଖି ବୁଜିବୁ ତ
ାଣିବୁ
କଣା ଜାଗାରୁ ଠିକଣାବେଳରେ ମୋହ ଛଡେଇନେବାର ନାଁ
ବାଧେ ଜୀବନ ।

ବୁଝିଲୁ ପୁଅ ।
ତାକୁ ଜମା ପଚାରିବୁନି ଯେ
ଗତକାଲି ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ଦେଖୁଦେଖୁ
ସିଏ ଯାହା କାନ୍ଧରେ ମଥାରଖି କାନ୍ଦିଥିଲା
ସିଏ ତା'ର କିଏ ।
ଭଲପାଇବା କମ୍ ବେଶୀ ଖୋଜାଯାଏ ନାହିଁରେ ପୁଅ ।
ସେତେକ ହିଁ ତା'ର ପ୍ରାପ୍ୟ ।

ଜାଣେ ପୁଅ ।
ଏସବୁ ଏତେ ସହଜ ନୁହେଁ
ହେଲେ ମୋ କଥାରଖି
ତୋତେ ଖୁ ସଅଳ ଶିଖିନେବାକୁ ହେବ
କେତେବେଳେ କେଉଁଠି କାହା ଆଗରେ
ସଳଖି ଛିଡାହେବାକୁ ହେବ, ଦଶଅଣା ଦମ୍ଭରେ ।
କେଉଁଠି ମଥାପାତି ସହିନେବାକୁ ହେବ ସବୁଯାକ ଅପଯଶ,
ଏକଦମ୍ ନୀରବରେ ।
କେଉଁଠି ଭସ୍ମ କରିଦେବାକୁ ହେବ ଛଳନାର ଚାରି ପରସ୍ତ,
ଆଖିରେ ଆଖିରେ ।

ବିହଙ୍ଗ ପରି ଯେତେ ଉଚ୍ଚରେ ଉଡିଲେ ବି
ଡେରି ନକରି ତୋତେ ହିଁ ଜାଣିବାକୁ ହେବ ଯେ
ନିଜ ମାଟି ପରି ମାଟି ଖଣ୍ଡେ ଏଇ ଜଗତରେ ନାହିଁ
ଗଛ ପାହାଡ଼ ନଈ କେବେ ହେଲେ ମଣିଷ ଗଢ଼ି ନାହିଁ

ସ୍ୱପ୍ନ ବିଶ୍ୱାସ ଓ ଭଲ ପାଇବାରମାନେ ଖୋଜାଯାଏ ନାହିଁ ଆଉ ।
ଯେଉଁ ସବୁକୁ
ଗଢ଼ିହୁଏ ନାହିଁ,
ମାପି ହୁଏ ନାହିଁ
ବୁଝି ହୁଏ ନାହିଁ,
ତାକୁ ଅକାରଣେ ଭାଙ୍ଗିଦିଆଯାଏ ନାହିଁ ।
ଦିନେ ଜାଣିବୁ,
ତୋତେ ଦିଶୁଥିବା ପୃଥିବୀଠୁ ଆରପାଖେ ଆଉ ଏକ ପୃଥିବୀ ଅଛି
ଯା' ନାଁ ଛାତି
ସେଇଠି ବଡ ସନ୍ତର୍ପଣରେ ତୋତେ ସାଇତିବାକୁ ଅଛି ପ୍ରେମ ପରି
ଅନେକ କିଛି ।
ହଉ ଶୁଣ - ତଳେ ଟିକେ ଲେଖିଦବୁ - କବି ସୁନୀଲ୍ ପୃଷ୍ଟିକୁ
ସମର୍ପିତ ।

- ୦ -

ଭୁବନେଶ୍ୱର
ମୋ: ୯୦୭୮୦୬୬୬୨୫

ଚରିତ୍ର

କଳ୍ପୀରାମ କଟ

ଥିଲେ ଥାଉପଛେ ଗୁଣ ହଜାର,
ଚରିତ୍ର ନଥିଲେ ସବୁ ଅସାର ।
ଏ ସୃଷ୍ଟି ଅଟଇ ବଡ ବିଚିତ୍ର,
ସବୁଠୁ ଅମୂଲ୍ୟ ଆମ ଚରିତ୍ର ।
ରଖିବ ଏହାକୁ ଯତ୍ନ କରିଣ,
ଅମଳିନ ଯାକୁ ରଖିବ ପୁଣ ।
କର୍ତ୍ତବ୍ୟ ପରାୟଣ ହୋଇବ,
ସବୁବେଳେ ସତ୍ୟବାଦୀ ଯେ ହେବ ।୧।

ଚରିତ୍ର ଅଟଇ ଅମୂଲ୍ୟ ରତ୍ନ
ଶପଥ କର ହେ ରଖିବ ଯତ୍ନ
ଅନ୍ୟାକୁ ପ୍ରୋତ୍ସାହନ ନକର
ନ୍ୟାୟବାନ୍ ହୋଇ କର୍ତ୍ତବ୍ୟ କର ।
ଉଚ୍ଚନୀଚ ଭେଦ ଦେଖିବ ନାହିଁ,
ସର୍ବ ମୁଖେ ହସ ଫୁଟିବ ତହିଁ ।୨।

ଏଥୁ ଅନନ୍ତରେ ସୁଜନେ ଶୁଣ,
ଚରିତ୍ର ଅଟଇ ଉତ୍ତମ ଗୁଣ ।
ସର୍ବଦା ଯେ ଶୃଙ୍ଖଳିତ ହୋଇବ ।
ସମୟାନୁବର୍ତ୍ତିତା ଯେ ହୋଇବ
ସମୟ ଅତ୍ୟନ୍ତ ଅମୂଲ୍ୟ ଜାଣ,
ସଦୁପଯୋଗ ଯେ କରିବା ପୁଣ ।୩।

ସଭିଏଁ ଆସରେ ଶପଥ ନେବା,
ଚରିତ୍ରକୁ ଅମଳିନ ରଖିବା ।
ଉତ୍ତମ ଚରିତ୍ର ଗଢ଼ି ତୋଳିବା
ଏ ଦେଶ ଜାତିର ନାଁ ରଖିବା ।୪।

- ୦ -

ଦଶମ ଶ୍ରେଣୀ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଙ୍ଗଳା, ସୁକିନ୍ଦା,
ଯାଜପୁର
ମୋ: ୮୯୮୪୯୭୪୭୦୩

ଗପ ହେଲେବି ସତ

ଐଶ୍ୱର୍ଯ୍ୟା ରାଉ

ଯେ ତ ନୁହେଁ ସେ ରାଇଜ ।।
ଯେଉଁଠି ଥାକ ଥାକ ସ୍ୱପ୍ନକୁ ଆଖିରେ ସଜେଇ
ଆମେ ସବୁ ଖୋଜୁଥିଲେ ଗାଢ଼ ରାତିର ନିଦ,
ଯେ ନୁହେଁ ସେ ଆକାଶ
ଯେଉଁଠି ସରୁନଥିବା ଅନ୍ଧାର ଦେହରେ
ଆମେ ଆଙ୍କି ପାରୁଥିଲେ ବିଶ୍ୱାସର ଧ୍ରୁବ ତାରା ।।
ଆକାଶ ଲୁହ କି ନିଦୁଆ ରାତି
ସ୍ୱପ୍ନ ଖୋଜ କି ବିଶ୍ୱାସ
କଉଠି ବି ପାଇବନି ଫସିଲ ହୋଇଯାଇଥିବା ସେ ଆତ୍ମାର
ଡାକ ।

ଦିନ ଥିଲା,
ନିର୍ଜନ ସମୁଦ୍ର ଛାତିରେ
ଆମେ ସବୁ ଗଢ଼ିପାରିଥିଲେ ଅସ୍ଥାୟୀ ବତୀଘର
ଗର୍ଜନ ତର୍ଜନ କରୁଥିବା
ପବନକୁ ସାଇତି ମଜବୁତ୍ କରିଥିଲେ ସମ୍ପର୍କ ଡୋର
ଏବେ ସମୁଦ୍ର କୁହ କି ପବନ
ବତୀଘର କି ଧାଗା
ସବୁଠି ସରୁନଥିବା ନିର୍ଜନତାର ହୁଗୁଲୁଥିବା କୋଳାହଳ ।।
ଆମେ ଅଗନାଅଗନି ବନସ୍ତରୁ
ଖୋଜି ଆଣି ପାରୁଥିଲେ ହଜିଲା ଦିନ
ହସର ଅମରାବତୀରେ ବନ୍ଦୀ ହେଇବି
ସାଉଁଟି ପାରୁଥିଲେ ଲୁହ ସବୁର ପାଦଚିହ୍ନ
ଏଇନେ ବନସ୍ତ କୁହ କି ହସ
ଦିନ କୁହ କି ଲୁହର ସାନ୍ତ୍ରତା
ସବୁ ଛଳନାର ଅନ୍ଧାରରେ ଅଧାଜଳା ମଶାଲ ।

ଏବେ କିଏ କହିବ ?
ନିରୁଦ୍ଦିଷ୍ଟ ସେ ଆତ୍ମା ମଲାବେଳେ ପିନ୍ଧିଥିଲା କେଉଁ ରଙ୍ଗର ଛିଟ୍
ଫ୍ରକ୍ ?
ସବୁ ନିର୍ଜନତାରେ ଦିଶୁଥିବା କୋଳାହୋଳର ନଥାଏ ହଲ୍ଲେ
ଓଠ ।
କି ରହି ରହି ଜଳୁଥିବା ମଶାଲରେ ସରୁନାହିଁ ସେଦିନରୁ ଦହନ
ଏବେ ସବୁ ମିଛ ହେଲେ ବି ଗପ,
ସତ ହେଲେ ବି ଗପ ।

- o -

ନୂଆଗାଁ, ମଞ୍ଜୁରୀ ରୋଡ, କେନ୍ଦୁ

ଏଇଠୁ ବୋଧେ....

ସଚ୍ଚିଦାନନ୍ଦ ବେହେ

ଏଇଠୁ ବୋଧେ ମୁଠେ ବାଲି ଉଠେଇଲେ
ଦେଶ କଥା କହିବ ମୁଠାରେ
ଦେହ ଝାଡି ହେଇ
ଦୁଃଖ ଓଗାଳିବ ଧୂଳି ଲେପ ଦେଇ
ବିନା ଦ୍ୱିଧା, ବିନା କ୍ଲେଶରେ...
ଗୀତ ଗାଉଥିବ
ଭୋକିଲା ପେଟରେ ବେଲୁନ୍ ଫୁଙ୍କୁଥିବା
ସେଇ କୁନି ଭବିଷ୍ୟତ ଟା
ପ୍ୟାକେଟର ପଚାଶଟା ବେଲୁନ୍ ନ ସାରିବା ପର୍ଯ୍ୟନ୍ତ
ଏକା ନିଶ୍ୱାସରେ
ଲେଖିବା ଯାଏ ଭୋକରୁ ଭବିଷ୍ୟତ.... ।
ଏଇଠୁ ହିଁ ବୋଧେ ଧାପେ ଲୁହ ନିଗାଡିଲେ
ବୋହିଯିବ ଗୋଟେ ଯାତନା ଗଙ୍ଗା
ଆସ୍ଫୋଟର ଢ଼ଉ ଖେଳେଇ ଦୋହଲି ଦୋହଲି

ଦେଶର ମଢ଼ ନ ପୋତିବା ଯାଏ
ଶେଷ ଜୀବନ ଆଡକୁ ଧସେଇ
ଦୋଳି ଖେଳିବ ଗୋଟେ ଅଜଣା ଜୁଆର
ସେଇ କୁନି ଦୁନିଆର ଯିଏ
ଅଧ ରାତି ଯାଏ ଜୋତା ତକ ପଲିସ୍ କରିବା ପର୍ଯ୍ୟନ୍ତ
ନିଦୁଆ ଆଖିକୁ ଅସନା ହାତରେ ମଳି
ଚାହିଁ ରହେ ନିଦର ଅପପୁଷ୍ଟି ଯୋଗୁଁ.... ।
ହଁ ଏଇଠୁ ବୋଧେ ଭୋକିଲା ପେଟଟା ବାଙ୍କେଇ ଫାଟିଗଲେ
ସ୍ତବ୍ଧ ହେଇଯିବ ଗୋଟାଏ ଅଜଣା ବର୍ତ୍ତମାନ
ଅତୀତର ଗୌରବମୟ ଗାଥାକୁ କବର ଦେଇ
ପେଟ ଆଉଁସିବ ଗୋଟିଏ ନିସ୍ତେଜ୍ ଦେହ
ସ୍ମିତ ହାସ୍ୟ ଅଭିନେତା ସାଜି
ପିଠିରେ ଶେଷ କନା ପଇତା ଖଣ୍ଡକ
ଚକ୍ ଚକ୍ ଝଲସୁଥାଏ ଯାଏ.... ।
ଏଇଠୁ ବୋଧେ ଦୁଃଖ ହାଣ୍ଡିଟା ଉଁସେଇଲେ
ଗରମ ପେଜ ତକ ଚାରିଆଡେ ରକ୍ତିମ ରୂପ ଧାରିବ
ହାଣ୍ଡିର ଶେଷ ଜୀବନ ତକ୍ ତକ୍ ତକ ଫୁଟୁଥିବା ଯାଏଁ
ଚୁଲି ଫୁଙ୍କୁ ଥିବ ଗୋଟେ ସତେଜ୍ ସାମ୍ରାଜ୍ୟ
ସୁଖର ନଡା ଛପର ତକ ସାରିବା ଯାଏ
ବିନା ପ୍ରଶ୍ନରେ... ।

- ୦ -

କଣ୍ଢିପାଳ, ଆନନ୍ଦପୁର
ମୋ: ୯୮୨୭୨୨୩୬୭

ଆତ୍ମନ୍

ଶରତ ଚନ୍ଦ୍ର ପରମାଣିକ

ପୁତ୍ରର ପୁତ୍ରତ୍ୱ ହୁଏ ପ୍ରକାଶିତ
ହୁଏ ସେ ଯେବେ ବିବାହ,
ଯୌବନେ କନ୍ୟାର ନିଜତ୍ୱ ବୁଝିବା
ଅଟଇ ବଡ ଦୁରୁହ ।
ପତିର ମହତ୍ୱ ଜଣାପଡିଥାଏ
ପତ୍ନୀ ହୋଇଲେ ଅଚଳ,
ପତିର ଦାରିଦ୍ର୍ୟେ ପତ୍ନୀର ସ୍ୱଭାବ
ପ୍ରକାଶେ କେତେ ନିର୍ମଳ ?
ଭାଇଟି ଚିହ୍ନିତ ହୁଏ ଲଢ଼େଇରେ
କେତେ ସେ ବଢ଼ାଏ ହାତ,
ଭଉଣୀର ସ୍ନେହ ମମତାର ମୂଲ
ବିଚାର୍ଯ୍ୟ ଯେବେ ସମ୍ପଦ ।
ବନ୍ଧୁ ପରିଜନ କେତେ ଆପଣାର
ଜଣାଯାଏ ବିପଦରେ,
ପୁତ୍ରକନ୍ୟାଙ୍କର ସ୍ୱଭାବ ଜ୍ଞାତବ୍ୟ
ଶରୀର ଅକ୍ଷମ ହେଲେ ।
ମାନ-ଅଭିମାନ ଗର୍ବ ଅହଙ୍କାର
ନିଷ୍ଫଳ କ୍ଷୀଣ କାୟାରେ,
ପଞ୍ଚେନ୍ଦ୍ରିୟ ସ୍ତବ୍ଧ ହୋଇଲେ, ବିବେକ
ଆଶ୍ରଇ ବିଭୁ ପଯରେ ।
ଇନ୍ଦ୍ରିୟାନୁଭୂତ ସକଳ ଅନିତ୍ୟ
ଆତ୍ମନ୍ ! ହେଜ ପରିଚୟ,
ଯେ ସୂର୍ଯ୍ୟ ଉଇଁଛି ଅବଶ୍ୟ ବୁଡିବ
ଅଛି କି ତିଳେ ସନ୍ଦେହ ?

- ୦ -

ମାଆ ଶକ୍ତି ନଗର, ପ୍ରଧାନପଡ଼ା
ପୋଅ: ବୁଢ଼ାରାଜା, ଜି: ସମ୍ବଲପୁର - ୭୬୮୦୦୪
ମୋ: ୯୩୩୭୦୬୨୯୯୫

ମହକ

ବୁଢ଼ା ପୁଅ

ତୃପ୍ତି ରଞ୍ଜନ ଦାଶ

ଅଗଣାରେ ଅନେକ ଛନ୍ଦରାତି ଦେହ ଧୋଇ ଗଲେଣି
ଅନେକ ବାସିଫୁଲ ମାଟିରେ ମିଶି ମାଟି ହେଇଗଲେଣି
ବୁଢ଼ୀ ଶୋଇଚି, ବୁଢ଼ା ଚୌକିରେ ବସିଛି...
ତା ଆଖିରେ,
ଥିରି ଥିରି ନିଦ ଲୁଚେ ଆସ୍ତେକି ପରଦା ଖସାଇ
ଏଇ ଏବେ ବୁଢ଼ୀ ତାକୁ ଡାକିନେଇଛି ସ୍ନାନ କାଳ ପାତ୍ରକୁ ଭୁଲି
ଏଇ ଏବେ ଦିଗନ୍ତରେ ଉଡି ବୁଲନ୍ତି ରକ୍ତ ବର୍ଣ୍ଣ ଅବିର
ଘର ପାଲଟି ଯାଉଛି, ଡିବିରା ଆଲୁଅରେ ସଜ୍ଜା
ନବପ୍ରବାସର ପୁରୁଣା ଏକ କଳା - ଧଳା କୁଟୀର
ବୁଢ଼ା ତା' ପୁଅ ହେଇ ସାରିଲାଣି
ସ୍ୱାମୀ ପଣିଆ ପାଣି ହେଇ ଗଲେଣି କେବେଠୁ
ବୁଢ଼ୀ ଆଖି ତଳେ ସେମିତି, ଦିନ ଠୁ ରାତି, ସକାଳ ଠୁ ସଞ୍ଜ
ବୁଢ଼ାର ସବୁ ଅଧିକାର, ସ୍ନେହ, ମମତା ଭାସୁଛନ୍ତି....
ବୁଢ଼ୀ ଏବେ ଅସମର୍ଥ ଧରିନେବାକୁ, ବୁଢ଼ା ହାତରୁ ଜଳଭରା
ମଗ, ବାଲ୍ଟି
ବୁଢ଼ା ଧୋଇ ଚାଲୁଛି ବୟସର ନିର୍ମମତାକୁ
ମନେ ରଖି ଛନ୍ଦ ଛନ୍ଦର ଯେତେ ପ୍ରତିଶୃତି
ବୁଢ଼ା ରାତି ଚାରିଟାରେ ଶୋଇଥିଲା
କାଲି ରାତିରେ ଝଡ ପରି ମାଡିଆସିଥିବା,
ଲଟାକାଶ ଡେଇଁ ପାରିନଥିଲେ ଗୋଟାଏ ଇଟା ସିମେଣ୍ଟର
କାନ୍ଥ ।
ବୁଢ଼ା କିନ୍ତୁ ସବୁ ଶୁଣିଛି, ସେଦିନ ପରି...
ନିଦ୍ରିତ ଗାଁରେ, ନିରବ ଖଞ୍ଜାରେ ସାରା ରାତି କାନ୍ଧରେ ପକେଇ,
ଗୀତ ଶୁଣାଇ ଘୁରି ବୁଲୁଥିବା ଥିବା ମାଆକୁ...
ଆଜି କେମିତି ନଶୁଣନ୍ତା ।
ବୁଢ଼ା ଏବେ ତନ୍ଦ୍ରାକ୍ରାନ୍ତ....
ସେ ନିଜ ଲୁହ ଜାକି ବ୍ୟସ୍ତ ଏବେ ନିଜକୁ ଆଉଁଶିବାରେ
ସେ କାନ୍ଦୁଛି ପ୍ରାଣ ପ୍ରିୟା, ପ୍ରାଣକୁ ପର କରିଦେବା ପରେ
ନିଦରେ ପୁଣି ଦେଖୁଛି ନିଜକୁ ଦୁଇଭାଗ ହେବାର ।
ବୁଢ଼ୀ ଫଟରେ ଅଳନ୍ତୁ ସହ ପାଣି ଖାଇଯିବା,
ତା' ପାଇଁ ପୁଅ, ଝିଅ, ବନ୍ଧୁ ଯେତେ ଆତ୍ମୀୟ ସ୍ୱଜନ,
କେହି ବୋଲି କେହି ନୁହ
ସେ ତ ନିଜେ ବୁଢ଼ୀ ପାଇଁ ସତୁରୀ ବର୍ଷତଳୁ ଆସିଥିବା,
ଗୋଟିଏ ବୁଢ଼ା ପୁଅ ।

- o -

କାଦୁଅପଡ଼ା, ଜଗତସିଂହପୁର
ମୋ: ୮୨୪୯୩୫୭୨୭୧

ଅଲିଭା ସଂପର୍କ

ଅଲିଭା ସାମନ୍ତସିଂହାର

ବେଳେ ବେଳେ ଇଚ୍ଛା ହୁଏ
ତୁମ ସ୍ମୃତି ସବୁ ଏକାଠି ବନ୍ଦ କରି ସିନ୍ଧୁକ ଭିତରେ
ଫିଙ୍ଗି ମୁଁ ଆସନ୍ତି ଦୂର ଦିଗନ୍ତରେ ।
କିନ୍ତୁ ସବୁକିଛି କଅଁଳେ ମେଞ୍ଚା ମେଞ୍ଚା ପତ୍ରପରି
ଶବ୍ଦ ହୋଇ ଠକ୍ ଠକ୍ କରି
ମୋ ତିରସ୍କୃତ ହୃଦୟ କାନ୍ଥରେ ।
ଏକ ନୂଆ ଅଭୀପ୍ସା ଭ୍ରମରେ
ପୁଣି ମୁଁ ଲେଖେ ତୁମକୁ ମୋ କଲମ ମୁନରେ ।
କେଜାଣି କେମିତି ଗଢ଼ା ଏ ହୃଦୟ
ତୁମ ଅଣଦେଖା ଆଣଇ ପ୍ରଳୟ
ସମୟ ସାଥିରେ ବଦଳେ ଦୁନିଆ
ମୁଁ କିନ୍ତୁ ଯେଉଁଠି ସେଇଠାରେ ଠିଆ ।
କାହିଁକି କେଜାଣି ସଂପର୍କର ଦୋଛକିରେ
ଭୁଲିପାରେନି ମୁଁ ତୁମକୁ ଏତେ ସହଜରେ ।

ହୃଦୟଟା ନୁହେଁ ଏକ ମିଛ ବାଲିଘର
ତୁମ ପାଇଁ ସେଇ ସ୍ଥାନ ଅଟଇ ସ୍ଥାବର ।
କାହିଁକି ଆସିଲ ଜୀବନରେ ମୋର
ନିଜେ ଆଉ ରହି ନାହିଁ ମୁଁ ନିଜର
ଯେତେ ଲିଭାଇଲେ ଲିଭେ ନାହିଁ ଗାର
ଜୀବନ ଯେମିତି ଜ୍ୱଳନ୍ତ ସାଗର ।

- ୦ -

କୁରୁଣ୍ଡି, ମେରାମଣ୍ଡଳୀ, ଢେଙ୍କାନାଳ, ଓଡିଶା,
ପିନ୍ : ୭୫୯୧୨୧
ମୋ: ୯୮୬୧୧୩୭୯୫୫

ପ୍ରତିକ୍ଷାରେ...

ଅମିତ୍ କୁମାର ସାହୁ

ତତେ ଭାବିବାକୁ ନା' ବସନ୍ତର ଲୋତା
ନା ଶୀତ କି ଶ୍ରାବଣକୁ ଅପେକ୍ଷା,
ତୁ ଏମିତି ମାସର ଋତୁଟେ ଯେ
ମୁଁ ଭାବି ଭାବି ନାଆଁ ରଖେ ପ୍ରତୀକ୍ଷା...
ଜାଣି ଜାଣି ବାଟ ଛକେ ଯେତେଥର ବସେ
ସେତେସେତେ ନୂଆ ଗୋଟେ
ତୋ ପଣ ବାସେ,
ସବୁ ପାଇ ଆଜି ଯାଏଁ ପାଇଲିନି ତତେ
କେଜାଣି ତୁ କେଉଁ ଦେଶେ
ଚାହିଁଥିବୁ ମତେ ।
ତଥାପି ମୁଁ ଛୁଇଁ ଯିବି ଦୂରର ବଳୟ
ରାତି ଥିଲେ ଜହ୍ନ ତଳେ ଶୋଇଯିବି କ୍ଷଣ
ସକାଳକୁ ରବି ସାଥେ ଛାଇଯିବି ଦିନେ
ଅପେକ୍ଷାର ତେଜ ବୋଲି ବିଞ୍ଚି ମୁଁ କିରଣ,
ଛାତି ତଳେ ଭିଡିନେବି ପକେଇଲି ରାଣ,
ନାଆଁ କାଳେ ପାଇଯିବି, ଯିବି ପାସୋରି
ଲେଖିଛି ମୁଁ କେତେ ନାଆଁ ଟିପା ଖାତା କରି,
କେତେ ପୁଣି ବାଟେ ଘାଟେ ଦେଇଛି ମୁଁ ଚିରି
ପାଗଳକି ହେଇଯାଏ ତତେ ଘାରି ଘାରି
ବାରମ୍ବାର ପଚାରି ମୁଁ ନିଜେ ହୁଏ ଚୋରି,
ଅସ୍ପଷ୍ଟ ବିକେବେ ଦିନେ ନିଶେ ହୁଏ ସ୍ପଷ୍ଟ
ଅପେକ୍ଷାରେ ଯାଉ ପଛେ ଲମ୍ବି ଯେତେ ବାଟ
ଗଣୁଥିବି ଦିନ ନିତି ନୀରବ ନିସ୍ତବ୍ଧ
ପ୍ରତିକ୍ଷାରେ ଆଙ୍କୁ ମନ ତୁମ ଚିତ୍ରପଟ ।

- ୦ -

ଧକୋଠା, ଆନନ୍ଦପୁର, କେନ୍ଦୁଝର
ମୋ: ୭୦୦୮୮୭୨୭୮୮

ସମାନ୍ତର ରେଖା

ଆକାଶ ଦାଶ

ତୁମ ଜୀବନ ରେଖାର ଗୋଟେ ବିନ୍ଦୁରେ ତୁମେ
ମୋ ଜୀବନ ରେଖାର ଗୋଟେ ବିନ୍ଦୁରେ ମୁଁ
ଦୁହେଁ ଦୁହିଁଙ୍କୁ ଦେଖୁଛେ ନିଜ ନିଜ ବିନ୍ଦୁରୁ ।

ତୁମ ବିନ୍ଦୁକୁ କେନ୍ଦ୍ରକରି ତୁମେ ଟାଣିଥିବା ବୃତ୍ତର
ପରିଧି ଭିତରେ ହୁଏତ ମୋ ବିନ୍ଦୁ ଉପସ୍ଥିତି ନାହିଁ
ହେଲେ ତୁମ ପରିଧି ତ ସୀମିତ ହେଇ ଯିବନି ବୟସର
ଏତିକି ବ୍ୟାସାର୍ଦ୍ଧରେ ! !
ଆମେ ଦୁହେଁ ମୁକ୍ତ ବଢ଼ିବାକୁ ନିଜ ନିଜ ରେଖାରେ ଆଗକୁ
ସ୍ୱେଚ୍ଛାରେ
ମୁଁ ଜାଣେ ଆମ ରେଖାର ଭବିଷ୍ୟତରେ ଛେଦବିନ୍ଦୁ ନାହିଁ
ହେଲେ ଜୀବନ ରେଖା ତ ଅଟକିବନି ଛେଦ ବିନ୍ଦୁରେ,
ଆଗକୁ ବଢିବା ହିଁ ନିୟତି ସମସ୍ତଙ୍କର !
ତୁମ ଠୁ ଆଗକୁ ବଢ଼ିବାର ଅଭୀପ୍ସା ନାହିଁ,
ତୁମ ସହ ଆଗକୁ ବଢ଼ିବାର ଆକାଂକ୍ଷା ଅଛି
ସେ ହେଉପଛେ ବିନା କୌଣସି ଛେତ ବି ଦୁରେ କି
ହେଉ ଗୋଟେ ଅନତିକ୍ରମଣୀୟ ଦୂରତ୍ୱରେ
କୌଣସି ଛେଦ ବିନ୍ଦୁ ନଥିବା ଦୁଇଟି ପୃଥକ୍ ସରଳରେଖା
ପରସ୍ପର ପ୍ରତି ସମାନ୍ତର
ହୋଇପାରେ ସମାନ୍ତର ରେଖାଦ୍ୱୟଙ୍କ ମଧରେ ଛେଦବିନ୍ଦୁ ନାହିଁ
କିନ୍ତୁ କେବଳ ସେ ଦୁହେଁ ହିଁ ସକ୍ଷମ ଅନନ୍ତ ଯାଏଁ ଆଗକୁ
ବଢ଼ିବାକୁ ଏକାଠି ଗୋଟେ ସମଦୂରତାରେ
ତେବେ ସମାନ୍ତର ରେଖା ପରି
ବନ୍ଧୁତ୍ୱର ସମଦୂରତା ରକ୍ଷା କରି
ଆମେ ଦୁହେଁ କଣ ଚାଲି ପାରିବାନି ଅନ୍ତ ପର୍ଯ୍ୟନ୍ତ ? ?

- ଠ -

ଗ୍ରା: ବ୍ରଜସୁନ୍ଦରପୁର, ପୋ: ପିମ୍ପଲ, ବ୍ଲକ୍: ରଣପୁର
ଜି: ନୟାଗଡ, ପିନ୍ - ୭୫୨୦୨୬
ମୋ: ୯୧୧୪୩୦୨୮୪୬

ଅନ୍ଧାର ରାତିର ଦୀପ

ସତ୍ୟଜିତ୍ ସାହୁ

କ୍ଷୁଦ୍ର ଦୀପଟି ମୁଁ ଜଳିବାକୁ ଚାହେଁ
ଅନ୍ଧାରେ ଆଲୋକ ପାଇଁ,
ଅମାନିଆ ପବନ ବାଧକ ସାଜୁଛି
ଜଳିବାକୁ ଦେଉ ନାହିଁ ।
ଘିଅ ଥିବା ଯାଏ ଜୀବନ ମୋ ଅଛି
ସରିଲେ ଆୟୁଷ ଶେଷ,
ଜଗତ ମଙ୍ଗଳ ଚାହେଁ ମୁଁ କେବଳ
ଲୋଡା ନାହିଁ କେଉଁ ଯଶ ।
ଶରୀରଟି ମୋର ମାଟି କାଞ୍ଚି ହେଲେ
ସଳିତା ଅଟେ ମୋ ମନ,
ହୃଦୟ ବିଚରା ଖୋରାକ ଯୋଗାଏ
ଲଭିବାକୁ ଶୁଭଦିନ ।
ଅନ୍ୟ ଜୀବନରେ ଆଲୋକ ଦେଇ କି
ଜୀବ ଯିବ ଯେଉଁଦିନ,
ସେଦିନ ମୁଁ ନିଜେ ସୌଭାଗ୍ୟ ମଣିବି
ଦୀପ ଜନ୍ମ ହେବ ଧନ୍ୟ ।

ସୁଖରେ ସଭିଙ୍କ ନଥାଏ ପଛକେ
ରହିବାକୁ ଚାହେଁ ଦୁଃଖରେ,
ଜୀବନୁ ସଭିଙ୍କ ଦୁଃଖ ଅନ୍ଧାରକୁ
ନାଶିବି ମୋ ଆଲୋକରେ ।

ଜଳିବାକୁ ଚାହେଁ ଜଳିବା ମୋ ଧର୍ମ
ଜିତିବାକୁ ଅନ୍ଧକାର,
ଜଳୁଛି ଜଳିବି ଥିବାଯାଏଁ ଶେଷ
ନିଃଶ୍ୱାସ ମୋ ଜୀବନର ।

- ଠ -

ସ୍ନାତକୋତ୍ତର ଇତିହାସ ବିଭାଗର ଛାତ୍ର
ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜଟଣି
ମୋ: ୭୩୨୭୦୯୯୮୩୫

ମୃତ୍ୟୁର ଦୀପାବଳୀ

ସତ୍ୟ ଶିବ ସୁନ୍ଦର ଦାସ

ହେ ମୃତ୍ୟୁ, ମୁଁ ଚାହିଁ ବସିଛି ତୁମ ବାଟକୁ ଦୀପଟିଏ ଜାଳି,
ଶୂନ୍ୟତା ସହ ପାଳୁଛି ମୁଁ ଆଜି ମୃତ୍ୟୁର ଦୀପାବଳୀ
ଶୁଣିଛି ଦୀପ ଜାଳି ଅପେକ୍ଷା କଲେ ଶୀଘ୍ର ଆସିଯା'ନ୍ତି ଲୋକେ ।
ମୁଁ ତ ହାତରେ ଧରି ଦୀପଟିଏ ତୁମ ନାଁକୁ ଯୋରରେ ଡାକେ ।

ତୁମ ଆସିବା ଖବର ପାଇଲେ
ଧମନୀ ଟିକିଏ ବିଶ୍ରାମ ନେବ,
ସ୍ପନ୍ଦନ ଗଭୀର ନିଦ୍ରାରେ ଯିବ,
ଦେହ ଅନ୍ଧାରି ସହରେ ହଜିବ,
ଆତ୍ମା ସ୍ୱାଧୀନ ନିଃଶ୍ୱାସ ମାରିବ ।

ଯେବେ ତୁମେ ଆସି ପହଞ୍ଚିବ
ସୂର୍ଯ୍ୟ ନାରଙ୍ଗୀ ରଙ୍ଗର ଚାଦର ଘୋଡେଇ ଶୋଇବାକୁ ଚେଷ୍ଟା କରିବ
ଗୋରା ମୁହଁରେ ହଳଦୀ ଲଗାଇ, ଚାନ୍ଦ ଆକାଶ ଛାତିକୁ ଚିରିବ
ଦିନ ଗଭୀର ସମୁଦ୍ରେ ବୁଡିବ, ରାତି କୂଳେ ବସି ଦେଖୁଥିବ
ଆଉ କାନ୍ଦି କାନ୍ଦି ପୁଣି ଅନ୍ଧାର ଆସି ଆଲୁଅ ସହ ମିଶି ଯିବ
ଆଉ ଯେ ବିଳମ୍ବ କରନି
ଆଉ ରାଗ ଅଭିମାନ କରନି
ତୁମ ବାଟକୁ ଚାହିଁ ବସିଛି ମୁଁ
ଧୈର୍ଯ୍ୟର ଆଉ ଯେ ପରୀକ୍ଷା ନିଅନି
ଚାଲି ଆସି ତୁମେ ଚାଲି ଆସ, ଏଇ ଦୀପ ସବୁ ଶୋଇବା ଆଗରୁ
ବିଦାୟ ନବା ପୁଣି ଆମେ ମିଶି, ଏଇ ମୃତ୍ୟୁର ଦୀପାବଳୀରୁ

- ୦ -

ମାର୍ଶାଘାଇ, କେନ୍ଦ୍ରାପଡା, ଓଡିଶା
ମୋ: ୭୦୦୮୯୫୭୭୧୫

କବିତା ତୁ ! ସଞ୍ଜୀବହୀନା

ରୁବି ନାୟକ

ତୁ କେବେ ସୃଷ୍ଟିକାରିଣୀ
ପୁଣି ହେଇଯାଉ ସ୍ୱୟଂଶାସିକା
ରୂପ ତୋରୋ ପୂର୍ଣ୍ଣକିଶୋରୀ
କବିତା ତୁ ଯୋଗ ସମ୍ଭବା
ଅଛି ତୋର ଦୃଷ୍ଟି ଅର୍ଥବା
ତୁ ଲୋ ସୁବର୍ଣ୍ଣ ପ୍ରସୁ
ତୁ ସାଜିଥାଉ ପଥ ଦର୍ଶିକା
ଗୋପନେ ସ୍ୱୟଂ ସମ୍ଭବା
କେବେ ସାଜୁ ଫଳଦାୟିନୀ
ହଁ ତୁ ପ୍ରେୟସୀ କନ୍ୟା
ସତେ ତୁ ସ୍ମିତିବିହିନା
ବିରହେ ବିଳାସୀବେଗମ୍
କବିତା ତୁ ଆଶାଦାୟିନୀ
କବିତା ତୁ ବୋଧଦାୟିନୀ
କିଏ କହେ ତୁ ପଂକ୍ତି ସମୂହା
କିଏ କହେ ତୁ ଯୁକ୍ତି ସର୍ବଦା

କେବେ ତୁ ଲୀନା
ହେଉଯାଉ ପୁଣି ଧୀନା
ଅବା ରୂପ ପ୍ରୌଢ଼ା
ତୁ କବିତା ନଷ୍ଟା
ଦେଖିବାକୁ ଗଲେ ତୁ ଦ୍ରଷ୍ଟା
ଲୋ ତୁ କ୍ଲିଷ୍ଟା
ହେଇଯାଉ ପୁଣି ଭ୍ରଷ୍ଟା
ଅନ୍ତରରେ ଛନ୍ଦା
କେବେ ପାଲଟି ଯାଉ ବନ୍ଧ୍ୟା
ହଁ ଲୋ ତୁ ତେଜ୍ୟା
ସତେ ତୁ ଶୌର୍ଯ୍ୟା
ବିରହରେ ଶୂନ୍ୟ
କବିତା ତୁ ଗୂଢ଼ା
କବିତା ତୁ ମୂଢ଼ା
କିଏ କହେ ତୁ ରିକ୍ତା
କିଏ କହେ ତୁ ତିକ୍ତା

ହେଲେ ତୁ ଲେଖନୀ ମୁନେ ପୁଷ୍ଟା
ମାନସ କନ୍ୟାର ସ୍ରଷ୍ଟା..... ।

- ୦ -

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୂବନେଶ୍ୱର
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ
ମୋ: ୬୩୭୨୩୩୦୦୩୩

ମୋ ଗାଁ

ପ୍ରଗତୀ ମିଶ୍ର

ବୃନ୍ଦାଦେଇପୁର ନାଆଁଟି ସୁନ୍ଦର
ଗାଁଟିର ମନଛାଣି
ଗୋଳିପାଣି ତାର ପଦଧୌତ କରି
ବହଇ ସଦା ବ୍ରାହ୍ମଣୀ
ଗାଁ ଆମ୍ବତାଳେ ବଉଳ ଗହଳେ
କୋଇଲିର କୁହୁତାନ
ମୋ ଗାଁ ମନ୍ଦିରେ ସନ୍ଧ୍ୟା ଆଳତୀରେ
ଶୁଭେ ଘଣ୍ଟ ଘଣ୍ଟି ସ୍ୱନ
ଛୁକୁ ଛୁକୁ କରି ଦି ପହର ଗାଡି
ସମୟ ଜଣାଇ ଦିଏ
ଚରଚର ହୋଇ ନୂଆ ବୋହୂଟିଏ
ଶ୍ୱଶୁରଙ୍କୁ ଭାତ ଦିଏ
ଆସନ୍ନ ପ୍ରସବା ଗରଭିଣୀ ଗାଇ
ଗୋଠ ପଛେ ଚାଲେ ଧିରେ
ଗୀତ ଗାଇ ଗାଇ ଗାଇଆଳ ଭାଇ
ଆଉଁସଇ ଶରଧାରେ

ମାର୍ଗଶୀର ମାସ ଗୁରୁବାରେ ପୁଣି
ସଭିଙ୍କ ଦୁଆରେ ଝୋଟି
ପିଠାପଣା ବାସ ଗନ୍ଧ ଚନ୍ଦନରେ
ମହକେ ମୋ ଗାଁ ମାଟି
ସାପ୍ତାହିକ ହାଟ ଗହଳ ଚହଳ
ସପ୍ତାହେ ବସେ ଦି ଥର
ଆମ ଗାଁ ହାଟ ସେ ହାଟ ପଡିଆ
ସ୍ମୃତି ମୋର ଅତୀତର
ବରଷକେ ଥରେ ବାର୍ଷିକ ଭୋଜିରେ
ସବୁ ସାଙ୍ଗ ସାଥୀ ମେଳ
ବୟସ୍କ ହେଲେ ବି ମନେ ପଡିଯାଏ
ଗାଁ ଦାଣ୍ଡ ଧୂଳିଖେଳ
ମଙ୍ଗଳ କାରିଣୀ ମୋ ମାଆ ମଙ୍ଗଳା
ଗାଁ ମୁଣ୍ଡେ ବିରାଜିଛି
ସବୁ ସୁଖ ଦୁଃଖ ସମର୍ପଣ କରି
ଦୂରୁ ପ୍ରଣାମ କରୁଛି ।

- o -

ରାଜନଗର, କେନ୍ଦୁଝର

ମୃତ୍ତିକା ଶଯ୍ୟା

ସନ୍ତୋଷ ଭୋଇ

ଜୀବନ ଏବେ ଭାତ ହାଣ୍ଡିରେ ଫୁଟିବା ଆରମ୍ଭିଛି
ମଧ୍ୟାହ୍ନର ସୂର୍ଯ୍ୟକୁ ଆଁ କରିଛି
ଭୋକିଲା କୁନି ହନୁମାନ
ଭୋକ ଜ୍ୱାଳାରେ ଉଦର ପିଠିକୁ ଛୁଇଁଲାଣି
ବୈଶାଖର ପାଚିଲା ଆମ୍ବ ପରି
କୋଇଲି ଅଣ୍ଡରେ ସେ ଏବେ କ୍ଷତାକ୍ତ
ଗୁଣ୍ଡୁଚିମୂଷା ଅଇଁଠାରେ ଭୂଲୁଣ୍ଠିତ !
ଗାଁ ଧାନକ୍ଷେତର ଲହଡିରେ ଆଖି ମେଲେ ଜୀବନ

ପଞ୍ଜରା କାଠିର ଦେହ ଉତପୁଲ୍ଲିତ ହୋଇ ଉଠେ
ଶରତର ଶିଶିର ଟୋପାରେ !
ମୌସୁମୀ ଫେରିଛି କୁଆଡେ
ନୋକ କୁହାକୁହି ହେଉଛନ୍ତି କାଲିଠୁ ବର୍ଷିବ
ସାଆନ୍ତେ ବି କହୁଥିଲେ ।
ଆଜି ମୋତେ ନିଦ ନାହିଁ, ଭୋକ ନାହିଁ
ଶୋଷ ନାହିଁ, ଅଛି ସ୍ୱପ୍ନ

କହୁଥାଏ ମଦନା ସାହୁ ତା ଘରଣୀକୁ ।
ସ୍ୱପ୍ନ ବୁଣିବା ବାହାନାରେ ସେ ବୁଣି ଦେଇଥିଲା ଆଉ କିଛି
ଯାହା ଆଶା ଠାରୁ ବି ଅଧିକ ଥିଲା ତା ପାଇଁ ।
ସ୍ୱପ୍ନ ଗଜୁରିବା ଆଗରୁ ପାଣି ଛିଟାରେତ ଉଜୁଡିଗଲା ନିଦ
ସ୍ୱପ୍ନ ସବୁ ବଗ, ଗେଣ୍ଡାଳିଆ ସାଜି ବସିଗଲେ ବିଲ ଗହୀରରେ ।
ପାହାନ୍ତି ସପନ ତ ସତ ହେଇନି ତାର
ଯା ପାଇଁ ଦିନେ ସେ ଉଠିପଡିଥିଲା ରାତି ଅଧରୁ
ବିଲରୁ ପାଣି କାଟିବାକୁ,
ସେ ସ୍ୱପ୍ନ ଗଲା କୁଆଡେ ।
ପୁଅ ନେତ୍ରମଣିର ପରୀକ୍ଷା ଫିସ୍ ଟା ବାକିଥିଲା
ଏଇ ଅମଳ ପରେ ଦେବା ପାଇଁ ।
ଅମଳ ତ ହେଲା ଫୁଲରୁ ଅଧା ଫୁଟିଥିବା ଧାନ
ପୋକ ମାଛି ଅମଳ କଲେ ଯେ
ବିଲରେ ଜୁଆରଟା ଥମିଗଲା ପରେ
ସ୍ୱପ୍ନ ସବୁ ମୃତ୍ତିକାଶଯ୍ୟା ଲୋଡିଲେ
ମଦନା ସାହୁ ବି ।
ସେଦିନ ଧୁ ଧୁ ଖରାବେଳ ଠାରେ
ପୁଅର ମୁଣ୍ଡ ଆଉଁସି ଦେଇ ଚାଲିଆସିଲା ଗହୀର ପାଖକୁ
ବୁଣିଥିବା ସ୍ୱପ୍ନ ସବୁକୁ ପରଖି ନେଲା କୋରଡରେ
ଲୁଚିଯାଇଥିବା ଆଖିରେ
ଗଣିତର ଖେଳ ଯେତେ ସେ ଶିଖିଥିଲା ଚାଟଶାଳୀରେ
ମନୁନ କଲା ଏଯାଏଁ ବୋଝ ଉଠେଇଥିବା ମଗଜରେ
ସରକାରଠୁ ଦଶ ଦଶ କୋଡିଏ
ସାହୁକାରୀ ଠୁ ଛ ନ ପନ୍ଦର
ଘରଣୀର ଅଧା ଚିନା ସୁନାମାଳି, ପଟେ ସଙ୍ଖା
ଏମିତି ଦଶ୍ କି ବାଆର
ଝୁଅ ବାହାଘର ପାଇଁ ରଖିଥିବା କୋଡିଏ କି ପଚିଶ
ହେଲା ସଚୁରା ।
ସବୁତ ଏଇ ମାଟିରେ ମିଶିଗଲେ
ତା ସ୍ୱପ୍ନ ସହ
ଦିହ ଖାଲି ବାକି ଅଛି ।
ବର୍ଷଯାକର କ୍ଲାନ୍ତି ଆଉ ବୋଝରେ
ନଇଁପଡିଥିବା ଦିହ
ଏବେ ମୃତ୍ତିକାଶଯ୍ୟାରେ ।

- ୦ -

ନଣ୍ଡେଇଲୋ, ଖଲିବେରଣା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୫୫୬୯୨୪୫୨୬

ପ୍ରେମ ଋତୁ ଓ ବିରହ

ସାଗରିକା ସାହୁ

ଜାଣିଲି ଯେବେ ତୁମରି ପାଶେ
ନାହିଁ ମୋ' ପାଇଁ ଟିକିଏ ପ୍ରୀତି
ଜଳାଇ ଦେଲି ମୋ ବକ୍ଷ ଦେଶେ
ସାଇତିଥିଲି ଯେତେ ଯେ ସ୍ମୃତି ।
ଶପଥ୍ ଥିଲି ଜୀବନେ ମୋର
ଜୀଇଁବି ଯଦି ତୁମରି ପାଇଁ
ଯେଦିନ ତୁମେ ଏଡାଇଦେବ
ସଜାଇ ଦେବି ନିଜେ ମୋ ଯୂଇ ।
ବିଦୀର୍ଣ୍ଣ ମୋର ବୁକୁରେ ଥିଲା
ଗ୍ରୀଷ୍ମ ସମ କଠୋର ପଣ
ବରଷା ସାଜି ପ୍ରଣୟୀ ମୋର
ଭିଜାଇ ଥିଲ ପ୍ରେମର ବଣ ।
ନିର୍ମଳ ଏକ ଶରଦ ସଂଜେ
ଲିଭାଇ ସାରା ନଗର ଦୀପ
ଉଠିଲା ତେଜି ମରମ ତଳେ
କାମନା ଭରା ଶତ ପ୍ରଦୀପ ।
ସେଦିନୁ ସଖୀ ବିଳପେ ମୁହଁ
ହେମନ୍ତେ ସ୍ନିଗ୍ଧ ପ୍ରଦୋଷ କାଳେ

ତୁଷାରପରେ ତୁମରି ମୁଖ
ଝଟକେ ସମ ମୁକୁତାମାଳେ ।
ଉଠିଲେ ଜଡି ଶୀତରେ ଦେହ
ଉଷ୍ମତା ତବ ଉରଇ ଚାଟି
ବସନ୍ତେ ତୁମ କରୁଣ ପ୍ରୀତି
ପ୍ରଣୟ ରଚେ ମୋ' ପ୍ରାଣେ ଅତି ।
କୁହଗୋ ପ୍ରିୟା ଛଳନାକରି
ଦାରୁଣ କିବା ହୋଇଲ ଏତେ
ପ୍ରେମକୁ ମୋର କାତର କରି
ଆପଣି ନେଲ ବିରହ ସତେ ।
ଜଗତେ ଯେବେ କହିବେ ଉଠି
ନିରବୀ ଗଲା ପ୍ରେମିକ ମାତ୍ର
ରହିଲା ରାଣ ପ୍ରଣୟୀ ମୋର
ଭିଜାଇ ଦେବ ସେ ଦୁଇ ନେତ୍ର ।

- ୦ -

ବରୀ, ଯାଜପୁର

ଅପ୍ରେମିକ

ସ୍ମୃତିରଞ୍ଜନ ସେଠୀ

ତୁମଠୁ ହାରିଯିବାରେ
ମୋର ଭୟ ନଥାଏ
ଜିତିବାରେ ଭୟଥାଏ ।
ତୁମ ପ୍ରତାରଣାରେ
ମୋର ଡର ନଥାଏ
ତୁମ ପ୍ରେମରେ ଡରଥାଏ
ତୁମେ ମୋତେ ଠକି ଚାଲିବାର '୦' ଭିତରେ
ମୁଁ ନିରୂପାୟରେ ବନ୍ଦୀ ଥାଏ ।
ମୋତେ ଭାଙ୍ଗି ଦେବାକୁ
ତୁମ ପ୍ରହାର ଯଥେଷ୍ଟ ନୁହେଁ
ପାରିବ ଯଦି ଆଲିଙ୍ଗନ ଦେଇ ଦେଖ ।
ମୋତେ ପ୍ରତାରଣା ଦେବାକୁ
ତୁମ ଘୃଣା ପର୍ଯ୍ୟାପ୍ତ ନୁହେଁ
ପାରିବ ଯଦି ପ୍ରେମ କରି ଦେଖ ।
ମୁଁ ରାଜଦ୍ରୋହ କରିନି
ଏଣୁ ଚକ୍ରବ୍ୟୂହ ରଚନା ।
ମୁଁ ଅସ୍ତ୍ର - ବସ୍ତ୍ର ହରିନି
ଏଣୁ ପସାଗୋଟି ଫିଙ୍ଗନା ।
ମୁଁ ବରଦାନ ପାଇନି
ଏଣୁ ହରି ହରି ଭଜନା ।
ମୁଁ ଏମିତି ମଣିଷଟିଏ
ଯିଏ ଭଲ ପାଇବାରେ ନିଇତି ହାରୁଥାଏ
ତାକୁ ଆଉ ଛଳନା ଜାଲରେ ଛନ୍ଦନା
ମିଛ କଥା କହି ନିନ୍ଦନା
କୁମ୍ଭୀର କାନ୍ଦଣା କାନ୍ଦନା

- ୦ -

ଓଡିଆ ବିଭାଗ, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୩୩୭୦୮୯୨୬

ସଡକ ସୁରକ୍ଷା ଜୀବନ ରକ୍ଷା

ଜ୍ୟୋସ୍ନାରାଣୀ ଭୂୟାଁ

ଗାଡି ଚାଳନା ବେଳେ କର ପରିହାର
ମୋବାଇଲ୍ ଫୋନ୍‌ର ବ୍ୟବହାର ।
ଜନ ସାଧାରଣ ସଚେତନ ହୁଅ
ଦୁର୍ଘଟଣାକୁ ଏଡାଇ ଦିଅ ।
ହେଲ୍‌ମେଟ୍ ପିନ୍ଧି ଗାଡିରେ ବସ
ନହେଲେ ହେବ ସର୍ବନାଶ ।
ସିଟ୍ ବେଲ୍‌ଟ ପିନ୍ଧି ଗାଡି ଚଲାଅ
ଦୁର୍ଘଟଣାରୁ ନିଜକୁ ବଞ୍ଚାଅ ।
ବଡ ନୁହେଁ ବେଗ ବଡ ନୁହେଁ ଯାନ
ଯାତ୍ରାଠାରୁ ବଡ ଜାତିର ଜୀବନ ।
ଟ୍ରାଫିକ୍ ନିୟମ ମାନି ଚାଲିବା
ସୁରକ୍ଷିତ ଜୀବନ ଲାଭ କରିବା ।

- ୦ -

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଭାରତ ଦେଶର ଗାଥା

ପ୍ରଜ୍ଞାସିନୀ ପାତ୍ର

ସୁନ୍ଦର ଏଇ ଭାଷା
ସୁନ୍ଦର ଯାର କଥା
ସୁନ୍ଦର ଏଇ ଭାରତ ଦେଶ ଗାଥା
ଯାହାରି କୋଳେ ଜନମ ନେଲି
ରଖି କୋଳରେ ମଥା ।
ତାହାରି କୋଳେ ଜୀବନ ଦେଲି
ଗାଇ ଦେଶର ଗାଥା ।
ସୁନ୍ଦର ଏଇ ଭାଷା
ସୁନ୍ଦର ଯାର କଥା
ସୁନ୍ଦର ଏଇ ଭାରତ ଦେଶ ଗାଥା
ଖିଲି ଖିଲି ହୋଇ ହସି ଉଠୁଛି
ସବୁଜ କ୍ଷେତ ତାର
ନାଚି ନାଚି ସେ ଗାଇ ଯାଉଛି
ଆମ ଦେଶର ମାନ
କମଳ ଯାର ହସରେ ଶୋଭେ
ନେତ୍ରରେ ଜ୍ଞାନ ପ୍ରକାଶେ
ସେଇ ଯେ ଆମ ଭାରତ ଦେଶ
ସୁନ୍ଦର ଶାଳୀ ସୁଶୋଭିତ ବେଶ
ସୁନ୍ଦର ଏଇ ଭାଷା
ସୁନ୍ଦର ଯାର କଥା
ସୁନ୍ଦର ଏଇ ଭାରତ ଦେଶ ଗାଥା ।
କ୍ଷେତରେ ତା'ର ଧାନ ଫସଲ
ଆକାଶେ ତା'ର ବିହଙ୍ଗ ମେଳ ।
ମସ୍ତକେ ଯାର ପର୍ବତ ଶୋଭେ
ପାଦକୁ ଯାର ସମୁଦ୍ର ଧୋଏ
ସେଇ ସେ ଆମ ଭାରତ ଦେଶ
ସୁନ୍ଦର ଶାଳୀ ସୁଶୋଭିତ ବେଶ
ସୁନ୍ଦର ଏଇ ଭାଷା, ସୁନ୍ଦର ଯାର କଥା
ସୁନ୍ଦର ଏଇ ଭାରତ ଦେଶ ଗାଥା ।

- ୦ -

ଜେନାପୁର ସରକାରୀ ସ୍କୁଲ
ଶ୍ରେଣୀ - ୯

ସମ୍ମୋହିନୀ

ଶ୍ରୀ କିରଣ କୁମାର ମ

ଉଆସ ବାହାରେ ଚକମକ୍ ବିଜୁଳି ଆଲୁଅ
ମହାଶୂନ୍ୟେ ପ୍ରଚଣ୍ଡ ଘଡଘଡି
ଆଉ ଅସରାଏ ବର୍ଷା
ସାଙ୍ଗକୁ ଶଙ୍କିତ ମନ...
ଚୁପଚାପ୍ ବସିଥାଏ ମୁଁ କୋଠରୀ ଭିତରେ
ଦର୍ପଣ ସାମ୍ନାରେ
ଆନମନା ହୋଇ
ଭିନ୍ନ ଏକା ଭାବନାରେ ବୁଡି....
ହଠାତ୍ ଦଇକାଏ ପବନରେ ଖୋଲିଯାଏ ଦରଜା
ଧୂଆଁ ଭଳି ଉଡେ ଆଉ ଧସେଇପଶେ ପାଣିର ଛିଟକା ସବୁ...
ଘନଅନ୍ଧାର ଭିତରେ ସଫେଦ ଦୀପ୍ତି ବିଚ୍ଛୁରିପଡେ
ପାଦ ଥପ୍ ଥପ୍ କରି କେହି ଜଣେ ଆଗକୁ ବଢ଼େ...
ନୁପୁର ର ତାଳେ ତାଳେ
ଧଳା ମାର୍ବଲରେ ଲାଲ୍ ଲାଲ୍ ପଦଚିହ୍ନ
ଜାଣି ହୁଏନା
ଅଳତାର ନା ବୁନ୍ଦା ବୁନ୍ଦା ରକ୍ତର !!!
ଭିନ୍ନ ଏକ କସ୍ତୁରୀର ମହକରେ ଘର ସହ ମହକି ଉଠେ ମନ
ବେଣୀରେ ପେନ୍ଥା ପେନ୍ଥା ରକ୍ତ ଗୋଲାପ ଆଉ ରଜନୀ ଗନ୍ଧା...
ପାତଳୀ ତନୁରେ ନାଲି ଶାଢ଼ୀ
କଚଟିରେ ଶାଗୁଆ ଚୁଡି...
କିଏ ସେ କୁହୁକିନୀ!!!
ସତେ ଅବା ସରସୀରେ ନୀଳ କୁମୁଦିନୀ!!
ସମ୍ମୋହିନୀ!!!
ଆଇନାରେ ଅପଲକ ନୟନରେ ଚାହିଁରହିଥାଏ ମୁଁ
ସମୟରେ ବି ଟଣାହୋଇସାରିଥାଏ ପୂର୍ଣ୍ଣଚ୍ଛେଦ
କିନ୍ତୁ ସେ ଅନିନ୍ଦ୍ୟ ସୁନ୍ଦର ରୂପ ସଂଦର୍ଶନରେ
ଆଉ କାହା ମନରେ ଜନ୍ମିପାରେ ପ୍ରେମଭାବନା
ପରନ୍ତୁ ମୋ ହୃଦୟ ଅନ୍ତରାଳୁ
ଉକୁଟି ଉଠେ ଯୁଗ ଯୁଗରୁ କବର ଦିଆଯାଇଥିବା ଅଦମ୍ୟ
କୋହ
ଆଉ କାହା ଶିରାପ୍ରଶିରା ଉତ୍ତେଜିତ ହୋଇପାରେ ଗରମ ରକ୍ତରେ
କିନ୍ତୁ ଆଖି ମୋର ଜକେଇ ଆସେ ଉଷୁମ ଲୁହରେ..
ଆଉ କାହା ତନୁରେ ପ୍ରଜ୍ୱଳିତ ହୋଇପାରେ କାମାଗ୍ନି
କିନ୍ତୁ ମୋ ଆଖିଆଗରେ ବାରମ୍ବାର ଭାସିଉଠେ ବାହାଘର
ବେଦୀର ପବିତ୍ର ହୋମାଗ୍ନି
ପୁଣି ଆଉ କେବେ ଜୁଇର ଚିତାଗ୍ନି...
ସେ ରୂପ ଦେଖି ହୋଇନି ମୁଁ କାମାସକ୍ତ
ନା ନିୟନ୍ତ୍ରଣହୀନ
ହରାଇନି ମୋ ପୌରୁଷ...
ଧମନୀ ମୋ ନିସ୍ତେଜ
ପୂର୍ଣ୍ଣ ବିରାମରେ ଶରୀରର କଳକବଜା...
ଭରାଯୌବନ ମୋତେ ମୋହିତ କରିପାରେନା
ବରଂ ସେ ରୂପ ଦେଖି କାମନା କରେ ମୁଁ
ଭିନ୍ନ ଏକ ବାର୍ଦ୍ଧକ୍ୟକୁ...
ଅମାନିଆ ଯୌବନର ବିପରୀତ ଯେ ଜରାଗ୍ରସ୍ତ ବାର୍ଦ୍ଧକ୍ୟ
ନୁହେଁ....
ବରଂ ସନ୍ଧିକ୍ଷଣରେ ଏକ ଅମାପ ଶୂନ୍ୟତା...
କାମନାର ଉର୍ଦ୍ଧ୍ୱରେ ଭିନ୍ନ ଏକ ପ୍ରଶାନ୍ତି...
ଦିବ୍ୟ ପୌରୁଷ
ହଠାତ୍ ଯେବେ ପ୍ରତିବିମ୍ବରେ ସେ ଉର୍ଦ୍ଧ୍ୱମୁଖୀ ହୁଏ
ଆଉ ମୋ ନୟନ ସେ ମୃଗାକ୍ଷୀ ନୟନ ପଖାଳେ
ହୃଦସ୍ପନ୍ଦନ ସତେ ଅବା କିଛି କ୍ଷଣ ନୀରବିଯାଏ...
ଅଗ୍ନିପିଣ୍ଡୁଳା ପରି ଜାଜ୍ୱଲ୍ୟମାନ ସେ ଆଖିଯୋଡିକ
ବୋଧେ ତଲାସ କରୁଥାଏ ମାଂସର ସୁରାକ୍...
ମାରିବାକୁ ମୃତ୍ୟୁର ମୋହର..
ଆଉ ମେଣ୍ଟାଇବାକୁ କାଳକାଳର ଭୋକ...
ଅମୃତ ସାଗରେ ସତେ କି ଲୁକ୍କାୟିତ ହଳାହଳ ବିଷ...
ଚପଳାର ତୀବ୍ର ଆଲୋକରେ ଦେଖାଯାଏ ମୋତେ
ଉର୍ଦ୍ଧ୍ୱକୁ ବାହୁତୋଳି ମରଣର ସଂଗୀତ
ଗାଉଥିବା କେଇଜଣ ପ୍ରସ୍ତର ଯୁଗର ଶ୍ୟାମଳୀ ତରୁଣୀ
ପଂଚମ ତାନରେ ମୃତ୍ୟୁର ଅଶୁଭ ଆବାହନୀ...
ବଜ୍ର ଦୁନ୍ଦୁଭିରେ ପ୍ରକମ୍ପିତ ହୁଏ କର୍ଣ୍ଣଗହ୍ୱର

ଆଉ ସେଇଥିରେ ଶୁଭେ
ଗମ୍ଭୀର ସ୍ୱରରେ ଢ଼ୋଲ ପିଟି
ଗର୍ଜନ କରୁଥିବା କିଛି ଭୀମକାୟ କାଳଦୂତ...
ପୁଣି ଟଣାଓଟରା ହୋଇ
ମୁକ୍ତି କୁ ପ୍ରତୀକ୍ଷା କରିଥିବା
କିଛି ପ୍ରେତାତ୍ମାଙ୍କ ଉତକ୍ଷିପ୍ତ ଚିତ୍କାର..
ସତେ ଅବା ଅନ୍ତିମ ମୁହୂର୍ତ୍ତ ଆଗତପ୍ରାୟ
ସ୍ତବ୍ଧ ମୁଁ: କିନ୍ତୁ ଅବିଚଳିତ
ସେ ଭୟଙ୍କର ଶବ୍ଦରେ ବି ମୋ ଭିତରେ ରାଜୁତି
କରୁଥାଏ ଏକ ଅଚଳ ପ୍ରଶାନ୍ତି ଓ ନୀରବତା...
ଭିନ୍ନ ଏକ ସମ୍ମୋହନର ଯାଦୁ...
ପଛ ବୁଲାଇ ଚାହିଁରହେ କିଛି କ୍ଷଣ
ପୁଣି ବିଳମ୍ବ ନକରି ହୁଏ ନିକଟତର
ହାତ ବଢ଼ାଏ, ମିଳନ ଆଶାରେ ଦେହକୁ ଛୁଇଁବାକୁ ନୁହେଁ
ବରଂ ସେ ପଦଯୁଗଳକୁ ସ୍ପର୍ଶ କରିବାକୁ...
ଆଭୂମ ପ୍ରଣାମ କରେ
ଆଉ ଲାଭ କରେ ସ୍ୱର୍ଗୀୟ ତୃପ୍ତି...
ଛାୟାମୂର୍ତ୍ତି ସ୍ପର୍ଶ ମାତ୍ରକେ
ନିଜ ଭିତରେ ନିଜେ ନିରୁଦ୍ଦିଷ୍ଟ ହୁଏ...
କିନ୍ତୁ ଏ କଣ ?
ସହସା ବଦଳିଯାଏ ସେ ଭୟଙ୍କର ରୂପ...
ଭୀମାରୁ କାନ୍ତା...
ଆଖି ଯୋଡିକରେ ହଠାତ୍ ପ୍ରେମ ଓ ଭକ୍ତିର ଆଭାସ...
ଦେହରୁ ଉତ୍ତାରି ଥୋଇଦିଏ ସେ କ୍ରୋଧାଳଙ୍କାର...
ଆଉ ପରିଧାନ କରେ ପ୍ରେମର ଶୁଭ୍ର ପୂତ ଶାଢ଼ୀ
ସେଇଦିନ ବୁଝିଗଲି ପୁରୁଷର ସ୍ପର୍ଶମାତ୍ରେ ପରିଚୟ ବଦଳାଉଥିବା
ନାରୀର ବି ରୂପ ବଦଳେ...
ପୁରୁଷର ସ୍ୱଭାବରେ ....
ପିଶାଚିନୀରୁ ପ୍ରେମାପ୍ଲୁତା ମାନବୀ ପାଲଟେ
ହଁ,
ଯଥାର୍ଥ ପୌରୁଷକୁ ହିଁ ସମ୍ମାନ ଦିଏ ନାରୀ..
କିଛି କ୍ଷଣ ଆଖି ମୁଦି ଦେଇ
ଏ ସ୍ୱର୍ଗୀୟ କ୍ଷଣକୁ ଅନୁଭବ କରେ
କୁହୁକ ମାୟାରେ ବାତୁଳ ସାଜି
ଭିନ୍ନ ଏକ ମୋହନ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ....
ଗୋଟିଏ ରାତିରେ ବଂଚିଯାଏ ସହସ୍ର ରାତି..
ଇତିହାସ ଯେ ଅପନ୍ତରା ନୁହେଁ
ବରଂ କାଳଜୟୀ, ତାହା ଅନୁଭବ କରେ..
ତତ୍କ୍ଷଣାତ୍ ଚମକିଉଠେ ମୁଁ
ଅନୁଭବ କରେ ମୋ କାନ୍ଧ ଉପରେ କାହାର କୋମଳ ହାତର
ପରଶ
ବିଦ୍ୟୁତ୍ ସଂଚରିଲା ପରି ଶିହରିଯାଏ ପୁରା ଶରୀର...
ଟାଙ୍କୁରିଉଠେ ରୋମ....
ଆଖି ଖୋଲି ପ୍ରକୃତିସ୍ଥ ହୋଇ ଦେଖେ
ଫିଟିଯାଇଛି ଝଡର କବରୀ...
ଚତୁର୍ଦ୍ଦିଗ ନିସ୍ତବ୍ଧ, ଆଉ ନାହିଁ ତୁହାକୁ ତୁହା ବର୍ଷା କି ବିଜୁଳି...
ଭୁଷୁଡି ପଡିଛି କୁହୁକ ତାସ୍‌ର ସୁଉଚ୍ଚ ପ୍ରାସାଦ...
ମୋ ଆଗରେ କେହି ଯେ ନାହିଁ... ଏକା ମୁଁ...
ଆଉ ଦେଖେ
ଶେଯରେ ପଡିରହିଥିବା ନାଲି ଡାଏରୀକୁ
ଯହିଁରେ ଶବ୍ଦ ରୂପେ ଉଙ୍କିମାରୁଥାଏ
କିଛି ଅକୁହା କଥା... ବେଦନା ଆଉ ମେଚାଂଏ ଆଶ୍ୱାସନା...
କାହାର ହସ୍ତାକ୍ଷର ସବୁ ଲେଖାହୋଇଥାଏ...
ଲୁହରେ ନା ଲହୁର କାଳିରେ ଜାଣେନା
କିନ୍ତୁ ଭିଜି ସାରିଥାଏ ମୋ ଶେଯ...
ଓଦା ହୋଇସାରିଥାଏ ତପ୍ତ ହୃଦୟ
ନିର୍ନିମେଷ ନୟନରେ
ଚାହିଁରହିଥାଏ ଫରଫର ହୋଇ ଉଡୁଥିବା ଧଳା ପରଦାକୁ...
ପୁଣି ଅପେକ୍ଷା ଆଉ ଏକ ଅମାବାସ୍ୟା ରାତିକୁ...
ମନ ଆଜି ବି ଗୁମୁରି ପ୍ରଶ୍ନ କରେ..
ସମ୍ମୋହିନୀ କିଏ ? ଯେ ମନକୁ ମୋହେ ? ?
ହେଲେ ଯେ ଆତ୍ମାକୁ ମୋହେ !!!

- ୦ -

ଗୋପବନ୍ଧୁ ପ୍ରଶାସନ ଏକାଡେମୀ
ଭୁବନେଶ୍ୱର

ଗୀତ ଗାଉଥିବା ପକ୍ଷୀ

ସୌମ୍ୟ ରଞ୍ଜନ ମହାପାତ୍ର

ସୁଖର ନଈ ତୀରରେ ରୁହେ,
ଦୁଃଖ ତରୁ ଡାଳେ ବସିଥାଏ ।
ଛଳନା ପାଣିରେ ସେ ପହଁରେ,
ପ୍ରେମର ପିଆଲା ପିଉଥାଏ ।।
ନଈରେ ସଦା ହକାଳେ ସିଏ,
ସେଇ ଜଳକୁ ଜମା ନଛୁଏଁ ।
ଗଛେ ବସି ଗୀତ ଗାଉଥାଏ,
ଫଳ ତାହାର କେବେ ନଖାଏ ।
ଅଖୋଜା ଅଲୋଡ଼ା ନିତି ଦିନ,
ଅତିଥି ସେ ସବୁ ଘରେ ପୁଣ ।
ଅନଳେ ଖେଳିବାକୁ ତା' ମନ,
ଦିହ ତିଳେ ହୁଏନା ଦହନ ।।
ଜନମରୁ ବସା ବାନ୍ଧି ରହେ,
ମଲା ପରେ ପରେ ଉଡିଯାଏ ।
ଅଜଣା ମୁଲକେ ଘରକରେ,
ଅଫେରା ପଥର ପଥିକଟିଏ ।

- ୦ -

ନୁଆଗାଁ, ବାଲିସାହି, ନରସିଂହପୁର
ମୋ: ୯୩୩୭୩୫୩୩୮୧

ଜହ୍ନରାତି

ରଞ୍ଜନ କୁମାର ବେହେରା

ସରଳ ଅଳସ ଜହ୍ନ
କେତେବେଳେ ଆକାଶର
ଅସମାପ୍ତ ବଉଦ ଭସାଇଦିଏ
ଦୂର ପାହାଡ ମଥାରେ,
ଗଛର ଅସହାୟ ଡାଳରେ ଲାଖିଯାଏ
ତଥାପି ସେ ନିଶି ନିର୍ଜନ ତାରକା ମେଳେ
ପବନର ପ୍ରତିକୂଳେ ଅଟକିଯାଏ
ଟିକିଏ ମୁରୁକି ହସିଦିଏ...
ରାତି ଯେତେ ବଢ଼େ
ନୀରବତା ସେତିକି ଗାଢ଼ ହୁଏ,
ଦେହର ଉଷ୍ମତା ପାରଦ ଛୁଏଁ
ଝିଙ୍କାରୀ ଶବ୍ଦ ଶୂନ୍ୟତାକୁ ଭରିଦିଏ
ଶିଶିର ବିନ୍ଦୁବିନ୍ଦୁଛିଟ ।
ଶିଶିର କୋମଳ ସ୍ପର୍ଶ
ଶିଶିର ଭିଜା ଜହ୍ନ ଅନ୍ୟ ମନସ୍କ
ଅଧିର ଅଧର ଗୋଲାପ ସେଜରେ ବ୍ୟସ୍ତ
ରୂପା ଜହ୍ନର ମୁହଁ
ଆହୁରି ଅଧିକ ସୁନ୍ଦର ଦିଶେ.... ।
ଗଭାରୁ ଝରିପଡେ
ଶେଫାଳିର ବାସ୍ନା
ପ୍ରତିକ୍ଷାର ଅନ୍ତହେଲା
ମନ ଅନ୍ତରେ ଆନନ୍ଦତୃଷ୍ଣା
ଅଗଣାରେ ବିଛାଇ ରଜତ ଜ୍ୟୋସ୍ନା
ଛାଇ ଆରପଟ
ଅନ୍ତିମ ସୀମାରେ.... ।
ଜହ୍ନ ତୁମେ ଉପସ୍ଥିତ
ଟିକିଏ ଦେଖାଦେବା ପାଇଁ
ବହୁ ପ୍ରତୀକ୍ଷା ପରେ ..... ।

- ୦ -

ଅଶୋକନଗର, ଲେନ୍ - ୦୨
ଜି: କୋରାପୁଟ - ୭୬୪୦୨୦
ମୋ: ୯୪୩୮୭୪୫୪୧୪

ସଖ୍ୟ

ପ୍ରଦୀପ କୁମାର ପଣ୍ଡା

ଗଛଟି ଭାବୁଥିଲା ମୁଁ ଯଦି ଚଢ଼େଇ ହୋଇଥାନ୍ତି
କେତେ ଭୋଗିଥାନ୍ତି ଦୁଃଖ
ଦିନ ସାରା ପହଁରୁଥାଅ ଆକାଶ ।
ଚଢ଼େଇ ଧନ୍ୟବାଦ ଜଣାଉଥିଲା ଭଗବାନଙ୍କୁ
ତାକୁ କଲେ ନାହିଁ ଗଛ ବୋଲି
ଏତେ ଡାଳ, ଏତେ ପତ୍ର
ଛୁ ନାହିଁ ଉଡିବାର ।

ଇଟା ଭାବୁଥିଲା
ସାନ ବଡ ହୋଇ ଥାଆନ୍ତା ଯଦି
ନଅଟି କୋଠରୀ ତାଆର
ନଅ ପ୍ରକାରର ଦୁଃଖ ପାଳିଥାନ୍ତେ ସଂସାର ସେଇଠି
ଭଲ ହେଲା ନ ହେଲି ମୁଁ ଉଆସ ।
ଉଆସ ଭାବୁଥିଲା
ଯେତେ ଲୁଚେଇଲେ ବି
ପାଣି ଚରିବ, ପବନ ଚାଟିବ ଇଟାକୁ ।
କଙ୍କି ଧିକ୍କାର କରୁଥିଲା ବିଧାତାଙ୍କୁ
କିଶୋରଙ୍କ ରଚନା ପାଇଁ,
ମୋର ମୁଣ୍ଡ ପରି ଆଉ ସାତୋଟି ହେଲେ ଯାଇ
ଚୁଲି ଜଳିବ ସେମାନଙ୍କ କଣ୍ଢେଇର,
ଅପୂରା ରହି ଯାଇଥାନ୍ତା ବିଧାତାଙ୍କ କଳ୍ପନା

ଯଦି କଙ୍କି ନଥାନ୍ତା ରଚନାରେ
ଭାବୁଥିଲେ କିଶୋରମାନେ ।
ବରଫ ଦୁଃଖିତ ହେଉଥିଲା ନିଆଁର ଯନ୍ତ୍ରଣାରେ
ଆହା, କେତେ ଜ୍ୱଳନ ।
ସୂର୍ଯ୍ୟର କ୍ରୁରତାକୁ ନିନ୍ଦୁଥିଲା ନିଆଁ
ଆଶ୍ୱାସନା ଦେଉଥିଲା ବରଫକୁ ।
ହୁଏତ ଜଳୁଥିଲେ ଉଭୟ
ବା ଜମାଟ ବାନ୍ଧି ଯାଇଥିଲା ତାଙ୍କର ଦୁଃଖ ।
କୁହୁଡି ଭାବୁଥିଲା
ମୁଁ ଅଛି ବୋଲି ଅଛନ୍ତି ଈଶ୍ୱର, ଅଛି ସତ୍ୟ
ସୁନ୍ଦର ଓ ମଧୁର,
ଏତେ ନିଷ୍ଠୁରତାକୁ ନହେଲେ
କେମିତି ସହନ୍ତା ମଣିଷ ।
ମଣିଷ ଭାବୁଥିଲା ଭାଗ୍ ବେ କୁହୁଡି
ମୋର ଆଖିର ଆଲୁଅରେ ମୁଁ ଆଜନ୍ମ ଅନ୍ଧ ।
ଆଲୁଅ ଭାବୁଥିଲା ରକ୍ଷା ହେଲି ନାହିଁ ଅନ୍ଧାର,
ଅନ୍ଧାର ଭାବୁଥିଲା ବିଚରା ଆଲୁଅ ।
ଯଦି ଥିଲେ, ମନ୍ଦ ମନ୍ଦ ହସୁଥିଲେ ଈଶ୍ୱର
ଏମାନଙ୍କ ସଖ୍ୟ ଦେଖି ।

- ୦ -

ବୃନ୍ଦାବନ ବିହାର, ସରଲା
ଧନକଉଡା, ସମ୍ବଲପୁର
ମୋ: ୯୪୩୭୧୪୮୭୦୯

ମଶାଣି ସାଜିଛି ମନ

ସୁରଞ୍ଜନ ପ

ତୁମେ ତ ଫଗୁଣ ଆସିବା ଆଗରୁ
ଜଳିଛି ସବୁଜ ବନ
ସମୟ ଶାଖାରେ ଫୁଲ ଶବ ଝୁଲେ
ମଶାଣି ସାଜିଛି ମନ ।
ବଦଳି ଯାଇଛି ଋତୁ ରାତି ସବୁ
ବହୁଛି ବାରୁଦ ଝଡ
ରକତ ପିଉଛି ଶିକାରୀର ଭୋକ
ଶୂନ୍ୟ ଯେ ପକ୍ଷୀ ନୀଡ ।
ମଳୟ ଛାତିରେ ଥୋଇଛି ମଣିଷ
ବିନାଶର ପାଦ ଚିହ୍ନ
ତୁମେ ତ ଫଗୁଣ ଆସିବା ଆଗରୁ
ଜଳିଛି ସବୁଜ ବନ ।

ସୁଧାମୟ ଏଇ ପୁଣ୍ୟ ପୃଥିବୀ
ନାଉ କରିଅଛି ଦୁଃଖ
ମିଛ ଅବିରକୁ ଦେହେ ତୁମ ବୋଳି
ପାଇବ କି କୁହ ସୁଖ ।
ଅନୁରାଗ ଭରା ସବୁଜ ପଣର
ସ୍ମୃତି ସବୁ ଏଠି ଲୀନ
ତୁମେ ତ ଫଗୁଣ ଆସିବା ଆଗରୁ
ଜଳିଛି ସବୁଜ ବନ ।

- ୦ -

ସଂପାଦକ ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର ବାଲେଶ୍ୱର
ମୋ: ୮୧୧୭୮୦୫୯୫୯

ବ୍ୟବଧାନ

ସୁଜ୍ଞାନ ବେହେ

ଚାଲ ଗୋଟେ ଘର ତୋଳିବା
ମୂଲ୍ୟବୋଧର ମାଟିରେ, ପ୍ରଗତିର ତୋଟାରୁ ।
ଯା'ଉପର ମହଲାର ଲିଫ୍ଟ ଆସୁଥିବ ତଳକୁ,
ତଳ ମହଲାର ପାହାଚ ଚଢୁଥିବେ ଉପରକୁ ।
ତଳ ଚୁଲିଟି ଯାଚିଦେଉଥିବ
ଚଉଦ ଜାଡର ଗୋଟିଏ ବାମ୍ଫ,
ଉପର ଏସିଟି ଢ଼ାଳିଦେଉଥିବ
ନିଦାଘ ତାତିରେ ସେରାଏ ଶୀତଳ ତ୍ରାହି ।
ଗ୍ରାଇଣ୍ଡରରେ ପେଶି ହେଉଥିବେ
ଯେତେ ନାତିଦୀର୍ଘ ଅଯଥା ପ୍ରଥା ସବୁ,
ଆଉ ଢ଼ିଙ୍କିଶାଳରେ ଚୁନା ହେଉଥିବେ
କୌଶଳର ବେକାବୁ ଅଭିମାନ ଯେତେ ।
ବୈଠକ ଘରେ ଟଙ୍ଗା ହୋଇଥିବ
ମଉଜର ଫଟୋ ଓ ଅନୁଶାସନର ମାନଚିତ୍ର,
ନ ଥିବ ଗୀତା ଲାଲ କପଡ଼ା ଓଢ଼ି ପୂଜା ଘରେ
ସେ ବି ହସିପାରୁଥିବ ପଢ଼ା ବହିଙ୍କ ଥାକରେ ।
ମାର୍ବଲ୍ ଫ୍ଲୋରରେ ବି ପଡୁଥିବ ଲକ୍ଷ୍ମୀପାଦ
ନଡାଘସା ଦୁଆରର ଝୋଟି ଭଲି,
ବସ୍ତାନୀରୁ ଶ୍ରଦ୍ଧା ଆଉ ପଣତ ଗଣ୍ଠିରୁ ସ୍ନେହ,
ସିଝୁଥିବା କ୍ଷୀର ପରି ପଡୁଥିବ ଉଛୁଳି ।
ଲଣ୍ଠନ ଆଉ ଡିବିରିରେ ଉଦ୍ଭାସିତ ହେଉଥିବ
ଅଜାଙ୍କ 'ହୁଣାର୍' ଭଳି ବିପନ୍ନ ଗପ ସବୁ,

ଆଉ ନିଅନ୍ ଆଲୁଅରେ ଜେଜେ ସାଜୁଥିବେ
ସହଜରେ ନାତି - ନାତୁଣୀଙ୍କ ସୁପର୍ ହିରୋ ।
ଆଖି ମିଶେଇ ଭାବ ବିନିମୟ କରିପାରୁଥିବେ
ଫ୍ରିଜ୍, ମାଠିଆ ଓ ଅଖାଘୋଡା ବୋତଲ,
ଗୋଟିଏ ଥାଳିରେ ଖେଳିପାରୁଥିବେ
ମ୍ୟାଗି, ମୁଢ଼ି ଆଉ ମଣ୍ଡାପିଠା ।
ଛାତରେ ରେଡି ହେଉଥିବେ ଚାଉଳ ଓ କଖାରୁ ବଡି
ଆଉ ବଗିଚାରେ ନାରୁଥିବେ ବିଲାତି ଗଛ ।
ବାଲକୋନୀର କଢ଼ ସବୁ ମନଖୋଲି
ବାଢ଼ି ପାରୁଥିବେ ନିଜ ଟିକିନିଖି ବ୍ୟଥା,
ଆଉ ପିପାସୁ ଚାତକ ପରି ଶୁଣିପାରୁଥିବେ
କ୍ରମଶଃ ଶୁଖିଯାଉଥିବା ଫୁଲଙ୍କ ଅଙ୍ଗେନିଭା କଥା ।
ଓହ୍ଲେଇ ଆଲୁଅର ଚାଦରକୁ ଘଡିଏ ପାଇଁ
ଭୋଗିପାରୁଥିବ ଘର ରଙ୍ଗତ ରଶ୍ମିର ରୋଶଣୀ,
ଆଉ ତାରା ମହୋତ୍ସବକୁ ନେଇ
ନିଜ ସିନ୍ଦୁକକୁ କରିପାରୁଥିବ ହୀରାଖଣି ।
ଖୁସିରେ ଯେଉଁ ଘରର ସବୁ କାନ୍ଥ ହସୁଥିବେ
ଆଉ ଦୁଃଖରେ ବତୁରୁଥିବେ ପ୍ରତି ଛାତ ଓ ଚଟାଣ,
ପ୍ରତି କାଠ, ଛଡ ଓ ହାଡ ପାଇଁ
ଏକା ସାଥେ ହେଉଥିବ ସୂର୍ଯ୍ୟୋଦୟ,
ପ୍ରତି ଇଟା, ସିମେଣ୍ଟ, ଶିରା ଓ ମାଂସ ଲାଗି
ଏକା ସାଥେ ପାହୁଥିବ ରାତି ।
ମରିବା ଆଗରୁ ଯେଉଁଠି
ସମ୍ଭବ ହେଉଥିବ ଶହେ ଥର ଜୀଇଁବା,
ଚାଲ ଏଇମିତି ଗୋଟେ ଘର ତୋଳିବା...

- ୦ -

ସୁଜ୍ଞାନ ବେଣ୍ଟକାର
ଖଇରମାଳ, ବେଲପଡ଼ା, ବଲାଙ୍ଗିର
ମୋ: ୭୮୪୯୦୯୯୭୧୮

କବି ଓ ସମୁଦ୍ର

ବୀରେନ୍ଦ୍ର ନାୟକ

କୁଆଡେ ଆସିଲ ହୋ କବି ?
କଣ ଇଏ ମୋର କ୍ଷତାକ୍ତ ହେବାର ପାଳି ?
କଣ ଏବେ ମପାଯିବ, ମୋ ଛାତିର ଚଉଡା ?
ମୋ ରକ୍ତର ଗାଢ଼ତା ?
ମୋ ଆଖିର ଗଭୀରତା ?
ନା ବାଲିରେ ବସି ଗଣିବ ତମେ ମୋ ଯଉବନର ଭାଙ୍ଗ ?

ମତେ ଜଣାଅଛି ହେ କବି
ଏବେ ଫର୍ଦ୍ଦ ଫର୍ଦ୍ଦ ହୋଇ ଚିରିଯିବି ମୁଁ,
ଆଉ ତମେ ମାତାଲ୍ ହୋଇ
ଲେଖିବସିବ କୁଢ଼ କୁଢ଼ କବିତା
ତନ୍ନ ତନ୍ନ କରି ଶୋଷିନବ ମୋର ସବୁତକ ରକ୍ତ
ଗାରେଇ ଚାଲିବ ମୋ ଦେହ ସାରା ନିଜସ୍ୱ ଢଙ୍ଗରେ
ମୁଁ ତ ନାମମାତ୍ର ସମୁଦ୍ର ।
ଉଚ୍ଚାଟ ଜୁଆର ସବୁ ତ, ତମେ ଜନ୍ମ ଦିଅ ।

ଅନେକ କବିଙ୍କୁ ଭେଟିଛି ॥
କିନ୍ତୁ ବିଶ୍ୱାସ କର,
ଯେବେ ଯେବେ ତମ ପାଦ ଶବ୍ଦ ଶୁଭେ
ଛାତିତଳେ କଣ ଗୋଟେ ଧଡପଡ ହୁଏ ?
ଗୋଡ ହାତ ଝିମ୍ ଝିମ୍ କରେ
ସାରା ଆକାଶଟା ମତେ ବୋଝବୋଝ ଲାଗେ
ପାଦତଳ ମାଟି ମତେ କଣ୍ଟା ଭଳି ଦିଶେ
ରକ୍ତ ସବୁ ଆପେ ଆପେ ଝରେ ।
ଆଉ ତମେ,
କଣ କେବେ ହେଲା କରିଛ ଆଞ୍ଜୁଳି ଦେଖାଇବାରେ ?

ମହକ

ତମକୁ ମୋ ରାଣ ହେ କବି
ଆରଥରକୁ ଆସିଲେ
ଆଣିବନି ସାଙ୍ଗରେ କଲମ
ସେ ମୁଠା ମୁଠା ବାଲିକୁ କହିବନି ବର୍ଣ୍ଣମାଳା
ଛାତିତଳ ଉତ୍ତାଳ ତରଙ୍ଗ ସବୁ ଅକ୍ଷର ନୁହେଁ ହୋ କବି
ଫିଙ୍ଗିବନି ମୋ ଦେହକୁ ଆଉ ପୁଳାପୁଳା ଶବ୍ଦପୁଞ୍ଜ
ଭାବିନିଅ ତମ ଠାରୁ ହାରିଗଲା ଏକ ବିଶାଳ ସମୁଦ୍ର ॥

- ଠ -

ସ୍ନାତକୋତ୍ତର ପ୍ରଥମ ବର୍ଷ ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ଦୂରାଭାଷ - ୭୩୭୭୯୪୨୮୫୦

ପଞ୍ଚଭୂତ

ବସୁଧା ରାଉତ

ପୃଥିବୀ - ବକ୍ଷରେ ଧରିଛି ଜୀବ ଜଗତ
ସଂରକ୍ଷଣେ ତା'ର ଆମ୍ଭେ ସୁରକ୍ଷିତ ।
ସୃଷ୍ଟି ଦିନରୁ ଶସ୍ୟ ନିବେଶିନୀ
ଧରିତ୍ରୀ ଧରଣୀ ସେ ବସୁଧାନୀ ।
ସନ୍ତାନ ଭାବି ସେ ସ୍ନେହ କରଇ
ଅପରୂପ ମୂର୍ତ୍ତି ମା' ସ୍ନେହମୟୀ ।
ଜଳ - ଉତ୍ପତ୍ତି - ବିଲୟ ହୁଏ ଜଳରୁ
ଖାଦ୍ୟ ସୃଷ୍ଟି ହୁଏ ଜଳ ବୃଷ୍ଟିରୁ
ନିହାତି ଜରୁରୀ ଜଳ ଜୀବନେ
ସୃଷ୍ଟି ନାଶ ହୁଏ ଜଳ ବିହୁନେ
ପର୍ବତରୁ ହୁଏ ଜଳ ପ୍ରବାହିତ
ଆମ୍ଭ ପାଇଁ ହୁଏ ଜଳ ପ୍ରଦୂଷିତ ।
ଅଗ୍ନି - ଅଗ୍ନି ଅଟଇ ଯେ ତେଜସ୍ୱରୂପ
ବିନାଶ କରନ୍ତି ହୋଇଲେ କୋପ
ଦହନ କରନ୍ତି ବର୍ଜ୍ୟ ବସ୍ତୁକୁ
ପ୍ରଣାମ କରୁଛି ତାଙ୍କ ଦେଜକୁ
ତୁମ୍ଭ ଛାୟାକାରେ ଆମ୍ଭେ ଆୟୁଷ୍ମାନ
ସ୍ନିଗ୍ଧ ଯଶୋଦେହେ ତୁମ୍ଭ ଅଧିଷ୍ଠାନ ।
ବାୟୁ - ମାରୁତ ସମୀର ଆଗମନ ସଂଶୀ
ନୀହାର ପଲ୍ଲବ ମଧୁର ଆଶ୍ୱାସି
ଶିହରଣ ଆଣେ ସ୍ପନ୍ଦନେ ମୋହର
ଲଙ୍ଘି କେତେ ବନ ଶୈଳ ସାଗର
ବସନ୍ତ ଋତୁରେ ଦକ୍ଷିଣରୁ ଆସି
ସଭିଙ୍କ ମନରେ ଭରିଦିଅ ଖୁସି ।
ଆକାଶ - ବିରାଜିତ ତୁମ୍ଭେ ବିଶ୍ୱ ଭୂମଣ୍ଡଳେ
ମନଲୋଭା ଦିଶ ନୀଳ ଦୁକୂଳେ
ଦୁର୍ଲଙ୍ଘ୍ୟ ଉତ୍କର୍ଷ ମୁକୁଟ ମଣ୍ଡିତ ।
ଅକ୍ଲେଶ ସଂଶ୍ଲିଷ୍ଟ ତାମସିକତ ।
ଅଭିଜ୍ଞତା ହୀନ ସ୍ଥିର ମନେ
ଆମ୍ଭେ ଗାଇବୁ ତୁମରି ଗାଥା
ସ୍ଫୂର୍ତ୍ତି ଆଲୌକିକ ତୁମ୍ଭେ
ସଫଳର ମନୋରଥା ।

- ଠ -

ଚାରଗୋଠ, ଯାଜପୁର

ତୁମେ

ବିପ୍ଲବିନୀ ଜେନା

ତୁମେ ଅସରନ୍ତି ବାଟ,
ମୁଁ ପାଦ ଚଲା ବାଟୋଇ ।
ତୁମେ ଅମା ଅନ୍ଧାର ରାତି,
ମୁଁ ନିଦ ନଥିବା ହଲେ ଆଖି ।
ତୁମେ ସୁଗନ୍ଧିତ ଫୁଲ,
ମୁଁ ତ ଏକ ଚଗଲି ପ୍ରଜାପତି ।
ତୁମେ ସବଜା ସାରୁ ପତର,
ମୁଁ ଢଳ ଢଳ ବିନ୍ଦୁ ମାତ୍ର ପାଣି ।
ତୁମେ ମେଘୁଆ ଆକାଶ,
ମୁଁ ଝରଝର ବରଷାର ଧାର ।
ତୁମେ ପବିତ୍ର ମାଟିର ଦୀପ,
ମୁଁ ସେହି ଦୀପର ସଳୀତା ।
ତୁମେ କବିର କବିତା ହେଲେ,
ମୁଁ ସେହି କବିତାର ସୂକ୍ଷ୍ମ ସ୍ୱରସୁଧା ।

- ୦ -

ଭୁବନ, ଢେଙ୍କାନାଳ
ମୋ: ୯୫୬୭୧୨୪୯୯

ସାତଦିନର ସର୍ତ୍ତ

ଧର୍ମେନ୍ଦ୍ର ଚୁହାନ

ସାତଦିନର ସର୍ତ୍ତରଖି
ତୁମେ ଜୀଇଁପାର ଜୀବନର ସତୁରି ବର୍ଷ,
ମୁଁ କିନ୍ତୁ ପାରେନା
ସାତଦିନ ମୋ ପାଇଁ ସାତଜନ୍ମ ।

ସାତପଲକରେ ସାତଶହଥର
ଖୋଜୁଥିବା ଆଖି
ତୁମବିନା କେମିତି ରହିବ
ଛଅଶହ ଚାରିହଜାର ଆଠଶହ ସେକେଣ୍ଡର ସମୟ ?

ମୁଁ ଚାହେଁନା ତୁମେ ତୁମର ଏରୁଣ୍ଡିକୁ
ମୋ' ପାଇଁ ନିମିଷକେ ବ୍ଲାଷ୍ଟ୍ କରିଦିଅ,
ମୋ' ପାଇଁ ଦଳିଦିଅନା ତୁମ ଭରସାରେ ବଞ୍ଚିଥିବା
ମଣିଷମାନଙ୍କର ସ୍ୱପ୍ନସବୁ....
ତୁମେ ଦେଖିଥିବା ଭବିଷ୍ୟତ ସତ ହେଉ
ମତେ ବର୍ତ୍ତମାନ ଏମିତି ଜାବୁଡି ଧରିଥାଉ ।

ମୋ ଖତଗଦା ଭଳି ଜୀବନରେ
ଏମିତି ତୁମପରି ପଦ୍ମଟିଏ ଫୁଟିଥାଉ
ଯାହାର ଚେର ମୋ ଛାତିରେ ସବୁଦିନ ଲାଗିଥାଉ...
ମୋ ଦେହର ରକ୍ତଢ଼ୋକି
ତୁମର ପ୍ରତିଟି ପାଖୁଡ଼ା
ଏମିତି ରକ୍ତରୁ ଆହୁରି ରକ୍ତାକ୍ତ ଦିଶୁଥାଉ ।

- ୦ -

ଗ୍ରା/ପୋ: କୁଚିପାଲି, ଜିଲ୍ଲା - ବରଗଡ଼

ନିମିଷକେ ଯିବ ଜଳି

ଧୀରେନ୍ଦ୍ର ମଲ୍ଲ

ସମ୍ପର୍କର ମୂଲ୍ୟ ବୁଝେନି ତ ଯିଏ
ସିଏ କି ମଣିଷେ ଗଣା,
ନାହିଁ ତା ପାଖରେ ବିବେକ, ହୃଦୟ
ଖାଲି ଯା' ଛଳନା ଜଣା ।
ଭାବେ ନାହିଁ ଦିନେ ଏଇ ସଂସାରରୁ
କ୍ଷଣିକେ ବିଦାୟ ନେବ,
ଧନ, ଦଉଲତ ଯାହା ଥିବ ପାଶେ
ସବୁତ ଅଲୋଡା ହେବ ।
ଖାଲି ହାତେ ଆସିଥିଲା ସେ ଯେମିତି
ଯିବ ଖାଲି ହାତ ହୋଇ,
ଛଅ ଖଣ୍ଡ କାଠ ଉପରେ ଆତ୍ମୀୟ
ଯତନରେ ଦେବେ ଶୋଇ ।
ମାଟିର ଶରୀର ଯୁଇର ନିଆଁରେ
ନିମିଷକେ ଯିବ ଜଳି,
ଗର୍ବ ଅହଙ୍କାର ଶେଷ ହେବ ତା'ର
ସାଥେ ହିଂସା ଭାବ କଳି ।
କହିବେ ସଭିଏଁ ଥିଲା ଖଳ ଲୋକ
ମରିଗଲା ଭଲ ହେଲା
ସାଇ ପଡୋଶୀକୁ ଶାନ୍ତିରେ ଟିକିଏ
ବଞ୍ଚିବାକୁ ଭଲେ ଦେଲା ।

ଏମିତି ଶୁଣିବା ଆଗରୁ କାହିଁକି
ବଦଳି ନଯିବା ଆମେ,
ଭଲ ମଣିଷଟେ ହୋଇକି ନିଇତି
ଲାଗିବା ମହତ କାମେ ।
ଛନ୍ଦ କି କପଟ ରଖିବାନି ମନେ
କରିବାନି ବାଦ ଛେଦ,
ଧରମ ବାଟରେ ଚାଲିବା ନିର୍ଭୟେ
ପଢ଼ିବା ପୁରାଣ ବେଦ ।
ସୁଖରେ ଦୁଃଖରେ
ସଭିଙ୍କ ପାଖରେ,
ବନ୍ଧୁ ଭଳି ସାଥେ ରହି ।
ସାହାଯ୍ୟ କରିବା ଅକୁଣ୍ଠା ମନରେ
ଦୁଃଖ କଷ୍ଟ ସବୁ ସହି ।
ଆଶା ନ' କରିକି କାହା ଠାରୁ କିଛି
କରିଯିବା ନିଜ କର୍ମ,
ତେବେ ଯାଇ ଭଲ ମଣିଷ ହୋଇବା
ଜିତିବା ସବୁରି ମର୍ମ ।

- ୦ -

ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

ପ୍ରିୟତମ ଦୁଃଖ

ଅଜୟ କୁମାର ମ

ଆଲୁଅ ଲେଉଟିଗଲାଣି ପର୍ବତ ଉହାଡକୁ
ଏଇକ୍ଷଣି ଅନ୍ଧାରର ଦୋକାନ ବସିବ ମୋ ଚାରିପଟେ,
ଅଥଚ ମୁଁ ଯେଉଁଠି ଥିଲି ଏବେବି ସେଇଠି ।
ରାତିର ଶଜ ଉକୁଟ ଜାଣି ମଧ୍ୟ
ମୁଁ ଅନ୍ଧାର ଭୋଗିବାକୁ ପ୍ରସ୍ତୁତ !
ଆଉ ତୁମେ... ?

ମନେକର ତୁମେ ଉତ୍ତର ରଖିଲ ପ୍ରେମ ।
ଏ ରାତି ଶୋଇଯିବ ଆଲୁଅ କୋଳରେ ?
ଏ ସମୟ ଫେରିଯିବ ଅତୀତର ଆଲଣାକୁ ?
ତୁମେ ମୁଁ ବସିଥିବା ଜହ୍ନର ଛାତ ଉପରେ ?
ତୁମେ ଆସ୍ତେକରି ପୋଛିଦେଉଥିବ ଦୁଃଖ ମୋ କପାଳରୁ ?
ନା ମୁଁ ଆକାଶ ଛାତିରେ ଟିପମାରି ତୁମକୁ ଚିହ୍ନେଇଦେଉଥିବି

ଉତ୍ତର ଆକାଶର ସପ୍ତର୍ଷି ମଣ୍ଡଳ ?

ଏତେ ସବୁ ପରେ
ତୁମେ ମତେ କହିପାର 'ବଦରାଗୀ' ।

ମନେରଖ, ତହତହ ଆଲୁଅ ଅପେକ୍ଷା
ଶୀତଳ ଅନ୍ଧାର ଖୁବ୍ ଭଲ ।
ଯେ ମୋର ନିରୀହ ସ୍ୱୀକାରୋକ୍ତି
ହେଇପାରେ ମୋ ନୀରବତାର ନାଁ

ତୁମେ ଏବେ ନିଆଁ କହିବ.... ।
ଧରାଯାଉ ତୁମ ଉତ୍ତର ଯୁଦ୍ଧ ହେଲା ।
ତେବେ ମୁଁ ଏଇଠି ଏମିତି
ବସିରହିଥିବି ଅନନ୍ତ କାଳ ।
କ୍ଷତାକ୍ତ କରିବା କଣ୍ଟାର ନିୟତି ହେଉ ପଛେ,
ମୁଁ ତୋଳିଥିବା ରକ୍ତ କୁଡୁବୁଡୁ ଫୁଲଟି କେବଳ ତୁମ ପାଇଁ
ତୁମେ ମୋର ସବୁଠାରୁ ବଡ ଦୁଃଖ ହୁଅ ପଛେ ।

- ୦ -

ବଡରମ୍ପାସ, କେନ୍ଦୁଝର, ମୋ: ୬୩୭୨୨୬୦୪୭୯

ପାଳଭୁତ

ବାଦଲ ମହାନ୍ତି

ପାଠ ଭୟରେ ନେଳି ପଡ଼ିବା
ଆଉ ପ୍ରେମ ଭୟରେ
ନେଳି ପଡିବା ମୁହଁକୁ
ମୁଁ ଜାଣିପାରିବିନି,
ମତେ ଶିଖୋଉଚ !
ତମେ ମୋଟେ ମାନିଲନି ସେ ଦିନ ।
ଆଜି ଭାବୁଛି କେତେ ଚାଲାକ୍ ତମେ
ହଁ ଆଉ ନାଁ ଭିତରେ ଯୋଉ
ମାଇଲ୍ ମାଇଲ୍ ନୀରବ ନେଳି କ୍ଷେତ
ଆଉ କଣ ଫଳେ କି ସେଠେଇଁ
ପ୍ରେମ ବ୍ୟତୀତ ?
ମୋର ପ୍ରିୟ ପକ୍ଷୀ
ହଳଦୀ ବସନ୍ତ ।
ତମର ପ୍ରିୟ ଋତୁ ବସନ୍ତ,
ମୋର ବି ।
ଏମିତି ଅନେକ କଥା ମିଶୁଥିଲା
ତମର - ମୋର
ମେ କହିଲ ମିଶିବା ବଡକଥା ନୁହେଁ

ଦୂରେଇ ରହିବାରେ ଅଛି,
ଅସଲ ସୁଖ ।
ଏବେ ତମେ ବହୁତ ଦୂରରେ
ଅଛ ତ ସୁଖରେ ?
ଜାଣିଚ,
ଅଧାରୁ ଅଧିକ ପାଚିଗଲାଣି
ମୋ ଦାଢ଼ି - ନିଶ
ତମ ଚୁଟି ବି ପାଚି ଯିବଣି ତ ?
ଦେହ ପଚେ, ମନ ପାଚେ
କାହିଁକି ପାଚେ ନାହିଁ ଏ ପ୍ରେମ ?

ତମେ ଭାରି ଅଧୈର୍ଯ୍ୟ ଝିଅ
ମୁଁ କଲିକତାରୁ ଫେରିଲା ବେଳକୁ
ତମେ ଫେରାର
ବୋହୂବୋହୂକା ଖେଳ ଅଧାରୁ
ଉଠିଯିବା ତମ ଖୋଇ
ଏବେ ଦଣ୍ଡ ପାଉଥାଅ ?

ତମ ମୁହଁଫୁଲାକୁ
ମୋର ଭାରି ଭୟ ।
ରାତି ପାହିବ ପାହିବ ହେଲାଣି
ଅଭିମାନ କରନି ଆସ

ମୁଁ ପାଳଭୂତ ହେଇ
ମାହାନ୍ତିଘର ଗହମ କିଆରି ଜଗିଛି,
ତମେ ଆମ ଗାଁ
ଗ୍ରାମଦେବତୀ ହେଇ ଆସ ।

- ୦ -

ପ୍ଲଟ୍ ନଂ - ୫୨୨୩, ନୂଆ
ନୟାପଲ୍ଲୀ, ଭୁବନେଶ୍ୱର -
ମୋ : ୯୭୭୮୦୩୫୭

ଦେଶ

ଦିପୁନ ପୃ

(୧)

ଦେଶ କହିଲେ କଣ ?
ମୁଁ ବୁଝିନି ଏଯାଏଁ ।
ମୁଁ ବୁଝିନି କେମିତି
ତାର ବାଡ ମାନଙ୍କରେ ବୋହୁ ଭାଗ ହେଇଯାଏ ପୃଥିବୀ ?
କେମିତି ଏ ଦେଶର ନଦୀ
ସେ ଦେଶ ଦେଇ ବହିଗଲା ବେଳେ
ବଦଳେଇ ଦିଏ ତାର ବଂଶ ପରିଚୟ ।
କଣ ପୃଥିବୀ ଯାକର
ଯେତେ ପ୍ରାଣୀ,
ଯେତେ ଜଳ,
ଯେତେ ଗଛ ବୃଛ,
ସଭିଙ୍କର ସହିମତିରେ
ପଡିଥିଲା ଗାର, ଏ ମାଟିର ମାନଚିତ୍ରରେ ?

କାହା ପାଇଁ ଏ ଦେଶ ଭେଦ ?
କାହାର ଉତାଣକୁ
ଏ ଷଡଯନ୍ତର ଅଦୃଶ୍ୟ ପଞ୍ଜୁରୀ ?

ଗୋଟିଏ ତାର ବାଡର ପରିଧିରେ
ଅଟକି ରହିଛି ମୋ ପାଦ ।

ସେ ପାଖରେ ଆଉ ଏକ ଦେଶ....

(୨)

ସ୍ୱାଧୀନତାର ବି ସୀମାରେଖା ଥାଏ ।
ଗୋଟିଏ ନିର୍ଦ୍ଦିଷ୍ଟ ସୀମାରେଖାରେ ବାଂଟି ହେଇଯାଏ
ମଣିଷର ସକଳ ସମୃଦ୍ଧି ଓ ଭଲପାଇବା ।
ଗୋଟିଏ ନିର୍ଦ୍ଦିଷ୍ଟ ସୀମାରେଖାର ଦାୟରେ
ଜଳୁଥାଏ ଜାତି ପ୍ରେମର ବହ୍ନି,
ମଣିଷ, ମଣିଷ ରକ୍ତରେ
ହୋଲି ଖେଳେ ଗୋଟେ ଗୋଟେ ନିର୍ଦ୍ଦିଷ୍ଟ ସୀମାରୋଖାରେ,
ଯେତିକି ରକ୍ତାକ୍ତ ଓ ଭୟାବହ
ଯୋଉ ସୀମାରେଖାର ଇତିହାସ,
ସେତିକି ଗୌରବମୟ ସେ ଦେଶ ।
କିଏ ବୁଣି ଦେଇଛି ଭୂମି ଉପରେ
ଏ ସୀମାରେଖାର ବୁଢ଼ିଆଣି ଜାଲ ?
ଛନ୍ଦି ହେଇ ପଡୁଛି ଆମ ଭଲ ପାଇବାର ନିରୀହ ପତଂଗଟି
ଥରକୁ ଥର ସେ ଜାଲରେ ।
ନିରାପଦ ଦୂରତାରୁ
ଟାକି ବସିଛି ଯୋଉ ଭୟଂକର
କ୍ଷୁଧାର୍ତ୍ତ ବୁଢ଼ିଆଣିଟି,
ଏଇନେ ଆସିବ

ଓ ଟକ୍ କରି ଗିଳିଦେବ
ଆମ ସକଳ ଅସ୍ତିତ୍ୱ ।
କଣ ସେଇ ଆମର ଦେଶ ?

(୩)

ବେଳେବେଳେ ସ୍ୱପ୍ନର ବିହୁତି ଟପି
ଠିଆ ହୋଇଯାଏ ସାମ୍ନାରେ,
ମୋ କଳ୍ପନାର ଦେଶ ।
ଅବିକଳ ଗଛଟିଏ ପରି
ତାର ଦେହ,
ସଶକ୍ତ ଓ ମୁକ୍ତ,
ପ୍ରସାରିତ ବାହୁ ତୋଳି ଉଭା ଖାଲି
କୋଳେଇ ନେବାକୁ ।
କିଏ ତାର ଶତ୍ରୁ
କିଏ ମିତ୍ର ?
ସେ ହିସାବ ରଖିବାକୁ ତର ନାହିଁ ତାର...
ସେ ଖାଲି କୋଳେଇନେବାକୁ ଉଭା
ତା'ର ଫୁଲଭର୍ତ୍ତି
ଫଳ ଭର୍ତ୍ତି,
କାଠ ଓ ବକ୍କଳ ଭର୍ତ୍ତି,
ଛାଇ ଛାଇ ପରିବେଷ୍ଟନି ଭିତରକୁ ।

(୪)

ମୁଁ ଯୁଆଡେ ବି ଯାଏ,
ବଙ୍ଗ କି ଆରବ,
ଆଫ୍ରିକା କି ଉତ୍ତର ମେରୁ ।
ଖୋଲା ମେଲା ପବନର ନିମନ୍ତ୍ରଣ,
କୁଂଚିକୁଂଚି ପାହାଡ଼ କି ସବୁଜ ପ୍ରାନ୍ତର,
ସମୁଦ୍ର କି ନଦୀ,
ବରଫ କି ମରୁ,
ମୁଁ ଯୋଉଠି ବି ଥୁଏ ପାଦ,
ସବୁଠି ବିଶ୍ୱସ୍ତ ଥାଉ ମାଟି,
ସବୁଠି ଆପଣାର ଲାଗୁଥାଉ ଦୃଶ୍ୟମାନ ।
ସବୁଠି ଭରିଥାଉ ଆପଣାପଣର ବାସ ।
ତଳେ ମାଟି,
ଉପରେ ଆକାଶ,
ଏତିକି ମୋର ଦେଶ ।

- ୦ -

ଅଧ୍ୟାପକ
ସାହସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୬୬୮୪୦୬୩୨୨

ଝର୍କା

ଧର୍ମରାଜ ମହାମଲ୍ଲିକ

ପକ୍ଷୀମାନେ ଫେରୁଥାନ୍ତି ନୀଡକୁ
ଧୂଆଁଭର୍ତ୍ତି ଆକାଶ ଓ ତନ୍ଦ୍ରାଲୋକର ଫାଟକ ଦେଇ
ବଂଶୀସ୍ୱନରେ ଭିଜୁଥାଏ ସଂଜ
ପ୍ରତିଶ୍ରୁତି ଦେଇ ଲେଉଟୁଥାନ୍ତି ସୂର୍ଯ୍ୟମାନେ ।

ମୋ ଭିତରେ ଜନ୍ମୁଥାଏ ଅବଶୋଷ
ବିଷାଦ ଓ କୈବଲ୍ୟ
ଅତିକ୍ରମଣ କରିବାକୁ ଦେହାତୀତ
ଝରକା ଫାଙ୍କରୁ ଦିଶୁଥାଏ ଜହ୍ନ
ଯାହାକୁ ଇର୍ଷା କରେ,
ପ୍ରେମ କରେ ପୁଣି; ଖୁବ୍ ନିରୋଳାରେ
ବନ୍ଧନ ଓ ମୁକ୍ତ ହେବାର ସହଭାଗିତା
ଏଇ ଝର୍କା ।
ଝରକା ସେପାଖେ ଆଲୁଅ
ଏପାଖେ ଗହମହପଣର କବିତା
ସେପାଖେ ଦୁଃଖ ଗୋଟେ ନଈ
ଏଠି ସୁଖତକ ଯାଯାବର ।
ଉନ୍ମାଦ ଓ ଉଲ୍ଲାସରେ ଯଦି ପାସୋରି ପକାନ୍ତି ଦୁଃଖ

ମହକ

ଝରକା ଖୋଲିଦେଲେ
ମୁଁ ଗୋଟାପଣେ ତୁମର ।

- ୦ -

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଜନଜାତୀୟ ବିଶ୍ୱବିଦ୍ୟା
ମୋ: ୮୮୪୭୮୪୯

ଚୁମା ଦିଅନ୍ତି ଜହ୍ନକୁ ଓ ତୁମକୁ
ସହର୍ଷରେ ମାଗିନିଅନ୍ତି ଯେତେକ ଦାଗ ।
ଝରକା ଥିଲେ
ମୁଁ ଅଛି, ଜହ୍ନ ଅଛି, ଅଛି ସେତକ ଅନ୍ଧାର

ନଈ

ସଂଗ୍ରାମ ମହ

ଆକାଶଟା କହେ ।
ତୁମେ କହୁଥିଲ ନା !
ନଈ କେବେ ଆକାଶରେ ମିଶି ପାରେନା ।
ସତ ହେଲା ତୁମେ ସତ ସହି ପାରନା ।
ନଈ କାଳେ ପାହାଡରୁ ଉଛା ବୋଲି
ନାଉରୀଆ ବୁଝେ,
ବାଦଲ ସିନା ଭାଙ୍ଗିଯାଏ ପାହାଡରେ
ନଈ କିନ୍ତୁ ଆକାଶକୁ
ଛାତିରେ ଲୁଚାଏ,
ଭାଙ୍ଗିଗଲେ ନିଜ ରକ୍ତ ନିଜେ ପିଏ..... ।
ଦେଖିଛ କି ନଈ କେବେ ନଇଁବାର !
ଝୁଣ୍ଟିଲେ କି ପଡିଗଲେ
ସମ୍ଭାଳେ ଆୟତକରେ
ପଚାରିଲେ ଗୀତ ଗାଏ
ନାଉରୀଆ ମନ ନେଇ
କେତେ କଥା ଶୁଣୁଥାଏ
ଗାଁ ତଳେ ରହିଥାଏ
ଚିର କାଳ ବହୁଥାଏ ମୋ ଗାଁ ନଈ... ।

- ୦ -

ଇନ୍ଦୁପୁର, କେନ୍ଦ୍ରପଡା
ମୋ: ୯୯୩୮୫୭୯୪୫୬

ଅବିରତ ବହୁଥିବା ନଈ
କିଛି ବାଟ ଯାଇ ସରି ଯାଏ,
କେଉଁ ଏକ ମୋଡ ବାଙ୍କ ଦେଇ
ଆଖି ପାଉଥିବା ଯାଏଁ ।
ମନ ଆଙ୍କୁଥାଏ ଚିତ୍ର
ପି ଥର ପବନ ବଦଳାଏ ଦିଗ
ଲିଭିଯାଏ ମନର କାନଭାସ
ଆଉ କଳ୍ପନାର ପରିସମାପ୍ତ.... ।
ପକ୍ଷୀ ସବୁ ଫେରିଲେଣି ବସାଘର
ଆଉ ରହିଛନ୍ତି ଯାହା କିଛି
ବଳକା ବୋହି ନେବେ ବୋଲି
ଯିଏ ଫେରୁଥିବ ଭୋକ ପାଇଁ ଭାଗ ନେଇ
ସେ ଭାଗ ଆଉ କାହାଘରେ ନିଆଁ ।
ଘରଛଡା ଚଟିଆ ଡାକୁଥାଏ ମାଆ ମାଆ
କିନ୍ତୁ ଥଣ୍ଟରେ ଆଉ କାହାର ଛୁଆ... ।
ମାଟିକୁ ଦେହରେ ଘସି, ମୁଣ୍ଡରେ ଚନ୍ଦନ କରି
ଆଞ୍ଜୁଳେ ପାଣିରେ ନିତି ପୂଜୁଥିବା
ବୁଢୀ ପାଇଁ, ନଈ ଆଜି କୂଳ ଖିଆ ।
ଆକାଶକୁ ମାଗିଥିବା ନଈର ଆୟୁଷ
ଆଜି କିନ୍ତୁ ଆକାଶରେ ମିଶୁ ବୋଲି ପଥରକୁ କହେ ।
ରାତି ହେଲେ ନଈ କାଳେ ଗୀତ ଗାଏ
ନାଚୁଥାଏ ପବନ ବି ତାଳ ଦେଇ,
ଜହ୍ନ ତାରା ଆଲୁଅ ବିଞ୍ଚନ୍ତି ବୋଲି

ତଥାପି ବୟସ

ରଞ୍ଜନ କୁମାର ମହାନ୍ତି

ଧୂସର କୁହୁଡି ଧରିନି ଜାବୁଡି
ଶୈଶବର ସ୍ମୃତି ସୂଚୀ
ବିଞ୍ଚି ଦେଇଅଛି ଚେନାଏ ପ୍ରାରମ୍ଭ
ପାପୁଲି ଉପରେ ଯାଚି ।
ପାହାନ୍ତି ପହରେ ଦେଖାଇଛି କେବେ
ନିୟତିର କୁଆଁତାରା
ସଜାତି ଦେଇଛି ସଜ କାକରରେ
ବାସି ଅତୀତର ହୀରା
କେବେ ବାସ୍ନାୟିତ ଗୋଲାପୀ ସଞ୍ଜରେ
ଶେଷ ବସନ୍ତର ଗପ
ଲିଭାଇ ଦେଇଛି ଚନ୍ଦ୍ରା ପରଶରେ
ଯୌବନର ରାତ୍ରୀ ଧୂପ
ନୀରବ ମଧ୍ୟାହ୍ନ ସହିଛି କେବଳ
ନିଃସଙ୍ଗପଣର ତାତି
କେବେ ନିରୋଳାରେ ଆବୃତ୍ତି କରିଛି
ଭାଗ୍ୟ ଝିଙ୍କାରୀର ଗୀତି
କେବେ ହରାଇଛି କେବେ ଧରାଇଛି
ହିସାବ ରଖିନି ମନେ
ନିଶାର୍ଦ୍ଧରେ ଆଣି ବିଞ୍ଚିଛି ବାରୁଦ
ସ୍ୱପ୍ନର ନନ୍ଦନ ବନେ ।
ନିଗିଡି ଯାଇନି ତଥାପି ବୟସ
ସାରୁ ପତରର ଧାରେ
ଢଳଢଳ ପଣ ଜାବୁଡି ଧରିଛି
ଶେଷ ଅଶ୍ରୁ ଅଭିସାରେ ।

- ୦ -

ଜାମଶୁଳୀ, ବାଲେଶ୍ୱର
ମଶେ: ୮୬୫୮୫୭୪୯୪୫

କଳିଙ୍ଗ/ୟୁକ୍ରେନ

ଦୁର୍ଲ୍ଲଭ କୁମାର ରାଉତ

ରକ୍ତମାର୍ଦ୍ଦ ହେଲାଣି ଭୂଇଁ
ହୋରେନ୍ ପାଲଟିଗଲାଣି ଦୟା
ତଥାପି ବର୍ଷୁଛି ଗୁଳି,
ବୋମା ଓ କମାଣରେ
ଚାରିଆଡେ ଧୂଆଁ ଧୂଆଁ ଧୂଆଁ ॥
କଟକ ହଉ ଅବା କିଭ
ପଛଘୁଞ୍ଚା ଦେବୁ ନାହିଁ
ଗଡୁ ଯେତେ ମୁଣ୍ଡ ଛିଡୁଯେତେ ଗଣ୍ଡି
ରାଷ୍ଟ୍ରର ରାସ୍ତାପରେ
ରାଷ୍ଟ୍ରଭକ୍ତଙ୍କ କମି ନାହିଁ ॥
ତୁମେ ହେଇପାର ଚକ୍ରବର୍ତ୍ତୀ
ସମ୍ରାଟ ଅଶୋକ/ ଭ୍ଲାଦିମିର ପୁଟିନ
ଥାଉ ଅରବ ଅସ୍ତ୍ର, ଆଖିପାର ସେନା
ଯୁଗେ ଯୁଗେ ଯୋଦ୍ଧା କେବେ
ମାଟି ଛାଡିବା ଶିଖିନି ।
ଲୁହ ନୁହେଁ ଫୁଟାନ୍ତା ଲାଭା
ଲହୁଯାକ ତରଳା ଲୁହା,
ଢେଲାଟେ ପାଲଟୁଛି ପର୍ବତ
ମଳୟ ଯେ ମହାବାତ୍ୟା
ସମୁଦ୍ରରେ ଲାଗିପାରେ ନିଆଁ ।
ପଣ ଆଜି ପ୍ରାଣଯାଉ
ପାଦ କିନ୍ତୁ ପଛକୁ ଯିବନି
ଲଢ଼ିବୁ ଲଢୁଥିବା ଯାଏ
ଶତ୍ରୁର ଜିତ୍ ବି,
ଆମ ହାରକୁ ସମାନ ହବନି ॥
ନୀରବଦ୍ରଷ୍ଟା ସାରା ବିଶ୍ୱ
ଥାପିବାକୁ ହସି ହସି ଶାନ୍ତିର ଧଉଳି
ଶ୍ମଶାନରୁ ସାଉଁଟିବ ଶାନ୍ତି
କଳିଙ୍ଗରୁ ୟୁକ୍ରେନ ଯାଏ
ଇତିହାସ ମାରୁଥିବ ତାଳି ।

- ୦ -

ଗ୍ରାମ: ବାଘଡିଆ, ପୋ: ଦୁମୁକା
ଥାନା: ମାର୍ଶାଘାଇ, ଜିଲ୍ଲା : କେନ୍ଦ୍ରାପଡା-୭୫୪୨୧୩
ମୋ: ୭୦୭୭୨୩୪୦୭

ଜୀବନ

ନନ୍ଦିନୀ ରା

ଜୀବନରେ ଏତେ ଅଙ୍କା ବଙ୍କା ରାସ୍ତା
କୁଆଡେ ଯାଇଛି ଧାଇଁ
କେଉଁଠୁ ଆରମ୍ଭ କେଉଁଠାରେ ଶେଷ
ହିସାବ ତା କିଛି ନାହିଁ ।।
ଜୀବନ ବାଟରେ ଅଜଣା ଘାଟରେ
କିଏ କେବେ ଦେଖାହୁଏ
ହୃଦୟଭିତରେ ରୁହେ କିଛି ସ୍ମୃତି
କିଛି ପୁଣି ହଜିଯାଏ ।୨।
ସଂସାର ହାଟରେ ସଉଦା ବେଳାରେ
ମୂଲଚାଲ କିଛି ହୁଏ
ପୁଣ୍ୟ କିଣିବାକୁ କଷ୍ଟ ତ ଅଧିକ
ସୁଖକୁ ମୁଁ ଖୋଜି ହୁଏ ।୩।
ଅଭିନୟ ପାଇଁ ଆସିଅଛୁ ପରା
ସରିଗଲେ ଭୁଲିଯିବୁ
କାହିଁକି ମାୟାରେ ବାୟା କରୁ ତୁହି
କାହାକୁ ବା କିସ ଦେବୁ ।୪।
କହରେ ଜୀବନ କାହିଁକି ଆସିଛୁ
ସ୍ୱାର୍ଥପର ଏ ଦୁନିଆ
ଯାହାକୁ ଭାବୁ ତୁ ଅତି ଆପଣାର
ସେତ ଦେବ ତୋତେ ନିଆଁ ।୫।
ଜୀବନ ନଦୀର ଦୁଇକୂଳ ମୋର
ଛିଣ୍ଡି ଛିଣ୍ଡି କରି ଯାଏ
ତଥାପି ତା ପାଇଁ ପ୍ରବଳ ଲୋଭ ମୋ
ତାକୁ ମୁଁ ଯେ ଭଲ ପାଏ ।୬।
ଜୀବନ ପାଇଁ କି କେତେ ଯୁଦ୍ଧ ଚାଲେ
କିଏ ଜିତେ କିଏ ହାରେ
ତଥାପି ଜୀବନ ନୁହଁଇ କା ଚିର
ଚାଲିଯାଏ ବହୁଦୂରେ ।୭।

- ଠ -

ବାଲିପଟ୍ଟା, ଅନୁ

ଦରପୋତା ଝିଅ

ସ୍ନେହାଶିଷ ମହା

ତା କାନିରେ ଆକ୍ରୋଶର ନିଆଁ
ଲଗେଇଦେଇ ଝିଅର କିଳିଦେଲା ଦାନବ
ନିଆଁ କ୍ରମେ ସଂଚରିଯାଉଛି ଦେହଯାକ
କୋଠରୀଟା ଧୂଆଁଳିଆ ବେଦନାରେ ଭର୍ତ୍ତି
ଝିଅର ଚିତ୍କାର ଏବେ ପୂର୍ଣ୍ଣ ସଂଜ୍ଞାହୀନ ...
କଅଁଳ ଦେହର ପାଖୁଡାଗୁଡା
ମଉଳିଯାଉଛି ଧାସରେ
ଲାଲ ଜିଭରେ ଦେହଟାକୁ ଚାଟିଚାଲିଛି ନିଆଁ
ଖୁବ୍ ଆତଙ୍କରେ ଗୋରାଚମଡକ
ସାଙ୍କୁଡି ଯାଉଛି ପରସ୍ତ ପରସ୍ତ ।

ଦେଖ ଦେଖ, ଭଙ୍ଗା ଝରକା ଫାଙ୍କରୁ
ଦିଶୁଛି ଆଜିର ମଳିନ ସୂର୍ଯ୍ୟାସ୍ତ...
କାନଡେରି ଶୁଣ ଏ କାନ୍ଥୁ ଦେହେ
କେମିତି ଗୁମିରୁଛନ୍ତି ପ୍ରତ୍ୟେକଟି ଇଟା
ନିର୍ଜୀବ ସାଜିଛି ମଥାପର ଛାତ,
ମାର୍ବଲ୍ ବିଛା ଚଟାଣଟା
ନାହିଁ ମଧ୍ୟ ସାଉଁଟି ପାରୁନି
ଝିଅର ଦରପୋତା ଦେହ,
ଅସିହାକାଳର ପିଟା ଦରଜାଟା
ତ' ଏମିତିରେ ଅସହାୟ.... ।

ଦେଖି ଦେଖି ଝିଅ ଆଖିର ସ୍ୱପ୍ନସବୁ
ଧୂଆଁସହ ଉଡିଗଲା ଆକାଶକୁ,
ମିଳେଇଗଲା ମେଘରେ
ତା ପାପୁଲିର ଭାଗ୍ୟରେଖା
ଚାହୁଁ ଚାହୁଁ ତରଳିଗଲା,
ସବୁଯାକ ଆଶା ଓ ବିଶ୍ୱାସ ତାର
ବନ୍ଦିଗଲେ କାନ୍ଥକୋଣ ଅଳନ୍ଧୁ ଜାଲରେ...
କିନ୍ତୁ, ପୋତିମରିଗଲା ତା ହାତପୋଷା

ପ୍ରେମର ପକ୍ଷୀଟା ପାପର ନିଆଁରେ
ଦଗ୍ଧ ଜ୍ୱାଳାରେ....!!!
ଏବେ ଏବେ କେହି ପ୍ରେମରେ ମାତିଲେ
ଗାଁ ମଥାନରୁ କେହି ଜଣେ କାନ୍ଦିବାର ଶୁଭେ
କଞ୍ଚା ଗଛରୁ ଡାଳଭାଙ୍ଗେ
ଆକାଶରୁ ତାରାଟିଏ ଲିଭେ
ତଥାପିବି ପ୍ରେମ ହୁଏ,
ଆଖି ମୁଦି ହୁଏ ଓ ବାରମ୍ବାର ହୁଏ ।।

- ୦ -

ମୟୂରଭଞ୍ଜ,ମୋ: ୭୦୦୮୭୦୨୮୮୧

ପାହାନ୍ତି ରାତିର ଅଧାଜହ୍ନ

ଉମେଶ ଚନ୍ଦ୍ର ଯେନା

ତୁମର ଅନୁପସ୍ଥିତିରେ କଣ ଜହ୍ନ ଦେଖି ହୁଏ
ନା ଜହ୍ନ ସହ ଦୁଇପଦ କଥା ହେଇ ହୁଏ
ତାରାକୁ ସାଉଁଟି
ସ୍ୱପ୍ନ ସବୁ ଲୁହରେ ଭାସିଉଠେ
ଠିକ୍ ପାହାନ୍ତି ରାତିର
ଅଧା ଜହ୍ନ ପାଖେ ।

ଗଙ୍ଗଶିଉଳି କାକର ଟୋପାରେ କାନ୍ଦି ଉଠେ
କଅଁଳ ବୟସରେ ଝରି ପଡେ
ତଥାପି ରାତିର ଛାତିରେ ମହକି ଉଠେ
ସେଇ ପାହାନ୍ତି ସ୍ୱପ୍ନର ଅଧା ଜହ୍ନ ପାଖେ ।

ପୁଣି ଅଧା ଜହ୍ନ ଦେଖି ହୁଏ
ସନ୍ଧ୍ୟାବେଳେ
ଚଉରା ମୂଳେ ଦୀପର ଆଲୁଅରେ
ପୁଣି ଦୀପ ଲିଭିଆସୁ ଥିବା ବେଳେ
ତୁମେ ନ ଥିବା ବେଳେ
ପାହାନ୍ତି ସ୍ୱପ୍ନ ଭାଙ୍ଗିଗଲା ପରେ
ପୁଣି ସେଇ ଅଧାଜହ୍ନ ପାଖେ ।

ଆଉ ଥରେ ନିଦ ଆସେ
ସ୍ୱପ୍ନ ଆସେ
ପୂର୍ବ ପଟୁ ସୂର୍ଯ୍ୟ ଉଇଁ ଆସେ
ତୁମେ ଗଲା ପରେ
ପାହାନ୍ତି ତାରା ଗଲା ପରେ
ଅଧା ଜହ୍ନ ଗଲା ପରେ
ତୁମ ଅନୁପସ୍ଥିତିରେ ।

- ୦ -

କଲ୍ୟାଣପୁର, ବିଞ୍ଝାରପୁର, ଯାଜପୁର

ଶୀତ ଓ ମୋ ଗାଁର କିଛି ଦୃଶ୍ୟ

କ୍ଷୀରୋଦ ବିହାରୀ ବିଶ୍ୱାଳ

(୧)

ଶୀତରେ ବି ମହାବାତ୍ୟା ଡର
ଆକାଶର ଲୁହ
ଆଉ ସମୁଦ୍ର ଜୁଆର ।
କହୁଛି ନଟ ମଲିକର
ବୁଢ଼ା ଚାଳଛପର,
"ଯାହା କରୁଛ କର,
ପାଣି ରୋକିବାକୁ
ଆଉ ବଳ ନାହିଁ ମୋର ।"
କଣ ବା କରିବ ନଟ,
ଅମଳ ନଡାତକ
ଗୁହାଳର ପେଟକୁ ନିଅଣ୍ଟ ।

(୨)

ବୁଢ଼ି ମାଁ କନ୍ଥା ତଳେ
ମୋ ସପନର ଘର,
ତା ଉପରେ ଯମୁନା ଜୁଆର
କୃଷ୍ଣ ଆଜି ଯିବେ ଗୋପପୁର ।

ଗାଁ ଭାଗବତ ଘରେ
କେଉଁ କାଳୁ ପଡିଛି ପହଡ,
ନୂଆ ସରପଞ୍ଚ କହିଛି
ଏବେ ପୂଜାପୁଜି ସୁବ ବନ୍ଦକର ।
ଠାକୁର ବୋଲି କିଛି ନାହିଁ,
ଯେ ସବୁ ବ୍ରାହ୍ମଣଙ୍କ ମିଛ ପ୍ରକାର ।
ସରପଞ୍ଚକୁ କିଏ ବୁଝେଇବ,
ଟୁଙ୍ଗିରେ ସିନା ତାଲା ମାରିଦବୁ
ହୃଦୟରେ କ'ଣ ତାଲା ମାରିହବ ?

(୩)

ରମେଶ ମାଷ୍ଟରର ଟିଉସନ୍ ଘର,
ଲଣ୍ଠନ ଏପଟେ
ନଇଁପଡି ରଚନା ଲେଖୁଛି ସବିତା
"ଆତ୍ମକଥା ଗାଇର" ।
ଲଣ୍ଠନ ସେପଟୁ
ପାହାଡ ଦେଖୁଛି ରମେଶ ମାଷ୍ଟର ।

ଛକିଲାଣି ବାଘ,
ସାମ୍ନାରେ ଆଉ ଗୋଟେ ଶିକାର ।

(୪)

ଗାଁ ଗୋହିରୀରେ
ମଚମଚ ଅନ୍ଧାରକୁ ପଚପଚ କାଦ,
ପ୍ରତିଦିନ ଖୋଜାପଡେ'
ସାପୁଆ କେଳାର ଗଦ,
ତଥାପି ଆସେ ଦୁଃସମ୍ବାଦ ।
ଡାକ୍ତର ।
ସେ କିଏ ?
ତୁମେ ପରା ଗାଁ ଲୋକ
ଧୈର୍ଯ୍ୟଧର ଧୈର୍ଯ୍ୟଧର
ଆଉ କିଛି ବର୍ଷ ଧୈର୍ଯ୍ୟଧର ।

(୫)

ଲୁଣକାଠୁଆର ବତୁରାଲୁଣରେ
ଭାସୁଥିବା ଲଂକା ପରି
ବାପାଙ୍କ ନିଅଁଣ୍ଟିଆ ସଂସାର,
ବାଡି ସାରା ବୁଢ଼ୀ ମା' ମଂଜି ସବୁ
ମେଲେଇଲେଣି ପତର ।

ବୁଢ଼ୀ ମା' ଦାଦାକୁ କହିଛି
ମଂଚାଟେ ତିଆରିକରିଦେ ଏଥର
ହଁ
ଇଚ୍ଛାମାନଙ୍କୁ ଫଳିବାକୁ
ଆଶ୍ରାଟେ ତ ନିହାତି ଦରକାର ।

- ୦ -

ନୂଆପୁର, କଲ୍ୟାଣୀ, ବାଲେଶ୍ୱର
ମୋ: ୯୪୩୯୯୮୭୬୬

କାଲିକୁ କିଏ ଦେଖିଛି

ଦେବବ୍ରତ ବାରିକ

କାଲିକୁ କିଏ ଦେଖିଛି କହିଲ
ଆଜିର ସମାଜରେ ସଂସ୍କାର ନୁହଁ
ବରଂ ଅନ୍ୟର ସଂସ୍କୃତି ଉପରେ
ଆମର ଭାରି ନଲେଜ....
ଚା ଖଟିରେ ଅନେକ କଥାର
ପସରା ମେଲି ଯାଏ
ଠିକ୍ ଭୂଲ୍‌ର ଖୁଣ୍ଟକୁ
ଜାବୁଡି ଧରିଥାନ୍ତି ବରିଷ୍ଠ ବ୍ୟକ୍ତି ବିଶେଷ
ଶୀତୁଆ ସକାଳକୁ ଉପଭୋଗ କରିବା ନାଁରେ
ଅନ୍ୟକୁ ବିଚାର କରନ୍ତି
କିନ୍ତୁ ନିଜକୁ କେବେ ପରଖି ପାରନ୍ତି ନାହିଁ
ସତରେ କୁହତ କାଲିକୁ କିଏ ଦେଖିଛି... ।

ହାତରେ ସିଗାରେଟ୍ ଟିଏ ଧରି
ଖୁଣ୍ଟି ବତୀ ଆଲୁଅରେ ଆଉଜେଇ ହୋଇ
ଭାବନାରେ ଲିପ୍ତ ହୋଇ...
ବାପା ପକେଟରୁ ପଇସା ସାରିବା
ଆମର ଗୋଟେ ପ୍ରକାର ପେସା....
ସତ ହଁ ସତ କାହିଁକି ବା ନୁହଁ..
ଭଲ ଚାକିରିଟିଏ କରି ପର ଅଧୀନରେ
ରହିବା ଏହା ଠିକ୍ ନୁହଁ...

କିନ୍ତୁ ବାପା ବୁଢ଼ା ହେବା ଯାଏ ଆମକୁ
ପୋଷିବା ଏଇଟା ଆମ ପାଇଁ ଠିକ୍...
ମା'କୁ ଜୀବନ ସାରା ଦୁଃଖ ଦେବା,
କଟୁ କଥା କହିବା ଏଇଟା ଆମର ଅଭ୍ୟାସ
କୁହତ କାଲିକୁ କିଏ ଦେଖିଛି ।
ମନ କଣ ବା କହିବ, ଆଜି କାଲିର ପିଲା ଆମେ
ନିଜକୁ ସଜେଇ ବୁଲିବା, ଦେଖେଇ ହେବା
ପର ଝିଅ ବହୁଙ୍କୁ ଦୁର୍ବ୍ୟବହାର କରି
ପଶୁ ପାଲଟି ଯିବା ଆମର ସକ୍ଷମତା...
ଜାଣିନି ଆପଣ ପଢ଼ିଲା ପରେ
ମୋ ବାବଦରେ କଣ ଭାବିବେ....
କବି କେବଳ କବିତା ଲେଖେନୀ
ଆଖି ଦେଖା କଥାକୁ ବି
ଏ ଆଧୁନିକ କବିତା ମାଧ୍ୟମରେ
ଶବ୍ଦକୁ ସଜେଇବା ପାଇଁ
ଚେଷ୍ଟା କରେ ନିଶ୍ଚିତ...
ଭାବନା ଭାବର ଆଦାନ ପ୍ରଦାନ
ବୁଝିବା ଲୋକ ବୁଝି ଯେ ପାରିବେ
କହିବା ଲୋକ କହିବେ...
ନିଜ କାମ ପାଇଁ ନିଜ ପରିଚୟ
ସତେ ଏ କାଲିକୁ କିଏ ପଚାରେ ।।

- ୦ -

ସମ୍ପାଦକ ପ୍ରୀତି ପ୍ରଣତି ପରିବାର
ଆନନ୍ଦପୁର, କେନ୍ଦୁଝର

ନର୍ସ

ଦେବାଶିଷ ରାଉତ

ଗୋଟିଏ ଦିନର ଶୁଭେଚ୍ଛାକୁ ସାଉଁଟି
ସେ ଉତ୍ସର୍ଗକରେ ତା'ର ତମାମ୍ ଜୀବନ ।
ଗୋଟିଏ କ୍ଷଣର ସ୍ନେହସ୍ପର୍ଶ ପାଇ
ସେ ଓଜାଡି ଦିଏ, ତା'ର ଅନାବିଳ ସ୍ନେହ
ଆଉ କିଛି କ୍ଷଣ ଅନୁଭୂତିରୁ
ସେ ସୃଷ୍ଟି କରେ ହଜାରେ ସୁଯୋଗ
କାହିଁକି ନା, ସେ ନର୍ସ ।

ତା'ର ପ୍ରତ୍ୟେକ ରାତି
ତୁମ ପାଇଁ ସମର୍ପିତ
କିନ୍ତୁ, ସେ ଦେହଜୀବୀ ନୁହେଁ
ତା'ର ପ୍ରତ୍ୟେକ ଅବଚେତନାରେ
ସେ ଆଙ୍କିପାରେ ନୂତନତାର ଛବି
କିନ୍ତୁ ସେ ଚିତ୍ରକର ନୁହଁ ।
ତା'ର ପ୍ରତ୍ୟେକ କ୍ଷଣ ଆଉ ଖୁଣରେ
ଲୁଚି ରହିଥାଏ, ଯୁଦ୍ଧର ହୁଙ୍କାର
କିନ୍ତୁ ସେ ସୈନିକ ନୁହଁ
କାହିଁକିନା, ସେ ଭିନ୍ନ ଏକ ଚରିତ୍ର... ନର୍ସ ।
ସେ ମାପିପାରେ ଯନ୍ତ୍ରଣାର ପରିଧି
କମାଇ ଦେଇପାରେ
ବେଦନାର ଅକ୍ଷାଂଶ

ଏବଂ ସେ ମଧ୍ୟ ଲମ୍ବାଇ ପାରେ
ଜୀବନର ଦ୍ରାଘିମା
କାହିଁକି ନା.... ସେ ନର୍ସ ।
ସେ ଝାଡିଦିଏ ଯାତନାର ଚିକ୍କଣ ଧୂଳି
ଗଢ଼ିପାରେ ସୁରକ୍ଷା କବଚ
ଆଉ ମଧ୍ୟ ଓଜାଡି ଦିଏ
ଜୀବନାର୍ଜିତ ଜ୍ଞାନର ଅନୁଭୂତିକୁ
କିନ୍ତୁ, ସେ ମା, ବାପା, ଭାଇ କିମ୍ବା ଭଉଣୀ ନୁହଁ
କାହିଁକି ନା ସେ,ଭିନ୍ନ ଏକ ଚରିତ୍ର
କେବଳ ନର୍ସ !!
ଅବର୍ଣ୍ଣନୀୟ ସୃଷ୍ଟି ସେ
ଅତୁଳନୀୟ ଯୋଦ୍ଧା
ଆଉ, ପ୍ରତ୍ୟେକ ଆଶା ଓ ଆଶଙ୍କାର
ଦଦରା ପିଣ୍ଡ ସେ ।
ସେ, କେବଳ ତା' ମଧ୍ୟରେ ସୀମିତ ନୁହଁ
ସେ ପରିବ୍ୟାପ୍ତ କ୍ଷମତାର ଅଧିକାରୀ
କାହିଁକି ନା ସେ ନର୍ସ ।
ହଁ... ଜୀବନକୁ ପବନ ଯୋଗାଉଥିବା
ସେ ଅନନ୍ୟ ଚରିତ୍ର... ନର୍ସ ।

- ୦ -

ନୀଳଗିରି, ବାଲେଶ୍ୱର
ମୋ: ୬୩୭୨୭୮୯୧୧

ଦୋଳଯାତ

ଦେବଦତ୍ତ ମିଶ୍ର

ଦୋଳ ବିମାନ ବିରାଜିଲାଣି
ଝୁଲଣ ମଣ୍ଡପକୁ
ରାଇ ଦାମୋଦର ଝୁଲୁଛନ୍ତି
ବେଶ୍ ଆନନ୍ଦରେ ।
ଅବିରତ ମାଡ ଚାଲିଛି
ଖୋଳ, କରତାଳ, ଝାଞ୍ଜ
କୀର୍ତ୍ତନରେ 'ାଟି ପଡୁଛି ମନ୍ଦିର ପିଣ୍ଡି ।

ଜଳା ମଚ ମଚ ଚେହେରା
ଦୁମୁଦୁମୁ ଚାଲି
ଜାଖରେ ଜକା ହେଇଚି ପାଞ୍ଜି
ଆଉ ଚାରି ସେଲିଆ ଟଅର୍ଚ୍ଚ ।
ପାନ ପିକ ଢ଼ୋକିଦେଇ
ଗଳା ଝାଡିଦେଲେ ଚଣ୍ଡିଆ ନାଆକେ ।
ସବୁ ନୀରବ ଏକେଦମ୍
କାନ ପାରିଲେଣି ନୂଆ ପାଞ୍ଜିକୁ ।
ବିରାଧିବୀରବର ଗଜପତି ଗୌଡେଶ୍ୱର
ନବକୋଟି କର୍ଣ୍ଣାଟକଳବେର୍ଗଶ୍ୱର
ମହାରାଜା ଦିବ୍ୟସିଂହ ଦେବଙ୍କ ତେପନ ଅଙ୍କରେ ପ୍ରବେଶ ।
ଏତିକିରେ ଶୂନ୍ୟକୁ ହାତଟେକି ମୁଣ୍ଡିଆଏ
ମାଇଲେ ଲୋକେ ।
ଏଇ ସମୟରେ, ଏଇ ସମୟରେ

କଳିଯୁଗ ଅମୁକ ବର୍ଷ ଗତେ ସମୁକ ପ୍ରବେଶ
ଜଣେ ବିଶ୍ୱନେତାଙ୍କ ନିଧନ
ଗାଁ ଗାଁ ସହରରେ ଚୋରି ରାହାଜାନି
ଭାଇ ଭାଇ ତଣ୍ଟିକଟା ବିଶ୍ୱାସ ସଙ୍କଟ ।
ଏଇ ସମୟରେ, ଏଇ ସମୟରେ
ଯୁଦ୍ଧ ଘନଘଟା ପୃଥିବୀକୁ
ଦେଶରେ ରାଜନୈତିକ ଅସ୍ଥିରତା
ରାଜ୍ୟକୁ କମ୍ ବୃଷ୍ଟି ମରୁଡ଼ି ବିପତ୍ତି ।
ଏଇ ସମୟରେ, ଏଇ ସମୟରେ.... ।
ରକ୍ଷା କର ହରି ହେ ।
ଘାଗଡା ସ୍ୱରରେ ଡାକ ଦେଇ ହାତ ଯୋଡି ଦେଲା କଇଆ ବୁଢ଼ା ।
ପାଚିଲା ବାଳରେ ନାଲି 'ଗୁ
କପାଳରେ ବୁନ୍ଦା ବୁନ୍ଦା ଝାଳ
ଲୁହେ ଆଖି ଢ଼ଳ ଢ଼ଳ ।
ବିମାନ ଭିତରକୁ ଉହୁଙ୍କି ଚାହିଁଲା
ଭିତରେ ରାଧାବିନୋଦଙ୍କ ହସ ହସ ମୁହଁ ।
ଝୁଲୁଛି କଷି ଆମ୍ବ ଦି'ନେନ୍ଥା
ଦିକି ଦିକି ଦୀପ ଆଲୁଅ
ଦର ମଇଳା ଗେଣ୍ଡୁହାର ।
ନାଆକେଙ୍କ ପାଟି ତଥାପି ଶୁଭୁଚି
ଏଇ ସମୟରେ, ଏଇ ସମୟରେ...

- ୦ -

ବବକରପୁର, କେନ୍ଦ୍ରାପଡା
ମୋ: ୯୦୪୦୭୦୦୩୦୩

ଷ୍ଟ ଅନୁଭୂତିର ହୃଦୟରୁ ଝରି ପଡୁଥିଲା ରକ୍ତ
ଫାଜିଲ୍ ପବନରେ ଦେହ ନିଗାଡୁ ଥିଲା ଲୁଣି ଝାଳ
ରାତି ଅଂଧାରରେ କଳା ମଚମଚ୍ ଦିଶୁଥିଲା ମନ
ତମାମ ଏକଲାପଣକୁ କୋହ କରି ତମେ ଅଜାଡି ଦେଉଥିଲ
କିଛି ମାଂସଳ ସ୍ଥାପତ୍ୟର ଭଗ୍ନ କାରୁକାର୍ଯ୍ୟ
ତମ ପାଇଁ ସେତକ ହିଁ ପ୍ରେମ...
ବାକି ଯାହା ଦ୍ୱନ୍ଦ ଓ ଦୁଃଖ ।

ତମେ ଛାତି ଦେଲ
ତମେ ଛାତି ହେଲ
ମୋ ମୁଣ୍ଡ ଉପରେ ଛାତ ହେଲ
ତମେ ଆଘ୍ରାଣ କଲ ସବୁ ଶ୍ଳେଷ
ପରଖି ଚାଲୁଥିଲ ସବୁ ଅବୟବ
ମୁଁ ନିରୁତ୍ତର, ମୋ ଭିତରଟା ପଥର
ଛାତିଟା ମୋତେ ଅନୁଭବ ହେଲା କିଛି
ମାଂସ ଓ ବାକିତମ ପ୍ରେମ....
ଛାତଟା ଅନୁଭବ ହେଲା କିଛି ଆକାଶ
ବାକି ଯାହା କିଛି ଅଭାବ
ତମେ ଗଣୁଥିଲ ତାରା
ମୁଁ ଦେଖୁଥିଲି ଜହ୍ନ
ତମେ ଦେଖୁଥିଲ ସ୍ୱପ୍ନ
ମୁଁ ମାପୁଥିଲି ଅନିଦ୍ରା ଆଖି ରଙ୍ଗର ଗାଢ଼ତା
ସକାଳର ଅପେକ୍ଷାରେ ଆମେ ଦୁହେଁ
ଖୋଜୁଥିଲେ ପ୍ରେମ ଓ ପରିତ୍ରାଣ ।
ମୁଁ ମରୁଭୂମି, ସବୁ ଆଡେ ଶୁଷ୍କ ବାଲିର ପାହାଡ
ତମେ ମରୀଚିକା, ଆଗରେ ଜଳକା
ଠାଏ ଠାଏ ଚୋରାବାଲି ଶୂନ୍ୟତାର ଗଡ ।

ତମେ ମେଦ, ତମେ ମଦ, ତମେ ନିଶା, ତମେ ଦିଶା
ମୁଁ ଆଶା, ମୁଁ ଇଚ୍ଛା, ମୁଁ ଗୋଟେ ଅନାବୃତ ଜିଜ୍ଞାସା ।
ଆମେ ଦୁହେଁ ଖୋଜୁଥିଲେ ପ୍ରେମ
ତମେ ଆଖିରେ, ମୁଁ ତେଲ - ଲୁଣ ଘରେ ।

- o -

ସାଇଁକୁଳ, କେ
ମୋ: ୯୩୩୭୬୧୦

ପ୍ରିୟତମା: ଗୋଟେ ପ୍ରେମ ଚିଠି

ଭାଗୀରଥି ସେ

ପ୍ରିୟତମା...
ମୁଁ ଜାଣେ, ତୁମେ ଅନିଚ୍ଛାରେ ଲେଖିଥିଲ ସେ ଚିଠିର ଶେ
ଧାଡି...
ଭୁଲି ଯାଆ ପ୍ରିୟ ମତେ ଏଇ ଜନ୍ମ ପାଇଁ,
ଭେଟ ହେବା ଆର ଜନ୍ମେ କେଉଁ ଏକ ନିର୍ଜନ ସହରେ...
ଲମ୍ବିଥିବ ଜହ୍ନ ରାତି ସେଠି, ଖିଲିଖିଲି ହସୁଥିବେ ଜଇଁ,
ଆମେ ଦୁହେଁ ଏକାନ୍ତରେ ହଜିବା ପ୍ରେମରେ..

ଜାଣ ବୋଲି ଯେତେ ସବୁ ଦୁର୍ବଳତା ମୋର,
ଜହ୍ନ ରାତି, କଇଁ ଫୁଲ, ନଈ କୂଳ, ବସନ୍ତର କୁହୁ ଆଉ ଆମ୍ବ
ବଉଳ
ଏ ସବୁକୁ ସମର୍ପିଲ ପରାଗ ଆଁରେ...
ତୁମେ କିନ୍ତୁ ପାରିଲନି ଡେଇଁ,
ଯେଉଁ ସବୁ ଅନ୍ଧାର ମୁଁ ତୋଳି ଥିଲି ତୁମେ ଗଲା ପରେ...

ାୟ, ମୁଁ ସହଜରେ ପାରିଲିନି ପଢ଼ି... ।

ିୟତମା,
କମିତି ଲେଖିଲ ତମେ, ତୁମକୁ ମୁଁ ଭୁଲି ଯାଏ ବୋଲି ?
ମା ଭାଗ୍ୟରେ ଥିଲା ସବୁ ଯେତେ ଜହ୍ନ ରାତି,
ସ ସବୁକୁ ସମର୍ପିଲ ତୁମ ଆଞ୍ଜୁଳିରେ ବିନ୍ଦି କରି ପିନ୍ଧିବ
ାଥାରେ,
ହଲେ, ରାଣ ଦେଲି, ଆଉ ଥରେ କହିବନି, "ମୁଁ ତୁମକୁ
ୁଲିଯାଏ ବୋଲି"...
ୁମେ ଗଲା ପରେ,
ଖାଲୁନାହିଁ ଝରକା ମୁଁ, ଯେବେଯେବେ ଆସେ ଜହ୍ନ ରାତି...
ର ଲାଗେ,

"ତମେ କାଳେ ମନେ ପଡିଯିବ
ଆଖିରୁ ମୋ କେଇ ଟୋପା ଲୁହ ଝରିଯିବ
ସେ ଲୁହରେ ତୁମେ ଯଦି ଝୁଣ୍ଟିବ ରାସ୍ତାରେ,
ମୋ ପ୍ରେମରେ ଜହ୍ନ ପରି କଳଙ୍କ ଲାଗିବ ।"

ପ୍ରିୟତମା,
ତୁମକୁ ମୁଁ ଭଲପାଏ ବୋଲି,
ଅନ୍ଧାରକୁ ଆପଣାର କରି,
ଏ ଜନ୍ମର ସବୁ ଜହ୍ନ ରାତି ତୁମ ପାଇଁ ସାଇତି ରଖିଲି ।

- ଠ -

ନୂଆରମ୍ଭାସ, କେନ୍ଦୁଝର
ମୋ: ୭୭୩୫୨୫୧୯୦୨

ଆଲବମରେ ସ୍ତ୍ରୀଲୋକ

ପବିତ୍ର ମୋହନ କର

ଦେଖଣାହାରୀର ଆଖିରେ ସ୍ତ୍ରୀଲୋକଟେ
ପୁନେଇ ଜହ୍ନର ପୋଷେ ପୁଲକ
ିମ୍ୟା, ଚାନ୍ଦିନୀ ରାତିର ଚଉଠେ ଚମକ
ିମ୍ୟା, ଡ୍ରଇଂରୁମ୍ କାନ୍ଥରେ ଟଙ୍ଗା ଚିତ୍ରପଟ ପରି
ଗୋଟେ ସୌଖୀନ ସମ୍ଭ୍ରାନ୍ତ ସନ୍ତକ ।
ସ୍ତ୍ରୀଲୋକଟି କିନ୍ତୁ ବୁଝି ସାରିଥାଏ
ତେଲ ଲୁଣର ସଂସାର ସମ୍ଭାଳି
ଚିତ୍ରକର ହବା କାଠିକର
କବିତା ଲେଖିବା ଦୁରୁହ ବ୍ୟାପାର ।
ନିଜକୁ ନିଃସର୍ତ୍ତ ବାଣ୍ଟେ ବୋଲି ତ
ଏ ପୃଥିବୀ ମହିମାମଣ୍ଡିତ ।
ଜାଣିଥାଏ ସ୍ତ୍ରୀ ଲୋକ ।
ସେଇଥି ପାଇଁ
ସେ ଜାଣିଜାଣି ଭୁଲିଯାଏ
ଈଶ୍ୱରଙ୍କୁ ପଚାରିବାକୁ ଥିବା ପ୍ରଶ୍ନ
ଭୁଲିଯାଏ
ଗତ ରାତିରେ ଦେଖିଥିବା ସୁଖ ସ୍ୱପ୍ନ
ଭୁଲିଯାଏ
ଆଙ୍କିବାକୁ ଧାନକ୍ଷେତ ଓ ଇନ୍ଦ୍ରଧନୁର ଚିତ୍ର
ସମୟ ସଂଚି ପାରେନା ସ୍ତ୍ରୀଲୋକ
ତୁଳୀ ଧରି ତାକୁ ଅହରହ ଆଂକୁଥାନ୍ତି
ସହସ୍ର ଭୋକିଲା ଚରିତ୍ର ।
ପୃଥିବୀ ସାରା ଖାଲି ଭୋକ
ମଣିଷର ଆଖି, ପାଟି, ଦାନ୍ତ, ନଖ
ମନ ଓ ମଗଜରେ
ଖାଲି ଭୋକ, ଭୋକ, ଭୋକ
ଯାହା ମେଣ୍ଟିବାକୁ
ସ୍ତ୍ରୀଲୋକଟିର ତମାମ ଆୟୁଷ ନିଅଣ୍ଟ ।
ସିଏ ଜାଣିଥାଏ
ତାକୁ ନେଇ ହିଁ ମଞ୍ଚରେ ଯେତେ କୋଳାହଳ
ମଞ୍ଚ ତଳେ ସେତେ କୌତୁହଳ ।
ନିଜ ଅନନ୍ୟ ଅନ୍ୟମନସ୍କତାକୁ ବିସର୍ଜ୍ଜି
ଉଠି ବସେ ସ୍ତ୍ରୀଲୋକ ।
କାନିରୁ ଗଣ୍ଡି ଫିଟାଏ

ନିଜ ଅସ୍ତିତ୍ୱର ଅନ୍ୱେଷ୍ଟି ପାଇଁ ମଂତ୍ର ପଢ଼େ
ନିଲାମ କରେ
ଏଯାବତ୍ ଆଂକି ନଥିବା ନିଜର ଚିତ୍ର
ତଣ୍ଟିରୁ ଓଗାଳି ଦିଏ
ଫାନ୍ଦି ଥିବା ସବୁତକ ଗୀତ
ତୁଳୀ ଓ ତାନପୁରାକୁ ଭସେଇ ଦିଏ
ଗୋଟେ କୁଣ୍ଠିତ ଦୀର୍ଘଶ୍ୱାସରେ
ତାଲା ଦିଏ
ନିଜ ସହସ୍ର ଉନ୍ମୁଖ ଧମନୀରେ
ନିଜ ଆତ୍ମଲିପି ଲେଖିବସେ
ଗୋଟେ ଧୂଆଁ ରଙ୍ଗର କାଗଜରେ
ଅଙ୍ଗାରରେ ।
ସିଏ ଜାଣେ
ନିଜର ଗୁମାନ ଠାରୁ
ଏ ପୃଥିବୀ ପାଇଁ
ସିଏ ନିଜେ ବେଶୀ ଦର୍କାର

- ଠ -

ବି.ଏସ୍.ଏନ୍.ଏଲ୍.
ୟୁନିଟ୍ - ୮, ଭୁବନେଶ୍ୱର

ନିଶା

ଏଠି ନିଶାଶକ୍ତ ସଭିଏଁ
ମାଟି, ପାଣି, ଜହ୍ନ, ତୁମେ
ଆଉ ମୁଁ ବି ।
ନିଶାର ବାହୁବନ୍ଧନରେ
ଆମେ ଚିର ସମାହିତ,
ଆମକୁ ଶୁଭୁନି ଝଡର ନିଃଶ୍ୱାସ,
ଦିଶୁନି ରକ୍ତଝୋଟି
ଭେଦୁନି ଭୋକର କମ୍ପନ ।
ଆମକୁ ଖୁବ୍ କୌଶଳରେ ଘୋଷେଇ ଦିଆଯାଇଛି ଅବିଶ୍ୱାସର
ବ୍ୟାକରଣ,
ବାଧ୍ୟକରି ଶିଖେଇ ଦିଆଯାଇଛି
ଭାଙ୍ଗିଯିବାର ଭାଷା,
ଉଡିବାର ପରିସୀମା ।
ଆମେ ଏବେ ପକ୍ଷୀ ନୁହଁ ପକ୍ଷ
କେତେଟା ଦିନରେ ସୀମିତ,
ଆମେ ଏବେ ସରଳରେଖା ନୁହେଁ
ରଶ୍ମି ନହେଲେ ରେଖାଖଣ୍ଡ ।
ଯଦି ଆଖି ଅଛି ।
ସେପଟ ଆକାଶକୁ ଚାହଁ
ସେଠି ପ୍ରଶ୍ନମାନଙ୍କୁ ସମ୍ମୋହିତ କରି
ସ୍ୱାକ୍ଷରିତ ହେଉଛି ସନ୍ଧି,
ଆଉ, ଏପଟେ ଟେବୁଲ୍ ତଳେ
ଅଦୃଶ୍ୟ ଭାବେ ଚିରାଚାଲିଛି
ବିଶ୍ୱାସର ଶେଷ ଦାବିପତ୍ର ।
ପାରୁଚ ତ ଅନୁଭବ କର
କେମିତି ଆମ ଅଲକ୍ଷ୍ୟରେ
ଆମ ପାଦରେ ପିଟିହେଇ ବହିଯାଉଛି
ଉଷୁମ ଲୁହର ନଈ,
ନଈରେ ପଇଁତରା ମାରୁଛି
ସମ୍ଭାବନାର ନାଆ
ନାଆ ସାରା ଖାଲି ପାଣି,
ଆଉ, ସେଠି ଛାଇଟାଏ ଆହୁଲା ମାରୁଛି
ଦରଭିଜା ଛାତିଟାଏ ଧରି ।
କଣ କହିଲ
କଣ କରିପାରିବ ?
କିଛି ନାହିଁ

ବାସ୍ ନିଶା ଉତ୍ତାରି ମାଲିକ୍‌ର ସନ୍ଧିଧାନ ପଢ଼,
ସେଠି ବଡ ବଡ ଅକ୍ଷରରେ ଲେଖାଅଛି
"ଉତ୍ତର ଖୋଜ ପ୍ରଶ୍ନ ପଚାର ନାହିଁ,
ଦ୍ୱୀପ ତଳେ ସୋଇଛି ଅନ୍ଧାର
ଡାକୁ ଡାକ ନାହିଁ ଡାକ ନାହିଁ...."

- o -

ଅଧ୍ୟାପକ, ପତିତପାବନ ମହାବିଦ୍ୟାଳୟ
ମଦନପୁର, ସାଇଁକୁଳ, କେନ୍ଦୁଝର

ଫୁଲଟିଏ

ସୁଭାସିନୀ କବି

ଫୁଲଟିଏ ହୋଇ ବାସ୍ନା ଫୁଟାଇଥିଲି
ଆଜି କାହିଁ ଗଲି ମଉଳି
ଫୁଲଟିଏ ହୋଇ ଆନନ୍ଦ ହୋଇଥିଲି
ଦେହରେ ରଙ୍ଗ ବୋଳି
ଫୁଲଟିଏ ହୋଇ ପୂଜାରେ ଲାଗୁଥିଲି
ଝଡିପଡି ହୋଇଗଲି ଶିଉଳି
ଫୁଲଟିଏ ହୋଇ ମନ ମୋହୁଥିଲି
ରମ୍ଭା ମେନକା ଭଳି
ଫୁଲଟିଏ ହୋଇ ଗଳାରେ ରହୁଥିଲି
ଦେଇଥିଲ ପୂଣ୍ୟକୁ ବୋଳି
ଫୁଲଟିଏ ହୋଇ ଶୋଭା ବଢ଼ାଇଲି
ଭଲପାଏ ମତେ ମାଳି
ଫୁଲଟିଏ ହୋଇ ପୁଷ୍କରିଣୀରେ ଭାସି ଉଠୁଥିଲି
ପାର୍ଶ୍ୱରେ ବୁଲନ୍ତି ହଂସ ରାଜି ।
ଫୁଲଟିଏ ହୋଇ ବାସ ମହକାଇଲି
ଈଶ୍ୱର ପାଇଁ ଗଲି ମୁଁ ତୋଳି ।

- o -

ଜେନାପୁର ଡିଗ୍ରୀ କଲେଜ ଛାତ୍ରୀ(କଳା ବିଭାଗ)

ସମ୍ପର୍କ

ଅନ୍ନପୂର୍ଣ୍ଣା ଜେନା

ସମ୍ପର୍କ ନୁହଇଁ ଗୋଡି ପଥର ଯେ
କେଉଁଠୁ ଗୋଟାଇ ଆଣିବ
ସମ୍ପର୍କ ନୁହଇଁ ଗଛର ଫଳ ଯେ
ଇଚ୍ଛା ହେଲେ ତୋଳି ଆଣିବ ।
ସମ୍ପର୍କ ମିଳୁନି ବଜାର ହାଟରେ
ପଇସାରେ କିଣି ପାରିବ,
ସମ୍ପର୍କ ତ ଏକ ଅମୂଲ୍ୟ ବନ୍ଧନ
ଏହା ଯୁଗ ଯୁଗାନ୍ତରର ମିଳନ ।
ସମ୍ପର୍କ ଅଟଇ ଦ୍ୱାପର ଯୁଗର
ଆହା ସେ ଖୁଦ ଭଜା ସୁଦାମାର
ସମ୍ପର୍କ ନୁହଇଁ ମହାକାଶର ଶୂନ୍ୟ
ସେତ ଅଟେ ଗଂଗା ଜଳଠୁ ବି ପୂଣ୍ୟ ।
ସମ୍ପର୍କ ମଝିରେ ଫାଟ ପଡିଗଲେ
ସେ ଫାଟ ଆଉ କେବେ ଯୋଡିବ ।
ସମ୍ପର୍କ ଅଟଇ ମନର ମିଳନ
ବୁଝିବା ଲୋକ ହିଁ ବୁଝିବ ।
'ସମ୍ପର୍କ' ନୁହଇଁ ଟାଇଲର ଘର
ଏକା ଧକ୍କା କେ ଗଲି ପଡିବ
ସମ୍ପକ ତ ଅଟେ ଚାଳଛପରର
ଭାଙ୍ଗିଗଲେ ତାକୁ ଯୋଡି ପାରିବ ।

- o -

ଜେନାପୁର ଡିଗ୍ରୀ କଲେଜ
କଳା ବିଭାଗ

କନ୍ୟାରତ୍ନ

ଶ୍ରେଷ୍ଠା ଶତପଥୀ

ଯାହା କୋଳେ କନ୍ୟା ଜନମ ହୁଅଇ
ଭାଗ୍ୟବାନ ସେ ଦମ୍ପତି,
କନ୍ୟା ରତ୍ନ ବୋଲି ଚର୍ଚ୍ଚିତ ହୋଇଛି
ନଥାଉ ଧନ ସମ୍ପତ୍ତି ।
କନ୍ୟା ଅଟେ ସେତ ମାଆଙ୍କ ନୟନ
ବାପାଙ୍କ ହୃଦ ସ୍ପନ୍ଦନ ।
ଭାଇର ହାତରେ ରାକ୍ଷୀ ପୁଣି ସିଏ
ଭଉଣୀର ବୁଝେ ମନ ।
ପିଲାଟି ଦିନରୁ ବଢ଼େ ସୁକୁମାରୀ
ସତେ କଣ୍ଢେଇଟେ ଭଳି ।
ପରିଣତେ କେତେ ବୋଝ ସେ ସମାଳେ
ସବୁ ଜଳାଞ୍ଜଳି ଦେଇ ।
ମାଗିବା ଆଗରୁ ବାପା ଆଣିଥାନ୍ତି
ମନଲାଖି ଦ୍ରବ୍ୟମାନ,
ଅଝଟ କରିଲେ କହି ସେ ବୁଝାନ୍ତି
ହାତେ ଆଣି ଦେବେ ଜହ୍ନ ।
ମନର ବେଦନା କେହିତ ବୁଝେନା
ଜନ୍ମମାଟି ଛାଡେ ସିଏ,
ପ୍ରତିପାଦେ ତାର ନିନ୍ଦାର ଭୟ
ଜନ୍ମରୁ ମରଣ ଯାଏ ।
ସେ ଅବଳା କିନ୍ତୁ ଦୁର୍ବଳା
ଛିଡାଇପାରେ ସେ ସବୁ ଶୃଙ୍ଖଳ,
ସେ ମାତା ସୀତା ଯାଜ୍ଞସେନୀ ପୁଣି ଝାନ୍‌ସୀରାଣୀ
ଶତ୍ରୁକୁ ସଂହାର କରେ ସେ ଦେଇ ତାର ବଳ ।
ଶତ୍ରୁକୁ ସଂହାର କରେ ସେ ଦେଇ ତାର ବଳ ।

- ୦ -

ଶ୍ରେଣୀ - ନବମ
ଓଡିଶା ଆଦର୍ଶ ବିଦ୍ୟାଳୟ

ଗୁରୁମା

ଶୁଭ୍ରଶ୍ରୀ ସେନାପତି

ସୁନ୍ଦର ସୁନ୍ଦର ଆହୁରି ସୁନ୍ଦର
ସୁନ୍ଦର ମୋର ଗୁରୁମା
ଭାରି ଭଲ ସିଏ ତାଙ୍କ ପରି ନାହିଁ କେହି
ଏ ସାରା ଦୁନିଆ
ସିଏ ଯେବେ ମତେ ଶୁଭଶ୍ରୀ ଡାକନ୍ତି
ଖୁସି ହୋଇ ଯାଏ ମୁହିଁ ।
ନୀର କ୍ଷୀର ପରି ସରଳିଆ ସିଏ
ଭୁଲି ପାରିବିନି କାହିଁ ।
ପର ଉପକାରୀ ମିଷ୍ଟଭାଷିନୀ ସେ
କର୍ତ୍ତବ୍ୟେ ସଦା ଜାଗ୍ରତ
ତାକେ ଠାକୁରଙ୍କୁ ଭଲରେ ରଖନ୍ତୁ
ମୋ ଗୁରୁମାଙ୍କୁ ସତତ ।
ଛୋଟ ପିଲା ମୁହିଁ ଲେଖିଜାଣି ନାହିଁ
କବିତାର ମଧୁସୁର
କ୍ଷମା କରି ଦେବେ ଗୁରୁମା ମତେ
ତୁମ ପାଦେ ନମସ୍କାର ।

- ୦ -

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଶେଣୀ-୩ୟ

ାଇ - ଗୋଟିଏ ଗଜଲ

ସୁମିତ ପଣ୍ଡା

ାଟିରେ ଉଷୁମ ସୁଆଦ ହଉଛି ଭାଇ
ପାଖରେ ସରୁ ଆଖର ଦରଦ ହଉଛି ଭାଇ ।
ଥାଉ ଯେତେ ତା ବିନା ସତେ ଖାଁ ଖାଁ ଲାଗେ ଘର
ର୍ମା ହାତେ ଗଢ଼ା ହେଇଥିବା ବରାଦ ହଉଛି ଭାଇ ।
ରଠୁ ବେଶି ସମ୍ପତ୍ତିକୁ ଗୋଡରେ ଆଡେ ଦେଇ
ଇ'ଟାକୁ ନିଇତି ପୁଜିଲା ସେ ଭରତ ହଉଛି ଭାଇ ।
ନେ ଆସୁଛି ଏଇନେ ଯାଉଛି କେତେବେଳେ ଉଡିଯିବ
ଶ୍ୱାସ ବୋଧେ ନେଇଛି ବଇନା ମିଆଦ ହଉଛି ଭାଇ ।
ାର ମୁଣ୍ଡରୁ ଆକାଶ ଓହ୍ଲେଇ ନିଜ କାନ୍ଧେ ଟେକି ଧରି
ସମ୍ଭାଳିବା ଶିଖିବା ପାଇଁ ଏବେ ବଳଦ ହଉଛି ଭାଇ ।

- ୦ -

ଭୂବନେଶ୍ୱର
ମୋ: ୯୯୩୭୨୩୮୩୩୬

ଗାଆଁଟି ମୋର

ରିମା ଚାନ୍ଦ୍

ଗାଆଁଟି ମୋର କି ମନୋହର
ଗଙ୍ଗା ଠୁ ପବିତ୍ର ତା' ନଦୀ ଜଳ
ମୋ ଗାଁର ପୁଟେ ଯେ କଇଁ
ତା'ଠୁ ସୁନ୍ଦର କେଉଁଠି ନାହିଁ
ମୋ ଗାଁରେ ଅଛି ସୁନ୍ଦର ନଦୀ
ତା' କୁଳେ ଫୁଟି ଉଡି ଯାଏ
କେତେ ଯେ କାଶତଣ୍ଡି
ମୋ ଗାଁର ସେଇ ମନ୍ଦିର
ସତେ ଯେ ଲାଗେ ଡେବତାଙ୍କ ଘର
ଗାଁଟି ମୋର କି ମନୋହର
ନାମଟି ତା'ର ଅଟେ ଜେନାପୁର
ମୋ ଗାଆଁରେ ଅଛି ମୋର ପରିବାର
ତାଙ୍କୁ କରିପାରିବିନି କେବେ ବି ପର
ମୋ ଗାଆଁ ର ସେଇ ଯେ ନଇ
ତା'ର କୁଳୁ କୁଳୁ ସ୍ୱର
ମନ ନିଏ ମୋହି
ଗାଆଁଟି ମୋର କି ମନୋହର
ଗଙ୍ଗାଠୁ ପବିତ୍ର ତା' ନଦୀ ଜଳ ।

- ୦ -

ଜେନାପୁର

ମାଆ

ରୁପଶ୍ରୀ ସାହୁ

ତୁହିଁ ତ ଆମରି ମାଆ,
ଯାହା କୋଳେ ଆମେ
ଖେଳିଛୁ ବଢ଼ିଛୁ ସିଏତ ଆମରି ମାଆ
ଧୂଳି ପଡିଥିଲେ ଆମରି ମୁଣ୍ଡରେ
କୋଳେଇ ନିଏ ସେ ମାଆ
ତାହା ପରି କିଏ ନାହିଁ ତ ସଂସାରେ
ସିଏତ ଆମରି ମାଆ ।
ତା'ର ମୂଲ୍ୟ କେବେ ଶୁଝିପାରିବା ନାହିଁ
ଅମୂଲ୍ୟ ତା'ର ସ୍ନେହ
ଭୂବନେ ବୁଲିଲେ ପାଇବା ନାହିଁ କେବେ
ଏପରି ଅମୂଲ୍ୟ ସ୍ନେହ
ଜଗତରେ ବୁଲି ବୁଲି ପାଇଥିଲି
ଏପରି ଗୋଟିଏ ମାଆ
ଜୀବନର ସବୁ ଦୁଃଖତ ବାଣ୍ଟିବି
ମୋ ପାଖେ ଥିଲେରେ ମାଆ
ତୁହିଁତ ଆମରି ମାଆ....

- ୦ -

ଜେନାପୁର ସରକାରୀ ସ୍କୁଲ
ଶ୍ରେଣୀ - ନବମ

ମୋ ଦୁଇ ବଡ ଭଉଣୀ

ରଞ୍ଜିତା ଓଝ

ମୋ ଦୁଇ ଗେହ୍ଲା ବଡ ଭଉଣୀ
ନିଆରା ଅଟଇ ତାଙ୍କ କାହାଣୀ
ଜଣଙ୍କର ନାମ ରେଖା
ଅନ୍ୟ ଜଣେ ନନ୍ଦିନୀ
ମୁଁ ତାଙ୍କ ସାନ ଭଉଣୀ ରାନୁ
ଟିକେ ଅଭିମାନିନୀ
ପ୍ରଥମ ବଡ ଭଉଣୀ ମୋ ଭାରି ସେନେହି
ଦୁଃଖ କଷ୍ଟ ସବୁ ଯାଏ ସେ ସହି ।
ମନ ତା'ର ଅଟେ ଆକାଶ ଠୁ ନିର୍ମଳ
ହୃଦୟ ଅଟେ ତା'ର ଜହ୍ନ ଠୁ ବି ଶୀତଳ ।
ମୋ ଜୀବନକୁ ବଦଳାଇ
ମତେ କରିଛି ମଣିଷ
ବଞ୍ଚିଥିଲା ଯାଏ ତାକୁ ପୂଜି
ଚାହେଁ ତାହାରି ଆଶିଷ ।
କାହାରି ମନରେ କିଛି କଷ୍ଟ
ଦେଇନି ତା ହୃଦୟରେ
ଲେଖିଲେ ବି ସରିବନି
ତା'ର ବଳିଦାନ କାହାଣୀ
ଆଜୀବନ ରହିବି ମୁଁ
ତାହାରି ପାଖରେ ରଣୀ
ଦ୍ୱିତୀୟ ବଡ ଭଉଣୀ
ମୋ ଟିକିଏ ରାଗି
ମନ ତା'ର ନରମ
ସେ ଅଟେ ଭାରି ସ୍ୱଭାବି
ବେଳେବେଳେ କଥା ତା'ର
ଦେଇଥାଏ ଆଘାତ
ସୁବିଧାରେ ଦିନକଟୁ
ଏହି ତା'ର ଚାହାତ
ମନରେ ସେ ବାନ୍ଧିଛି ବସା
କେତେ କେତେ ବଡ ଆଶା

ପୂରଣ କରିବ ସବୁ
ହେବ ନାହିଁ ସେ ନିରାଶା
ଜୌଣସି କଥାକୁ ନେଇ
ଯେବେ ହୋଇଯାଏ ଅଟଳ
ଶାଜାର କରିବା ପାଇଁ
ଲଗାଇ ଦେଇଥାଏ ତା ବଳ
ଏହା ଥିଲା ମୋର ଦୁଇ
ଭଉଣୀଙ୍କ କାହାଣୀ
ହସ ଖୁସିରେ ଆମ ଦିନ କଟୁ
ପ୍ରଭୁ କରୁଛି ମାଗୁଣି ।

- ଠ -

ସଦସ୍ୟା
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ
ଜେନାପୁର, ଯାଜପୁର

ମୋ ମା

ଶ୍ରୀମତୀ ବନ୍ଦିତା ସା.

ଯିଏ ନିଜ ଆୟୁଷ କୁ ବାଜି ଲଗେଇ
ବାତ୍ସଲ୍ୟର ଗଙ୍ଗାଧାରଦେଇ
ଭିନ୍ନ ଅଗଣାରେ ଫୁଟେଇ ପାରେ
ବଂଶ ଲତିକା
ଯିଏ ନିଜ ସନ୍ତାନ ପାଇଁ
ଦଧିଚି ସାଜି ସମର୍ପି ଦିଏ
ନିଜ ତମାମ ଜୀବନ
ସାରା ସଂସାରରେ ଗୋଟିଏ ତା ନାଁ
ସବୁ ଝଡ ଆଗରେ
ଛାତି ପତେଇ ହୋଇଯାଏ ଠିଆ
ସେ ମୋ ମା
ବିପଦରେ ତୁ ଆପଦରେ ତୁ...
ସୁଖରେ ତୁ .... ଦୁଃଖରେ ତୁ .....
ମୋ ଜୀବନର ପ୍ରତିଟି
ଚଲାପଥରେ ଆଶୀର୍ବାଦରେ ପୁଷ୍ପ ବୃଷ୍ଟି ତୁ
ମୋ ମା ।

- ଠ -

ଜେନାପୁର

ବିଦ୍ୟାଳୟ

ସୌଭାଗ୍ୟ ସାହୁ(ଛାତ୍ର)

ମନ୍ଦିର ଯାହାର ପ୍ରତିନାମ
ଯେଉଁଠି ଚଳନ୍ତି ଦେବତାଙ୍କ ବାସ
ସେ ହେଉଛି ମୋ ପ୍ରିୟ ବିଦ୍ୟାଳୟ
ଗୋଟି ଗୋଟି କରି ଶିଖାନ୍ତି ପ୍ରତିକାମ
ଗୁରୁଜୀ କହନ୍ତି ପଢ଼ିବା ପାଇଁ ଚକା ଆସନ ପକାଇ
ହେଉଚି ମୋର ସୁନ୍ଦର ବିଦ୍ୟାଳୟ ।
ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ଅତି ନିବିଡ
ଏହି ବନ୍ଧନକୁ ନେଇ ଗଢ଼ା ଆମ ବିଦ୍ୟାଳୟ
ପିଲାଦିନ ଏହି ସ୍ମୃତି ରହେ ନିରନ୍ତର
ମନେ ପଡେ ମୋ ପ୍ରିୟ ବିଦ୍ୟାଳୟ
ମାଡ ଗାଳି ଦେଇ ଗୁରୁଜୀ କରନ୍ତି ସାବାଡ
ପୁଣି କୋଳେଇ ନିଅନ୍ତି ଯେବେ ହୁଏ ମନ ଗଡ ଗଡ ।

- ଠ -

ସପ୍ତମ ଶ୍ରେଣୀ
ନାରାୟଣ ଶୋଭନିୟ ଶିକ୍ଷାଶ୍ରମ

ବୋଉ ପାଇଁ ପଦେ...

ଅଭୀପ୍ସା ଶତପଥୀ

ତୋ କୋଳ ଛାଡିବା ପରେ ହିଁ ଦେଖିଛି
ସତ ମିଛର ଏ ଦୁନିଆକୁ
ତୋ ହାତ ଛାଡିବା ପରେ ହିଁ ଜାଣିଛି
ହସ ଲୁହର ଏ ସଂସାରକୁ ।୧।
ତୋ ଡାକ ଶୁଣିବା ପରେ ହିଁ ବୁଝିଛି
ତା' ଠାରୁ ମଧୁର ନାହିଁ କିଛି
ତୋ ଛୁଆଁ ପାଇବା ପରେହିଁ ଭାବିଛି
ସେହି ଅନୁଭବ ସବୁକିଛି ।୨।
ତୋ କାନି ଧରିବା ପରେ ହିଁ ଜାଣିଛି
କେତେ ମହତ୍ତ୍ୱ ସେ ପଣତର
ତୋ ପାଦ ଛୁଇଁବା ପରେ ହିଁ ଲାଗିଛି
ଚଳନ୍ତି ଠାକୁର ତୁ ମୋର ।୩।
ତୋ ବିନା ଜିଇଁବା ମରିବା ସମାନ
ମାନେ ନାହିଁ କିଛି ଜୀବନର
ତୋ କଥା ଲେଖିବା ପରେ ହିଁ ଭାବୁଛି
ଶବ୍ଦ ସରିଗଲା ଦୁନିଆର ।୪।

- o -

+୩ ୧ମ ବର୍ଷ ଛାତ୍ରୀ, ସଂସ୍କୃତ ସମ୍ମାନ
ଧରଣୀଧର ବିଶ୍ୱବିଦ୍ୟାଳୟ

ଛତା

ରୁଦ୍ର ମାଧବ ଦ

ଲୋକଟିଏ ଚାଲିଥାଏ
ହାତରେ ତା ଛତାଟିଏ
ଚାଲିବାକୁ ଅଛି ପଥ ବହୁଦୂର
ବାଟସାରା ଝଡ଼ - ଝଞ୍ଜାର ଆସର...
ଢେର୍ ଦମ୍ଭ ପୁଣି ସଞ୍ଚିବାକୁ ହେବ
ଛତାକୁ କମ୍ପିତହସ୍ତେ ସମ୍ଭାଳି ଧରିବା ପାଇଁ
ଜୀବନ ସାଥେ ଯୁଝିବାକୁ ଅଣ୍ଟା ଭିଡିବା ପାଇଁ
ପୁଣି, ମୁହଁ ଆଡ କରି ଚାଲିଯିବା ପାଇଁ
ଯେତେ ବାଧା - ବିଘ୍ନ
ଦୁଃଖ - ଛିଟା ଭିନ୍ନ
ପୁନଶ୍ଚ ଜିଉଁଥାଏ ପୂର୍ବବତ୍ ଆପଣାର ଅନ୍ତର୍ଦ୍ୱନ୍ଦ
ଅତିକ୍ରମିବାକୁ ଏ ଜୀବନ - ପଥଟିଏ...
ବାହାରେ ପ୍ରବଳ ବର୍ଷା
ଆକାଶରେ କଳାହାଣ୍ଡିଆ ମେଘ
ମୁଖଦର୍ପଣେ ତା'ର ପ୍ରତିଫଳିତ ଔଦାସ୍ୟ ପରି ।
ଅଚାନକ ଭାଙ୍ଗିପଡେ କିଛି
ହୁଏତ ମଥାନ - ଆକାଶ
ଗଗନର ଛାତିଚିର ଚମକେ ବିଜୁଳି
କେବେ ପୁଣି ଉଜ୍ଜ୍ୱଳି ଉଠେ ଆଖିରେ ତାର ତୃପ୍ତି ଝଲକ
ଯେବେ ଭାଙ୍ଗିରୁଜି ଲୁହ ଢାଳନ୍ତି ବାଦଲସବୁ
ବର୍ଷାବିନ୍ଦୁ ପଡେ ଝରି,
ଭାଙ୍ଗେ ନାହିଁ ଯାହା ତା'ର ବୁକୁ - ମେରୁ ହାଡ
ଅନ୍ତର ତା' ପଡୁଥାଏ କୋରି....

ଶୂନ୍ୟତାକୁ ଛାତି ପତାଇ
ତା'କୁ ଆଢୁଆଳେ ରଖିଥିବା
ଛତାର ଛାତିପରେ ବର୍ଷାର ତାଣ୍ଡବ ନୃତ୍ୟ,
ଅନ୍ତରେ ତା'ର ନିର୍ଧୂମ ଦୁଃଖ - ଅବପାତ
ବୁକୁତଳେ ଫେନିଳ ତରଙ୍ଗାୟିତ କୋହ
ଲବଣାକ୍ତ ଲୁହ ସବୁ ଓଠ ପାଖେ ଠିକଣା ହଜାନ୍ତି

ପରମ ତୃପ୍ତି ଲଭି ପାନ କରେ
ଜିଇଁଥାଏ ଜୀବନର ସ୍ୱାଭାବିକ ଛନ୍ଦେ
ମଣି ସେସବୁକୁ ଶାନ୍ତିର ଅମୃତ...
ବର୍ଷାର ଛିଟାସବୁ ମଥା ପିଟୁଥା'ନ୍ତି
ହୁଇଁପରି ଭେଦି ଯାଉଥା'ନ୍ତି ଦେହସାରା
ଶିକ୍ତ ହେବାର ମଧୁର ଛନ୍ଦେ ମାତିଥାଏ ସିନା,
ହୃଦ- ଅଭ୍ୟନ୍ତରେ ତାର ଲୁହ - ଲହୁ ତୀବ୍ର ସ୍ରୋତ
ମନତଳେ ରୁଗ୍‌ରୁଗ୍ ହେଉଥାନ୍ତି
ଅଜସ୍ର କୋହ - ସାଂସାରିକ ବିଡମ୍ବନା...
ବର୍ଷା - ଖରା ଭିଜିଭିଜି ପାପରା ଧରିଯାଏ ଛତା
ଛୋଟବଡ ଛିଦ୍ର ମାରେ ଉଙ୍କି
ପନ୍ଦୀହାନେ ଘୂରେ ତା'ର ମଥା
ଭବିଷ୍ୟତ ପାଇଁ ଆମ୍ବଳ ଜୁଟାଇବାର ସଂକଳ୍ପ - ସୂତ୍ରେ
ସିଆଁଇ ନିଏ ଛିଣ୍ଡା ଛତା ସାଥେ
ଦରସିଆଁ ମନକୁ...
ଡେଇଁଯିବାକୁ ବେଶ୍ କେତୋଟି ଆସନ୍ତାକାଲି ।
ଛତାଟିଏ ଲୋଡା ହୁଏ ନିଶ୍ଚେ
ଏଇ ବର୍ଷଣ ମୁଖର ଜୀବନରେ...

ସହିବାକୁ ଦାରିଦ୍ର୍ୟ କଷାଘାତ
ଭାଗ୍ୟର ଛନ୍ଦହୀନ ବୃଷ୍ଟିପାତ
ନିଜକୁ ନିଜ ପାଖେ ପଣବନ୍ଦୀ କରିବାର ସର୍ତ୍ତ ନେଇ
ସ୍ୱାଭାବିକ ଲୟରେ ଚାଲିବାର ଭିନ୍ନ ସୂତ୍ର
ଛତା ବିନା ଖୁବ୍ ଅସହାୟ ଦିଶେ ଜୀବନ
ଜିଇଁବାକୁ ହେଲେ ଏଠି
ଛାତିକୁ ଚଟାଣ - ହୃଦୟକୁ ପାଷାଣ କରିବାର
ଅଭିନୟ କରିବାକୁ ହୁଏ
ଆଉ ତା' ସାଧ୍ୟାତୀତ ମନେ ହେଲେ
ଜୀବନ ଦୁର୍ବିସହ...
ରାହା ଯୋଗାଏ ହିଁ ଛତାଟିଏ
ପୁଣି ନାନା ରୂପେ ଏଇ ସଂସାରେ
ମୁଣ୍ଡ ଗୁଞ୍ଜିବାରେ ଆଶ୍ୱାସନା
ଜିଇଁବାକୁ ଯୋଗାଇ ପ୍ରେରଣା - ପ୍ରବୋଧନା
ହାତ ଲୋଡେ ଛତାଟିଏ
ବଞ୍ଚାଏ ଯେ ମଥାଟିଏ
ଛତାଟିଏ ନିଶ୍ଚେ ଲୋଡ ଜୀବନେ...

- ୦ -

ବାଘମୁଣ୍ଡା, କାକଟପୁର, ପୁରୀ
ମୋ: ୬୩୭୦୧୩୧୨୬୯

ସେଇ ପିଲାଟି

ସୁନିଲ କୁମାର ଛନ୍ଦ୍

ସେଇ ପିଲାଟି
କେଡେ ସୁନ୍ଦର ଭାବନା ତାର
ସୁନ୍ଦର ତାର ଭାଷାଟି
ସେଇ ପିଲାଟି
ଯେତେବେଳେ ସିଏ ହସୁଛି
ତା ହସରୁ ମହୁ ଝରୁଛି
ଜୀବନ ପଥରେ ପରିଶ୍ରମ କରି
ଆଗକୁ ଆଗକୁ ଚାଲିଛି

ସେଇ ପିଲାଟି
ମୁଖଟି ତାର ଚନ୍ଦ୍ରମା ପରି
ଦିଶଇ କେଡେ ସୁନ୍ଦର
ତା ମୁଖରୁ ଝରେ ଅମୃତ ବାଣୀ
ସଭିଙ୍କୁ କରେ ନିଜର
ଶିଶୁଟି ବେଳରୁ ମନ ଆକାଶରେ
ଉଚ୍ଚ ଭାବନା ରଖିଛି
ସେଇ ପିଲାଟି

କେତେ ସୁନ୍ଦର ଭାବନା ତାର
ସୁନ୍ଦର ତାର ଭାଷାଟି
ସେଇ ପିଲାଟି
ଯେତେବେଳେ ସିଏ ହସୁଛି
ତା ହସରୁ ମହୁ ଝରୁଛି
ଜୀବନ ପଥରେ ପରିଶ୍ରମ କରି
ଆଗକୁ ଆଗକୁ ଚାଲିଛି
ଦିଶଇ ପିଲାଟି

ମୁଖଟି ତାର ଚନ୍ଦ୍ରମା ପରି
ଦିସଇ କେତେ ସୁନ୍ଦର
ତା ମୁଖରୁ ଝରେ ଅମୃତ ବାଣୀ
ସଭିଙ୍କୁ କରେ ନିଜର
ଶିଶୁଟି ବେଳରୁ ମନ ଆକାଶରେ
ଉଚ୍ଚ ଭାବନା ରଖିଛି
ସେଇ ପିଲାଟି

- o -

ଝଗଡୁଗାଡିଆ, ସଗଡ, ବୌ

ମୋବାଇଲ୍ ଫୋନ୍

ସୁଶ୍ରୀ ଦୀପ୍ତିପ୍ରଭା ଦ

ଆଜି ଆମେ ଯୋଗାଯୋଗ ପାଇଁ
ବାହାର କରିଛୁ ଏ ମୋବାଇଲ୍ ଫୋନ୍ ।
ମୋବାଇଲ୍‌ର ଦୂରୁପଯୋଗ କରି ଏବେ
ଗଲାଣି ଯେ କେତେ ସରଳ ଜୀବନ ।।
ସାନ, ବଡ, ବୟସ୍କ ସଭିଏଁ
ଏବେ ତା'ର କୁହୁକ ଜାଲରେ ଛନ୍ଦା
ସକାଳରୁ ସଞ୍ଜ ସଞ୍ଜରୁ ସଞ୍ଜ
ବ୍ୟସ୍ତ ଅଛୁ ବୋଲି କହି ହୋଇଛୁ ବନ୍ଧା ।।
ମାଆ କହେ ଧନ ମୋର
ଖାଇଦେ ଖାଇଦେ ଏହି ମୋବାଇଲ୍ ଦେଖି
ମୋ ପାଖରେ ଯେ ବେଳ ନାହିଁ
ତେଣେ ମୋର ପଡିଛି କେତେ କାମ ବାକି ।।
ଅଜା ସାଥେ ଆଇ କରନ୍ତି ଗପ
ଦେହ ଭଲ ନଥିଲେ ଔଷଧ ଖାଇବ
ଟିକେ ଭଲ ଲାଗିଲେ ଏହି
ମୋବାଇଲ୍‌ରେ ମତେ ତମ ଫଟ ଦେଖାଇବ ।।

ଯୁବକ ଯୁବତୀ ଅତି ନିର୍ଭୟରେ
କରନ୍ତି ଖୁସିଗପ ଯେ ଘଣ୍ଟା ଘଣ୍ଟା ଧରି
କାହାରିକୁ ଖାତିର୍ ନାହିଁ ଏବେ
ଅଲଟ୍ରାମଡର୍ଣ୍ଣ ପିଲା ଆମେ ଯିବୁନି ଡରି ।।
ଭଲଟାକୁ କାଟି ଦେଇ ଆମେ
ଖରାପ ଛବି କଥା ବାର୍ତ୍ତାରେ ସଭିଏଁ ବ୍ୟସ୍ତ
ଯିଏ ଏ ଯନ୍ତରକୁ କରିଅଛି ଦାନ
ତାହାର ମହତ ଗୁଣ ଭୁଲି ହେଉଛୁ ବିଧ୍ୱସ୍ତ ।।
ଏବେ ବି ସମୟ ଅଛି
ନିଜକୁ ସୁଧାରିବା ଆସ ଆମେ ଭଉଣୀ ଭାଇ
ଜୀବନକୁ ସରଳ ସୁନ୍ଦର କରିବା
ସୁସ୍ଥ ପରିବେଶେ ଏହି ରେଡିଏସନ୍ କମାଇ ।।

- o -

ଅଷ୍ଟମ ଶ୍ରେ
ଶ୍ରୀ ଶ୍ରୀ ହିଙ୍ଗୁଳା ବିଦ୍ୟାଳୟ, ମର୍ଜିତାପୁର, ଯାଜପୁ

ଅଳପ ଦିନର ଗଳପ

ସୁବାସିନୀ ପଣ୍ଡା
ଆଚାର୍ଯ୍ୟା

ଅଳପ ଦିନର ଗଳପ ଆମର
ସରିଯିବ ଆଗ ଛକରେ,
ବାଟ ଭାଙ୍ଗି ଆମେ ଛାଡି ଚାଲିଯିବୁ
ଯେ ଯାହା ଗନ୍ତବ୍ୟ ପଥରେ
ଯାତ୍ରା ସମୟଟା ବହୁତ ଅଳପ
ଜଣା ନାହିଁ କେବେ ସରିବ
ରାଗ ଈର୍ଷା ଦ୍ୱେଷ ମାନ ଅପମାନ
କାହିଁକି ମନରେ ଧରିବ ?
ବିଶ୍ୱାସ ଘାତକ ହେଲା ଯଦି କିଏ ?
ପୁଣି ଯେବେ କେହି ଠକିଲା
ମନକୁ ବୁଝାଇ ଶାନ୍ତ କରି ଦେବା
ଆଉ କେଇ ଦିନ ରହିଲା ।
ବିନା କାରଣରେ ଅପମାନକଲେ
ଧରି ରଖିବାନି ମନରେ
ଅଳପ ଦିନର ଯାତରା ଆମର
କାଟି ଦେବା ହସ ଖୁସିରେ
ଆକ୍ଷେପ କରିକେ କହିଦେଲେ କିଛି
ଚୁପଚାପ ଆମେ ସହିବା ।
ନିର୍ବିକାର ରହି କ୍ଷମା କରିଦେବା
ଅଳପ ଦିନ ତ ଚାଲିବା

ଆମ ପାଇଁ କେହି ସମସ୍ୟା ଆଣିଲେ
କିଛି ଭାବିବାନି ମନରେ
ସମସ୍ୟା ହଜିବ କୁହୁଡି ପରାଏ
ଅପସରି ଯିବ ଆପେରେ ।
ବନ୍ଧୁ ବାନ୍ଧବଙ୍କୁ ସମ୍ମାନ କରିବା
ସହଯୋଗ ଆମେ କରିବା
ଦୟା କ୍ଷମା ପ୍ରେମ ହୃଦରେ ବହିବା
ଆନନ୍ଦରେ ଦିନ କାଟିବା
ରାଗ ଅଭିମାନ କରିବାନି ଆମେ
କାମନାକୁ ଆମେ ଦେବା ଦୂରେଇ
କିଏ ଜାଣେ କେବେ ଯାତ୍ରା ଶେଷ ହେବ
ଚାଲିଯିବା ବାଟ ବୁଲେଇ ।
ଭଲ ଭାବେ ସବୁ ଗ୍ରହଣ କରିଲେ
ସନ୍ତୋଷ ଆସିବ ମନରେ
ସନ୍ତୋଷ ସହିତ ଶାନ୍ତି ଖୁସି ମିଳେ
ହସ ଝରୁଥାଏ ଓଠରେ ।
ଅଳପ ଦିନର ଗଳପ ଆମର
ସରିଯିବ କେଉଁ କ୍ଷଣରେ
ଉପଭୋଗ କରି ପ୍ରତିଟି ମୂହୁର୍ତ୍ତ
ଚାଲିଯିବା ହସ ଖୁସିରେ ।

- ୦ -

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେନାପୁର

ଗାନ୍ଧୀ ପ୍ରୀତି

ଶ୍ରୀ ସୌମ୍ୟରଞ୍ଜନ ପାଣି

ବାପୁଜୀଙ୍କ ଅହିଂସା ନୀତି
ଦେଖି ଉଠିଲା ଭାରତ ମାତି ।।
ମୁଖରୁ ଆସିଲା ଗୋଟିଏ ଡାକରା
ମାଡି ଆସିଲେ ଯେ ଦେଶ ସାରା ।।
ଦେଖି ଗାନ୍ଧୀଙ୍କର ନୀତି ଗତି
ଚମକି ଉଠିଲେ ବିଦେଶୀ ଜାତି ।।
ଶୁଣି ମୋହନଙ୍କ ସଂଗ୍ରାମୀ ରତି
ଆନ୍ଦୋଳନ କଲେ ଲୋକେ ଅଣାଭିତି ।।
ଧକ୍କା ମାରି ଥିଲେ ଯିଏ ରେଳଗାଡିରୁ
ବାପୁ ତଡି ଦେଲେ ତାଙ୍କୁ ସାରା ଦେଶରୁ ।।
ତାଙ୍କ ଅମୋଘ ଅହିଂସା ନୀତି
ତାକୁ ଧରି ଚାଲିଲେ ଭାରତୀୟ ଜାତି ।।
ସବୁରୀ କାନରେ ଦେଲେ ସେ ସମାନ ମନ୍ତ୍ର
ଦେଶକୁ କରିଦେଲେ ସେ ଗଣତନ୍ତ୍ର
ଥିବା ଯାଏ ତାଙ୍କ ଦେହରେ ଶକ୍ତି
ଲଢ଼ି ଚାଲିଲେ ଭାରତକୁ କରିବାକୁ ମୁକ୍ତି ।।
ମଣିଷ ଜାତିର ଗାନ୍ଧୀ ବୁଢ଼ାର ମତି
ତା' ଠାରୁ ନୁହେଁ ଯେ ଅଧିକ ମାଣିକ ମୋତି ।।
ତାଙ୍କ ମହାନ ନୀତି ଧରି ଚାଲିବାଟି
ହସୁଥିବ ସବୁବେଳେ ଏ ଭାରତ ମାଟି ।।
ଗାନ୍ଧୀଙ୍କ ପ୍ରତି ଆମର ବହୁତ ପ୍ରିତି
ଆମେ ଅଟୁ ଯେ ତାଙ୍କରି ନାତୁଣୀ ନାତି ।।

- ୦ -

ଶ୍ରେଣୀ - ଦଶମ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ରେଖିଦେଇପୁର

କର୍ମପୃଷ୍ଠି

ଶ୍ରୀ ବିବେକାନନ୍ଦ ନାୟକ

କଲମ ଅଟଇ ଜୀବନ ଧନର ଭବିଷ୍ୟ ମାଲିକାକାର,
ଭବିଷ୍ୟକୁ ଆଖି ଆଗରେ ରଖି ପଥ ଉନ୍ମେଷ କର ।
କଣ୍ଟାପଥ କି ଅଗ୍ନିପଥ ହେଉ ପଥ ଅତିକ୍ରମ କର,
ଅତିକ୍ରମର ସେ ଯନ୍ତ୍ରଣା ଗ୍ରହଣ କରିବ ଜୀବନ ଭାର ।
ସୁଖ ସାତପର ଦୁଃଖ ନିଜର ବୁଝିବାକୁ ଏହା ହେବ,
ସହସ୍ର ଦୁଃଖକୁ ଆପଣେଇ ନେଇ ଆଗକୁ ଯିବାକୁ ହେବ ।
ସୁଖ ଦୁଃଖର ଏ ଜୀବନ ସାଗରେ ଦୁଃଖର ଲହରୀ ଆସେ ।
ବିଦ୍ୟାର୍ଥୀ କରେ ଦୁଃଖକୁ ସାଥି ସୁଖକୁ ଜହ୍ନତାରା
ସେହି ଦୁଃଖ ଦିନେ ବାଇଦ ବଜାଇ ପକାଏ ତା'ର ନାରା ।
କରମ ନକରି ବିଳାସ କରିଲେ ମୁରୁଖେ ହୋଇବୁ ଗଣା,
କର୍ମ ଗାରିମାରେ ଗରୀୟାନ୍ ହେଲେ ଜ୍ଞାନୀରେ ହୋଇବୁ ଗଣ୍ୟ ।
ଜ୍ଞାନ ଅଧ୍ୟୟନ କରିବାକୁ ହେଲେ ବୁଝିବାକୁ ହେବ କର୍ମ,
ଜ୍ଞାନ ଅଳଙ୍କାରେ ସୁସଜ୍ଜିତ ହେଲେ ଅରଜିବୁ ତୁହି ଧର୍ମ ।

- ୦ -

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ରେଖିଦେଇପୁର

ଆମ ବିଦ୍ୟାଳୟ

କୀର୍ତ୍ତି ସୋନମ୍ ମହାନ୍ତି

ବିଦ୍ୟାଳୟ ଅଟେ ଆମ ମନ୍ଦିର
ଗୁରୁ ଯେ ଅଟନ୍ତି ସାକ୍ଷାତ ଈଶ୍ୱର,
ଆମେ ଅଟୁ କୁନି ଭକତ
ସ୍ନେହ ଶରଧାରେ କରୁ ଦଣ୍ଡବତ ।
ବିଦ୍ୟାଳୟ ଆମ ମନ ମୁଗ୍ଧକର
ପରକୁ ଆପଣା କରେ ।
ପରିବେଶ ତାର ଅତ୍ୟନ୍ତ ସୁନ୍ଦର
ମନକୁ ଆକର୍ଷିତ କରେ ।
ବିଦ୍ୟାର ଭଣ୍ଡାର ଆମ ବିଦ୍ୟାଳୟ
କେବେ ହେବ ନାହିଁ କ୍ଷୟ ।
ଗୁରୁ ଅଟନ୍ତି ଆମ ମାର୍ଗ ଦର୍ଶକ
ଲାଗେ ନାହିଁ କେବେ ଭୟ ।
ବିଦ୍ୟାଳୟେ ଆମ ଭାଇ ଭଉଣୀ
ରହି ଅଛୁ ସର୍ବେ ଏକ ହୋଇ ।
ସ୍ନେହ ସହକାରେ ଆନନ୍ଦ ଭିତରେ
ଦିନଟି ଯାଏ ପଳାଇ ।
ଆମ ବିଦ୍ୟାଳୟରେ ଆମରି ଗୌରବ
ବିଶ୍ୱରେ ପ୍ରସିଦ୍ଧ ହେବ ।
ଆମ ପାଇଁ ଆମ ବିଦ୍ୟାଳୟ ଦିନେ
ଉଚ୍ଚ ଆସନ ମଣ୍ଡନ କରିବ ।

- ୦ -

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜେନାପୁର

ମୋ ଶିଶୁ ମନ୍ଦିର

ଅସ୍ମିତ୍ ଭୂତିଆ

ଶିଶୁ ମନ୍ଦିର ଏ ନୁହଁଇ କେବଳ
ଅନ୍ୟ ବିଦ୍ୟାଳୟ ସମ ।
ଦେବର ଆଳୟ ଅଟଇ ତ ଏହା
ସ୍ୱର୍ଗଠାରୁ ଅନୁପମ ।
ସାଧାରଣ ପରି ଶିକ୍ଷକ ଶିକ୍ଷିକା
ନୁହଁନ୍ତି ମୋ ଶିକ୍ଷାଦାତ୍ରୀ
ଗୁରୁଜୀ ଗୁରୁମା ଅଟନ୍ତି ମୋହର
ସମାଜର ହିତଦାତ୍ରୀ ।
ମନ୍ଦିରରେ ସିନା ଶୋଭା ପାଉଥାନ୍ତି
ରାଧାଶ୍ୟାମ, ସୀତାରାମ,
ଶିଶୁ ମନ୍ଦିରରେ ପୂଜା ପାଆନ୍ତି ମୋ
ଗୁରୁଜୀ, ଗୁରୁମା ଦେବା ଦେବୀଙ୍କର ସମ ।
ବାଲ୍ୟକାଳଠାରୁ ଆଜିଯାଏ ମୁହିଁ
ପାଇଛି ତାଙ୍କ ଆଦର ।
ଜୀବନ ପଥରେ ଝୁରି ହୁଏ ମନ
ବିଳାପ ଏ ହୃଦୟର ।
ଈଶ୍ୱରଙ୍କ ପାଶେ ଏତିକି ମିନତି
ସରଗର ରଥ ପରି ।
କୁସୁମିତ ହେଉ ଚଲା ପଥ ତାଙ୍କ
ଘେନ ପ୍ରଣତି ମୋହରି ।

- ୦ -

ଷଷ୍ଠ ଶ୍ରେଣୀ
ଜେନାପୁର

ବନ୍ଧୁତ୍ୱ

ଆୟୁଷ ବରାଳ

କେବେ କେବେ ଜୀବନରେ
ଯୋଡି ହୁଏ ଏକ ତତ୍ତ୍ୱ
ତାହା ହିଁ ବନ୍ଧୁତ୍ୱ ।
ସ୍ୱପ୍ନ ରାଇଜର ନୁହେଁ ଏ ଯେ ଗପ
ସତ୍ୟ ଅଟେ ଏହି କଥା ।
ସମ୍ପର୍କର ଏହା ଏମିତି ଯୋଡି ଯେ
ନୁହେଁ ଏହା ଫମ୍ପା ସ୍ୱପ୍ନ ।
ସ୍ୱର୍ଗଠୁ ଯେ ବଡ ନିଦ୍ରା ଠୁ ଯେ ଗାଢ
ଅଟେ ଏହା ରୂପା ଜହ୍ନ ।
ଜନମ ମରଣ ଯେତେ ଯେ ସମୟ
ସାଙ୍ଗେ ତା ଯେତେ ଯେ ଦୁଃଖ ।
ସବୁ ସମୟ ସେ ଭରିଦିଏ ଖୁସି
ମନରେ ଭରେ ସେ ସୁଖ ।
ବନ୍ଧୁତ୍ୱର ସ୍ନେହ ସୁଦୃଢ଼ ଶକ୍ତିରେ
ହଲି ପାରେ ସାରା ବିଶ୍ୱ ।
ନାହିଁ ଏଠି ଅହଂ ଘୃଣା ଶତୃତା ଯେ
ଏହା ଅଟେ ପୂରା ନିଶ୍ୱ ।
କଥା ଦିଅ ଆଜି ଭୁଲି ବନି ଜମା
ତୁମ ଏହା ପ୍ରତିଶ୍ରୁତି ।
ଜୀବନରେ ଏହା ସେମିତି ବନ୍ଧୁତ୍ୱ
ପାଇ ନାହିଁ କେବେ ଯାଏଁ ।

- ୦ -

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ମା

ଆଶୁତୋଷ ଶତପଥୀ

ମା ଯେ ଆରମ୍ଭ ମା ପୁଣି ଶେଷ
ମା ଯେ ମମତା ମୟୀ
ତାର ପାଇଁ ଆଜି ମୁଁ ଜିଏଁ ଜଗତେ
ତା ଠୁ ବଡ କେହି ନାହିଁ ।
ଜୀବନ ସେ ଦିଏ ଅମୃତ ପିଆଇ
ସେଥି ପାଇଁ ସେ ମା,
ସନ୍ତାନ ଦୁଃଖ ସେ ସହି ପାରେ ନାହିଁ
କରି ଦିଏ ସିଏ ଆହା ।
ସବୁରି ହୃଦୟେ ରହିଥାଏ ସିଏ
ନାହିଁ ତା ପାଇଁ ଯେ ଧର୍ମ ।
ଧର୍ମ ଅଧର୍ମ ଯେ ସୀମିତ ତା ପାଖେ
ଲୋଡା ନାହିଁ କିଛି ମର୍ମ ।
ଲେଖକରୁ କବି ଇନ୍ଦ୍ରରୁ ଯେ ରବି
ସବୁ କିଛି ତାର ପାଇଁ
ସଂସାରରେ ମୋତେ ବଡ ସେ କରିଛି
ଯେତେ କାନ୍ଦୁଥିଲି କଇଁ କଇଁ ।

- ୦ -

ଶ୍ରେଣୀ - ଷଷ୍ଠ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜେନାପୁର

ଆମେ ସୁନା ପିଲା ହୋଇବା

ଅଂଶିକା ସାମଲ

ଟିଙ୍ଗ୍ ଟିଙ୍ଗ୍ ଟିଙ୍ଗ୍ ବାଜିଲା ଘଡି
ଶୁଣିଲେ ଶେଯରୁ ଉଠିବା ପଡି
ବାସି କାମ ସବୁ ସାରିବା
ସ୍କୁଲ ଯିବା ବେଳ ଗଡିବା ଆଗରୁ
ବସ୍ତାନୀ ସଜାଡି ରଖିବା
ଟିଫିନ୍ ସହିତ ପାଣି ବୋତଲକୁ
ବ୍ୟାଗ୍ ଭିତରେ ଥୋଇବା ।
କେଁ କେଁ କେଁ କଟର
ରାସ୍ତା ଯାନେ ଗାଡି ମଟର
ବାଁ ପଟେ ବାଟ ଚାଲିବା
ଛକ ବଜାରରେ ଭିଡ ହୋଇଥିଲେ
ଜାଗା ଦେଖି ଠିଆ ହୋଇବା
ଡାହାଣ ପାଖକୁ ଯିବା ପାଇଁ ଥିଲେ
ଆଗ ପଛ ବୁଲି ଚାହିଁବା
ରାସ୍ତାର ନିୟମ ମାନିବା
ବିପଦ ଆଗରୁ ସାବଧାନ ହେଲେ
ଜୀବନରୁ ରକ୍ଷା ପାଇବା ।
ଠନ୍ ଠନ୍ ଠନ୍ ଶୁଭିଲା ବେଲ୍
ପ୍ରାର୍ଥନା କରିବା ଧାଡିରେ ଚାଲ୍
ହାତ ଯୋଡି ଠିଆ ହୋଇବା ।
ପାଟି ତୁଣ୍ଡ ଭୁଲି ଆଖି ବୁଜି ଦେଇ
ଈଶ୍ୱରଙ୍କୁ ଧ୍ୟାନ କରିବା
ପାଠ ବେଳେ ପାଠ ଖେଳବେଳେ ଖେଳ
ଆମେ ସୁନାପିଲା ହୋଇବା ।

- ଠ -

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେନାପୁର

ଆସରେ ସାଥି

ଶ୍ରଦ୍ଧାଞ୍ଜଳି ଦାସ

ଆସରେ ସାଥି ଆସ ସଙ୍ଗାତ
ଆସ ଭଉଣୀ ଭାଇ
ଏକାଠି ହୋଇ ଖେଳିବା ଆମେ
ଖେଳି ଖେଳି ଗାଇବା ଆମେ
ବିଜ୍ଞାନର ଜୟଗୀତି ..... ।୧।
ଆସରେ ସାଥି ଆସ ସଙ୍ଗାତ
ଆସ ଭଉଣୀ ଭାଇ
ମନରେ ଆସୁଛି ଯେତେକ କଥା
ମନକୁ ଦେଉଛି ଯେତେକ ବ୍ୟଥା ।୨।
ଯେତେ ପ୍ରଶ୍ନର ଉତ୍ତର ଅଜଣା
ଗୋଟି ଗୋଟି କରି ବୁଝିବା ଆସ
ଆସରେ ସାଥି.....
କହିଲ ଦେଖି ଜାଣିଛ କିଏ
ଆକାଶରେ ଅଛି କେତୋଟି ତାରା ।
କହିବ ଯିଏ ହୋଇବ ସିଏ
ସୁନା ପିଲାଟି ପରା ।୩।

- ଠ -

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜେନାପୁର

ଆମ ଜନ୍ମଭୂମି

ଆକାଂକ୍ଷା ମଲିକ

ସବୁଠୁ ସୁନ୍ଦର ଏ ଜନ୍ମଭୂମି
ପାହାଡ ପଡିଆ ନଗରରେ ଭରି ।
ସେହି ମୋର ଜନ୍ମଭୂମି ଜନନୀ ସମାନ
ଧରା ତଳେ କାହିଁ ଅଛି ତ ସମାନ ସ୍ଥାନ ।
ଯେ ଦେଶରେ ଅଛନ୍ତି ମୋର ପ୍ରିୟ ପରିବାର
ଦୟାମୟ ପିତା ପୁଣି ଜନନୀ ମୋହର ।
ସ୍ନେହର ପିତୁଳା ଭାଇଭଉଣୀ ସାଙ୍ଗରେ
ଶୋଭା ପାଆନ୍ତି ଫୁଟିଲା ଫୁଲ ପରି ମୋର ଘରେ ।
ଯେ ଦେଶର ସାରା ନଦୀରେ କେତେ ଶୋଭା ଧରେ
ପାହାଡ ପଡିଆ ନଗର ସବୁ ଧୂଳିରେ ଗଢ଼େ ।।
ଖୋଲି ଦେଖ ଇତିହାସରେ କେତେ କେତେ ମହାବୀର
ଆମେ ମାନେ ସ୍ୱଦେଶ ମଙ୍ଗଳରେ ଦେଇ ଅଛୁ ଶରୀର ।
ଏ ଜନ୍ମ ଭୂମିରେ ଶରୀର ଜୀବିତ
ଶୋଭା ପାଆନ୍ତି ସମସ୍ତେ ଏଠି ପରିଚିତ ।
ତା ଗଛ ଫୁଲ ଫଳରେ ଆମ ଜୀବନ
ଫୁଲର ବାସନେ ଭରେ ମନ ।
ଏହି ଜନ୍ମଭୂମିରେ ଆମେ ଟିକି ଫୁଲ
ତା ପାଣିପବନେ ହୋଇଛୁ ଉତ୍‌ଫୁଲିତ ।
କାଳେ କାଳେ ଲୋକଙ୍କ ମୁଖରେ ଘୋଷେ ତାଙ୍କରି ନାମ
ଧନ୍ୟ ତାଙ୍କ ପିତାମାତା ଧନ୍ୟ ତାଙ୍କ ଜନ୍ମସ୍ଥାନ ।

- ଠ -

ଶ୍ରେଣୀ - ଷଷ୍ଠ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜେନାପୁର

ମା'

ପ୍ରିୟଦର୍ଶିନୀ

'ମା' ଶବଦ ଯେପରି ଶୁଣ
ମୁଖରୁ ଝରେ ହସ
ସରଗ ପରି ବିଶାଳ; ସିଏ
ମଧୁର ତାର ଭାଷ
ଜୀବନେ ଯେତେ ଆସୁ ଯେ କଷ୍ଟ
ନ ଥାଏ ଆମରି ଡର
ତା ପଣତ ଛାଇ ତଳେ
ମିଳେ ସବୁ ସୁଖ ସରଗର
ଆଖିରୁ ଆମ ଝରିଲେ ଲୁହ
ସହିନ ପାରଇ ସିଏ
କାହିଁ ଯେ କେତେ ଦୁଃଖ ଅସୁମାର
ଛାତି ତଳେ ରଖିଥାଏ
ଦୁଃଖ ନେଇ ସିଏ ସୁଖ ଦେଇଥାଏ
ସେନେହ ମୁରତି ସିଏ
ପୃଥିବୀ ଠାରୁ ବିଶାଳ ଯିଏ
ତା ପରି ଆଉ ବା କିଏ ?
'ମା' କୁ ଯିଏ ବୁଝି ନ ପାରିବ
ତା ଜୀବନ ବ୍ୟର୍ଥ ଜାଣ
କୋଟି ଦେବତାଙ୍କ ଆଶିଷ ବୋଲି
ତା ପାଦ ଧୂଳିଟି ଜାଣ ।

- ଠ -

ପଞ୍ଚମ ଶ୍ରେଣୀ, ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଗୁରୁଙ୍କ ଚରଣ ବନ୍ଦିବା

ସୁଶାନ୍ତ କୁମାର ଶତପଥୀ

ଗୁରୁଜୀ ଗୁରୁମା ଆଲୋକର ପଥ
ସର୍ବଦା ଶିଷ୍ୟଙ୍କୁ ଦେଖାନ୍ତି
ସତ କଥା ଆଉ ସତ ଶିକ୍ଷା ଦେଇ
ଭଲ ହେବା ଗୁଣ ଶିଖାନ୍ତି ।
ଶିଷ୍ୟ ମନ ତଳେ ଟିକେ ଦୁଃଖ ହେଲେ
ଗୁରୁଜୀ ଦିଅନ୍ତି ବୁଝେଇ
ଗୁରୁଜୀଙ୍କ ଦାନ ଗୁରୁମାଙ୍କ ଋଣ
ହେବ ନାହିଁ କେବେ ଶୁଝେଇ
ପିତା ମାତା ଭ୍ରାତା ଭଗ୍ନୀଗଣ ଠାରୁ
ଗୁରୁଙ୍କ ଆସନ ଉଚ୍ଚରେ ।
ଯେତେ ଧନୀ ମାନୀ ହେଲେ ଗୁଣୀ ଜ୍ଞାନୀ
ଶିଷ୍ୟର ଆସନ ନୀଚରେ ।
ଗୁରୁ ଆଶୀର୍ବାଦ ଦୂର କରେ ଖେଦ
ଆନନ୍ଦ ଖେଳାଏ ମନରେ ।
ଗୁରୁ ପଦଧାୟୀ ହୋଇବା ବିଜୟୀ
ସଂସାର ସଂଗ୍ରାମ କ୍ଷେତ୍ରରେ,
ଗୁରୁପଦ ଭକ୍ତି ଭରିଦେବ ଶକ୍ତି
ଶିଷ୍ୟ ଜୀବନର ପାତ୍ରରେ
ଗୁରୁ ଶିଷ୍ୟ ସ୍ନେହ ସମ୍ପର୍କର ମୋହ
କହିହେବ ନାହିଁ ଭାଷାରେ ।
ଗୁରୁଙ୍କ ପାଦରେ ମଥାନତ କରେ
ଶ୍ରଦ୍ଧା ଓ ଆଶିଷ ଆଶାରେ ।
ଗୁରୁଜୀ ଗୁରୁମା ଚରଣ ବନ୍ଦିବା
ସିଏ ଦେବାଦେବୀ ମୂରତି
ସିଏ କୃପା କଲେ ଜ୍ଞାନରତ୍ନ ମିଳେ
ବଢ଼େ ଯଶ ଆଉ କୀରତି ।

- ୦ -

ଜେନାପୁର ଉଚ୍ଚ ବିଦ୍ୟାଳୟ, ଜେନାପୁର
ଶ୍ରେଣୀ - ଦଶମ

କ୍ଷମା

ଆର୍ଯ୍ୟନ ସାହୁ

କ୍ଷମା ହିଁ କ୍ଷମତା କ୍ଷମା ପବିତ୍ରତା
କ୍ଷମାରେ କ୍ଷୁଧାର ଅନ୍ତ
କ୍ଷୋଭ ତ୍ୟାଗ କରି କ୍ଷମା ଦେବା ଲୋକ
ତିନି ଭୁବନେ ବିଖ୍ୟାତ ।।
କ୍ଷମା ରମଣୀୟ କ୍ଷମା ବନ୍ଦନୀୟ
କ୍ଷମାରୁ ମିଳଇ ମୁକ୍ତି
କ୍ଷମା ଦେବା ଠାରୁ ଜଗତ ମଧ୍ୟରେ
ନାହିଁ ଯେ ଦ୍ୱିତୀୟ ଶକ୍ତି ।।
କ୍ଷମା ହିଁ ସମ୍ପତ୍ତି କ୍ଷମା ହିଁ ପୀରତି
କ୍ଷମା ହିଁ ପରମ ଜ୍ଞାନ
କ୍ଷମାକୁ ଧରମ ଭାବୁଥିବା ଲୋକ
ଲଭେ ଅଜସ୍ର ସମ୍ମାନ ।।
କ୍ଷମା ମହାନତା କ୍ଷମା ହିଁ ବୀରତା
କ୍ଷମା ହିଁ ମନୁଷ୍ୟ ଧର୍ମ
କ୍ଷମା ଉଦାରତା ଏକଥା ବିଚାରି
କର ତୁ ନିଜର କର୍ମ ।।

- ୦ -

ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର
ଜେନାପୁର
ଶ୍ରେଣୀ-ଷଷ୍ଠ

ଆମ ବିଦ୍ୟାଳୟ

ସୁଦକ୍ଷିଣା ଦ

ସବୁଠୁ ସୁନ୍ଦର ସରସ ନିର୍ମଳ
ଅଟେ ଆମ ବିଦ୍ୟାଳୟ
ଜେନାପୁର ଗ୍ରାମେ ବ୍ରାହ୍ମଣୀର କୂଳେ
କରିଅଛି ଆଶ୍ରୟ ।
ଅତି ପରିଚିତ ଅଟଇ ଯେ ଏହି
ସବୁରିକୁ ଜ୍ଞାନ ବାଣ୍ଟିଣ ଦେଇ
ବିଦ୍ୟାଳୟ ଆମ ମନ୍ଦିର ସମ
ରଖିବୁ ଆମେ ତାହାରି ନାମ ।
କୁନି କୁନି ଫୁଲ ଆମେ ଏହାର ବଗିଚାରେ
ଯେ ପରି ସୁନ୍ଦର ଦିଶେ ତାରା ଆକାଶରେ
ଅଜ୍ଞାତ ଅନ୍ଧାରରୁ ଦେଖାଏ ସେ ପଥ
ଏହାର ଯତନ ନେବା କରି ଶପଥ
ବିଦ୍ୟାଳୟ ଘର ଆମ ଗୁରୁମା ଗୁରୁଜୀ ବାପା ମା ସମାନ
ଆମ ଭବିଷ୍ୟତ ଏହାରି ଯେ ଦାନ
କେତେ ସୁନ୍ଦର ଆମ ବିଦ୍ୟାଳୟ
ଆସିଲେ ଏଠାକୁ ହୁଅଇ ମନ ନିରିମଳ ।

- ୦ -

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଅସହାୟ ଈଶ୍ୱର

ଜ୍ୟୋତିରଞ୍ଜନ ବାଗ

ଈଶ୍ୱର ବି ଉତ୍ତର ଖୋଜୁଛନ୍ତି
ସେଇ ପ୍ରଶ୍ନର ।
ଯୋଉ ପ୍ରଶ୍ନ ପଚାରିଥିଲେ
ଇତିଶ୍ରୀ, ବେବିନା, ଛବିରାଣୀ
ଆଉ କୁନ୍ଦୁଲି ପିଡିତା ସସ୍ମିତା,
ପୁଣି ଏବେ ଏବେ ସ୍ମିତାରାଣୀ ପଚାରୁଛି
ସ୍ୱର୍ଗରେ ଥାଇ ।

ଆମର ଦୋଷ କଣ ?
ଆମକୁ କାହିଁକି ମାରିଦିଆ ଗଲା ?
ନାରୀମାଂସ ଲୋଭୀ ଶୃଗାଳ ଗୁଡାକ
ଆମକୁ ବଳାତ୍କାର କଲାବେଳେ
ଆପଣ ଥିଲେ କୋଉଠି ? ? ?

କଣ ବା ଉତ୍ତର ଦେବେ ଈଶ୍ୱର ! !
ସେ ତ ଅନ୍ଧ,
ସେ ତ ମୁକ ଆଉ ବଧିର
ନହେଲେ କଣ ହୋଇଥାନ୍ତା
ଏ ନିରୀହ ପ୍ରାଣ ଗୁଡାକର ବଳାତ୍କାର
ନା ଏ ନିରୀହ ପ୍ରାଣ ଗୁଡାକ ପାଇ ଥାନ୍ତେ
ମୃତ୍ୟୁ ଭଳି ପୁରସ୍କାର ! !

ଏମିତି ହଜାର ହଜାର ବେବିନା
ଲକ୍ଷ ଲକ୍ଷ ଇତିଶ୍ରୀ ଓ
କୋଟି କୋଟି ଛବିରାଣୀ ଜନ୍ମ ନେବେ

ଆଉ ସେମାନେ ବି ! ! !
ସମାଜର ଡିମା ଡିମା ଆଖିରେ

ମହକ

ଦିନ ହଉ ଅବା ରାତ୍ରିରେ
ବଳାତ୍କାର ର ଶକ୍ତ ପଞ୍ଜାରେ
ଆହାର ପାଲଟି ଯିବେ,
ଦେଖୁଥିବ ପ୍ରଶାସନ କିନ୍ତୁ ଚୁପ୍ ରହିବ
ନେତା ଅଫିସର ମାନଙ୍କ ଲାଂଚରେ ।
ଆଉ ବଳାତ୍କାରୀ !! ହୁଁ
ଜୀଅନ୍ତା ଦେହଟାକୁ
ବାରମ୍ବାର ପୋଷ୍ଟମୋଟମ୍ କରିଚାଲିବ ନିର୍ଭୟରେ

କାରଣ ତାକୁ କୁ ବି ଜଣା
ଏବେ ଈଶ୍ୱର ଅସହାୟ ।
ଯୋଉଠି ଈଶ୍ୱର ଅସହାୟ
ସେଠି ଏ ପ୍ରଶାସନ ବା କଣ କରିବ !!
ଏବେ ଖାଲି ଦେଖିବାର ପାଳି
ନୂଆ ବେବିନା, ନୂଆ ଇତିଶ୍ରୀ
ନୂଆ ଛବିରାଣୀ ଆଉ ନୂଆ ସସ୍ମିତାଙ୍କ
ଅନିଚ୍ଛା ମୃତ୍ୟୁ.... ।

- ୦ -

ଚଢ଼େଇଗାଁ, ନିମାପଡ଼ା, ପୁରୀ
ମୋ: ୯୭୭୭୭୫୪୨୬୧

ଆଶା

ସୁଶ୍ରୀଲତା ଦାସ

ଆଶା 'ତ' ଅନେକ ଭାବନା ଅନେକ
ସବୁ ହୁଏ ନାହିଁ ପୂର୍ଣ୍ଣ
ଆଶା ଅସୁମାରୀ ଯାଏ ଝରି ଝରି
ଅବୁଝା ହୁଅଇ ମନ ।
ଭାବନାର ବାଟ ଅନେକ ଦୂର
ଆଶା 'ତ' ଉଚ୍ଛୁଳା ନଦୀ
ସରଗ ଛନ୍ଦକୁ କଳ୍ପନା ରାଇଜେ
କଇଁ ତ କରିଛି ବନ୍ଦୀ ।
ସୁନ୍ଦରୀ ତରୁଣୀ ଆଶା କରିଅଛି
ଆସିବ ସପନ ରାଜା
ସପନ ଦୋଳିରେ ଝୁଲାଇବ ତାକୁ
ଦେଖିବେ ରାଇଜେ ପ୍ରଜା ।
ମନର ମନ୍ଦିରେ ଦୀପ ଜାଳୁଅଛି
କଳ୍ପନା କରିଛି କେତେ ?

ସପନ ବଣିକ ସପନେ ଆସି
ଜାଗ୍ରତ କରୁଛି ସତେ ।
ଆଶାର ନୌକା ଭାସିଯାଉଅଛି
ଅକାତ ଗଭୀର ଜଳେ
କାହିଁକି କେଜାଣି ଅଶାନ୍ତ ମନଟା
ଭିତରେ ଭିତରେ ଜଳେ ।
ଆଶାର ନୌକା ଅଶାନ୍ତ ସମୁଦ୍ରେ
ଟଳମଳ ହୁଏ ଆଜି
କାହିଁକି ଏମିତି ହୋଇଛି କେଜାଣି
ପାରୁନାହିଁ କିଛି ବୁଝି ।

—୦—

ମହିଳା ସଂଗଠିକା, ବଣମଲ୍ଲୀ ସାହିତ୍ୟ ଓ
ସେବା ସଂଗଠନ

ମୁଁ କିଏ ?

ନମିତା କର

"ମୁଁ କିଏ ?
ଏବଂ ମୋର ଅସ୍ତିତ୍ୱ କ'ଣ ?
ବହୁଥର ଉଙ୍କିମାରେ ମନରେ ଏ ପ୍ରଶ୍ନ
ହେଲେ ଥକି ଯାଏ ଖୋଜି ମୁଁ ଏହାର ଉତ୍ତର ।"
ନିରୋଳାରେ ବସି ଅନେକ ଭାବିଲି
"ପାଇଲି ଉତ୍ତର ତହିଁ
ଶେଷରେ ଯାଇକି ମନକୁ କହିଲି
ଅଟେ ପରା ନାରୀ ମୁହିଁ ।"
"ସୃଷ୍ଟିର ଜନନୀ
ମୁଁ ଆଦ୍ୟା ଚିରନ୍ତନୀ
ମାତା, ଧାତ୍ରୀ, ଜାୟା
ଏବଂ ଦୁହିତା ଭଗିନୀ ।"
"ଏହା ଶୁଣି ମନ ପ୍ରତି ଉତ୍ତର ଦେଲା
ନିଜକୁ ବୁଝାଉ କାହିଁ
ଆଜି ତୁ ବଞ୍ଚିଛୁ ବାପା ପରିଚୟେ
ଆଉ କାଲି ସ୍ୱାମୀର ହୋଇ
ଏଥର ମାନି ଯା ଏହି ସମାଜରେ
ଅସ୍ତିତ୍ୱ ହିଁ ତୋର ନାହିଁ ।"

- ୦ -

ଜେନାପୁର, ଯାଜପୁର

ପାନ୍ଥଶାଳା

ସତ୍ୟରଂଜନ ପ୍ରହରାଜ

ବିଳମ୍ବ ପାଇଁ କ୍ଷମାପାର୍ଥୀ,
ନିମ୍ନ କବିତାକୁ ବିଚାର କରିବାକୁ ଅନୁରୋଧ ।
ପାନ୍ଥଶାଳା
ନିଜକୁ କାହା ଅପେକ୍ଷାରେ ଠିଆକରି
ସିଏ ବିତେଇଦେଇଛି
ବର୍ଷ ପରେ ବର୍ଷ
ଦଦରା ଚଉହଦୀରେ
ସଜାଇରଖିଛି ବେଳାଭୂମି
ସାଗରର ନୀଳାମ୍ବର ଶେଯ
ଅଫିସ୍ କି କାମଧନ୍ଦା ଯେତେ
କେବେ ଅଟକିଯାଇନି ମୋ ବିନା,
ମୁଁ ବ୍ୟସ୍ତ ହୁଏ ଭାବିଭାବି
ସବୁକିଛି ମୋ ବିନା
ଏକ ବଡ ବିଡମ୍ବନା ॥
ଭାବୁଛି
ଛୁଟିନେଇ ଚାଲିଯିବି ପାନ୍ଥଶାଳା
ବୁଲିଯିବି ବେଳାଭୂମି ଆଡେ
ଅସ୍ତାଚଳ ଭୋଗୁ ଭୋଗୁ
ବୁଡିଯିବ ସୂର୍ଯ୍ୟ ସହ ସମୁଦ୍ର ମଝିରେ
ଚିତ୍କାର ନାହିଁ କି ଶବଦ ନାହିଁ
ଆଖି ମୋର ମୁଦିହେଇଥିବ ମହାଆନନ୍ଦରେ
ହୁଲିଙ୍ଗା ଆରପଟୁ
ଲମ୍ବିଆସୁଥିବ ଅତୀତର ହାତ
ଦେଖାଇଦେବାକୁ

ଖୋଜ କେଉଟୁଣୀ, କଂକଣ, କରବାଳ
ଧରମାର ଦେହ
ଁ ଫେରୁଆସିଥିବି ମୋ ସାଂଗେ
ାନ୍ଥୁଶାଳାଆଡେ
ିନ୍ତାସବୁ ଧାଡି ବାନ୍ଧିଥିବେ
ିଜ ଲୋକ ପରି ମୋରି ପଛରେ
ାନ୍ଥୁଶାଳାରେ ଥାଏ
ନେକ ଅସମାହିତ ପ୍ରଶ୍ନ,
ମିଠିକି ପ୍ରେମ ଆଉ ପ୍ରଜାପତିର ଚିତ୍ର

କେହି କେହି ଅଧରାତିରେ
କାନ୍ଦିଉଠନ୍ତି
ମାତାଲ୍ ହୁଅନ୍ତି
ଶୁଣିପାରନ୍ତି କାହା ଅନୁଚ୍ଚାରିତ ଡାକ
ପଡୋଶିନୀର
ଅଫିସ୍ ପିଅନର
ଭୁଲିଯାଇଥିବା ବାଲ୍ୟବନ୍ଧୁର ଡାକ ପରି
ଚିହ୍ନ ଚିହ୍ନା ନିଜର ନିଜର ।

- ୦ -

ଲେନ ନଂ ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
ମୋ: ୯୬୫୮୪୧୩୫୩୪

ପ୍ରବନ୍ଧ ବିଭାଗ

କର୍ତ୍ତବ୍ୟ : ଶିକ୍ଷା ସଂସ୍କାରର ଅବିଚ୍ଛେଦ୍ୟ ଅଙ୍ଗ

ଡ. ମନୋରଞ୍ଜନ ଶତପଥୀ

କର୍ତ୍ତବ୍ୟ ଏକ ଶବ୍ଦ ନୁହେଁ; ଏକ ବ୍ରହ୍ମକଳ୍ପ । କାରଣ, ଏହା ହେଉଛି ହିନ୍ଦୁ ସନାତନ ଧର୍ମ ସଂସ୍କୃତିର ପରିଭାଷା । ବ୍ୟକ୍ତିତ୍ୱର ବିକାଶ ପାଇଁ ଏହି ଅମୂଲ୍ୟ ମୂଲ୍ୟବୋଧ ଓ ଚିନ୍ତା ଚେତନା ସମଗ୍ର ବିଶ୍ୱକୁ ଭାରତର ଅବଦାନ । ହଜାର ହଜାର ବର୍ଷ ପୂର୍ବରୁ ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ରହି ଆସିଥିବା ଏହି ମହାନଗୁଣ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗରୁପେ ବ୍ୟକ୍ତିର ସାମୁହିକ ବିକାଶ ଓ ଚରିତ୍ର ଗଠନରେ ବିଶେଷ ସହାୟକ ହୋଇଆସିଅଛି । ଶିକ୍ଷା ସମାପ୍ତ ପରେ ଜଣେ ବ୍ୟକ୍ତି ସଫଳ ବ୍ୟକ୍ତିତ୍ୱରୂପେ ପରିବାରରେ ସାମାଜିକ ଜୀବନରେ, କର୍ମମୟ ଜୀବନରେ ବିଭିନ୍ନ ଚାପର ସମ୍ମୁଖୀନ ହୋଇ ଯଦି ସାହସର ସହିତ ନିଜ ବିବେକାନୁମୋଦିତ କର୍ତ୍ତବ୍ୟ କରିପାରେ, ତେବେ ତା ଜୀବନରେ ଆତ୍ମସନ୍ତୋଷ ଆସିଥାଏ । ଏହି ଜଟିଳ ବିଷୟକୁ ସରଳଭାବରେ ଉପସ୍ଥାପନା କରିବା ପାଇଁ ମୁଁ ଏଠାରେ ପ୍ରୟାସ କରିଛି ।

କର୍ତ୍ତବ୍ୟ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ । କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିବାକୁ ହେଲେ, ପିଲା ବେଳରୁ ସଂସ୍କାରକୁ ଆପଣେଇ ଶିକ୍ଷାର ଏକ ଅଂଶଭାବେ ଗ୍ରହଣ କରିବା ଆବଶ୍ୟକ । ସଂସ୍କାର ହେଉଛି, ପିତାମାତାଙ୍କୁ ଭକ୍ତି କରିବା, ସେମାନଙ୍କ ପ୍ରତି ଉଚିତ୍ ବ୍ୟବହାର ଓ କର୍ତ୍ତବ୍ୟ ପାଳନ କରିବା । ସମାଜରେ, ନିଜ ଘରେ, କର୍ମକ୍ଷେତ୍ରରେ ଶୃଙ୍ଖଳିତ ହୋଇ, ସତ୍ୟନିଷ୍ଠାର ସହିତ, ସାଧୁ ସଚ୍ଚୋଟତାର ସହିତ ଆତ୍ମ ବିଶ୍ୱାସର ସହିତ, ଧୈର୍ଯ୍ୟ, ସହନଶୀଳତାର ସହିତ, ସତ୍‌କର୍ମରେ ଲିପ୍ତ ରହିବା ଓ ଏସବୁ ଗୁଣାବଳୀକୁ ଶିକ୍ଷାର ଏକ ଅଙ୍ଗରୁପେ ନିଜ ବ୍ୟକ୍ତିତ୍ୱରେ ପରିସ୍ଫୁଟିତ କରିବା ।

ଯେତେ ପାଠ ପଢ଼, ଯେତେ ନାମିଦାମି ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଡିଗ୍ରୀ ହାସଲ କର, ବୃତ୍ତିଗତ କ୍ଷେତ୍ରରେ ଯେତେବଡ ପଦପଦବୀରେ ଅଧିଷ୍ଠିତ ହୁଅନା କାହିଁକି, ଯନ୍ତ୍ର କାର୍ଯ୍ୟକ୍ଷେତ୍ରରେ କିମ୍ବା କାର୍ଯ୍ୟପରିସର ମଧ୍ୟରେ ଓ ପାରିବାରିକ କ୍ଷେତ୍ରରେ ଆସୁଥିବା ଅସରନ୍ତି ଚାପ (Stress and strain)କୁ ନିୟନ୍ତ୍ରଣ କରିବାର ଦକ୍ଷତା ନଥିବ, ତେବେ ସଫଳତା ବିଫଳତାରେ ପରିଣତ ହେବ ଏବଂ ବିଷାଦ ଗ୍ରସ୍ତ ଭାବନାରେ ଭାରାକ୍ରାନ୍ତ ହୋଇ ଯେକୌଣସି ବ୍ୟକ୍ତି ନିଜର ଆତ୍ମ ନିୟନ୍ତ୍ରଣ ହରାଇ ବସିବ, ଜୀବନ ଜୀବିକାରୁ ବିତସ୍ପୃହ ହୋଇ ଆତ୍ମହତ୍ୟା ଭଳି କାପୁରୁଷତାକୁ ବାଛିବା ପାଇଁ ପଛାଇବ ନାହିଁ ।

ଏଠାରେ ଆମ୍ଭେ ନିକଟ ଅତୀତରେ ଘଟିଯାଇଥିବା ଗୋଟିଏ ବାସ୍ତବ ଘଟଣା ବିଷୟରେ ଆଲୋକପାତ କରିବା ।

ବିହାରର ବକ୍ସର ଜିଲ୍ଲାରେ ଜଣେ ଜିଲ୍ଲାପାଳଥିଲେ । ତାଙ୍କ ନାଁ ଥିଲା ମୁକେଶ ପାଣ୍ଡେ । ସେ ଥିଲେ ଜଣେ ସଫଳ ଅଧିକାରୀ । ପିଲାବେଳରୁ ଖୁବ୍ ମେଧାବୀ ଥିଲେ । ସେ ଥିଲେ ଆସାମ ପ୍ରଦେଶର ବାସିନ୍ଦା । ଶିକ୍ଷା ସହିତ ପିଲାବେଳରୁ ଲାଭ କରିଥିବା ସଂସ୍କାର ତାଙ୍କର ଉଚ୍ଚ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥିଲା । ୨୦୧୨ ବ୍ୟାଚ୍‌ର ଆଇ.ଏ.ଏସ୍ ଅଫିସର ରୂପେ ସେ ସର୍ବଭାରତୀୟ ସ୍ତରରେ ୧୪ତମ ସ୍ଥାନ ଅଧିକାର କରିଥିଲେ । ଆଇନ୍ ଶୃଙ୍ଖଳା ପରିସ୍ଥିତି । ଏବେ ମଧ୍ୟ ଭଲ ନାହିଁ । ବକ୍ସର ଜିଲ୍ଲା ଅତି ଶୋଚନୀୟ ଅବସ୍ଥାରେ ଥିଲା । ଜଣେ ସାଧୁ ସଚ୍ଚୋଟ ଅଫିସର ଭାବେ ମୁକେଶଙ୍କର ଖୁବ୍ ନାଁ ଥିଲା । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ନେତୃତ୍ୱ ନେବାର ଦକ୍ଷତା, ସେଠାରେ ଥିବା ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସଜାଡିବାରେ ସହାୟକ ହୋଇଥିଲା । କିଛି ମାତ୍ରାରେ ସେ ମଧ୍ୟ ସଫଳ ହୋଇଥିଲେ ।

ଏପରି ଜଣେ ବ୍ୟକ୍ତି ଯେ କି ସଫଳତାର ଶୀର୍ଷରେ ଆସି ପହଞ୍ଚିଥିଲେ, ସେ କଣ ପାଇଁ ଆତ୍ମ ହତ୍ୟା ଳି ଏକ ଚରମ ପଦକ୍ଷେପ

ନେଲେ ? ଆତ୍ମ ହତ୍ୟାକରିବା ପୂର୍ବରୁ ସେ ଗୋଟିଏ ଲେଖା ଲେଖିଥିଲେ । ସେଥିରୁ ତାଙ୍କ ବିଷୟରେ କିଛି ଜଣାପଡେ । ସେ ଆତ୍ମହତ୍ୟା ପାଇଁ ନିଜକୁ ଦାୟୀ କରିଛନ୍ତି । ସେ ସ୍ୱୀକାର କରିଛନ୍ତି, ଆତ୍ମହତ୍ୟା ଏକ ଉଚିତ୍ ପଦକ୍ଷେପ ନୁହେଁ । ଚାକିରି କ୍ଷେତ୍ରରେ ସିଏ କର୍ତ୍ତବ୍ୟରେ ଅବହେଳା କରିନଥିଲେ ମଧ୍ୟ, ପରିବାର ପ୍ରତି, ଘୋର ଅବହେଳା କରିଛନ୍ତି । ତାଙ୍କର ଘରେ ସମସ୍ତେ ଅଛନ୍ତି, ମା, ବାପା, ସ୍ତ୍ରୀ ଓ ଗୋଟିଏ କୁନି ଝିଅ ମଧ୍ୟ ଅଛି ।

ମୁକେଶ ବିହାରର ଜଣେ କୋଟିପତି ଝିଅକୁ ବିଭା ହୋଇଥିଲେ । ତାଙ୍କ ନିଜର ବିଚାରଧାରା ଓ ପତ୍ନୀଙ୍କ ବିଚାରଧାରା ଭିତରେ ଅନେକ ବ୍ୟବଧାନ ଥିଲା । ଦୁହିଁଙ୍କ ଆଚାର, ବିଚାର ଓ ସଂସ୍କାରରେ ଆକାଶ ପାତାଳ ପ୍ରଭେଦ ଥିଲା । ମୁକେଶ ସରଳ ଜୀବନ ଯାପନ କରିବାକୁ ପସନ୍ଦ କରୁଥିଲେ । ସାଧୁ ସଚ୍ଚୋଟତାର ସହିତ ନିଜର କର୍ତ୍ତବ୍ୟ ନିର୍ବାହ କରିବାକୁ ସେ ନିଜର ବ୍ରତ କରିନେଇଥିଲେ । ଦୃଢ଼ତାର ସହିତ ରାଜନୈତିକ ଚାପର ମୁକାବିଲା କରୁଥିଲେ । ସେ ଜାଣିଥିଲେ ଶରୀର ଦିନେ ମରିଯିବ କିନ୍ତୁ ଆତ୍ମା ଅମର । ତେଣୁ ଗୁଣ୍ଡା, ମାଫିଆ, ରାଜନୈତିକ ଚାପକୁ ସେ ସାହସର ସହିତ ମୁକାବିଲା କରିଥିଲେ । ମୃତ୍ୟୁକୁ ତାଙ୍କର ଭୟ ନଥିଲା । କର୍ମକ୍ଷେତ୍ରରେ କର୍ତ୍ତବ୍ୟକୁ ନିଜର ଧର୍ମ ମନେକରୁଥିଲେ ।

କିନ୍ତୁ ତାଙ୍କ ସ୍ତ୍ରୀ ! ଅତ୍ୟଧିକ ବିଳାସ ବ୍ୟସନରେ ବଞ୍ଚିବାକୁ ଚାହୁଁଥିଲେ । ତାଙ୍କର ମନ ବସ୍ତୁବାଦ ଚିନ୍ତାଧାରାରେ ପରିପୂର୍ଣ୍ଣ ଥିଲା । ଯଦିଓ ସେ ଉଚ୍ଚ ଶିକ୍ଷିତା ଥିଲେ, ପରିବାର ଓ ପରିବେଶରୁ ଆହରଣ କରିଥିବା ସଂସ୍କାର ଠିକ୍ ନଥିଲା । ସେ ଜିଲ୍ଲାରେ ଗୋଟିଏ ଦାମିକା ଭଡାଘରେ ରହୁଥିଲେ । ବକ୍ସର ପରି ଏକ ଅନୁନ୍ନତ ସ୍ଥାନରେ ସ୍ୱାମୀଙ୍କ ସହିତ ନିଜ ସରକାରୀ ବଙ୍ଗଳାରେ ରହିବାକୁ ଚାହୁଁ ନଥିଲେ । ପିଲାବେଳରୁ ଭୋଗ ବିଳାସରେ ବଢ଼ିଥିଲେ । ଆଧ୍ୟାତ୍ମିକ ଭାବନା ଓ ସଂସ୍କାର ଠିକ୍ ଭାବେ ଶିଖିନଥିଲେ । ତେଣୁ ବିଭାଘର ପରଠାରୁ ଶାଶୁଘର ପ୍ରତି କର୍ତ୍ତବ୍ୟ କଣ ଜାଣିନଥିଲେ । ତାଙ୍କ ମଧ୍ୟରେ ଶିକ୍ଷା ସଂସ୍କାରର ସମନ୍ୱୟ ନଥିବାରୁ ସେ ନିଜର କର୍ତ୍ତବ୍ୟ ପ୍ରତି ଅବହେଳା କରିଚାଲିଲେ । ନିଜ ଶାଶୁ ଶ୍ୱଶୁରଙ୍କ ପ୍ରତି ତାଙ୍କର ଉଚିତ୍ ବ୍ୟବହାର ନଥିଲା କି ସମ୍ମାନ ନଥିଲା ।

ମୁକେଶଙ୍କ ଭଳି ଜଣେ ସାଧୁ ସଚ୍ଚୋଟ ନିଷ୍ଠାପର ବ୍ୟକ୍ତିତ୍ୱଙ୍କ ପକ୍ଷରେ କାର୍ଯ୍ୟକ୍ଷେତ୍ରରେ କର୍ତ୍ତବ୍ୟର ଚାପ ଓ ନିଜ ପରିବାରର ଚାପ ସେ ସହ୍ୟ କରିପାରିଲେ ନାହିଁ । ତାଙ୍କର ଆତ୍ମ ବିଶ୍ୱାସ ଭାଙ୍ଗି ପଡିଲା । ନିଜ ଶିକ୍ଷା ସଂସ୍କାରରେ ଆବଦ୍ଧ ରହି କର୍ମକ୍ଷେତ୍ରରେ କର୍ତ୍ତବ୍ୟ ସମ୍ପାଦନ କରିବା, ପରିବାର ପ୍ରତି ନିଜର କର୍ତ୍ତବ୍ୟ, ସମାଜ ପ୍ରତି ନିଜର କର୍ତ୍ତବ୍ୟ, ଦେଶ ପାଇଁ କର୍ତ୍ତବ୍ୟକୁ ସେ ସାହସର ସହିତ ମୁକାବିଲା କରିପାରିଲେ ନାହିଁ । ନିଜର ଅନ୍ତର୍ନିହିତ ଶକ୍ତିକୁ ବିକାଶ କରି, ଦୃଢ଼ମନା ହୋଇ, ନିଜର ଆତ୍ମ ନିୟନ୍ତ୍ରଣ କରିପାରିଲେ ନାହିଁ । ପିତାମାତା, ନିଜ ସ୍ତ୍ରୀ ଓ ଛୋଟ ଝିଅଟି କଥା ଭାବିଲେ ନାହିଁ । ସଂସାର ପ୍ରତି ନକାରାତ୍ମକ ଭାବନା, ଆତ୍ମ ନିୟନ୍ତ୍ରଣ ଓ ବଳିଷ୍ଠ ମନୋବଳର ଅଭାବ ତାଙ୍କୁ ବିଷାଦଗ୍ରସ୍ତ କରିପକାଇଲା । ଶେଷରେ ଆତ୍ମହତ୍ୟାଭଳି ଏକ କାପୁରୁଷ କାର୍ଯ୍ୟ କରିବା ପାଇଁ ସେ ପଥ ବାଛି ନେଲେ । ମୁକେଶ ନିଜର ବିବେକକୁ ଠିକ୍ ଭାବରେ ଉପଯୋଗ କରିପାରିଲେନି । ସଫଳତାର ଶୀର୍ଷରେ ପହଞ୍ଚିଥିବା ମୁକେଶ ବିଫଳତାର ଜୀବନ ପ୍ରବାହରେ ଭାସିଗଲେ । ଚାପମୁକ୍ତ ଜୀବନ ପାଇଁ ନିଜର ସାମୁହିକ କର୍ତ୍ତବ୍ୟ ସମ୍ପାଦନରେ ବିବେକର ପ୍ରୟୋଗ ଆବଶ୍ୟକ ।

କଣ ଥିଲା ଏହି ଭୟାନକ ପରିଣତିର କାରଣ ? ଏହାର ମୁଖ୍ୟ କାରଣ ହେଉଛି, ଯଦି ଶିକ୍ଷା, ସଂସ୍କାର ଓ କର୍ତ୍ତବ୍ୟ ବୋଧର ସମାନୁପାତିକ ସମନ୍ୱୟ ବ୍ୟକ୍ତିର ବ୍ୟକ୍ତିତ୍ୱରେ ପ୍ରତିଫଳିତ ନହୁଏ, ତେବେ ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ହୋଇପାରିବ ନାହିଁ । ଏହି ସମନ୍ୱିତ ବ୍ୟକ୍ତିତ୍ୱ, ବ୍ୟକ୍ତିଟିକୁ କର୍ମକ୍ଷେତ୍ରରେ, ପରିବାର କ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ କର୍ତ୍ତବ୍ୟ ପରାୟଣ କରାଇଥାଏ । ତାକୁ ଆତ୍ମନିୟନ୍ତ୍ରଣ କରିବାର ଦକ୍ଷତା, ସହନଶୀଳତା, ସ୍ୱାଭିମାନ, ସତ୍ୟନିଷ୍ଠ, ସ୍ୱାବଲମ୍ବନଶୀଳତା, ସାହସ ଓ ସାଧୁତା ରୂପକ ମୂଲ୍ୟବୋଧରେ ବଳିଷ୍ଠ କରିଦିଏ ଓ ସେ ବିବେକାନୁମୋଦିତ କର୍ତ୍ତବ୍ୟକୁ କର୍ମଯୋଗ ରୂପେ ଗ୍ରହଣ କରି ଆତ୍ମ ବିଶ୍ୱାସ ବୋଧର ପରିପୃଷ୍ଟ ହୁଏ ।

ଏଠାରେ ଆସନ୍ତୁ ଆଉ ଜଣେ ସଫଳ ଆଇ.ଏ.ଏସ୍ ଅଧିକାରୀଙ୍କ ବିଷୟରେ ଆଲୋଚନା କରିବା । ଯିଏ କି ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ, ଶିକ୍ଷା, ସଂସ୍କାର କର୍ତ୍ତବ୍ୟ ପରାୟଣର କର୍ମଯୋଗୀ । ଦୁର୍ଗାଶକ୍ତି ନାଗପାଲ, ଉତ୍ତରପ୍ରଦେଶର ପ୍ରଶାସନିକ ଅଧିକାରୀ । ସେ ଜଣେ ଦକ୍ଷ ଅଫିସର ଭାବରେ ନାରୀଶକ୍ତିର ଅଭୂତପୂର୍ବ ପରିଚୟ ଦେଇ ତାଙ୍କ ନାମ ଓ କର୍ତ୍ତବ୍ୟର ସାର୍ଥକତା ପ୍ରତିପାଦନ କରିଥିଲେ ।

ଉତ୍ତରପ୍ରଦେଶରେ ଅଖିଲେଶ ସିଂ ଯାଦବ ମୁଖ୍ୟମନ୍ତ୍ରୀ

ଥିବାବେଳେ ଦୁର୍ଗା ଗୌତମବୁଦ୍ଧ ନଗରରେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟରେ ଯୋଗଦେଇଥିଲେ । ଏଠି ମଧ୍ୟ ଗୁଣ୍ଡା ମାଫିଆଙ୍କ ରାଜୁତିଥିଲା । ଗୁଣ୍ଡା ମାଫିଆଙ୍କ ସହିତ ରାଜନୈତିକ ସହଯୋଗ ଜନସାଧାରଣଙ୍କ ପାଇଁ ଅସହ୍ୟ ହୋଇପଡିଥିଲା ।

ଗୌତମ ବୁଦ୍ଧନଗର ନିକଟରେ ଯମୁନା ନଦୀ ପ୍ରବାହିତ । ଏହାର କୂଳରେ ଅସଂଖ୍ୟ ଗ୍ରାମ । ଗାଁର ଅଧିବାସୀମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି । ଏହି ନଦୀରୁ ବାଲିମାଫିଆମାନେ ଆଇନ୍ ଆଖିରେ ଧୂଳିଦେଇ ଅବାଧରେ ମୂଲ୍ୟବାନ୍ ବାଲି ଚୋରାରେ ଚାଲାଣ କରୁଥାନ୍ତି । ଦିଲ୍ଲୀ, ଏନ୍.ସି.ଆର ଅଞ୍ଚଳରେ ଗୋଟିଏ ଟ୍ରିପ୍‌ବାଲିର ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ । ବାଲି ମାଫିଆମାନଙ୍କ ହାତରେ ଗୁଣ୍ଡାଦଳ ସବୁ ରହିଥାନ୍ତି । ସେମାନେ ସବୁ ରାଜନୈତିକ ଦଳର ସହଯୋଗୀ । ପ୍ରଶାସନିକ ଅଧିକାରୀମାନେ ଶିକ୍ଷାକ୍ଷେତ୍ରରେ ସିନା ସଫଳତା ହାସଲ କରି ଆଇ.ଏ.ଏସ୍ ପରି କଷ୍ଟ ସାଧ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରନ୍ତି, କିନ୍ତୁ ସବୁଅଧିକାରୀମାନେ ସାଧୁ ସଚ୍ଚୋଟ ନିଷ୍ଠାପରହୋଇ ଦକ୍ଷତାର ସହିତ, ସାହସିକତାର ସହିତ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ, ପରିବାର ଓ ସମାଜ ପ୍ରତିଥିବା ଦାୟୀତ୍ୱକୁ ଚାପମୁକ୍ତ ଭାବରେ ତୁଲାଇ ପାରନ୍ତି ନାହିଁ । ତେଣୁ ଜନସାଧାରଣ ଉତ୍ତମ ନ୍ୟାୟ ସମ୍ମତ ଶାସନ ପାଇପାରନ୍ତି ନାହିଁ । ଏଥିପାଇଁ ଏହି ଅଞ୍ଚଳର ଚାଷିବନ୍ଧୀ ପରିବାର ତାଙ୍କର ଚାଷ କାର୍ଯ୍ୟ କରିପାରୁନଥିଲେ ଓ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିଲେ ।

ଦୁର୍ଗା ୨୦୧୩ ମସିହାରେ ଜଣେ ପ୍ରଶାସିକା ରୂପେ ଗୌତମବୁଦ୍ଧ ନଗରରେ କାର୍ଯ୍ୟରେ ଯୋଗ ଦେଲେ । ୧୫ ଦିନ ଭିତରେ ଜଣେ ବ୍ୟକ୍ତିଙ୍କ ଠାରୁ ଗୋଟିଏ ଫୋନ୍ କଲ ପାଇଲେ । ସେ ବାଲି ମାଫିଆମାନଙ୍କ ଅବୈଧ ବାଲି ଖନନ ବିଷୟରେ ତାଙ୍କୁ ଅବଗତ କରାଇଲେ । ଦୁର୍ଗା ସେ ବ୍ୟକ୍ତିଙ୍କୁ ନିଜ ଦପ୍ତରକୁ ଡକାଇଲେ । ତାଙ୍କୁ ବିସ୍ତୃତ ଭାବେ ସବୁକଥା ଜଣାଇବା ପାଇଁ କହିଲେ । ଖୁବ୍ ଶିଘ୍ର ଏହାର କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତ ଦେଲେ । ଆଉ ମଧ୍ୟ ଗ୍ରାମବାସୀମାନଙ୍କ ସହଯୋଗ ନିମନ୍ତେ ଅନୁରୋଧ କଲେ ।

ଏକ ମାସ ମଧ୍ୟରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ସମର୍ଥନ ଜଣାଇଲେ । ବାଲି ମାଫିଆମାନଙ୍କ ଅପରାଧ ସାମ୍ରାଜ୍ୟ ବିଷୟରେ ଦୁର୍ଗାଙ୍କୁ ଜଣାଇ, ନିଜେ ସତର୍କ ରହି କାର୍ଯ୍ୟ କରିବା ପାଇଁ ତାଙ୍କୁ କହିଲେ । ସେ ୧୫ ଦିନ ମଧ୍ୟରେ ଦକ୍ଷ, ନିଷ୍ଠାପର ଓ ସଚ୍ଚୋଟ କର୍ମଚାରୀ ଓ ପୋଲିସ୍ ମାନଙ୍କର ଏକ ୨୦ ଜଣିଆ ଟିମ୍ ଗଠନ କଲେ । କାହାରିକୁ ଏ ବିଷୟରେ କିଛି ଆଗୁଆ ସୂଚନା ଦେଲେ ନାହିଁ । କାର୍ଯ୍ୟାନୁଷ୍ଠାନ ହେବା ଦିନ ରାତି ୯ଟା ବେଳେ ସମସ୍ତଙ୍କୁ ଏକାଠି କରାଇଲେ । ପାଖ ଚାରିପାଞ୍ଚଟି ଗ୍ରାମର ସଚ୍ଚୋଟ ପ୍ରଭାବଶାଳୀ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କଲେ । ସମ୍ପୂର୍ଣ୍ଣ ଗୋପନୀୟ ଭାବେ ସେ ସ୍ଥାନକୁ ରାତି ଦୁଇଟା ବେଳେ ରେଡ କରିବାକୁ ଗଲେ । ଆଗପଛ ହୋଇ ବାଲି ଉତ୍ତୋଳନ ଜାଗାରୁ ଯାଉଥିବା ଶହେରୁ ଅଧିକ ବାଲି ଲୋଡ୍ ଗାଡି ଜବଦ୍ କଲେ । ଶହେରୁ ଅଧିକ ଲୋକଙ୍କୁ ଆରେଷ୍ଟ କଲେ । ୮୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହେଲା । ଦୁର୍ନୀତି ବିରୁଦ୍ଧରେ ସେତେବେଳେ ତାଙ୍କର ଏହି କାର୍ଯ୍ୟାନୁଷ୍ଠାନ ସାରା ଦେଶରେ ଚହଳ ସୃଷ୍ଟି କରିଥିଲା ।

ଏହା ପରେ ଦିନେ ଦୁର୍ଗାଙ୍କ ବାପାଙ୍କୁ ଏହି ବାଲିମାଫିଆ ଦଳର ଲୋକ ଅଟକାଇ ଭୟଭିତ କରିଥିଲେ । ସେମାନେ ଶାସକ ଦଳର ଲୋକ । ତାଙ୍କ ଝିଅଙ୍କର ସେମାନଙ୍କ ବିରୁଦ୍ଧରେ ଏପରି କାର୍ଯ୍ୟର ପରିଣାମ ଭୟାବହ ହେବ ବୋଲି କହିଲେ । କିନ୍ତୁ ଦୁର୍ଗାଙ୍କ ବାପା ସେମାନଙ୍କୁ କହିଥିଲେ, ଯଦି ପାରୁଛ ତାକୁ ରୋକିପାର । କିନ୍ତୁ ସେ ପିଲାବେଳରୁ ଯେଉଁ ସଂସ୍କାର ପାଇଛି, ତାହା ତାକୁ ବଳିଷ୍ଠ ନେତୃତ୍ୱ ନେବାରେ ସାହାଯ୍ୟ କରିବ । ଯେତେ ବାଧାବିଘ୍ନ ତା ସମ୍ମୁଖକୁ ଆସିବ, ସେ ଆହୁରି ଶକ୍ତିଶାଳୀ ହେବ । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ସିଏ ଶିଖିଛି । ସେ କେବେ ପଛାଇବ ନାହିଁ କି ଭୟଭିତ ହେବ ନାହିଁ ।

କିନ୍ତୁ ଅଖିଳେଶ ସିଂ ସରକାର ଦୁର୍ଗାଙ୍କୁ ଚାକିରିରୁ ନିଲମ୍ବିତ କଲେ । କୋର୍ଟରେ କେସ୍ ଚାଲିଲା । ନ୍ୟାୟାଳୟର ଆଦେଶ ତାଙ୍କ ସପକ୍ଷରେ ଗଲା । ସେତେବେଳେ ଦେଶର ସବୁ ପ୍ରମୁଖ ସମ୍ବାଦପତ୍ରର ହେଡ୍ ଲାଇନ୍ ହେଲା, "ଦୁର୍ଗାଶକ୍ତି ନାଗପାଲ ଆଇ.ଏ.ଏସ୍ ପୂର୍ଣ୍ଣ ସମ୍ମାନର ସହିତ ତାଙ୍କ କାର୍ଯ୍ୟାଳୟରେ ପୁନଅବସ୍ଥାପିତ ହୋଇଛନ୍ତି ।"

ସଂସ୍କାର ଶିକ୍ଷାର ଏକ ଅଭିନ୍ନ ଅଂଗ । ସଂସ୍କାର ଓ ଶିକ୍ଷା ଉତ୍ତମ ଜଣେ ବ୍ୟକ୍ତିକୁ କର୍ତ୍ତବ୍ୟର ପରାକାଷ୍ଠା ଆଣିଦେଇଥାଏ, ବ୍ୟକ୍ତିତ୍ୱର ବିକାଶ କରାଇଥାଏ, ବିବେକାନୁମୋଦିତ କର୍ତ୍ତବ୍ୟ ପଥରେ ଆଗେଇ ନେଇଥାଏ, ଆତ୍ମଶକ୍ତି ଓ ଆତ୍ମ ବିଶ୍ୱାସର ଉନ୍ମୋଚନ କରାଇଥାଏ ।

- ୦ -

ବୃନ୍ଦାଦେଈପୁର ଶାସନ, ଜେନାପୁର, ଯାଜପୁର

ଶିକ୍ଷା ଓ ସଂସ୍କାର

ଜ୍ୟୋସ୍ନା ମଞ୍ଜରୀ ପଣ୍ଡା

ଶିକ୍ଷା ଓ ସଂସ୍କାର, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଶିକ୍ଷା ମଣିଷକୁ ବାଟ ଦେଖାଏ । ସଂସ୍କାର ମଣିଷକୁ ଶୃଙ୍ଖଳିତ ଓ ମାର୍ଜିତ କରେ । ଶିକ୍ଷା ସର୍ବଦା ନୂତନତ୍ୱର ସ୍ୱାଦ ଚଖାଇଥାଏ । ସଂସ୍କାର ସର୍ବଦା ହୀନ ମାନସିକତାର ଇଲାଜ କରାଇଥାଏ । ଆଉ ଶିକ୍ଷା ଓ ସଂସ୍କାରର ଦ୍ୱୈତ ଧାରାରେ ସମାଜରେ ପବିତ୍ରତା ଆସିଥାଏ ।

ଆଜି ଆମ ସମାଜରେ କେତେ ଗୁଡିଏ ସାମାଜିକ ବ୍ୟାଧି ତା'ର କାୟା ବିସ୍ତାର କରିଚାଲିଛି । ଏହି ବ୍ୟାଧି ଯଥା - ଚୋରୀ, ଦୁର୍ନିତି, ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଲୁଣ୍ଠନ, ହତ୍ୟା, ଧର୍ଷଣ, ଲୋଭ, ମୋହ, ମାୟା, କ୍ରୋଧ ଇତ୍ୟାଦି କବଳରେ ପଡି ଆମ ସମାଜ କଳୁଷିତ ହେବାରେ ଲାଗିଛି । ଏଗୁଡିକ ପାଇଁ ଦାୟୀ କିଏ ?

ବର୍ତ୍ତମାନ ଶିକ୍ଷାର ତ ଅଭାବ ନାହିଁ । ପଲ୍ଲୀ ଠାରୁ ଦିଲ୍ଲୀ ସବୁଆଡେ ଶିକ୍ଷାଳୟ ସବୁ ଛତୁ ଫୁଟିଲା ଭଳି ଗଢ଼ା ଚାଲିଛି । ତେବେ ଏସବୁ ପାଇଁ ଦାୟୀ କିଏ ? ଆଜ୍ଞା ହଁ ଶିକ୍ଷା ଅଛି କିନ୍ତୁ ସଂସ୍କାର ନାହିଁ । ଶିକ୍ଷା ପାଇଁ ମଣିଷ ଅନେକ ଜ୍ଞାନ ଅର୍ଜନ କରିଥାଏ । ଆଉ ସେହି ଜ୍ଞାନକୁ କିଛି ଅସାମାଜିକ ବ୍ୟକ୍ତି ନିଜ ସ୍ୱାର୍ଥ-ପାଇଁ ସମାଜର ଅମାଙ୍ଗଳିକ କାର୍ଯ୍ୟରେ ଲଗାଇଥାନ୍ତି । ଅତ୍ୟଧିକ ଜ୍ଞାନକୌଶଳ ବଳରେ ପ୍ରମାଣ ବିହୀନ ଅପରାଧସବୁ କରିବାକୁ ଟିକିଏ ବି କୁଣ୍ଠିତ ହେଉ ନାହାନ୍ତି । ମାତ୍ର ଯେଉଁ ବ୍ୟକ୍ତି ଶିକ୍ଷା ସହିତ ସଂସ୍କାର ପାଇଥାଏ, ସେ ଏକ ସୁସ୍ଥ ସମାଜ ଗଠନ କରିବାକୁ ଆଗେଇ ଆସିଥାଏ । ନିଜର ଶିକ୍ଷାକୁ ସଂସ୍କାର ରୂପକ ରଥରେ ବସାଇ ସାମାଜିକ ବ୍ୟାଧି ଗୁଡିକ ସହିତ ଲଢ଼େଇ କରିଥାଏ । ଆଉ ଏକ ସଂସ୍କାରିତ, ମାର୍ଜିତ ଓ ସୁସ୍ଥ ସମାଜ ଗଢ଼ିବାରେ ସଫଳ ମଧ୍ୟ ହୋଇଥାଏ ।

ତେବେ ଏ ସଂସ୍କାର, ଶିକ୍ଷା ଜଣେ ପାଇବ କେଉଁଠୁ ? ପ୍ରଥମତଃ ନିଜ ପରିବାର । ନିଜ ପରିବାରରେ ପିତାମାତା ଅଥବା ଗୁରୁଜନମାନେ ଶୈଶବ କାଳରୁ ଶିଶୁଟିକୁ ସଂସ୍କାରିତ କରି ଗଢ଼ି ଚାଲିଲେ ସେ ନିଶ୍ଚିତ ଭାବରେ ଶିକ୍ଷା ସହିତ ସଂସ୍କାରକୁ ସାଥିରେ ନେଇ ଚାଲିବ । ବିଦ୍ୟାଳୟ ମହାବିଦ୍ୟାଳୟ ସେ ଯେଉଁଠିକୁ ବି ଯାଉ, ଶିକ୍ଷା ସହିତ ସଂସ୍କାର ଶିକ୍ଷା ପାଇଲେ ଏ ସମାଜରେ ସାମାଜିକ ବ୍ୟାଧି ଗୁଡିକର ମୂଳପୋଛ ହୋଇପାରିବ । ଶିକ୍ଷା ଓ ସଂସ୍କାରକୁ ପାଥେୟ କରି ନିଶ୍ଚିତ ଭାବରେ ରାମରାଜ୍ୟର ପ୍ରତିଷ୍ଠା ହୋଇପାରିବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ବିଶେଷ କରି ଏହି ସଂସ୍କାରର ମର୍ମ ବର୍ତ୍ତମାନ ଆଧୁନିକ ସମାଜର ଯୁବଗୋଷ୍ଠୀ ହିଁ ବୁଝିବା ଦରକାର ଆଉ ଶିକ୍ଷା ରୂପକ ଅସ୍ତ୍ର ମାଧ୍ୟମରେ ସଂସ୍କାରକୁ ଖୋଜିବା ଦରକାର ।

- o -

ବ୍ରହ୍ମପୁର , ଜେନାପୁର, ଯାଜପୁର

ସାଲବେଗଙ୍କ ଭଜନାବଳୀର ବିଶେଷତ୍ୱ

ଆଶାଲତା ମହାନ୍ତି

ଭକ୍ତକବି ସାଲବେଗଙ୍କର ଜଗନ୍ନାଥ ତଥା ଶ୍ରୀକୃଷ୍ଣ ସମ୍ବନ୍ଧୀୟ ରଚନାବଳୀ ଅତ୍ୟନ୍ତ ଜନପ୍ରିୟ ହୋଇଥିଲେ ହେଁ ଅନ୍ୟାନ୍ୟ ଭଜନ, ଜଣାଣ ଓ ସଂଗୀତଗୁଡିକ ମଧ୍ୟ କମ୍ ହୃଦୟସ୍ପର୍ଶୀ ନୁହେଁ! ବଳଗଣ୍ଡି ଛତା ମଠରେ ଅବସ୍ଥାନ କରୁଥିବା ସମୟରେ କବି ଗଭୀର ତତ୍ତ୍ୱଜ୍ଞାନ ସମ୍ବଳିତ ଏକାଧିକ ଭଜନ ରଚନା କରିଯାଇଛନ୍ତି । ଏହି ସଂଗୀତ ଗୁଡିକରେ ପଂଚସଖାଙ୍କର ନିର୍ଗୁଣ ଭକ୍ତିଭାବନାର ସମ୍ୟକ୍ ପ୍ରଭାବ ପରିଦୃଷ୍ଟ ହୋଇଥାଏ, ଭଜନ ଗୁଡିକରେ ଭକ୍ତ କବି ସାଲାବେଗ ମଣିଷ ଜୀବନକୁ ମାଟି ହାଣ୍ଡି, ଶୁଆଶାରୀ, ଫୁଲ, ଏକଚକ୍ରରଥ ବୋଲି ତୁଳନା କରିଛନ୍ତି । ମନୁଷ୍ୟ ଜୀବନ ଅସାର, କ୍ଷଣସ୍ଥାୟୀ ଏବଂ ମନୁଷ୍ୟର ଯାହା ଅତ୍ୟନ୍ତ ପ୍ରିୟ ତାହା ହିଁ କିପରି ତାକୁ କାଳରୂପରେ ଭକ୍ଷଣ କରୁଛି, ତାହା ଅତି ସୁନ୍ଦର ଭାବରେ କବି ବର୍ଣ୍ଣନା କରିଛନ୍ତି । ଯଥା -

ତୁ ଯାହାକୁ ବିଭାହେଲୁ ଶାଢ଼ି ଶଙ୍ଖା ଦେଇରେ,
ଖାଉଅଛି ସେହି ତୋତେ କାଳରୂପୀ ହୋଇରେ ।

ଉପରୋକ୍ତ ପଦଦ୍ୱୟରେ ମଣିଷର ଅତିପ୍ରିୟ ନିଜର ବିବାହିତା ସ୍ତ୍ରୀ କିପରି ତାର ଅନିଷ୍ଟକାରୀ ହୋଇଛି, ସେଇ କଥାକୁ କବି ଏଠାରେ ବ୍ୟକ୍ତ କରିଛନ୍ତି । କବି ବୃନ୍ଦାବନ ଯିବା ପୂର୍ବରୁ ଏହିପରି କେତେକ ତତ୍ତ୍ୱପୂର୍ଣ୍ଣ ଭଜନ ରଚନା କରିଥିବାର ଲକ୍ଷ୍ୟ କରାଯାଏ, ନିଜ ନିଜର ଆୟତ୍ତାଧୀନ ନହୋଇ ଭଗବାନଙ୍କର ନାମ ସ୍ମରଣ ନକରି ମନୁଷ୍ୟ କିଭଳି ବିଷୟାସକ୍ତ ହୋଇ ଶତ୍ରୁଭଳି ଆଚରଣ କରି ଥାଏ ତାହା କବିଙ୍କ ବିରଚିତ 'ମୋହମନ', ମୋ ହରି ସେ ନୋହିଲାରେ, ରଚନାରେ ସୁନ୍ଦର ଭାବରେ ପରିସ୍ଫୁଟିତ ହୋଇଥାଏ ।

ଜୀବନକୁ ଏକଚକ୍ର ରଥ ସହିତ ତୁଳନା କରି କବି ଯେଉଁ କବିତାଟି ରଚନା କରିଛନ୍ତି ତାହା ମଧ୍ୟ ପ୍ରଣିଧାନ ଯୋଗ୍ୟ । ଏହା ବ୍ୟତୀତ ବନ୍ଧ ନଥିବା ଅବସ୍ଥାରେ ପାଣି ରହିବା, ବନ୍ଧ ବାନ୍ଧିବାରୁ ପାଣି ଭୌତିକ ଗତିରେ ତଳକୁ ପ୍ରବାହମାନ ନହୋଇ ଉପରକୁ ଉଠିବା ଏକ ବିଚିତ୍ର ତଥା ଅସମ୍ଭବ କଥା । ଏ ବର୍ଣ୍ଣନା ସାଧାରଣ ପାର୍ଥିବ ପଦାର୍ଥକୁ ଉପଲକ୍ଷ୍ୟ ନକରି ଜୀବନର ଗୁଢ଼ ରହସ୍ୟକୁ ହିଁ ଉଦ୍‌ଘାଟିତ କରୁଛି । ବନ୍ଧ ହେଉଛି ମାୟା ବା ଜୀବର ବନ୍ଧନ । ମାୟା ହୃଦୟରେ ନଥିବା ଅବସ୍ଥାରେ ମଣିଷର ସବୁ କିଛି ଥାଏ । ସେ ପ୍ରକୃତରେ ସୁଖୀ ଥାଏ । ତେଣୁ କବିଙ୍କ ରଚନାରେ -

ବନ୍ଧ ନାହିଁ ପାଣି ରହି ଥିଲାରେ' ଏହା ହିଁ ଏହାର ଯଥାର୍ଥ ଅର୍ଥ । କିନ୍ତୁ ପରେ ମୋହମାୟା ଜାଲରେ ବନ୍ଧାହେବା ପରେ ସେ ହେଲା ପାଣି ସେହି ଭଳି ମଣିଷର ସବୁ ସୁଖ ଉଭେଇଯାଏ, ସେ ଅସନ୍ତୋଷରେ ବୁଡି ରହେ ।

ବନ୍ଧ କାଟନ୍ତେ ତଳକୁ ନ ଯାଇ ଉପରକୁ ପାଣି ବୋହି ଗଲାରେ - ଏହା ମଧ୍ୟ ଏକ ସୁନ୍ଦର ଚିତ୍ରକଳ୍ପ । ଯେପରି ବନ୍ଧନ ସବୁକୁ କାଟି ଦେଲେ ମଣିଷର ମନ ଉର୍ଦ୍ଧଗାମୀ ହୋଇ ଭଗବାନଙ୍କ ସତ୍ତାରେ ଲୀନ ହୋଇଯାଏ ।

ସେହିପରି ଆଉ ଏକ ସୁନ୍ଦର ରୂପକଳ୍ପର ପରିଚୟ କବି ତାଙ୍କ କବିତାରେ ଦେଇଛନ୍ତି -

ଏକ ଚକେ ରଥ ଚଳୁଥିଲା
ବେନି ଚକ ହେଉ ନଚଳିଲା ।

ଉପରୋକ୍ତ ଉକ୍ତିଟି ମଧ୍ୟ ଏକ ନିଗୁଢ଼ତତ୍ତ୍ୱ ପ୍ରଖ୍ୟାପନ କରୁଥିବାର ଲକ୍ଷ୍ୟ କରାଯାଏ ।

ମଣିଷ ଜୀବନରେ ଜ୍ଞାନ ଓ ଭକ୍ତିଭାବ ଶୋଭାପାଏ । ମଣିଷର ଏହି ସ୍ୱର୍ଗୀୟ ଗୁଣଗୁଡିକୁ ଫୁଲ ସହିତ ତୁଳନା କରି ଫୁଲ ତୋଳ ସେ ନାଗର ରଚନାଟିକୁ ଲେଖିଛନ୍ତି । ଏଠାରେ ଫୁଲକୁ ଅତି ତାତ୍ତ୍ୱିକ ଭାବରେ ଲେଖାଯାଇଛି ।

ଯଥା - ଏମନ୍ତ ବିଷମ ଫୁଲ ମଲୋବାସ କରଇ.

ଏଠାରେ ଫୁଲକୁ ଜୀବାତ୍ମାର ରୂପକଳ୍ପ ଭାବରେ ଗ୍ରହଣ କରାଯାଇଛି । ଅନ୍ୟ ଏକ ରଚନାରେ କବି ମଣିଷର ଅନ୍ତରାତ୍ମାକୁ ଶାରୀରୂପେ ଗ୍ରହଣ କରିଛନ୍ତି । ଏବଂ ମଣିଷସମାଜକୁ ସତର୍କ କରାଇ ଦେଇଛନ୍ତି ଯେ - ରାମକୃଷ୍ଣଙ୍କର ଭଜନ ପୂଜନରେ ମନନିବେଶ ନକଲେ ଯୁ ମାର୍ଜାର ଯେପରି ଅତର୍କିତ ଭାବରେ ପକ୍ଷୀମାନଙ୍କୁ ଆକ୍ରମଣ କରିଥାଏ କାଳମଧ୍ୟ ଅକାଳରେ ଜୀବନକୁ ସେହିପରି କବଳିତ କରିବ ।

ତେଣୁ କବିଙ୍କ ରଚନାରେ -

ଦର୍ଜନ ଶିଖରେ ଘର ବାନ୍ଧିଥିଲି ତଳକୁ ଲମ୍ବିଛି ଡାଳ
ସଂସାର ମଧ୍ୟରେ ଭାସି ଯାଉଥିଲି ନରଜନ୍ମ ନାରଖାର ଲୋ ଶାରୀ
ଭଜ ରାମକୃଷ୍ଣ ହରି ।

ଈଶ୍ୱରଙ୍କ ସୃଷ୍ଟିରେ ମାନବଜନ୍ମ ଏକ ଦୁର୍ଲଭ ଜନ୍ମ । ଯୁଗ ଯୁଗ ତପସ୍ୟା । କରି ଜୀବ ମାନବ କଳେବର ଧାରଣ କରେ । ତେଣୁ ମନୁଷ୍ୟ ଜନ୍ମ ପରି ଦୁର୍ଲଭ ଜନ୍ମ ପାଇ ଖାଲି ଧନସଂଚୟ କରିବା ଭାଇ ବନ୍ଧୁ, ସନ୍ତାନ ସନ୍ତତିଙ୍କୁ ମୋର ମୋର କହି ମାୟାରେ ଅନ୍ଧହେବା ଜିଭଳି ନିରର୍ଥକ ଓ ଅସାର ତାହା କବି ତାଙ୍କର "ଜାଣୁ ଜାଣୁ ଶୁଣୁ ଶୁଣୁ ନ ଜାଣୁରେ ଅଜଣା" ରଚନାଟିରେ ଅତି ତତ୍ତ୍ୱପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଛନ୍ତି । ଜୀବନରେ ସାଧୁସଙ୍ଗଙ୍କ ସଂଗଲାଭ କରିବା ଦ୍ୱାରା ଜୀବନର ମହତ୍ତ୍ୱ ପ୍ରତିପାଦନ କରିଥାଏ । ମନୁଷ୍ୟଜୀବନ କ୍ଷଣସ୍ଥାୟୀ । ଧନସମ୍ପତ୍ତି, ଦାରସୁତ ଐଶ୍ୱର୍ଯ୍ୟ ସବୁ କ୍ଷଣସ୍ଥାୟୀ । କ୍ଷଣଭଙ୍ଗୁର ଜୀବନ ନିଶ୍ଚୟ ଦିନେ ଚାଲିଯିବ । ସାଧୁସଂଗ ପ୍ରିତୀ, ଦାନ ଧର୍ମ, କିର୍ତ୍ତୀ ସଂସାରରେ ଚିରସ୍ଥାୟୀ ହୋଇ ରହିଥିବ ।

ବ୍ରହ୍ମଜ୍ଞାନୀ ବା ଏକତତ୍ତ୍ୱଜ୍ଞ ବ୍ୟକ୍ତିରୂପେ କବି ନିଜର ଭକ୍ତ ତଥା ଅନୁଗାମୀମାନଙ୍କ ଠାରେ ଆଦୃତ ହୋଇପାରିଥିବାର ଜଣାପଡେ । ଜୀବନର ଅନ୍ତିମ କାଳରେ ଜାତିଧର୍ମ ନିର୍ବିଶେଷରେ ପୁରୁଷ ସ୍ତ୍ରୀ ସମସ୍ତଙ୍କ ସହିତ ମିଶି ବଳଗଣ୍ଡି ମଠକୁ ଆସି ଭଗବାନଙ୍କ ନାମ ସଙ୍କିର୍ତ୍ତନ କରି ଭକ୍ତମାନଙ୍କ ଠାରୁ ଜୀବନର ଗୁଣତତ୍ତ୍ୱ ବା ରହସ୍ୟ ସମ୍ବନ୍ଧରେ ଜ୍ଞାନାର୍ଜନ କରୁଥିଲେ । ଜୀବନର ପ୍ରାକ୍ କାଳରେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ସମୟରେ ଯେଉଁ କବି ତଦାନୀନ୍ତନ ସମାଜ ଦ୍ୱାରା ଉପେକ୍ଷିତ, ଲାଂଛିତ, ନିର୍ଯ୍ୟାତିତ ହୋଇଥିଲେ ହେଁ ନିଜର କନିଷ୍ଠ ଭକ୍ତିଭାବନା, ଏକାଗ୍ରତା, ଈଶ୍ୱର ଆରାଧନା ଓ ଅଗାଧ ପାଣ୍ଡିତ୍ୟ ହେତୁ ଶେଷ ଜୀବନରେ ସମସ୍ତଙ୍କର ନମସ୍ୟ ହୋଇପାରିଥିଲେ ।

କବିଙ୍କର ଅନ୍ୟାନ୍ୟ ଭଜନ ଗୁଡିକ ମଧ୍ୟରେ ଦେବୀ ମଂଗଳା ସଂପର୍କରେ ରଚିତ ଏକମାତ୍ର କ୍ଷୁଦ୍ର ଭଜନ ଲୋକ ଲୋଚନକୁ ଆସିଛି ଏହା ସମ୍ଭବତଃ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଂଗଳାଙ୍କୁ ଉପଜୀବୀ କରି ଲେଖା ହୋଇଛି ।

ଯବନ କବି ସାଲବେଗଙ୍କ ବିଭିନ୍ନ ଭାଷା ବା ମିଶ୍ରିତ ଭାଷାରେ କିଛି ଭଜନ ଲେଖାଯାଇଛି । ଉଲାସେ ନବଘନ କାଳିଆ - ତ୍ରିଭଙ୍ଗୀ ଛନ୍ଦେ ଉଭା କରେ ମୂରଲୀ ଶୋଭା' ଭଜନଟି ଓଡିଆ ଭାଷାରେ ଲେଖା ହୋଇଥିଲେ ହେଁ ଏଥିରେ 'ଦୁଲାରିଆ' 'ବୋଲିଆ' ପ୍ରଭୁତି ବ୍ରଜବୋଲି ଶବ୍ଦର ପ୍ରୟୋଗ କରାଯାଇଛି ।

ବାୟେ ସଖୀଗତା ବିବିଧ ବାଜଣ
ବାୟେ ଅତି ଅନୁପମରେ

ମୃଦଙ୍ଗ ଶଙ୍ଖ ଉପାଙ୍ଗ ସୁମଧୂର ସପ୍ତସ୍ୱର ତିନିଗ୍ରାମରେ

ଉପରୋକ୍ତ ଲେଖାରେ ଓଡିଆ ବ୍ରଜଭାଷା ଏବଂ ପ୍ରାଚୀନ ବଙ୍ଗଳା ଭାଷାର ଏକ ମିଶ୍ରିତ ରୂପ ପରିଦୃଷ୍ଟ ହୁଏ ।

ପରିଶେଷରେ ଯେଉଁ ଯବନ କବି ସାଲବେଗ ଓଡିଆ ସାହିତ୍ୟର ଏକ ବିଭବକୁ ଏପରି ଭାବରେ ରୁଦ୍ଧିମନ୍ତ କରି ଯାଇଛନ୍ତି ତାଙ୍କ ପ୍ରତି ଆମେ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ଜାତିରେ ଯବନ ହେଲେ ମଧ୍ୟ ପ୍ରାୟ ସାଢ଼େ ତିନି ଶହ ବର୍ଷହେଲା ପ୍ରତି ବାହୁଡା ଯାତ୍ରାରେ କବିଙ୍କ ପ୍ରତିଷ୍ଠିତ ଆଶ୍ରମ ବଳଗଣ୍ଡି ଠାରେ ନନ୍ଦିଘୋଷ ରଥ ଅଟକି ରହୁଛି ଯବନ ହେଲେ ମଧ୍ୟ ଜଗନ୍ନାଥ ତାଙ୍କୁ ଆପଣାର କରିଛନ୍ତି । ଭକ୍ତି ନିକଟରେ ଜାତିର ଆବଶ୍ୟକତା ନାହିଁ ଏହା ସେ ପ୍ରମାଣ କରିଛନ୍ତି । ଭକ୍ତର ଭଗବାନ ହୋଇଥିବାରୁ ସେ ଲେଖିଛନ୍ତି -

"ଭକତତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ ।"

ଏଠାରେ ଭକ୍ତ ସହିତ ଭଗବାନଙ୍କ ସଂପର୍କର ନିବିଡତାକୁ ଉପଲବ୍ଧି କରାଯାଇପାରେ । ସାଲବେଗଙ୍କର ଭକ୍ତିଭାବପ୍ରବଣତା ହିନ୍ଦୁ ସଂସ୍କୃତିର ମହନୀୟତା ପ୍ରତିପାଦନ କରୁଥିବାରୁ ଆମ ସମାଜ ତାଙ୍କ ପାଇଁ ଗର୍ବିତ ସତ ମାତ୍ର ତାଙ୍କୁ ହିନ୍ଦୁ ଶ୍ରେଷ୍ଠ ବୋଲିବାତ ଦୂରର କଥା, ଜଣେ ହିନ୍ଦୁ ଜନନୀର ଗର୍ଭ ସମ୍ଭୁତ ହୋଇ ସୁଦ୍ଧା ତାଙ୍କୁ ଜଣେ ପ୍ରକୃତ ହିନ୍ଦୁ ବୋଲି ଅଦ୍ୟପି ଆମେ ଗ୍ରହଣ କରିପାରି ନାହୁଁ ।

- ୦ -

ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ବଡଚଣା ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର

ଅନୁଭୂତି

ଗାୟତ୍ରି ପଣ୍ଡା

ମନୁଷ୍ୟ ଜୀବନରେ ସୁଖ, ଦୁଃଖ, ଯନ୍ତ୍ରଣା, ଅନୁଭୂତି ଇତ୍ୟାଦି ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇରହିଥାଏ । ଜୀବନର ମାନେ ନୁହେଁ ବିଚାର ଶୂନ୍ୟ ଭାବେ କେବଳ ଖଟିବା, ଖାଇବା, ପିଇବା, ଖେଳିବା, ଶୋଇବା, ମଉଜ କରିବା । ଜୀବନ ସଙ୍ଗୀତରେ ମାନବିକ ସ୍ୱର ଦେଲେ ମନୁଷ୍ୟ ଜୀବନ ହୋଇ ଉଠେ ସରଳ, ନିର୍ମଳ, ଶୋଭନୀୟ, ମହନୀୟ ଓ ମଙ୍ଗଳମୟ । ମନୁଷ୍ୟ ତା ଜୀବନରେ କରିଥିବା ଭୁଲ, ଦୁଃଖ, କଷ୍ଟ, ଯନ୍ତ୍ରଣାରୁ ମୁକ୍ତ ହୋଇ ନିଜେ ଆତ୍ମ ତୃପ୍ତି ଓ ଶାନ୍ତି ପାଇବା ପାଇଁ ପ୍ରତିଦିନ ସକାଳୁ ନିଜକୁ ସୁନ୍ଦର ପରୀପାଟିରେ ସଜାଇ ମନ୍ଦିରକୁ ଯାଏ । ଧୂପ, ଦୀପ ଦେଇ ପୂଜା ସାରିବା ପରେ ସେ ମନେ ମନେ ଭାବେ ମୁଁ ଖୁବ୍ ସନ୍ତୋଷ ଲାଭ କରୁଛି ମୋତେ ଏପରି ଲାଗୁଛି ଯେ ଯେପରି ମୋତେ ଈଶ୍ୱର ସମସ୍ତ ଖୁସି ପ୍ରଦାନ କରିଛନ୍ତି । କିନ୍ତୁ ସେ ରାସ୍ତାରେ ଫେରୁଥିବା ସମୟରେ ଗରିବ ପିଲାଟି ଯେତେବେଳେ ତା' ପେଟ ଭୋକର ଯନ୍ତ୍ରଣାକୁ ସହ୍ୟ କରିନପାରି ସେହି ମଣିଷଟିକୁ ଟଙ୍କାଟିଏ ମାଗୁଛି ସେହି ମଣିଷଟି ବିରକ୍ତ ହୋଇ ତାକୁ ଆଡେଇ କରି ଚାଲିଯାଉଛି । ମନର ବିରକ୍ତି ଭାବ ତାକୁ ପୁନର୍ବାର ଆଣି ଦେଉଛି ସମସ୍ୟା । ସେ ମାନସିକ ସ୍ତରରେ ବ୍ୟସ୍ତ, ବିବ୍ରତ ଓ ବିରକ୍ତ ହେଉଛି । ତା'ର ସେଇ ଖୁସି ପୁଣି ଦୁଃଖରେ ପରିଣତ ହେଉଛି । ତେଣୁ ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ମଣିଷ ସମାନ, ଆମେ ସମସ୍ତଙ୍କୁ ସମାନ ଆଖିରେ ଦେଖିବା ଉଚିତ୍ । ସମସ୍ତଙ୍କ ପ୍ରତି ମନୁଷ୍ୟ ତାର କର୍ତ୍ତବ୍ୟ କରିବା ଉଚିତ୍ । ଈଶ୍ୱର ପୃଥିବୀରେ ସୃଷ୍ଟି କରିଥିବା ସମସ୍ତ ଜୀବ ପ୍ରତି ଆମେ ଦୟା, ଶ୍ରଦ୍ଧା, ସ୍ନେହ ଅର୍ପଣ କଲେ ଈଶ୍ୱର ଆମକୁ ସର୍ବଦା ସୁଖି କରାଇବେ ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସେଥିପାଇଁ ପୂଜ୍ୟ କୁମାର ଭାଇ କହିଛନ୍ତି,

ଆତ୍ମ ସମୀକ୍ଷା ଆତ୍ମଶୁଦ୍ଧି
ଏହା ହେଉ ଆମ ମହାବ୍ରତ,
ଆସୁରେ ଦୁଃଖ ଆସୁରେ ଝଞ୍ଜା
ଦୃଢ଼ ରହିଥାଉ ଆମ ମତ ।

- o -

ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ବୃନ୍ଦାଦେଇପୁର, ଜେନାପୁର, ଯାଜପୁର

ସଂରକ୍ଷଣ ବ୍ୟବସ୍ଥା ଓ ଆତ୍ମହତ୍ୟା : ବ୍ୟବସ୍ଥାଗତ ତ୍ରୁଟି ନା ଅତ୍ୟାଚାରର କରୁଣ ପରିଣତି ?

ଜୟଦେବ ଶତପଥୀ

ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ବାର୍ଷିକ ମୁଖପତ୍ର ମହକ ଷଷ୍ଠ ସଂସ୍କରଣ ପାଇଁ ଏକ୍ ଲେଖା ଅଂଶଦାନ କରିବା ପାଇଁ ଚିନ୍ତା କରୁଥିଲି । ଏହି ସମୟରେ ସଦ୍ୟ ସମାପ୍ତ ଆମ୍ବେଦକରଙ୍କ ଜୟନ୍ତୀ ମତେ ପ୍ରେରଣା ଯୋଗାଇଲା ସଂରକ୍ଷଣ ବ୍ୟବସ୍ଥା ବିଷୟରେ କିଛି ମତବ୍ୟକ୍ତ କରିବା ପାଇଁ ।

ପ୍ରଚଳିତ ସମୟରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ନାନାଦି ମତ ପ୍ରକାଶ ପାଉଛି । କିଛି ଦିନ ତଳେ ସାମାଜିକ ଗଣ ମାଧ୍ୟମରେ ଏକ ସାଧାରଣ ବର୍ଗର ଯୁବକ ସଂରକ୍ଷଣ ବ୍ୟବସ୍ଥା ପ୍ରତି ଅସନ୍ତୋଷ ପ୍ରକାଶ କରି ଆତ୍ମହତ୍ୟା କରିଥିବାର ଖବର ମିଳିଲା । ପୁଣି କେହି କେହି ପରିବର୍ତ୍ତିତ ସମୟରେ ସବୁ ବର୍ଗଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଲାଣି କହି ସଂରକ୍ଷଣ ବ୍ୟବସ୍ଥାକୁ ହଟାଇବାକୁ ଦାବି କରୁଥିବାର ଦେଖାଯାଉଛି । ଆଉ କିଛି ଗୋଷ୍ଠୀ ଆମ୍ବେଦକର ସମାଜକୁ ଭାଗ ଭାଗ କରିଦେଇଥିବାର କହୁଥିବା ଶୁଣା ଯାଉଛି । ଏସବୁ ମଧ୍ୟରେ ଅନୁଭବ ହୁଏ ଯେ, ମୂଳ କଥା ଟିକୁ ବୁଝିବା ପାଇଁ କେହି ପ୍ରସ୍ତୁତ ନୁହନ୍ତି ।

ସର୍ବ ପ୍ରଥମେ ଗୋଟିଏ କଥା ବୁଝିବାକୁ ହେବ ଯେ ସଂରକ୍ଷଣ ବ୍ୟବସ୍ଥା ଅର୍ଥନୈତିକ ଆଧାରରେ ନୁହେଁ ବରଂ ସାମାଜିକ ବୈଷମ୍ୟତା ଆଧାରରେ ଦିଆଯାଇଛି । ଯେଉଁ ସମ୍ପ୍ରଦାୟମାନଙ୍କୁ ଦଶବ୍ଦି ଦଶବ୍ଦି ଧରି ଅବହେଳିତ ଓ ନିର୍ଯ୍ୟାତିତ କରି ରଖାଯାଇ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି କାଳକ୍ରମେ ସେହି ସମ୍ପ୍ରଦାୟମାନଙ୍କ ଉତ୍ଥାନ ପାଇଁ ସଂରକ୍ଷଣ ବ୍ୟବସ୍ଥା ମାଧ୍ୟମରେ ସରକାରୀ ସ୍ତରରେ ପ୍ରୟାସ କରାଯାଇଛି । ସାମାଜିକ ବୈଷମ୍ୟତା ବା ଛୁଆଁ ଅଛୁଆଁ ଭେଦଭାବର ଦୂରୀକରଣ ପାଇଁ ସରକାରୀ ସ୍ତରରେ ଅନେକ ଆଇନ ପ୍ରଣୟନ ଓ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଖୋଲା ଖୋଲି ଭାବରେ ଓ ସହରରେ ଅଦୃଶ୍ୟ ଭାବେ ଏହା ଜାରି ରହିଥିବାର ଦେଖାଯାଉଛି । ବର୍ତ୍ତମାନ ସମୟରେ ମଧ୍ୟ ଆନ୍ତଃଜାତି ବିବାହ, ବ୍ୟବସାୟ, ଜମି କିଣାବିକା, ଭୋଜିଭାତରେ ନିମନ୍ତ୍ରଣ, ମନ୍ଦିରରେ ପ୍ରବେଶ, ସାମାଜିକ ମିଳାମିଶା ଏଭଳି ଅନେକ କ୍ଷେତ୍ରରେ ଉଚ୍ଚ ଜାତିମାନେ ଛୁଆଁ ଅଛୁଆଁ ଭେଦ ଭାବକୁ ଜୀବନ୍ତ କରି ରଖି ଥିବାର ଦେଖାଯାଇଛି । ଏହା ସହ ପରିବାରରେ ନୂଆ ପୀଢ଼ିମାନଙ୍କୁ ଏହି ବ୍ୟବସ୍ଥାକୁ ଜୀବିତ କରି ରଖିବା ପାଇଁ ସେହି ଢ଼ଙ୍ଗରେ ଓ ବିଚାରରେ ବଢ଼ାଯାଉଛି । ଗୋଟିଏ ପଟେ ଏଭଳି ଅତ୍ୟାଚାରୀ କାର୍ଯ୍ୟ ଜାରି ରଖି, ଅନ୍ୟପଟରେ ସଂରକ୍ଷଣ ବ୍ୟବସ୍ଥାକୁ ହଟେଇ ଦେବା ପାଇଁ କହିବା କେତେ ଦୂର ଯୁକ୍ତି ଯୁକ୍ତ ?

ଉଚ୍ଚ ଜାତିର ପୂର୍ବ ପିଢ଼ି ମାନେ ଗାଁ ଗଣ୍ଡାରେ ବା ସମାଜରେ ଯେଉଁ ବିଷ ବୀର୍ଯ୍ୟ ବୁଣି ଯାଇଛନ୍ତି ବା ବୁଣୁଛନ୍ତି ତାହା ଅନ୍ୟ ପଟରେ ମହା ଦ୍ରୁମରେ ପରିଣତ ହୋଇ ତାଙ୍କରି ପିଲାମାନଙ୍କ ପାଇଁ ଅକଥନୀୟ ଦୁର୍ଦ୍ଦଶା ଆଣି ଦେଉଛି । ତେଣୁ ବର୍ତ୍ତମାନ ସମୟରେ ଉଚ୍ଚ ଜାତିର ପିଲାଟିଏ ସରକାରୀ ଚାକିରି ଖଣ୍ଡିଏ ପାଇବା ପାଇଁ କେତେ ସମସ୍ୟା ଭୋଗୁଛି ତାହା ଗାଁ ଗଣ୍ଡାରେ ଥିବା ଅତ୍ୟାଚାରୀ ପିଢ଼ି ଓ ସମ୍ପ୍ରଦାୟ ବୁଝିବାର ସମୟ ଆସି ପହଞ୍ଚିଛି । ତେଣୁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ପେଶି ହୋଇ ସାଧାରଣ ବର୍ଗର ପିଲାଟିଏ ଆତ୍ମହତ୍ୟା କରିବା ବ୍ୟବସ୍ଥା ଜନିତ ବିଚିତ୍ରତା ନୁହେଁ ବରଂ ଦଶବ୍ଦି ଦଶବ୍ଦି ଧରି ପୂର୍ବପିଢ଼ିଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାରର କରୁଣ ପରିଣତ ଅଟେ ।

ଏଣୁ ଉଚ୍ଚ ଜାତିର ପିଢ଼ିମାନେ ଏହି ଅତ୍ୟାଚାରୀ ବ୍ୟବସ୍ଥାର ଅନ୍ତ ଘଟାଇ ସମସ୍ତଙ୍କୁ ସମ୍ମାନ, ସମାନ ସୁଯୋଗ, ଅଧିକାର ଓ ସ୍ୱୀକୃତି ଦେଇ ଏହାପରେ ସଂରକ୍ଷଣ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଦାବି କଲେ ତାହା ଯୁକ୍ତି ସଂଗତ ହେବ ଏବଂ ସଂରକ୍ଷଣ ବ୍ୟବସ୍ଥାରେ ପେଶି ହୋଇ ଯନ୍ତ୍ରଣା ଭୋଗୁଥିବା ଅସଂଖ୍ୟ ଯୁବକ ଯୁବତୀମାନଙ୍କୁ ନ୍ୟାୟ ମିଳିବାର ବାଟ ଫିଟାଇ ପାରିବ ।

- ୦ -

ସହ-ସମ୍ପାଦକ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ଦୋଷ ଦେବି ମୁଁ କାହାକୁ ?

ନିର୍ମାଲ୍ୟ କୁମାର ପ୍ରଧାନ

କିଏ ଉତ୍ତର ଦାୟୀ ? ମଣିଷ ଶରୀରରେ ପ୍ରେମ, ଅନୁକମ୍ପା, ଆତ୍ମୀୟତା, ସ୍ୱାଭିମାନ, ହିଂସା, ଦ୍ୱେଷ, କ୍ରୋଧ, ମୋହ ଆଦି ଭାବନାକୁ ଜାତ କରିବା ଓ ଧରି ରଖିବାର ଉତ୍ତରଦାୟିତ୍ୱ କାହାର ? ଏସବୁ ଅନୁଭୂତି ଓ ତାହାର ପ୍ରତିକ୍ରିୟା ଫଳରେ ମଣିଷ ସହ୍ୟ କରୁଥିବା ହର୍ଷ ଅବା ବିଷାଦ ପାଇଁ ଉତ୍ତରଦାୟୀ କିଏ ? ଏସବୁ ଭାବନା ମଣିଷକୁ ଦୁଃଖ କିମ୍ବା ସୁଖ ଭେଟି ଦେଇଥାଏ । ତେବେ ମଣିଷ ସୁଖ ପ୍ରାପ୍ତ କଲେ ପୁରସ୍କାରର କିମ୍ବା ଦୁଃଖ ପ୍ରାପ୍ତିକଲେ ଦଣ୍ଡର ପ୍ରକୃତ ଅଧିକାରୀ କାହାକୁ ବିବେଚନା କରାଯିବ । ଏହି ପରିପ୍ରେକ୍ଷୀରେ କଳା ଓ ବିଜ୍ଞାନ ନିଜ ଯୁକ୍ତିରେ ଅଟଳ । କଳା ମତ ରଖେ ଏ ସବୁ ପାଇଁ ମଣିଷ ଛାତିର ବାମ ପାର୍ଶ୍ୱରେ କମ୍ପିତ ହୃଦୟ ଦାୟୀ କିନ୍ତୁ ବିଜ୍ଞାନ ଏସବୁକୁ ପ୍ରତ୍ୟାଖ୍ୟାନ କରି ମସ୍ତିଷ୍କ ଓ ତହିଁରୁ କ୍ଷରିତ ହରମୋନ ମତ ରଖେ । ତେବେ ଆଜିସୁଦ୍ଧା ଏ ବିବାଦର ସମାଧାନ ହୋଇପାରିନାହିଁ । ମୁଁ କରିବି କଣ ? ଦଣ୍ଡ ଦେବି କାହାକୁ ?

ପ୍ରେମ ଏକ ଦିବ୍ୟ ଅନୁଭୂତି । ବନ୍ଧୁତା ଏକ ସ୍ୱର୍ଗୀୟ ଉପହାର । ଏସବୁ ପ୍ରତି ମୁଁ ଆକୃଷ୍ଟ କଣ ପାଇଁ । ନିମିଷକ ମଧ୍ୟେ କାହାକୁ ଭଲ ପାଇଯିବା, ଆତ୍ମୀୟତା ଅନୁଭବ କରିବା, ଭଲପାଉଥିବା ବ୍ୟକ୍ତି ପ୍ରତି ସର୍ବସ୍ୱ ଢ଼ାଳି ଦେବା ପାଇଁ ପ୍ରସ୍ତୁତ ରହିବା ମୋର ଦୁର୍ବଳତା ନା ମହତ ପଣ ? ନିଜର ଯେଉଁ ଗୁଣ ପାଇଁ ମୁଁ ସର୍ବଦା ଯନ୍ତ୍ରଣା ପାଉଛି ତାହା ମୋର ମହାନତା ହୋଇପାରେ କେମିତି ? ନିଶ୍ଚିତ ରୂପରେ ଏହା ମୋର ଦୁର୍ବଳତା । ପ୍ରେମ କରିବାରେ, ସମ୍ପର୍କ ଗଢ଼ିବାରେ ଲିଙ୍ଗ, ଜାତି, ଧର୍ମ, ସଚ୍ଚୋଟ ମଣିଷ, ଖଳ ଲୋକ ଆଦିର ପ୍ରଭେଦ ନକରିବା, ଏସବୁ ଭଲ ପାଇବାର ମାପକାଠି ନ ମଣିବା, ବାରମ୍ବାର ମୋର ମୁର୍ଖାମୀକୁ ପ୍ରମାଣିତ କରିଛି । କ୍ଷଣିକେ ଭଲପାଇଯିବା, ବନ୍ଧୁତା ଗଢ଼ିତୋଳିବା, ମତେ ବିରହ ଯନ୍ତ୍ରଣା ବ୍ୟତୀତ କିଛି ଦେଇନାହିଁ । ବାରମ୍ବାର ପ୍ରତାରିତ ହେଲା ପରେ, ବିରହ ବହ୍ନୀରେ ଜଳିବା ପରେ ଏ ସବୁର ପୁନରାବୃତ୍ତି କରିବାରେ ସାମାନ୍ୟ ସଂକୋଚ ମନେକରିନାହିଁ । ଯାହାକି ସମାଜରେ ମତେ ମୁର୍ଖ ପଦବୀ ପ୍ରଦାନ କରିଛି । କିନ୍ତୁ ଏଥିରେ ମୋର ତ୍ରୁଟି କଣ ? ମୁଁ ମୋ ନିଜକୁ ରୋକିବାକୁ ଚେଷ୍ଟାବି ବହୁତ କରିଛି । ଅନ୍ୟ ପ୍ରତି ଆକର୍ଷଣ ଓ ପ୍ରେମ ଭାବନାକୁ ଦମନ କରିବାରେ ଚେଷ୍ଟାବି କିଛି କମ୍ କରିନି । କିନ୍ତୁ ପ୍ରତିଥର ବିଫଳ ହୋଇଛି । ପ୍ରତିଥର ଯନ୍ତ୍ରଣା ପାଇଛି । ପ୍ରତାରଣା ସହିଛି ।

ଭଲ ପାଇବାରେ, ବନ୍ଧୁତାରେ ମୋ ଅପରପକ୍ଷ ଠାରୁ ସମାନ ପରିମାଣର ଆତ୍ମୀୟତା ବ୍ୟତିରକେ କିଛି ଚାହିଁନି । ନିସର୍ତ୍ତ ଭାବେ ଖାଲି ପ୍ରେମ କରିଛି ଓ ବିପରୀତ ଫଳ ପାଇଛି । କିନ୍ତୁ ଏଥିପାଇଁ କାହାରିକୁ ଦୋଷ ଦେଇନାହିଁ । କାହା ପ୍ରତି ରାଗ ଦ୍ୱେଷ ରଖିନାହିଁ ମନରେ । ବରଂ ମନେ ମନେ ଧନ୍ୟବାଦ ଦେଇଛି, କୃତଜ୍ଞତା ଜଣାଇଛି, ଧନବାଦ ଦେବାରେ ମଧ୍ୟ କାରଣ ରହିଛି । ପ୍ରଥମଟି ଜୀବନର ସବୁଠାରୁ ମୂଲ୍ୟବାନ ଶିକ୍ଷା ସେମାନେ ମତେ ଭେଟି ଦେଇଛନ୍ତି । ଯଦିଓ ସେ ଶିକ୍ଷାକୁ ଜୀବନରେ ଗ୍ରହଣ କରେ ହେଲେ କାମରେ ଲଗେଇପାରିନି । ପ୍ରତାରଣା ପରେ ପ୍ରେମ କରିବାରେ ନିଜକୁ ରୋକି ପାରିନି । କିନ୍ତୁ ହଁ ମଣିଷ ଚିହ୍ନିବା କଳାରେ ଆଉ ଟିକେ ପାରଙ୍ଗମ ନିଶ୍ଚିତ ହୋଇଛି । ଦ୍ୱିତୀୟଟି ହେଲା ସେମାନେ ମୋ ସହିତ ବନ୍ଧୁତାରେ ଥିବା ସମୟରେ ଜୀବନରେ ବହୁ ମଧୁର ମୁହୂର୍ତ୍ତ ସାରସ୍ୱତ ସ୍ମୃତି ଭେଟି ଦେଇଛନ୍ତି । ପ୍ରତ୍ୟେକ ବ୍ୟକ୍ତି ମତେ ସେମାନଙ୍କୁ ଭଲ ପାଇବାର ସ୍ୱର୍ଗୀୟ ଆନନ୍ଦ ଅନୁଭବ କରିବାରେ ଯେଉଁ ସୁଯୋଗ ଦେଇଛନ୍ତି ସେଥିପାଇଁ ମୁଁ ସେମାନଙ୍କ ପାଖରେ କୃତଜ୍ଞ ।

ସମୟ ସହିତ ବୁଝିବି ଯାଇଛି ସମ୍ପ୍ରତି ସମାଜରେ ନିସର୍ତ୍ତ ପ୍ରେମ କେବଳ କାହାଣୀ ଓ ଚଳଚ୍ଚିତ୍ରରେ ମନୋରଞ୍ଜନ ପ୍ରଯୁଜ୍ୟ । ବାସ୍ତବ ଜୀବନରେ ଏହାର ପ୍ରୟୋଗ ନାହିଁ ବୁଝି ସାରିଛି ଯେଉଁ ପ୍ରେମରେ ଅପରପକ୍ଷରୁ କିଛି ପାଇବାର ଆଶା ନଥାଏ, ତାହା କେବେ ସମ୍ପୂର୍ଣ୍ଣତା ପାଇପାରିବ ନାହିଁ । ଜଣେ ଅପରପକ୍ଷରୁ ଧନ, ଭବିଷ୍ୟତ ସୁନ୍ଦର କରିବାର ସୁଯୋଗ ଅବା ଆଉ କିଛି ପାଇବାର ଆଶା ନଥିବ ତେବେ ସେ ସମ୍ପର୍କର ମୂଲ୍ୟ ତାହା ପାଇଁ କିଛି ନୁହେଁ । ତାହା ପାଇଁ ଅର୍ଥହୀନ । ସମୟ ସହିତ ଭଲ ପାଇବାର ସଂଜ୍ଞା ବି ବଦଳି ଯାଇଛି ।

କିନ୍ତୁ ମୁଁ ତାକୁ ଗ୍ରହଣ କରିପାରିନାହିଁ । ମୋ ସହିତ ଘଟୁଥିବା ବିରନ୍ତର ଜାରଣ ମଧ୍ୟ । ନା ମୁଁ ଧନ ବଳରେ ବଳିୟାନ ନା ଜନ ବଳରେ । ଗୁଡାଏ ଭଲ ପାଇବା ଅତ୍ମୀୟତା ଢ଼ାଳିଦେବା ଛଡା ଅନ୍ୟକୁ ଦେବା ପାଇଁ ମୋ ପାଖରେ ସେମିତି କିଛି ନାହିଁ । ଫଳତଃ ସମ୍ପର୍କ ତିଷ୍ଠି ରହିବାର ପ୍ରଶ୍ନ ବି ଉଠୁ ନାହିଁ । ତଥାବି ଲୋକମାନଙ୍କର ନିର୍ଲଜ ଶବ୍ଦକୁ ସହର୍ଷ ଗ୍ରହଣ କରି ମୁଁ ସ୍ନେହ କାଙ୍ଗାଳ ପରି ଖୋଜି ଚାଲିଛି ପ୍ରେମ ଗଢ଼ି ଚାଲିଛି ସମ୍ପର୍କ ବିରହ ଯନ୍ତ୍ରଣାକୁ ହଜମ କରିବା ଶକ୍ତିକୁ ବଢ଼ାଇ ଆଗକୁ ବଢ଼ି ଚାଲିଛି ।

ମୋର ଜୀବନର ସବୁଠାରୁ ବଡ ପୁଞ୍ଜି ମୋ ସ୍ୱାଭିମାନ । ପ୍ରତ୍ୟେକ ଅନୁକୂଳ ଓ ପ୍ରତିକୂଳ ସମୟରେ ମୋ ସ୍ୱାଭିମାନକୁ ମୁଁ ସର୍ବାଧିକ ପ୍ରାଧାନ୍ୟ ଦେଇଛି । ସମ୍ଭବତଃ ଏହା ମୋର ପାରିବାରିକ ସଂସ୍କାରର ଅଂଶ ବିଶେଷ । କୌଣସି ପରିସ୍ଥିତିରେ ମଧ୍ୟ ମୋ ସ୍ୱାଭିମାନ ସହିତ ସାଲିସ୍ କରିବା ମୋ ଦ୍ୱାରା ହୋଇନାହିଁ । କରିବାକୁ ଚାହିନାହିଁ ମଧ୍ୟ । କିନ୍ତୁ ସମ୍ପର୍କ ରକ୍ଷା କରିବା ସମୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଜୀବନରେ ଅନେକଥର ମୋ ସମ୍ମୁଖରେ ଏପରି ପରିସ୍ଥିତି ଆସିଛି ଯେଉଁଠାରେ ମତେ ସମ୍ପର୍କ ଓ ସ୍ୱାଭିମାନ ମଧ୍ୟରୁ ଯେକୌଣସି ଗୋଟାଏ ଚୟନ କରିବାକୁ ପଡିଛି । ପ୍ରତ୍ୟେକ ଥର ମୋ ଭଲପାଇବାକୁ ରକ୍ଷା କରିବା ପାଇଁ ମୋର ସବୁଠାରୁ ପ୍ରିୟ ମୋ ପାଇଁ ଦୁର୍ମୁଲ୍ୟ ସ୍ୱାଭିମାନକୁ ଜଳାଞ୍ଜଳି ଦେଇଦେଇଛି । କିନ୍ତୁ ଏହାର ଫଳ ସ୍ୱରୂପ ମତେ କୌଣସି ସୁଖପ୍ରଦ ପରିଣାମ ମିଳିନାହିଁ । ମୋ ସ୍ୱାଭିମାନକୁ ଅପରପକ୍ଷ ବଜାରରେ ମିଳୁଥିବା କୌଣସି ସାମାନ୍ୟ ବସ୍ତୁ ଠାରୁ ଆହୁରି ଶସ୍ତା ବିବେଚନା କରିଛନ୍ତି । ଯାହାକି ମୋ ହୃଦୟ ଚିରିଦେବା ପାଇଁ ଯଥେଷ୍ଟ ।

କିନ୍ତୁ ଏ ଯନ୍ତ୍ରଣା ଅସହ୍ୟ । ଏବେ ବି ପ୍ରଶ୍ନ ସେଇଠି ଅଟକି ରହିଛି, ଏସବୁ ପାଇଁ ଦାୟୀ କିଏ ? ମୋ ସହିତ ମୋ ଚାରିପାଖରେ ବାସ କରୁଥିବା ଅନ୍ୟ ମଣିଷଙ୍କର ଏ ସବୁ ଭାବନା ଏତେ ସୁ ନିୟନ୍ତ୍ରିତ କେମିତି ? ମୋ ଠାରେ କିଏ ସବୁ ଏ ଦୁର୍ବଳତା ଭରି ଦେଇଛି । ହୃଦୟ ନା ମସ୍ତିଷ୍କ ? ଏ ଅସହ୍ୟ ଯନ୍ତ୍ରଣା ପାଇଁ କାହାକୁ ଦାୟୀ କରିବି ? କାହାକୁ ଦେବି ମୁଁ ଦଣ୍ଡ ? କେମିତି ନିୟନ୍ତ୍ରଣ କରିବି ନିଜକୁ ? କେମିତି ଭଲ ପାଇବାର ଦୁଷ୍ପରିଣାମ ଠାରୁ ଓ ଆତ୍ମୀୟତା ବଢ଼ାଇ ବିରହ ବହ୍ନିରେ ଜଳିବା ଠାରୁ ନିଜକୁ ଦୂରେଇ ରଖିବି, କେବଳ ମସ୍ତିଷ୍କ କିମ୍ବା ହୃଦୟକୁ ଦୋଷ ଦେଲେ ଚଳିବ ନାହିଁ । ଏସବୁ ପାଇଁ ମୋର ପରିବାର ଓ ପରିବାରରୁ ପାଇଥିବା ସଂସ୍କାର ବି କିଛି ପରିମାଣରେ ଦାୟୀ । କାରଣ ମୋ ସଂସ୍କାର ମୋ ଠାରେ ଏହି ସବୁ ଭାବନାକୁ ଭରିଦେବାରେ, ଅନ୍ୟକୁ ଭଲ ପାଇବା ବାଣ୍ଟିବାରେ ଓ ସମ୍ପର୍କ ବଢ଼ାଇବାରେ ସବୁବେଳେ ପ୍ରୋତ୍ସାହିତ କରି ଆସିଛି । କେବେ ମୋତେ ରୋକିନାହିଁ । କେବେ ଆକଟ କରିନାହିଁ । ଅତି ସହଜରେ ମୋ ବୋଉ, ମୋ ସ୍ୱର୍ଗତଃ ବାପା, ମୋ ବନ୍ଧୁମାନଙ୍କୁ ଆମ ପରିବାରର ସଦସ୍ୟଭାବେ ଗ୍ରହଣ କରିନେଇଛନ୍ତି । ଏହା ମୋ ପାଇଁ ପ୍ରୋତ୍ସାହନ ନୁହେଁ ତ ଆଉ କଣ ? ଏତେ ବିରହ ଯନ୍ତ୍ରଣା ପରେ ମଧ୍ୟ, ଏତେ ପ୍ରତାରଣା ପରେ ମଧ୍ୟ ମୋ ପରିବାର ମୋ ସମସ୍ତ ନୂତନ ସମ୍ପର୍କକୁ, ପ୍ରତ୍ୟେକ ନୂତନ ବନ୍ଧୁତ୍ୱକୁ ସହର୍ଷ ଗ୍ରହଣ କରିଛନ୍ତି । ଯାହାକି ଏ ଦିଗରେ ପ୍ରେରଣା ଦେଇଛି । ସହାୟକ ମତେ ହୋଇଛି ଏମିତି ଯନ୍ତ୍ରଣାରେ ଜଳିବାରେ । ଏଥିପାଇଁ ମୋ ପରିବାରକୁ କୃତଜ୍ଞତା ଦେବି, ଧନ୍ୟବାଦ ଦେବି ନା ଏ ରାସ୍ତାରୁ ମତେ ବିରତ କରାଇବାରେ ସାମାନ୍ୟତମ ଚେଷ୍ଟା ନ କରିବା ପାଇଁ ଅଭିମାନ ଓ ଭର୍ତ୍ସନା କରିବି ? ଏହା ମୋ ପାଇଁ କୁଶିକ୍ଷା ନା ସୁଶିକ୍ଷା ? ଏ ପ୍ରୋତ୍ସାହନ ମତେ ଦୁର୍ବଳ ମଣିଷ କରି ଗଢ଼ି ତୋଳି ନାହିଁତ ? କଣ ଠିକ୍ କଣ ଭୁଲ୍ ମୁଁ କିଛି ବୁଝି ପାରୁନାହିଁ ।

ଏହି ପରିପ୍ରେକ୍ଷୀରେ ମୋର ବନ୍ଧୁ ମତେ ବୁଝେଇବାକୁ ଯାଇ କହେ ଶୁଣ – "ଯଦି ତୁମକୁ କିଏ ଭଲ ପାଏ ତେବେ ତାହା ତୁମର ଭାଗ୍ୟ କିନ୍ତୁ ଯଦି ତୁମେ କାହାକୁ ନିସର୍ତ୍ତ ଭଲ ପାଅ, ତେବେ ତାହା ତୁମର ବଡ ପଣ, ତୁମର ମହାନତା ।" ଏତେ ଯନ୍ତ୍ରଣା ପରେ ବି ଉପରୋକ୍ତ ବାକ୍ୟକୁ ପାଥେୟ କରି ମୁଁ ବଢ଼ି ଚାଲିଛି ଆଗକୁ । ତେବେ ଚେଷ୍ଟା ପରେ ବି ମୁଁ ଯଦି ଅନ୍ୟକୁ ଭଲପାଇବାରୁ ନିଜକୁ ରୋକି ପାରିନି ତେବେ ଏହାକୁ ଗ୍ରହଣ କରି ବାଣ୍ଟି ଚାଲିଛି ସ୍ନେହ, ବାଣ୍ଟି ଚାଲିଛି ପ୍ରେମ ଓ ଆତ୍ମୀୟତା । ପରବାୟ ନାହିଁ ଏ ସମାଜର ଏ ଯନ୍ତ୍ରଣାର ବିରହ, ପ୍ରତାରଣା ଯନ୍ତ୍ରଣାଠାରୁ ଅନ୍ୟକୁ ନିସର୍ତ୍ତ ଭଲ ପାଇବାର ଆତ୍ମସନ୍ତୋଷ ଯେ କେତେ ଅଧିକ ତାହା କେବଳ ମୁଁ ହିଁ ଜାଣିଛି । ମୁଁ ହିଁ ସାକ୍ଷୀ ସେ ଦିବ୍ୟ ଅନୁଭୂତିର । ହୃଦୟ, ମସ୍ତିଷ୍କ ଅବା ମୋ ପରିବାରର ସଂସ୍କାର ମୋର ତୁମକୁ ଦଣ୍ଡିତ କରିବାର ନିର୍ଣ୍ଣୟ ସଂପୂର୍ଣ୍ଣ ଭୁଲ୍‌ଥିଲା । ତୁମ ଭିତରେ ଯେ କେହିବି ମତେ ଏ ଭାବନାର ଅଧିକାରୀ କରାଇଛ ତାଙ୍କୁ ବିଶେଷ କୃତଜ୍ଞତା ।

ପ୍ରେମକରିବା ମଣିଷକୁ ପ୍ରକୃତି ଶିଖାଇଛି । ବଣରେ ମୟୂର

ଦୂର ଆକାଶର ଥିବା ମେଘକୁ ପ୍ରେମ କରେ । ତା ଆଗମାନେ ନାଚି ଉଠେ । ଏତେ ଦୂରରେ ଥାଇ ମଧ୍ୟ ଚନ୍ଦ୍ରମା ନିଜର ଜ୍ୟୋତ୍ସ୍ନାକୁ କଇଁ ଉପରେ ଢ଼ାଳି ଦେଇ ନିଜ ପ୍ରେମ ଦୁନିଆକୁ ଶିକ୍ଷାଦିଏ । ରସପାନ ପରେ ମଧ୍ୟ ଭ୍ରମର ପୁଷ୍ପକୁ ତ୍ୟାଗ କରି ଅନ୍ୟତ୍ର ଚାଲିଯାଏ । ପୁଷ୍ପ ରସ ବାଣ୍ଟିବା ଛାଡିନି । ମା ଗଙ୍ଗାଙ୍କୁ ଆମେ ମନୁଷ୍ୟ ଯେତେ ଆର୍ବଜନାରେ ଭର୍ତ୍ତି କଲେ ମଧ୍ୟ ସେ ତାଙ୍କ ଧାରାକୁ ରୋକିଦେଇ ନାହାନ୍ତି । ଆମର ପାପ ଧୋଇବା ଛାଡି ନାହାନ୍ତି । ନିଜର ପବିତ୍ରତା ବାଣ୍ଟିବା ଛାଡି ନାହାନ୍ତି । ଏହାତ ବାସ୍ତବ ପ୍ରେମ । ଏମାନେ କେହି ନିଜ ପ୍ରେୟସୀ ଠାରୁ କିଛି ପାଇବାର ଆଶା ରଖି ନାହାନ୍ତି । ନିଃସ୍ୱାର୍ଥ ଭାବେ ଖାଲି ଭଲ ପାଇ ଦୁନିଆକୁ ପ୍ରେମର ମହନୀୟ ନିଦର୍ଶନ ଦେଇଛନ୍ତି । ଯଦି ପ୍ରକୃତି ଭଲ ପାଇବା ବାଣ୍ଟିବାରେ ଦ୍ୱ୍ୟଧା ବୋଧ କରିନାହିଁ, ଏହାକୁ ଭୁଲ ମଣୁ ନାହିଁ, ତେବେ ମୁଁ କାହିଁକି ନିଜକୁ ରୋକିବି । ମୁଁ ଜାଣିଛି ପ୍ରକୃତି ଦେଉଥିବା ଶିକ୍ଷା କେବେ ଭୁଲ ହୋଇ ନପାରେ ।

- ୦ -

ସଭାପତି
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ଗଳ୍ପ ବିଭାଗ

ଅସ୍ପୃଶ୍ୟ

ଅମରେଶ ବିଶ୍ୱାଳ

ସାଇକ୍ରିଷ୍ଣାକୁ ମୁଁ ବୁଝେଇ ପାରିଲି ନାହିଁ ଯେ, ରାସ୍ତାକଡରେ ବର୍ଷ ବର୍ଷ ଧରି ଠିଆ ହୋଇଥିବା ଦୁଇଟି ପୁରୁଣା ଗଛର ବୟସ କେବେ ବି ସମାନ ନୁହେଁ । ଦିନେ ବଡ ଗଛଟିର ଛାଇରେ ଠୁକୁଠୁକୁ କରି ବଢ଼ିଥିବ ସାନ ଗଛଟି ବଡ ଏହାକୁ ଭୁଲି ଯାଇପାରେ, କିନ୍ତୁ ସାନ କେବେ ବି ନୁହେଁ ।

ସକାଳୁ ଭାଇ ଫୋନ୍ କରିଥିଲେ ଯେ, ରବିଶଙ୍କର ଯୋଉ ଇଞ୍ଜିନିୟରିଂ କଲେଜରେ ପଢ଼ିବାକୁ ସିଲେକ୍ଟ ହୋଇଛି ସେଟା ମୋ ଘର ପାଖରେ । ତେଣୁ ମତେ ତା'ର ଲୋକାଲ ଗାର୍ଡିଆନ୍ ହେବାକୁ ପଡିବ । ଆହୁରି ବି ଭାଇ କହିଲେ ଯେ, ରବିଶଙ୍କର ମୋ ଘରେ ମୋ ପାଖରେ ରହିଲେ ଭଲ ହେବ, କାରଣ ତା'ର ଦେଖାଶୁଣା କରିବା ସହଜ ହେବ । ଆଉ ତୃତୀୟ କଥାଟି ହେଲା, ଦରକାର ପଡିଲେ ମତେ କିଛି ଟଙ୍କା ବି ଦେବାକୁ ପଡିବ । ଆଠଲକ୍ଷ ଟଙ୍କା କିଏ, ଭାଇ କିଏ ?

ବାସ୍ କଥା ଏତିକି ଥିଲା । ସାଇକ୍ରିଷ୍ଣା ରାଗିଗଲା ଓ ଅନେକ କଥା କହିଲା, ଯାହା ହୁଏତ ଆମ ଦୁହିଁଙ୍କ ଦୃଷ୍ଟିକୋଣରୁ ଠିକ୍ ଲାଗୁଥିଲା, କିନ୍ତୁ ସେ ସବୁ କହିବା ଉଚିତ୍ ନଥିଲା । କିଛି କିଛି ସତକୁ ସତ ପରି କହିଲେ ତାହା ଆଉ ସତ ହୋଇ ରହେନି । ସେମିତି କିଛି କିଛି ମିଛକୁ ବାଗେଇକି କହିଲେ ତାହା ସତ ପରି ଲାଗେ । କଥା କହିବାର ଏ ଚାତୁରି ମୋ ବାରବର୍ଷ ପୁରୁଣା ପତ୍ନୀଙ୍କ ପାଖରେ କେବେ ନଥିଲା କି ଏବେ ବି ନାହିଁ । ସେ ବି ଗୋଟେ କିସମର ମଣିଷ ବୋଲି ଧରି ନିଆଯାଉ ।

ବାପା ଗଲାପରେ ଭାଇ ମତେ ମଣିଷ କରିଥିଲେ । ସେମିତି କିଛି ବିଶେଷ ସୁବିଧା ସୁଯୋଗ ଦେଇନଥିଲେ କି ତାଙ୍କ ପାଖରେ ସେମିତି କିଛି ଦେବାକୁ ନଥିଲା । କିନ୍ତୁ ଯାହା ଦେଇଥିଲେ, ତାହା ଥିଲା କେବଳ ଅନାବିଳ ଓ ନିଃସର୍ତ୍ତ ଶ୍ରଦ୍ଧା । ଏ ସବୁ ମୁଁ ବଡ ହେଲାପରେ ବୁଝିଲି । ବୁଝିଲା ପରେ ପ୍ରତି ମୁହୂର୍ତ୍ତରେ ସଚେତନ ଥିଲି, ଯେପରି ଭାଇଙ୍କ ମନ ଓ ସମ୍ମାନରେ କୌଣସି ଆଞ୍ଚ୍ ନଆସୁ । ପାଠଶାଠ ପଢ଼ିନଥିବା ଅଳ୍ପ ମଣିଷଟିଏ । ଚାହିଁଥିଲେ ମତେ ଘରର ଚାଷବାସରେ ଲଗେଇ ପାରିଥାନ୍ତେ । କିନ୍ତୁ ତାଙ୍କ ସାଧମତେ ସେ ମତେ ଉଡେଇ ଦେଇଥିଲେ ଖୋଲା ଆକାଶରେ । ମୁଁ ଖଣ୍ଡିଉଡା ଦେଲେ ଯିଏ ଖୁସି ହୋଇ ଯାଉଥିଲେ ସେ ଭାଇ ହିଁ ଥିଲେ । ତଳେ ପଡିଗଲେ ମତେ ନିଜକୁ କଷ୍ଟ ହେଉ ନଥିଲା କି ତଳେ ପଡିଗଲି ବୋଲି ଦୁଃଖ ନଥିଲା । ହେଲେ ପାଠଶାଠ ପଢ଼ିନଥିବା ଭାଇ କାଳେ ମୋ କଷ୍ଟ ସହି ପାରିବେନି ସେଥିପାଇଁ ମୋର ଡର ଥିଲା ।

ତୁ ତୋ ନିଜକୁ ଗଢ଼ । ନିଜ ଦେହରେ ପର ଯୋଡିଏ ଲଗା । ସେଥିରେ ବଳ ଦେ । ତା ପରେ ଉଡେଇ ଦେ ନିଜକୁ । ମୁଁ ତ ଶ୍ରୀଅକ୍ଷର ବିବର୍ଜିତ । ମତେ କ୍ଷମା କରିଦେ । ତୋ ପାଇଁ କିଛି କରି ପାରୁନି । ଜିତିଲେ ସବୁ ସୁଖ ତୋର । ଯେବେ ହାରିଯିବୁ ପଳେଇ ଆସିବୁ ମୋ ଛାତି ଉପରକୁ । ଏଇଠି ଅନେକ ଜାଗା ଅଛି ।

ଦିନେ ମତେ ଏମିତି କହିଥିଲେ ଭାଇ । ସେଦିନ ମୁଁ ଗାଁ ଛାଡି ସହରକୁ ଆସୁଥିଲି । ମତେ ଖୁବ୍ କାନ୍ଦ ମାଡିଥିଲା । ଭାଇ ପାଠ ପଢ଼ିନଥିଲେ, କିନ୍ତୁ ଜୀବନ ଦର୍ଶନ ତାଙ୍କର ଖୁବ୍ ମାର୍ମିକ । ମତେ ବେଳେବେଳେ ଲାଗେ, ତାଙ୍କ ଠାରୁ ଭଲ ପରାମର୍ଶଦାତା ମେତ ଆଉ କେହି ମିଳିବେନି । ତାଙ୍କ ଅଭିଧାନରେ ହିଁ କିମ୍ବା ନାଇଁ ଥାଏ । ମଝି ମଝିଆ ବାଟ ନାହିଁ ।

ଖାଇ ସାରି ଅଫିସ୍ ଯିବାକୁ ବାହାରିଲି । ଏଇ ମଉକାରେ ଭାର୍ଯ୍ୟାଳୟ ଛାଡି କାର୍ଯ୍ୟାଳୟ ଚାଲିଗଲେ ସୁବିଧା । କିଏ ଏତେ ତେରିମେରିରେ ପଶିବ । ଆମ ଗାଁରେ ଆଗରୁ ଅଧିକାଂଶ ଘରେ

ଭାଇମାନେ ଭିନ୍ନେ ହେଉନଥିଲେ । ସମସ୍ତଙ୍କର ଯୌଥ ପରିବାର ଥିଲା । ଏବେ କିନ୍ତୁ ସବୁ ମାଇକ୍ରୋ ଫ୍ୟାମିଲି । କେହି କାହା ସହ ରହିବାକୁ ଚାହୁଁ ନାହାଁନ୍ତି ।

ପ୍ରତି ମାସରେ ମୁଁ ମୋ ଦରମାରୁ ଭାଇଙ୍କ ପାଇଁ କିଛି କିଛି ପଠାଏ, ସ୍ତ୍ରୀକୁ ଲୁଚେଇ । କେବେକେବେ ସାଇକ୍ରିଷ୍ଣା ଏ ସବୁ ଜାଣେ, କିଛି କହେନି । କେବେକେବେ ବୁଲେଇକି କିଛି କିଛି କହେ । ମୁଁ ଶୁଣେନି । ଭାଇଙ୍କର ଅଭାବି ସଂସାର । ପୁଅଟିଏ ଝିଅଟିଏ । ଝିଅଟି ବାହା ବୟସର ହେଲାଣି । ପୁଅ ଇଂଜିନିୟରିଂ ପଢ଼ିବ, ଯାହାକୁ ନେଇ ଏବେ ସୃଷ୍ଟି ହୋଇଛି ମତାନ୍ତର ।

ସାଇକ୍ରିଷ୍ଣାର କହିବା କଥା, ଅଳ୍ପ ଅଳ୍ପ ସବୁଥର ଟଙ୍କା ତ ଦେଉଛ, ପୁଣି ଏତେ ଗୁଡାଏ ଟଙ୍କା ତାଙ୍କ ପୁଅ ପାଠ ପଢ଼ିବାକୁ ଦେଲେ ଆମେ ଚଳିବା କେମିତି ? ଆମ ପିଲାଟି ବି ସ୍କୁଲରେ ପଢ଼ିଲାଣି । ପୁଣି ପୁତୁରା ରବିଶଙ୍କର ଆସି ଏଇଠି ରହିବ, ଆମ ଘରେ, ଯାହାକୁ ନେଇ ସାଇକ୍ରିଷ୍ଣାର ଅନ୍ତର ଜ୍ୱଳନା ପୁତୁରାଟା ପାଖରେ କି ପ୍ରାଇଭେସି ଯେ ।

ଗାଡିଟା ବଦଳେଇବାକୁ ପଡିବ । ଆଠବର୍ଷ ହେଲାଣି । କେଁ କାଁ ହେଇ କାମ ମାଗିଲାଣି । ମୋ ପାଇଁ କିଛି ସମସ୍ୟା ନାହିଁ, ପିଲା ପରିବାର ନେଇକି ଗଲେ ବେଳେବେଳେ ଲାଜ ମାଡେ । ଦୁନିଆରେ କୋଉ ଶଳାର କଣ ଅଛି ଯେ, ମୋର ନାହିଁ । ଭାଇଙ୍କ ମୁହଁ ଦିଶି ଯାଉଛି । କେନାଲ ବନ୍ଧରେ ଗାଡି ଗଡୁଛି । ଗାଁ କଥା ମନେ ପଡୁଛି । ଏସି ବନ୍ଦ କରି କାଚ ଖୋଲିଦେଲି । ମୋବାଇଲ୍ ବାହାର କରି ଡାଟା ଅନ୍ କଲି ଓ ୟୁ-ଟ୍ୟୁବ୍ ଖୋଲି ଲଗେଇଲି ମୋର ପ୍ରିୟ ଗୀତ – ଜୀବନ ପାତ୍ର ମୋ ଭରିଛ କେତେ ମତେ, ନଦେଲ କିଛି ବୋଲି କହିବି କି ହେ ଆଉ...

ଗୋଟେ ଲୋକ ଆଜୀବନ କଷ୍ଟ ପାଇଲା, ଈଶ୍ୱର ତାକୁ ସବୁ ଦେଇ ସବୁ ଛଡେଇ ନେଲେ । ତଥାପି ଦୁଃଖ ବୋଲି କିଛି ନିଜର ନାହିଁ ତା'ର । ଦୁଃଖର ପାହାଡ ଉପରେ ବସି, ସେ ପୁଣି ଲେଖିଲା ଏଇ କାଳଜୟୀ ଗୀତ, ଜୀବନ ପାତ୍ର ମୋ...

ଅର୍ଥାତ୍, ହେ ଈଶ୍ୱର, ତମେ ମତେ ଏତେକଥା ଦେଇଛ, ପୁଣି ମୁଁ କୋଉ ମୁହଁରେ କହିବି ଯେ, ମତେ କିଛି ଦେଇନ ବୋଲି ? ଗୀତଟି ଅନେକ ଥର ଶୁଣିଚି, କିନ୍ତୁ ଏବେ ମୋ ଆଖିକୁ ଲୁହ ଆସିଗଲା । ଗାଡି ସାଇଡ୍ କରି ମନଭରି କାନ୍ଦିଲି କଇଁ କଇଁ ହୋଇ । ଟିକେ ପବନ ଖାଇଲି । ରୁମାଲରେ ଲୁହ ପୋଛିଲି ।

ମଣିଷଟିଏ ଜୀବନ ସାରା ଖାଲି ଭାବେ, ଏଟା ନାହିଁ, ସେଟା ନାହିଁ, ଏଇଟା ଥିଲେ ଟିକିଏ ଭଲ ହୋଇଥାନ୍ତା, ସେଟା ନାହିଁ ବୋଲି ମୁଁ ଫେଲ୍ ହେଲି । କିନ୍ତୁ କେବେବି ଭାବେନି ଯେ, ମୋ ପାଖରେ କେତେ କଥା ଅଛି ସତେ ! ବେଳେବେଳେ ମୋତେ ମନେହୁଏ, ସୁଖ ଏକ ମାନସିକତା, ଯେମିତି ବୟସ କେବଳ ଏକ ସଂଖ୍ୟା ।

॥ ୨ ॥

ଲେଭେଲ୍ କ୍ରସିଂ ପାର ହେଲାପରେ ଯୋଉ ଲୋକ ଦୁଇଟା ଅଟୋକୁ ହାତ ଦେଖୋଉଥିଲେ ମୋର ସେମାନଙ୍କ ପ୍ରତି ହଠାତ୍ ସମବେଦନା ଜାତ ହେଲା । ମଣିଷ ଯେତେବେଳେ ନିଜେ ନିଜ ଭିତରେ ଅସନ୍ତୁଷ୍ଟ ଥାଏ, ସେତେବେଳେ ବୋଧେ ସେ ଅନ୍ୟ ମଣିଷକୁ ସନ୍ତୁଷ୍ଟ କରିବାକୁ ଚାହେଁ ।

କୋଉଠିକି ଯିବ ?

ମୁଁ ସେମାନଙ୍କ ପାଖରେ ଗାଡି ରଖିଲି । ସେମାନେ ଥିଲେ ଅଢ଼େଇ ଜଣ । ଜଣେ ପୁରୁଷ, ଜଣେ ସ୍ତ୍ରୀ ଲୋକ ଏବଂ ସେମାନଙ୍କ କଅଁଳା ଶିଶୁଟିଏ । ଲାଗୁଥାନ୍ତି ଖୁବ୍ ଗରିବ ଓ ଅନୁନ୍ନତ ଶ୍ରେଣୀର । ମଣିଷର ଚେହେରା ଓ ବାହ୍ୟ ଆବେଶ ଯଦିଓ ତା'ର ସାମାଜିକ ପ୍ରତିପତ୍ତିକୁ ବ୍ୟକ୍ତ କରିପାରେ ବୋଲି କହିବା ଠିକ୍ ନୁହେଁ, କିନ୍ତୁ ଏହା ଅନେକାଂଶରେ ସତ ପ୍ରମାଣିତ ହୁଏ । ଏମାନେ ପାଖ କୌଣସି ବସ୍ତିର ହୋଇଥିବେ ନିଶ୍ଚୟ । ସେମାନେ ହାତ ଦେଖେଇଥିବା ଅଟୋଟି ଆଦୌ ନ ଅଟକି ପଳେଇଲା ଖୁବ୍ ଜୋରରେ । ଯେମିତି ଅଟୋବାଲା ଏମାନଙ୍କୁ ଆଦୌ ଦେଖି ପାରିଲାନି । ମୁଁ ସେମାନଙ୍କ ପଛରେ ଥିଲି, ତେଣୁ କାହିଁକି କେଜାଣି ଇଚ୍ଛା ହେଲା ସେମାନଙ୍କୁ ନେଇଯିବାକୁ ମୋ କାର୍‌ରେ । ନେଇଗଲେ ବି ଅସୁବିଧା କ'ଣ ?

କୋଉଠିକି ଯିବ ? ମୋ ଗାଡିରେ ବସ ନେଇଯିବି ।

ମୁଁ ଦରକାର କାଚ ନଖୋଲି ଗାଡି ଭିତରେ ଥାଇ ସେମାନଙ୍କୁ ପଚାରୁଥିଲି । ତେଣୁ ସେମାନେ ଆଦୌ ମୋ କଥା ଶୁଣିପାରୁ ନଥିଲେ ନିଶ୍ଚୟ । ଖୁବ୍ ଅପ୍ରସ୍ତୁତ ହେଉଥିଲେ ସେମାନେ ତାଙ୍କ ପାଖରେ କାର୍‌ଟିଏ ଠିଆ ହେବା ଦେଖି । ହେବାବି ସ୍ୱଭାବିକ । ଆମ ଭିତରେ ବହୁତ ଅର୍ଥନୈତିକ ଓ ସାମାଜିକ ପାର୍ଥକ୍ୟ ଥିଲା । ତା ପରେ ମୁଁ ସେମାନଙ୍କ ପାଇଁ ଖୁବ୍ ଅପରିଚିତ ଥିଲି, ଯେମିତି ସେମାନେ ଥିଲେ

ମୋ ପାଇଁ । ଧୀରେ ଧୀରେ ଆମର ଏ ଦୁନିଆ ଏତେ ବିଶ୍ୱାସହୀନ ହୋଇପଡିଛି ଯେ, କେବେ ଯଦି ସତରେ କାହାକୁ କିଏ ସାହାଯ୍ୟ ପାଇଁ ହାତ ବଢ଼େଇଲା ତେବେବି ତାକୁ କେହି ବିଶ୍ୱାସ କରିପାରନ୍ତି ନାହିଁ ।

କାଚ ଖୋଲି ପୁଣି ମୁଁ ସେମାନଙ୍କୁ ମୋ ଗାଡିରେ ବସିବାକୁ କହିଲି । ମୋ ଅନୁରୋଧ ଶୁଣି ସେମାନେ ପରସ୍ପରକୁ ଅନେଇଲେ ଓ କିଛି ବୁଝି ପାରୁନଥିବା ପରି ଆଚରଣ ଦେଖାଇଲେ ।

ଡରନି । ପଛରେ ବସ, ମୁଁ ତୁମକୁ ଛାଡିଦେବି ।

ସେମାନେ ଧୀରେ ଧୀରେ ସହଜ ହେଉଥିଲେ । ମୋ ଉଦ୍ଦେଶ୍ୟ ସେମାନେ ବୁଝି ସାରିଥିଲେ । ଏବେ ହଠାତ୍ ସେମାନେ ନିଷ୍ପତ୍ତି ନେଇପାରୁ ନଥିଲେ ଯେ, ମୋ ସହ ସେମାନେ ଯିବା ଉଚିତ୍ ନା ନାହିଁ । ସେମାନଙ୍କଠାରୁ ସମ୍ଭ୍ରାନ୍ତ ଦିଶୁଥିବା ଓ ଅଧିକ ଭଦ୍ର ଓ ଶିକ୍ଷିତ ଲାଗୁଥିବା କୌଣସି ଜଣେ ଅପରିଚିତ ମଣିଷର ଏପରି ଅପ୍ରତ୍ୟାଶିତ ଲୋକନୀୟ ପ୍ରସ୍ତାବରେ ସେମାନେ ଅପ୍ରସ୍ତୁତ ହେବା ଓ ଲାଜ କରିବା ସ୍ୱଭାବିକ ଥିଲା ।

ଆରେ ଡରୁଚ କାହିଁକି ? ମୁଁ କିଛି କରିବିନି । ବସ ।'

ଷ୍ଟିଅରିଂ ଉପରେ ଉହୁଙ୍କି ପଡି ମୁଁ ସେମାନଙ୍କୁ ଭରସା ଦେଲି । ସେତେବେଳକୁ ତାଙ୍କ ଛୋଟ ଛୁଆଟି ମୋ ଗାଡିର କାଚକୁ ଚାଟୁଥିଲା ଓ ତା କୁନି ହାତରେ ବାଡୋଉଥିଲା । ତା ମାଆ ତାକୁ ସମ୍ଭାଳିବାକୁ ଭୁଲି ଯାଇଥିଲା । ସେମାନେ ଧୀରେ ଧୀରେ ହସିବା ଆରମ୍ଭ କରିଥିଲେ । ସେ ହସ ଥିଲା କୃତଜ୍ଞତାର ହସ । ଈଶ୍ୱରଙ୍କ ଉପରେ ଖୁସି ହୋଇଯିବାର ହସ । ଆତ୍ମବିଶ୍ୱାସର ହସ । କିଛି ନ ମାଗି ମଧ୍ୟ ଜୀବନରେ କିଛି ପାଇ ଯାଇଥିବାର ହସ ।

ପଛ ଡୋର୍ ଖୋଲିକି ବସି ପଡ ।

କିନ୍ତୁ ସୋମନେ କାର୍‌ର ଡୋର୍ ଖୋଲିବାରେ ଅଭ୍ୟସ୍ତ ନଥିଲେ । ମୋର ହଠାତ୍ ମନେପଡିଲା ଏ କଥା । ତେଣୁ ମୁଁ ପଛକୁ ଉହୁଁଙ୍କି ଯାଇ ଡୋର୍ ଖୋଲି ଦେଲି ଓ ସେମାନେ ଜଣ ଜଣ କରି ଭିତରକୁ ଚାଲି ଆସିଲେ ।

ସେତେବେଳକୁ ଧୀରେ ଧୀରେ ବର୍ଷା ବି ଆରମ୍ଭ ହୋଇ ଯାଉଥିଲା । ଝିପି ଝିପି ବର୍ଷାରେ ସେମାନଙ୍କ ମୁଣ୍ଡରେ କାକର ଟୋପା ପରି ପାଣିବୁନ୍ଦା ସବୁ ଫୁଲ ଫୁଟିବା ପରି ବିଛେଇ ହୋଇ ବସି ଯାଇଥିଲେ । ସେମାନେ କାର୍ ଭିତରେ ବସି ଡୋର୍ ପକେଇଲେ । ମୁଁ ୱାଇପର୍ ଅନ୍ କଲି । ଗାଡି କାଚରେ ଜମି ଆସୁଥିବା ବର୍ଷାବୁନ୍ଦା ସବୁ ସଫା ହୋଇଗଲେ । ଇଚ୍ଛା ହେଉଥିଲା, ସେମାନଙ୍କ ମୁଣ୍ଡରେ ବି ଗୋଟେ ୱାଇପର ଲାଗିଥାନ୍ତା କି, ଯାହାକୁ ଚଲେଇ ଦେଲେ ତିନିଜଣଙ୍କ ମୁଣ୍ଡରୁ ପାଣିବୁନ୍ଦା ସବୁ ପୋଛି ହୋଇଯାଆନ୍ତା ଆପେ ଆପେ । ୱାଇପର ଚାଲିବା ପରେ ମତେ ରାସ୍ତାଟା ପରିଷ୍କାର ଦିଶିଲା । ସେମାନଙ୍କ ମନରେ ଜମିଥିବା ସନ୍ଦେହ ବି ସେତେବେଳକୁ ପରିଷ୍କାର ହୋଇ ସାରିଥିଲା ଓ ସେମାନେ ଖୁବ୍ ସହଜ ଲାଗୁଥିଲେ ।

କୋଉଠିକି ଯାଉଚ ?

ଗାଡିକୁ ଥାର୍ଡ ଗିଅରକୁ ଠେଲି ସେମିତି ଆଗକୁ ଅନେଇ ସେମାନଙ୍କୁ ପଚାରିଲି । ସେତେବେଳକୁ ଗାଡି ଭିତର ସାରା ସେମାନଙ୍କ ଦେହର ଗନ୍ଧ ଖେଳି ସାରିଥିଲା । ନିଆଁ ଲାଗିଥିବା କୌଣସି ଏକ ଅଳିଆ ଗଦାରେ ଝିପି ଝିପି ବର୍ଷା ପଡିଗଲା ପରେ ଯେଉଁ ଧୂଆଁ ବାହାରେ ସେମିତି ଥିଲା ଏମାନଙ୍କ ଦେହର ଗନ୍ଧ । ତାଙ୍କ ପୁଅଟି କିମ୍ବା ଝିଅଟି, ଗୁଲୁରୁ ଗୁଲୁରୁ କଥା କହି ଗାଡି ଭିତରର ସିଟ୍ ଓ ଅନ୍ୟ କିଛି ଜିନିଷକୁ, ଯାହା ତାକୁ ଆକର୍ଷଣୀୟ ଲାଗୁଥିଲା ନିଶ୍ଚୟ, ସେ ସବୁକୁ ଟଣାଓଟରା କରୁଥିଲା ଓ ପାଟିରେ ପୂରେଇବାକୁ ଚାହୁଁଥିଲା । ମୁଁ ବେଳେବେଳେ ପଛକୁ ଅନେଇ ସେମାନଙ୍କୁ ସହଜ କରିବାକୁ ଚାହୁଁଥିଲି ଓ କଥା ହେବାକୁ ଚେଷ୍ଟା କରୁଥିଲି । ସେମାନେ ବି ।

'ବ୍ୟାଙ୍କ ଯାଉଛୁ ବାବୁ ।'

ପୁରୁଷ ଲୋକଟି କହିଲା, ସିଟ୍‌କୁ ଖାଉଥିବା ତା ପୁଅ କିମ୍ବା ଝିଅକୁ ବାରଣ କରୁ କରୁ ।

'ତମର ଇଏ ପୁଅ ନା ଝିଅ ?'

'ପୁଅ ବାବୁ ।'

ସ୍ତ୍ରୀ ଲୋକଟି ତା ଖେଳୁଥିବା ପୁଅଟିକୁ ଟାଣିକି କୋଳକୁ ନେଇଗଲା । ବୋଧହୁଏ ପିଲାଟିର ଚଗଲାମୀ ପାଇଁ ମୁଁ ବ୍ୟସ୍ତ ହେଉ ବୋଲି ସେ ଭାବିଥିବ କିମ୍ବା ପିଲାଟି ବିଷୟରେ ମୋର ଆଗ୍ରହ ଦେଖି ସେ ଡରି ଯାଇଥିବ । ମାତୃତ୍ୱର ଏଇ ଅସୁରକ୍ଷିତ ପଟ ଦେଖିବାର କଥା । କେତେ ପୋଜେସିଭ୍ ।

'ତମ ନାଁ କଣ ?'

'ମୋ ନାଁ ସନକ ଓ ମୋ ସ୍ତ୍ରୀ ନାଁ ଟିକିଲି ।'

'ଆଉ ପୁଅର ନାଁ ?'

'ତା ନାଁ ବୁଟୁନା ବାବୁ ।'

'ଆରେ ! ତା'ର ଗୋଟେ ଭଲ ନାଁ ତ ଥିବ ?'

ମୋ କଥା ଶୁଣି ସନକ ଓ ଟିକିଲି ପରସ୍ପରର ମୁହଁ ଚାହାଁ ଚୁହିଁ ହେଲେ । ମୋର ମନେହେଲା, ଯୋଉଠି ମଣିଷ ଜୀବନ ସାରା ନିଜ ପେଟ ଚିନ୍ତାରେ ସମୟ କାଟିଦିଏ, ସେଠି ଗୋଟିଏ ମଣିଷର ଏତେ ନାଁ କୋଉ ସୁଖରେ ବା ରଖିବ । ମୁଁ ସେମାନଙ୍କୁ ଏମିତି ପଚାରିବାର ନଥିଲା । ବୋଧହୁଏ ତାଙ୍କ ପୁଅର ସେଇ ଗୋଟିଏ ହିଁ ନାଁ ।

'ବ୍ୟାଙ୍କ କାହିଁକି ଯାଉଚ ?' ମୁଁ ପଚାରିଲି ।

'ଟଙ୍କା ଉଠେଇବୁ ବାବୁ । ଘର କରିମୁ । ସନକ କହିଲା ।
ତମ ଘର କୋଉଠି ?'

'ଏଇଠି ବାବୁ, ଏଇ କେଳା ସାଇରେ ।'

'ଆଚ୍ଛା । ତମେ ଜାତିରେ କେଳା ? ସାପ ରଖିଚ ?'

'ନାଇଁ ବାବୁ । ଆଗରୁ ମୋ ବାପା ରଖିଥିଲା ।'

'ତମେ ରଖିଲନି ?'

ନାଇଁ ବାବୁ ତାକୁ ଆମେ ପାଳି ପାରିମୁନି । ସାପ ରଖିଲେ ସରକାର ବାନ୍ଧିବ ବୋଲି କହିଲେ ।'

'ତେବେ କୁଆଡେ ଗଲା ସେ ସାପ ?'

'ବାପା ବଣରେ ଛାଡିଦେଲା । ଚାରିଟା ସାପ ଥିଲା ଆଜ୍ଞା ଆମର । ପୁଅ ଝିଅ ପରି ବାପା ରଖିଥିଲା ସେମାନଙ୍କୁ । ଖୁବ୍ ଭଲ ପାଉଥିଲା । ଯୋଉଦିନ ଛାଡିଲା, ସେଦିନ ଚିନ୍ତାରେ ବାପାକୁ ଜର ହେଇଗଲା । ସେଇ ଯେ ପଡିଲା ଆଉ ଉଠିଲାନି ।'

'ଓଃ ।'

ଖୁବ୍ ମର୍ମାନ୍ତିକ ଥିଲା ସନକର ଏ କଥା । ସାପଙ୍କ ସହ ଏତେ ଆତ୍ମୀୟତା ବିଷୟରେ ମୋର ଆଗରୁ ଆଦୌ ଧାରଣା ନଥିଲା । କେବଳ ଶୁଣିଥିଲି ଏ ଅଂଚଳର କେଳାମାନେ ସାପ ଖେଳ ଦେଖେଇ ଗାଁରୁ ମାଗିଯାଚି ଚଳୁଥିଲେ । କିଛି ସମୟ ଯାଏ ମତେ ସେମାନଙ୍କୁ କିଛି ପଚାରିବାକୁ ଭଲ ଲାଗିଲାନି । ବାହାରେ ତଥାପି ଝିପିଝିପି ବର୍ଷା ଲାଗି ରହିଥିଲା । ଭଲହେଲା ସନକ ଓ ଟିକିଲି ମୋ ସହ ପଳେଇ ଆସିଛନ୍ତି । ନହେଲେ ଭିଜିବା ନିଶ୍ଚିତ ଥିଲା । ବିଶେଷ କରି ସେମାନଙ୍କ ପିଲାଟି ।

'ତମକୁ ସରକାର ତ ଘର ଦେଉଥିବ । ଇନ୍ଦିରା ଆବାସ କି ରାଜୀବ ଆବାସ । ତମ କାଉନସିଲରକୁ କହୁନ ।'

'ଗୋଟେ ମିଳିଚି ବାବୁ । ହେଲେ ସେଥିରେ ଜାଗା ହଉନି ସମସ୍ତଙ୍କୁ ।' 'କାହିଁକି ? ତମ ଘରେ କିଏ କିଏ ଅଛନ୍ତି କି ?'

'ଆମେ ଚାରିଭାଇ ବାବୁ ।'

'ଅନ୍ୟମାନେ ?'

'ବାପା ମା ନାହାଁନ୍ତି । କେବେଠୁ ଖରାପ ହେଇ ଯାଇଛନ୍ତି । ବଡଭାଇ ତା ସ୍ତ୍ରୀ ବୁଦ୍ଧିରେ ଗଲା । ତା ତଳେ ଦୁଇଭାଇ । ତା ପରେ ମୁଁ ।'

'ମଝିଆଁ ଦୁଇଭାଇଙ୍କୁ ବି ତ ଘର ଗୋଟେ ଲେଖାଏଁ ମିଳିପାରିବ ।'

'ନାଇଁ ଆଜ୍ଞା, ସେମାନେ ବି ମୋ ପାଖରେ ରହୁଛନ୍ତି । ଛୋଟ ଲୋକ ଦିଇଟା ।'

'ମାନେ ? ସେମାନେ ବାହାସାହା ହୋଇନାହାଁନ୍ତି ? କ'ଣ କାମ କରନ୍ତି ସେମାନେ ? କିଛି ତ ରୋଜଗାର କରୁଥିବେ ନିଶ୍ଚୟ ?'

'ନାଇଁ ଆଜ୍ଞା, ଛୋଟାଙ୍କୁ କିଏ ବାହା ହବ ? ମୋରି ପାଖରେ ରହୁଛନ୍ତି ।'

'ଆରେ ! ସେମାନେ ପୁଣି ଚଳୁଛନ୍ତି କେମିତି, ରହୁଛନ୍ତି କୋଉଠି ?'

'ମୁଁ ଚଳୋଉଚି ବାବୁ । ମୋ'ରି ଭାଇ ଦିଇଟା । କୁଆଡେ ଯିବେ । ଛୋଟା ହେଲେ ବୋଲି କଣ ପିଙ୍ଗି ଦେବି । ଆଗରୁ ମୁଁ ଏକା ରାଜମିସ୍ତ୍ରୀ କାମ କରୁଥିଲି, ସେଇ ଭାଇମାନଙ୍କ ପାଇଁ ଏବେ ମୋ ସ୍ତ୍ରୀ ବି ଲୋକଙ୍କ ଘରେ କାମ ଦାମ କରି କିଛି ରୋଜଗାର କରୁଛି । କିଛି ଅସୁବିଧା ହେଉନି ଭଗବାନଙ୍କ ଦୟାରୁ ।'

'ଓହୋ !'

'ସେଇମାନଙ୍କ ପାଇଁ ଗୋଟେ ଛୋଟ ଘର କରିଦେବି ଭାବୁଛି । କାଉନସିରକୁ କହିଥିଲି ଯେ, ହେଲେ ସେମାନେ କାହିଁକି ଆମ କଥା ଶୁଣିବେ । ଭାଇ ଦିଇଟାଙ୍କ ଦୁଃଖ ମୋ ଆଖିରେ ଆଉ ଯାଉନି । ମୁଁ କୋଠାରେ ରହିବି ଆଉ ସେମାନେ ଚାଳଘରେ ରହିବେ, ଏଟା ଅସୁନ୍ଦର ଦିଶୁଚି ମତେ ।'

ଖୁବ୍ ଛୋଟ ଲାଗୁଥିଲା ନିଜକୁ ସନକ ଓ ଟିକିଲିଙ୍କ ପାଖରେ । ଛାତି କେତେ ବଡ ହେଲେ ଜଣେ ଏକ କଥା କହିପାରେ, ତାହା ମୋ କଳ୍ପନାର ବାହାରେ ଥିଲା । ଇଚ୍ଛା ହେଉଥିଲା, ଗାଡି ରଖିକି ସନକର ଗନ୍ଧୋଉଥିବା ଦେହଟାକୁ ଟିକେ କୁଣ୍ଢେଇ ପକାନ୍ତି । ତା ଛାତିରେ ମୁହଁ ଗୁଞ୍ଜି ଟିକେ କଇଁ କଇଁ ହେଇ କାନ୍ଦନ୍ତି । ତା ପାଦତଳେ ପଡି ତାକୁ ଈଶ୍ୱରଙ୍କ ପରି ଟିକେ ମୁଣ୍ଡିଆ ମାରନ୍ତି । କହନ୍ତି, ମୁଁ ଆଉ

ଜେବେ ମନ୍ଦିର ଯିବିନିରେ ସନକ । କୋଉ ଦିଅଁ ହେଲେ ମଣିଷମାନଙ୍କୁ ଏମିକି ହୃଦୟଟିଏ ଦେଇଦିଅନ୍ତା ଦାନରେ । ଛୋଟଲୋକ ତୁ ନୁହେଁ, ମୁଁ ।

ବ୍ୟାଙ୍କ ଛକ ଆସି ଯାଇଥିଲା । ସନକର ହୃଦୟଖୋଲା କଥା ପଦକ ମତେ ଚୁପ୍ କରି ଦେଇଥିଲା । ବାହାରେ ବର୍ଷା ଥମି ଯାଇଥିଲା, କିନ୍ତୁ ମୋ ଭିତରେ ବର୍ଷୁଥିଲା ନିରନ୍ତର । ମୁଁ ମୋ ଗାଡି ଡ୍ରା'ରୁ ଗୋଟେ ଚକୋଲେଟ୍ ବାହାର କରି ସନକ ଓ ଟିକିଲିଙ୍କ ପୁଅକୁ ଧରେଇଲି । ତା ମୁଣ୍ଡରେ ଟିକେ ହାତ ବୁଲେଇ ମନେ ମନେ କହିଲି, ତୁ ଭାଗ୍ୟବାନରେ ପିଲା, ନିଷ୍ପାପ ଭଲ ପାଇବା ଭିତରେ ତୁ ଜନ୍ମ ହେଇଛୁ ।

'ମୋ ଭାଇମାନେ ଯାକୁ ଖୁବ୍ ଭଲ ପାଆନ୍ତି ସାର୍ । ସେ ସିନା ଆମ କୋଳରେ ଜନମ ନେଇଛି, କିନ୍ତୁ ସେଇ ବଡବାପା ଦୁହେଁ ତା ଜୀବନ । ସେମାନେ ଏବେବି ମତେ ଛୁଆଟିଏ ପରି ଦେଖନ୍ତି, ସାନଭାଇ ନୁହେଁ । ମୁଁ ବଡ ହୋଇଗଲା ପରେ ବୋଧେ ସେମାନେ ମୋ ପୁଅ ଭିତରେ ମତେ ଦେଖୁଛନ୍ତି । ସେମାନଙ୍କୁ କେମିତି ଅଲଗା କରି ଦେଖିବି ବାବୁ କୁହ ।'

ସନକ ପ୍ରଶ୍ନର ଉତ୍ତର ଫେରେଇବାର ଶକ୍ତି ମୋର ନଥିଲା । ସେମାନେ ଗାଡିରୁ ଓହ୍ଲେଇଲେ ଓ ହାତ ଯୋଡି ମତେ କୃତଜ୍ଞତା ଜଣେଇଲେ । ମୋର ଇଚ୍ଛା ହେଉଥିଲା ସେମାନଙ୍କୁ ମୁଁ କୃତଜ୍ଞତା ଟିକେ ଜଣାନ୍ତି, ମୋ ଭିତରେ ଦିବ୍ୟଜ୍ଞାନ ଟିକିଏ ଭରି ଦେଇଥିବାର । ଭଲ ପାଇବାର ମନ୍ତ୍ର ଟିକିଏ ମତେ ଦେଇଥିବାରୁ । କିନ୍ତୁ ମୁଁ ଆଉ ଗାଡିରୁ ଓହ୍ଲେଇ ପାରିଲିନି । ସେମାନେ ରାସ୍ତା ପାର ହେଲେ ଓ ଆରପଟ ଗଳିରେ ଲୁଚି ଗଲେ ଧୀରେ ଧୀରେ ।

ମୁଁ ଗାଡି ଷ୍ଟାର୍ଟ କଲି ଓ ଭାଇକୁ ଫୋନ୍ ଲଗେଇଲି ।

- ୦ -

ପ୍ଲଟ୍‌ନଂ - ୫୨୫/୧୨୬୦୩, ସମେଇଗାଡିଆ,
ପୋ: ରସୁଲଗଡ, ଭୁବନେଶ୍ୱର - ୭୫୧୦୧୦
ମୋ: ୯୮୬୧୪୧୫୩୭୭

ମୋ ସତ ସ୍ୱପ୍ନ

ଅବିନାଶ ପାଣି

ଆଖିରେ ଆଖି ନିଦ । ଜମା ମନ କରୁନଥିଲା ଶେଯରୁ ଉଠିବାକୁ । ମୋବାଇଲ ତା ଚାର୍ଜର ପ୍ଲଗ୍‌ର କାଢ଼ି ଦେଖେ ତ ସକାଳ ୬ ଟା ୨୨ । ପୁଣି ଥରେ ମନ କଲି ଶୋଇପଡିବି, ହେଲେ ନଜର ପଡିଗଲା ଝରକା ସେପାଖକୁ । ନିର୍ବିକାର ଭାବରେ କାହାରିକୁ ଖାତିର ନ କରି ବର୍ଷି ଚାଲିଛି । କିନ୍ତୁ କାହାରିକୁ ହଇରାଣ କଲା ଭଳିଆ ନୁହେଁ ସାରା ଆକାଶକୁ ଧୂଆଁମୟ କରିଦେଇ ଛାଟି ଚାଲିଛି । ସତେ ଅବା ଯେମିତି କେହି ପାଣି ସ୍ପ୍ରେ କରୁଛି । ବୋଧେ ରାତି ସାରା ଏମିତି କାହାକୁ ନା ଜଣେ ପଶି ଆସିଛି କୁଣିଆ ଭଳିଆ । ଆହା । ଝରକାଟା ବନ୍ଦ କରି ନଥିଲି ଯେ ପଢ଼ା ଟେବୁଲ୍ ଉପରେ ପଡିଥିବା କାଗଜ ଗୁଡା ସବୁ ଓଦା ହୋଇ କୋତରା ହେଇ ଗଲାଣି ।

ଚାଲି ଗଲି ଝରକା ପାଖକୁ... ସ୍ଲାଇଡିଂ ଝରକାଟା ତ, ଭିତର ଆଡୁ ଦେଇ ହଉନି । କେଜାଣି କେତେ ଜଣ ଏ ରୁମ୍‌ରେ ରହିଥିବେ, କିନ୍ତୁ ମତେ ଭାରି ଭଲ ଲାଗୁଚି ମୋ ରୁମ୍‌ଟା । ଝରକାର ଗୋଟେ କୋଣରୁ ଚାହିଁ ଦେଖେ ତ.... ଯେମିତି ଆଖି ଆଗରେ ଗୋଟେ ଧୂଆଁଳିଆ ଆସ୍ତରଣ ପଡି ଯାଇଛି । ଆରେ, ସତରେ ଏମିତି.... ନା ଇଏ ମୋ ଭ୍ରମ ।

ଏଠି ମୋର ଏଇଟା ପ୍ରଥମ ସକାଳ ଆଉ ପ୍ରଥମ ବର୍ଷା । କାଇଁ କେବେ ତ ଆମ କଟକରେ ଏମିତି ହବା ଦେଖିନି । ହଁ... କଳା ମେଘ ଘୋଟି ଆସେ ଆଉ ମାଠିଆ ମୁହଁରେ ଅଜାଡି ଦେଲା ଭଳିଆ ବର୍ଷିଯାଏ ।

ମୋ ଆଖି ଧୋକା ଖାଉନି ତ ? ତଥାପି ଚଷମା ଲଗେଇ ଦେଖିଲି । ସେଇଆ... ବରଂ ଆହୁରି ସଫା ଦେଖା ଗଲା ଯେ ପାହାଡ଼ ଯେମିତି ବରଫର ଚାଦର ଘୋଡି ହେଇ ପଡିଛି । ୟୁନିଭର୍ସିଟି ବସ୍‌ର କାଚରେ ସେମିତି ବୁନ୍ଦା ବୁନ୍ଦା ହେଇ ପାଣି ଲାଗି ଚାଲି ଥାଏ ଆଉ ସେ ବି ତାକୁ ଆନନ୍ଦରେ ଗ୍ରହଣ କରି ଚାଲି ଥାଏ । ସିକ୍ୟୁରିଟି ରୁମ୍ ବି ସଫା ସଫା ଦେଖା ଯାଉଥାଏ । ବୋଧେ ଡିଉଟି ବଦଳିବାର ସମୟ । ଜଣେ ସିକ୍ୟୁରିଟି ଗାର୍ଡ ରେନିକୋର୍ଟ ପିନ୍ଧି ଆସି ପହଂଚି ସାରିଲେଣି । ଆଉ ସିଆଡେ ଧ୍ୟାନ ଦେଲିନି ।

ଚାଲି ଆସିଲି କବାଟ ପାଖକୁ । ଛିଟିକିଣିଟା ଖୋଲି ବାଲକୋନୀକୁ ଆସି ଦେଖେ ତ କେତେଟା ଘର ଚଟିଆ ତଳୁ କଣ ଖୁଣ୍ଟି ଖାଉଛନ୍ତି । ଆରେ ହଁ ହଁ କାଲି ପା କାହାର ଗୋଟେ ଜନ୍ମଦିନ ମନେଇ ଥିଲେ କେକ୍ ଗୁଣ୍ଡ ଆଉ କ୍ରିମ୍ ପଡିଥିଲା ତଳେ । ପାଖକୁ ଗଲି ଯେ, ଡରିକି ଉଡି ଗଲେନି । ଆରେ ଡର ଭୟ କିଛି ନାହିଁ । କେମିତି ବା ରହିବ ? ଏ ଜାଗା ହିଁ ତାଙ୍କୁ ସେତିକି ସ୍ନେହ ଦେଇଛି । ବୋଧେ ଦକ୍ଷିଣା ପବନ । ହଁ... ସେଇଆ ବୋଧେ.... ଫୁଙ୍ଗୁଳା ଦେହଟାକୁ ସମ୍ପୂର୍ଣ୍ଣ ଥରେଇ ଦଉଥାଏ । ପିନ୍ଧିଥିବା ଖୋର୍ଦ୍ଧା ଗାମୁଛାକୁ ଆଉ ଥରେ ଟାଇଟ୍ କରି ଭିଡି ଦେଲି, କାରଣ ଭରଷା ନାହିଁ ନା । କେହି ଜଣେ ବି ଦେଖାଯାଉ ନାହାଁନ୍ତି । ଗୋଟେ ଫ୍ଲୋରରେ ପାଖାପାଖି ବତିଶିଟା ରୁମ୍ । ହେଲେ ଜଣଙ୍କ ରୁମ୍‌ରୁ ବି ଶୋର୍ ଶବ୍ଦ ଶୁଭୁନି । ବାଲକୋନିର ଷ୍ଟିଲ୍ ରେଲିଂକୁ ଧରି ତଳକୁ ଅନେଇ ଦେଖେ ତ... ବୁଲା କୁକୁରଟେ ଜାକିଜୁକି ହୋଇ ତା ଛୁଆଁଙ୍କ ସାଙ୍ଗରେ ଶୋଇଚି । ହସି ଦେଲି ।

କୋହଲା ପାଗ ସାଙ୍ଗକୁ ଦକ୍ଷିଣା ପବନ, ରୁମମୂଳ ଟାଙ୍କୁରେଇ ଦଉଥାଏ । ନା... ଆଉ ଠିଆ ହେଇ ହବନି । ଚାଲି ଆସିଲି ପୁଣି ରୁମ୍ ଭିତରକୁ । ଏକ ଅଜବ ଅନୁଭବ ହେଲା । ଲାଇଟ୍ ଲାଗେଇ ପୁଣି ଥରେ ରୁମ୍ ଚାରିଆଡେ ଚାହିଁଲି ।

ନା.... ଇଏ ତ ମୋ ରୁମ୍ ନୁହଁ । ହଁ ରୁମ୍ ଚିହ୍ନା ଚିହ୍ନା ଲାଗୁଛି ସତ ଆଉ ଜିନିଷ ଗୁଡା ବି ମୋର ହେଲେ ଇଏତ ମୋର ସେଣ୍ଟ୍ରାଲ୍ ୟୁନିଭର୍ସିଟିର ରୁମ୍ ନମ୍ବର ଏ - ୩୩୦ ନୁହେଁ । ଘଣ୍ଟାକୁ ଚାହିଁ ଦେଖେ ତ ସକାଳ ୧୦ଟା ୧୩ । କଣ ଏତେ ଶୀଘ୍ର ଦଶଟା ବାଜି ଗଲା ? ମୁଁ କ୍ଲାସ୍ କରିବାକୁ ଯିବିନି କି ? ଯାଏଁ ଆଇ କାର୍ଡ଼ ଟା ବ୍ୟାଗ୍‌ରେ ରଖେଁ । ଏତିକି କହି ଥାକ ଉପରୁ କାର୍ଡ଼ ଆଣି ଦେଖେ ତ ସେଇଟା ୟୁନିଭର୍ସିଟିର ନୁହେଁ.. ଇ ଟିଭି ଭାରତର ଆଇଡି କାର୍ଡ଼ ଟା । ଆଉ ବ୍ୟସ୍ତ ହେଲିନି କି ଆଉ ୟୁନିଭର୍ସିଟି ଯିବା ପାଇଁ ତରତର ହେଲିନି, କାରଣ ମୁଁ ଜାଣି ସାରିଥିଲି ଯେ ମୁଁ ମୋ ଅତୀତକୁ ସ୍ୱପ୍ନ ଆକାରରେ ଦେଖୁଥିଲି ।

ହଁ..... ଆଜି ଜୁଲାଇ ୨୧, ୨୦୨୦ । ଠିକ୍ ତିନିବର୍ଷ ତଳେ ଏଇ ଦିନ ଏମିତି ଏକ ସ୍ୱପ୍ନ ନୁହେଁ ସତ ସତିକା ସ୍ୱପ୍ନ ମୁଁ ଦେଖୁଥିଲି କୋରାପୁଟରେ । ମୋ କୋରାପୁଟରେ ।

- ୦ -

ସାମ୍ବାଦିକ
ଇ-ଟିଭି ଭାରତ

ମାଆଙ୍କ ମୌନବ୍ରତ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମାମୁ ଘରକୁ ଯାଇଥିବାବେଳେ ମାଆଙ୍କର ଏହି ମୌନାବତାର ପ୍ରତ୍ୟକ୍ଷ କରିଥିଲି । ବୟସ ମୋର ହୋଇଥାଇପାରେ ନଅ କିମ୍ବା ଦଶ ବର୍ଷ । ମାମୁ ଘର ପଦ୍ମପୁର ମାତ୍ର ବାସ୍ତବରେ ମାମୁ ଘରର ପୂର୍ବଜ ବାସକରୁଥିଲେ ଗଡଭାଟିରେ । ଅଜାମାନେ ଦୁଇଭାଇ । ବଡ ଭାଇ, ଯିଏ ମୋର ଅଜା ସିଏ ରହିଲେ ପଦ୍ମପୁରରେ ସ୍ଥାୟୀ ବାସଗୃହ ନିର୍ମାଣ କରି । ଆଉ ସାନ ଅଜା ରହିଲେ ସେହି ଗାଆଁ ଗଡଭାଟିରେ । ପଦ୍ମପୁରଠାରୁ ଏହାର ଦୂରତ୍ୱ ହୋଇପାରେ ଛଅ ସାତ କିଲୋମିଟର ମାତ୍ର । ଏବେ ସିନା ହୋଇଗଲାଣି ସୁନ୍ଦର ସଦୃଶ୍ୟ ସିଧା ରାସ୍ତା । କିନ୍ତୁ ଛୋଟ ବେଳେ ମୋତେ ଲାଗୁଥିଲା ସୁଦୀର୍ଘ ପଥ ଅତିକ୍ରମ କରୁଛୁ ଆମେ ।

ସେହି ସୁଦୀର୍ଘ ପଥରେ ଏମିତି ଭିନ୍ନ ରୀତିରେ ଯାତ୍ରା କରିବାକୁ ପଡିବ ଏହା କେବେ ବି ମୁଁ ଭାବି ପାରିନଥିଲି । ସୂର୍ଯ୍ୟୋଦୟ ପରେ ଏକ ସୁନ୍ଦର ଶଗଡଗାଡି ଆସି ପହଞ୍ଚିଲା ମାମୁଘର ସମ୍ମୁଖରେ । ଘର ଭିତରେ ମୋର ଅଜାଣତରେ କଣ ଯେ ହେଉଥିଲା ପୂଜା, ତାହା ବୁଝିପାରିବାର ଶକ୍ତି ମୋର ନଥିଲା । କିମ୍ବା କାହାକୁ ମଧ୍ୟ ସେ ବିଷୟରେ ମୁଁ କିଛି ପଚାରିପାରିନଥିଲି । ସମସ୍ତେ ଦେଖାଯାଉଥିଲେ ବ୍ୟସ୍ତ ଓ ଯିବା ପାଇଁ ହେଉଥିଲେ ପ୍ରସ୍ତୁତ ।

ଘର ଭିତରୁ ବାହାରିଲେ ଅଜା ଆଇ ମୋତେ ସାଙ୍ଗରେ ନେଇ । ମାଆ ତାଙ୍କରି ଆଗରେ ଯାଉଥିଲେ ହାତରେ କିଛି ପୂଜା ସାମଗ୍ରୀ ବା ହୁଏତ ପ୍ରଜ୍ୱଳିତ ପ୍ରଦୀପ ହାତରେ ଧାରଣ କରି । ଶଗଡ ଗାଡି ପ୍ରସ୍ତୁତ

ହୋଇ ପାରିଥିଲା ଆମମାନଙ୍କୁ ଗଡଭାଟି ନେଇଯିବା ପାଇଁ । ବସିଲୁ ସମସ୍ତେ ଅଖା ବିଛାଇ ଦିଆଯାଇଥିବା ଶଗଡ ଭିତରେ । ମୁଁ ଆଉ ଧୈର୍ଯ୍ୟ ଧରି ନପାରି ମାଆଙ୍କ ଉଦ୍ଦେଶ୍ୟରେ ପଚାରିଲି "ମାଆ ଆମେ ଯାଉଛୁ କୁଆଡେ ଓ କାହିଁକି ?" ଜୀବନରେ ପ୍ରଥମ ଥର ପାଇଁ ଦେଖିଲି ମାଆ ବସି ରହିଛନ୍ତି ମୌନ ହୋଇ । ମୋର ପ୍ରଶ୍ନର କୌଣସି ଉତ୍ତର ନଦେଇ । ଅଜା ଆଈ ମୋତେ ନିଶବ୍ଦରେ ଆଙ୍ଗୁଠି ଦେଖାଇ ସଂକେତ ଦେଲେ ଓ କହିଲେ ଯେ ମାଆଙ୍କ ସହିତ ଗଡଭାଟି ପହଞ୍ଚିବା ପର୍ଯ୍ୟନ୍ତ ମୁଁ ଯେପରି ତାଙ୍କ ସହିତ କଥା ନ ହୁଏ ।

ଶଗଡ ଚାଲିଥିଲା ଆଗକୁ ଆଗକୁ । ମାଆଙ୍କ ସହିତ କଥା ହୋଇପାରିବି ନାହିଁ ଏହି ନିଷେଧାଦେଶ ମୋତେ କରିଦେଇଥିଲା କାନ୍ଦ କାନ୍ଦ । ମୁଁ ମାଆଙ୍କ ମୁହଁକୁ ଅନାଇ ରହିଥିଲି ସତୃଷ୍ଣ ନୟନରେ । ମାଆ ମୌନବ୍ରତ ଅବଲମ୍ବନ କରି ଯେପରି ବସିଥିଲେ ତାହା ଦେଖି ଲାଗୁଥିଲା ଯେପରି ସେ ଅନାସକ୍ତ ସନ୍ୟାସିନୀ ପରି ।

ପଦ୍ମପୁରର ମୁଖ୍ୟ ରାସ୍ତା ଅତିକ୍ରମ କରି ଆମେ ପ୍ରବେଶ କରୁଥିଲୁ ଜାଙ୍ଗଲିକ ସୁଷମାଭରା ପରିବେଶ ମଧ୍ୟ ଦେଇ । ରାସ୍ତା ଉଭୟ ପାର୍ଶ୍ୱରେ କେତେ କେତେ ପ୍ରକାରର ବୃକ୍ଷ ଛିଡା ହୋଇଥିଲେ ସତେ ଯେମିତି ମୋତେ ସାନ୍ତ୍ୱନା ଟିକିଏ ଦେବା ପାଇଁ । ଗଛ ଗୁଡିକର ସବୁଜ ପତ୍ରରାଶି ଭିତରେ ମୁଁ ହଜି ଯାଉଥିଲି କିଛି କିଛି କ୍ଷଣ ପାଇଁ । ପୁଣି ଭୁଲି ଯାଉଥିଲି ଯେ ମାଆଙ୍କ ସହିତ ମୋତେ କଥା କହିବାକୁ ହୋଇଛି ମନା । ଠିକ୍ କୌଣସି ନା କୌଣସି ବିଷୟରେ ମାଆଙ୍କୁ କିଛି ପଚାରିବା ପାଇଁ ଉଦ୍ୟତ ହେବା ବେଳେ ଅଜା ଆଇ ମୋତେ ସେଥିରୁ ନିବୃତ୍ତ କରି ରଖୁଥିଲେ ଭୁରୁତେଇ ଭୁରୁତେଇ । ନିର୍ଜନ ଇଲାକା ବୃକ୍ଷ ଡାଳ ଉପରେ ବସି କେଉଁଠି କୋଇଲିଟିଏ କୁହୁତାନ କରୁଛି । ଆଉ ତାହା ପ୍ରତିଧ୍ୱନିତ ହୋଇ ଉଠୁଛି ସେହି ନିକାଞ୍ଚନ ବାତାବରଣରେ । ଆଜି ସେ କଥା ମନେ ପକାଇବା ବେଳେ ମୁଁ ହୃଦବୋଧ କରି ପାରୁଛି ଯେ ମୋ ହୃଦୟର ଭାବ ଗ୍ରହଣ କରି କୋଇଲି କରୁଥିଲା କୁହୁତାନ ଓ ଡାକୁଥିଲା ମାଆ ମାଆ ବୋଲି । ଆହୁରି ମନେ ହେଉଛି ବୃକ୍ଷର ପତ୍ର ଗହଳରେ ମୁଁ ଯେମିତି ଛୋଟିଆ ପକ୍ଷୀଟିଏ ହୋଇ ବସିଥିଲି ଆଉ ନରମ ଗଳାରେ ଆକୁଳ ଚିତ୍ତରେ ଡାକୁଥିଲି ମାଆ ମାଆ ବୋଲି । ଏପରିକି ପ୍ରତିଟି ବୃକ୍ଷଲତାର ଅଗଣିତ ସବୁଜ ପତ୍ର ଆଉ ସ୍ଥାନେ ସ୍ଥାନେ ଫୁଟି ଉଠିଥିବା ବଣଫୁଲ ଦେଖି ଦେଖି ମୁଁ ଯାଉଥିଲି ନା ସେମାନେ ମୋତେ ଦେଖି ଦେଖି ପ୍ରେରଣ କରୁଥିଲେ ତାଙ୍କର ସ୍ନେହ - ରଶ୍ମି । ତାହା ହିଁ ଭାବୁଛି ମୁଁ । ଏତେ ନିର୍ଜନତା ନିରବତା ଜୀବନରେ କ୍ୱଚିତ୍ ସ୍ଥାନରେ ଅନୁଭବ କରିଛି । ମାଆ ନିରବ । ମହାକାଶରେ ମୌନତା । ପବନର ଗତି ମଧ୍ୟ ଅତିଧୀର ଆଉ ଅତି କୋମଳ । ବୃକ୍ଷଲତା ରାସ୍ତାଘାଟ ସମସ୍ତେ ଶବ୍ଦହୀନ । ତାହାରେ ମୁଁ ବି ଚୁପ୍ ଚାପ୍ । ଭିତରେ କିନ୍ତୁ ପ୍ରଶ୍ନବାଚୀ ଉଙ୍କି ମାରୁଥାଏ ବାରମ୍ବାର ଯେ ମାଆ କାହିଁକି ଏହି ମୌନବ୍ରତ ଆଚରଣ କରିଛନ୍ତି ? କାହିଁ ଆଗରୁ ତ ଏ ବିଷୟରେ ମୋତେ ସୂଚନା ଟିକିଏ ଦେଇପାରିଥାନ୍ତେ ! କିଛି ହେଲେ ସଂକେତ ନଦେଇ ଏପରି ମୌନତା ଅବଲମ୍ବନର ପର୍ବପାଳନ କଲେ କିପରି ? ଏହାର ରହସ୍ୟ ଭେଦ କରିବା ମୋ ପାଇଁ ଥିଲା ଅସମ୍ଭବ ।

ଶଗଡ ଗାଡିରେ ବସିଲେ ମୋର ମୁଣ୍ଡ ବୁଲାଏ । ବାନ୍ତି ବାନ୍ତି ଲାଗେ । ତଥାପି ନିରୁପାୟ ହୋଇ ମୁଁ ବାଧ୍ୟତାମୂଳକ ନିରବତା ସହ୍ୟ କରୁଥିଲି ଅସୀମ ଧୈର୍ଯ୍ୟ ନେଇ । ଗଡଭାଟି ହେଉଛି ମାଆଙ୍କ ଜନ୍ମସ୍ଥାନ । ଏହି ଗାଆଁଟି ପ୍ରତି ମାଆଙ୍କ ମମତା ରହିଆସିଛି ଗଭୀର ଓ ଘନିଷ୍ଠତର ହୋଇ । କାହାକୁ ବା ସେ ଝୁରି ନ ହୁଅନ୍ତି ! ସାନ ଅଜା, ଆଇ, ଉପେନ୍ଦ୍ର ମାମୁ ଆଉ ତିନିଜଣ ମାଉସୀ - ଏ ସମସ୍ତେ ତାଙ୍କର ଅତ୍ୟନ୍ତ ପ୍ରିୟ ଆଉ ମୋ ପ୍ରତି ମଧ୍ୟ ସେମାନଙ୍କ ଆଗ୍ରହ ଅତୁଳନୀୟ । ଗଡଭାଟିର ଯେ ଏକ ସ୍ୱତନ୍ତ୍ର ବାସ୍ନା ରହିଛି ଯାହାକୁ ଏ ପର୍ଯ୍ୟନ୍ତ ମୁଁ ସାଇତି ରଖିଛି ନିଜ ଅନ୍ତର ତଳେ ।

ଘଞ୍ଚ ଅରଣ୍ୟାନୀ ମଧ୍ୟ ଦେଇ ଶଗଡ ଗାଡି ଚାଲୁଥାଏ ଆଗକୁ ଆଗକୁ । ବୋଧହୁଏ ଗୋଟିଏ ଘଣ୍ଟା ଉତ୍ତାରୁ ଆମେ ପ୍ରବେଶ କଲୁ ଗଡ ଭାଟିକୁ । ଶଗଡ ଅଟକି ଥିଲା କିଛି କ୍ଷଣ ନିମନ୍ତେ । ଶଗଡ ଗାଡିରେ ଯୋଚା ଯାଇଥିବା ଦୁଇ ବଳଦଙ୍କୁ ଦେଖି ମୋ ହୃଦୟ ପଚାରୁଥିଲା ତାଙ୍କୁ ଏହି ମୌନତାର କାରଣ । ଦୁଇ ବଳଦଙ୍କ ଉତ୍ତର ଶୁଣି ପାରୁଛି ପଚାଶ ବର୍ଷ ଅତିକ୍ରମ କରିଯିବା ପରେ । ସେମାନେ ମୋତେ ଯେମିତି କହୁଥିଲେ - ବାବୁରେ, ଆମେ ତ କେତେ ବର୍ଷ ତଳୁ ଛାଡି ଦେଇଛୁ ମାଆ ଡାକ । ଟିକିଏ ବଡ ହୋଇଯିବା ପରେ ଏହି ଶଗଡ ଗାଡିରେ ଯୋଚା ହୋଇ ଆମେ ଚାଲିଛୁ ନିଜର ସକଳ ବ୍ୟଥା ଓ ବେଦନାକୁ ସମ୍ପୂର୍ଣ୍ଣ ଭୁଲିଯାଇ । ମାଆ ବୋଲି ଡାକିବାର ଯେଉଁ ଆବେଗ ସେଥିରୁ ଆମେ ତ ବଞ୍ଚିତ । ସେଇଥି ପାଇଁ ତୋ ପ୍ରତି ଆମେ ସହାନୁଭୂତିଶୀଳ । ଦୁଇ ବଳଦଙ୍କ ଚାରି ଆଖିକୁ ଅନାଉଥିଲି ମୁଁ । ଦେଖୁଥିଲି ନିଶବ୍ଦରେ ନିରବରେ ସେମାନେ କିପରି

କରୁଥିଲେ ଅଶ୍ରୁପାତ । ସେମାନଙ୍କ ଆଖି ଦେଇ ଯେଉଁ ଲୁହ ନିଗିତି ଯାଇଛି, ତାହାର ଚିହ୍ନ ମଧ୍ୟ ଅତି ସ୍ପଷ୍ଟ ।

ଶଗଡ ଗାଡି ଷଣେ ଅଟକି ଯିବା ବେଳେ ମୋର ଯାହା ମନେ ପଡୁଛି ବୋଧ ହୁଏ ମାଆ ହାତରେ ଧରିଥିବା ସେହି ପୂଜା ସାମଗ୍ରୀ ସହିତ ତଳକୁ ଓହ୍ଲାଇଥିଲେ । ନିକଟସ୍ଥ ଏକ ଜଳାଶୟ ପାଖକୁ ଯାଇଥିଲେ । ଆଉ ପୂଜା ସାମଗ୍ରୀକୁ ସେହି ସରୋବରରେ ଦେଇଥିଲେ ବିସର୍ଜନ । ହାତଯୋଡି ପ୍ରାର୍ଥନା କରିଥିଲେ ଆଉ ଫେରିଆସି ପୁଣି ବସିଥିଲେ ଶଗଡ ଭିତରେ ପୂର୍ବପରି । କିଛି ସମୟ ଅନ୍ତେ ଗଡଭାଟିର ମାମୁ ଘର ଆଗରେ ପହଞ୍ଚିଲା ଶଗଡ । ସମସ୍ତେ ଓହ୍ଲାଇଲୁ । ପ୍ରବେଶ କଲୁ ଘର ଭିତରକୁ । ତା ପରର ସମସ୍ତ ଘଟଣା ଥିଲା ସ୍ୱାଭାବିକ । ମାଆ ମୋ ସହିତ କଥା ହେଲେ । ସାନ ଅଜା ଓ ଆଇଙ୍କୁ ମୁଣ୍ଡିଆ ମାରି ଭକ୍ତି ନିବେଦନ କଲେ । ଆଉ କୌଣସି ପ୍ରକାରର ଅସ୍ୱାଭାବିକତା ନଥିଲା ଦିନ ଚର୍ଯ୍ୟା ମଧ୍ୟରେ ।

ଆଜି ମାଆ ଅଛନ୍ତି ମୋ ପାଖରେ । ତାଙ୍କ ମନ ଧାଇଁ ଯାଉଛି ଆମ ଘର ବରପାଲିକୁ । ଧାଇଁ ଯାଉଛି ପଦ୍ମପୁରକୁ । ଆଉ ଗଡଭାଟିକୁ । କିନ୍ତୁ ତାଙ୍କ ଶାରୀରିକ ଦୁର୍ବଳତା ଆଉ ଅନୁମତି ଦେଉ ନାହିଁ କୁଆଡେ ଯିବା ପାଇଁ । ମୋର କର୍ମ କ୍ଷେତ୍ର ବାଲେଶ୍ୱରରେ । ମୋ ପାଖରେ ହିଁ ସିଏ ଅଛନ୍ତି ଆଉ ପ୍ରତି ମୁହୂର୍ତ୍ତରେ ପ୍ରାର୍ଥନା କରୁଛନ୍ତି ମୋରି ପାଇଁ ।

ଇଚ୍ଛା ହେଉଛି ତାଙ୍କୁ ଥରେ ପଚାରିବା ପାଇଁ ଯେ ଅର୍ଦ୍ଧ ଶତାବ୍ଦୀ ତଳେ କାହିଁକି ସେ ଏପରି ମୌନବ୍ରତ ଧାରଣ କରିଥିଲେ ମୋତେ କିଛି ନଜଣାଇ । ଥରେ ଥରେ ଭାବୁଛି ପଚାରିବି । ପୁଣି ଭାବୁଛି ପଚାରିବି ନାହିଁ କିଛି । ପଚାରିବି କି ନ ପଚାରିବି ତାହା ମୋର ଆୟତ୍ତ ଭିତରେ ନାହିଁ ।

ରାତି ଗଭୀର ହୋଇଆସୁଛି । ମାଆଙ୍କୁ ଖୋଇସାରିବା ପରେ ଔଷଧ ନିଜେ ଦେଉଛି କିଛି ଦିନ ହୋଇଗଲା । ସେ ଦୁର୍ବଳତା ଯୋଗୁଁ ସବୁ ଔଷଧ ଖୋଳରୁ କାଢ଼ି ଖାଇପାରନ୍ତି ନାହିଁ । ତାଙ୍କ ପାଇଁ ରହିଛି ସ୍ୱତନ୍ତ୍ର ପ୍ରକୋଷ୍ଠ । ରହିଛି ସ୍ୱତନ୍ତ୍ର ସ୍ନାନାଗାର । ଯଦି କି ତାଙ୍କ ପାଖରେ ଅଧିକାଂଶ ସମୟ ଅନୁପସ୍ଥିତ ସେହି କାରଣକ ତାଙ୍କର ଏକ ମାତ୍ର ପ୍ରିୟପୁତ୍ର । ସେଦିନ ଘଣ୍ଟାଏ କାଳ ମୌନବ୍ରତ ଅବଲମ୍ବନ କରିଥିଲେ ସେ । ଏବେ ଚବିଶ ଘଣ୍ଟାରୁ ବୋଧହୁଏ ତେଇଶ ଘଣ୍ଟା ଉର୍ଦ୍ଧ୍ୱକାଳ ସେ ମୌନ ହୋଇ ରହନ୍ତି ବାଧ ହୋଇ । କାହାରି ସମ୍ମୁ ନଥାଏ ତାଙ୍କ ସହିତ ଆଳାପ କରିବା ପାଇଁ । ଆଉ ଆତ୍ମୀୟ ସ୍ୱଜନ ଯାହାଙ୍କୁ ଖୋଜନ୍ତି ସେ ପ୍ରତିଦିନ ସେମାନେ ସମସ୍ତେ ତ ଦୂରବର୍ତ୍ତୀ ଗୋଟିଏ ଘଣ୍ଟାର ମୌନାବଲମ୍ବନ ମାଆଙ୍କର ସେଦିନ ମୋତେ କେତେ ଭାରାକ୍ରାନ୍ତ କରିଥିଲା ତାହା ମୁଁ ହିଁ ଜାଣେ । ଆଜି ମାଆଙ୍କ ସହିତ ବାର୍ତ୍ତାଳାପ କରିବାର ସୁଯୋଗ ନପାଇ ଶିଶୁଟିଏ ପରି କିପରି କ୍ରନ୍ଦନରତ ଓ ମାଆଙ୍କ ଡାକ ଶୁଣି ତାଙ୍କ ପାଖକୁ ପ୍ରତି ମୁହୂର୍ତ୍ତେ ଦୌଡିଯିବା ପାଇଁ ମୁଁ କିପରି ବ୍ୟଗ୍ର, ତାହା କାହାକୁ କିପରି ବୁଝାଇବି ।

ଜଣେ ବଢ଼େଇଙ୍କୁ ଆଜି ସନ୍ଧ୍ୟାରେ ଆସିବାକୁ ମୁଁ କହିଥିଲି କାରଣ ହେଲା ମାଆଙ୍କ ପ୍ରକୋଷ୍ଠରେ ବେଳେବେଳେ ମୁଁ ଯେ ରହିପାରିବି, ଶୋଇପାରିବି ସେମିତି ଏକ ସରୁ ବେଞ୍ଚ ଆକାର ଖଟଟିଏ ପ୍ରସ୍ତୁତ କରିଦେବା ପାଇଁ ତାଙ୍କରି ନିକଟରେ ରହିବାରେ କୌଣସି ନା କୌଣସି ମୁହୂର୍ତ୍ତରେ ମୁଁ ପଚାରିବି ତାଙ୍କୁ - "ମା ପଦ୍ମପୁରରୁ ଗଡଭାଟି ଯିବା ପର୍ଯ୍ୟନ୍ତ ତୁମେ ସେଦିନ କାହିଁକି ମୌନ ଅବଲମ୍ବନ କରିଥିଲ ସେହି ରହସ୍ୟ ମୋ ଆଗରେ ଉନ୍ମୋ କରିଦିଅ ଥରେ" ।

ମୋର ଦୃଢ଼ ବିଶ୍ୱାସ ସେ ନିଶ୍ଚୟ ମୋତେ କହିବେ ମୌନବ୍ରତର ଗଭୀର ମର୍ମାର୍ଥ ।

- ୦ -

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବି
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର -

ଉଦାରତା ହିଁ ମାନବତା

ପ୍ରମୋଦ ଶତପଥୀ

ଏହା ଗୋଟିଏ ଦିନର ମେଘୁଆ ପାଗ ଥିଲା ଯେତେବେଳେ ଡାକବାଲା ମୋହନ ଦାଦା, ଚିଠି ବାଣ୍ଟିବା ପାଇଁ ଦିନଟିକୁ ଆରମ୍ଭ କଲେ । ଆଜି ସେ ଏକ ନୂଆ ଜାଗାକୁ ଚିଠି ନେଇ ଯିବାକୁ ଚାହାରୁଥିଲେ, ଯେଉଁ ଜାଗାକୁ କେହି ମଧ୍ୟ କୌଣସି ଚିଠି ନେଇ ଯାଇ ନଥିଲେ । ଯଦିଓ ମୋହନ ଦାଦା ଅନେକ ବର୍ଷ ରହି ସେ ଅଞ୍ଚଳର ପ୍ରତ୍ୟେକ ଘର ଏବଂ ଗାଁର ପ୍ରତ୍ୟେକଙ୍କୁ ଜାଣନ୍ତି କିନ୍ତୁ ସେ ଆଜି ପ୍ରଥମ ଥର ଏହି ଘରକୁ ଯାଇଥିଲେ । ସେ କବାଟ ବାଡେଇଲେ, ଭିତରୁ କେହି ଜଣେ ପଚାରିଲେ "କିଏ" ?

ମୋହନ ଦାଦା ଉତ୍ତର ଦେଲେ, "ମୁଁ ଡାକବାଲା, ଆପଣଙ୍କ ପାଇଁ ଏକ ଚିଠି ଅଛି ।" ଘର ଭିତରୁ ଜଣେ ଝିଅ ଉତ୍ତର ଦେଲା, "ଦୟାକରି ସେ ଚିଠିକୁ କବାଟ ତଳେ ଥିବା ଫାଙ୍କରେ ଘର ଭିତରକୁ ଠେଲିଦିଅନ୍ତୁ, ମୁଁ ସେଠୁ ନେଇଯିବି ।" ମୋହନ ଦାଦା କହିଲେ, "ଏହା ଏକ ରେଜିଷ୍ଟରଡ ପୋଷ୍ଟ ଆପଣଙ୍କୁ ଏଥିରେ ଦସ୍ତଖତ କରିବାକୁ ପଡିବ ।"

ଝିଅଟି ମୋହନ ଦାଦାଙ୍କୁ ଅପେକ୍ଷା କରିବାକୁ କହିଲେ ।

କବାଟ ଖୋଲିବାକୁ ବହୁତ ସମୟ ଲାଗିଲା । ଡାକବାଲା କ୍ରୋଧିତ ସ୍ୱରରେ କହିଲେ, "ଶୀଘ୍ର ଆସ ମୋତେ ବହୁତ ଘରକୁ ଯିବାକୁ ପଡିବ ଚିଠି ଦେବା ପାଇଁ ।"

କିଛି ସମୟ ପରେ କବାଟ ଖୋଲାଗଲା, ସେ ଦେଖିଲେ ଜଣେ ୧୪ ରୁ ୧୬ ବର୍ଷ ବସୟର ଏକ ଝିଅ ଯାହାର ଉଭୟ ଗୋଡ ନାହିଁ ଆସି କବାଟ ପାଖରେ ଉପସ୍ଥିତ । କବାଟ ଖୋଲିବା ପାଇଁ ସେ ଗୁରୁଣ୍ଡି ଗୁରୁଣ୍ଡି କବାଟ ପର୍ଯ୍ୟନ୍ତ ଆସିଥିଲା । ଡାକବାଲା ତାଙ୍କର ଅତ୍ୟଧିକ କ୍ରୋଧିତ ହେବାକୁ ନେଇ ଖରାପ ଅନୁଭବ କଲେ ଏବଂ ସେ ଝିଅ ପାଖରୁ ଦସ୍ତଖତ ଆଣି ଚିଠିଟିକୁ ଦେଇ ଚାଲିଗଲେ । ପ୍ରାୟ ଦୁଇ ସପ୍ତାହ ପରେ ପୁଣି ଥରେ ସେଇ ଝିଅଟି ଥିବା ଠିକଣାରେ ଆଉ ଏକ ଚିଠି ଆସିଲା । ଏଥର ମୋହନ ଦାଦା ତାଙ୍କ ଘରକୁ ଯାଇ ନରମ ସ୍ୱରରେ କବାଟକୁ ହାଲୁକା ଭାବରେ ବାଡେଇ ଜଣାଇଲେ, "ଆପଣ ଦୟାକରି କବାଟ ଖୋଲିପାରିବେ କି, ଆପଣଙ୍କ ପାଇଁ ଏକ ଚିଠି ଅଛି, ଆରାମ୍‌ରେ ଆସନ୍ତୁ ମୁଁ ଅପେକ୍ଷା କରିଛି ।"

ଝିଅଟି କବାଟ ଖୋଲି ଚିଠିକୁ ନେଇ ଏହାର ପ୍ରତିବଦଳରେ ଡାକବାଲାଙ୍କୁ ଉପହାର ସ୍ୱରୂପ ଏକ ବାକ୍ସ ଦେଇ କହିଲା, "ଦାଦା, ଏହି ଉପହାରଟି ଆପଣଙ୍କ ପାଇଁ ଏବଂ ଆପଣ ଘରେ ପହଞ୍ଚିବା ପରେ ହିଁ ଦୟାକରି ଏହାକୁ ଖୋଲିବେ ।" ମୋହନ ଦାଦା ବହୁତ ଖରାପ ଅନୁଭବ କଲେ ପୂର୍ବରୁ କରିଥିବା ନିଜର ବ୍ୟବହାର ପାଇଁ ଏବଂ କେବଳ ଘରେ ଖୋଲିବାକୁ କହି ଉପହାର ନେଇ ଫେରିଗଲେ ।

ଘରେ ପହଞ୍ଚି ଯେତେବେଳେ ମୋହନ ଦାଦା ବାକ୍ସ ଖୋଲିଲେ, ଦେଖିଲେ ଏକ ହଳ ଚପଲ ତାଙ୍କ ପାଦ ମାପର ସେଥିରେ ଅଛି । ସେ ବାକ୍ସଟିକୁ ଧରି ଭାବବିହ୍ୱଳ ହୋଇପଡିଲେ । ଘଟଣା ଏମିତି ମୋହନ ଦାଦା ଖାଲି ପାଦରେ ପ୍ରତ୍ୟେକ ଗାଁ, ଘର ବୁଲିବା ପରେ ମଧ୍ୟ କେହି ହେଲେ ବି ତାଙ୍କ ଖାଲି ପାଦ ଉପରେ ଲକ୍ଷ୍ୟ ଦେଇ ନାହାନ୍ତି ବା ସେଥି ପ୍ରତି କେହି ଗୁରୁତ୍ୱ ଦେଇ ନାହାନ୍ତି । ନିଜର ଗୋଡ଼ ନଥିବା କୁନି ଝିଅଟି ମୋହନ ଦାଦାଙ୍କ ପାଦକୁ ଲକ୍ଷ୍ୟ କରିଛି ଆଉ ତାଙ୍କୁ ଚପଲ ନିହାତି ଆବଶ୍ୟକ ବୋଲି ଅନୁଭବ କରିଛି । ଅନେକ ଥର ଆମେ ନିଜ ନିଜ ସମସ୍ୟା ଏବଂ ଅସୁବିଧା ପାଇଁ ଏତେ ଚିନ୍ତିତ ଥାଉ ଯେ ଆମେ ଭାବୁ ଆମର ସମସ୍ୟା ହେଉଛି ଦୁନିଆର ସୁବଠାରୁ ବଡ ସମସ୍ୟା । ଆମେ ଅନ୍ୟମାନଙ୍କର ଏହିପରି ଛୋଟ ଛୋଟ ସମସ୍ୟାଗୁଡିକୁ ବିନା କଷ୍ଟରେ ଦୂର କରିପାରିବା ଯାହା ଆମର ସୀମା ଏବଂ ସାମର୍ଥ୍ୟ ମଧ୍ୟରେ ଅଛି କିନ୍ତୁ ଆମେ ଆମ ସମସ୍ୟାକୁ ସର୍ବୋପରି ମନେ କରୁଛୁ । ତେଣୁ ଜୀବନ କଦାପି ଆନନ୍ଦର ଉପହାର ଦିଏ ନାହିଁ । ଆମେ ଚାରୋଟି ସରଳ ପଦକ୍ଷେପ ଦ୍ୱାରା ଆମ ଜୀବନକୁ ସଂପୂର୍ଣ୍ଣ ଏବଂ ଆନନ୍ଦମୟ କରିପାରିବା ;

୧. ସମୟକୁ ଅପକ୍ଷା କରି ।

୨. ପରିସ୍ଥିତିକୁ ବୁଝି ଆଉ ସହ୍ୟ କରି ।

୩. କିଛି ଘଟଣାକୁ ଅଣଦେଖା କରି ଯାହା ଆମ ହାତରେ ନାହିଁ ।
୪. ଅନ୍ୟମାନଙ୍କୁ ସାହାଯ୍ୟ କରି ଯାହା ଆମ ସୀମା ଆଉ ସାମର୍ଥ୍ୟରେ ଥିବ ।

ଚାଲନ୍ତୁ, ହସଖୁସିରେ ବଞ୍ଚିବା କେବଳ ନିଜର ପାଇଁ ନୁ
ଅନ୍ୟମାନଙ୍କ ପାଇଁ ମଧ୍ୟ ବଞ୍ଚିବାକୁ ଚେଷ୍ଟା କରିବା । ନିଜ ସହ
ସମାଜ ଗଠନରେ ଯୋଗଦାନ କରିବା ।

- o -

ଭଗ୍ନ ବୀଣାର ସ୍ୱର

ଲତିକା ବି

ଗୋଟେ ଷ୍ଟୋଭ୍, ଗୋଟେ ସସ୍ ପ୍ୟାନ୍, ଗୋଟେ କେଟିଲ୍ ଆଉ କେତୋଟି କାଚ ଗ୍ଲାସ । ବାସ୍, ଏତିକି କୁ ସମ୍ବଳ କରି ତା' ବେପାର । ଅଳ୍ପ ହେଉ ପଛେ ନିରୁତା ଝ'ଟିକେ ଦିଏ ବୋଲି ମୂଲିଆ ଠାରୁ ମହାଜନ ପର୍ଯ୍ୟନ୍ତ, ଛାତ୍ର ଠାରୁ ଅଧ୍ୟାପକ ପର୍ଯ୍ୟନ୍ତ ସମସ୍ତଙ୍କ ଲମ୍ବା ଲାଇନ୍ ତା' ଦୋକାନ ସାମ୍ନାରେ ।

.... "ମିଟୁନା ଝ'ର ମଜା ହିଁ କିଛି ଅଲଗା । ଡୋକେ ପିଇଦେଲେ ଦେହ ମନ ଝଙ୍କା ହୋଇଯାଏ.... ।

କ୍ଷୀରରେ ଝ'ପତି ପକେଇ ଫୁଟିଲା ଝ'କୁ ମଗରେ ଦୁଇ ହାତ ଉପରକୁ ଉଠେଇ ପୁନଶ୍ଚ ଝ' ପ୍ୟାନ୍ ଭିତରକୁ ଢ଼ାଳିବା ବେଳେ ଝ' ପିଉଥିବା ବାବୁ ଭାୟାଙ୍କର ଏ ତାରିଫ୍ ବାଜିଯାଏ ତା' କାନରେ । ଗୁଜୁରାତି ଗୁଣ୍ଡ ପକେଇ ତା'କୁ କେଟଲିରେ ଛାଣୁ ମନଟା ଖୁସିରେ ପାଉଁରୁଟି ଭଳି ଫୁଲିଉଠେ ତା'ର ।

ଗ୍ରାହକ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାକୁ ସେ ଲାଗି ପଡିଥାଏ ଦିନ ରାତି । ବେପାର ବି ଝକା ଝକ୍ ଝଲିଥାଏ । ସେହି ଅନୁପାତରେ ଲାଭ ବି । ଏବେ ଏବେ କିଛି ସ୍ନାକ୍ସ ଓ ବିସ୍କୁଟ ବି ରଖିଲାଣି ଥାକରେ ।

ଦୁଇ ବର୍ଷ ହେଲା ହାତକୁ ଦୁଇ ହାତ ହୋଇଛି ମିଟୁନା ।

ଘରେ, ବୁଢ଼ା ବାପା, ଘରଣୀ ମିଲି ସହିତ ଆଠ ମାସର ପୁଅ ମନୁ ।

ପୁଅ ମନୁକୁ ନେଇ ତା' ଆଖିରେ ଅନେକ ଆଶା, ଅନେକ ସ୍ୱପ୍ନ । ୟୁନିଫର୍ମ ପିନ୍ଧି ସେପାଖ ଦେଇ ଯାଉଥିବା ସ୍କୁଲ ପିଲା ଭିତରେ ସେ ଆବିଷ୍କାର କରେ ମନୁକୁ । ଝ ପିଉଥିବା ବାବୁ ଭାୟାଙ୍କ ମୁହଁ ଭିତରେ ତାକୁ ଦିଶିଯାଏ ମଧୁର ମୁହଁ । ଅଭାବରେ ପଡି ସେ ସିନା ଅଧାରୁ ପାଠ ଛାଡି ଝ' ବିକୁଛି, ହେଲେ ପୁଅକୁ ସେ ଡ଼େର୍ ପଢ଼େଇବ । ପୁଅ ଝ' ନ ବିକି ବାବୁ ହେବ । ଅଫିସ୍‌ରେ ବସିବ । ତା' ମନ ଭିତରେ ଏମିତି ଛୋଟ ଛୋଟ ସ୍ୱପ୍ନର ଅନେକ ସାଥି ବେଳେବେଳେ ଛୁଇଁଯାଏ ଆକାଶ ପାତାଳ ।

ହେଲେ ଛଅ ମାସ ହେଲା ମାଦକ ଭଳି ଚୁପ୍ ଝପ୍ ରହିଛି ମିଟୁନା । କେବଳ ସେ ନୁହେଁ, ପୁରା ବସ୍ତିଟା ଏବେ ନୀର ନିସ୍ତବ୍ଧ । ତେଲ କଢ଼େଇରେ ଚେଁ ଚାଁ ଶବ୍ଦ କି ଗଞ୍ଜା, ଡେ ମାଜିବାର ଢଙ୍ଗ ଢଙ୍ଗ ଶବ୍ଦ ଶୁଭୁନି ପୂର୍ବ ଭଳି । ନୟନା ଭାଉ ଇଟିଲ୍ ଛାଞ୍ଚରୁ ଉଠୁନି ବାମ୍ଫ କି ସନିଆଁ ନନା ତେଲ କଢ଼େଇ ଫୁଟୁନି ତେଲ । ଆଗଭଳି ଗୁପ୍‌ଚୁପ୍ ବେଲିବାରେ ଲାଗି ପଡିନା କଇଁଟୁ କାକା ପରିବାର କି ଟମାଟୋ କେରେ ରୁ ପଦ୍ମା ଟମାଟୋ ଅଲଗା କରିବାକୁ ବସିଯାଇନି ଚଗଲା ।

ମୁନିସ୍‌ପାଲ୍‌ଟି ପକ୍ଷରୁ ଉଠା ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆ ହେବାପରେ ତାଙ୍କର ସବୁ ଖୁସିରେ କିଏ ଧୂଳି ମୁଠେ ପ ଦେଇଛି ଯେମିତି ।

ଏହି ଉଚ୍ଛେଦରୁ ବାଦ୍ ପଡିନି ମିଟୁନାର ଝ' ଦୋକା
ବସି ଖାଇଲେ ତ ନଈବାଲି ବି ନିଅଣ୍ଟ ।

ଘରେ ଝରିପ୍ରାଣୀ କୁଟୁମ୍ବ । ପୁଣି ପୁଅର ଖାଦ୍ୟ ସା ବାପାଙ୍କ ପାଇଁ ଔଷଧ ।

ଯାହା କିଛି ସଞ୍ଚୟ ଥିଲା ଶେଷ ହୋଇଗଲା ପରେ ରୁପା ଦିଖଣ୍ଡ ବି ବନ୍ଧା ପଡି ସାରିଲାଣି କେବେଠୁ । ଆଗକୁ କିଛି ସାହା ରାହା ଦିଶୁନି ।

ବସ୍ତି ସାରା ସମସ୍ତଙ୍କ ଘରେ ଏବେ ସେଇ ଏକ ଅବ ରାସ୍ତା କଡରେ ବସିଲେ ଚଳୁଥିଲା ସେମାନଙ୍କ ଗୁଜୁରାଣ । କା ପନିପରିବା ପସରା ତ କାହାର ଦହିବରା ଠେଲା । କିଏ ବିକୁ

ଫଳ ତ କିଏ ଫୁଲ । ସମସ୍ତଙ୍କ ବେପାରରେ ଏବେ କୋଲପ । ଜଣେ ଖାଇଲେ ଆଉ ଓଳିଏ ଉପାସ । କିଏ କାହାର ସାହା ଆଶରା ପାଇବ ?

ସମସ୍ତଙ୍କ ପେଟ ତ ପୋଡୁଛି, ଜଳୁଛି, କୁହୁଳୁଛି ।

ଆଜି ସକାଳେ ଛକ ପାଖରେ ତା'ର ଭେଟ ହୋଇଥିଲା ସନିଆଁ ନନା ସହିତ । ଦୁଃଖ ସୁଖ ପଚାରି ବୁଝୁ ବୁଝୁ ଜାଣିଲା ଏ ଭିତରେ ସେ ଖୋଜି ନେଇଛି ଭଲ ପଟ୍ଟାଟେ । ପାଞ୍ଚ ସାତ ଦିନ ହେଲା ବରା, ଆଳୁଚପ୍ ବନେଇ ବୁଲେଇ ବୁଲେଇ ବିକୁଛି ଗାଁକୁ ଗାଁ । କହୁଥିଲା, ବେଶି ଲାଭ ନହେଉ ପଛେ, ଗୁଜୁରାଣ ତ ଚଲୁଛି । ତା' କଥାରେ କଇଁଟୁ କାକା ଆଜି ସିଝେଇଛି ଆଳୁ । ବୁଲେଇ ବିକିବ ଗୁପ୍‌ଚୁପ୍ ।

ସନିଆଁ ନନା ତାକୁ କହୁଥିଲା.... ତୁ ବି ଆମ ଭଳି କିଛି ଗୋଟାଏ କର ମିଟୁନା । ନହେଲେ କେମିତି ଚଳେଇବୁ ପରିବାର ?

ସନିଆଁ ନନା କଥାରେ ସେ ମୁଣ୍ଡ ଟୁଙ୍ଗାରି ହଁ କରିଥିଲା ସିନା, ହେଲେ ସେ କେଉଁଠି ବୁଲେଇ ବିକିବ ଗ' ? ସବୁ ଜିନିଷ କ'ଣ ବୁଲି ବୁଲି ବିକି ହୁଏ ?

ଅନ୍ଧାରରେ ବସି ଏମିତି କେତେ କ'ଣ ଭାବି ଯାଉଥିଲା ମିଟୁନା । ବିଜୁଳି ବିଲ୍ ପଇଠ କରି ନଥିବାରୁ ଲାଇନ୍ କାଟି ଦେଇଛନ୍ତି ବିଜୁଳି ବାଲେ । ଏବେ ସାରା ବସ୍ତିରେ ଅନ୍ଧାରର ପଟୁଆର । ବସିବା ସ୍ଥାନରୁ ଉଠି ଅଣ୍ଡାଳି ଲଣ୍ଠନଟା ଲଗେଇଲା ମିଟୁନା ।

ପିଆଡେ ଛୁଆଟେ ରାହା ଧରିଛି ଯେ ଧରିଛି । ମିଲି ଭୋକିଲା ଦେହର ଶୁଖିଲା ସ୍ତନ ବୋଧ ଦେଇପାରୁନି ତାକୁ । ଭୋକ ବିକଳରେ ସେଇ ନୀରସ ମାଂସ ପିଣ୍ଡୁଳାକୁ ଥରକୁ ଥର ଚବି କାମୁଡି ପକାଉଛି ତା ନୂଆ ଗଜୁରିଥିବା ଛୋଟ ଛୋଟ ମୁନିଆଁ ମୁନିଆଁ ଦାନ୍ତରେ । ତା' ନୀରିହ ଆଖି ଯେମିତି କହୁଛି... ବହୁତ ଭୋକ ମା' !!! କିଛି ଖାଇବାକୁ ଦେ" । ଅବ୍ୟକ୍ତ ବେଦନାରେ ମିଲି ଆଖିରେ ଆଷାଢ଼ୀ ନଈର ସୁଅ ।

ଅଜସ୍ର ଅସହାୟତାରେ ଛଟପଟ ମିଟୁନନାର ମରଦପଣ ।

ନିଜ ପଛ ପାଖରୁ ଲୁଗା କାନିଟାକୁ ଆଗକୁ ବୁଲେଇ ଲୁହ ପୋଛୁ ପୋଛୁ ମିଟୁନାକୁ ଚହିଁ ମିଲି କହିଲା "ଏମିତି ଚୁପ୍ ଚାପ୍ ବସି ରହିଲେ ଚଳିବ ? ଆଉ କେତେ ଦିନ ଭୋକ ଉପାସରେ ରହିବା କହିଲ ? ଶୁଣ, ମୁଁ ଭଲ କାକରା ପିଠା କରେ ବୋଲି ତୁମେ କୁହ ପରା । ସେଭଳି ପିଠା କେହି କରିପାରନ୍ତିନି ବୋଲି କହନ୍ତି ବି ବସ୍ତି ସାରା । ସନିଆଁ ନନା ଭଳି ତୁମେ କାକରା ପିଠା ବିକିଲେ କେମିତି ହୁଅନ୍ତା ? ? ?

ପ୍ରସ୍ତାବଟା ମନ୍ଦ ନୁହେଁ । ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ପରିବର୍ତ୍ତନ ନକଲେ ଶଙ୍ଖଚିଲା ଭଳି ନିଃଶେଷ ହୋଇଯିବ ତା ପରିବାର ।

ପରଦିନ ସକାଳୁ ବଞ୍ଚିଥିବା ଏକମାତ୍ର ସମ୍ପତ୍ତି, ପୁଅର ଏକୋଇଶାରେ ତା' ମାମୁଁ ଘରୁ ଆସିଥିବା ହନୁମାନ ଲକେଟ୍ ଟିକୁ ପକେଟ୍‌ରେ ପୁରେଇ ଧାଇଁଲା ମିଟୁନା । ପାଖ ଦୋକାନରେ ବନ୍ଧା ପକେଇ କିଛି ଟଙ୍କା ଆଣିଛି । ସେଥିରେ କିଣି ଆଣିଛି କାକରା ପାଇଁ ଦରକାର ସାମଗ୍ରୀ । ଦୁଇକେଜି ସୁଜି, କିଲେ ଚିନି, ପକେଟ୍ ରିଫାଇନ୍ ତେଲ, ଦୁଇତିନିଟା ନଡିଆ ଓ କିଛି ଗୋଲମରିଚ । ଦିନଟେ ଚଳିଯାଉ ତ, ବେପାର ହେଲେ କାଲି କଥା କାଲି ଦେଖାଯିବ । କିନ୍ତୁ ବସ୍ତିକୁ ଫେରୁ ଫେରୁ ସେ ଯାହା ଶୁଣିଲା ମୁଣ୍ଡ ଗୋଳମାଳ ହୋଇଗଲା ଏକଦମ୍ । ବସ୍ତିକୁ ନୋଟିସ୍ ଆସିଛି, ଦୁଇ ଚରିଦିନ ପରେ ଏ ବସ୍ତି ଉଚ୍ଛେଦ ହେବ । ସହର ସୌନ୍ଦର୍ଯ୍ୟ କରଣ ଯୋଜନାରେ ଏଇ ବସ୍ତିର କବର ଉପରେ ଗଢ଼ିଉଠିବ ଏକ ବିଶାଳ ପାର୍କ ।

ମିଟୁନା ଜାଣେ ପାର୍କ କେବଳ ଏକ ବାହାନା । ପ୍ରକୃତ କଥା ହେଲା ଏଇ ପାଖରେ ଥିବା ଲଜ୍ ଟି ସହରର ଜଣେ ବଡ ନେତାଙ୍କର । ବସ୍ତିର ପଛପଟେ ଲୁଚି ଯାଉଛି ଲଜ୍‌ର ସୌନ୍ଦର୍ଯ୍ୟ । ତେଣୁ ବସ୍ତି ଉଚ୍ଛେଦ ହୋଇ ପାର୍କର ପରିକଳ୍ପନା । ଏହାଦ୍ୱାରା ଦୁଇଟି ଲାଭ । ପ୍ରଥମେ ମୁଖ୍ୟ ରାସ୍ତାକୁ ଫିଟିଯିବ ଲଜ୍‌ର ବାଟ । ଦ୍ୱିତୀୟରେ ସୁନ୍ଦର ପାର୍କକୁ ଲାଗି ରହିଥିବା ଲଜ୍‌ଟି ଅନେକ ମାତ୍ରାରେ ଆକୃଷ୍ଟ କରିବ ପର୍ଯ୍ୟଟକଙ୍କୁ । ତା ପରେ ନେତାଙ୍କର କଚେ ପୁଅ ବାର ।

ସହରବାସୀଙ୍କୁ ପଣସ ଖୁଆଇ ଅଠାକୁ ନିଜ ମୁଣ୍ଡରେ ବୋଳି ହେଉଥିବା ଏହି ବସ୍ତିବାସିନ୍ଦାଙ୍କ ପାଇଁ ଯେମିତି କାହାର ଚିନ୍ତା ନାହିଁ । ରାତାରାତି ସେମାନେ ଯିବେ କୁଆଡେ ?

କରିବେ କଣ ? ?

ଚଳିବେ କେମତି ? ? ?

ଏଇ ଝୁମ୍ପୁଡି ବସ୍ତିଟା ଯେ ତାଙ୍କ ଭିଟାମାଟି । ଏଇ ବସ୍ତିରେ ପୋତା ହୋଇଛି ସେମାନଙ୍କ ନାହିନାଡ । ଏଇ ବସ୍ତିରେ ପୋତା ହୋଇଛି ସେମାନଙ୍କ ପୂର୍ବ ପୁରୁଷଙ୍କ ଅସ୍ଥିକଳସ । ଏଇ ବସ୍ତିର

ଧୂଳି, ମାଟି, ପବନରେ ମିଶି ରହିଛି ସେମାନଙ୍କ ପିଲାଦିନ । ଯୌବନ ଓ ବାର୍ଦ୍ଧକ୍ୟର ପୃଷ୍ଠା ପୃଷ୍ଠା କାହାଣୀ । ଏଇ ବସ୍ତିର ନାଲି ମାଟି ଲିପା କାନ୍ଥରେ ଲେଖା ହୋଇ ରହିଛି ସେମାନଙ୍କ ମା' ଭଉଣୀ ହାତର ଝୋଟି ଚିତା । ଏଇ ବସ୍ତିର କଳା ଗୋବର ଲିପା ମାଟି ଚଉରା ତଳେ ଜଳୁଥିବା ସକାଳ ଧୂପର ମହକ ଆଉ ସଂଜ ଦୀପର ଆଲୋକ ଏକ ଅପୂର୍ବ ଶିହରଣ ଭରି ଦେଉଥିଲା ଶିରା ପ୍ରଶିରାରେ । ବିଶ୍ୱାସ ଦେଇ କହୁଥିଲା... "ଧୈର୍ଯ୍ୟ ଧର । ସବୁ ଠିକ୍ ହୋଇଯିବ ।"

ହେଲେ ଆଜି ଲିଭି ଯାଇଛି ସେ ବିଶ୍ୱାସର ଦୀପଟି । ବାସ୍, ଆଉ କିଛି ଦିନ । ତା ପରେ ଉଜୁଡି ଯିବ ଏ ବସ୍ତି । ହଜିଯିବ ସେମାନଙ୍କ ଭୂଗୋଳ । ଲୁଚିଯିବ ଇତିହାସ । ଲୋପ୍ ପାଇଯିବ ଗୋଟାଏ ସଂସ୍କୃତି ।

ସେମାନଙ୍କୁ ସଂସ୍କୃତିର ଉପାଦାନଟିଏ ବୋଲି କିଏ କେବେ ଭାବିଛି ଯେ ? ସେମାନେ ଗାଡିଏ ଆବର୍ଜନା । ବିସ୍ଥାପନ ହିଁ ତାଙ୍କ ନିୟତି । ଯେଉଁଠି ଥିଲେ ବି ଭୋଟ ବେଳକୁ ଘୋଷାରି ହୋଇ ଆସିବେ ମଲା ଶେଯରୁ ଉଠି । ଖଣ୍ଡେ ପାଆଁଶ ଟଙ୍କିଆ ଲୋଭରେ । ସେଇ କେତେ ଦିନ, କେତେ ଯୋଜନା କେତେ ପ୍ରତିଶ୍ରୁତି । କିଛି ଦିନ କାନ୍ଥ ବାଡରେ ଅଠା ଲଗା ଚିତ୍ର ବିଚିତ୍ର ପ୍ରଝର କାଗଜ ରଙ୍ଗହୀନ ହୋଇ ପବନରେ ଉଡିଯିବା ସହ ସବୁ ପ୍ରତିଶ୍ରୁତି ବି ଫୁଃ ।

ହଁ, ଏମାନଙ୍କ ପାଇଁ କାମର ତାଲିକା ହେବ । କିଛି ଲୋକଙ୍କ ହାତ ଉଷୁମ ହେବ । ପକେଟ୍ ଗରମ ହେବ ।

କିନ୍ତୁ ସ୍ତର ସ୍ତର ଦୁଃଖକୁ ଝଡି ଝଡି ନିଜକୁ ସ୍ତରିଭୂତ ଶିଳାରେ ରୂପାନ୍ତରିତ କରିଥିବା ଏଇ ବାଲୁକା ପଥର ମାନଙ୍କୁ ସଜେଇ ମନ୍ଦିରଟିଏ ଗଢ଼ି ଦେବାର ଚେଷ୍ଟା କରିବେନି କେହି ବରଂ ଆଘାତ ଦେଇ ପୁଣି ବାଲିକଣାରେ ପରିଣତ କରିଦେବାର ହୀନଚକ୍ରାନ୍ତ ଚଲିବ ବାରମ୍ବାର । ବୋଧେ, ବାଲିକୁ ସହଜରେ ଦଳି ମକଚି ହୁଏ ପାଦତଳେ । ନିଜ ବାଗରେ ବିଛେଇ ହୁଏ ଯେଉଁଠି ସେଇଠି । ପଥର ଭଳି ଆକ୍ରମଣାତ୍ମକ ହେବାକୁ ସାହସ କି ଶକ୍ତି ତା'ପାଖରେ ନାହିଁ ! ! !

ରାସ୍ତା ପ୍ରଶସ୍ତିକରଣ ନାମରେ ଉଠା ଦୋକାନ ସବୁ ଉଚ୍ଛେଦ ହେଲା, ଲାଭ ମିଳିଲା କାହାକୁ ? କିଛି ହାତ ମୁଖ୍ୟ ରାସ୍ତାରେ ମିଶିଗଲା ସିନା, ହେଲେ ବାକି ଜାଗା ? ଧୀରେ ଧୀରେ ଆଙ୍ଗୁଳି ପଶୁ ପଶୁ ବାହା ପୁରେଇ ପାଖ ଦୋକାନୀମାନେ ଆବୋରି ବସିଲେଣି ସେ ସ୍ଥାନ । ଏପଟେ ଶୁଭମ୍ ବାଇକ୍ ସୋ ରୁମ୍ ବାଲା ତା ଦୋକାନ ଛାତକୁ କିଛି ବାଟ ବଢ଼େଇ ବାଇକ୍ ରଖିଲାଣି ତ ସେପଟେ ସିଦ୍ଧାର୍ଥ ହୋଟେଲ୍ ବାଲା ତା ସାମ୍ନା ଖଣ୍ଡକ ସିମେଣ୍ଟ ଚଉତରା କରି ମିଶାଇ ଦେଲାଣି ହୋଟେଲ୍ ସହିତ । ସନ୍ଧ୍ୟାବେଳେ ସେଇଠି ପଡୁଛି ଚେୟାର ଟେବୁଲ୍ । ବିରିୟାନୀ, ନାନ୍, ଚିକେନ୍, ମଟନ୍ ସାଙ୍ଗକୁ ସିଗନେଚର୍, ବ୍ଲାକ ଏଣ୍ଡ ହ୍ୱାଇଟ୍ ଭଳି କିଛି ଅର୍ଡର ଶୁଭୁଛି ରାତି ଅଧ ପର୍ଯ୍ୟନ୍ତ । ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଧଳା-ମାଟିଆ ପୋଷାକ ପିନ୍ଧା ପୋଲିସ୍, କଳାକୋର୍ଟ ପିନ୍ଧା ଓକିଲ ସମସ୍ତଙ୍କ ଭିଡ ଲାଗୁଛି ସେଇଠି ।

ସେମାନେ ଦୁଃଖ ଜଣାଇବେ ବା କାହାକୁ ? ସମସ୍ତେ ତ ରଙ୍ଗ ବଦଳାଉଥିବା ଏଣୁଅ ।

ଆଜି ବସ୍ତିରେ କାହାଘରେ ରୋଷେଇ ନାହିଁ ।

ସତେ ଯେମିତି କଇଁ କଇଁ ହୋଇ କାନ୍ଦୁଛି ସାରା ବସ୍ତି । ଆଜି ପର୍ଯ୍ୟନ୍ତ ସୋରିଷ ଫୁଲ ପେନ୍ଥି ପରି ଏକାଠି ଜାକିଜୁକି ରହୁଥିଲେ ସେମାନେ । ଘରକୁ ଘର ଯେମିତି ଲାଗି ରହିଥିଲା ସେମିତି ମିଶି ରହିଥିଲା ସେମାନଙ୍କ ମନ । କାଁ ଭାଁ କେଁ କଟର ହେଲେ ବି ମଜବୁତ୍ ଥିଲା ସଂପର୍କର ସୂତା ଖଅ । କାହାର କୁକୁଡା ଚୋରେଇ କାହା ବଗୁଲା ଟୋକା ଖାଇଦେଇଛି ତ କଳି କଜିଆରେ ଉଠିବ ପଡିବ ସମଗ୍ର ବସ୍ତି । କିଛି ଦିନ ଉଭୟ ପରିବାର ମୁହଁ ଫୁଲାଫୁଲି, କଥାବାର୍ତ୍ତା ତୁଣ୍ଡାତୁଣ୍ଡି ବନ୍ଦ । ତା ପରେ କାହାଘରେ ଶନିମେଳା ହେବ ତ କାହାର ସତ୍ୟ ନାରାୟଣ ପୂଜା । ପୁଣି ଏକାଠି ଏମିତି ମିଶିଯିବେ ଯେ ପବନ ବି ବାଟ ପାଇବନି । ଯେମିତି କେବେ ଘଟି ନଥିଲା କିଛି । କାହା ବାଡିରେ କଦଳୀ କି ସଜନା ଛୁଇଁ ହୋଇଛି ତ ଗୋଟେ ଫାଳେ ହେଉ ପଛେ ଭୋଗ ବଣ୍ଟାଯିବ ସମସ୍ତଙ୍କୁ । କେଉଁ ଭୁଆସୁଣୀର ମାସ ଗଢ଼ିଛି ତ ବସ୍ତିର ସମସ୍ତେ ପିଠା ମିଠା କରି ଫଳେ ପୁଷ୍ପେ ସ୍ୱାଦ ଖୁଏଇ ଆସିବେ ପାଳିକରି । କିଏ ରୋଗ ବାଧିକା ପଡିଛି ତ ଫଳମୂଳ, ଖିର ପାଉଁରୁଟି ଗଦା ହୋଇଯିବ ଘରେ । ବିପଦ ଆପଦ, ବାହା ବଡପଣରେ ମାଗିବା ଆଗରୁ ଲମ୍ବି ଆସିବ ସାହାଯ୍ୟର ହାତଟିଏ, ବିଶ୍ୱାସର କାନ୍ଧଟିଏ ।

ହେଲେ ଆସନ୍ତା କାଲିଠାରୁ କିଏ କେଉଁ ଆଡେ କେଉଁ ବାଟ ଧରି ଚଲିଯିବେ । ତେଲଗୁଣି ଛୁଆର ମଳା ଭାଙ୍ଗିଗଲା ପରେ ଆଉ କେବେ ଜୀବନରେ ଭେଟ ହେବ, ଏ ପ୍ରତ୍ୟୟ ନାହିଁ ମନରେ । ସେଥିପାଇଁ ଆଜି ବସ୍ତିରେ ଶେଷ ଭୋଜି । ଭୋଜି କହିଲେ ବାଲି ବିକି ନେବା ଉଦ୍ଦେଶ୍ୟରେ ତିଆରି ଜିନିଷକୁ ଏକାଠି ବାଣ୍ଟି ଖାଇବେ

ସମସ୍ତେ । ମିଳି ବି ସେଇ ସୁଜି, ଚିନି, ନଡିଆରେ ପାଣିଆ ପାଣିଆ ପାୟସ ବନେଇଛି । ସମସ୍ତଙ୍କ ତାଟିଆରେ ପରଷି ଦେଇଛି ମିଟୁନା । ସେହି ଗୁପ୍ ଚୁପ୍, ପାୟସ ଖାଇ ସମସ୍ତେ ମାତି ଯାଇଛନ୍ତି ଗୀତ ନାଚରେ । ଚେଷ୍ଟା କରୁଛନ୍ତି ନିଜ ହୃଦୟର ସମସ୍ତ ଦୁଃଖକୁ ଚାପି ଏ ରାତିକୁ ସ୍ମରଣୀୟ କରି ରଖିବାକୁ । ହେଲେ ଯେତେ ଚେଷ୍ଟା କଲେ ଅନ୍ତରର କୋହକୁ କ'ଣ ଚାପିହୁଏ ? ? ? କ୍ରମଶଃ ସାମୁହିକ ସୁଲଳିତ କଣ୍ଠ ସଙ୍ଗୀତ ସବୁ ଭାରି ଭାରି, ଓଦା ଓଦା, ବେସୁରା ବେସୁରା ଲାଗୁଛି । ଠିକ୍ ଭଗ୍ନ ବୀଣାର ରୁଗ୍ଣ ସ୍ୱର ଭଳି । ଆଉ ସେ ସ୍ୱର ଯେମିତି କହୁଛି .... "ଆମେ ଦୂବଘାସ । ଯେତେ ଘିଚି ଉପାଡି ଦଳି ମକଚି ଫିଙ୍ଗି ଫୋପାଡି ଦେଲେ ବି ଆମେ ମୁଣ୍ଡ ଟେକି ଠିଆ ହେବୁ । ନିଶ୍ଚୟ ଠିଆ ହେବୁ..... କେଉଁଠି ନା କେଉଁଠି ।"

—o—

ମାର୍ଫତ- ଉପେନ୍ଦ୍ର ମୋହନ ବିଳାସ
ଭଟଲି ଛକ, ବରଗଡ଼
ଦୂରଭାଷ - ୭୪୩୮୯୭୯୩୮୯

କର୍ତ୍ତବ୍ୟ ହିଁ ଭଗବାନ

ଅଂଶୁମାନ ଶତପଥୀ

ଏକଦା ଗୋଟିଏ ବନରେ ଜଣେ ତପସ୍ୱୀ ବାସ କରୁଥିଲେ । ତପସ୍ୱୀଙ୍କ କୁଟୀର ନିକଟରେ ଆଉ ଗୋଟିଏ ଭଙ୍ଗା ଘରଟିଏ ଥିଲା । ଗୋଟିଏ ଲୋକ ପ୍ରତିଦିନ ସେହି ଭଙ୍ଗା ଘର ଭିତରେ କିଛି ଜିନିଷ ଆଣି ରଖୁଥିଲା । ଦିନେ ତପସ୍ୱୀ ନିଜ ନିତ୍ୟକର୍ମ ସାରି ତପସ୍ୟା କରିବା ପାଇଁ ଗଲାବେଳେ ଏକଥାଟେ ଦେଖି ପାରିଲେ । ସେହି ଲୋକଟି ବିଷୟରେ ଜାଣିବା ପାଇଁ ତପସ୍ୱୀଙ୍କ ମନରେ କୌତୁହଳ ଜାଗ୍ରତ ହେଲା । ତପସ୍ୱୀ ଜାଣିବାକୁ ପାଇଲେ ଯେ ସେ ଲୋକଟି ଜଣେ ଚୋର । ସେ ଚୋରି କରୁଥିବା ଜିନିଷ ଆଣି ସେହି ଭଙ୍ଗା ଘରେ ରଖୁଥିଲା ।

ଏହାପରେ ତପସ୍ୱୀ ଜଣକ ନିଜର କର୍ତ୍ତବ୍ୟ ଭୁଲି ଚୋରଟି ଉପରେ ପ୍ରତିଦିନ ଧ୍ୟାନ ରଖିଲେ । ଚୋରଟି କିନ୍ତୁ ନିଜର କାମରେ ଏତେ ମଗ୍ନ ରହୁଥିଲା ଯେ, ସେ ତପସ୍ୱୀଙ୍କୁ ଦେଖି ପାରୁନଥିଲା । କିଛିଦିନ ପରେ ଉଭୟଙ୍କର ମୃତ୍ୟୁ ଘଟିଲା । ବୈକୁଣ୍ଠପୁରରୁ ବିଷ୍ଣୁଙ୍କ ଦୂତମାନେ ଆସି ଚୋରଟିକୁ ବୈକୁଣ୍ଠକୁ ନେଇଗଲେ ଏବଂ ତପସ୍ୱୀଙ୍କୁ ନେବା ପାଇଁ ଯମଦୂତମାନେ ଆସିଲେ । ଏହାଦେଖି ତପସ୍ୱୀ ଯମଦୂତମାନଙ୍କୁ ପ୍ରଶ୍ନ କଲେ ଯେ, ସେ ଲୋକଟି ତ ଚୋରି କରୁଥିଲା, ସେ କିପରି ବୈକୁଣ୍ଠକୁ ଗଲା । ମୁଁ ଜଣେ ସାଧୁ ତପସ୍ୱୀ ହୋଇ ମୁଁ କିପରି ଯମପୁରକୁ ଯିବି ? ଯମଦୂତମାନେ ତପସ୍ୱୀଙ୍କୁ ଯମପୁରକୁ ନେଇ ଯମରାଜାଙ୍କ ସମ୍ମୁଖରେ ସବୁକଥା କହିଲେ । ଏହାଶୁଣି ଯମରାଜା ଚିତ୍ରଗୁପ୍ତଙ୍କୁ ଏହାର ଉତ୍ତର ଦେବାକୁ କହିଲେ ।

ଚିତ୍ରଗୁପ୍ତ ନିଜ ପାଞ୍ଜି ଦେଖି କହିଲେ ଚୋରଟି ନିଜର ଅଭାବ ଅନଟନ ଦୂର କରିବା ପାଇଁ ଚୋରି ବୃତ୍ତିକୁ ଆପଣେଇ ଥିଲେ ସୁଦ୍ଧା ନିଜ କର୍ତ୍ତବ୍ୟପଥରୁ କେବେହେଲେ ବିଚ୍ୟୁତ ହୋଇନଥିଲା । କିନ୍ତୁ ତପସ୍ୱୀ ଜଣକ ନିଜ କର୍ତ୍ତବ୍ୟ ଭୁଲି ଚୋରଟି ଉପରେ ଧ୍ୟାନ ରଖୁଥିଲେ । ଏଣୁ ଚୋରଟି ବୈକୁଣ୍ଠପୁରକୁ ଗଲା ତପସ୍ୱୀ ଜଣଙ୍କ ଯମପୁରକୁ ଗଲେ । ଉକ୍ତ ଗଳ୍ପଟିରୁ ଆମେ ଏହା ଶିକ୍ଷା କଲେ ଯେ, ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ନିଜ କର୍ତ୍ତବ୍ୟପଥରୁ ଓହରିଯିବା ନାହିଁ ଏବଂ ଈର୍ଷା ଓ ଦ୍ୱେଷ ଭାବନା ସବୁବେଳେ ମନୁଷ୍ୟକୁ ବିପଥମୁଖୀ କରାଇଥାଏ ।

- o -

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝର ଗଡ଼

ଭସା ବାଦଲରୁ... ବରଷା ଯାଏ...

ଅଶୋକ କୁମାର ନାୟକ

ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।
ନିର୍ମମୋ ନିର ହଙ୍କାରଃ ସ ଶାନ୍ତିମଧି ଗଚ୍ଛତି ॥

ଯେଉଁ ପୁରୁଷ ସମସ୍ତ କାମନା ତ୍ୟାଗ କରି ମମତ୍ୱ ରହିତ, ଅହଙ୍କାର ରହିତ ଏବଂ ସ୍ପୃହା ରହିତ ହୋଇ ବିଚରଣ କରନ୍ତି, ସେ ହିଁ ଶାନ୍ତି ପ୍ରାପ୍ତ ହୁଅନ୍ତି । ଏହା ଅମୃତ ତୁଲ୍ୟ ଶ୍ରୀମଦ୍ ଭାଗବତ୍ ଗୀତା ମହାପୁରୁଷର ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ । ଭଗବାନ ଶ୍ରୀକୃଷ୍ଣଙ୍କର ମୁଖ ନିସୃତ ଏହି ବାଣି ସମଗ୍ର ମାନବ ସମାଜ ଉଦ୍ଦେଶ୍ୟରେ ଶାନ୍ତି ସ୍ଥାପନ ଦିଗରେ ସମର୍ପିତ । ଆମ ଦେଶ ଭାରତ ଏକ ପ୍ରାଚୀନ କୀର୍ତ୍ତି ରାଜିର ସଭ୍ୟତା, ସମୃଦ୍ଧ ସଂସ୍କୃତି ଏବଂ ବିଶ୍ୱ ଐତିହ୍ୟର ନିଦର୍ଶନ । ଏହା ସମଗ୍ର ବିଶ୍ୱକୁ ସଦା ସର୍ବଦା ପ୍ରେରିତ କରି ଆସିଛି । ସାରା ବିଶ୍ୱକୁ ଜ୍ଞାନାଲୋକରେ ଆଲୋକିତ କରିବାଭଳି ମହାପୁରୁଷମାନେ ଏହି ମାଟିରେ ଅବତାର ନେଇଛନ୍ତି । ସେମାନଙ୍କ କାଳଜୟୀ କଳା, ସାହିତ୍ୟ, ଗୀତା, ଉପନିସଦ ଇତ୍ୟାଦି ସର୍ବଦା ଉତ୍ତମ ମାର୍ଗ ଦର୍ଶିକା ଭାବେ ପ୍ରେରିତ କରି ଆସୁଛନ୍ତି ଏବଂ ଆଗାମୀ ପିଢ଼ୀକୁ ପ୍ରେରିତ କରିବ ମଧ୍ୟ ଯଥାର୍ଥରେ କୁହାଯାଇଛି - ଯାହା ନାହିଁ ଭାରତେ, ତାହା ନାହିଁ ମରତେ । ମାତ୍ର ଶାନ୍ତି, ମୈତ୍ରୀର ବାର୍ତ୍ତା ପ୍ରେରଣ କରୁଥିବା ଏହି ପୁଣ୍ୟ ଭୂମିରେ ଅଧୁନା ଶାନ୍ତି ଏକ ଶବ୍ଦରେ ସୀମିତ ହୋଇ ରହିଗଲା ଭଳି ପ୍ରତିୟମାନ ହୁଏ । ଏହାର କାୟ ପ୍ରଶମିତ ହେବା ପରିବର୍ତ୍ତେ ସଂକୁଚିତ ହେବାରେ ଲାଗିଛି । ଯଦି ଏହି ରୀତି ଚାଲିରହେ ଶାନ୍ତି ନିଶ୍ଚୟ କାଳର କରାଳ ଗତିରେ ବିଲୀନ ହେବା ସଙ୍ଗେ ସଙ୍ଗେ ସମଗ୍ର ପୃଥିବୀ ଧ୍ୱଂସ ହୋଇଯିବ । ଜୀବନ କ୍ଷଣ ଭଙ୍ଗୁର ଜାଣି ମଧ୍ୟ ଆମ ମନରେ ଏତେ ଲୋଭ, କାମ, କ୍ରୋଧ, ମୋହ, ମାୟା, ପ୍ରତିହିଂସା, ଅହଂକାର କାହିଁକି ? ପରମାତ୍ମାଙ୍କ ନିର୍ଦ୍ଦେଶରେ ତାଙ୍କର ଶ୍ରେଷ୍ଠ ସୃଷ୍ଟି ଭାବେ ମାନବ ହୋଇ ଆମେ ଧରା ପୃଷ୍ଠରେ ଜନ୍ମ ଗ୍ରହଣ କଲେ । ଖାଲି ହାତରେ ଆସିଥିଲେ ଏବଂ ସବୁକିଛି ତ୍ୟାଗକରି ପୁନଶ୍ଚ ବହୁଡିଯିବା । ଜନ୍ମ ମୃତ୍ୟୁର ଚକ୍ର ବଡ ବିଚିତ୍ର ଅର୍ଥାତ୍ ଯେତେ ପର୍ଯ୍ୟନ୍ତ ଆମର କାୟା, କର୍ମ ଶୁଦ୍ଧହୋଇ ନାହିଁ, ପୂଣ୍ୟ ବଳ ସମୃଦ୍ଧ ହୋଇ ନାହିଁ, ଆମକୁ ଜନ୍ମ ପରେ ଜନ୍ମ ଗ୍ରହଣ କରିବାକୁ ପଡିବ ଏବଂ କୃତ କର୍ମର ଫଳ ଭୋଗ କରିବାକୁ ହେବ । ଜନ୍ମ ମୃତ୍ୟୁ ଚକ୍ରିକାର ମଧ୍ୟ ଭାଗରେ ଆମେ ନିଜ ମନ ମାନସକୁ ଆୟତ କରିବାରେ ବିଫଳ ହେଉଛେ । ଭୁଲ୍ - ଠିକ୍, ପାପ - ପୁଣ୍ୟକୁ ସମୀକ୍ଷା ନ କରି ଉଦ୍ଦାମ ଯୁବ ଅବସ୍ଥାକୁ ସମାଜର ମନ୍ଦ ଉଦ୍ଦେଶ୍ୟରେ ସମର୍ପିତ କରୁଛେ । ନିଜର ତଥା ସମାଜର ମଙ୍ଗଳ ସାଧନ ପରିବର୍ତ୍ତେ ମୋହ, ମାୟା, ଅଜ୍ଞାନତ, ଅହଂକାର ଭଳି ରିପୁ ମାନଙ୍କର ବଶବର୍ତ୍ତୀ ହୋଇ ଧ୍ୱଂସ ବାଟର ବାଟୋଇ ହେବା ସାର ହେଉଛି । ଏହି ଅବସରରେ ଜମିଦାର ଏବଂ ସାଧୁ ମହାଶୟଙ୍କ ଉକ୍ତି ଉପସ୍ଥାପନୀୟ ।

ବ୍ରଜ ବଲିଆର ସିଂ ରାମପୁର ଅଞ୍ଚଳର ଜମିଦାର ଅଟନ୍ତି । ତାଙ୍କର ପୂର୍ବପୁରୁଷ ଜମିଦାରୀକୁ ସେ ତାଙ୍କ ପିତାଙ୍କ ମୃତ୍ୟୁ ପରଠାରୁ ସମ୍ଭାଳି ଆସୁଛନ୍ତି । ଘରେ ଚାକର ବାକର, ଧନ ସମ୍ପତିର ଅଭାବ ନାହିଁ । ତାଙ୍କ ନାଁ ଶୁଣିଲେ ଖଣ୍ଡ ମଣ୍ଡଳରେ ଭୟର ବାତାବରଣ ସୃଷ୍ଟି ହୁଏ । ପିଲା ଦିନରୁ ଅଭାବ ଭଳି ଶବ୍ଦ ତାଙ୍କ ଶବ୍ଦ କୋଷରେ ନାହିଁ । ପୂର୍ବ ପୁରୁଷଙ୍କ ପଦାଙ୍କ ଅନୁସରଣ କରି ବହୁ ଲୋକଙ୍କ ସମ୍ପତି ଲୁଟ କରିଛନ୍ତି ସେ । ନିଜକୁ ବିଚାରପତି ଆସନରେ ବସାଇ ଅନେକଙ୍କୁ ଦଣ୍ଡ ଦେଇଛନ୍ତି ମଧ୍ୟ । ନିଜର ଆଧିପତ୍ୟ ଜାହିର କରିବା ତାଙ୍କର ବିଶେଷ ସଉକ ଅଟେ । ତାଙ୍କର ଗୋଟିଏ ଅଭ୍ୟାସ ଥିଲା କି ସେ ନିଜର ଏକମାତ୍ର ଭଉଣୀ ଘରକୁ ଏକା ଯାଉଥିଲେ । ସାଙ୍ଗରେ ଚାକର, ବାକର, ସଖା, ସହୋଦର ଏପରିକି ପରିବାର ମଧ୍ୟରୁ କାହାକୁ ସାଙ୍ଗରେ ନେଉନଥିଲେ । ବହୁଦିନ ପରେ ଆଜି ଭଉଣୀ କଥା ବହୁତ ମନେ ପଡିଲା ତାଙ୍କର । ଉପରବେଳା ଭଉଣୀ ଘରକୁ ଯିବେ ବୋଲି ମନବଳାଇବା ଜାଣି, ଭଉଣୀ ଘରକୁ ନେବା ପାଇଁ ଜିନିଷ ମାନ ରଖାଗଲା । ସେସବୁ ଜିନିଷକୁ ନିଜ ଗାଡିରେ ଧରି ଅପରାହ୍ନରେ ସେ ବାହାରି ପଡିଲେ । ହଁ, ବାହାରିବାରେ କିଛି ବିଳମ୍ବ ହୋଇ ଯାଇଥିଲା । କିଛି ବାଟ ଆସିବା ପରେ ଗୋଟିଏ ଅଣ ଚଉଡା ଜଙ୍ଗଲ ରାସ୍ତା ପଡେ । ସେହିବାଟରେ ଯାଉ ଯାଉ ଜମିଦାରଙ୍କ ମଟର ସାଇକଲଟି ହଠାତ୍ ବନ୍ଦ ହୋଇଗଲା । ସେ ଗାଡିଟିକୁ ଠିକ୍ କରିବାରେ ଲାଗିପଡିଲେ । ଏମିତି କିଛି ସମୟ ପରେ ଚତୁର୍ଦ୍ଦିଗ ଅନ୍ଧକାର

ପରିଲକ୍ଷିତ ହେଲା । ଏ କ'ଣ, ସୂର୍ଯ୍ୟାସ୍ତ ହେବାକୁ ବହୁତ ସମୟ ରହିଯାଇଛି । ଉପରକୁ ଲକ୍ଷ୍ୟ କଲେ, କଳା ବାଦଲ ସମଗ୍ର ଆକାଶକୁ ଆଚ୍ଛାଦିତ କରିଦେଇଛି । ଶୂନ୍ ଶାନ୍ ରାସ୍ତାକୁ ଏହି ଅନ୍ଧକାର ପୁଣି ଥରେ ସମୟ ପରେ ବିଜୁଳି ଏବଂ ଘଡ ଘଡିର ଶବ୍ଦ ଏକ ଭୟାତୁଳ ପରିବେଶ ସୃଷ୍ଟି କରୁଛି । ଇତସ୍ତତଃ ଭାବେ ଧାବମାନ ପଶୁ ଏବଂ ପକ୍ଷୀମାନଙ୍କର ରାବ ଏହି ମୂହୁର୍ତ୍ତକୁ ଆହୁରି ଭୟାତୁଳ କରିବାର ଖୋରାକ୍ ଯୋଗାଇଛି । ଅସାରାଏ ବର୍ଷା ପରେ କଳା ଅନ୍ଧାର ଦୂର ହୋଇ ଚତୁଃର୍ଦିଗ ଆଲୋକିତ ଦିଶିଲା । ହଁ, ବର୍ଷାରେ ଜମିଦାର ବ୍ରଜ ବାବୁ ସମ୍ପୂର୍ଣ୍ଣ ଭିଜି ଯାଇଥିଲେ । ସେ ନିଜ ସାର୍ଟ ଟିକୁ ଦେହରୁ ଖୋଲି, ପାଣି ଝାଡୁ ଝାଡୁ ଅଳ୍ପ ଦୂରରୁ ଭଜୁ କି ନା ରାମ ନାମରେ କୁମର, ଭଜୁ କିନା ରାମ ନାମ'ର ସୁନ୍ଦର ସଂଗୀତଟି ଭାସି ଆସିଲା । ଏତେ ଶୂନ୍ ଶାନ୍ ଜାଗାରେ ଏପରି ସୁମଧୁର କଣ୍ଠ ସ୍ୱର କାହାର ? କିଏ ସେ ଗାୟକ ? ନିଜକୁ ପ୍ରଶ୍ନ କଲେ ବ୍ରଜ ବାବୁ । ତାଙ୍କର ଦୃଷ୍ଟି ପଡିଲା ଜଣେ କେନ୍ଦରା ଗାୟକ, କେନ୍ଦରା ବଜାଇ ଗୀତ ଟିକୁ ଅତି ଭାବ ଗର୍ଭବ ଲୟରେ ଗାଇ ଗାଇ ଚାଲିଥାନ୍ତି । ସେ ତାଙ୍କ ଆଡକୁ ଅଗ୍ରସର ହେଲେ । କେନ୍ଦରା ଗାୟକ ମଧ୍ୟ ତାଙ୍କୁ ଦେଖି ସେଠାରେ ଟିକିଏ ଅଟକି ଗଲେ । ଗେରୁଆ ବସ୍ତ୍ର ପରିଭୃତ କେନ୍ଦରା ଗାୟକଙ୍କ ମୁଖ ମଣ୍ଡଳରୁ ରଶ୍ମି ଆଗତ, ପ୍ରଫୁଲ୍ଲ ଚିତ୍ତ ଏବଂ ଓଠରୁ ମଧୁର ହସ ଦେଖି ବ୍ରଜ ବାବୁ ତାଙ୍କ ଠାରୁ ଦୃଷ୍ଟି ଫେରାଇ ପାରୁନଥାନ୍ତି । ଏହି ସମୟରେ କେନ୍ଦରା ଗାୟକ ବ୍ରଜ ବାବୁଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କଲେ, ତୁମେ କଣ ଆଗ ଗାଁକୁ ଯିବ ? ବ୍ରଜ ବାବୁ ହଁ ଭରି କଥା ଆରମ୍ଭ କଲେ । ଯାଉ ଯାଉ ଏହି ବାଟରେ ଗାଡି ଖରାପ ହୋଇଗଲା । ଏହି କଳା ହାଣ୍ଡିଆ ମେଘ ମଧ୍ୟ ମୋ ବାଟରେ ବାଧକ ସାଜିଲା । କେନ୍ଦରା ଗାୟକ ସ୍ମିତ ହସି କହିଲେ ସମଗ୍ର ମାନବ ସମାଜର ମାର୍ଗ ଦର୍ଶିକା ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ ନିଜେ କହିଛନ୍ତି – କର୍ମଣ୍ୟେ ବଧିକାରସ୍ତେ ମା ଫଳେଷୁ କଦାଚନ । ଅର୍ଥାତ୍ କର୍ମ କରିବାରେ ହିଁ ତୁମର ଅଧିକାର ରହିଛି; କର୍ମର ଫଳ ଉପରେ ତୁମର କଦାପି ଅଧିକାର ନାହିଁ । ଏହି ଭଷାବାଦଲ ତ ସାମାନ୍ୟ, ସେ କାହାକୁ କଣ ରୋକି ପାରିବ । ଖାଲି ପଥିକର ଲକ୍ଷ୍ୟ ସ୍ଥିର ଏବଂ ପ୍ରଚେଷ୍ଟା ନିରନ୍ତର ହେବା କଥା । ଏହି ଭସା ବାଦଲର ଅତୀତ ଜଳ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଜଳ ହୋଇ ଫେରି ଆସିଲା । ଫରକ ଖାଲି ଏତିକି ଜଳରୁ ବାଦଲ ଏବଂ ପୁନଶ୍ଚ ଜଳରେ ପରିଣତ ହେବା ଅବସରରେ କେବଳ କିଛି ବିଜୁଳି, ଘଡ ଘଡି ସମ ଉନ୍ମାଦନା ସୃଷ୍ଟି କରି ଅନ୍ୟର ଅନିଷ୍ଟ ଘଟାଇ ମିଥ୍ୟା ଅହଂକାରର ଦାସ ହେଲା । ଶେଷରେ କୃତ କର୍ମ ଫଳ ଯୋଗୁଁ ଯେଉଁ ଜଳରୁ ସେ ଜାତ ହୋଇଥିଲା, ସେଇଠିକୁ ଫେରି ଆସିଲା । ଏହି ପରି ଚକ୍ର ତାର ଅବିରତ ଚାଲିଥିବ ଯେ ପର୍ଯ୍ୟନ୍ତ ସେ ନିଜକୁ ସତ୍ କର୍ମରେ ନିୟୋଜିତ କରିପାରିନଥିବ । ଆମେ ସମସ୍ତେ ପରମାତ୍ମାଙ୍କ ଅଂଶ ବିଶେଷ ଏବଂ ଆମ ଭିତରେ ଥିବା ସମସ୍ତ ଭଲ ପଣିଆ ପରମାତ୍ମାଙ୍କ ପ୍ରତୀକ । ମାତୃ ଗର୍ଭରୁ ଭୂମିଷ୍ଠ ହେବା ପରେ ଆମର କୈଶୋର ଏବଂ ଯୌବନକୁ ପୁଣ୍ୟ ବଳରେ ସମୃଦ୍ଧ କରି ସମାଜର ମଙ୍ଗଳ କରିପାରିଲେ ପରମାତ୍ମାଙ୍କ ପାଦ ପଦ୍ମରେ ସ୍ଥାନ ଲାଭ କରିପାରିବା । ସର୍ବଶ୍ରେଷ୍ଠ ପ୍ରାଣୀ ଭାବେ ଭଗବାନ ମଣିଷ ସୃଷ୍ଟି କଲେ । ବୁଦ୍ଧି, ବିବେକ, ବିଚାର ଶକ୍ତି ମଧ୍ୟ ଭରିଦେଲେ । ହେଲେ ସେ ମଣିଷ ନିଜର ସମସ୍ତ ଶକ୍ତିକୁ ଜନମାନସର ମଙ୍ଗଳ ଉଦ୍ଦେଶ୍ୟରେ ବିନିଯୋଗ କରିବା ପରିବର୍ତ୍ତେ ଧ୍ୱଂସ ଦିଗରେ ଲଗାଉଛି । ଭଗବାନ ତ ନିଜେ ଆସି ସମସ୍ତଙ୍କୁ ବୁଝାଇବେ ନାହିଁ । ଏହି ଅଧର୍ମ ଅନିତିକୁ ପ୍ରତିହିତ କରିବା ପାଇଁ, ଆମ ମାନଙ୍କ ଚେତନା ଜାଗ୍ରତ କରିବା ପାଇଁ ସମୟେ ସମୟେ କରୋନା ଭଳି ମହାମାରୀ, ଭୂକମ୍ପ, ସୁନାମି ଆଦି ଦୁର୍ବିପାକ ସୃଷ୍ଟି କରୁଛନ୍ତି । କେବଳ ସେ ଜଣାଇଦେବାକୁ ଚାହୁଁଛନ୍ତି ତାଙ୍କ ଶକ୍ତି ସମ୍ମୁଖରେ ଅନ୍ୟ ସମସ୍ତ କୃତ୍ରିମ ଶକ୍ତି ତୁଚ୍ଛ ଅଟେ । ଆମେ ମାନେ ଯେଉଁ ଉଦ୍ଦେଶ୍ୟରେ ଧରାବକ୍ଷରେ ଜନ୍ମ ନେଇଛେ, ସେହି କାମ ଶେଷ କରି ତାଙ୍କ ପାଖକୁ ବାହୁଡି ଯିବା । ଏହି ଯାତ୍ରା ରଥକୁ ବିପଥଗାମୀ କରିବା କଥା ନୁହେଁ । କଥା ଶେଷ ହେବା ଉତ୍ତାରୁ ଗାୟକ ମହୋଦୟ ବ୍ରଜ ବାବୁଙ୍କ ଉଦ୍ଦେଶ୍ୟରେ କହିଲେ, ମୋତେ ଟିକେ ସଅଳ ଯିବାକୁ ହେବ, ଠାକୁରଙ୍କ ସନ୍ଧ୍ୟା ସମୟ ଆଗତ ହୋଇ ଗଲାଣି, ମୋତେ ବିଦାୟ ନିଅନ୍ତୁ । ମନ୍ତ ମୁଗ୍ଧ ବ୍ରଜ ବାବୁ ଅପଲକ ନୟନରେ ଚାହିଁ ରହିଥାନ୍ତି ସେହି ଯୋଗୀ ମହାଶୟଙ୍କର ଚଲା ପଥକୁ । ଗାଡିଟିକୁ ଷ୍ଟାର୍ଟ କରୁ କରୁ ଗାଡି ମଧ୍ୟ ଷ୍ଟାର୍ଟ ହୋଇଗଲା । ସେ ନିଜ ଭଉଣୀ ଘରେ ସନ୍ଧ୍ୟା ପୂର୍ବରୁ ପହଞ୍ଚିଗଲେ । ରାତିରେ ତାଙ୍କୁ ଆଉ ନିଦ ହେଲାନି । ସେହି ସାଧୁ ବ୍ୟକ୍ତିଙ୍କର ଭସା ବାଦଲ ଉପାଖ୍ୟାନ ତାଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରୁଥାଏ । ସେ ଜାଣି ପାରିଲେ ଏହି ଉପାଖ୍ୟାନ ଟି ଈଶ୍ୱରଙ୍କ ଦୂତ ସଦୃଶ ସାଧୁ ବାବାଙ୍କ ମୁଖରୁ ତାଙ୍କ ଉଦ୍ଦେଶ୍ୟରେ ପ୍ରେରିତ ନୁହେଁ ତ ! ସେ ଜମିଦାର

ପରିବାରରେ ଜନ୍ମ ହୋଇଥିଲେ । ଦୁଃଖ କଷ୍ଟ କିଛି ଜାଣିନାହାନ୍ତି । ପୂର୍ବ ପୁରୁଷମାନଙ୍କ ପଦାଙ୍କ ଅନୁସରଣ କରି ନିଜର ବାହୁବଳ ଏବଂ ପଦବୀ ଦ୍ୱାରା ଭୁଲକୁ ଠିକ୍, ଅନ୍ୟାୟକୁ ନ୍ୟାୟ ସାବ୍ୟସ୍ତ କରିଛନ୍ତି । କିନ୍ତୁ, କେବେ ନିଜର କର୍ମ ସମୀକ୍ଷା କରିନାହାନ୍ତି କି ସେ କରିଥିବା କାମ କେତେ ଭୁଲ୍ ଓ କେତେ ଠିକ୍ । ବାକିତକ ଜୀବନ କେବଳ ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ସମର୍ପିତ କରିବାର ସଂକଳ୍ପ ନେଇ ଭଉଣୀ ଘରୁ ବିଦାୟ ନେଲେ । ଜମିଦାର ବ୍ରଜ ବଳିଆରସିଂ ସିନା ନଜର ଚେତନା ଫେରି ପାଇଲେ ମାତ୍ର ସମାଜରେ ତାଙ୍କ ଭଳି ବହୁତ ଅବଚେତନାରେ ଘୁରି ବୁଲୁଥିବା ବ୍ୟକ୍ତି ବିଶେଷ ଅଛନ୍ତି । ଭାରତ ବର୍ଷର କଳା, ସଂସ୍କୃତିରେ ଆକର୍ଷିତ ହୋଇ ବିଦେଶୀମାନେ ଧାଇଁ ଆସୁଛନ୍ତି । ମାତ୍ର ଆମ ଯୁବ ସମାଜ ସେମାନଙ୍କ ସଭ୍ୟତାକୁ ନବୁଝି ଗ୍ରହଣ କରିବା ବା ସେଥିପ୍ରତି ଆକର୍ଷିତ ହେବା ଏକ ବ୍ୟତିକ୍ରମ ଅଟେ । ଏହା ଅନଳ ଦେଖି କୀଟ ପତଙ୍ଗର ଆଗମନ ଏବଂ ଶେଷରେ ସେଥିରେ ଧ୍ୱଂସ ହେବା ସଦୃଶ । ପ୍ରଚଳିତ ସମାଜରେ ନୈତିକ ଶିକ୍ଷା ବିଲୁପ୍ତ ପ୍ରାୟ । ଲଘୁ ଜନ ମାନେ ନିଜକୁ ବିଜ୍ଞାନ ଯୁଗର ସନ୍ତାନ ବୋଲି ବିବେଚନା କରିବା ସଂଗେ ସଂଗେ ଗୁରୁଜନ ମାନଙ୍କୁ ହେୟ ମନେକରିବା ସବୁଠାରେ ଦେଖିବାକୁ ମିଳୁଛି । ସେମାନଙ୍କ ଜୀବନ କମ୍ପ୍ୟୁଟର, ମୋବାଇଲ ଫୋନ୍ ଦ୍ୱାରା ନିୟନ୍ତ୍ରିତ ହେଉଛି । ଗୁରୁ ଠାରୁ ଗୁଗୁଲ ଉପରେ ବେଶୀ ଆସ୍ଥା ସେମାନଙ୍କର । ଏହା ଉଲ୍ଲେଖ ଯୋଗ୍ୟ ଯେ ସଂସାରରେ ବଡ ସାନର ବ୍ୟବସ୍ଥା ଭଗବାନଙ୍କ ଦ୍ୱାରା ସୃଷ୍ଟି ! ବଡ ମାନେ ସାନ ମାନଙ୍କୁ ଉଚିତ୍ ଉପଦେଶ ଦେବା ଏବଂ ଠିକ୍ ମାର୍ଗଦର୍ଶନ କରିବା ଯେତିକି ଜରୁରୀ, ସାନମାନେ ମଧ୍ୟ ବଡ ମାନଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଶୃଙ୍ଖଳିତ ହେବା ସେତିକି ଆବଶ୍ୟକ । ପାଣ୍ଡବ ମାନଙ୍କ ମଧ୍ୟରେ ଧର୍ମରାଜ ଯୁଧିଷ୍ଠିର ବଡ ଭାଇ ନ ହୋଇ ଯଦି ଭୀମସେନ ବଡ ଭାଇ ହୋଇଥାନ୍ତେ ତେବେ ମହାଭାରତ ଯୁଦ୍ଧର ପରିଣାମ କଣ ହୋଇଥାନ୍ତା ତାହା ସହଜରେ ଅନୁମେୟ ।

ଏହା ଏକ ଚିନ୍ତାର ବିଷୟ ନିଶ୍ଚିନ୍ତ । ତେଣୁ ବିଶ୍ୱ ନିୟନ୍ତାଙ୍କ ନିମିତ୍ତ ସଂସାରରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣଭାବେ ରହିବାକୁ ହେଲେ ତାଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହେବା ଉଚିତ୍ । ଫ୍ୟାସିଅନ୍ ନାଁରେ ଅଙ୍ଗ ପ୍ରଦର୍ଶନ, ସ୍ୱାଧୀନତା ନାଁରେ ଅପସଂସ୍କୃତିକୁ ଆଲିଙ୍ଗନ କରିବା କେତେ ଦୂର ସମୀଚିନ । ଅନ୍ୟ ପକ୍ଷରେ ମଉଜ ମସ୍ତି ନାଁରେ ସୁରାପାନ, ଚୀର ପୂଜନୀୟା ମାତୃ ଜାତିକୁ ଅସମ୍ମାନ ମଧ୍ୟ ସଂପୂର୍ଣ୍ଣ ବର୍ଜନୀୟ । ଆମ ସଭ୍ୟତା, ସାଂସ୍କୃତିର ପୂର୍ବ କୀର୍ତ୍ତିରାଜି ଯଦି ମନେ ପକାଇବା ପାଇଁ ଏବଂ ତାକୁ ସମୃଦ୍ଧ କରିବା ପାଇଁ ଯଦି ଆପଣ ବ୍ରତୀ ନୁହଁନ୍ତି, ତେବେ ଆଗାମୀ ପିଢ଼ୀ ଆପଣଙ୍କୁ କଳଙ୍କିତ ବ୍ୟକ୍ତିତ୍ୱ ହିସାବରେ ଅଳିଆ ଗଦାରେ ଫିଙ୍ଗି ଦେବ । ପରିବର୍ତ୍ତୀତ ସମୟ ଏବଂ ପ୍ରଚଳିତ ବ୍ୟବସ୍ଥାରେ ଯନ୍ତ୍ରପାତି, କମ୍ପ୍ୟୁଟର, ବୈଦ୍ୟୁତିକ ଉପକରଣର ବ୍ୟବହାର ଯଦିବା ଆବଶ୍ୟକ ମାତ୍ର ଅତିଃ ସର୍ବତ୍ର ବର୍ଜଯେତ୍ ଉକ୍ତି ଏହାର ବହୁଳ ବ୍ୟବହାର ବର୍ଜନୀୟ । ଏହାକୁ ଆମେ ନିୟନ୍ତ୍ରଣ କରିବା ବଦଳରେ ଏହା ଆମକୁ ନିୟନ୍ତ୍ରଣ କରିବା ଆରମ୍ଭ କଲାଣି । ସମୟ ଆସିବ ମଣିଷ ଓ ରୋବୋର୍ଟ ମଧ୍ୟରେ ବିଶେଷ ପାର୍ଥକ୍ୟ ରହିବନି । ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେବି ମରଣ ଆଜି ନହେଲେ ବି କାଲି ଆମେ ସମସ୍ତେ ସେଇ ଚୀର ସତ୍ୟ ମୃତ୍ୟୁକୁ ଆପଣେଇବା । ଏହି ସତ୍ୟ ପାଖରେ ପହଞ୍ଚିବା ପୂର୍ବରୁ ମୋହ, ମାୟା, କାମ, କ୍ରୋଧ, ପ୍ରତିହିଂସାରୁ ନିବୃତ ହୋଇ ସମାଜର ମଙ୍ଗଳରେ ବ୍ରତୀ ହୋଇ ପାରିଲେ ଜୀବନ ସାର୍ଥକ ହେବ । ପରମାତ୍ମା ପ୍ରାପ୍ତି ହେବ, ନଚେତ ଭସାବାଦଲ ପରି ଉନ୍ମାଦିତ ହୋଇ ବିଜୁଳି, ଘଡ ଘଡି ସୃଷ୍ଟି କରି ପୁନଶ୍ଚ ଜଳରେ ପରିଣତ ହେବା । ଜଳରୁ ବାଦଲ ଏବଂ ବାଦଲରୁ ଜଳ ପରି ଜନ୍ମ ମୃତ୍ୟୁ ଚକ୍ରର ଘୂର୍ଣ୍ଣନ କକ୍ଷରେ ଘୁରି ବୁଲିବା ସାର ହେବ । ବିଚାର ଆପଣଙ୍କର.... କ୍ରମଶଃ ।

- ୦ -

ଭାରପ୍ରାପ୍ତ ଅଧିକାରୀ, ଏୟାରଫିଲ୍ଡ ଥାନା
ଭୁବନେଶ୍ୱର

ମହକ

ବୁଦ୍ଧି ଓ ସାହାସର ଜୟ

ଜ୍ୟୋତିସ୍ମାନ୍ ଶତପଥୀ

ଗାଁଟିର ନାଁ ବାଣପୁର । ବାଣପୁରଟି ଘଣ୍ଟଶିଳା ନାମକ ପାହାଡର ପାଦ ଶେଷରେ ଅବସ୍ଥିତ । ସେଇ ପାହାଡରେ ବହୁତ ପ୍ରକାର ଗଛ ଲତା ଉଠି ଖୁବ୍ ଜଙ୍ଗଲିଆ ହୋଇଥାଏ । ବାଘ, ଭାଲୁ, ହେଙ୍ଗା ଆଦି ହିଂସ୍ରଜନ୍ତୁମାନେ ଜଙ୍ଗଲରେ ରହିଥାନ୍ତି । ତେଣୁ ଗାଁର ଲୋକମାନେ ଏହିଭଣକୁ ଏକୁଟିଆ ଯିବାକୁ ଖୁବ୍ ଡରୁଥାନ୍ତି । ବାଣପୁରରେ ମଙ୍ଗଳବତୀ ଠାକୁରାଣୀ ମନ୍ଦିର ଅଛି । ପୂର୍ବେ ସେହି ମନ୍ଦିରରେ ଗୋଟି ବଡ ପିତ୍ତଳ ଘଣ୍ଟି ଥିଲା । ସେ ଘଣ୍ଟିଟି ବଜାଇଲେ ଗାଁ ସାରା ଘଣ୍ଟ ଶବ୍ଦ ଶୁଣା ଯାଉଥିଲା । ଥରେ ଗୋଟିଏ ଚୋର ସେ ପିତ୍ତଳ ଘଣ୍ଟି ମନ୍ଦିରରୁ ଚୋରି କରି ନେଇଗଲା । ସେ ଘଣ୍ଟି ଟି ଧରି ଜଙ୍ଗଲ ଭିତରେ ପଶିଗଲା ଓ ତରତର ହୋଇ ପଳାଇ ଯିବାରେ ଲାଗିଲା । ଏହି ସମୟରେ ଗୋଟିଏ ବାଘ ଚୋରକୁ ଝାମ୍ପ ମାରିଧରି ପକାଇଲା । ଅଳ୍ପ ସମୟ ମଧ୍ୟରେ ବାଘଟି ଚୋରକୁ ମାରି ଦେଲା । ହେଲେ ଘଣ୍ଟିଟି ସେଠାରେ ପଡି ରହିଲା । ଏକଥା ଗାଁ ଲୋକମାନେ ଜାଣି ପାରିଲେ ନାହିଁ । ଘଣ୍ଟଶିଳା ପାହାଡରେ ବହୁତ ମାଙ୍କଡ ମଧ୍ୟ ରହୁଥିଲେ । ତହିଁ ଆର ଦିନ ଗୋଟିଏ ହନୁମାଙ୍କଡ ଜଙ୍ଗଲରେ ଘଣ୍ଟିଟି ପଡି ଥିବାର ଦେଖିଲା । ସେ ଘଣ୍ଟିଟିକୁ ଏପଟ ସେପଟ କରି ଗଡାଇଲା । ଘଣ୍ଟି ଗଡିବାରୁ ଟଂ ଟାଂ ଶବ୍ଦ ହେଲା ମାଙ୍କଡକୁ ସେହି ଶବ୍ଦ ଭାରି ମଜା ଲାଗିଲା । ମାଙ୍କଡଟି ବଣ ରେ ବୁଲୁଥାଏ । ତା' ମନ ଯେତେବେଳେ ହେଉଥାଏ, ସେତେବେଳେ ସେ ସେହି ଘଣ୍ଟି ପାଖକୁ ଯାଇଟିକିଏ ବଜାଇ ଦେଉଥାଏ କ୍ରମେ କ୍ରମେ ଗାଁର ଲୋକମାନେ ପାହାଡ ଉପରୁ ଆସୁଥିବା ଘଣ୍ଟି ଶବ୍ଦ ଶୁଣିବାକୁ ପାଇଲେ ସେମାନେ ଭାବିଲେ, ଘଣ୍ଟା ସୁର ଏଥର ପୁଣି ଆସିଲାଣି । ପୂର୍ବେ ଘଣ୍ଟ ଶିଳା ପାହାଡରେ ଅସୁରଟିଏ ଥିଲା ସେ ବେଳେବେଳେ ଗାଁ ଲୋକଙ୍କୁ ମାରିବା ପରେ ଏପରି ଘଣ୍ଟିବଜାଉଥିଲା । ଘଣ୍ଟାସୁର ପୁଣି ଆସିଯିବା ଗୁଜବପବନ ବେଗରେ ପ୍ରଚାର ହୋଇଗଲା । ଗାଁର ମୁଖିଆ ମଧ୍ୟ ଏପରି ଘଣ୍ଟି ଶବ୍ଦର କାରଣ ବୁଝି ପାରିଲେ ନାହିଁ । ଗାଁ ଲୋକେ ବାଣପୁର ଛାଡି ଦୂରଗାଁକୁ ଚାଲିଯିବାରେ ଲାଗିଲେ । ସେତେବେଳେ ଗାଁରେ ଜଣେ ସାହାସୀ ଯୁବକଥିଲା । ସେ ଗାଁର ଲୋକଙ୍କୁ କହିଲା, "ତୁମେମାନେ ଏପରି ଭୟଭୀତ ହୋଇ ଗାଁଛାଡି ବାହାରକୁ ଯାଅ ନାହିଁ । ମୁଁ ଆଜି ପାହାଡ ଉପରକୁ ଯାଇ ଘଣ୍ଟି ବାଜୁଥିବାର କାରଣ ବୁଝି ଆସିବି । ତା'ପରେ ଯାହା କରିବା କଥା କରିବା ।" କିନ୍ତୁ ଲୋକେ ତା କଥାକୁ କାନରେ ପକାଇଲେ ନାହିଁ । ହେଲେ ଯୁବକଟି ନିରାଶ ହେଲା ନାହିଁ । ସେ ଏକାକୀ ଘଣ୍ଟ ଶିଳା ପାହାଡର ଉପରକୁ ଚଢ଼ିବାରେ ଲାଗିଲା । ପାହାଡ ଉପରକୁ ଯାଇ ସେ ଏଣେ ତେଣେ ବୁଲିଲା । ଏପରି କିଛି ସମୟ ବୁଲି ଯିବାପରେ ସେ ହଠାତ୍ ଘଣ୍ଟି ଶବ୍ଦ ଶୁଣିଲା । ସେ ସଙ୍ଗେ ସଙ୍ଗେ ଘଣ୍ଟି ଶବ୍ଦ ଆସୁଥିବା ଜାଗା ଆଡେ ଚାଲିଲା । ଅଳ୍ପ ସମୟ ମଧ୍ୟରେ ସେ ଗୋଟିଏ ଜାଗାରେ ପହଞ୍ଚି ଦେଖିଲା । କେତେକ ହନୁମାଙ୍କଡ ବିରାଟ ଘଣ୍ଟିଟିଏ ଧରି ଖେଳୁଛନ୍ତି । ଯୁବକଟି ପ୍ରଥମେ ଅବାକ୍ ହୋଇଗଲା । ହେଲେ ପରେ ପରେ ତାକୁ ମଜ୍ଜାଲାଗିଲା । ଗାଁ ଲୋକ ମାନଙ୍କର ଘଣ୍ଟାସୁରକୁ ଦେଖି ତାକୁ ହସ ମଧ ଲାଗିଲା । ଏଥର ସେ ମନେ ମନେ ବୁଦ୍ଧିଟିଏ ପାଞ୍ଚି ପାହାଡ ଉପରୁ ଓହ୍ଲାଇ ଆସିଲା । ତହିଁ ଆରଦିନ ଯୁବକଟି ତା ବାଡିରେ ଫଳିଥିବା ପାଚିଲା କଦଳୀ କାନ୍ଦିଟିଏ ଧରି ପାହାଡ ଉପରକୁ ଗଲା ସେ ମାଙ୍କଡମାନଙ୍କ ପାଖରେ କଦଳୀ କାନ୍ଦିଟି ଥୋଇଦେଲା । ମାଙ୍କଡମାନେ କଦଳୀ ଦେଖି ଭାରି ଖୁସି ହୋଇଗଲେ । ଘଣ୍ଟିଟିକୁ ଛାଡି ମହା ଆନନ୍ଦରେ କଦଳୀ ଖାଇବାରେ ଲାଗିଲେ । ଯୁବକଟି ସୁଯୋଗ ଉଣ୍ଡି ଘଣ୍ଟିଟିକୁ ଲୁଚାଇ ଧରିଲା । ହନୁମାଙ୍କଡମାନେ ଯେତେବେଳେ କଦଳୀ ଭୋଜିମାତିରେ ମାତିଥିଲେ ସେ ଘଣ୍ଟିଟିକୁ ଧରି ଚୁପଚାପ୍ ତଳକୁ ଓହ୍ଲାଇଆସିଲା । ଯୁବକଟି ଗାଁରେ ପହଞ୍ଚି ସିଧାସିଧା ମୁଖିଆଙ୍କ ପାଖରେ ପହଞ୍ଚିଗଲା । ଆଉ ଘଣ୍ଟିଟି ତାଙ୍କ ହାତକୁ ବଢ଼ାଇ ଦେଇ ସବୁ କଥା ମୂଳରୁ ଶେଷ ପର୍ଯ୍ୟନ୍ତ କହିଲା । ଗାଁ ମୁଖିଆ ଓ ଗାଁର ଲୋକମାନେ ଯୁବକର ବୁଦ୍ଧି ଓ ସାହାସ କଥା ଶୁଣି ତାକୁ ବହୁତ ପ୍ରଶଂସା କଲେ । ମୁଖିଆ ଯୁବକକୁ ପୁରସ୍କାର ମଧ ଦେଲେ ।

ବୁଦ୍ଧି ଓ ସାହାସର ସହିତ କାମ କଲେ ସବୁବେଳେ ବିଜୟ ଲାଭ ହୋଇଥାଏ ବୋଲି ମୁଖିଆ ଗାଁ ଲୋକଙ୍କୁ ବୁଝାଇ ଦେଲେ ।

- ୦ -

ଷଷ୍ଠ ଶ୍ରେଣୀ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେନାପୁର, ଯାଜପୁର

ଅଭିମାନ

ଶିବାନନ୍ଦ ବାରିକ

ସେ କେଉଁଠି ଶେଷ ହୋଇଛି ମୁଁ ଜାଣେନା କି ଆରମ୍ଭ କେଉଁଠି ସେତକ ବି, କିନ୍ତୁ ମୋ ପାଇଁ ମାତ୍ର ବାଇଶିରୁ ପଚିଶି କିଲୋମିଟର ଭିତରେ ସେ ନିତ୍ୟ ସହଚରୀ । କଳା ମଚମଚ ଚିକ୍କଣ ଦେହରେ ଧଳା ପଟାଦାଗ ତାକୁ ଦୁଇଭାଗ କରେ ତାର ପ୍ରେମିକ ମାନଙ୍କୁ ସାଇତି ରଖିବା ପାଇଁ ଅଲଗା ଅଲଗା କରି, ଠିକ୍ ହୃଦୟର ଚାରି କୋଠରୀ ପରି । ଦେହରେ ତାର ଦାଗଖଣ୍ଡେ ବି ନାହିଁ ତେଣୁ ମୋଟ ଉପରେ ଚଢ଼ି, ମାଡି ଗଲାବେଳେ ଲାଗେ ପବନ ଦୋଳିରେ ଉଡିଗଲାପରି । ଆଜି କିନ୍ତୁ ମୁଁ ଥିଲି ତା ହୃଦୟକୁ ପୁରାପୁରି କବଜା କରିଥିବା ଏକାକୀ ପ୍ରେମିକ । ସାରା ରାସ୍ତା ଶୁନ୍‌ଶାନ୍, କାଁ ଭାଁ କୋଉଠି ଜଣେ ଅଧେ ସରକାରୀ ସ୍ୱୀକୃତି ପାଇଥିବା ମୋଟର ଚାଳକ ମୋ ପାଖଦେଇ ମାଡି ଯାଉଛନ୍ତି । ସ୍ୱଚ୍ଛନ୍ଦରେ ବୁଲିବାର ମଜାକୁ ଏକଚାଟିଆ ଭାବେ ଉପଭୋଗ କରୁ କରୁ, ମୁଁ ସେମାନଙ୍କୁ ଦେଖି ଟିକେ ଅଭିମାନ କରେ । ହଁ ସେମାନେ ବି ମୋ ଭଳି କର୍ମଚାରୀ ହୋଇଥିବେ ନିହାତି... ନତୁବା ଖାକିବାଲାଙ୍କ କବଳରୁ କଣ ବର୍ତ୍ତିବା ସହଜ କଥା ! !

ଆଜି ଧୂଳିକଣା ଗୁଡାକ ବି ଯନ୍ତ୍ର ଜନିତ କୃତ୍ରିମ ବାୟୁର ସ୍ପର୍ଶରେ ଡେଣା ପାଇ ଗୋଟାଏ ଜାଗାରୁ ଉଡିଯାଇ ଆଉ ଗୋଟାଏ ଜାଗାରେ ପଡିବାରୁ ବଞ୍ଚିତ । ତେଣୁ କାଳି ସୁନ୍ଦରୀ ବି ଅଙ୍କା ବଙ୍କା ଦେହକୁ ଖୁବ୍ ଭଲଭାବେ ମୋତେ ଦେଖେଇ ପାରୁଛି... ଏତକ ଭିତରେ ଦୁଇପାଖରେ ଥିବା ଢ଼େର୍ ଲମ୍ବା ଆକାଶ ଛୁଆଁ ଶାଗୁଆନ ଆଉ ଶାଳଗଛଗୁଡାକ ପବନ ସହ ଘଷି ହୋଇ କାହିଁ କୋଉ ଦୂରରୁ ଆସୁଥିବା ଗାଡି ମୋଟର ଶବ୍ଦ କ୍ରମଶଃ ମୋ ପାଖକୁ ନେଇ ଆସୁଛନ୍ତି । କୋରାପୁଟର ଖଣ୍ଡି ଖଣ୍ଡି ପାହାଡ଼ ପଛକୁ ପଛ ଥାକ ଥାକ ହୋଇ ପଥଚାରୀଙ୍କ ମନ ମୋହୁଛନ୍ତି ।

କାମ ସାରି ସଅଳ ଫେରିଯିବା ଭଲ । ପାହାଡ ତଳିଆ ରାସ୍ତା, ଥରେ ଅଧେ ପାହାଡିଆ ଭେଣ୍ଡାମାନେ ତାଡି ପିଇ ଲୋକଙ୍କୁ ଅଟକେଇ ମାର ଧର କରିବାର ବି ମୁଁ ଶୁଣିଛି । ଦକ୍ଷିଣ ପଟୁ ଆକାଶଟା ବି ପାଣି ଧାରିଲାଣି, ତା'ରି ଭିତରେ ସୁରୁଜ ବି ହାଲକେଇ ଲୁଚିବାକୁ ଚେଷ୍ଟା କରୁଛି । ତରବରିଆ ହୋଇ ବାହାରିଗଲୁ ମାଝୀ ଆଉ ମୁଁ । ସେ ସେଠାକାର ଲୋକ, ତାଙ୍କ ସହ କିଛି ଦୂର ମୋର ଯାତ୍ରା ହୁଏ କେବଳ ଫେରିବା ବେଳଟା । ଜୟନ୍ତିଗିରିଠୁ ଆମ୍ବଗୁଡା ବାଟ ତକ ମୋର ।

ଆଜି କିନ୍ତୁ ସବୁକିଛି ଉପଭୋଗର ବସ୍ତୁ । ଆଜି ନା ଅଫିସ୍ କୋଳାହଳ ନା ଧୂଳି ଧୂଆଁ । ମହାମାରୀ ମଣିଷକୁ ଏତେ ମାତ୍ରାରେ ଭୟ ଦେଇଥିଲା ସତେ । ମସ୍ତିଷ୍କ ଆଜି ଅଜଣା ଗୋଟେ ଆନନ୍ଦରେ ହଜି ଯାଉଥାଏ । ବେଳେବେଳେ ଗୁଣୁ ଗୁଣୁ ହୋଇ ଦୁଇପଦ ଆପେ ଆପେ ଝରିଯାଉଛି ମୋ ଓଠରୁ, ପୁଣି କେବଳ ମୋ ପାଇଁ ! ! ଲାଗୁଛି ବାଟତକ ଆଜି ଜଲଦି ସରିଯିବ । ଖୁସିର ମୁହୂର୍ତ୍ତ କେବେ ବେଶୀ ତିଷ୍ଠି ପାରେ କି । ତଥାପି ମୁଁ ଏକାକୀ ଚାଲୁ ଚାଲୁ ନିରୋଳା ପ୍ରେମିକାର ଅଜଣା ସ୍ପର୍ଶ ପବନ ଦେହେ ମୋତେ ଅସ୍ଥିର କରୁଥାଏ । ମୁଁ କିନ୍ତୁ ଗୋଟାପଣେ କଳା ମଚ ମଚ ପିଚୁର ପ୍ରେମରେ ।

ହଠାତ୍ କିଛି ଦୂରରେ ଜଣେ ମଧ୍ୟ ବୟସ୍କ ଲୋକଟିଏ ତରବରିଆ ହୋଇ ପାଦକୁ ପାଦ ଛନ୍ଦି ଛନ୍ଦି ମୋ ସହ ସମାନ ଦିଗକୁ ରାସ୍ତା ପାଖରେ ଚାଲିଯାଉଥିବାର ଦେଖି, ଚାଲିଶି ହାତ ଓସାରିଆ ବାଟକୁ ସମାନ୍ତରାଳ ହେଇ ଲମ୍ବିଥିବା ଆଉ ଗୋଟେ ପୁରା ଦେଶୀ ରାସ୍ତା ଲମ୍ବିଥିବା ପ୍ରଥମ ଥର ମୋ ଲକ୍ଷ୍ୟରେ ପଡିଲା, ଯଦିଓ ଅଲକ୍ଷ୍ୟରେ ସେ କେବେ ମୋ ନଜରକୁ ଆସିଥିବ ।

ଏମିତି ଅସମୟରେ ନିଜ ଇଲାକା ଛାଡି ଏଭଳି ବାହାରକୁ ଆସିବାକୁ ଏମାନେ ସାହାସ କରନ୍ତିନି ପ୍ରାୟ । ଉପରେ ଖାକି ବାଲାଙ୍କୁ ଖୁବ୍ ଡରନ୍ତି । କୌତୁହଳ ବଶତଃ ଏତକ ଭିତରେ ମୋ ମୋଟର ତା' ପାଖରେ ଅଟକି ସାରିଥିଲା, ଗୋଟେ ସୁଚନାମୂଳକ ହର୍ଣ ସହ । ମୋ ମୋଟର ଅବାଜ୍ ପାଇ ସେ ରାସ୍ତାରୁ ଚାରିଫୁଟ୍ ଦୂରରେ ଥମ୍ କରି ଛିଡା ହୋଇ ଏକଲୟରେ ମୋତେ ଚାହୁଁଥିଲା ।

ବେଶଭୂଷା ଠିକ୍ ଗୋଟେ ଆଦିବାସୀର, ଦେହସାରା ଖଣ୍ଡେ ଖଣ୍ଡେ କଳା ଝୋଟି, ମୁଣ୍ଡରେ କେତେଟା ଧଳା କଳା ପକ୍ଷୀ ପର, ଗୋଟାଏ କାନରେ ଧାଡି ଧାଡି ହୋଇ କେତେଟା କାନ ଫାସିଆ

ଥୁଲୁଛି, କପାଳରେ ତିନି ଚାରି ରଙ୍ଗର ଶିରା । ଏମିତି ବହୁତ କିଛି । ଉପରୁ ତଳ ଥରେ ଆଖି ବୁଲେଇ ଆଣିଲା ବେଳକୁ ତା'ର ଚାହାଣି ଭୟରେ ଅଲଗା କିଛି ଇଶାରା କରୁଥିଲା ବୋଧେ । ସରକାରୀ ବାବୁଙ୍କୁ ଏମାନଙ୍କ ଖୁବ୍ ଡର, ଯାହା ଗତ ଦୁଇବର୍ଷ ରହଣିରେ ମୁଁ ବୁଝିସାରିଥିଲି । ତାକୁ ଟିକେ ଆଶ୍ୱସ୍ତି ଦେବାଲାଗି ମୁଣ୍ଡରୁ ହେଲମେଟଟି ବାହାର କରି ଟିକେ ମୁରୁକି ହସିଦେଲି ସେଇ ଲୋକଟା ଉଦ୍ଦେଶ୍ୟରେ । ସେ କିନ୍ତୁ ପୂର୍ବବତ୍ ଚାହାଣୀରେ କୌଣସି ପରିବର୍ତ୍ତନ କରିନଥାଏ ।

... କି ହୋ ଦାଦା... କୁଆଡେ ଚାଲିଲା,.... ?

ଇଁ..... !

ତୁମେ ଜାଣିନ କି ଏବେ ମହାମାରୀ ବେଳ !! ଘରୁ ବାହାରି ଏମିତି ରାସ୍ତାରେ କାଇଁ ବୁଲୁଛ... ?

କହୁନ... କଣ ହେଲା.... ?

ବାବୁ... ତେମେ ସର୍କାରି ନୋକ !! ମୁଁ କାଇଁ ତୁମ ବାଟରେ ଯାଉଚି କି ! ମୁଁ ତ ମୋର ବାଟରେ ।

ମାନେ ?

ମାନେ ଆଉ କିସ ଯେ !!... ସେଇଟା ତୁମ ସର୍କାରର ଜେଗା... ତୁମ ବଡଲୋକର ବାଟ... ଆମ ବାଟ ନାଇଁ । ।.. ଆମ ବାଟ ତ ଏଇଟା ।

କାହିଁକି ? .... ତୁମେ ଏଇ ପକ୍କା ରାସ୍ତାର ଚାଲୁନ ।... ତୁମ ପାଇଁ ତ ଏଇ ବାଟ...

ନା ହୋ... ଆମର ଲୋଡା ନାହିଁ ସେ ବାଟ.. । ଆମର ପେଟ କାଟି ଏଇ ବଣଘାଟି ସବୁ ଲୁଟିବା ପାଇଁ ତୁମ ବଡ ସର୍କାର କରିଛି ବାଟ ଟା । ଆମ ଗଛ କାଟିଲ, ଆମ୍ଭ ଦୁଇ ପୁଞ୍ଜା ଆଉ କାଇଁ ମିଳେ ଯେ ? ଗଛ କାଟି ଘେନିବାକୁ ସୁବିଧା ହେବା ଲାଗି ଏଟା ତିଆରିଛ... ଏଇ ବାଟଟା ମୋ ଘର ଆଡେ ଯାଉଛି, ଆଉ ତୁମର ଟା ସରକାର ଘରକୁ ଯାଉଛି । ତୁମେ ତା'ର ଲୋକ୍ ଯେ । ମୁଁ ଯିବି କାଇଁ । ଆମେ କହିଥିଲୁ କି ଆମର ଚିକ୍କଣ ବାଟ ଲୋଡା ବୋଲିକରି... ତୁମ ସରକାର ଆମ ପେଟ ଭୁକ ଚିହ୍ନି ପାରେ କି... ? ନାଇଁ ତ ?... ତା'ର ବାଟରେ ଆମେ କାଇଁ ଯିବୁ ? ମୋର ଜାତି ଆଦିବାସୀ.... ମୋର ଜାତି ଆଦିବାସୀ..... ।

ଲୋଡା ନାହିଁ ମୋର.... ଲୋଡା ନାହିଁ ସେ ବାଟ....

ଉପରକୁ ହାତ ଟେକି ଏତକ କହି କହି ଚାଲି ଯାଉଥିଲା.. ଗଲାବେଳେ ତା' ଛାତିର ଖୋଭ ଗଣ୍ଠିକ ଠୁଳ ହୋଇ ଆଖି ଦେଇ ଜଳିଉଠୁଥିବାର ମୁଁ ଦେଖିଛି । ସତରେ ସେ ଜାତି ଆଦିବାସୀ, ଯିଏ ଅବାଞ୍ଛିତ ଭାବେ ଏତେ ସୁନ୍ଦରିଆ ବାଟଟିକୁ ଆପଣେଇ ପାରୁନି ସେ ପୁଣି ରାସ୍ତା ଉପରକୁ ଆସି ଲୋକଙ୍କୁ ମାରପିଟ କରିବା ବୋଧହୁଏ ସମ୍ଭବ ପରିଧି ବାହାରେ । ଯେଉଁଠି ମାଗଣା ପାଇଲେ ଲୋକଙ୍କ ରକ୍ତ ଶୋଷି ଦେବାକୁ ସମାଜଟା ଦାନ୍ତ ଦେଖେଇ ବସିଛି ସେଇଠି ଏମିତି ଗୋଟେ ସ୍ୱାଭିମାନ ଜାତି ମୁଣ୍ଡ ଟେକି ଛିଡା ହୋଇପାରେ । ବହୁଦୂର ଯାଏଁ ଦୁଇ ଫୁଟ ଓସାରିଆ ମାଟି ବାଟ ଟା ଅଙ୍କେଇ ବଙ୍କେଇ ଖୁବ୍ ଉଜ୍ଜ୍ୱଳ ଦିଶୁଥିଲା । ସେ ଉଜ୍ଜ୍ୱଳ ପଣ ବୋଧହୁଏ ଏଇଭଳି ଆତ୍ମାମାନଙ୍କ ପାଦତଳର ଚର୍ମ ସ୍ପର୍ଶ ହେତୁ ସମ୍ଭବ ହୋଇପାରିଛି । ବାସ୍ ଆରପାଖେ ମୁହଁ କଳା କରି ସୁଦ୍ଧା ଛାତି ଫୁଲେଇ ମାଡି ଚାଲିଛି ଆମ ସରକାରିଆଙ୍କ ରାସ୍ତା । କଥାରେ ଅଛି ଚୋର ମୁହଁ ଟାଣ...

ଗୋଟେ ଅଭିମାନୀ ଆଉ ଗୋଟେ ସ୍ୱାଭିମାନୀର ମଝି ଧାର ଉପରେ ଛିଡା ହୋଇ ବେଶ୍ ହସିଦେଲି ମନଖୋଲା ହସଟେ । ମୁଁ ଏବେ ସେଇ ତନୁ ପତଳି ଅଭିମାନୀ ବାଟ ପ୍ରେମରେ । ହସୁ ହସୁ କେତେ ଛବି ତିଆରି ହେଲାଣି ଆଖିରେ... ଏତିକି ବେଳେ ଘରୁ ଶୁଭିଲା.... ।

... ହ୍ୟାଲୋ...!! ଆହେ ସରକାରୀ ବାବୁ ! ଆଜି ପୁଣି କାହା ପ୍ରେମରେ ପଡି ବିଳମ୍ବ ? ଆସ ଜଲଦି... ଡେରି ହେଲାଣି.... ମୋଟର ମାଡି ଚାଲିଲା ଘର ଆଡକୁ...

- ୦ -

କବିସୂର୍ଯ୍ୟନଗର, ଗଞ୍ଜାମ

ଭୋକର ଭୂଗୋଳ

ସୂର୍ଯ୍ୟକାନ୍ତ ଛୋ

ଲକ୍ଷ୍ମୀଧର ବାବୁ, ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାରିକୁଦ ଗଡ ପାଖରୁ ପାଦଚଲା ବାଟରେ ତାଙ୍କ ଘର । କୁହନ୍ତି ବାପ ଅଜା ସମୟରୁ ସେଇଠି ବଢ଼ିଛନ୍ତି ସେ । କହିବାକୁ ଗଲେ ଆଜିକା ସମୟରେ ଅନେକ କୃଷ୍ଟଚୁଡା ପତ୍ରଝଡା ଦେବା ଆଉ ଅନେକ ପୂର୍ଣ୍ଣିମା, ଅମାବାସ୍ୟା ଦେଖିଲେଣି ଲକ୍ଷ୍ମୀଧର ବାବୁ । ଅବଶ୍ୟ ବୟସ ସାଙ୍ଗକୁ ଅନେକ କିଛି ବଦଳୁଥିବା ଚେହେରା ଆଉ ଚରିତ୍ର ଦେଖିଛନ୍ତି ସେ । ଏବେ ସେ ଟିକେ ବିଶ୍ରାମ କରୁଛନ୍ତି । ସବୁଦିନ ସକାଳୁ ଉଠି ପ୍ରଥମେ ଖବରକାଗଜ ଖୋଜନ୍ତି ଲକ୍ଷ୍ମୀଧର ବାବୁ । ସମୟ ସକାଳ ପ୍ରାୟ ୭ଟା ହବ, ଚୌକିରେ ବସି ପେପର ପଢୁ ପଢୁ ଲକ୍ଷ୍ମୀଧର ବାବୁ ହଠାତ୍ କେଉଁ ଏକ ଅଜଣା ଭାବନା ରାଇଜରେ ବୁଡିଗଲେ । ପାଖ ଟେବୁଲ୍‌ରେ ଚା' ରଖି ବଡ ବୋହୂ ଆସି ପଚାରିଲା, ବାପା ଆପଣ କଣ ଭାବୁଛନ୍ତି ? ମନରେ ଅସୁମାରି ଆଶା ନେଇ ଲକ୍ଷ୍ମୀଧର ବାବୁ ହସ ହସ ମୁହଁରେ କହିଲେ ମା'ରେ ଅତୀତ ଆଉ ବର୍ତ୍ତମାନକୁ ମନ ନିକିତରେ ତଉଲିବାକୁ ଚେଷ୍ଟା କରୁଚି । ବଡ ବୋହୂ ସୀମା, ବାପାଙ୍କ ମନରେ ଥିବା ଅସମାହିତ ପ୍ରଶ୍ନର ଉତ୍ତର ପାଇବା ଆଶାରେ ପ୍ରଶ୍ନ କଲା ଏମିତି କୋଉ କଥା ଅଛି ବାପା, ଯାହା ଆପଣଙ୍କୁ ଏତେ ଆନ୍ଦୋଳିତ କରୁଛି । ସ୍ମିତ ହାସ୍ୟ ରଖି ଲକ୍ଷ୍ମୀଧର ବାବୁ କହିଲେ ନାଇଁରେ ମା' ସେମିତି କିଛି ନୁହେଁ, ବାସ୍ ସମୟ କେମିତି ବଦଳି ଯାଇଛି ସେଇ ସବୁ ଏକଥା ମନର କାନ୍‌ଭାସ୍‌ରେ ଉଙ୍କି ମାରୁଚି, ଏଇ ଯେମିତି... ।

ମୁଁ ଯେତେବେଳେ ଛୋଟ ଥିଲି, ଗାଁରେ କାଁ ଭାଁ ଚାଟଶାଳୀ ଥିଲା । ଚାଟଶାଳୀ ଯିବାକୁ ସମସ୍ତଙ୍କ ପାଖରେ ସମ୍ବଳ ନଥିଲା । ତଥାପି ମୁଁ ସେତେବେଳେ ଗାଁ ଚାଟଶାଳୀରେ ଅଙ୍କ ଆଉ ବନାନ ପୁରା ସାରିଦେଇଥିଲି । ଥରେ ଅଧେକୁ ଛାଡିଦେଲେ ପ୍ରାୟ ଆମ ଘରେ ସମସ୍ତେ ଏକାଠି ଖାଉ ।

ଗରିବ ଆଉ ଗରିବୀ ଭିତରେ ଏଇ ଛୋଟ ଛୋଟ ଖୁସି ଟିକକ ଆମମାନଙ୍କ ପାଇଁ ବେଶ୍ ଦାମୀ । ମୁଁ ସେତେବେଳେ ଛୋଟ ଥିଲି, ମୋର ଠିକ୍ ମନେ ଅଛି ଯେତେବେଳେ ୬୮ ମସିହାରେ ମଗୁଡି ପଡିଥିଲା, ସେତେବେଳେ ଆମ ଅଞ୍ଚଳର ଲୋକଙ୍କ ମେ ଭାଙ୍ଗି ପଡିଥିଲା । ଅଳ୍ପ କେଇଜଣ ବଡବଡିଆଙ୍କୁ ଛାଡିଦେଲେ ସବୁ ଖାଇବାକୁ ବହୁତ ହିନସ୍ଥା ହେଉଥିଲେ । ସେତେବେଳେ ଚାଉଳ ନଥାଏ । କାଲି କଣ ଦିଟା ଫୁଟେଇ ଖାଇବା ତ କଥା, ଆଜିର ଖାଇବା ପରିବାର ପାଇଁ ଯୋଗାଡ କରିବା କା ପାଠ । ବାପା ସକାଳ ପହରୁ କୁଆଡେ ଯାଆନ୍ତି ଯେ ଦିନ ୧୨ଟାରେ ଘରେ ପହଞ୍ଚନ୍ତି । ଗାମୁଛାରେ କୋଉ ଦିନ ଖୁଦ ତ ପୁଣି କୋଉ ଦିନ ତୁମେ ଧାନ ନେଇ ଫେରନ୍ତି । ଘରେ ପିଲା ବଡ ମିଶି ୯ ଜଣ ପ୍ରାଣୀ । ବୋଉ ବାଡିପଟୁ ଫଳତ ଆଣି ବାଛି ବୁଛି ଖୁଦ କରିଦିଏ । ଆଉ ଯୋଉଦିନ ଗୁଣ୍ଡ ମିଶ ଚାଉଳ ଆସେ ସେଦିନ ସମସ୍ତେ ଭାତ ଦିଟା ଫୁଟିଲା ପରେ ଆନନ୍ଦରେ ଖାଉ । ଆଉ ଯୋଉଦିନ ଧାନ ମିଳିଥାଏ, ଦିନ ଗଡି ଯିବ ଆଉ ସଭିଏଁ ଭୋକ ସହି ନ ପାରିବେ ବୋଲି ହାଣ୍ଡିରେ ପୋଷେ ମାଣ୍ଡିଆ ଫୁଟେଇ ଦିଏ । ହେଲେ ସେତେ ଦିନ ଆସି ଦି'ଘଡି ହେଉଥିବ ଆଉ ମୁଁ ଭୋକ ସମ୍ଭାଳି ପା କାନ୍ଦି ପକାଏ ।

ଦିନେ ଏମିତି ଭୋକ ସମ୍ଭାଳି ନପାରି ଗରମ ମାଣ୍ଡିଆ ଯା ହାତ ପୂରେଇ ଦେଇଥିଲି । ଜେଜେମା ଆସିଲା ଶୁଣେ ସେତିକିରେ ମନ ବୁଝିଲାନି ଗୋଟେ ଶକ୍ତ ଚାପୁଡା ଦେଲା ବାରିପଟଟେ ଆସି କାନ୍ଦିଲି । ସେଦିନର ଭୋକ ଆଉ ପରି ପେଟ ପାଇଁ ସବୁଦିନ ଅଣ୍ଡା ସଳଖି ପାରୁନଥିବା ବୁଢା ବା ନୂଆଁଣିଆ ଶରୀର ଦେଖି ମୁଁ ବେଶ ଅନୁମାନ କରିପାରୁଥା ପ୍ରାଣୀଙ୍କ ପେଟରେ ଦାନା ଟିକିଏ ଦେବା ପାଇଁ ନିଇତି ଶଗ ଭରଣ ଭରଣ ଓଜନର ଅଖା ଟେକି ତା ଅଣ୍ଡା ଆଜି ଦବି ଯା ସବୁଦିନ ରାତିରେ ମୁଁ ବାପାଙ୍କ କୋହ ଭରା କାନ୍ଦ ଶୁଣେ । କୁହେ ତମେ ଏମିତି ଧର୍ଯ୍ୟହରା ହେଲେ ଚଳିବ । ବ୍ୟସ୍ତ ହୁଅନି ଠିକ୍ ହେଇ ଯିବ । ସମୟକୁ ଅପେକ୍ଷାକର ଆଉ ଭଗବାନଙ୍କ ଉ ସବୁ ଛାଡିଦିଅ । ଏମିତି ସବୁଦିନ ଖାଦ୍ୟର ସନ୍ଧାନ ଆଉ "ଭେ

ଭୂଗୋଳ" ଦେଖିଚି ଏଇ ଆଖି । ହେଲେ ଆଜି ଯେତେବେଳେ ପ୍ଲେଟରେ ଅଧା ଖାଇବା ଖାଇ କଣ୍ଟା ଚାମଚକୁ ରଖି ଖାଇବା ଜାଗାରୁ ପିଲାଏ ଉଠିଯାଉଛନ୍ତି, ମତେ ବହୁତ କଷ୍ଟ ହୁଏ । କହିଲେ ଇଂରାଜୀରେ କଣ ସବୁ କୁହନ୍ତି ମୁ ସେଗୁଡା ବୁଝିପାରେନି ।

ତତେ ଲାଗୁଥିବରେ ମା', ବୁଢ଼ାଟା ଛୋଟ ଛୋଟ କଥାକୁ ନେଇ ଏତେ ବିବ୍ରତ ହେଇଯାଉଛି କ'ଣ ପାଇଁ ? ହେଲେ ମୁଁ କହିବି ପରିସ୍ଥିତି ଆଉ ପରିବେଶକୁ ଅତି ନିକଟରୁ ଦେଖିଥିବା ଲୋକଟା ଠିକ୍ ବୁଝିପାରେ ଭାବବିହ୍ୱଳ ମନ ଭିତରେ "ଭୋକର ଭୂଗୋଳ" । ତେଣୁ ବୋହୁ ଚେଷ୍ଟା କରିବୁ ଅର୍ଣ୍ଣ ଯେମିତି ବ୍ୟର୍ଥ ନଯାଏ । କେବଳ ଘରେ କାହିଁକି ଆମେ ଯେଉଁଠିବି ଯାଉ, ଯେତିକି ଦରକାର ସେତିକି ଖାଦ୍ୟ ମଗେଇ ତାକୁ ପ୍ଲେଟ୍‌ରୁ ସାରି ଫେରିବାକୁ । ତା ହେଲେ ହୁଏତ କ୍ଷେତରେ ଏତେ କଷ୍ଟକରି ସୁନା ଫଳାଉଥିବା ମୋ ବାପାଙ୍କ ପରି ମଣିଷମାନଙ୍କର ପରିଶ୍ରମ ବ୍ୟର୍ଥ ଯିବନି । ଆଜି ବି ଏମିତି ଅନେକ ପରିବାର ଅଛି । ଆଉ ଅନେକ ଅସହାୟ ଅଛନ୍ତି ଯେଉଁମାନେ ଦିନରେ ଦୁଇଓଳି ଖାଇବାକୁ ପାଆନ୍ତିନି । ତେଣୁ ରାଜା ହେଉ କି ରଙ୍କ, ସମସ୍ତେ ପରିସ୍ଥିତିର ଦାସ । ଦେଖିବୁ ଦିନେ ଖାଇବାର ମର୍ଯ୍ୟଦା ରଖିଲେ ଅନ୍ନଦାତା ତୁମ ଥାଳି ସବୁବେଳେ ଭରି ଦେଉଥିବେ । ଏତିକି କହି ପେପରକୁ ଭାଙ୍ଗି ଭୁଙ୍ଗି ଟା କପ୍ ଆଡେ ହାତ ବଢ଼ାନ୍ତି ଲକ୍ଷ୍ମୀଧର ବାବୁ । ସୀମା କୁହେ ଟା ଥଣ୍ଡା ହେଇ ଯିବଣି ବାପା ମୁଁ ଗରମ କରି ନେଇ ଆସେ । ପଛକୁ ଫେରି କୁହେ - ମୁଁ ଚେଷ୍ଟା କରିବି ବାପା ଏହା ପ୍ରଥମେ ଆମ ଘରୁ ଆରମ୍ଭ କରିବାକୁ । ମୁଁ ସତ କହିବି କେବଳ ମୁଁ ନୁହେଁ, ପ୍ରତ୍ୟେକ ଘରର ଲୋକ ଯଦି ନିଜେ ସଚେତନ ହେଇ ଯାଆନ୍ତି ନା, ତାହେଲେ ଦେଖିବେ ପ୍ରତ୍ୟେକ ଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣ ଧୀରେ ଧୀରେ ନିଶ୍ଚୟ କମିଯିବ । ମୁହଁରେ ସ୍ମିତ ହାସ୍ୟ ରଖି ମୁଣ୍ଡ ଟୁଙ୍ଗାରୁଥାନ୍ତି ଲକ୍ଷ୍ମୀଧର ବାବୁ ।

- ୦ -

କୃଷ୍ଣପ୍ରସାଦ, ପାରିକୁଦ, ପୁରୀ

ଆଦର୍ଶ ଜଳ ଛତ୍ର

ତୁଷାର ଦାସ

ବୈଶାଖ ମାସ ଖରା, ପ୍ରବଳ ତାତି ସାଙ୍ଗକୁ ଗରମ ପବନରେ ଦେହ ହାତ ପୋଡି ପକାଉଛି । ଏଇ ଭଳି ଖରାରେ ଠାଏ ଠାଏ ଜଳଛତ୍ର ଖୋଲାଯାଏ ବହୁତ ଅନୁଷ୍ଠାନ, କ୍ଲବ୍ ତରଫରୁ । ଆମ ଅଞ୍ଚଳରେ ବି ଏକ ବୃହତ ଜଳଛତ୍ର ଖୋଲା ଯିବ ବୋଲି ଚାରିଆଡେ ପ୍ରଚାର ହୋଇଗଲା । ଖୋଦ୍ ଜନପ୍ରତିନିଧି ଆସିବେ ଉଦ୍‌ଘାଟନ କରିବାକୁ । ଏ ଖବର ଶୁଣି ସରପଞ୍ଚ ବାବୁ ମଧ୍ୟ ତତ୍ପର ହୋଇ ଉଠିଲେ । ଜଳଛତ୍ର ଖୋଲିବାର ସବୁ ଭାର ମୁଣ୍ଡ ଓପରକୁ ନେଲେ । ଚେଲା, ଚାମୁଣ୍ଡା ଯେତେ ଅଛନ୍ତି ତାଙ୍କୁ ସ୍ଥାନୀୟ ନେତା ତାଗିଦ୍ କଲେ ଜଳଛତ୍ର ଖୋଲିବାକୁ ଉଚିତ୍ ଜାଗା ଦେଖିବା ପାଇଁ । ସେ ଯାହା ହଉ ବହୁ ଆଲୋଚନା ପରେ ଶେଷରେ ଗାଁ ମୁଣ୍ଡରେ ଯେଉଁ ତ୍ରିଛକି ରାସ୍ତା ରହିଛି ସେଠି ଖୋଲାଯିବ ବୋଲି ନିର୍ଦ୍ଧାରିତ ହେଲା । ଜଳଛତ୍ର ଖୋଲା ହେଲା ।

ଆରେ ଦହି, ଲେମ୍ବୁ, ପୋଦିନା ପତ୍ର ସବୁ କିଣା ହେଇକି ଆସିଛି ତ । ସ୍ଥାନୀୟ ନେତା ଆସି ପଚାରିଲେ ସେଥିରେ ଆଉ ଢ଼ିଲା ଅଛି କି ବାବୁ ସବୁ କାମ ସରିଛି ନା । ପାଖରେ ଥିବା ଜଣେ ଚେଲା ମୁରୁକି ହସି କହିଲେ । ସ୍ଥାନୀୟ ନେତା ବାବୁ ଖୁସି ହେଲେ । ଉପରେ ବ୍ୟାନର ଟାଙ୍ଗି ଦିଆ ହେଲା "ଆଦର୍ଶ ଜଳ ଛତ୍ର" ।

ବଡ ବଡ ଷ୍ଟିଲ ହାଣ୍ଡି ଅଣାଗଲା, ସେଥିରେ ଦହି, ଲେମ୍ବୁ, ଆମ୍ବ କଷିଆ ଅଦା, ପୋଦିନା ଓ ପାଣି ମିଶାଇ ସରବତ କରାଗଲା । ପଥଚାରୀ ଆସି ପାଣି, ସରବତ ମାଗୁଥାନ୍ତି କିନ୍ତୁ ନା, ଜନପ୍ରତିନିଧି ଉଦ୍‌ଘାଟନ ନ କରିବା ଯାଏ ଟୋପେ ବି ଦିଆ ଯିବନି, ଯାହାର ପ୍ରାଣ ଉଡିଗଲେ ବି ଶୁଣା ଯିବନି । ଆଗ ଜନପ୍ରତିନିଧି ଆସି ଉଦ୍‌ଘାଟନ କରିବେ ତା ପରେ ଯୋଉ କଥା । ଶେଷରେ ଅପେକ୍ଷାର ଅନ୍ତ ହେଲା । ଜନପ୍ରତିନିଧି ମହୋଦୟ ଆସିଲେ । ଜିନ୍ଦାବାଦ୍ ଜିନ୍ଦାବାଦ୍ ଶବଦରେ କାନ ଫାଟି ପଡୁଛି । ଉଦ୍‌ଘାଟନ ହେଲା, ପଥଚାରୀଙ୍କୁ ପିଇବାକୁ ଦିଆଗଲା । ମିଡିଆ ବାଲା ଆସି ଫଟୋ ଉଠେଇଲେ । ସବୁ ଖୁସିରେ ତାଳି ମାରୁଥାନ୍ତି । ଜନପ୍ରତିନିଧି ମହୋଦୟ ଭାଷଣ ଦେଲେ ଏବଂ ପ୍ରତିଶ୍ରୁତି ମଧ୍ୟ ଦେଲେ ଏ ଜଳଛତ୍

ଖରାଦିନ ନ ଯିବା ଯାଏ ବନ୍ଦ୍ ହବନି, ଆହୁରି ଅନେକ ସ୍ଥାନରେ ମଧ୍ୟ ଜଳଛତ୍ର ଖୋଲା ଯିବ । କିନ୍ତୁ ତା ପରଦିନ ଓଲଟା ଘଟିଲା । ଉପରେ ଆସିଥିବା ଷ୍ଟିଲ୍ ହାଣ୍ଡି ଫେରାଇଦିଆଗଲା । ଜଳଛତ୍ର ବନ୍ଦ ହେଇଗଲା ଯେଉଁ ପଥଚାରୀ ଜାଣିଥିଲେ ଏଠାରେ ଜଳଛତ୍ର ରହିଛି ସେ ଏଠାକୁ ପାଣି ପିଇବାକୁ ଆସି ନିରାଶ ହୋଇ ଫେରିଗଲେ । ଜଳଛତ୍ର ବ୍ୟାନର ଉପରେ ବସି ଗାଁ ପିଲା ତାସ୍ ଖେଳିଲେ । ଜନପ୍ରତିନିଧି ମହୋଦୟଙ୍କ ପ୍ରତିଶ୍ରୁତି ସେମିତି ରହିଗଲା ।

କେହି ଜଣେ ନ୍ୟୁଜ୍ ପେପରରେ ଖବର ପଢ଼ିବାର୍ ଶୁଣାଗଲା । ଆଜି ମାନ୍ୟବର ଜନପ୍ରତିନିଧି ମହୋଦୟ ଉଦ୍‌ଘାଟନ କଲେ ଏକ "ଆଦର୍ଶ ଜଳଛତ୍ର" ।

- ୦ -

ବୃନ୍ଦାଦେଇପୁର ଶାସ୍ୱନ
ଜେନାପୁର, ଯାଜପୁର

ବାକି ଖାତା

ପ୍ରଦୀପ ନାୟକ

ଏଇ କଥାଟିର ବୟସ ପ୍ରାୟ ପଇଁଚଳିଶ ବର୍ଷ । ଦୋକାନୀ ସାର୍‌ଙ୍କ ବାଡିପଟ ଘର । ଚଳ ଛପର ଘର, ସାମନାରେ ସିମେଣ୍ଟ ତିଆରି ଚରିକୋଣିଆ କାନ୍ଥିନୀର କୂଅ । ପଥର ଘେରା ଚଉହଦୀ । ଖରାଦିନ ହେଉ କି ବର୍ଷା ଦିନ, ଗାଁ ପିଲାଏ ସେଠି ତାସ, ଲୁଡୁ ଖେଳ ପାଇଁ ଏକାଠି । ଘରର ଗୋଟିଏ ପଟେ ଥୁଆ ହେଇଥିବ ଥାକଥାକ ଗୁଡ ବାହାଣି, ଲୁଣ ବସ୍ତା ଆଉ କିଛି ଦୋକାନ ଜନିଷ, ମୂଷା ମାଟି କାଣ୍ଡି ହେଇଥିବ କଣରେ । ଆଉ କିଛିରେ ପିଲାଙ୍କ ହାତ ବାଜୁ, ଖେଳ ଭିତରେ ଅନୁଆରୀଗୁଡ ବାହାଣିରୁ କିଛି କିଛି ଖଇରାତ ହେବା ଥୟ । କିଏ ତେନ୍ତୁଳି ଆଣିଚି ତ ଗୁଡ ଲୋଡା, କିଏ ଦଦଇଆ ପତର କଲାଣି ତ ଗୁଡ । ଘରେ ପିଲାମାନଙ୍କୁ ନ ପାଇଲେ ବାପା ମାଆ ଆଉ କେଉଁଠି ଖୋଜିବାକୁ ନଯାଇ ଚଲି ଆସିବେ ସେଇଠିକୁ । ଖେଳ ଚଲିଥିବ, ଗୁଡଖିଆ ଚଲିଥିବ ।

ଖେଳ ମଝିରେ ପିଲାଙ୍କ ଦୃଷ୍ଟିପଡେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଗୋଟେ ଖାତା ଉପରେ । ଖାତାଟି ଲମ୍ବା, ପୁରୁଣା, ଲୋଚାକୋଚା । କିଛି ଅଂଶ ଚିରିଯାଇଛି । ପ୍ରଭାତ ନାୟକ ଡାକ ନାଆଁ ଘନ କୌତୁହଳ ବଶତଃ ଖାତାଟିକୁ ଉଠେଇ ଆଣି ପଢ଼ିବାକୁ ଲାଗିଲା । ବୁଝାପଡିଲା ସେଇଟି ସାର୍‌ଙ୍କ ଦୋକାନ ବାକିଖାତା । ସାରଙ୍କ ଝର କଲମ ଆଉ ହାତଲେଖା ସେତେବେଳେ ସାରା ଗାଆଁରେ ବାଛିଆରୀ । କାଳି ଦୁଆତରେ ଝର କଲମ ବୁଡେଇ ଟିକେ ଛାଟି ଦେଇ ସାର୍ କରଣିଆ ଅକ୍ଷରରେ ଲେଖନ୍ତି ମୂଳାମଞ୍ଜି ପରି ଅକ୍ଷର । ନପଢ଼ିଲା ପିଲା ବି ପଢ଼ିପାରିବ । ଘନ ପଢୁଥିଲା ସପ୍ତମ ଶ୍ରେଣୀରେ । ପଢ଼ିବାରେ ଭୁଲ ନାହିଁ ହେଲେ ବୁଝିବାରେ ଗୋଳମାଳ । ଲେଖାଟାର ଅର୍ଥ କ'ଣ ବୁଝି ହେଉନି । ପାଖରେ ବସିଥିବା ସାଙ୍ଗକୁ ବି ପଚାରିଲା । ସମସ୍ତେ ପଢ଼ିଲେ ହେଲେ କାହାରି ମୁଣ୍ଡରେ ଲେଖାର ଅର୍ଥ ପଉଟୁ ନାହିଁ । ମନ ଧ୍ୟାନ ଦେଇ ଯା ହାତରୁ ସିଏ, ତା ହାତରୁ ଇଏ ନେଉ ପଢ଼ିଲେ । ହେଲେ ଉତ୍ତର କାହା ପାଖରେ ନାହିଁ ।

ଖାତାରେ ଲେଖାଅଛି - ମଧୁ କିରାସିନୀ ପାଶୁରୀ ମାଆ ଦି'ଅଣା । ସମସ୍ତେ ହସି ହସି ଗଡିଗଲେ । ସେଦିନର ଖେଳ ସରିଲା ସିନା, କଥାର ଲହର କିନ୍ତୁ ସରିଲା ନାହିଁ । ହେଲେ କିଏ ଯାଇ ସାରଙ୍କୁ ପଚାରିବ ଯେ ଯା'ର ଅର୍ଥ କ'ଣ ।

ତେବେ ଏଇ ପଦେ କଥା କିନ୍ତୁ ତୁଣ୍ଡରୁ ତୁଣ୍ଡରୁ ବ୍ୟାପି, ପିଲାମାନଙ୍କ ମଧ୍ୟରେ ଗୋଟେ ହସର ମାଧ୍ୟମ ପାଲଟି ଯାଇଥିଲା ।

ଅନେକ ଦିନ ପରେ କେହି ବୟସ୍କ ଲୋକ ପିଲାମାନଙ୍କ ଏଇ କଥାକୁ ନେଇ ସାରଙ୍କୁ ପଚାରିବାରୁ ବୁଝାପଡିଲା ।

ଚତୁମାସ୍ୟା ସମୟ । କାଦୁଅ ଗାଁ ଦାଣ୍ଡ । ଏ ମୁଣ୍ଡରୁ ସେ ମୁଣ୍ଡ ଯିବା ପାଇଁ ଅଧଘଣ୍ଟା ଲାଗେ । ତା ସାଙ୍ଗକୁ ଝଡି ଲାଗି ରହିଲେ ଲୋକମାନଙ୍କର ଚଳିବା ମୁସ୍କିଲ । ଉଁସାଧାନ ଶୁଖିପାରେନା । ପିଣ୍ଡାରେ ହେଁସ ବିଛେଇ, ଢ଼ିଙ୍କି ନହେଲେ ହେମଦସ୍ତାରେ କୁଟି

ଭାତ ପାଇଁ ଚଉଳ ସଂଗ୍ରହ ହୁଏ । ତରକାରୀ ରାନ୍ଧିବା ଆହୁରି ଦୁଷ୍କର । ଲାଇନ୍ ନଥିବାରୁ ଡିବି ତେଲଟିକେ ନ ହେଲେ ସଞ୍ଜବେଳୁ ଖାଇପିଇ ଶୋଇଯାଆନ୍ତି ଲୋକ । ରାତି ଆଠଟା ବେଳକୁ ଗାଁ ନିରବ ହେଇଯାଏ । ତେବେ ଘଟଣାଟି ଏମିତି ଘଟିଥିଲା । ପାଶୁରି ମା (ସ୍ୱାଇଁ) ବୁଢ଼ୀ ଆରମୁଣ୍ଡରୁ ବାହାରିଛି ଦୋକାନ ଜିନିଷ ପାଇଁ । ମୁଣ୍ଡରେ ପକ୍ଷିଆ, ହାତରେ ବ୍ୟାଗ୍ । ଦଖଲା କାଦୁଅରେ ବଡକଷ୍ଟରେ ଯିବାକୁ ହେବ ଦୋକାନୀ ସାରଙ୍କ ଦୋକାନକୁ ଜିନିଷ ପାଇଁ । ଧୋବାଘର ମୁଣ୍ଡରୁ ଚତରମୁଣ୍ଡ ଡାକେବାଟ । ଦାଣ୍ଡରେ ପାଶୁରି ମା'କୁ ଦେଖି ମଧୁସୂଦନ ବେହୁରା ପଚାରିଲେ- ଦୋକାନକୁ ଯାଉଛୁ କି ମା' ?

ହଁରେ ଘରେ ତେଲ, ଫୁଟଣ କିଛି ନାହିଁ, ପୋଡାମୁହାଁ ଝଡି ଛାଡିବାର ନାଆଁ ନାହିଁ । ଦୋକାନକୁ ଯାଉଛି ।

ତା ହେଲେ ମୋର ଗୋଟିଏ କାମ କର । ମୁଁ କାହିଁକି ଆଉ କାଦୁଅରେ ପଡିପଡି ସେ ମୁଣ୍ଡକୁ ଯିବି । ଘରେ ଆମର କିରୋସିନି ନାହିଁ । ସଞ୍ଜହେଲେ ଘର ଅନ୍ଧାର ହେବ । ମୁଁ ବୋତଲ ଦେଉଛି । ଦୋକାନୀ ସାର୍‌ଙ୍କ ଠାରୁ ଦି'ଅଣାରେ କିରୋସିନି ଆଣିବୁ ।

ପାଶୁରି ମା' ପଇସା କଥା କହିବାରୁ ମଧୁସୂଦନ ବେହୁରା କହିଲେ, ଆମର ନିତ୍ୟାନି ଜିନିଷ ତାଙ୍କରି ଦୋକାନରୁ ଆସେ । ଖାତା ଅଛି, ମୋ ନାଆଁ କହିଲେ ସେ ବାକି ଖାତାରେ ଲେଖିଦେବେ ।

ପାଶୁରି ମା' ବୋତଲ ନେଇ ସାରଙ୍କୁ ତେଲକଥା କହିଲେ ଏବଂ ବାକି ଖାତାରେ ଲେଖିଦେବାକୁ ମଧ୍ୟ କହିଲେ । କିରୋସିନି ନେଇ ଘରକୁ ଫେରିଲେ ।

ଦୋକାନୀ ସାର୍ ପ୍ରତିଟି କଥାକୁ ନିର୍ଦ୍ଦିଷ୍ଟ ଭାବରେ ବାକି ଖାତରେ ଲେଖିରଖନ୍ତି । କାଳେ ମନେ ନ ରହିବ ସେଥିପାଇଁ ଖାତାରେ ଲେଖିଛନ୍ତି - ମଧୁ କିରାସିନି ପାଶୁରି ମା' ଦି'ଅଣା । ସେଇ ଖାତାଟି ଥିଲା ଦିନାଦି ଖାତା । ଦିନସାରା ଯିଏ ଯାହା ବାକି ନେଲା, ସେଠି ଲେଖା ହୁଏ । ସଞ୍ଜକୁ ଗରାଖ କମିଲେ ସେସବୁ ମୂଳ ବାକି ଖାତାକୁ ଉଠେ । ଦିନସାରା ସବୁ କଥା ମନେ ରହିନପାରେ, ତେଣୁ ଠାରରେ ସୂଚେଇ ଦେଇଥିଲେ ମୂଳଖାତାକୁ ଉଠିବାରେ ଆଉ ଭୁଲ୍ ହୁଏ ନାହିଁ । ଯାହା ବ୍ୟବସାୟରେ ସ୍ୱଚ୍ଛତାର ନିଦର୍ଶନ ।

ଏହି କଥାଟି ଯଦିଓ ହାସ୍ୟାତ୍ମକ ଲାଗୁଥାଇ ପାରେ କିନ୍ତୁ ଥରେ ଭାବିଲେ, ଗାଆଁରେ ପରସ୍ପର ପ୍ରତି ଥିବା ସହଯୋଗ, ତତ୍‌କାଳୀନ ଗ୍ରାମ ଅବସ୍ଥା, ସାମାଜିକ ଚଳଣିର ଏହା ନିଦର୍ଶନ ନୁହେଁ କି ? ଗୋଟିଏ ସମୟରେ ଦିନଥିଲା ଚର୍ତୁମାସ୍ୟା ସମୟରେ କେମିତି ଥିଲା ଦାଣ୍ଡ, ଘରେଘରେ ଚଳିବା ବ୍ୟବସ୍ଥା । ଅଧିକାଂଶ ଘରେ ନାଗୁଆଣି ନଥିବ ଚୁଲି ଲଗେଇବାକୁ ତ କାହାଘରେ ଚଉଳ ନଥିବ । ତାଟିଆଏ, ପରଶୁଣିଏ ଚଉଳ ଉଧାର ପାଇଁ ଇଏ ତା ଘରକୁ, ସିଏ ଆ ଘରକୁ ଯାଉଥିବେ । ଡିବିତେଲ ବି ଉଧାରରେ ଚଲିଥିବ । ଅଭାବ ଥିଲା କିନ୍ତୁ ପରସ୍ପର ପ୍ରତି ସହାନୁଭୂତି ଥିଲା । ଆଜି ହୁଏତ ଲୋକମାନଙ୍କର ସେ ଅବସ୍ଥାର ପରିବର୍ତ୍ତନ ଘଟିଛି । ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି ସତ କିନ୍ତୁ ସେ ସମୟର ଆନ୍ତରିକତା, ସଂପର୍କରେ ନିବିଡତା, ଗ୍ରାମୀଣ ସହ ବନ୍ଧନ କମିଯାଇଛି । ହଜିଯାଇଛି ବି ଗ୍ରାମଗତ ଆବେଗ ପ୍ରବଣତା । ସବୁ ଗ୍ରାମ ବ୍ୟବସ୍ଥା ରହିଯାଇଛି ଇତିହାସର ବାକି ଖାତାରେ । କେବେ ସେ ବାକି ଆଉ ଅସୁଲ ହେଇପାରିବନି ।

—୦—

ବନ୍ଧପଡା, ମଦନପୁର, କେନ୍ଦ୍ରାପଡା
ଫୋନ୍ - ୮୯୧୭୩୭୦୨୨୭

ଦରଗଢ଼ା ମଣିଷ

କିରଣ ନା

ଗାଁ ଟା ସାରା ତାଙ୍କୁ ସମସ୍ତେ ମାଧା ବୋଲି ଡାକନ୍ତି । ସେଇ ଗୋଟାଏ ନାମ ପିଲାଠାରୁ ବଡ ପର୍ଯ୍ୟନ୍ତ ସମସ୍ତଙ୍କ ପାଟିରେ । ସେଥିରେ ତାଙ୍କର କିଛି ଫରକ ପଡେନି । କେହି କେହି ଯଦି ଅତି ବଡ ହେଲା ମାଧା ଭାଇନା ଡାକରେ ତାଙ୍କ ଦୃଷ୍ଟିରେ କିଛିବି ଫରକ୍ ନଥାଏ । ଆମେ ବି ତାଙ୍କୁ ମାଧା ଭାଇନା ଡାକୁ । ଯଦିଓ ସଂପର୍କରେ ସେ ଆମର ମାମୁଁ ହେବେ ।

ଦେଖିବାକୁ ଗୋରା, ଠିଆ ନାକ, ସାଢ଼େ ପାଞ୍ଚଫୁଟ ଉପରେ ଉଚ୍ଚତା ଓ ବଳିଷ୍ଠ ଚେହେରା । ମୁଣ୍ଡର ବୁଟି ଗୁଡାକ କିନ୍ତୁ କହଁରିଆ । ସବୁବେଳେ ପରିଧାନର ବସ୍ତ୍ର ହେଉଛି ଗୋଟେ ନୀଳ ରଙ୍ଗର ଖୋର୍ଦ୍ଧା ଲୁଙ୍ଗି ଓ କାନ୍ଧରେ ଗୋଟେ ଗାମୁଛା । ଯଦି କେତେବେଳେ ଭଉଣୀ ଘରକୁ ବୁଲିଯାନ୍ତି, ତେବେ ଗୋଟେ ଧଳା ଧୋତି, ଆଉ ଦେହରେ ଖଣ୍ଡେ ହାପ୍ ସାର୍ଟ, କାନ୍ଧରେ ଗାମୁଛା ଖଣ୍ଡକ କିନ୍ତୁ ନିଶ୍ଚିତ ଥାଏ । କେହି କେବେ ଦେଖିନି ତେଲ ଲଗାଇ ସେ ମୁଣ୍ଡଟି କୁଣ୍ଡାଇ ଥିବାର, କି ଗୋଡରେ ହଳେ ଚପଲ ପିନ୍ଧି କୁଆଡେ ଯିବାର । ତାଙ୍କର ଗୋଟିଏ ଦୁର୍ବଳତା ତାସ୍ ଖେଳ ।

ଗାଁ ପିଲାମାନେ ତାସ୍ ଖେଳିବା ସମୟରେ ସେ ଖୁବ୍ ଆଗ୍ରହରେ ବସି ଦେଖନ୍ତି । ବେଳେବେଳେ ଯଦି ଖେଳାଳି ସଂଖ୍ୟା କମିଯାଏ, ତେବେ ତା'ସ୍ଥାନ ସେ ପୂରଣ କରନ୍ତି (ଅବଶ୍ୟ ନିହାତି ଆବଶ୍ୟକ ପଡିଲେ) । ତାସ୍‌ର ମାଗୁଣି ଖେଳରେ ଏତେ ମୁଣ୍ଡ ଖଟାଇବାକୁ ପଡେନି, ତଥାପି ଭୁଲ୍ ଭାଲ୍ ଖେଳୁଥିବାରୁ ସମସ୍ତେ ଗାଳି ଦେଉଥାନ୍ତି । ସାଥୀ ଖେଳାଳି ଯୋର୍‌ରେ କହୁଥାଏ, "ମାଧା ଭାଇନା ଏକା ଟା ନ ଖେଳି ଛୋଟଟେ କାହିଁକି ଖେଳିଲ, ଗଲା ଆମର ଗଣ୍ଡାଟେ ହାତଛଡା ହୋଇଗଲା" । ପାନଖିଆ ଦାନ୍ତରେ ହସି ଦିଅନ୍ତି । କିନ୍ତୁ କେବେ ବି ରାଗନ୍ତି ନି ! କି କାହା କଥା ଧରନ୍ତି ନି ।

ଭଗବାନ ସିନା ସୁନ୍ଦର ଚେହେରା ଦେଲେ, କିନ୍ତୁ ଗୋଟିଏ ଜିନିଷ ଦେବାରେ ଟିକେ କୃପଣ କରିଦେଲ । ଯାହା ବୋଧେ ତାଙ୍କ ଜୀବନର ଗତିପଥକୁ ଭିନ୍ନ ମୋଡ ଦେଇଥିଲା । ତାହା ହେଉଛି ତାଙ୍କୁ ଟିକେ କମ୍ ଶୁଣାଯାଏ ।

ନିମ୍ନ ମଧ୍ୟବିତ୍ତ ପରିବାରର ସାନ ପୁଅ । ପରିବାରରେ ବାକି ତିନି ଭଉଣୀ ଓ ଦୁଇ ଭାଇ କିନ୍ତୁ ତାଙ୍କ ପରି ନୁହନ୍ତି । ଅ ସେମାନେ ସମସ୍ତେ ନର୍ମାଲ୍ । କମ ଶୁଣା ଯାଉଥିବାରୁ ବୁଝିବା ଶ ବି କମ୍ ରହୁଥିଲା । ସାଧାରଣ ଲୋକ ଭଳି ସେ ନଥିଲେ । ବୁ ଟିକେ କମ୍ ଥିଲା । ସେଇ କାରଣ ହିଁ ତାଙ୍କୁ ମାଧବରୁ ମାଧୁଆ ଶେଷରେ ମାଧା କରିଦେଲା । ମାମୁଁ, କକେଇ, ଦଦେଇ, ଭାଇ ଡାକଗୁଡାକ ହଜିଗଲା ମାଧା ଡାକ ଭିତରେ । ଆଉ ନନା ବା ଡାକଟା ତ ତାଙ୍କ ଜୀବନରୁ ବହୁତ ଦୂରରେ ରହିଗଲା । ସତ କହିବ ଗଲେ ସମସ୍ତେ ତାଙ୍କୁ ବୋକା ହିସାବରେ ଗଣତି କରନ୍ତି । କ୍ର କାଳକ୍ରମେ ତାଙ୍କର ସୁନ୍ଦର ନାମ ମାଧବ ଟି ଅପଭ୍ରଂଶ ହେ ମାଧାରେ ପରିଣତ ହୋଇଗଲା । ଉଦାସିଆ ମଣିଷ ଆଉ ଅ ଚାରେଣି ଭଳି । ସବୁଠି ଥାଇ ବି ନଥିଲା ଭଳି ।

ଜନ୍ମବେଳେ ଗୋରା ବର୍ଣ୍ଣରେ ପୁଅଟିଏ ଦେଖି ମା' ଖୁସି ଥିଲେ । ରକ୍ଷଣଶୀଳ ଯୌଥ ପରିବାରର ବାପା ମାନେ ପ୍ରକଟ କରି ନପାରିଲା ପରି, ନନା ତାଙ୍କର ପୂର୍ବରୁ ଦୁଇ ଥିବାରୁ ଖୁସି ପ୍ରକାଶ କରିପାରି ନଥିଲେ । ସେ ସମୟର ଯେଉଁ ସମୟରେ ସାଂସାରିକ ଜୀବନରେ ଛୁଆ ହେବାଟା ସାଧାରଣ କଥା । ସ୍ତ୍ରୀ ଲୋକ ଓ ମେସିନ୍ ଭିତରେ କିଛି ଫ ନଥାଏ । ଫି ସାଲ୍ ଗୋଟିଏ ଗୋଟିଏ ଛୁଆ ହେବା ଏକ ସାଧା ଘଟଣା । ତେଣୁ ଷଷ୍ଠ ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଥିବା ପୁ ପାଇଁ ବା କୋଉ ଖୁସି ଥିଲା । କେବଳ ଜନ୍ମ ଦେଇଥିବା ମା' ପୁ ଗୋରା ତକତକ ପୁଅଟିକୁ ଦେଖି ଖୁସି ହୋଇ ଯାଇଥିଲେ । କି ଦୁଇ ତିନି ବର୍ଷ ବୟସ ବେଳକୁ ପୁଅଟିକୁ କମ୍ ଶୁଣା ଯା ପରିବାର ଜାଣି ପାରିଥିଲେ । ବୋଉଙ୍କର ଚିନ୍ତା ସେଇ ଦିନଠୁ ବଢ଼ି ଯାଇଥିଲା । କମ୍ ଶୁଣିବା ସହ ବୁଝିବା ଶକ୍ତି ବି କମ୍ ଥିଲା ତେଣୁ ପାଠଶାଠ ବି ହଲାନି । ନନା, ଭାଇମାନେ ପ ହେଉନଥିବାରୁ ବିରକ୍ତ ହେଉଥିଲେ, କିନ୍ତୁ ସେ କ'ଣ କରିବେ ଯେ ବିଧାତା ତାଙ୍କୁ ସେମିତି ଗଢ଼ିଥିଲା । କେବଳ ଘର କାମ କରିବେ ସକ୍ଷମ ଥିଲେ । ଏଇ ଯେମିତି ଗାଈ ବଳଦଙ୍କୁ ଖାଇବାକୁ ଦେବା, ଗାଈ ଦୁହିଁବା, ମାଟି ହାଣି ଶାଗ ପଟାଳି କରିବା, ବଜାର ସଉଦା

ଜରିବା, ନଡିଆ ଓ ଆମ୍ବ ତୋଳା ସମୟରେ ଠିଆ ହେବା, କାଠ ଚାଣିବା ଏଇପରି କାମ ଯେଉଁଥିରେ ବୁଦ୍ଧିର କାମ ବେଶି ନଥାଏ, ସେପରି କାମ ସବୁ କରିଥାନ୍ତି । କଥା କିନ୍ତୁ ଖୁବ୍ କମ୍ କହିଥାନ୍ତି । ବେଳେବେଳେ ନଜାଣିବା ଲୋକ ତାଙ୍କୁ ମୁକ ବୋଲି ବି ଭାବିନେବା ଜାହାର ଆବଶ୍ୟକ ପଡିନଥାଏ ତାଙ୍କ ସହିତ ଦୁଃଖ ସୁଖ ହେବାକୁ, କି ତାଙ୍କର ବି ଦରକାର ନଥାଏ କାହା ବିଷୟରେ ଜାଣିବାକୁ ।

ସମୟକ୍ରମେ ଭାଇ ଭଉଣୀ ବଡ ହେଲେ । ଭଉଣୀମାନେ ବିବାହ କରିଲେ ବଡ ଭାଇ ଚାକିରୀ କରି ତାଙ୍କ ସଂସାର ନେଇ ବାହାରେ ରହିଲେ । ଘରେ ରହିଗଲେ ସାନ ଭାଇଙ୍କ ପରିବାର, ମା' ଓ ମାଧା । ସାନ ଭାଇନା ସ୍ୱଳ୍ପ କିଛି ଜମିବାଡିର ଆୟ ଓ ଛୋଟ ଚାକିରି ଟିରେ ନିଜର ଚାରୋଟି ପିଲା, ମା' ଓ ଭାଇଙ୍କୁ ନେଇ କଷ୍ଟେମଷ୍ଟେ ପରିବାର ଚଳାନ୍ତି । ସାଧାରଣତଃ ନପାରିଲା ସନ୍ତାନ ପ୍ରତି ମା'ର ଦୁର୍ବଳତା ଥାଏ । ମାଧା ଭାଇନାଙ୍କ ମା'ଙ୍କର ଦୁର୍ବଳତା ମଧ୍ୟ ମାଧା ଭାଇନାଙ୍କ ପ୍ରତି ଥିଲା । ସବୁବେଳେ ତାଙ୍କ ପାଇଁ ଚିନ୍ତା କରନ୍ତି ।

କହିବାକୁ ଗଲେ ଖୁବ୍ ଭଲ ପାଆନ୍ତି ତାଙ୍କୁ । ଏକମାତ୍ର ଚିନ୍ତାଥାଏ ତାଙ୍କ ଅନ୍ତେ ସଂସାରରେ ତାଙ୍କର ସେଇ ପୁଅଟି କେମିତି ଚଳିବ ।

ସମୟ କାହାର ସୁବିଧା ଅସୁବିଧା ପରଖେ ନି ତା' ବେଳ ଆସିଲେ ସେ ଠିକ୍ ଚାଲିଆସେ । ମାଧା ବୋଉଙ୍କର ଶେଷ ସମୟ ବି ଆସିଲା । ଶେଷ ଶଯ୍ୟାରେ ପଡିଥିବା ସମୟରେ ମାଧା ଭାଇନାଙ୍କ ଚିନ୍ତାହିଁ ତାଙ୍କର ଥିଲା । ଯେଉଁ ଦିନ ସେ ଚାଲିଗଲେ ସମସ୍ତେ ଭାବୁଥିଲେ ମାଧା ଭାଇନା ନିଶ୍ଚୟ କାନ୍ଦିବେ, ଭାଙ୍ଗିପଡିବେ । ସଂସାରରେ ତାଙ୍କୁ ସବୁଠୁ ଭଲ ପାଉଥିବା ଲୋକଟି ଛାଡି ଚାଲିଗଲା ଭାବି । କିନ୍ତୁ ସେତେବେଳେ ବି ତାଙ୍କ ଭିତରେ ଦୁଃଖ ଥିଲା କି ନଥିଲା ଜଣା ପଡୁ ନଥିଲା । ସେ ଯେ ଜଣେ ଭାବନା ବିବର୍ଜିତ ମଣିଷ ବୋଲି ସମସ୍ତେ ।

ଏ କଥା ସତ୍ୟ ଯେ ଜୀବନର ଗତିପଥ ଉତ୍ଥାନ ପତନ ସହିତ ରହିଥାଏ । ତାଙ୍କ ଜୀବନର ଗତି କିନ୍ତୁ ଗୋଟିଏ ସରଳରେଖା ପରି ମନେ ହୁଏ । ନା ଉତ୍ଥାନ ଥିଲା, ନା ପତନ ଥିଲା । ନା ସୁଖ ଥିଲା, ନା ଦୁଃଖ ଥିଲା । ନା, ହସ ଥିଲା ନା କାନ୍ଦ ଥିଲା । ତାଙ୍କ ଜୀବନ ଏକ ନିଃର୍ଲିପ୍ତ, ନିଃରାଶକ୍ତ, ନିଃର୍ଲୋଭ ଜୀବନ । ଯେଉଁଥିପାଇଁ ଦୁଃଖ ତାଙ୍କଠାରୁ ବହୁ ଦୂରରେ ।

ଦିନେ ସାହି ଝିଅ ସୁନନ୍ଦା ଶାଶୁ ଘରକୁ ବାପଘରକୁ ବୁଲିବାକୁ ଆସିଥାଏ । ମାଧା ଭାଇନାଙ୍କ ଝିଆରୀ ଝିଅଟିର ସାଙ୍ଗ ହୋଇଥିବାରୁ ସେ ତାଙ୍କ ଘରକୁ ବୁଲି ଆସିଥିଲା । ବାଡି ପିଣ୍ଡାରେ ସମସ୍ତେ ଗପରେ ମଜ୍ଜି ଯାଇଥାନ୍ତି । ହଠାତ୍ କୂଅରେ ଦାଲୋଗଁ କିନା କିଛି ପଡିବାର ଶବ୍ଦ ଶୁଣାଗଲା ।

ଶବ୍ଦ ଶୁଣିଲା ପରେ ସମସ୍ତଙ୍କ ଚେତନା ଫେରି ଆସିଲା । ପାଖରେ ସୁନନ୍ଦା ପାଞ୍ଚ ବର୍ଷର ଝିଅଟି ନଥାଏ । ସମସ୍ତ ଦୌଡିଲେ କୂଅ ମୂଳକୁ । ସମସ୍ତେ କୂଅକୁ ଝୁଙ୍କି ରହିଁ ହାଉଳି ଛାଡୁଛନ୍ତି । ପାଟି ତୁଣ୍ଡରେ ମାଧା ଭାଇନା ବି ପହଞ୍ଚି ଯାଇଥାନ୍ତି କୂଅ ମୂଳରେ । ପିଲାଟିକୁ କୂଅ ଭିତରେ ଡୁବ ମାରୁଥିବା ଦେଖି ମାଧା ଭାଇନା କୂଅ ଫାନ୍ଦରେ ଗୋଡ ଦେଇ ଦେଇ ତଳକୁ ଓହ୍ଲାଇ ଗଲେ । ଆଉ ଛୋଟ ଛୁଆଟିକୁ ଧରି ତାଙ୍କର ବଳିଷ୍ଠ କାନ୍ଧ ଉପରେ ବସାଇ ଉପରକୁ ଉଠି ଆସିଲେ । ସମସ୍ତେ ବୋକା ହୋଇ ରହିଁ ଥାନ୍ତି । ଯାହାକୁ ସମସ୍ତେ ବୋକା କହୁଥିଲେ, ସେଦିନ ସେ କିନ୍ତୁ ସମସ୍ତଙ୍କୁ ବୋକା କରି ଦେଇଥିଲା । କେହି ଭାବି ନଥିଲେ ଝିଅଟି କେମିତି ଉଦ୍ଧାର ପାଇବ । ତାସ୍ ଖେଳରେ ଭୁଲ୍ ଖେଳୁଥିବା ଲୋକଟା ଜୀବନ ରକ୍ଷା ଖେଳରେ କିନ୍ତୁ ସମସ୍ତଙ୍କୁ ହରାଇ ଦେଇଥିଲା । ଆଗରୁ ଅନେକ ଥର କୂଅ ଭିତରେ ପଶି ଗରା ବାଲ୍ତି କାଢ଼ିଥିବା ଅଭିଜ୍ଞତା ଥିଲା, ତାହା ସେଦିନ କାମରେ ଆସିଲା । ସୁନନ୍ଦା କାନ୍ଦି କହୁଥିଲା, "ମାଧା ଭାଇନା ତୁମେ ନଥିଲେ ଆଜି ମୋ ଝିଅକୁ ମୁଁ ପାଇ ନଥାନ୍ତି, ତୁମ ଋଣ ଶୁଝି ପାରିବିନି ।"

ମାଧା ଭାଇନା କିନ୍ତୁ ସେ ପ୍ରଶଂସାର ଉର୍ଦ୍ଧ୍ୱରେ ଥିଲେ । ତାଙ୍କ ମୁଖମଣ୍ଡଳରେ କିଛି ଗୋଟେ ପ୍ରଶଂସନୀୟ କାମ କରିଥିବାର ଭାବଭଙ୍ଗୀ ପ୍ରକାଶ ପାଉ ନଥିଲା । ଘଟଣାଟି ତାଙ୍କ ପାଇଁ ସାଧାରଣ ଥିଲା । ଠିକ୍ ଗରାଟେ ପାଣିରୁ ଉଦ୍ଧାର କଲାଭଳି । ତାଙ୍କର କିଛି ପ୍ରତିକ୍ରିୟା ନଥିଲେ ବି ସମସ୍ତଙ୍କ ମନରେ ଏ ଭାବନା ଆସୁଥିଲା ଏମିତି ଦରଗଢ଼ା ମଣିଷଗୁଡାକ ବାଦି ବେଳେବେଳେ ଅନ୍ୟପାଇଁ ନିଜ ଜୀବନକୁ ବି ବାହି ଲଗାଇଦେଇ ପାରନ୍ତି, ହୁଏତ ଯାହା ସମସ୍ତେ କରି ନ ପାରନ୍ତି ।

—୦—

ସିଟି ମହିଳା ମହାବିଦ୍ୟାଳୟ
ଶିରିପୁର, ଭୁବନେଶ୍ୱର
ଫୋନ୍ ନଂ- ୭୯୭୮୯୪୫୩୧୮

ମାଷ୍ଟର

ଅମୀୟ ବେହୁରା

'ମୁଁ ଯାଉଛି' କହି ସେ ହତା ବାହାରକୁ ଝଲିଗଲା ଓ ଏକଦମ୍ ଝଲିଗଲାନି । ମୁଖ୍ୟ ଗେଟ୍ କୋଣରେ ଟିକେ ଲୁଚି ରହିଲା । ଦେଖିନେଲା ତାକୁ ବୈଲୋଚନ । ଡାକିଲା -

- ଆସେ ଯିବା ।

ସେ ମନା କରି କହିଲା । ତୁମେ ଯାଅ । ମୋର କାମ ଅଛି । ବୈଲୋଚନ ଯିବାପରେ ସେ ପୁଣି ହତା ଭିତରକୁ ପଶିଲା । ସାର୍ ହାର୍ମୋନିୟମ୍ ଥାକରେ ଥୋଉଥିଲେ ପଛକରି । ଦେଖିପକାଇ ପଚାରିଲେ -

- ଏଠି କଣ ଛାଡିଦେଲକି ?

- ନା ସାର୍ । ଆପଣ ସେ ଚୁମା ଖାଇବା ଦୃଶ୍ୟକୁ ନାଟକରୁ ହଟାଇ ଦିଅନ୍ତୁ ।

- ହୁଃ ! ଏମିତି ଦୃଶ୍ୟ ତ ଏକାଧିକବାର ଏ ନାଟକରେ ଅଛି । ଇୟେ ନାହାତି ସାଧାରଣ । ନାଟକରେ ଅଭିନେତା କେବଳ ଅଭିନୟ କରେ । ସଂକୋଚ ରହିଲେ ନାଟକ ମାଡ ଖାଇଯାଏ । ଘରକୁ ଯାଅ । ଏସବୁ ମନରୁ ହଟାଇଦିଅ । ମନେରଖ ଅଭିନୟ ସବୁବେଳେ ଅସତ୍ୟ ।

- କିନ୍ତୁ ବୈଲୋଚନ ଠାରୁ ଚୁମାଖାଇବା ତ ସତ୍ୟ ନା ସାର୍ ?

- ନା । ମିଛ । ସେଠି ବୈଲୋଚନ ନାହିଁ । ଜଣେ ଅଭିନେତା ଅଛି । ତୁମେ ମଧ୍ୟ ନାହଁ ।

- ସାର୍...

- କୁହ ?

- ସତରେ ସେ ଦୃଶ୍ୟ ହଟାଇ ହେବନି ?

ଏତକ କହି ସେ ମୁହଁ ତଳକୁ କଲା ଓ ନଯାଇ ଛିଡା ରହିଲା । ସେ ପୁଣି ପାଦ ନଖରେ ଭୂଇଁ କାଟିଲା । ସାର୍ ଏବେ ତା ପାଖକୁ ଆସିଲେ । ତା ପିଠି ଥାପୁଡାଇଲେ । ମୁହଁ ଚେକି ଆଖିରେ ଆଖି ମିଶାଇଲେ ।

ପରଦିନ ପ୍ରାକ୍ଟିସ୍ କ୍ଲାସରେ ସାର୍ ଘୋଷଣା କଲେ ଅଭିନେତ୍ରୀ ଭୂମିକା ଟି ଆଉ ରାଜେନ୍ଦ୍ର ମହାରଣା ନ କରି ବିନୀତ୍ କୁମାର କରିବେ । ରାଜେନ୍ଦ୍ର ହିରୋର ଭାଉଜ ଭୂମିକାରେ ଅବତୀର୍ଣ୍ଣ ହେବେ । ଉଭୟେ ପ୍ରସ୍ତୁତି କରନ୍ତୁ ।

ଏଥିରେ ବିନୀତ୍ କୁମାର ଖୁସି ହେବା ଓ ରାଜେନ୍ଦ୍ର ମନ କଷ୍ଟ କରିବା କଥା । ତେବେ ଯଦିଓ ବିନୀତ୍ ଉତ୍ସାହିତ ହୋଇ ଉଠୁଥିଲା ରାଜୁର କୌଣସି କ୍ଲେଶ ଦେଖାଗଲାନି ।

ସେ ସନ୍ତୁଷ୍ଟ ଥିଲା ।

ବୈଲୋଚନର ହିରୋ ଚେହେରା ଥିଲେ ମଧ୍ୟ ତା ସହ ଅନ୍ତରଙ୍ଗ ହେବା ଭାରି ଅସହ୍ୟ ହେଉଥିଲା ରାଜୁକୁ । ସେ ସହଜ ହୋଇପାରୁନଥିଲା । ଯଦିଓ ଭାଉଜ ଭୂମିକା ମଧ୍ୟ ଖୁବ୍ ଚ୍ୟାଲେଞ୍ଜିଂ ଥିଲା । ସେଥିରେ ଅନ୍ତସ୍ୱତ୍ତା ହେବାପରି ଢେର୍ ଅନେକ କଥା ଥିଲା । ସାର୍‌ଙ୍କ ଏପରି ନିଷ୍ପତ୍ତି ନେଇ ଅନ୍ୟମାନେ ଆଶ୍ଚର୍ଯ୍ୟ ହେଉଥିଲେ ବି କାହାର କିଛି କାହିଁକିର ପ୍ରଶ୍ନ ନଥିଲା । କଠୋର ଅନୁଶାସନ ପାଇଁ ଏଇ ପୁଅ ପିଲାଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ସେଇବେଳେ ପ୍ରସିଦ୍ଧ ଥିଲା । ରାଜେନ୍ଦ୍ର ବୈଲୋଚନ ଆଡକୁ ଝୁହୁଁ ଥିଲା । ସିଏ ବେଶି ଖୁସି ଥିଲାପରି ଲାଗିଲାନି ।

ସାର୍ ବୁଝାଉଥିଲେ -

- ଏଇଟି ଏକ ସାମାଜିକ ନାଟକ । ଏଥିରେ ସ୍ନେହ, ପ୍ରେମ ମିଳନ ବିଚ୍ଛେଦ ହସ ଲୁହ ଅନ୍ତରଙ୍ଗପଣ ପରିବାରବୋଧ ପରି ତାମସା ରହିବା ସ୍ୱାଭାବିକ କଥା । ଅଭିନେତାମାନେ ସଂକୋଚର ହିତ ନ ହେଲେ ନାଟକଟି କେବଳ ନାଟକ ପରି ଲାଗିବ । ଏଥିରେ ଅଛି ବିଫଳତା । ଦର୍ଶକଟିଏ ଯଦି ନିଜ ଆତ୍ମବଳୟ ଭିତରୁ ବାହାରି ନାଟକ ସହ ଏକାତ୍ମ ନହୋଇ ପାରିଲା ତାହେଲେ ପରିଶ୍ରମ ବୃଥାଯିବ । ସମସ୍ତେ ପ୍ରଫେସନାଲ୍ ହେବା ଉଚିତ୍ ।

ଯଦି କାହାର କୌଣସି ବ୍ୟକ୍ତିଗତ ଅସୁବିଧା ଥିବ ସେ କଥାକୁ ସାର୍ବଜନୀନ ନ କରି ଏକାନ୍ତରେ କେବଳ ଗୁରୁଙ୍କ ପାଖରେ ଫେରାଦ ହୋଇପାର । ଏଇଟି ନିୟମ । ଆଉ ସଭିଙ୍କୁ ନିୟମ ମାନିବାକୁ ହେବ । ନାଟକରେ ଭାଗନେବା ଏକ ବାଧ୍ୟତାର ବିଷୟ ନୁହେଁ । ଇଚ୍ଛାନଥିଲେ ଓହରି ଯିବାର ସବୁ ରାସ୍ତା ଖୋଲା ଅଛି । ମୋ କାମିଜ୍

ପକେଟ୍‌ରେ ଆଶାୟୀଙ୍କ ଏଇ ଲମ୍ବା ତାଲିକା ଅଛି । ଏଥର ରିହର୍ସେଲ୍ ଆରମ୍ଭ ହେଉ ।

ସାର୍ ଏବେ ପ୍ରବୀରକୁ ତବଲା ସଜାଡିବାକୁ କହି ନିଜେ ହାରମୋନିୟମ୍ ଧରିଲେ ।

ବୈଲୋଚନ ଯେତିକି ନିଷ୍ଠୁର ଦିଶୁଥିଲା ବିନୀତ କୁମାର ଥିଲା ଆହୁରି ଉତ୍ସାହୀ । ସେ ବୋଧେ ଯେମିତି ସଂଳାପ ସବୁ ଆଗରୁ ମୁଖସ୍ଥ କରି ରଖିଥିଲା । ସାର୍ 'ସାବାସ୍' କହି ପିଠି ଥାପୁଡେଇଥିଲେ ବିନୀତର ।

ରାଜୁ ନିଜ ପାଇଁ ଥିବା ସଂଳାପ ଗୁଡିକୁ ପଢ଼ି ମନେ ରଖୁଥିଲା । ଏ ରୋଲ୍‌ଟି ଅପେକ୍ଷାକୃତ ସରଳ ଓ ସଂକ୍ଷିପ୍ତ ଥିଲା । ଅବଶ୍ୟ ନାଟକର ମଝାମଝିରେ ତାକୁ ଅନ୍ତସ୍ତ୍ୱା ହେବାପରି ଦୃଶ୍ୟଟିଏ ଥିଲା । ଏଥିପାଇଁ ସେ ଲାଜଲାଜ ହେବାକୁ ଲାଗିଲା । ଅଥଚ ଆଉ ତା ହାତରେ ମନା କରିବା ପରି କିଛି ନଥିଲା ।

ସାର୍ ଶେଷରେ କହିଲେ -

- ରାଜେନ୍ଦ୍ର ରହିବ । ତୁମଠାରେ କାମ ଅଛି ।

ରାଜୁ ଏଥର ଜାଣିଶୁଣି ଲିପି ଦିଦିର ହାତଗୋଡ ଓ ଆଙ୍ଗୁଠି ମାନଙ୍କୁ ଛୁଉଁଥିଲା ପୁଣି ଚିପାଚିପି କରିବାକୁ ଲାଗିଲା । ଦିଦି ଏଥିରେ ତାକୁ ଗାଳିକରି କହିଲା -

-ଏମିତି କଣ କରୁଛୁ ରାଜୁ ?

- ଦିଦି ତୋ ଦେହ ଆଉ ମୋର ଭିତରେ ଅଲଗା କଣ ଅଛି ?

- ମୁଁ ଝିଅପିଲା ଆଉ-ତୁ ହେଉଛୁ ପୁଅ । ଏତିକି ଫରକ୍ ବାସ୍ । ଆଉ କିଛି ନାହିଁ ।

ରାଜୁକୁ ଲାଗୁଥିଲା ସେମିତିତ ବିଶେଷ ଅସମାନତା କିଛି ନାହିଁ ଦିଦି ଆଉ ତା ଦେହରେ । ବରଂ ତା'ର ଗୋଡହାତ ଦିଦିଠାରୁ ଅଧିକ ନରମ ଓ ମସୃଣ । ଦିଦି ପରି ମୁଲାୟମ ବାଳ ମଧ୍ୟ ତାର । ବଢ଼ାଇଲେ ନବଢ଼ନ୍ତା ବି କାହିଁକି ? ଦିଦି ପରି ଆଖି, ନାକ ଓଠ ସବୁ । ରାଜୁ ଦିଦିଠାରୁ ଅଧିକ ସଫାରଂଗ ଓ ଉଜ୍ଜ୍ୱଳ ମଧ୍ୟ ।

ତଥାପି ତାକୁ ଲାଗିଲା ଦିଦି ତା ପ୍ରଶ୍ନର ସବିଶେଷ ଉତ୍ତର ଦେବାକୁ ଇଚ୍ଛା କରୁନି । ତେଣୁ ଥାଉ । କାରଣ ଦିଦି ତା ଜୀବନ । ଦିଦିର ହଷ୍ଟେଲ ଚଲିଯିବା ପର କିଛି ଦିନ ସେ ଅସୁସ୍ଥ ହୋଇପଡିଥିଲା । ଏଇତକ ଦିଦି ପ୍ରତି ତାର ପ୍ରଚୁର ଭଲ ପାଇବାର ପ୍ରମାଣ । ଲିପିଦିଦି ହଷ୍ଟେଲ୍‌ରୁ ଛୁଟିରେ ଆସୁଆସୁ ରାଜୁ କହିଲା -

- ଦିଦି ଜାଣୁ ମୁଁ ଏଥର ଇଣ୍ଟରସ୍କୁଲ ଡ୍ରାମାରେ ପାର୍ଟ କରୁଛି ।

- ବାଃ, ମୋ ହିରୋ ।

ଏମିତି କହି ଦିଦି ତା ଗାଲରେ ଚୁମା ଖାଇଲା । ରାଜୁ କହିଲା -

- ହିରୋ ନୁହେଁ ଦିଦି । ମୁଁ ହିରୋର ଭାଉଜ ଭୂମିକା କରୁଛି ।

- ଛିଇ..... । ମାଇଚିଆଟା କିରେ ତୁ ? କିଏ ଦେଲା ତୋତେ ଏ ରୋଲ୍ ?

- ସାର୍ ମୋତେ ପ୍ରଥମରୁ ମୁଖ୍ୟ ହିରୋଇନ୍ ଦେଇଥିଲେ । ମୁଁ ମନାକଲି ଦିଦି । ସେଥିରେ ଭାରି କଷ୍ଟ ଥିଲା ।

ଲିପି ଦିଦିର ଆଖି ଲୁହରେ ଟଳମଳ ହୋଇଗଲା । ସେ ରାଜୁକୁ ଛାତିରେ ଢ଼ର୍ ବେଳ ଜାବୁଡି ଧରିଲା ଓ କହିଲା -

- ଭେରିଗୁଡ୍ ରାଜୁ । ମନଦେଇ ଶିଖିବୁ । ମୁଁ ଛୁଟିନେଇ ଆସିବି ଦେଖିବାକୁ ନିଶ୍ଚୟ । ତୁ ନିଶ୍ଚୟ ସୁନ୍ଦର ଦିଶିବୁ ସମସ୍ତଙ୍କଠାରୁ । ସେ ହିରୋଇନ୍ ପିଲା ଠୁଁ ବି ।

ଝିଅପିଲା ପାର୍ଟ କରୁଛି ଶୁଣି ଦିଦି ହଠାତ୍ ରାଗିଯିବ । ପୁଣି ତା ଆଖି ଛଳଛଳ ହୋଇଯିବ । ତା ପରେ ସ୍ୱୀକାରୀ ନେବ । ତାକୁ ଗେହ୍ଲା କରିବ ଆଉ କହିବ ଡ୍ରାମା ଦେଖିବାକୁ ନିଶ୍ଚିତ ଆସିବ । ଏସବୁ କମ୍ ସମୟରେ ଘଟିଯାଇଥିବା ଯୋଗୁଁ ରାଜୁ ଆଚମ୍ବିତ ହେଉଥିବା । ଚରିତ୍ର ଅଭିନୟରେ ଯେମିତି ଶ୍ରେଷ୍ଠ ପୁରସ୍କାର ପାଇବ ସେଇ ସଂକଳ୍ପବୋଧ ନିଜ ମନରେ ଆଣୁଥିଲା ରାଜୁ ।

ଛୁଟି ସରିବାକୁ ଅଳ୍ପ ଦିନ ବାକି ଥିବାବେଳେ ଦିନେ ଲିପିଦିଦି ତାକୁ ପାଖକୁ ଡାକି କହିଲା -

- ରାଜୁ ଆସିଲୁ । ତୋତେ ସଜାଇ ଦେଖିବି ଟିକେ ।

ହଁ । ଏଇତ ଥିଲା ତା ମନକଥା । ନା, ମନ ତଳର କଥା । ଟିକେ ସଜବାଜ ହେବାକୁ । ଦିଦି ପରି । ଅବା ଝିଅପିଲାଟିଏ ପରି । ଅନେକଥର ଦିଦିକୁ ଡରି ଲୁଚିଲୁଚି ସେ ଛୁଇଁଥିଲା ଦିଦିର ଲିପ୍‌ଷ୍ଟିକ୍, ଆଇ ଲାଇନର୍, ହେୟାର୍ ଅୟେଲ୍ ଶିଶି, ତା ପରଫ୍ୟୁମ୍ ବୋତଲ ଇତ୍ୟାଦି ମାନଙ୍କୁ । ପୁଣି .....

ହଁ ପୁଣି ଅତି ସନ୍ତର୍ପଣରେ ଘୁରି ବୁଲିଥିଲା ଦିଦିର ଲୁଗାପଟା ମାନଙ୍କ ଆଖପାଖରେ । ତା ଚୁଡିଦାର ସାଲୁଆର୍ ବ୍ରାସିୟର ମାନଙ୍କ ଗହଣରେ ।

ଅଥଚ...

ଦିଦି ସେଦିନ ତାକୁ ଅଳ୍ପ ସଜାଇଲା । ଆଉ ନିରେଖେଇ କହିଲା -

- ଖୁବ୍ ସୁନ୍ଦର ଦିଶୁଛୁ ରାଜୁ ।

- ତୋରୁ ବି ବେଶି ନା ଦିଦି ?
ହଁ । ମୋରୁ ବହୁତ ବେଶି । ଏ ସଂସାରର ସବୁ ସୁନ୍ଦରୀଙ୍କ ଠୁ ସୁନ୍ଦର ମୋ ଭାଇ ।
ଏତକ କହି ଦିଦି ତା ଗାଲରେ ଚୁମା ଖାଇଲା ।
- ଦିଦି ?
- ହଁ ରାଜୁ ?
- ତୋ ଡ୍ରେସ୍ ଗୋଟେ ପିନ୍ଧି ପାରିବି ?
- ସିଓର୍ । ନିଜେ ବାଛି ଆଣେ ।
ଏଥର ଆଲଣାରେ ଥୁଆ ଅନ୍ତଃବସ୍ତ୍ର ମାନଙ୍କ ଆଡକୁ ହାତଠାରିଲା ରାଜୁ । କହିଲା -
- ଏଥିରୁ ?

ଚମକି ପଡୁଥିଲା ଲିପିଦିଦି । ତା ଆଖି ପୁଣି ଲୁହରେ ଟଳମଳ ହେଲା । ମନାକରି କହିଲା -
- ଏସବୁ ତୋର ଦରକାର ନାହିଁ ରାଜୁ । ଥାଉ । ଆସେ ତୋ ମୁହଁ ପୋଛିଦେବି ।

ହଷ୍ଟେଲ୍ ଫେରିବାଦିନ ରାଜୁ ଦିଦିକୁ ବସ୍‌ଷ୍ଟାଣ୍ଡ ଛାଡିବାକୁ ଆସିଥିଲା ସ୍କୁଟିନେଇ । ବସ୍ ସିଟ୍‌ରେ ବସିବାବେଳେ ଦିଦି ପର୍ସ ଖୋଲି ଶହେଟଙ୍କା କାଢ଼ି ତା ହାତକୁ ଦେଲା । ଆଖିରୁ କଳାଟିପା ଆଙ୍ଗୁଠିରେ ନେଇ ରାଜୁର ଚିବୁକରେ ଲଗାଇ ଲିପି ଦିଦି କହିଲା -
- ତୁ ଏ ଡ୍ରାମାଫ୍ରାମା ଛାଡ଼ିଦେ ରାଜୁ । ପଢ଼ାପଢ଼ିରେ ମନ ଦେ । ବାବା ମମିଙ୍କ ଢେର୍ ଆଶା ତୋ'ଠାରେ ।

ଗାଡି ହର୍ଣ୍ଣ ଦେବାରୁ, ରାଜୁ ଓହ୍ଲାଇ ପଡିଲା । ଝର୍କା ଯାଏଁ ଆସି ହାତ ହଲାଇଲାରୁ ଦେଖିଲା ଦିଦି ଆଖି ପୋଛୁଛି ।

ଆନୁଆଲ୍ ଫଙ୍କସନ୍ ଅଳ୍ପ ଦିନ ଆଉ । ଏଇବେଳେ ମନା କରିବାର ଅର୍ଥ ବିତାଡିତ ହେବା । ରାଜୁ କିପରି ଯେ ମନା ବି କରିପାରନ୍ତା ? ଅବଶ୍ୟ ଜାଣିଯାଇଥିଲା ଡ୍ରାମା ଦେଖିବାକୁ ଦିଦି ନିଶ୍ଚିତ ଆସିବନି ।

ଆଉ ଅଳ୍ପ ଦିନ । ପ୍ରାକ୍ଟିସ୍ ପାଇଁ ଅଧିକ ସମୟ ଦେବାକୁ ପଡୁଛି । ସେଥିପାଇଁ ସମସ୍ତେ ନିଜ ନିଜ ଘରୁ ଅନୁମତି ଆଣି ସାରିଛନ୍ତି । ଏ କିଶୋର ବେଳ ହେଉ ଅବା ପ୍ରାକ୍ ଯୁବାବସ୍ଥା, ଏକ ଭରପୁର ପ୍ରତିଯୋଗିତାର ବେଳ । ଏଇବେଳ ନିର୍ଦ୍ଧାରିତ କରେ ଭବିଷ୍ୟତ । ସୀକୃତୀ ଦିଏ ଆଉ ବିକଶିତ କରାଏ ବ୍ୟକ୍ତିତ୍ୱ ।

ସେଦିନ ରବିବାର ଛୁଟିଦିନ । ବିଳମ୍ବିତ ପ୍ରହର ଯାଏଁ ରିହଲାସେଲ୍ ଚଲିଛି । ରାଜୁ ବିକଳରେ ଚାହୁଁଥିଲା ସାରଙ୍କ ମୁହଁକୁ । ସାର୍ ଦେଖି ନଦେଖିଲା ପରି ହେଉଥିଲେ । ଶେଷ ହେବାପରେ କହିଲେ -
-ବିନୀତ୍ କୁମାର ରହିବ । ତୁମଠାରେ କାମ ଅଛି ।
କେବେକେବେ ଖଣ୍ଡଖଣ୍ଡ ହୋଇ ଗଳି ପଡେ ଆକାଶ । କେବେକେବେ ଫଡାଫଡା ଧସିଯାଏ ପାତାଳ ମାଟି । କେବେକେବେ ମାଡିଆସେ ସମୁଦ୍ର ।

ବିନୀତ୍ କୁମାରକୁ ଛାଡି ଆଉମାନେ ଚଲିଯିବାର ନିର୍ଦ୍ଦେଶ ଦେଇଛନ୍ତି ସାର୍ । ସମସ୍ତେ ଗଲେଣି । ରାଜୁ ହତାବାହାରୁ ପୁଣିଥରେ ଲେଉଟି ଆସି ପ୍ରେକ୍ଷାଳୟର ସ୍କାଇଲାଇଟ୍ ଆଡକୁ ଚଢ଼ିବାକୁ ଚେଷ୍ଟା କରୁଛି । ଛୋଟ ଛୋଟ ଉଚ୍ଚତା ବିଶିଷ୍ଟ ପାଦ ଗୋଡ ତାର । ମସୃଣ କୋମଳ ନରମ । କେମିତି ପାରନ୍ତା । ତଥାପି ପାରୁଛି କୌଣସିମତେ ।

ବିନୀତ୍ କୁମାର ଧିରେ ଧିରେ ତା ବ୍ୟାଗ୍ ଖୋଲିଲା । କାଢ଼ିଲା ଦର୍ପଣ ପାନିଆ ଲିପିଷ୍ଟିକ୍ ଆଇଲାଇନ୍‌ର ଇତ୍ୟାଦି । ବିନୀତ୍ ସଜ୍ଜ ହେଉଛି ନିଜେନିଜେ । ଅପୂର୍ବ ଦିଶିଲାଣି । ଚାହିଁ ରହିଛନ୍ତି ସାର୍ ଚାରି ଆଡକୁ । ମଗ୍ନ ବିଭୋର୍ ହୋଇ । ପାଖକୁ ଆସୁଛନ୍ତି ଟାଣି ହେଲାପରି । ଖୁସିରେ ହସୁଛି ବିନୀତ୍ କୁମାର । ନା ଅଛି ଭୟ ନା ସଙ୍କୋଚ ।

ପିଠି ଆଉଁସିଲେ ସାର୍ । ସରମି ଗଲାଣି ବିନୀତ୍ । ରାଜୁ ଦେଖୁଥିଲା ବିନୀତ୍ ସାଟ୍‌ର ଉପର ବୋତାମ ଖୋଲା । ବ୍ରାସିୟରଟିଏ ଥିବା ପରି ଲାଗୁଛି ଭିତରେ । ହୋଇପାରେ ଏସବୁ ଭ୍ରମ ରାଜୁର । ବା ମିଛ ନକଲି ଆଖିର ମାୟା । ସାର୍ ଚୁମା ଖାଉଥିଲେ । ଆଉ ବିନୀତ୍....

ରାଜୁ ଏକ ଅଳ୍ପ ବୟସର ବଢ଼ିଲା କିଶୋର । ଜୀବନକୁ ନେଇ ଅନେକ ଆଗ୍ରହ ଉଦ୍‌ବେଗ ଆଉ ମନତଳେ ଯାବତୀୟ ଦ୍ୱନ୍ଦ ରହିବା ଯଥାର୍ଥ । ତେବେ ସେ ବେଶିବେଳ ସ୍କାଇଲାଇଟ୍‌ରେ ଝୁଲି ଲଟକି ରହିନପାରେ । ଆଉ ପାରନ୍ତା ବି କେମିତି ?

କେବଳ ଫେରିବା ରାସ୍ତାରେ ମନେ ପଡିଲା ଲିପିଦିଦି । ସେଦିନ ତରତରରେ ବସ୍ ନଛାଡିଥିଲେ ସେ ନିଶ୍ଚିତ ସାହାସ କରି ଦିଦିକୁ କହିଦେଇଥାନ୍ତା ବୋଧେ,
"ମୁଁ ସାରଙ୍କୁ ଖୁବ୍ ଭଲ ପାଉଛି ଦିଦି..."

—o—

ଘଟଗାଁ, କେନ୍ଦୁଝର
ମୋ - ୯୪୩୭୬୫୧୭୧୯

ଆମ ପରିବାର

ପଦ୍ମାଳୟା ପାଢ଼ୀ

ଗୁରୁମା କହିଛନ୍ତି "ଆମ ପରିବାର" ଉପରେ କାଲି ରଚନା ଲେଖି ଆଣିବାକୁ । କିଛି ଭଲ ଲାଗୁ ନଥିଲା ସେବତୀକୁ କେମିତି ଗୋଟେ ମାନ୍ଦା ମାନ୍ଦା ଲାଗୁଥିଲା । ସେବତୀକୁ ବେଶୀ ଚିନ୍ତିତ ଥିବା ଦେଖି ଗୁରୁମା କହିଲେ ଏତେ ବଡ ପିଲା ଏଗାର ଘଣ୍ଟିଲାଣି ତୋତେ ହେଲେ ପରିବାରର ମାନେ ଜାଣିନାହୁଁ ଯେ ଆଁ କରି ଘଣ୍ଟିଛୁ ?

କିଏ ତାର ପରିବାର ହେବ କାହା ବିଷୟରେ ଲେଖିବି ଯିଏ ଚା'ଠାରୁ ସାନ ଦୁଇ ଭଉଣୀ ଓଲି ଏବଂ ସିଲି । ତାଙ୍କ ବିଷୟରେ କଣ ଲେଖିବ ଚୁଇଁ ଦିଟା । ବାପାଙ୍କ କଥା ବେଶୀ କିଛି ମନେ ନାହିଁ । ଡେଙ୍ଗା ହୋଇ ପତଳା ମଣିଷ ଜଣେ ଥିଲେ । ପ୍ରତି ରବିବାର ଦିନ ସେବତୀକୁ ସାଇକେଲ୍‌ରେ ବସାଇ ଛକ ମୁଣ୍ଡରେ ଥିବା ନଳକୂଅ ପାଖକୁ ନିଅନ୍ତି । ସେବତୀ ସକାଳୁ ଜଗି ବସିଥାଏ କେମିତି ରାତି ହେଲେ ଖାଇ ସାରି ସେଠିକି ଯିବ ଓ ବାପା ତାକୁ ପପିନ୍ସ ଚକଲେଟ୍ କିଣିଦେବେ । ବାପାଙ୍କ କଥା ସେତିକି ମନେ ଅଛି । ଆକ୍ସିଡେଣ୍ଟରେ ବାପା ଘଣ୍ଟିଗଲେ । ଆଉ ରହିଲା ବୋଉ । ସବୁବେଳେ ପିଟୁଛି । ତା କଥା ଲେଖିବ ନାହିଁ କେବେ ବି । ସବା ସାନ ଟିକୁନ ତା ଭାଇ । ବଦମାସ ଟା । ନାକଟା ତାର ମୋଡି ଦେବାକୁ ଏବେ ବି ମନ ହୁଏ ।

ସେଦିନର କଥା ମନେ ଅଛି । ବୋଉ ତାର କହୁଥିଲା ।

– ଭାଇ ଘଣ୍ଟିଗଲା ବୋଲି ଦୁଃଖ କରୁଛୁ କିଲୋ ସେବ ? ରାକ୍ଷୀ ପୂର୍ଣ୍ଣିମା ଦିନ ଯାଇ ଭାଇକୁ ରାକ୍ଷୀ ପିନ୍ଧାଇବୁ ହେଲା ?

ସାନ ଭାଇ ଟିକୁନକୁ ମାମୁଁ ଆସି ନେଇ ଯାଇଥିଲେ । ତିନି ଭଉଣୀ ତଳେ ସବୁଠୁ ସାନ ଭାଇ ତାର । ମାମୁଁ ଆସି ତାକୁ ସୁଅ କରି ନେଇଗଲେ ସେଦିନ । ସେ ସେଇଠି ରହି ପଢ଼ିବ ଓ ସେଇଠି ବଡ ହେବ । ମାଇଁଙ୍କର ପିଲା ଛୁଆ ପୁଣି ହେଉ ନାହିଁ ଯେ କୋଉଠୁ ଗୋଟେ ପିଲା ଆଣି ପାଳିବା ପାଇଁ ମାମୁଁ ମାଇଁ ମନସ୍ଥ କରିଥିଲେ । ହେଲେ ବାହାରୁ କାହାର ପିଲା କାହିଁକି ଆଣିବେ ଭଣଜା ଥାଉ ଥାଉ । ତେଣୁ ଟିକୁନିର ସପ୍ତମରେ ବୃହସ୍ପତି ନାହିଁ.... ନାହିଁ... ପଞ୍ଚମରେ ବୃହସ୍ପତି ।

ତା ବୋଉ ଦେଖୁଛି ସେବତୀର ମୁହଁ ଶୁଖିଲା ଦିଶୁଛି । ଖାଇବା ପାଖରେ ବସିଲେ ବସୁଛି ଯେ ବସୁଛି ଉଠୁ ନାହିଁ । ଖେଳ ସାଥି ସାନ ଭାଇଟା ଘରେ ନାହିଁ ପରା । ଏଗାର ବର୍ଷର ସେବତୀ କଣ ବୁଝୁଛି ଘର କଥା ? ତା ବାପା ଟ୍ରକ ଆକ୍ସିଡେଣ୍ଟରେ ଘଣ୍ଟିଗଲା ପରେ ସେବତୀ ଓ ତଳ ଦୁଇ ଭଉଣୀଙ୍କ ପାଇଁ ବେଳାଏ ଖାଇବା ଯୋଗାଡ କରିବାକୁ କେତେ ଅବସ୍ଥା ହେଉଛି ବୋଲି ବୋଉ କାନ୍ଦେ । ହଉ ମାମୁଁ ର ସାହାରା ପାଇ ସବା ସାନ ଟିକୁନ ମୋର କେମିତି ବଡ ହୋଇଯାଉ ତାର ଭବିଷ୍ୟତ ସୁଧୁରି ଯାଉ ବୋଲି ବୋଉ ମୁଣ୍ଡିଆ ମାରେ ।

ସେବତୀ ଭାବେ ମାମୁଁ କେତେ କଥା କହୁଥିଲେ କେତେ ସ୍ନେହ କରୁଥିଲେ ତାକୁ । ଖାଲି ମୋ ସେବ ବୋଲି ପାଣି ପିଉ ନଥିଲେ କିନ୍ତୁ ଘରକୁ ନେଲାବେଳେ ଟିକୁନକୁ ନେଇ ଘଣ୍ଟିଗଲେ ? ମାଇଁ ବି କହନ୍ତି ସେବ ଲୋ ତୁ କେତେ ଗୋରୀ କେତେ ସୁନ୍ଦରୀ । ତୋ ଭଳିଆ ମୁଁ ହୁଅନ୍ତିନି ? ହେଲେ ସେବତୀ କୁ ପୁରାପୁରି କେମିତି ଭୁଲି ଗଲେ । ସେ ବଦମାସ ଟିକୁନ ତାଙ୍କ ସହିତ ଘଣ୍ଟିଗଲା ?

ତା ବଦଳରେ ଯଦି ସେବତି ଝିଅ ହୋଇ ଯାଇଥାନ୍ତା ତାଙ୍କ ଘରକୁ ? ମାମୁଁଙ୍କ ଘର ସାମ୍ନାରେ ଜିଲାପି ଦୋକାନ କେତେ ନା କେତେ ଜିଲାପି ଖାଇବାକୁ ମିଳିଥାନ୍ତା । ଏତେ ପ୍ରକାର ହରରଙ୍ଗୀ ଜୁସ୍ ମିଳିଥାନ୍ତା ତାଙ୍କ ଘରେ ଯେ ତଣ୍ଟିଯାଏ ପିଇ ପିଇ ଶୋଇ ପଡିଥାନ୍ତା ସେବତୀ । ଦିନକୁ ତିନିଥର ଥାଳି ଭର୍ତ୍ତି କରି ଭାତ ଖାଇଥାନ୍ତା । ସବୁ ଫସର ଫାଟିଗଲା ଏ ବଦମାସ ଟିକୁନ ଲାଗି । ସେଥିପାଇଁ ସେ ଦୁଃଖରେ ଅଛି ଆଉ ବୋଉ ଭାବୁଛି ଯେ ସେ ପୁଣି ଟିକୁନକୁ ମନେ ପକାଉଛି ।

ବୋଉର ଗାଡି ଭଡା ନଥିବାରୁ ମାମୁଁ ମାଇଁ ଟିକୁନ କୁ ନେଇ ରାକ୍ଷୀ ପୂର୍ଣ୍ଣିମା ଦିନ ଆସିଥିଲେ ଯେ ଟିକୁନ ମୁହଁ ଫୁଲାଇ ବସି ରହିଲା । ସେବତୀ ଯେ ଡାକିଲେ ବି ଖେଳିବାକୁ ଗଲା ନାହିଁ । ସାନ ଭଉଣୀ ଓଲି ଆସି ତା ହାତ ଧରି ପକାଇବାରୁ ହାତ ଛିଞ୍ଚାତି ଦେଇଥିଲା । ଟିକୁନ ଏବେ ବଡଲୋକ ହୋଇଗଲା । ଭଉଣୀମାନଙ୍କୁ

ଦେଖିଲେ ନାକ ଟେକୁଛି ଖାଲି । ହଉ ହଉ ପୁଣି ଥରେ କେବେ ଖେଳିବାକୁ ଡାକିଲେ ତୋର ଦିନେ କୁ ମୋର ଦିନେ ଦେଖିବୁ ରହରେ ପୁଅ । ମାମୁଁଙ୍କ ବାଇକରେ ପିଁ ପିଁ ହୋଇ ବୁଲୁଛୁ ତ ବେଶୀ ଉତ୍ପାତ ହେଉଛୁ । ସେବ ମନେ ମନେ ଗୁଣୁ ଗୁଣୁ ହେଉଥାଏ । ଭାଇକୁ କିଛି କହିଲେ ବୋଉ ପିଟିବ ।

ଏଣେ ରଚନା ଲେଖା ବାକି ଅଛି । ସେବତୀ ପୁଣି କୋଇଲି ସହିତ କୂ କୂ ତାଳ ମିଳାଇ ବାରିଆଡେ ଚଲିଗଲା । କେତେ ଯତ୍ନରେ ବସି ବସି ଗୋଲ ଗୋଲ ଅକ୍ଷରରେ ରଚନା ଲେଖିଥାନ୍ତା ସେ । ଏ ଟିକୁନଟା ଆସି ବାରମ୍ବାର ତା ମୁଣ୍ଡ ଭିତରେ ପଶି ଯାଉଛି । ଟିକୁନ ମାମୁଁ ଘରକୁ ଯିବାର ବର୍ଷେ ପରେ ମାଇଁଙ୍କର ଗୋଟେ ଗୁଲଗୁଲିଆ ବେବି ହେଲା । ହଁ ମାଇଁ ତାଙ୍କ ପୁଅକୁ ବେବି ବୋଲି କହନ୍ତି । ନୂଆ ପୁଅ ଆସିବା ପରେ ମାମୁଁ ଆସି ଟିକୁନକୁ ଏଇଠି ଛାଡି ଦେଇଗଲେ । ଏବେ କୁଆଡେ ଯିବୁରେ ପୁଅ ଯା । କେତେ ଉତୁପାତ ହେଉଥିଲୁ ନା । ଟିକୁନ କାନ୍ଦ କାନ୍ଦ ହୋଇ ରହୁଥାଏ । କାହା ସହ ଭଲ ଭାବେ ମିଶୁ ନଥାଏ । ଜିଲାପି ଶିରା ପାଟିରେ ବାଜି ଯାଇଛି ତ । ପିଲାକୁ ପଖାଳ ଭାତ ରୁଚୁନି ।

ଦୁଇ ତିନିମାସ ପରେ ଦୁଇ ଜଣ ଲୋକ ଆସିଥିଲେ ବୋଉ ସାଙ୍ଗେ କଣ ନା ଧୀରେ ଧୀରେ କଥା ହୋଇ ଗୋଟେ ପ୍ୟାକେଟ୍ ବଢ଼ାଇ ଦେଇଥିଲେ । ବୋଉ ଟିକୁନର ଦୁଇ ହଳ ଡ୍ରେସ୍ ଆଣି ଗୋଟେ ପରିବା ବ୍ୟାଗ୍‌ରେ ପୁରାଇ ତା ହାତ ଧରି ସେମାନଙ୍କ ପାଖେ ଛାଡିଦେଲା । ସେମାନେ ଟିକୁନକୁ ନେଇ ଚଲିଗଲେ । ସେବତୀ ପଚରିବାରୁ ବୋଉ ନାଲି ଆଖି ଦେଖାଇ କହିଲା ତୋତେ ଜାଣିବା ଦରକାର ନାହିଁ । ସବୁବେଳେ ଭାଇ ସାଙ୍ଗେ ଝଗଡା କରୁଥିବୁ ଏବେ କାହିଁକି ? ସେ ପ୍ୟାକେଟ୍‌ଟା ନେଇ ବୋଉ ଭାଡି ଉପରେ ଲୁଚଇ ରଖିଦେଲା । ବୋଉ କାମକୁ ଗଲା ପରେ ଓଲି ଓ ସିଲି କହିଲେ ବୋଉ କାଳେ ଟିକୁନକୁ ବିକ୍ରି କରିଦେଇଛି ବୋଲି ସେମାନେ କାନ ଡେରି ଶୁଣୁଥିଲେ ।

ରାଗ ଲାଗିଲା ବୋଉ ଉପରେ ଆଉ ସେ ଟିକୁନଟା ବି ଏଡିକି ବଦମାସ ! ଆଗରୁ ଟିକିଏ କହିଲା ନାହିଁ । ସେ ଲୋକ ଦିଟା ଏମିତି ବାସ୍ନା ସେଣ୍ଟ ମାରି ଆସିଥିଲେ ଯେ ଏଠୁ ଟୁବି ଗାଡିଆ ଯାଏଁ ମହକି ଯାଉଥିବ । ଟିକୁନ ଗଲେ ଖାଲି ସେଣ୍ଟ ମାରି ବୁଲିବ । ନା ନା ରଚନା ଖାତାରେ ସେଣ୍ଟ ଉପରେ ଲେଖିଲେ ଗୁରୁମା ପାଠ ନପଡି ଷ୍ଟାଇଲ୍-ମାରିବାକୁ ମନ କହି ଆଣ୍ଠେଇ ଦେବେ । ସେଟା ଥାଉ ଲେଖିବନି ।

ସେବତୀ ଘର କାମ କରୁଛି ବୋଲି ବୋଉ ବିକ୍ରି କରୁନାହିଁ । ନହେଲେ ନାହିଁ ଯା । ଓଲି ଓ ସିଲିକୁ ହେଲେ ବିକି ଦେଇଥାନ୍ତା । ତାଙ୍କ ଭାଗର ଭାତ ବଳିଥାନ୍ତା । ବୋଉର ତ ଚଢ଼େଇ ଆହାର ବଳକା ସେବତୀର । ସେବତୀ ଥାଳି ଭର୍ତ୍ତି ଭାତ ଖାଇପାରନ୍ତା ।

—୦—

ପୋଷ୍ଟାଲ୍ ଆସିଷ୍ଟାଣ୍ଟ
ହେଡ୍ ପୋଷ୍ଟ ଅଫିସ୍, ବ୍ରହ୍ମପୁର (ଗଞ୍ଜାମ), ଓଡ଼ିଶା
ଫୋନ୍ - ୯୪୩୭୩୭୫୫୦୧

ଜୀବନବୁଲା

ବିଜୟଲକ୍ଷ୍ମୀ ସାମନ୍ତରାୟ

ଏକା ଏକା ବସି କଣ ସବୁ କହି ପକଉଥିଲା ସେ । ମୁଁ ଦଉଡି ଯାଇ କାନେଇଲା ବେଳକୁ ମତେ ଶୁଭିଥିଲା - ଜୀବନ ଢ଼େର୍ ବୁଲାଏ... । ତା'ଠୁ ଏତକ ଶୁଣିଲା ପରେ, ତା କାନ ପାଖେ ଜୋରେ ଟିଲେଇ ମୁଁ ପଚାରିଥିଲେ - ବୁଲାଏ ମାନେ ? କୁଆଡେ ବୁଲାଏ ଯେ ? କେମିତି ବୁଲାଏ ଯେ ?

ଭାରି ଧିର ଗଳାରେ ସେ କହିଥିଲା - ବୁଲାଏ ଜୀବନ, ତା ସୀମା ଭିତରେ... ଏ କଡରୁ ସେ କଡ, ଏ ଧାରରୁ ସେ ଧାର .. ହେଲେ, ସବୁ କିନ୍ତୁ ତା'ରି ଆଜ୍ଞାରେ ।

ଧିର ଗଳାରେ କୁହା କଥା ଗୁଡାକ ବୋଧେ ଭାରି ଗହନ । ଗହନ କଥା କି ସହଜରେ ବୁଝି ହୁଏ । ମୁଁ ବୁଝିନଥିଲି କିଛି... ।

ତା'ର ସେ କଥାକୁ ଅନେକ ବର୍ଷ ବିତିଗଲାଣି । ସେ ବି ପଞ୍ଚଭୂତରେ ମିଶି ଗଲାଣି କେବେଠାରୁ । ଅନ୍ୟର ପେଟ ଚିହ୍ନିବା ସାଙ୍ଗକୁ ଭାରି ଧର୍ମପରାୟଣା ସେ । ମୋ ସହ ତାର ଢ଼େର ଜମେ । ଜୀବନର ଯେତେ କଥା ସେ ମତେ ଶୁଣାଏ ସେସବୁ ତା ବାଗରେ, ଆଉ ତା ମନ ଅନୁସାରେ । କେବେ ଖୁଡୀମାନଙ୍କ କଥା ତ କେବେ ବୋଉ ଆଉ କେବେ ବାପାଦାଦାଙ୍କ ସହ ଜେଜେଙ୍କ କଥା । ଏମିତି କେତେ କଥା ସେ କୁହେ । ଏସବୁ କଥା କହିଲାବେଳେ ଗୋଟେ ଚଗଲି, ଚୁଲବୁଲି ଆଉ ମନୁଆଣୀ ଆତ୍ମାଟିଏ ପରି ସେ ମତେ ଲାଗେ । କିନ୍ତୁ ଗମ୍ଭୀର ହେଇପଡେ ଗୋଟେ ନିର୍ଦ୍ଦିଷ୍ଟ ବିଷୟବସ୍ତୁରେ ସବୁବେଳେ । ମେଞ୍ଚାମେଞ୍ଚା ଭାବପ୍ରବଣତା ସହ ଅଜସ୍ର ବ୍ୟାକୁଳତାକୁ ବାଢ଼ିଦିଏ ମୋ ଆଗରେ । ଯେମିତି ମୁଁ ହିଁ ସେ ମଣିଷ, ଯାହା ପାଖେ ତାର ସବୁ ଆଶା.... ।

ହଷ୍ଟେଲରୁ ବଡ ତରତରରେ ମୁଁ ଘରକୁ ଫେରୁଥାଏ, ବସ୍ ଯୋଗେ । ବାଟସାରା କାନ୍ଦୁଥାଏ, ପୁଣି ହାତଘଣ୍ଟାକୁ ବାରବାର ଦେଖୁଥାଏ । ପହଞ୍ଚିବାକୁ ଡେରି ହେଇଯିବାର ଭୟରେ ମୋ ହାତଗୋଡ ସବୁ ସିଠେଇ ଯାଉଥାଏ ।

ଏଇବେଳେ ବାପାଙ୍କ ଫୋନ୍

- ନୁଆଲୁଗା ପିନ୍ଧା ସରିଲାଣି, ଏବେ ଗାଁ ପରିକ୍ରମା, ତା ପରେ ଗାଁ ଶେଷମୁଣ୍ଡ ମଶାଣିକୁ ନେଇଯିବୁ... ଆଉ କେତେ ସମୟ ଲାଗିବ ଯେ ତତେ... । କୋଉଠି ହେଲୁଣି, କହିଲୁ... ?

ଫୋନ୍ ଭିତରୁ ମୋ କାନ୍ଦ କାନ୍ଦ ସ୍ୱର ବାରି, ବାପା କଣ ବୁଝିଲେ କେଜାଣି, କହିଉଠିଲେ ଆରେ, ତୁ ବ୍ୟସ୍ତ ହ ନା..... । ତୁ ନିଶ୍ଚୟ ଦେଖିବୁ ତାକୁ ଶେଷଥର । ଆସ୍ .... ଜଲଦି ଆସ୍..... ।

ମୁଁ କିନ୍ତୁ ଅଲଗା କଥା ପାଇଁ ବ୍ୟସ୍ତ... ।

ଆଜି ଯାଏଁ ସେ କଥା ଘରେ କହି ନାହିଁ ବୋଲି ନିଜକୁ ଗାଳି ଦେବାରେ ବ୍ୟସ୍ତ । ହେଲେ, ଏଇ ଶେଷ ମୂହର୍ତ୍ତରେ ବି ତା' ଇଚ୍ଛାକୁ ଏମିତି ପାଣିରେ ଭସେଇ ଦେବାର ସପକ୍ଷରେ ବି ମୁଁ ନୁହେଁ । କିନ୍ତୁ ମୋ ପାଖେ ଆଉ ଉପାୟ କଣ ଯେ.... ।

ଆସ୍ଥାବାଦୀଟିଏ ବୋଲି, ଆସ୍ଥା ନ ହରେଇ, ଦୁନିଆକୁ ଆସ୍ଥା ଦେଉଥିବା ଦିବ୍ୟ ମଣିଷଜଣଙ୍କୁ ଡାକିଲି । କରଯୋଡି ପ୍ରାର୍ଥନା କଲି ।

ବସ୍, ଆମ ଗାଁମୁଣ୍ଡ ଷ୍ଟାଣ୍ଡରେ ଲାଗିଲା ବେଳକୁ ଦେଖିଲି, ମତେ ନେବା ପାଇଁ ଭାଇ ସ୍କୁଟି ଧରି ଛିଡା ହେଇଛି ସେଇଠି । ଏମିତି ବେଳରେ, ନିଜ ଲୋକଟିଏ ପାଇଲେ, ଭାରୀ ମନକୁ ହାଲକା କରିବାର ସୁଯୋଗ ମିଳିଯାଏ ନା... । ଆଜିଯାଏଁ ଘରେ କାହାକୁ କହି ନଥିବା କଥାକୁ ତା ଆଗରେ ସେଇଠି କହିଦେଲି ଏକା ନିଃଶ୍ୱାସରେ । ତା ସ୍ୱଭାବ ଅନୁସାରେ, ସେ ଖୁବ୍ ରାଗିଯିବ ବୋଲି ମୁଁ ଜାଣିଥିଲି, ହେଲେ ସେ ଜମା ରାଗିଲାନି ମୋ ଉପରେ । ହଁ, ବେଳେବେଳେ ଝରି ଯାଉଥିବା ଆଖି ଲୁହ ଗୁଡାକ, ସାମ୍ନାବାଲାର ରାଗସବୁକୁ ଉଡେଇ ନେବାରେ ସକ୍ଷମ ହୁଅନ୍ତି ।

ସ୍କୁଟିଚାବିଟା ମୋ ହାତକୁ ବଢ଼େଇଦେଇ ସାହସ ଦେବା ଭଙ୍ଗୀରେ ଭାଇ ମତେ କହିଲା - ତୁ ଘରକୁ ଯା... ମୁଁ ଦେଖୁଛି... । ତା ପ୍ରତିଶ୍ରୁତିରେ ମୁଁ ଟିକେ ହାଲୁକା ଅନୁଭବ କଲି ।

ଗାଁ ମୁଣ୍ଡ ଷ୍ଟାଣ୍ଡରୁ ଘର ଆଡକୁ ବାଟ ଅଧା ହେଇଚି କି ନାଇଁ, ହଠାତ୍ ମୁଁ ଦେଖିଲି - କାଠ ଚୌକିଟାରେ ତାକୁ ବସାହେଇ ଗାଁ ପରିକ୍ରମା ହେଉଛି... । ସେଇଠି ଅଟକି, ତାକୁ ଭଲ ପାଉଥିବା ପ୍ରତିଟି ମଣିଷଙ୍କ ସହ ମୁଁ ମିଶିଲି ପରିକ୍ରମାରେ । ପରିକ୍ରମା ଗାଁର ଶେଷ ସାହିରେ

ପହଞ୍ଚିଲା ପରେ ତାକୁ କାନ୍ଧେଇ ନେଇ କୋକେଇରେ ଶୁଆଇ ଦେଲେ ।

ସେଇବେଳେ ମୋ କାନ୍ଦୁରା ମୁହଁକୁ ଅନେଇ ବାପା କହିଲେ - ମା'ରେ ତୁ ଘରକୁ ଯା'... ଏଇଠୁ ଅନ୍ଧଦୂର ମଶାଣୀପଦା । ଝିଅମାନେ ସେଠିକି ଯା'ନ୍ତିନି ପରା, ମୋ କଥା ମାନ... । ତୁ ଘରକୁ ପଳା.... । ବାଧ ଶିଶୁଟିଏ ପରି, ବାପାଙ୍କ କଥାରେ ଫେରି ଆସିଲା ବେଳେ ତା ଭାବ ବିହ୍ୱଳିତ ମୁହଁକୁ ମନେ ପକେଇ ତା ଶେଷ ଇଚ୍ଛାକୁ ପୂରଣ ନକରିପାରିବାର ଦୁଃଖରେ ଗୋଟାପଣେ ବଳଶୂନ୍ୟ ହେଇପଡୁଥାଏ ମୁଁ । ସେଇବେଳେ ମନେପଡୁଥିଲା ତା କୁହା କଥା - ଜାଣୁରେ ବୁଢ଼ୀ, ଦେହରେ ବଳ ଥାଉ କି ନଥାଉ, ବେଳ ହେଉ କି ଅବେଳ ହେଉ, ପ୍ରତି ମୁହୂର୍ତ୍ତରେ ତାଙ୍କୁ ତୋ ମନ କଥା କହୁଥିବୁ.... । ସେ ଶୁଣିବେ, ନିଶ୍ଚୟ ଶୁଣିବେ.... ।

ତା କଥା ମନେ ପକେଇ, ମନରେ ଅହେତୁକ ଆଶା ନେଇ, ତା ପାଇଁ ତାଙ୍କୁ ସେଇବେଳେ ଆକୁଳ ହେଇ କହିଲି ମୁଁ - "ସମସ୍ତେ କହୁନ୍ତି, ତୁମ ଡୋରି ନ ଲାଗିଲେ ତୁମ ଧାମକୁ ଯାଇ ହୁଏନି... । ସତରେ କଣ ତା ପାଇଁ ତୁମର କୃପା ନାହିଁ... । ତା ପାଇଁ ଡୋରି ଲାଗିବନି ..... । ତାଙ୍କୁ କହିବାକୁ ଚାହୁଁଥିବା ଆଉ ବାକି ଯେତେ କଥା, ସେସବୁ ମୋ ଆଖି ଦେଇ ତରଳି ଝରୁଥାନ୍ତି ଯାହା । ଏ ବେଳେ ମୋ ପାଖ ଦେଇ ବଡ ଗାଡିଟିଏ ଜୋରରେ ଚାଲିଗଲା । କିଛି ସମୟ ପରେ ପୁଣି ଗାଡିଟି ମୋ ଠୁ ଅଳ୍ପ ଦୂରେ ଅଟକିଲା । ଡ୍ରାଇଭରଙ୍କ ପାଖ ସିଟ ଝରକା ଦେଇ, ଭାଇ ମତେ ହାତଠେ ଡାକୁଥିଲା । ମୁଁ ଧାଇଁଲି । ସେ ଭିତରେ ବସିଗଲି । ଗାଡି ଚାଲି ଆରମ୍ଭ କଲା । ମୁଁ ଦେଖେ ତ, ସେ ଶୋଇଚି ଘୋଡି ହେଇ ଗା ଭିତରେ ବାପାଙ୍କ କୋଳରେ । ହଁ, ଆମେ ପହଞ୍ଚିଲୁ ମହୋଦ୍ୟୁ ଅନେଇ ରହିଥିବା ସ୍ୱର୍ଗ ଦ୍ୱାରରେ....

ସେଇଠି ସେ ଶୋଇଲା ଜୁଇରେ....

ବାପା, ନିଆଁ ଦେଲେ...

ମୋର ମନେ ପଡୁଥିଲା ମୁଁ ଏତେଦିନ ହେଲା ଘରେ କହି ନଥି ତା'ର ସେ କଥାତକ - "ବୁଢ଼ୀରେ ତୋ ବାପାକୁ କହିବୁ, ଏ ପାକେଲା ବୁଢ଼ୀଟାକୁ ସେଇ ସ୍ୱର୍ଗଦ୍ୱାରକୁ ନେଇଯିବ... ।

ସେ ଜଳୁଥିଲା...

ମୁଁ ବୁଝୁଥିଲି - ଜୀବନ ବୁଲାଏ.... ଖୁବ୍ ବୁଲାଏ...

ହେଲେ, ସବୁକିଛି କିନ୍ତୁ ତାଙ୍କରି ଆଜ୍ଞାରେ.... ।

- ଠ -

ନୟାଗଡ, ଓଡିଶା
ମୋ: ୮୯୧୭୬୯୮୬୬୬

ଉର୍ବଶୀ

ସନ୍ତୋଷ ମିଶ୍ର

ରାଧାମୋହନ ଆଚାର୍ଯ୍ୟ । ୬ ଫୁଟ ଲମ୍ବ । ଶ୍ୟାମଳ ବର୍ଣ୍ଣ । ପରିଧେୟ ଧୋତି ଓ ମୁଣ୍ଡ ଗଳା ହାଫ୍ ସାର୍ଟ । ଚାଳ ଛପର ମାଟିକାନ୍ଥର ଘର । ଘରେ ଦିବ୍ୟ ସୁନ୍ଦରୀ ଗଜ ଗମନି ସ୍ତ୍ରୀ । ଚାନ୍ଦିନୀ ମଖା ତମ୍ବରୁ ଆକୃତିର ଦେହ । ଟଣା ଟଣା ନୀଳ ସମୁଦ୍ରର ଆଖି । ଶତ୍ରୁ ହେଲେବି ମୁହୂର୍ତ୍ତେ ଛିଡା ହେଇ ଭାବେ ଏମନ୍ତ ରୂପସୀ ଗଢ଼ିବାକୁ ବିଧାତାଙ୍କୁ କେତେ ସମୟ ଲାଗିଥିବ । ରୂପ ଅନୁରୂପ ନାଁଟି - ଉର୍ବଶୀ ଆଖ ପାଖ ଦଶ ଖଣ୍ଡ ଗାଁର ସୁବଠୁ ସୁନ୍ଦରୀ ଭାବେ ମାନ୍ୟତା ପାଇ ସାରିଥିଲା ଉର୍ବଶୀ । ଗାଁକୁ ନୂଆ ବୋହୂଟିଏ ଆସିଲେ କିମ୍ବା ଗାଁ ବାହାରକୁ ଝିଅ ଦେଖିବାକୁ ଗଲେ ସମସ୍ତେ ଗୋଟିଏ ପ୍ରଶ୍ନ ପଚାରନ୍ତି - ସେ ଦେଖିବାକୁ କଣ ଉର୍ବଶୀ ଠାରୁ ଭଲ । ରାଧାମୋହନ ଏବଂ ଉର୍ବଶୀଙ୍କ ଶିକ୍ଷାଗତ ଯୋଗ୍ୟତା ଯଥାକ୍ରମେ ୫ମ ଓ ୩ୟ । ୭ମ ଶ୍ରେଣୀ ପାସ୍ କରିଥିଲେ ଅନ୍ତତଃ ଶିକ୍ଷକ ଚାକିରୀଟା ମିଳିଥାନ୍ତା । କିନ୍ତୁ ଅର୍ଥାଭାବରୁ ଅଧିକ ପାଠ ପଢ଼ିବା ସମ୍ଭବ ହେଇ ନଥିଲା । ବାପା ପୁରୋହିତ କାମ କରିବା ସହିତ ମିଳିଥିବା ୨ ମାଣ ପୈତୃକ ସଂପତ୍ତି ଭାଗ ଚାଷ କରି ପରିବାରକୁ ବହୁ କଷ୍ଟରେ ଚଳାଉଥିଲେ । ସେଥିପାଇଁ ମାଆଙ୍କୁ ଅନ୍ୟମାନଙ୍କ ଘରେ ମୁଢ଼ି ଭାଜିବାକୁ ପଡୁଥିଲା । ବେଳେବେଳେ ବାସନ ମାଜିବା,

ଏହା ଛାଡୁ କରିବା ଏପରିକି ଲୁଗା ସଫା କରିବାକୁ ବି ପଡୁଥିଲା । ଏଭଳି ପରିସ୍ଥିତିରେ ଅଧିକ ପାଠ ପଢ଼ାଇବା ଦିବା ସ୍ୱପ୍ନରେ ପରିଣତ ହୋଇଥିଲା । ଯାହା ହେଉ ପଛେ ବାପା ମାଆ ତାଙ୍କ ପାଇଁ ରୂପସୀ ରାଜକନ୍ୟା ଟିଏ ଯୋଗାଡ଼ କରି ପାରିଥିବାରୁ କୃତକୃତ୍ୟ ଅନୁଭବ କରୁଥିଲା ରାଧାମୋହନ ।

ପରିବାର ବୋଇଲେ ସ୍ୱଂୟ ରାଧାମୋହନ, ସ୍ତ୍ରୀ ଉର୍ବଶୀ, ବିଧବା ମାଆ, ଦୁଇଟି ପୁଅ ଆଉ ଦୁଇଟି ଝିଅ । ଚାରୋଟି ସନ୍ତାନର ଜନନୀ ହେଇବି ଉର୍ବଶୀର ସୌନ୍ଦର୍ଯ୍ୟ ପୂର୍ବ ଭଳି ଅତୁଟ । ଅକ୍ଷତ ଯୌବନା । ବଡ଼ନ୍ତା ପରିବାରରେ ଅଭାବ ଅନାଟନ.... ଦାରିଦ୍ର୍ୟର କଷାଘାତ । ଦୁଃଖ, କଷ୍ଟ, ଯନ୍ତ୍ରଣାରେ ଅହରହ ସିଝୁ ଥିଲା ରାଧାମୋହନ । ଉର୍ବଶୀ ବା ସାନ୍ତ୍ୱନା ଦେବା ବ୍ୟତୀତ ଆଉ କଣ କରି ପାରିଥାନ୍ତା । ପରିସ୍ଥିତି ଏମିତି ହେଲା ଯେ ଅଧିକାଂଶ ଦିନ ପେଟରେ ଓଦା କନା ଦେଇ ଶୋଇବାକୁ ପଡୁଥିଲା । ହେଲେ ପିଲାମାନଙ୍କର ଅକଥନୀୟ କଷ୍ଟ ସେମାନଙ୍କ ହୃଦୟକୁ ବିଦୀର୍ଣ୍ଣ କରି ପକାଉଥିଲା । ଦିନେ ଉର୍ବଶୀ ରାଧାକୁ କହିଲା - ଗାଁ ପଧାନଙ୍କୁ ଆମ ଦୁଃଖ ଜଣାଇଲେ ହୁଅନ୍ତାନି । ହୁଏତ ସେ କିଛି ପ୍ରତିକାର କରି ପାରନ୍ତେ । କଥାଟା ରାଧାର ମନକୁ ପାଇଲା ଭାବିଲା ଏତେ ତ କଷ୍ଟ ପାଉଛି । ଥରେ ଦେଖା କରି ଗୁହାରି ଜଣାଇଲେ କ୍ଷତି କଣ ।

ସେତେବେଳେ ଗାଁର ପଧାନ ବହୁ ପ୍ରତିପତ୍ତିଶାଳୀ । ରାଜାଙ୍କ ପ୍ରତିନିଧି । ବାଟି ବାଟି ସମ୍ପତ୍ତି । ଉଭା ଯେତେ । ପୋତା ସେତେ । ପଧାନ ଅନନ୍ତ ନାରାୟଣ । ମଦ ଆଉ ନାରୀ ପ୍ରତି ଅବାରିତ ଆକର୍ଷଣ । ବହୁ ଦିନରୁ ନଜର ଥିଲା ଗାଁର ଅପୂର୍ବ ସୁନ୍ଦରୀ ଉର୍ବଶୀ ଉପରେ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ ନକରି କେବଳ ସୁଯୋଗର ଅପେକ୍ଷାରେ ଥିଲେ ।

ଅବଶେଷରେ ଅପେକ୍ଷାର ଅନ୍ତ ଘଟିଲା । ସେଦିନ ପଧାନେ ମଦ୍ୟ ପାନ କରି ରଙ୍ଗୀନ ମିଜାଜରେ ଥିବାବେଳେ ରାଧାମୋହନ ତାଙ୍କ ସମ୍ମୁଖରେ ଆଣ୍ଠୁ ଭାଙ୍ଗି ଯୋଡ ହସ୍ତରେ ନିଜର ଦୁଃଖ, ଅଭାବ,ଅସୁବିଧା କଥା ଜଣାଇ ପ୍ରତିକାର ନିମନ୍ତେ ନିବେଦନ କରିଥିଲା । ଅର୍ଦ୍ଧ ନିମିଳିତ ନୟନରେ ସବୁକଥା ଶୁଣି ପଧାନେ କହିଲେ - ଠିକ୍ ଅଛି । କିଛି ବ୍ୟସ୍ତ ହେବାର ନାହିଁ । ଏବେ ତୁମେ ଯାଅ । ଉର୍ବଶୀକୁ ସାଙ୍ଗରେ ଧରି ଆସ । ଆଜି ରାତିରେ ସେ ଆମ ଘରେ ରହିବ । ଆଜିଠାରୁ ତୁମ ଘରର ସମସ୍ତ ଦାୟିତ୍ୱ ମୋର । ଏଇ ମୁହୂର୍ତ୍ତରୁ ତମର ସମସ୍ତ ସମସ୍ୟା ସମାଧାନ ହେଇଗଲା ବୋଲି ଜାଣ । ରାଧାମୋହନ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲା - ଯଥା ଆଜ୍ଞା ।

ତାପରେ ପଧାନଙ୍କ ନିର୍ଦ୍ଦେଶରେ ଅନ୍ତତଃ ଗୋଟିଏ ମାସ ଚଳିବା ପାଇଁ ଆବଶ୍ୟକ ପରିମାଣର ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଶଗଡ଼ରେ ବୋଝେଇ ହେଇ ରାଧାମୋହନଙ୍କ ଘରେ ପହଞ୍ଚିଲା । ରାଧାମୋହନଙ୍କୁ ମଧ୍ୟ ନୂଆ ଧୋତି, ସାର୍ଟ, ପିଲାମାନଙ୍କ ପାଇଁ ଡ୍ରେସ୍, ବିଧବା ମାଆ ପାଇଁ ଶାଢ଼ୀ, ବିଶେଷତଃ ଉର୍ବଶୀ ପାଇଁ ଦାମୀ ଶାଢ଼ୀ, ସାୟା, ବ୍ଲାଉଜ ତଥା ସମସ୍ତ ପ୍ରସାଧନ ସାମଗ୍ରୀ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଦୁଇ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା । ସେହିଦିନ ପଧାନଙ୍କ ଘରେ ଉର୍ବଶୀ ରାତ୍ରି ଯାପନ କରି ପରଦିନ ନୂଆ ଶାଢ଼ୀ, ସାୟା, ବ୍ଲାଉଜ ପିନ୍ଧି ଘରକୁ ଫେରିଥିଲା ।

ତାପର ଠାରୁ ରାଧାମୋହନଙ୍କ ଘର ଆଉ ଭାଗ୍ୟର ମାନଚିତ୍ର ସବୁକିଛି ବଦଳିବାକୁ ଲାଗିଲା । ମାଟିଘର ଭଙ୍ଗା ଯାଇ ନିର୍ମିତ ହେଲା ପକ୍କାଘର । ଘର ଭିତରେ ଶୋଭା ପାଇଲା ବିଭିନ୍ନ ପ୍ରକାରର ଦାମୀ ଗୃହ ସରଞ୍ଜାମ । ରାଧାମୋହନ ବନିଗଲେ ଏ କ୍ଲାସ କଣ୍ଟ୍ରାକ୍ଟର । ଘର ସାମନାରେ ଛିଡା ହେଲା ରାଜଦୂତ ମଟର ସାଇକେଲ । ସାହି ପଡିଶାରେ ଥିବା କଳାଡିହ ଚଢ଼ା ଦରରେ କିଣା ଯାଇ ନିଜ ଘରଡିହ ସହିତ ସାମିଲ ହେଇଗଲା । ଚାଷ ଜମି ପାଖରେ ଥିବା ଅନ୍ୟ ଲୋକର ଜମି କିଣା ଯାଇ ସୀମା ପରିବର୍ଦ୍ଧିତ ହେଲା । କିଛି ଦିନ ପରେ ଜମିରେ ସ୍ଥାପିତ ହେଲା ଗୋଟେ ବିରାଟ ଫାର୍ମ । ପାଖ ସହରରେ ଘରଡିହ କିଣା ଯାଇ ନିର୍ମିତ ହେଲା କୋଠାଘର । ଚାହୁଁ ଚାହୁଁ କିଛି ବର୍ଷ ମଧ୍ୟରେ ରାଧାମୋହନ ସେ ଅଞ୍ଚଳରେ ଜଣେ ବିଶିଷ୍ଟ ଧନୀ ବ୍ୟକ୍ତି ଭାବେ ପରିଗଣିତ ହେଲେ ।

ଧନ ସମ୍ପତ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ରାଧାମୋହନଙ୍କ ଭିତରେ ଥିବା ସୈତାନ ପ୍ରବୃତ୍ତି କ୍ରମେ ଜାଗ୍ରତ ହେଇ ଉଠିଲା । ଆଖପାଖରେ ଥିବା ତାଙ୍କର ପ୍ରତିଦ୍ୱନ୍ଦୀ ମାନଙ୍କୁ କଳେ ବଳେ

କୌଶଳେ କରାୟତ୍ତ କରିବାରେ ସକ୍ଷମ ହୋଇଥିଲେ । ମାତ୍ର ଜନୈକ ବ୍ୟକ୍ତି ବଶୀଭୂତ ନହେବାରୁ ବନ୍ଧୁତାର ବାହାନା କରି ନିଜ ଘରକୁ ଡାକି ପ୍ରଚୁର ମଦ ମାଂସ ଖୁଆଇ ଶୋଇବା ଅସ୍ଥା ତାର ବେକକୁ କାମୁଡି ରକ୍ତ ସବୁ ପିଇ ଯାଇଥିଲେ । ନର ହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଯଜ୍ଞର ମଧ୍ୟ ଆୟୋଜନ କରିଥିଲେ । ହେଲେ ଦିନକୁ ଦିନ ତାଙ୍କର ସୈତାନୀ ପ୍ରବୃତ୍ତି ଅଧିକ ଉଗ୍ର ହେବାକୁ ଲାଗିଲା । ବିଧବା ମାଆ ବୟସାଧିକ ହେତୁ ବିଭିନ୍ନ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ପୁଅକୁ ବୁଝାଇବାର ଶକ୍ତି ତାଙ୍କର ନଥିଲା । କେବଳ ଆଖିରୁ ଧାର ଧାର ଲୁହ ବୁହାଇବା ଛଡା । ଶେଷରେ ଦିନେ ସବୁଦିନ ପାଇଁ ଆଖି ବୁଜିଦେଲେ ମାଆ । ଉର୍ବଶୀ ସକାଳ ସନ୍ଧ୍ୟାରେ ଠାକୁର ଘରେ ବସି ପ୍ରାର୍ଥନା କରନ୍ତି ସ୍ୱାମୀଙ୍କ ସଦ୍‌ବୁଦ୍ଧି ଉଦ୍ରେକ ହେବା ପାଇଁ । ସୁଯୋଗ ପାଇଲେ ପାଖରେ ବସି ବୁଝାନ୍ତି - ଭଗବାନ ଆମର କିଛି ଉଣା କରିନାହାନ୍ତି । ଆଶାଠୁଁ ଯଥେଷ୍ଟ ଅଧିକ ଆମକୁ ଦେଇଛନ୍ତି । କାହିଁକି ତମେ ଅଧିକ ଲୋଭ କରୁଚ । କାହିଁକି ଅବାଟରେ ଯାଉଚ । ଉର୍ବଶୀ କଥାର କିଛି ହେଲେ ପ୍ରଭାବ ତାଙ୍କ ଉପରେ ପଡେ ନାହିଁ । ବରଂ ଅତ୍ୟଧିକ ଉତ୍ତେଜିତ ହୋଇ ଦୁଃଶ୍ଚରିତ୍ରା, ବେଶ୍ୟା ଭଳି ନାନାଦି କୁଭାଷା ପ୍ରୟୋଗ କରନ୍ତି । ଯୋଉ ସ୍ୱାମୀ ଦିନେ ତାଙ୍କୁ ପ୍ରାଣ ଠାରୁ ଅଧିକ ଭଲ ପାଉଥିଲେ... ଯାହାଙ୍କ ପାଇ ସେ ଏତେ କିଛି କଲେ ତାଙ୍କ ଠାରୁ ଏଭଳି କଟୁକ୍ତି ଉର୍ବଶୀକୁ ପ୍ରାଣାନ୍ତକ ଯନ୍ତ୍ରଣା ଦେଉଥିଲା । ଅବଶେଷରେ ଅତ୍ୟଧିକ ଦୁଃଖ ଯନ୍ତ୍ରଣା ସହି ନପାରି ଦିନେ ହୃଦଘାତରେ ତାର ମୃତ୍ୟୁ ଘଟିଲା ।

ସ୍ତ୍ରୀଙ୍କ ମୃତ୍ୟୁ ପରେ ବି କିଛି ପରିବର୍ତ୍ତନ ହେଲାନି ରାଧାମୋହନଙ୍କର । ଦିନକୁ ଦିନ ଅଧିକ ଉଗ୍ର, ଅସହନଶୀଳ ହୋଇ ଉଠିଲେ ସେ । ବୋହୁମାନଙ୍କ ପ୍ରତି ଅହେତୁକ ଆସକ୍ତି ବୃଦ୍ଧି ପାଇଲା । ପୁଅମାନଙ୍କ ମଧ୍ୟରେ କନ୍ଦଳର ବୀଜ- ରୋପଣ କରି ଆମୋଦିତ ହେଉଥିଲେ । ତାଙ୍କର ହୀନ ବୁଦ୍ଧି ସମ୍ପର୍କରେ ହୃଦବୋଧ ହେବା ପରେ ତାଙ୍କୁ ଘରୁ ବାହାର କରି ଦିଆଗଲା । ବହୁକଷ୍ଟରେ ତିଆରି ହୋଇଥିବା ଘର ଛାଡିବା ବେଳେ କେବଳ ନୀରବରେ ଅଶ୍ରୁପାତ କରିବା ଛଡା ଆଉ କିଛି ଉପାୟ ନଥିଲା ।

ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ଘରେ ବସବାସ କରିବାକୁ ଲାଗିଲେ ରାଧାମୋହନ । ପାଖରେ ଥିବା ହରିଜନ ସାହି ଓ ଆଦିବାସୀ ବସ୍ତିରେ ଭିକ୍ଷା ବୃତ୍ତି କରି କିଛି ଦିନ ଅନ୍ନ ସଂସ୍ଥାନ କଲେ । ମାତ୍ର ବାର୍ଦ୍ଧକ୍ୟ କବଳିତ ଦେହ ରୋଗାକ୍ରାନ୍ତ ହୋଇ ପଡିବାରୁ ଭିକ୍ଷା ବୃତ୍ତି ବନ୍ଦ କରି ଜଣ ଜଣକ ଘରେ ପାଳି କରି ଖାଇବାକୁ ଆରମ୍ଭ କଲେ । ଏମିତି କିଛି ଦିନ ବିତି ଯିବା ପରେ ଦିନେ ଗାଁରେ ପ୍ରଚାରିତ ହେଲା ଯେ ପରିତ୍ୟକ୍ତ ଘରୁ ଦୁର୍ଗନ୍ଧ ଆସୁଚି । ଗାଁ ଚୌକିଦାର ସହିତ ଲୋକମାନେ ଭିତରକୁ ଯାଇ ଆବିଷ୍କାର କଲେ ରାଧାମୋହନଙ୍କ ମୃତ ଦେହ ।

- ୦ -

ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ
ସା: ଜ୍ୟୋତିନଗର, ଉଦଳା ଏନ୍‌ଏସି., ୱାର୍ଡ ନମ୍ବର-୧୨

ବଗ ଓ କୁକୁର

ଶୁଭଲକ୍ଷ୍ମୀ ସାମନ୍ତ

ବଗ ଓ କୁକୁର ଦୁଇ ସାଙ୍ଗ ଥିଲେ । କୁକୁର ଦିନେ ମଜା କରିବା ପାଇଁ ବଗକୁ ନିଜ ଘରକୁ ଡାକିଲା । କହିଲା - ସାଙ୍ଗ ! କାଲି ମୋ ଘରକୁ ଆସ । ତୁମକୁ ଗୋଟିଏ ବଢ଼ିଆ ଭୋଜି ଦେବି । ବଗ କହିଲା - ହଉ ଯିବା । ସାଙ୍ଗ କଥା କଣ କାଟି ହେବ । ତା ପରଦିନ ବଗ ଭୋଜି ଖାଇବା ନିଶାରେ କୁକୁର ଘରେ ହାଜର । କୁକୁର ସାଙ୍ଗ ଠାରୁ ଭଲ ମନ୍ଦ ପଚାରି ବୁଝିଲା । ଖାଇବା ବେଳହେବାରୁ କୁକର କହିଲା ସାଙ୍ଗ ଖାଇବା ହୋଇସାରିଲାଣି । ଚାଲ ଖାଇବା । ଗରମ ଖାଦ୍ୟ ପରା ଦେହ ପାଇଁ ହିତକର । ଚାଲ, ଚାଲ ! ବଗକୁ ଭାରି ଭୋକ ହେଉଥିଲା । ଭୋଜି ଖାଇବା ନିଶାରେ ସେ ଘରୁ କିଛି ନ ଖାଇ ଆସିଥିଲା । ତେଣୁ ସେ କୁକୁର ପଛେ ପଛେ ଯାଇ ଖାଇବା ପାଖରେ ବସିଲା । ହେଲେ ସେଠାରେ ଦେଖିଲା ଖାଇବା ବଡ଼ା ହେଇଛି ଚଟକା ଥାଳିରେ । ସେ ଥଣ୍ଟରେ କେମିତି ଖାଇବ ? କୁକୁର କହିଲା - ଆଉ ଡେରି କାହିଁକି ? ଏବେ ଖାଇବା ଆରମ୍ଭ କର । ବଗ କୁକୁରର ଚାଲାକି ବୁଝିପାରିଲା । କିଛି ନ କହି ଖାଇ ବସିଲା, ଖୁଣ୍ଟି ଖାଇବା ପରି ଟିକେ ଟିକେ ଖାଇଲା । କିନ୍ତୁ କୁକୁର ଥାଳି ଚାଟି ଖାଇଦେଲା । ମନ କଥା ମନରେ ରଖି ଖାଲି ପେଟରେ ଫେରିଲା ବଗ । କିଛି ଦିନ ଗଲା ବଗ କହିଲା - ସାଙ୍ଗ ! ମୋ ଘରକୁ ଟିକେ ବୁଲି ଆସନ୍ତନି ? କୁକୁର କହିଲା - ଯିବା । ଦୁଇ ଦିନ ପରେ ଯିବି । ବଗ କହିଲା - ତାହା ହେଲେ ମୁଁ ନିଶ୍ଚିତ ଯେ, ମୋର ବନ୍ଧୁ ଗୁରୁବାର ଦିନ ମୋ ଘରେ ପହଞ୍ଚୁଛନ୍ତି । କୁକୁର କହିଲା - ହଁ, ହଁ ନିଶ୍ଚୟ । କୁକୁର କଥା ରଖି ଯାଇ ବଗ ଘରେ ହାଜର । ବଗ ବନ୍ଧୁଙ୍କୁ ଆଦରରେ ସ୍ୱାଗତ କଲା, ଦୁଃଖ ସୁଖ ସବୁ ପଚାରି ବୁଝିଲା । ଖାଇବା ବେଳ ହେବାରୁ ବଗ କୁକୁରକୁ କହିଲା -ସାଙ୍ଗ ଖାଇବା ହୋଇସାରିଲାଣି । ଚାଲ ଖାଇବା । ଗୋଟିଏ ବଡ ହସ ହେଲା । ତା ପରେ ବଗ ଗୋଟେ ଲମ୍ବା ବେକିଆ ସୁରେଇ ଆଣି ଥୋଇଦେଲା । କୁକୁର କହିଲା - ସାଙ୍ଗ । ଏଥିରେ କଣ ପାଣି ଆଣିଛ । କୁକୁର ସରୁ ମୁହାଁ ସୁରେଇରେ ମୁହଁ ଗଳାଇ ଖାଇବ କେମିତି ? ବଡ ଅସୁବିଧାରେ ପଡିଲା । ବଗ ତା' ଲମ୍ବା ଥଣ୍ଟ ପୂରାଇ ଆନନ୍ଦରେ ଖାଇଲା । ବଗ କହିଲା - ବନ୍ଧୁ ନଖାଇ ବସିଲ । ବଗ ଥଣ୍ଟରୁ ଖସି ସୁରେଇରେ ଲାଗିଥିବା ଝୋଳକୁ କୁକୁର ଖାଲି ଚାଟିଲା । କୁକୁର ଲାଜକଥା କେମିତି କହିବ । ଚାଟୁ ଚାଟୁ କୁକୁର କହିଲା - ହଁ ହଁ ଖାଉଛି ଖୁବ୍ ଭଲ ରନ୍ଧା ହୋଇଛି । ଖିଆପିଆ ସରିଗଲା ପରେ କୁକୁର କହିଲା - ସାଙ୍ଗ ତୁମେ ମୋତେ ଆଜି ବୁଦ୍ଧି ଶିଖେଇ ଦେଲ । ତୁମ ସହିତ ସେଦିନ କରିଥିବା ମଜାର ଫଳ ମୁଁ ପାଇଲି । ବଗ କହିଲା - ଏବେ ଜାଣିଲ ତ ଅନ୍ୟକୁ ଠକିଲେ କେମିତି ନିଜେ ଠକନ୍ତି । କୁକୁର କାନ୍ଦ କାନ୍ଦ ହୋଇ କହିଲା - ହଁ ମୁଁ ଜାଣିଲି ।

ତା' ପରେ ବଗ କହିଲା - ଛି, ସାଙ୍ଗ ଏଥିପାଇଁ ଏତେ ମନ ଖରାପ କରୁଛ । ଗଲ ମୁଁ ତୁମ ପାଇଁ ଖାଦ୍ୟ ଅଲଗା ରଖିଛି । ଖାଇବ ଚଲ । ବଗ ପୁଣି କୁକୁରକୁ ଖାଇବାକୁ ଦେଲା ।

- ୦ -

ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର

ଶେଷ ସ୍ନେହ

ରଶ୍ମିତା ରାଉତ

ଜୀବନରେ ଖୁସିତ ବହୁତ ଥର ଆସେ ହେଲେ ସେ ସବୁଦିନ ରୁହେ ନାହିଁ । ଖୁସି କ୍ଷଣିକ ମାତ୍ର ହେଲେ ଦୁଃଖ ଅସରନ୍ତି । ଶ୍ରୁତି ଓ ସୌମ୍ୟା ଦୁଇ ଭଉଣୀ ଦେଖିବାକୁ ଯାଆଁଳା ପରି ହେଲେ ଦୁଇ ଜଣଙ୍କ ଗୁଣ ପରସ୍ପର ଠାରୁ ବହୁତ ଅଲଗା । ହୃଦୟରୁ ଦୁଇଜଣ ଦୁଇ ଭିନ୍ନ ମଣିଷ । ସୌମ୍ୟା ବଡ ଭଉଣୀ ଓ ଶ୍ରୁତି ସାନଭଉଣୀ । ଦୁଇ ଜଣଙ୍କ ବୟସ ଭିତରେ ତଫାତ୍ ମାତ୍ର ଦେଢ଼ ବର୍ଷ । ସୌମ୍ୟା ବହୁତ ନିରୀହ ଓ ସରଳ ଓ ଅନ୍ତର୍ମୁଖୀ ଝିଅ । ଅନ୍ୟପକ୍ଷରେ ଶ୍ରୁତି ବନ୍ଧୁପ୍ରିୟ ଓ ବହୁର୍ମୁଖୀ ଝିଅ । ଦୁହେଁ ପରସ୍ପରକୁ ବହୁତ ଭଲ ପାଆନ୍ତି । ସେଥିପାଇଁ ତାଙ୍କ ପିତା (ସନାତନ ପଟ୍ଟନାୟକ) ତାଙ୍କୁ ଗୋଟେ ହିଁ ସ୍କୁଲରେ ଓ ଗୋଟିଏ ଶ୍ରେଣୀରେ ନାମ ଲେଖାଇଦେଲେ ।

ଶ୍ରୁତି ଓ ସୌମ୍ୟା ସାଥିହୋଇ ସବୁଦିନ ସ୍କୁଲ ଯାଆନ୍ତି । ଶ୍ରୁତିର ପାଠ ଅପେକ୍ଷା ଖେଳରେ ଅଧିକ ମନଥାଏ । ମାତ୍ର ସୌମ୍ୟା ଠିକ୍ ତା'ର ବିପରୀତ ସେ ଖେଳ ଅପେକ୍ଷା ପାଠ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ଚାହୁଁ ଚାହୁଁ ସାତବର୍ଷ ବିତିଗଲା ଦୁଇଜଣଙ୍କ ସପ୍ତମ ପରୀକ୍ଷା ଦୁଇଜଣ ପରୀକ୍ଷା ଦେଲେ ସବୁଦିନ ପରି ସୌମ୍ୟା ପ୍ରଥମ ଶ୍ରେଣୀରେ ଓ ଶ୍ରୁତି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

ଶ୍ରୁତି ଓ ସୌମ୍ୟା ଜୀବନରେ ଆଉ ଜଣେ ବହୁତ ଗୁରୁତ୍ୱପୂର୍ଣ୍ଣ ମଣିଷ ଯିଏକି ତାଙ୍କ ଜୀବନରେ ଏକ ବହୁତ ବଡ ଭୂମିକା ଗ୍ରହଣ କରିଛନ୍ତି । ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଶ୍ରୁତିର ଜେଜେମା (ଶାନ୍ତିଦେବୀ) । ଆଜିଯାଏ ଦୁନିଆରେ ସମସ୍ତେ ପିତାମାତାଙ୍କ ଭଲପାଇବା ଓ ବଳିଦାନ ବହୁତ ଦେଖିଛନ୍ତି । ମାତ୍ର ଜେଜେବାପା ଓ ଜେଜେମାଙ୍କ ଭଲପାଇବା ଓ ବଳିଦାନକୁ କେହି ଦେଖିପାରନ୍ତି ନାହିଁ । ପିତାମାତା ତ କେବଳ ପିଲାଙ୍କ କଥା ଭାବନ୍ତି । ହେଲେ ଜେଜେ ବାପା ଓ ଜେଜେମା ଉଭୟ ତାଙ୍କ ପିଲା ଓ ପିଲାଙ୍କ ପିଲା କଥା ଭାବନ୍ତି ।

ଶ୍ରୁତି ଓ ସୌମ୍ୟା ଛୋଟ ପିଲା ହେଲେ ମଧ୍ୟ ସେମାନେ ବୁଝିପାରୁଥିଲେ ଯେ ଜେଜେମା ତାଙ୍କୁ କେତେ ଭଲପାଉଥିଲେ । ଶ୍ରୁତି ଓ ସୌମ୍ୟା ମଧ୍ୟ ତାଙ୍କ ଜେଜେମାଙ୍କୁ ବହୁତ ଭଲ ପାଉଥିଲେ । ଦୁଇଭଉଣୀ ଯଦି ଘରୁ ବାହାରକୁ କୁଆଡେ ଯାଆନ୍ତି ଜେଜେମା ଦୁଆର ବନ୍ଧ ପାଖରେ ବସି ଚାହିଁଥାଏ ନାତୁଣୀ କେତେବେଳେ ଆସିବେ । ବର୍ଷା ହେଲେ ସାଥିରେ ଦୁଇଟି ଛତା ଧରି ସ୍କୁଲ ବାରଣ୍ଡାରେ ଯାଇ ଜଗିବସିଥାଏ ଏବଂ ଯଦି ସ୍କୁଲରେ କେହି ମାରନ୍ତି ଦୁଇଭଉଣୀଙ୍କୁ ସ୍କୁଲର ଶିକ୍ଷକକୁ ଜବାବ୍ ଦେବାକୁ ପଡେ । ଏହି ଡରରେ ଶ୍ରୁତି ଓ ସୌମ୍ୟାକୁ ସ୍କୁଲରେ କେହି ବି ହାତ ଲଗାନ୍ତିନି । ଜେଜେମାଙ୍କ ଭଲପାଇବା ତାଙ୍କ ନାତୁଣୀ ଓ ପିଲାଙ୍କ ପ୍ରତି ଏତେ ଗଭୀର ଯେ ଆମେ ତାକୁ କୌଣସି ଶବ୍ଦ କିମ୍ବା ବାକ୍ୟରେ କଳନା କରିପାରିବା ନାହିଁ ।

ସୁଖରେ ଦୁଃଖରେ ଏ ପରିବାର ଏମିତି ଅତିବାହିତ ହେଉଥାଏ । ଶ୍ରୁତି ଓ ସୌମ୍ୟାର ଦଶମ ବୋର୍ଡ ପରୀକ୍ଷା ସମୟ, ପରୀକ୍ଷା ସେଣ୍ଟର ଦୂର ହୋଇଥିବାରୁ ସନାତନ ବାବୁ ସାଥିରେ ଶ୍ରୁତି ଓ ସୌମ୍ୟାକୁ ପରୀକ୍ଷା ଦେବାକୁ ନେଇଯାଆନ୍ତି । ପୁଣି ସାଥିରେ ଆଣିକି ଆସନ୍ତି ଆସିବା ଯାଏ ଶାନ୍ତି ଦେବୀ ସେମାନଙ୍କ ବାଟ ଚାହିଁ ବସିଥାନ୍ତି । ପରୀକ୍ଷା ଶେଷ ହୋଇ ଫଳାଫଳ ବାହାରିଲା । ସବୁଥର ପରି ଦୁଇ ଭଉଣୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

ସନାତନ ବାବୁ ବଡଝିଅ ସୌମ୍ୟାକୁ ଟିକେ ଅଧିକ ଭଲପାଆନ୍ତି ଶ୍ରୁତି ଅପେକ୍ଷା ସବୁ ପିତାମାତା ପ୍ରଥମ ପିଲାକୁ ହିଁ ଅଧିକ ଭଲ ପାଇଥାନ୍ତି । ଶ୍ରୁତିକୁ ତା ଜୀବନରେ କେବଳ ପିତାଙ୍କ ଭଲପାଇବାର କମି ରହିଥାଏ । ଶ୍ରୁତି ବାହାରକୁ ବହୁତ ଖୁସିଥାଏ ମାତ୍ର ବାପାଙ୍କ ଭଲପାଇବା ପାଇଁ ଭିତରୁ ସବୁବେଳେ ଦୁଃଖୀ ଥାଏ । ମାତ୍ର ଏ କଥାର ଅନୁଭବ କାହାକୁ କେବେ ହେବାକୁ ଦେଇନାହିଁ । ସନାତନ

ତାକୁ ଚାହୁଁଥିଲେ ସୌମ୍ୟାକୁ ଗୋଟେ ଭଲ କଲେଜରେ ପଢ଼େଇବାକୁ ଚାହିଁନା ସୌମ୍ୟା ବହୁତ ଭଲ ପାଠ ପଢ଼େ । କିନ୍ତୁ ଶ୍ରୁତି କଥା କିଛି ଭାବି ନଥିଲେ ଯାହା କି ଶ୍ରୁତିକୁ ବହୁତ ଆଘାତ ଦେଉଥିଲା । ମାତ୍ର ଶେଷରେ ଶ୍ରୁତି ଓ ସୌମ୍ୟାର ଟ୍ୟୁସନ୍ ଟିରେ ଦୁଇଜଣଙ୍କର ଗୋଟେ କଲେଜରେ ନାମ ଲେଖାଇଦେଲେ ।

ସୌମ୍ୟା ଓ ଶ୍ରୁତି ଜୀବନର ଆଉ ଏକ ଅଧ୍ୟାୟ ଯାହା ତାଙ୍କ ଯୁକ୍ତ ଦୁଇରୁ ଆରମ୍ଭ ହେଲା । ସୌମ୍ୟାକୁ ସାଇକେଲ ଚଲାଇବା ଜଣା ନଥାଏ ମାତ୍ର ଶ୍ରୁତିକୁ ଜଣାଯାଏ । ସେମାନେ ଯେହେତୁ ସାଥିରେ ଯିବେ ସେମାନଙ୍କୁ ଗୋଟେ ସାଇକେଲରେ ଯିବାକୁ ପଡେ । ଶ୍ରୁତି ପ୍ରତିଦିନ ଯିବା ଆସିବା ୫୦ କିଲୋମିଟର ସାଇକେଲ ଚଲାଏ ସେଥିପାଇଁ ସେ ଥକିଯାଏ ଓ ତା'ର ପାଠ ପଢ଼ାରେ ବହୁତ ଅସୁବିଧା ହୁଏ । ମାତ୍ର ଏକଥାକୁ ନେଇ ସେ କେବେ ଅଭିଯୋଗ କରି ନାହିଁ । ଏମିତି ଦୁଇବର୍ଷ ଯୁକ୍ତଦୁଇ ଶେଷ ହୋଇଗଲା ଓ ପ୍ରତିଥର ପରି ସୌମ୍ୟା ପ୍ରଥମ ଓ ଶ୍ରୁତି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ ।

ଧିରେ ଧିରେ ଶ୍ରୁତିକୁ ତା ପିତାଙ୍କ ଭଲପାଇବାରେ ଉଣା ଅଧିକ ଅନୁଭବ ହେଉଥାଏ । ଏମିତି ସେ ଦୁଇ ଭଉଣୀ ଗ୍ରାଜୁଏସନ ବି ଶେଷ କରିଦେଲେ । ଏହା ପରେ ଦୁଇ ଭଉଣୀ ଅଲଗା ହୋଇଗଲେ ଯେହେତୁ ସୌମ୍ୟା ବହୁତ ଭଲପାଠ ପଢୁଥିଲା ସେ ଭୁବନେଶ୍ୱର ପଳେଇଲା ପାଠ ପଢ଼ିବାକୁ ଶ୍ରୁତି ଘରେ ରହିଲା କାହିଁକିନା ତା'ର ସିଲେକ୍ସନ ହୋଇନଥିଲା । ଦୁଇ ଭଉଣୀଙ୍କ ଭିତରେ ଦୂରତା ଏତେ ଗଭୀର ହୋଇଗଲା ଯେ ଯେ ସେମାନେ ପରସ୍ପର ସହିତ ଆଉ କଥାବାର୍ତ୍ତା ବି ହେଲେ ନାହିଁ । ଶ୍ରୁତିର ବି ପାଖ ଇଂରାଜୀ ମିଡିଅମ୍ ସ୍କୁଲରେ ଚାକିରୀ ହୋଇଗଲା । ଶ୍ରୁତି ଏବେ ଆଉ ନିଜକୁ ଏକଲା ଭାବୁନାହିଁ । ସେ ପିଲାମାନଙ୍କ ସହିତ ରହି ତା ସମୟକୁ ବିତେଇ ଦଉଛି ।

ସମୟ ସହିତ ଶ୍ରୁତି ଓ ସୌମ୍ୟା ବି ବଢ଼ିଚାଲିଛନ୍ତି ଏମିତି ଏକବର୍ଷ ବିତିଗଲା ଦୁଇ ଜଣଙ୍କ ଚଲାପଥରେ । ହଠାତ୍ ଦିନେ ସକାଳୁ ଘଟିଛି ଏମିତି ଏକ ଘଟଣା ଯାହାର କଳାନ ଶ୍ରୁତି କି ସୌମ୍ୟା କେହିବି କରିନଥିଲେ । ଶ୍ରୁତି ସ୍କୁଲରେ ଥିବାବେଳେ ଖବର ପାଇଲା ତା ବାପାଙ୍କର ଗାଡି ଦୁର୍ଘଟଣା ହୋଇଛି । ସୌମ୍ୟା ସେ ସମୟରେ ଗାଁରେ ଥାଏ । ଏକଥା ଶୁଣିବା ମାତ୍ରେ ପଟ୍ଟନାୟକ ଘରର ସମସ୍ତ ସଦସ୍ୟ ଯାଇ ପହଁଞ୍ଚିଛନ୍ତି ହସ୍ପିଟାଲରେ ଏବଂ ପହଞ୍ଚିବା ମାତ୍ରେ ଖବର ପାଇଛନ୍ତି ସନାତନ ବାବୁ ଆଉ ନାହାନ୍ତି । ହଠାତ୍ ଶ୍ରୁତିର ନିଦ ଭାଙ୍ଗିଗଲା ସେ ଚିତ୍କାର କରି ଉଠିଲା ବାପା ବାପା.... ହେଲେ କେହି ଉତ୍ତର ଦେଉନଥାନ୍ତି । ସେ ବ୍ୟସ୍ତ ହୋଇ ବାହାରକୁ ଦୌଡି ଯାଇ ଦେଖେ ତା ବାପା ଘରେ ନାହାନ୍ତି । ସମୟ ରାତି ୧୦ଟା ଶ୍ରୁତି ସ୍କୁଲରୁ ଆସି ଆଜି ଶୋଇ ପଡିଥିଲା । ସେ ତା ବୋଉକୁ ଏକଥା ପଚାରୁ ପଚାରୁ ଡୋରବେଲ୍ ବାଜିଲା । ଶ୍ରୁତି ଦୌଡି ଯାଇ ଖୋଲିଲା ବେଳକୁ ସନାତନ ବାବୁ । ତାଙ୍କୁ କୁଣ୍ଢାଇ କାନ୍ଦିବା ଆରମ୍ଭ କରିଦେଲା । ଶ୍ରୁତିର ବାପା କହିଲେ କାହିଁକି କାନ୍ଦୁଛୁ । ଶ୍ରୁତି କହିଲା ବାପା ବହୁତ୍ ଖରାପ ସ୍ୱପ୍ନ ଦେଖିଲି । ସନାତନ ବାବୁ କହିଲେ, ଏସମୟର କୌଣସି ସ୍ୱପ୍ନ ସତ୍ୟ ହୁଏନ ନାହିଁ ତୁ ବ୍ୟସ୍ତ ହୋନି କିଛି ଅସୁବିଧା ହେବ ନାହିଁ ।

ରାତି ପାହିଲା ପରେ ସମସ୍ତେ ନିଜ ନିଜ କାମରେ ବାହାରିଗଲେ । ଶ୍ରୁତି ମଧ୍ୟ ସ୍କୁଲଯିବା ପାଇଁ ପ୍ରସ୍ତୁତ ହେଲା । ନିଜ କାମ ସାରି ଟିଫିନ୍ ଧରି ସେ ସ୍କୁଲ୍ ବାହାରିଲା । ମାତ୍ର ସେ ଦେଖିଥିବା ସ୍ୱପ୍ନକୁ ଭୁଲିପାରୁନଥାଏ । ସେଦିନ ସେ ସ୍କୁଲରେ ବହୁତ ଅନ୍ୟମନସ୍କ ଥିଲା । ସେ ପ୍ରତିଦିନ ଘରକୁ ସ୍କୁଲ ଗାଡିରେ ଆସେ ମାତ୍ର କାହିଁକି କେଜାଣି ସେଦିନ ସେ ସ୍କୁଲ ଗାଡିରେ ନଆସି ଲୋକାଲ ବସ୍‌ରେ ଆସିଲା । ଭାଗ୍ୟର ଖେଳ କିଛି ଅଲଗା ହିଁ ଥିଲା । ଶ୍ରୁତି ଆସୁଥିବା ବସର ସେଦିନ ଆକ୍ସିଡେଣ୍ଟ ହୋଇଗଲା । ଶ୍ରୁତିର ପରିବାର ଏସବୁ ଶୁଣିବା ପରେ ଶ୍ରୁତିକୁ ଯେଉଁ ଭୂମିକା ହସ୍ପିଟାଲ୍‌କୁ ନେଇଥିଲେ ସେଠାରେ ଯାଇ ପହଞ୍ଚିଲେ ।

ସନାତନ ବାବୁ ଯାଇ ଶ୍ରୁତିପାଖରେ ବସି ଦୁଇଟୋପା ଲୁହ ଝରାଇଦେଲେ । ଶ୍ରୁତି ଆଖିରୁ ଧାର ଧାର ଲୁହ ଝରିପଡୁଥାଏ । ସେ ଖୁସିର ଲୁହକୁ ଲୁଚେଇ ବି ପାରୁନଥାଏ । ସେ ତା ବାପାଙ୍କ ଆଖିରୁ ଲୁହ ପୋଛି ଦେଉଥାଏ । ହଠାତ୍ ତା ହାତ ଖସି ପଡିଲା ଆଉ ଆଖିରୁ ଝରିପଡିଲା ଶେଷ ଦୁଇଟୋପା ଲୁହ ଏବଂ ସେ ସବୁଦିନ ପାଇଁ ଆଖି ମୁଦି ଦେଲା ।

ଶ୍ରୁତି ଦେଖିଥିବା ସ୍ୱପ୍ନ ତା ସହିତ ଘଟିଯିବ ସେ କେବେ ଏକଥା ର କଳନା ମଧ୍ୟ କରିନଥିଲା । ଏବଂ ସବୁଠୁ ଖୁସିର କଥା ଏହା ଥିଲା କି ସେ ପିଲାବେଳୁ ଯେଉଁ ଭଲପାଇବା ପାଇଁ ତରସି ଯାଇଥିଲା, ସେ ଭଲପାଇବା ତାକୁ ମିଳିଥିଲା ମାତ୍ର ସେ ପୁଣି ତା ଶେଷ ସମୟରେ ଟିକେ ଶେଷ ସ୍ନେହ । ମାତ୍ର ସେ ଖୁସି ତା ପାଇଁ କିଛି କ୍ଷଣ ପାଇଁ ଥିଲା । ଶ୍ରୁତି ଯିବା ପରେ ତା'ର ସଂପୂର୍ଣ୍ଣ ପରିବାର ଭାଙ୍ଗି ପଡିଲା । ସନାତନ ବାବୁ ଠିକ୍ ବୁଝିପାରିଛନ୍ତି । ଶ୍ରୁତି କାହିଁକି ମରିବା ପୂର୍ବରୁ କାନ୍ଦିଲା କିନ୍ତୁ ଏକଥା ଭାବିବାକୁ ବହୁତ ବିଳମ୍ବ ହୋଇଯାଇଥିଲା ଏକଥା ଭାବିଲେ ଶ୍ରୁତି ଆଉ ଫେରି ଆସିବ ନାହିଁ । ଜୀବନରେ କେଉଁ ମୋଡରେ କଣ ହେବ କାହାକୁ ଜଣାନଥାଏ । ଶ୍ରୁତି ଗୋଟେ ଚୁଲବୁଲି ଓ ବନ୍ଧୁପ୍ରିୟ ଝିଅ ଥିଲା । କେହି ଭାବିନଥିବେ ତା ମନରେ ପିତାଙ୍କ ପ୍ରତି ଭଲପାଇବା କମିର ଦୁଃଖ ତା ଭିତରେ ରହିଥିଲା ଶେଷରେ ତାକୁ ସେ ଶେଷ ସ୍ନେହ ମିଳିଯାଇଛି ।

- o -

ଅଣ୍ଡିଆ, ଯାଜପୁର

ରଜ ଡ୍ରେସ୍

ଲକ୍ଷ୍ମୀପ୍ରିୟା ମହାନ୍ତି

ସମୟ ସହ ତାଳ ଦେଇ ନଚଳିଲେ, ଡାଇନୋସର ଭଳି ସମୟ ସ୍ରୋତରେ ଅଣନିଶ୍ୱାସୀ ହେଇ ହଜିଯିବାକୁ ହୁଏ । ସେଇ ଦୃଷ୍ଟିରୁ ଡିଜିଟାଲ୍ ଯୁଗରେ ଡିଜିଟାଲ୍ ଭଳି ବଞ୍ଚିବାକୁ ଚେଷ୍ଟା କରି ଏଥର ରଜ ପାଇଁ ଡ୍ରେସ୍ ଟା ଅନ୍‌ଲାଇନ୍‌ରେ ଅଡର କରିବି ବୋଲି ନିଷ୍ପତ୍ତି ନେଲି । ଫ୍ଲିପ୍‌କାର୍ଟ, ଆମାଜନ୍, ମିନ୍ତ୍ରା ଭଳି ଯାବତ୍ୟ ସପିଙ୍ଗ୍ ଆପ୍‌ରେ ଦୀର୍ଘ ଦୁଇ ଘଣ୍ଟା ଘିରି ଘିରି ହେବା ପରେ ବୁଝିଲି ଏଥର ରଜକୁ ଡିଜିଟାଲ ସମ୍ଭବ ନୁହେଁ । ପସନ୍ଦିତ ଡ୍ରେସ୍ ଗୁଡାର ଡେଲିଭରି ବିଳମ୍ବ । ଏତକ ବାପାଙ୍କୁ ଜଣାଇବା ପରେ, ପାରାଦ୍ୱୀପ ଯାଇ ଡ୍ରେସ୍ କିଣିବା ସ୍ଥିରୀକୃତ ହେଲା । ହେଲେ ପାରାଦ୍ୱୀପ ଗଲେ ଯେ ପସନ୍ଦର ଆଉ ପରଫେକ୍ଟ ଡିଜାଇନ୍ ଡ୍ରେସ୍ ମିଳିଯିବ ତାର ବି କୋଉ ନିଶ୍ଚିନ୍ତତା ଅଛି । ସେଥିରେ ପୁଣି ମୋର ଡ୍ରେସ୍‌ର କ୍ୱାଲିଟୀ ଦର୍ଶନୀୟତାକୁ ନେଇ ସାଙ୍ଗମାନଙ୍କ ମଧ୍ୟରେ ଯେଉଁ ପ୍ରତିଯୋଗିତା ହେବ, ସେଥିରେ ଆଗ ଧାଡିରେ ନରହିଲେ ନାହିଁ କମ୍ ସେ କମ୍ ଭାଗ ତ ନେବାକୁ ହେବ । ଏଇ ଚିନ୍ତା ଦୁଶ୍ଚିନ୍ତା ବେଳେ ମୋ ଓଥରା ମୁହଁର ବିରକ୍ତିପଣ, କଣ୍ଠର ଗୁଂଗାଂ ଶବ୍ଦରୁ ବୋଉ ମୋ ମନର ଭାଷା ମନେ ମନେ ପଢ଼ି ନେଲା ଭଳି କହିଲା ଆଜି ଚାଲିଯାଉନ ଡ୍ରେସ୍ ପାଇଁ । କାଲିଆଡକୁ ଭିଡ ହେବ ବଜାର ।

ବାପା ହୁଁ ମାରି କହିଲେ ଉପର ଓଳିକୁ ଯିବା । ମୁଁ ପୂର୍ଣ୍ଣ ଅପେକ୍ଷା ଥୟ ଧରିଲି ।

ଖାଇସାରି ବାପାଙ୍କର ଛାଇ ନିଦ ଲାଗିଥିବ କି କଣ । ମୁଁ ଡାକି ପଚାରିଲି ବାପା ଆଜି ଯିବା ଟି ଡ୍ରେସ୍ ପାଇଁ ?

ବାପା ସମୟ ପଚାରି ମୁହଁ ଧୋଇଗଲେ ବାହାରକୁ । ଆସି ବରାଦିଲେ, ଡ୍ରେସ୍ ପିନ୍ଧି ବାହାରେ ଯିବା ।

ଡ୍ରେସ୍ ପିନ୍ଧିବି ! ହେଲେ କୋଉଟା ? ଖଟ ଉପରେ ପାଞ୍ଚରୁ ଛ ହଳ ଡ୍ରେସ୍ ପକାଇ ପୁଣି ଗୁଁ ଗୁଂ ହେବା ଆରମ୍ଭ କଲି । ବାପାଙ୍କୁ ଦେଖେଇ ଦେଖେଇ ବୋଉକୁ ଅଭିଯୋଗ ଖଞ୍ଜିଲି । ଏଡ୍ରେସ୍ ଟା ଏମିତି ସେ ଡ୍ରେସ୍ ଟା ସେମିତି, ଏ ଡ୍ରେସ୍ ଭଲ ଲାଗୁନି, ସେ ଡ୍ରେସ୍ ଅନେକ ଥର ପିନ୍ଧିଛି, ଏଡ୍ରେସ୍‌ର କଲର ଭଲ ଲାଗୁନି, ଖରା ଦିନ ପାଇଁ ଏ ଡ୍ରେସ୍ ଟା ଭଲ ହେବନି । ମୋ ମୁହଁଫୁଲା ଅଭିଯୋଗରୁ ବୋଉ ମୋତେ ବିରତି ଦେଇ କହିଲା

"ଏଇକ୍ଷଣି ତ ଯିବୁ ଡ୍ରେସ୍ ପାଇଁ । ଯୁଆଡୁ ଗୋଟେ ଗଲେଣି ଦେଉନୁ ।"

ବୋଉ କଥାରେ ମୋ ମନ ବୁଝିଲାନି ତଥାପି ମୁଁ ଗୁଉଁ ଗୁଉଁ ହେବାର ଶବ୍ଦଟା କମ୍ କଲି କିନ୍ତୁ ବନ୍ଦ କରି ପାରିଲିନି । ଅତି କଷ୍ଟରେ

ଗୋଟେ ଡ୍ରେସ୍ ପିନ୍ଧି ମୁହଁଟାକୁ ଫୁଲେଇ ଚେୟାର ଉପରେ ବସି ପଡି ବାପାଙ୍କ ଆଡକୁ ଚାହିଁ ସୁଁ ସୁଁ ହେଲି ।

ବାପା ଆଲେଣାରୁ ଗୋଟେ ଫିକା ଗୋଲାପି ରଙ୍ଗର ସାର୍ଟ ଟେ ଟାଣି ଆଣିଲେ । ସେ ସାର୍ଟରେ ଠାଏ ଠାଏ ଧଳା ଚିହ୍ନ ଛଉ ହେଲା ଭଳି ଦିଶୁଥାଏ । ସେ କାଳେ ରଙ୍ଗହୀନ ହୋଇ ସେମିତି ଦିଶୁଚି ବୋଲି ବୋଉ ମନେ ପକେଇବା ଢଙ୍ଗରେ କହିଲା ।

ଦେଖୁନୁ ଚାରିବର୍ଷ ହେଲାଣି ଏ ସାର୍ଟ କିଣା ହେଇଥିଲା । କେମିତି କଲର ଉଡି ଅବାଗିଆ ଦିଶିଲାଣି ।

ମୁଁ ବୋଉ କଥାରେ କାନ କମ୍ ବାପାଙ୍କୁ ବେଶି ଆଖି ପକେଇ ଦେଖିଲି; ବାପା ବିନା କୌଣସି ଅଭିଯୋଗରେ, ସେ ସାର୍ଟ ଟାକୁ ଝାଡିଦେଇ ହସ ହସ ମୁହଁରେ ଦେହରେ ଗଳେଇ ଦେଲେ । ଯେମିତି ବାପା ଅବହେଳା ପାଇଁ ଅଭିଯୋଗ କରି ଶିଖି ନାହାନ୍ତି ।

ମୋ ରାଗ ତମ ତମ ମୁହଁଟା ଆପେ ଆପେ ଲାଜରେ ଝାଉଁଳି ପଡୁଥିଲା । ମୁଁ ଡ୍ରେସ୍ ପାଇଁ କରିଥିବା ଅଭିଯୋଗମାନେ ମୋତେ ଛେଉଲେଇ ହେଇ ଉପହାସ କରୁଥିଲେ.....

ବୋଉ ମୋ ଝାଉଁଳା ମୁହଁରୁ ଝାଳ ପୋଛିବାକୁ ତା ଲୁଗା କାନି ମୋ ମୁହଁରେ ବୁଲାଉ ବୁଲାଉ ମୋ ନାକ, କାନିର ଗୋଟେ ପଟେ ପଶି ଆର ପଟେ ବାହାରିଲା । ବୋଉ ଚଟକିନା ପଣତ ମୋ ମୁହଁରୁ ତୋଳି ଏମିତି ବାଗରେ ଅଣ୍ଟାରେ ଖୋସିଲା ଯେ ଚିରା ପଟଟା କୋଉଠି ଲୁଚିଲା ଆଉ ଜଣା ଗଲାନି, ଠିକ୍ ସବୁଦିନ ଭୋକ ଦୁଃଖ ଲୁଚେଇବା ପରି ।

ଏସବୁ କୁ ଧ୍ୟାନ ନଦେଇ ବାପାଙ୍କୁ କହିଲି, ଏଥର ରଜ ପାଇଁ ତୁମେ ଗୋଟେ ସାର୍ଟ ନହେଲେ ବୋଉ ପାଇଁ ଖଣ୍ଡେ ଶାଢ଼ୀ ଆଣିବ । ଏକା ସଙ୍ଗେ ତ ଦୁହିଁଙ୍କ ପାଇଁ ଆସିବା ସହଜ ହେବନି । ହେଲେ ଜଣଙ୍କର ଏଥର ନିଶ୍ଚିତ ଆସିବ । ମୋ କଥା ଶୁଣି ବାପା କିଛି ନକହି କେବଳ ମୋ ମୁହଁକୁ ଚାହିଁ କେମିତି ଗୋଟେ ଶୁଖିଲା ହସଟେ ହସିଲେ ଆଉ ବୋଉ ମୋତେ ଖତେଇ ହେବା ଢଙ୍ଗରେ ହସି ହସି ମୋ ଆଡୁ ମୁହଁ ଫେରେଇ ନେଲା । ସତେ ମୁଁ ଯେମିତି ଗୋଟେ ଆଶ୍ଚର୍ଯ୍ୟ ଅଥବା ମୂଲ୍ୟହୀନ କଥାଟେ କହି ପକାଇଲି ।

ମୋ କଥାରେ ଟିକେ ବେଶି ଓଜନ ଭରି ଭାରୀ କଣ୍ଠରେ କହିଲି, ବୋଉର ଖଣ୍ଡେ ଦୁଇ ଖଣ୍ଡ ଚଳିବା ଭଳି ଶାଢ଼ୀ ଅଛି, ତେଣୁ ଏଥର କିନ୍ତୁ ସତରେ ବାପାଙ୍କ ପାଇଁ ସାର୍ଟଟେ ଆସିବ ।

ମୋ କଥା ଶୁଣି ବାପା ମୋତେ ଚିଡେଇବା ଭଳି କହିଲେ, ମୋ ପାଇଁ ସାର୍ଟ ଆଣିବାକୁ କଣ ତୋ ଶଶୁର ଟଙ୍କା ଦେବ ?

ମୁଁ ନିରୁପାୟ ହୋଇ ଚିତ୍କୁଥିଲି, ବାପା ଓଠ ଝପି ହସୁଥିଲେ ମୋ ମୁହଁକୁ ଚାହିଁ ।

ବାପାଙ୍କ ପାଇଁ ସାର୍ଟ ଆଣିବାର ଇଚ୍ଛା ବଳବତ୍ତର କରି ମୁଁ ପୁଣି ଜୋର୍ କରି କହିଲି, ଏଥର ତୁମ ପାଇଁ ଆସିବ, ତେଣିକି ମୋର ନହେଲେ ନାହିଁ ।

ମୋ ଝିଅ ବଡ ହେଇ ମୋ ବୋଉ ହେଲାଣି କହି, ବାପା ହସିଲେ ଗୋଟେ ଆଶ୍ୱସ୍ତିର ହସ । ବାପା ସବୁବେଳେ ଚାହାନ୍ତି ଝିଅ ତାଙ୍କର ବୋଉ ହେଇଯାଉ; ହେଲେ ବୁଝନ୍ତିନି ବୋଉ ହେବାକୁ ହେଲେ ଝିଅକୁ ପ୍ରଥମେ ତ୍ୟାଗ କରିବାର କୌଶଳ ଶିଖିବାକୁ ହେବ ।

ପାରାଦ୍ୱୀପରେ ପହଞ୍ଚି ମୁଁ ପୁଣି ବାପାଙ୍କୁ ସାର୍ଟ କଥା ମନେପକାଇଲି । ବାପା ସେଇ ଏକା ହସ ହସି ମୋ ପାଇଁ ଡ୍ରେସ୍ ଦେଖିବା ଆରମ୍ଭ କଲେ । ବାପାଙ୍କୁ ଅଭିମାନ ଦୃଷ୍ଟିରେ ଅଳ୍ପ ଚାହିଁ, ମୁଁ ଅଳ୍ପ ଭିତରେ ଆଗକୁ ଯାଇ ବଡ ପାଟିରେ କହିଲି ବାପାଙ୍କ ପାଇଁ ସାର୍ଟ ଦେଖେଇବେ ତ । ଦୋକାନୀ ଭାଇ ମୋ ଆଡକୁ ଚାହିଁବା ଆଗରୁ ବାପା ମୋ ଆଡକୁ ଟିକେ ଗମ୍ଭୀର ହେଇ ଚାହିଁ, ଦୋକାନୀକୁ ମୁଣ୍ଡ ହଲେଇଲେ । ସେ ବି ବୁଝିଲେ ମୋ ଶଉଠୁ, ବାପାଙ୍କ ମୁଣ୍ଡ ହଲାରେ ବେଶି ଓଜନ ।

ଶେଷରେ ବାପା ମୋ ପାଇଁ ରଜ ଡ୍ରେସ୍ ହଳେ କିଣି ଦେଇ, ନିଜ ପାଇଁ ମୁଠେ ହସ କିଣି ଦେଲେ । ପିଲାଙ୍କ ଅଭାବ ପୂରଣ କରିବାର ପାରିବା ପଣିଆ ହିଁ ବାପାଙ୍କ ଓଠରେ ସବୁଠୁ ଦାମିକିଆ ହସ ନେଶି ଦେଇପାରେ ବୋଲି ମୁଁ ସେଇ କ୍ଷଣି ବୁଝିଲି... ।

- ଠ -

ମାହାଲା, କୁଜଙ୍ଗ, ଜଗତସିଂହପୁର

ତାରା

ଗୌରୀ ସାହୁ

ଶ୍ରୀଧର ସକାଳୁ ଖବର କାଗଜ ପଢୁ ପଢୁ ତାଙ୍କର ନଜର ପଡିଲା ଏମିତି ଏକ ଖବର ଉପରେ, ଯାହା ଦେଖି ଶ୍ରୀଧରଙ୍କ ପୁରୁଣା ଘାଆଟା ଆଉ ଟିକେ ସତେଜ ହୋଇଗଲା । ଖବରଟି ହେଉଛି, ହରିୟାଣାର ଚରଖି ଦାଦରୀ, ଯେଉଁଠାରେ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନ ପାଇ ତିରିଶ କୋଟି ଟଙ୍କାର ମାଲିକ ଜଣେ ଆଇଏଏସ୍ ଅଧିକାରୀଙ୍କ ଜେଜେ ବାପା ଓ ଜେଜେ ମାଆ ଆତ୍ମହତ୍ୟା କରିଛନ୍ତି । ସୂତ୍ର ଅନୁସାରେ ଜଗଦୀଶ ଚନ୍ଦ୍ର ଆର୍ଯ୍ୟ ଓ ଭାଗଲି ଦେବୀ ଦୁଇ ବୃଦ୍ଧ ବୃଦ୍ଧାଙ୍କୁ ତାଙ୍କ ପିଲାମାନେ ଅକଥନୀୟ ନିର୍ଯ୍ୟାତନା ଦେଇ ଘରୁ ବାହାର କରିଦେଇଥିଲେ । ଏହାପରେ ସେମାନେ ଘର ଛାଡି ଆଶ୍ରମରେ ରହୁଥିଲେ । ତେବେ ଘରକୁ ଫେରିବା ପରେ ପୁଣି ଆରମ୍ଭ ହୋଇଥିଲା ପୁରୁଣା ପାଠର ଆଲୋଚନା, ଯେଉଁଥିରେ ଅସନ୍ତୁଷ୍ଟ ହୋଇ ବୃଦ୍ଧ ଦମ୍ପତି ଚରମ ନିଷ୍ପତ୍ତି ନେବା ସହ ଆତ୍ମହତ୍ୟା କରିଥିଲେ । ଖବରଟି ପଢ଼ିବା ଭିତରେ କେତେବେଳେ ଶ୍ରୀଧରଙ୍କ ଆଖିରୁ ଦୁଇ ବୁନ୍ଦା ଲୁହ ଆସି ପେପର୍ ଉପରେ ଠପ୍ ଠପ୍ ହୋଇ ଝରିପଡିଲାଣି ଏ କଥା ତାଙ୍କୁ ଅଜଣା ।

ଲୁହ ପୋଛି ସଳଖି ବସିଲେ ଶ୍ରୀଧର । ଝରକା ଫାଙ୍କରୁ ଚାହିଁଲେ ବାହାରକୁ । ଆମ୍ବ ଗଛରୁ ଝଡି ପଡିଥିବା ଶୁଖିଲା ପତ୍ର ସବୁ ଏଠୁ ସେଠିକି, ସେଠୁ ଏଠିକି ଅନିଚ୍ଛା ସତ୍ତ୍ୱେ ଉଡିଯାଉଥିଲେ । ମନେ ମନେ ଭାବୁଥିଲେ ଶ୍ରୀଧର, ବୋଧହୁଏ ବୟସ ବଢ଼ିଲେ ବୃଦ୍ଧଟିଏ ଏମିତି ଶୁଖିଲା ପତ୍ରଟିଏ ଭଳି ଅସହାୟ ହୋଇପଡେ ।

ବାହାରେ କେହି ଜଣଙ୍କ ଡାକ ଶୁଣି କବାଟ ଖୋଲିଲେ ଶ୍ରୀଧର । ଦେଖିଲେ ବାହାରେ ଛିଡା ହୋଇଛନ୍ତି ତାଙ୍କ ସହପାଠୀ ରାଜେନ୍ଦ୍ର । "ତୁ କେବେ ଆସିଲୁ କଲିକତାରୁ ? ଆସେ ଭିତରକୁ ଆସେ । ସେଠି ଘରେ ସମସ୍ତେ ଭଲ ଅଛନ୍ତି ତ ?" ଶ୍ରୀଧର ପଚାରିଲେ । "କେତେ ଦିନ ରହିବୁ ଗାଁରେ ?" ରାଜେନ୍ଦ୍ର କହିଲେ, "ହଁ ଅଛି ଏବେ କିଛି ଦିନ, ଏଇପଟେ ଯାଇଥିଲି ତ ଭାବିଲି ଦେଖିବା, ତୁ ଯଦି ଥାଉ, ଦେଖା ହୋଇଯିବ ।" ଶ୍ରୀଧରଙ୍କ ଝାଉଁଳି ପଡିଥିବା ମୁହଁକୁ ଚାହିଁ ରାଜେନ୍ଦ୍ର ପଚାରିଲେ, "କଣ ହୋଇଛି ତୋର ? ତୁ ଏମିତି ଉଦାସ ଦିଶୁଛୁ ଯେ ! ତୁ କଣ ଏକା ଆସିଛୁ ଗାଁକୁ ? ଭାଉଜ ଅଭି ପାଖରେ ଅଛନ୍ତି ବୋଧେ ।" ଦୀର୍ଘ ନିଶ୍ୱାସଟେ ନେଉ ଶ୍ରୀଧର କହିଲେ, "ଶୁଣିବୁ ଭାଉଜ ଏବେ କୋଉଠି ଅଛନ୍ତି ?"

ଶ୍ରୀଧର ଆରମ୍ଭ କଲେ ସେଦିନର କଥା, କେମିତି ସେଦିନ ସଫାସଫା ଶୁଣେଇ ଦେଇଥିଲା ଅଭି, ବହୁତ ଦିନ ଧରି ମୁଁ ପୋଷିଲି ତୁମକୁ । ମୁଁ କଣ ତୁମର ଏକୁଟିଆ ପୁଅ, ବଡ ପୁଅ ହିସାବରେ ଭାଇର କଣ କିଛି କର୍ତ୍ତବ୍ୟ ନାହିଁ । ଏଥର ତୁମେ ଦୁହେଁ ଏଠି ମାସେ ଆଉ ସେଠି ମାସେ ରହିବାର ବ୍ୟବସ୍ଥା କର ନହେଲେ ଗାଁରେ ଯାଇ ରୁହ । ଆୟୁଷ ବଡ ହେଲାଣି, ଏଇ ବର୍ଷ ତାର ବଡ ପ୍ରାଇଭେଟ୍ ସ୍କୁଲରେ ନାଆଁ ଲେଖା ହୋଇଛି । ମୋରତ ପୁଣି ଭବିଷ୍ୟତ ଅଛି । ଏତକ ଶୁଣି ସାରିବା ପରେ ଆଉ ଠିଆ ହେବାକୁ ଶକ୍ତି ନଥିଲା ମୋ ପାଦରେ । ସିଧା ଶୋଇବା ଘରକୁ ଚଲିଆସିଲି । ଲୁହ ଲୁହ ଆଖିରେ ଗୀତା ବି ମୋ ପଛେ ପଛେ ଚଲିଆସିଲେ ।

ଖଟକୁ ଆଉଜି ମୋ ପାଦ ପାଖରେ ବସିଥାନ୍ତି ଗୀତା । ଝଡ ପରର ନୀରବତା ଖେଳିଗଲା ଭଳି, ନୀରବ ଲାଗୁଥାଏ ସାରା ଘର । ଯେଉଁମାନଙ୍କ ମୁହଁକୁ ଚାହିଁ, ମୁଣ୍ଡ ଝାଳ ତୁଣ୍ଡରେ ମାରି କେତେକେତେ ଅଭାବ ଅସୁବିଧାକୁ ଆଖି ବୁଜି ସହିଯାଇଥିଲି, ତାଙ୍କଠୁଁ ଏମିତି ଗୋଟେ ଦିନ ମୁଁ କେବେ ହୁଏତ ଆଶା କରି ନଥିଲି । ଶେଷରେ ଭାଗ ଭାଗ ହେବୁ ଦୁଇ ପୁଅଙ୍କ ଭିତରେ । ବଡ ପୁଅ ଅଭି ଅନେକ ଥର ଡାକିଛି ଦିଲ୍ଲୀ । କିନ୍ତୁ ଓଡ଼ିଶା ଛାଡି ଏତେ ଦୂରକୁ ଯିବାପାଇଁ କେବେ ଇଚ୍ଛା କରିନୁ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ।

ଗୀତାଙ୍କ ଲୁହ ବତୁରା ଆଖିକୁ ଚାହିଁ ମୁଁ କହିଲି, ସ୍ନେହ ଶ୍ରଦ୍ଧାର ଅର୍ଥ ବାନ୍ଧି ଦେବା ନୁହେଁ ଗୀତା; ବରଂ ସ୍ୱାଧୀନତା । ମୁଁ ଜାଣେ ବାକିତକ ଜୀବନ ତୁମେ ଏଇମାନଙ୍କ ଖୁସିରେ, ଖୁସି ହୋଇ କାଟିଦେବାକୁ ଚାହଁ । କିନ୍ତୁ ଏବେ ସମୟ ବଦଳିଛି, ଆମ ସମୟ ଆଉ ନାହିଁ, ଏବେ ଆମ ପିଲାଏ ସହରରେ ରହିଲେଣି, ସିଏ ତାଙ୍କ ଜୀବନକୁ ତାଙ୍କ ରୁଚିରେ ବଞ୍ଚନ୍ତୁ । ତା ଛଡା ବାପାମାଆଙ୍କ ପ୍ରଥମ ଆଉ ପ୍ରଧାନ କର୍ତ୍ତବ୍ୟ ହେଉଛି, ପିଲାମାନଙ୍କୁ ଖୁସିରେ ରଖିବା ।

ଯଦି ସେମାନେ ଆମ ମାନଙ୍କ ବିନା ଖୁସିରେ ରହିବେ ବୋଲି ଜାଣୁଛନ୍ତି, ତେବେ ଆମେ କାହିଁକି ସେଥିରେ ବାଧା ଦେବା ? ଲୁଗାପଟା ସଜାଡ । କାଲି ସକାଳେ ଆମେ ଗାଁକୁ ଫେରିଯିବା ।

ଆୟୁଷକୁ ଶେଷ ଥର ପାଇଁ କୋଳେଇ ନେଇ, ତା ଗାଲରେ ଗୋଳ କଲାବେଳେ ବୋଲ ମାନୁ ନଥିଲା ଆମ ଦୁହିଁଙ୍କ ଲୁହ ଆଉ ଜୋହ । ଆୟୁଷ ପଚାରୁଥିଲା ପଛରୁ, ଜେଜେମା ମୋତେ କିଏ ଆଉ ସବୁଦିନ ଗପ କହିବ ? ଜେଜେ ମୋତେ କିଏ ରାମାୟଣରେ ହନୁମାନଙ୍କ କାହାଣୀ ଶୁଣେଇବ ? ଏ ପ୍ରଶ୍ନରେ ଆଉ ଟିକେ ଦୁର୍ବଳ ହୋଇପଡିଥିଲୁ ଦୁହେଁ । ଶେଷରେ ଛାତିରେ ପଥର ରଖି ଦୁହେଁ ବାହାରି ଆସିଲୁ ଗାଁକୁ ।

ଗାଁକୁ ଆସିବା ପରେ ଅନେକ ସମୟ ଗୀତାଙ୍କ ଦେହ ଅସୁସ୍ଥ ରୁହେ । ଖାଲି ଦେହ କାହିଁକି ମନ ମଧ୍ୟ । ଅସୁସ୍ଥ ଦେହର ସିନା ଚିକିତ୍ସା ଥାଏ, କିନ୍ତୁ ମନ ଯେବେ ଅସୁସ୍ଥ ହୁଏ, ତାର କଣ କିଛି ଚିକିତ୍ସା ଥାଏ ? ସବୁବେଳେ ପିଲା ଦୁହିଁଙ୍କୁ ଓ ନାତି ନାତୁଣୀଙ୍କୁ ଝୁରି ଝୁରି ମଧୁମେହ ରକ୍ତଚାପ, ଏମିତି ଅନେକ ରୋଗ ମଧ୍ୟ ଆବୋରି ବସନ୍ତି ତାଙ୍କୁ । ଦିନେ ହଠାତ୍ ରକ୍ତଚାପ ଅଧିକ ହେଇଯିବାରୁ, ପାଦଠୁ ଅଣ୍ଟାଯାଏ ପାରାଲିସିସ୍ ଧରିନେଲା । ଧୀରେ ଧୀରେ ଗୀତାଙ୍କ ଦେହ ଆହୁରି ଅସୁସ୍ଥ ହେବାକୁ ଲାଗିଲା । ମୁଁ ଦୁଇ ଜଣଙ୍କୁ ତାଙ୍କ ବୋଉଙ୍କ ଦେହ କଥା କହିବାକୁ ଅନେକ ଥର ଫୋନ୍ କରିଛି । ସାନ ଅଫିସ୍ କାମରେ ବାହାରକୁ ଯାଇଛି ବୋଲି କହିଲା, ବଡ ପୁଅ କହିଲା, ମୋ ଝିଅର ପରୀକ୍ଷା ଚଲିଛି ବାପା, ମୁଁ ଏବେ ଯାଇ ପାରିବିନି । ଝିଅର ପରୀକ୍ଷା ସରିଲେ ଯଦି ହୁଏ ଯାଇ ବୁଲି ଆସିବି । ତୁମ ଆକାଉଣ୍ଟକୁ ପଇସା ପଠେଇ ଦେଉଛି, ବୋଉ କୁ ତୁମେ ଟିକେ ଡକ୍ଟର ଦେଖେଇ ଔଷଧ ନେଇ ଆସିବ ତା ପାଇଁ । ଶ୍ରୀଧର କହି ଆସୁଥିଲେ, ବୋଉ ରୋଗର ଚିକିତ୍ସା ଡକ୍ଟରଙ୍କ ପାଖରେ ନାହିଁରେ । ତୁମେ ଦୁହେଁ ହିଁ ତାର ମୁଖ୍ୟ ଔଷଧ । କିନ୍ତୁ ଏତକ କହି ପାରିଲେନି ଶ୍ରୀଧର । ଏପଟେ ଗୀତା ଆଶା ବାନ୍ଧି ବସିଛନ୍ତି ଯେ, ଅନ୍ୟ ସମୟରେ ସିନା ସେମାନେ ଆସନ୍ତିନି, କାଳେ ତାଙ୍କ ଦେହ କଥା ଶୁଣି ଅଭି ଆଉ ଦିପୁ ନିଶ୍ଚୟ ଆସିବେ । ସେମାନଙ୍କୁ ଦେଖି ମୁଁ ଟିକେ ଶାନ୍ତିରେ ଆଖି ବୁଜିବି । କିନ୍ତୁ ନା ଥରୁଟିଏ ପାଇଁ ବି ସେମାନେ ଆସିଲେନି । ସେମାନଙ୍କୁ ଝୁରି ଝୁରି ଦିନେ ଗୀତା ଚଲି ଗଲେ । ଫାଟି ପଡୁଥିଲା ଛାତି । ଆଉ କଣ ରହିଲା ଜୀବନରେ ଭାବିଲା ବେଳକୁ । ମୋତେ ନିଜକୁ ଗୋଟେ ଫକୀର ଭଳି ଲାଗୁଥିଲା । ଖବର ପାଇ ସେମାନେ ଆସି ପହଁଞ୍ଚିବାବେଳକୁ ଗାଁର କିଛି ଲୋକଙ୍କୁ ନେଇ ମୁଁ ଗୀତାଙ୍କ କ୍ରିୟା କର୍ମ ସାରି ଫେରୁଥାଏ । ବିଶ୍ୱାସ କର ସେ ଦୁହିଁଙ୍କ ମୁହଁକୁ ମୁଁ ଥରୁଟିଏ ବି ଚାହିଁ ପାରିଲି ନାହିଁ । ଦିପୁ ଡାକୁଥିଲା ଦିଲ୍ଲୀ ଯିବାକୁ । ମନା କଲି ଆଉ ସିଧା ସିଧା ଦୁହିଁଙ୍କୁ ଫେରିଯିବାକୁ କହିଲି । ଫେରିଗଲେ ସେମାନେ । ସେବେଠୁ ମୋ ଭାଗ୍ୟକୁ ଆଦରି ମୁଁ ପଡି ରହିଛି ଏଇଠି । ଗୀତା ମନେ ପଡିଲେ, ମୋର ସଞ୍ଜ ହୁଏ । ସେ ଲଗେଇ ଯାଇଥିବା ଶେଫାଳି ଫୁଟେ ମୋ ଅଗଣାରେ । ତାର ମହକ ମୋତେ ଛୁଇଁଲା ବେଳେ ମୁଁ ଭାବେ ଗୀତା ଏଇଠି କୋଉଠି ଅଛି ମୋ ଆଖ ପାଖରେ । ଶ୍ରୀଧରଙ୍କ ଆଖିରୁ ଝରି ଆସୁଥିଲା ଦୁଇ ବୁନ୍ଦା ଲୁହ, ସେ ରୋକିଦେଲେ । ସୁଧା ରାଜେନ୍ଦ୍ର କିନ୍ତୁ ରୋକି ପାରିଲେନି, ତାଙ୍କ ଆଖିରୁ ଦୁଇଧାର ଲୁହ ବୋହିଗଲା । ଏଇ ଭିତରେ ରାଜେନ୍ଦ୍ରଙ୍କ ଫୋନ୍‌ଟା ବାଜି ଉଠିଲା, କେହି ତାଙ୍କୁ ଦେଖା କରିବାକୁ ଅପେକ୍ଷା କରିଛନ୍ତି ଘରେ । ସେ ବାହାରି ଗଲେ । ଗଲାବେଳେ କହିଗଲେ, "ଆସୁଛି, ଝୁରି ହେବା ଜୀବନ ନୁହେଁ ସାଙ୍ଗ । କାହା ନଥିବାପଣରେ ତାଙ୍କୁ ବେଶିବେଶି ଭୋଗିବା ହିଁ ଜୀବନ । ଭଲରେ ଥିବୁ... ।"

ନଇଁ ଗଲାଣି ଦିନ । ଏପ୍ରିଲ୍‌ର ବିଳମ୍ବିତ ସନ୍ଧ୍ୟା । ଘରୁ ବାହାରି ଆସି, ଚେୟାର ଖଣ୍ଡେ ପକେଇ ଶ୍ରୀଧର ବସିଲେ ଅଗଣାରେ । ସକାଳର ଖବରଟା ବାରବାର ଧସେଇ ପଶୁଥାଏ ଶ୍ରୀଧରଙ୍କ ମନ ଭିତରେ । ତାରା ସବୁ ଆଖିମିଟିକା ମାରିଲେଣି ଆକାଶରେ । ଫି ସଞ୍ଜରେ ଏଇ ତାରାମାନଙ୍କ ଗହଳିରେ ଶ୍ରୀଧର ଖୋଜନ୍ତି ସ୍ୱର୍ଗତ ପତ୍ନୀ ଗୀତାଙ୍କୁ । ଯଦିବା ଆଜି ଏ ପ୍ରଥମ ନୁହେଁ, ଆକାଶକୁ ଚାହିଁ ଶ୍ରୀଧର କଣ ସବୁ ଗପୁଥାନ୍ତି । କହୁଥାନ୍ତି, କେଜାଣି କାହିଁକି ଆଜି ତୁମେ ଖୁବ୍ ମନେ ପଡୁଛ ଗୀତା । ଜୀବନର ଶେଷ ପାହାଚ ଯାଏ ସାଥୀ ହୋଇ ଚଲିବାର କଥା ଦେଇ କେହି କଣ ଏମିତି ମଝି ରାସ୍ତାରେ ହାତ ଛାଡି ଚଲିଯାଏ ? ଆଉ କେତେଟା ବା ବାକିଥିଲା ଏ ଜୀବନର ପାହାଚ ? ଏଇତ ସରିବ ହୋଇଥିଲା । ଯାହା ଆଜି ମୋତେ ମାଇଲ୍ ମାଇଲ୍ ଦୂର ଭଳି ଲାଗୁଛି । ଏଇ ତ ମୁଁ ଅଛି ପୃଥିବୀରେ, ତୁମେ ଅଛ ଆକାଶରେ । ଆଉ ସେଇ ଯେଉଁ ଦୂର ଦିଗ୍‌ବଳୟ ଦେଖୁଛ, ସେଇଠି କେମିତି ପୃଥିବୀ ଆଉ ଆକାଶ ମିଶିଯାଆନ୍ତି । ସେମାନେ ସିନା ମିଶି ଯାଆନ୍ତି, ହେଲେ ଆମର ଆଉ ମିଶିବାର ବାଟ ନାହିଁ ଗୀତା । ତୁମେ ମୋ ଭିତରେ ଏବେ ଆକାଶରେ

ତାରା ହୋଇ ଜଳୁଛ । ଆଉ ମୁଁ । ମୁଁ ବି ଏଠି କଣ ହେଉଛି କି ? ପୁଅ ମାନଙ୍କ ଦ୍ୱାରା ପାଇଥିବା ଦୁଃଖ ଆଉ ନିର୍ଯ୍ୟାତନା ପାଇଁ ଯେତିକି ଜଳୁଛି, ସେତିକି ଜଳୁଛି ପୁଣି ତୁମେ ନଥିବାର ଅନୁଶୋଚନାରେ । ହୁଏତ ଆମ ଭଳି ବାପାମାଆଙ୍କର ଭାଗ୍ୟ ଏମିତି ଜଳିଜଳି ଦିନେ ତାରା ପାଲଟି ଯିବା । ମୋତେ ବି ତୁମ ପାଖକୁ ନେଇଯାଅ ଗୀତା । ମୋତେ ବି ତୁମ ସହ ତାରା ହେବାକୁ ଦିଅ ।

ଶ୍ରୀଧରଠୁ ସବୁ କଥା ଶୁଣି ସାରିବା ପରେ କାଲିଠୁ ରାଜେନ୍ଦ୍ରଙ୍କ ମନଟା ଜମା ଭଲ ଲାଗୁନି । ରାତିରେ ଶୋଇଲା ବେଳେ ସେ ଭାବିଲେ, ଏ ସବୁ ପରେ କେତେ ଏକୁଟିଆ ଲାଗୁଥିବ ଶ୍ରୀଧରକୁ ସକାଳୁ ଯାଇ ଆଉ ଟିକେ ବୁଲି ଆସିବି ତା ପାଖରୁ । କିନ୍ତୁ ସକାଳ ହେବା ଆଗରୁ ଯେ ଶ୍ରୀଧରଙ୍କ ଜୀବନର ସୂର୍ଯ୍ୟ ଏମିତି ଚିରଦିନ ପାଇଁ ଅସ୍ତ ହୋଇଯିବ, ଏସବୁ ଥିଲା ରାଜେନ୍ଦ୍ରଙ୍କ କଳ୍ପନା ବାହାରେ । ସକାଳୁ ଯାଇ ସେ ଦେଖନ୍ତି ତ, ଗୁଡାଏ ଟାବ୍ଲେଟ ଖାଇ ଆକାଶରେ ତାରା ହୋଇସାରିଥିଲେ ଶ୍ରୀଧର ।

—୦—

ବଡବନସ୍ଥା, ଭଣ୍ଡାରିପୋଖରୀ, ଭଦ୍ରକ
ମୋ - ୮୦୧୮୨୫୧୬୦୮

କାଗଜ ବାଘ

ରଶ୍ମିତା ବେହେରା

ପାଟରେ କାଶତଣ୍ଡୀ ଫୁଲ ସବୁ ପବନର ସ୍ପର୍ଶରେ ନୃତ୍ୟରତା, ଆଉ ମାତ୍ର କିଛିଦିନ ପରେ ଧରାପୃଷ୍ଠକୁ ଅବତରଣ କରିବେ ଦେବୀ ଦୁର୍ଗା ଚାରିଆଡେ ଏବେ ଚଳ ଚଞ୍ଚଳତା । ମାଆଙ୍କ ଆଗମନୀ ପାଇଁ ଚାରିଆଡେ ଭଳିକି ଭଳି ତୋରଣ ସଜା ଚାଲିଥାଏ । ଦୁର୍ଗାପୁର ଗାଁରେ ନାୟକ ପରିବାର ପକ୍ଷରୁ ଦୁର୍ଗାପୂଜାର ଆୟୋଜନ ପାଇଁ ପ୍ରସ୍ତୁତ ଜୋର ଧରିଛି । ମୂର୍ତ୍ତିଗୁଡିକ ଶାଳିର ଶେଷ ସ୍ପର୍ଶ ପରେ ବେଶ୍ ଝଟକୁଛନ୍ତି । ଆକର୍ଷଣୀୟ ଗଗନଚୁମ୍ବୀ ତୋରଣ ଭିଡା ଚାଲିଥାଏ । ଏ ସବୁ କାମକୁ ଟିକିନିଖି କରି ତଦାରଖ କରୁଥାଏ ରାହୁଲ୍ । ଟେଣ୍ଟ ବାଲା ଠାରୁ ଆରମ୍ଭ କରି ମୂର୍ତ୍ତିକାର ପର୍ଯ୍ୟନ୍ତ ସମସ୍ତଙ୍କ ଦେଖାଶୁଣା କରିବାରେ ପିଲାଟା ଯେମିତି ମଜ୍ଜି ଯାଇଛି । ମାଆଙ୍କ ଆଗମନ ପାଇଁ ତା ମନ ବି ବେଶ୍ ଚଞ୍ଚଳିତ । ପିଲାଟା କାମରେ ଏମିତି ମଜ୍ଜି ଯାଇଛି ଯେ ସୂର୍ଯ୍ୟ ଆସି ମୁଣ୍ଡ ଉପରେ ହେଲେଣି ତଥାପି ତା'ର ନିଘା ନାହିଁ, ସକାଳୁ ଘରୁ ବାହାରି ଆସିଛି ଯେ ଖିଆପିଆ ନାଁ ନେଇନି । ଘର ଦୁଆରକୁ ଆସି ଜୋରରେ ଡାକ ପକାଇଲେ ରାହୁଲର ମା ପ୍ରତିମା । ମାର ଡାକ ଶୁଣି ରାହୁଲ୍ ବିଳମ୍ବ ନ କରି ଘର ଭିତରକୁ ଗଲା । ଅଖିଆ ଅପିଆ ରାହୁଲ୍ ମାଙ୍କର ଅନେକ ତାଗିଦ୍ ପରେ ଖିଆପିଆ କଲା, ପେଟଥଣ୍ଡା ହେଇସାରିଲା ପରେ ଏବେ ଆଖିରେ ଆଖିଏ ନିଦ । ନିଦୁଆ ଆଖିକୁ ଟିକେ ଶାନ୍ତି ଦେବାକୁ ବିଶ୍ରାମ ନେଉ ରାହୁଲ୍ । କିଛି ସମୟ ପରେ ଘରର କଲିଂବେଲ୍ ଶୁଣି କବାଟ ଖୋଲିଲେ ପ୍ରତିମା । ଘର ଭିତରକୁ ପ୍ରବେଶ କଲେ ପୂଜାରୀ ନନା, ମୁହଁଟା ସାରା ବ୍ୟସ୍ତତାର ସ୍ପଷ୍ଟ ରେଖା ବାରିହେଇପଡୁଥାଏ । ନନାଙ୍କ ସହ ପ୍ରତିମାଙ୍କର ପରିଚୟ ବେଶ୍ ପୁରୁଣା ହେଲେ ବି ତାଙ୍କର ଏଭଳି ବ୍ୟସ୍ତତା ସେ ଆଗରୁ କେବେ ବି ଦେଖିନଥିଲେ । ପଚାରି ବୁଝିବା ବେଳକୁ ସେ ଜାଣିବାକୁ ପାଇଲେ ଯେ ନନାଙ୍କ ପୁଅର ଦେହ ଭୀଷଣ ଖରାପ, ପାଖ ମେଡିସିନ୍ ଷ୍ଟୋରରେ ଇଞ୍ଜେକ୍ସନଟା ନ ମିଳିବାରୁ ତା ଦେହର ତାତି କମୁନି । ପୂଜାହାରୀ ଗାଡି ଶିଖି ନଥିବାରୁ ସେ ବି ନିରୁପାୟ । ବୟସରେ ଢ଼େର୍ ବଡ ହେଲେବି ପୁଅର ଜୀବନ ବଞ୍ଚାଇବାକୁ ଯାଇ ପ୍ରତିମାଙ୍କ ପାଦ ତଳେ ପଡି ବିଶ୍ୱନନା ନେହୁରା ହେଲେ । ସ୍ଥାନୀୟ ଅଞ୍ଚଳରେ ସେ ଇଞ୍ଜେକ୍ସନ ନ ମିଳିବାରୁ ରାହୁଲକୁ ପଠେଇ ଚଣ୍ଡିଖୋଲରୁ ଇଞ୍ଜେକ୍ସନଟା ଆଣିବାକୁ କାକୁତି ମାନତି ହେଲାପରେ ପ୍ରତିମା ଆଉ ନିଜକୁ ସମ୍ଭାଳି ପାରିଲେନି । ନିଘୋଡ ନିଦରେ ଶୋଇଥିବା ରାହୁଲକୁ ନିଦରୁ ଉଠାଇଲେ । ମାଆର କଅଁଳ

ହାତ ଆଉଁଶାରେ ପିଲାଟା ନିଦରୁ ନଉଠି ଆଖି ମଳିମଳି ପୁଣି ଶୋଇବାକୁ ବାହାରିଲା । ମାତ୍ର ମାଆଙ୍କ ମୁହଁରୁ ସବୁକଥା ଶୁଣିଲା ପରେ ତାର ନିଦ ଉଭାନ ହେଇଗଲା । ତରବର ହେଇ ପ୍ରେସ୍‌କ୍ୟୁସନ ନେଇ ଗାଡିଟାକୁ ବାହାର କରି ଆଗକୁ ମାଡିଚାଲିଲା । ମାଙ୍କ ଡାକରେ ନିଚ୍ଚି ସମୟ ପାଇଁ ଗାଡି ଅଟକାଇଲା ରାହୁଲ ଆଉ ପଛରୁ ଶୁଭିଲା 'ବାବାରେ ଗାଡି ଧିରେ ନବୁ, ଏନ୍.ଏଚ୍ ରେ ଗାଡିର ଶୁଅ ଛୁଟୁଛି ଦେଖି ଚାହିଁ ଗାଡି ଚଲେଇବୁ' ମାଆଙ୍କର କଥାରେ ଲମ୍ବା ହଁ ଟିଏ ମାରି ଗାଡି ଷ୍ଟାର୍ଟ କରି ରାହୁଲ ଚଣ୍ଡିଖୋଲ ଅଭିମୁଖେ ଯାତ୍ରା କଲା ପ୍ରତିମା ବି ଘରକାମରେ ଲାଗିପଡିଲେ । ରାହୁଲ୍ ଘରୁ ବାହାଡିବାର ୩ ଚାରିଘଣ୍ଟା ବିତିଯାଇଥିଲେ ବି ସେ ଘରେ ପହଞ୍ଚି ନଥାଏ, ପ୍ରତିମା ଏ ନେଇ ବହୁତ ଚିନ୍ତା ପ୍ରକଟ କରୁଥାଆନ୍ତି । ନନାଙ୍କ ବାରବାର ଆସିବାଟା ତାଙ୍କୁ ଆହୁରି ବ୍ୟତିବ୍ୟସ୍ତ କରିପକାଉଥାଏ । ପରମ ଦାୟିତ୍ୱ ସମ୍ପନ୍ନ ପୁଅର ଏଭଳି ବେଦାୟିତ୍ୱକୁ ହଜମ କରିପାରୁନଥାନ୍ତି ସେ । ଫୋନ୍ ଟିକେ ବି ନ କରିବାରୁ ମନେ ମନେ ବିରକ୍ତ ହେଇ ପଡିଲେ । ବାଧ ହେଇ ତା କଥା ବୁଝିବାକୁ ଫୋନ୍ କଲାବେଳକୁ ଦେଖନ୍ତି ତ ସେ ଫୋନ ଘରେ ଛାଡିଦେଇ ଯାଇଛି । ଚାହୁଁ ଚାହୁଁ ସନ୍ଧ୍ୟା ହେଇଗଲାଣି ତଥାପି ପୁଅର ଦେଖା ନାହିଁ । ଫୋନ୍‌ଟା ଛାଡିଦେଇ ଯାଇଥିବାରୁ ପଚାରି ବୁଝିବାକୁ କିଛି ବି ରାସ୍ତା ନାହିଁ । ବିଭିନ୍ନ ପ୍ରକାରର ଭାବନାରେ ମନଟା ତାଙ୍କର ଗୁଡେଇ ହେଉଥାଏ । ଘର ବାରଣ୍ଡାକୁ ବାରମ୍ବାର ଆସି ଦାଣ୍ଡକୁ ଚାହିଁ ନିଜର ସନ୍ଦେହ ଦୂର କରୁଥାନ୍ତି । ପୁଅକୁ ନ ଦେଖି ଆଖିରେ ତାଙ୍କର ପଲକ ପଡୁନଥାଏ, ମନଟା ଭାରି ବ୍ୟାକୁଳ ହେଇପଡୁଥାଏ । ସନ୍ଧ୍ୟାର ଆଗମନରେ ଗାଁ ଦାଣ୍ଡ ଧୂପ ଦୀପର ବାସ୍ନାରେ ମହକି ଉଠିଲା । ରାହୁଲ ଉପରେ ଡେର ବିରକ୍ତ ହେଇ ଠାକୁର ଘରେ ସନ୍ଧ୍ୟା ଦୀପଟିଏ ଜାଳି ପୁଅର ମଙ୍ଗଳ କାମନା କଲେ ପ୍ରତିମା । ଏପଟସେପଟ ହେଇ ହେଇ ଥକିଯିବାରୁ ଦାଣ୍ଡ ପିଣ୍ଡାରେ ଚେୟାର ପକାଇ ପୁଅର ଫେରିବା ବାଟକୁ ଚାହିଁରହିଲେ । ଅପେକ୍ଷାର ମୁହୂର୍ତ୍ତ ସବୁ ତାଙ୍କୁ ଯନ୍ତଣାର ଭେଟି ଦେଇ ଅଣନିଶ୍ୱାସୀ କରିପକାଉଥାଏ । ଦାଣ୍ଡରେ ଯେ କୌଣସି ଗାଡିର ହର୍ଣ୍ଣ ଶୁଣିଲେ ବି ତାଙ୍କୁ ପୁଅର ଗାଡି ହର୍ଣ୍ଣ ଶୁଭିଲା ଭଳି ଲାଗୁଥିଲା । କିଛି ସମୟ ପରେ ଦୁର୍ଗାପୂଜାର ଗହଳିକୁ ଦୁଇଭାଗ କରି ଗାଁ ରାସ୍ତାରେ ଗଡୁଥିବା ସ୍ୱର୍ଗରଥ ଉପରେ ତାଙ୍କର ନଜର ପଡିଲା । ଗାଡି ପଛରେ ଗାଁଟା ଯାକ ଲୋକ ଗୁଣ୍ଡ । ପ୍ରତିମା ବି ଗାଡିଆଡକୁ ଦଉଡିଗଲେ । ଆକସ୍ମିକ ଭାବେ ଏ ଅମଙ୍ଗଳିଆ ଯାନକୁ ଦେଖି ଦୁଃଖ ପ୍ରକାଶ କଲେ । ତାଙ୍କ ଘରଠାରୁ ମାତ୍ର ଦୁଇ ହାତ ଦୂରରେ ଗାଡିଟି ଅଟକିଲା । ଗାଡିରୁ ବାହାର କରି ଦିଆଗଲା କଲା ପଲିଥିନ୍ ଆବୃତ ଶବଟିଏ । ମୁହଁଟା ଆକ୍ସିଡେଣ୍ଟରେ ସମ୍ପୂର୍ଣ୍ଣ ବିକୃତ । ଶବକୁ ଦେଖି ତାଙ୍କ ମନରେ ଅନେକ ଶଂସୟ । ସଙ୍ଗେ ସଙ୍ଗେ ପୋଲିସ୍ ଗାଡିରୁ ଓହ୍ଲାଇପଡିଲେ ଥାନା ଅଧିକାରୀଜଣକ, ଠିକଣା ବୁଝି ମୃତକର ପକେଟରୁ ମିଳିଥିବା ପର୍ସଟିକୁ ପ୍ରତିମାଙ୍କ ହାତରେ ଧରାଇଦେଲେ । ସ୍ତବ୍ଧ ହୋଇଗଲେ ପ୍ରତିମା, ପୁଅର ପର୍ସ ପୋଲିସ୍ ହାତରେ ଦେଖି ତାଙ୍କ ମନ ମାନୁନଥାଏ । ପୁଅର ପର୍ସ ଚୋରୀ ହୋଇଯାଇଥିବା ଭାବି ପର୍ସ ଫେରେଇ ଦେଇଥିବାରୁ ପୋଲିସ୍ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଲେ ପ୍ରତିମା । ମାତ୍ର ପର୍ସରେ ରକ୍ତ ଛିଟା ତାଙ୍କ ହୃଦୟ ଦୋହଲାଇ ଦେଲା,ପୁଲିସ୍ ଠାରୁ ସଡକ ଦୁର୍ଘଟଣାରେ ରାହୁଲ୍‌ର ମୃତ୍ୟୁ ଖବର ଶୁଣି ହତବାକ ହେଇଗଲେ ସେ । ମୁହୁର୍ତ୍ତକ ପାଇଁ ବି ସେ ବିଶ୍ୱାସ କରିପାରୁନଥିଲେ ଯେ ପଲିଥିନ୍ ଗୁଡାହେଇଥିବା ମର ଶରୀରଟା ତାଙ୍କ ପୁଅ ରାହୁଲର । ଲୁହର ବର୍ଷାରେ ଆଖି ତାଙ୍କର ଓଦା ହେଇଗଲା, ପୁଅର ରକ୍ତରେ ଭିଜିଗଲା ପଣତକାନୀ, ଭୋ ଭୋ କରି କାନ୍ଦି ଚାଲିଲେ ପ୍ରତିମା । ବିକଳ ମନରେ ରାହୁଲର ଦେହହାତ ଆଉଁଶି ପକାଇଲେ । ମୁହଁଅନ୍ଧାରରୁ ପ୍ରତିଦିନ ଆଉଁଶୁଥିବା ରାହୁଲର ମୁଣ୍ଡ ଗାଡିତଳେ ଚାପି ହେଇ ସମ୍ପୂର୍ଣ୍ଣ ବିକୃତ ହେଇଯାଇଥିଲା । କ୍ଷଣିକରେ ଭାଙ୍ଗିଗଲା ତାଙ୍କ ଧୈର୍ଯ୍ୟର ସୌଧ ଆଉ ମଉଳିଗଲା ପୂଜା ପାଳିବାର ଆଶା । ଗାଁ ଦାଣ୍ଡରେ ମୁଣ୍ଡ ବାଡେଇ ଗଡିଯାଉଥିଲେ ସେ । ଏମିତି ଲାଗୁଥିଲା ଯେମିତି ପିଲାଟାକୁ ଅଧାନିଦରୁ ଉଠାଇଦେବାରୁ ଅଭିମାନ କରି ସେ ଚିରଦିନ ପାଇଁ ଶୋଇଗଲା ।

ଆଖି ସାମ୍ନାରେ ହୁତୁ ହୁତୁ ହେଇ ଜଳୁଥିଲା ରାହୁଲର ମରଶରୀର । ସେ ନିଆଁର ଝାସରେ ଦଗ୍ଧିଭୂତ ହେଇଯାଉଥିଲା ମାର ମମତା । ସେ ଯୁଇରେ ଯେମିତି ଜଳଜଳ ହୋଇ ଦିଶିଯାଉଥିଲା ତାର ଅଝଟିଆ ମୁହୂର୍ତ୍ତ ସବୁ । ବିଜୁଳି ପରି କ୍ଷଣିକରେ ଏ ଘଟଣା

ବିଭିନ୍ନ ଗଣମାଧ୍ୟମରେ ପ୍ରସାର ହେଇଗଲା । ରାଜରାସ୍ତାରେ ସ୍ଥାନୀୟ ଅଧିବାସୀ ସହ ଅନେକ ସମାଜସେବୀ, ବୁଦ୍ଧିଜୀବୀ ଆଦି ଆନ୍ଦୋଳନକୁ ଓହ୍ଲାଇ ଆସିଲେ । ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଗଲା । ବହୁଦିନ ହେବ ଅନବରତ ଆନ୍ଦୋଳନ କରି ଆସୁଥିଲେ ହେଁ ଦାବୀ ସ୍ୱୀକାର ନକରିବା ହେତୁ ଜନ ଅସନ୍ତୋଷ ବଢ଼ିଚାଲିଲା । ବ୍ରାହ୍ମଣୀ ବ୍ରିଜ୍ ମରାମତି ଓ ଡବଲ ରୋଡ୍ ଦାବୀରେ ଆନ୍ଦୋଳନକାରୀ ଅଟଳ, ସରକାର ବିରୋଧି ସ୍ଲୋଗାନରେ ରାସ୍ତା ଉଠୁଛି ପଡୁଛି । ମରଣଯନ୍ତା ସାଜିଥିବା ରାସ୍ତାର ରକ୍ତଲାଳସା, ପ୍ରତ୍ୟେକ ଦିନ ଘଟୁଥିବା ଦୁର୍ଘଟଣା, ସ୍ଥାନୀୟ ଅଧିକାରୀଙ୍କ ଅବହେଳା ମନୋଭାବକୁ ନେଇ ଉଚ୍ଚାରିତ ଉକ୍ତି ଗଣମାଧ୍ୟମରେ ଘୁରିଚାଲିଲା । ପରିସ୍ଥିତି ଅଣାୟତ ହେବାରୁ ତଥାକଥିତ ଢ଼ଙ୍ଗରେ ନେତାମାନେ ପହଞ୍ଚି ସମବେଦନା ଜଣେଇବା ସହ ସ୍ଥଗିତ ହୋଇଥିବା ଡବଲରୋଡ୍ ନିର୍ମାଣ ଓ ରାସ୍ତାର ପୁନରୁଦ୍ଧାରୀକରଣର ପ୍ରତିଶୃତି ଦେଲେ । ଧିରେ ଧିରେ ଆନ୍ଦୋଳନକାରୀଙ୍କ ଗହଳି କମିଆସିଲା । ଟିଭିରେ ଏ ସବୁର ଦୃଶ୍ୟ ଦେଖୁଥାଆନ୍ତି ପ୍ରତିମା । ଅତୀତର ଅତଳ ଗର୍ଭରେ ଥିବା କିଛି ଦୃଶ୍ୟ ଆଖି ସାମ୍ନାକୁ ଆସିଯାଇ ତାଙ୍କୁ ଜଡ କରିପକାଉଥାଏ । ସତେ ଯେମିତି ବ୍ରାହ୍ମଣୀ ବ୍ରିଜଟା ବ୍ରହ୍ମ ପରିବର୍ତ୍ତନର କ୍ଷେତ୍ର ପାଲଟିଛି । ଦୋଳି ଭଳି ଝୁଲି ଝୁଲି ଜୀବନକୁ ଦଳି ମକଚି ବିକୃତ କରିପକୋଉଛି ।

ବ୍ରାହ୍ମଣୀଟା ଯେମିତି ଆଁ କରି ରକ୍ତ ଶୋଷୁଛି । ଏମିତି ଦିନେ ରହୁଲର ବାପା ବି ରକ୍ତ ଜୁଡୁବୁଡୁ ହେଇ ପଡିଥିଲା ବେଳେ ଜଳିଥିଲା ଆନ୍ଦୋଳନର ବହ୍ନି, ପହଞ୍ଚିଥିଲେ ଅନେକ ନେତାମନ୍ତୀ । ପ୍ରତିଶୃତି ଦେଇଯାଇଥିଲେ ଦୁର୍ଘଟଣାର କ୍ଷେତ୍ର ପାଲଟିଥିବା ମରଣଯନ୍ତା ରାସ୍ତାକୁ ମରାମତି କରିବା ସହ ଡବଲରୋଡ ନିର୍ମାଣ କରି ଦୁର୍ଘଟଣାରେ ରୋକ ଲଗେଇବାକୁ । ୧୭ବର୍ଷ ବିତିଗଲା ପରେ ବି ରାସ୍ତା ତିଆରିହେବା ତ ଦୁରର କଥା ସେ ପ୍ରତିଶୃତିର ଫର୍ଦ ବି ଲେଉଟିଲାନି ।

ଏବେ ବି ବ୍ରାହ୍ମଣୀ ବ୍ରିଜ୍ ସେମିତି ଝୁଲୁଛି ଠିକ୍ ଓଦାମାଟି କାନ୍ଥରେ କଳଙ୍କି ଲଗା ଲୁହା କଣ୍ଟାରେ କାନ୍ଥ ଘଣ୍ଟା ପରି । ସବୁ ସମୟରେ ଘୁରୁଛି ଅସମୟର ଘଣ୍ଟାକଣ୍ଟା, ପ୍ରତି ମୁହୁର୍ତ୍ତରେ ପଡି ଭାଙ୍ଗିଯିବାର ଭୟ ନା ସେ ବତୁରା ମାଟିକାନ୍ଥ ଡେଇଁ ପାରିଛି ନା ବ୍ରାହ୍ମଣୀ ବ୍ରିଜ । ମେଳା ମେଲଣର ରାମଦୋଳିରେ ସିନା ମନୋରଞ୍ଜନର ଛିଟା ଥାଏ କିନ୍ତୁ ଏ ବ୍ରିଜ୍‌ରେ ତ ଛାଟିହେଇଗଲାଣି ରକ୍ତର ଛିଟା । ବର୍ଷା ପାଣିରେ ଗାଁର ମାଟି ରାସ୍ତା ଧୋଇଗଲା ପରି ଭାସିଯାଉଛି ପ୍ରତିଶୃତିର ପତଳାଗାର । ସେ ଦିନର ପ୍ରତିଶୃତି ଯଦିକାଗଜ ପତରରେ ଅଟକି ନଥାଆନ୍ତା, ତାହେଲେ ପ୍ରତିମାଙ୍କୁ ବୋଧେ ଏ ଦିନ ଦେଖିବାକୁ ପଡିନଥାଆନ୍ତା । ଏମିତି କଥା ଭାବୁ ଭାବୁ ନିଜ ଆଖିର ଲୁହକୁ ଲୁଚେଇବାକୁ କାନୀରେ ମୁହଁ ପୋଛୁଥିଲେ ପ୍ରତିମା । ତାଙ୍କ ପୁତୁରା ଏହି ସମୟରେ ଆନ୍ଦୋଳନ ବିଷୟରେ ବଖାଣିବା ସହ ନେତାଙ୍କ ପ୍ରତିଶୃତି ଶୁଣେଇ କହିଲା ବଡ ମା, ଜାଣିଛ, ବହୁତ ଲୋକ ଆଜି ଆସିଥିଲେ । ଭାଇର ମରିବା ଖବର ଶୁଣି ମନଦୁଃଖ କରିବା ସହ ଦୁର୍ଘଟଣା ରୋକିବାକୁ ରାସ୍ତା ତିଆରି କରିବା ପାଇଁ କହିଯାଇଛନ୍ତି । ଏଥର ଆକ୍ସିଡେଣ୍ଟ ଢ଼େର୍ କମିଯିବ 'କଣ କିଛି କହୁନ ଯେ' ?

ପ୍ରତିମା ନରମ କଣ୍ଠରେ ଉତ୍ତର ଦେଲେ କାଗଜରେ ସୁନ୍ଦର ଘର ଆଙ୍କି ସମସ୍ତଙ୍କ ମନ ଜିଣିହୁଏ ସିନା ହେଲେ ସେଥିରେ ମୁହୁର୍ତ୍ତେ ବି ରହି ହୁଏନି । ଆଉ ଠିକ୍ ସେମିତି ଏ ନେତାଙ୍କ ପ୍ରତିଶୃତି ସବୁ ଖବରକାଗଜରେ ଶିରୋନାମା ସାଜେ ସିନା ହେଲେ ପ୍ରତିଫଳିତ ହୁଏନା । ସଡକ ଦୁର୍ଘଟଣାରେ ସ୍ୱାମୀ ଆଉ ପୁଅକୁ ହରେଇସାରିଲା ପରେ ମୁଁକୋଉ ନେତାମନ୍ତୀଙ୍କୁ ଦେଖିପାରୁନି, ଦେଖୁଛି କେବଳ ପୁଳାପୁଳା କାଗଜବାଘ ।

- ଠ -

ସଂପାଦିକଳା, ମହକ ଷଷ୍ଠ ସଂସ୍କରଣ

ନିହଲପ୍ରସାଦ, ଢ଼େଙ୍କାନାଳ

ମୁଁ ଓ ମୋର ଭାବନା

ରତୁପୂର୍ଣ୍ଣା ମହାନ୍ତି

ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏହି ପୃଥିବୀ ପୃଷ୍ଠରେ ମାନବକୁ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚିତ କରାଯାଏ । ଧରିତ୍ରୀ ମାତାର କୋଳରେ ଶ୍ରେଷ୍ଠ ସନ୍ତାନଟିଏ ହେଉଛି ଏହି ମାନବ ଜାତି । ଏହି ଧରଣୀ କୋଳେ ତାର ସ୍ଥିତି ଏବଂ ବିଲୟ ମଧ୍ୟ । ମାନବ ନିଜ ଚିନ୍ତା ଶକ୍ତି ବଳରେ କାହିଁ କେତେ କଣ ହାସଲ କରିପାରିଲାଣି । ମହାକାଶର ଯାତ୍ରା ଠୁ ନେଇ ବିଭିନ୍ନ ଯନ୍ତ୍ରର ମାନବ ଗଢ଼ିବାରେ ସକ୍ଷମ ହୋଇପାରିଲାଣି । ଦିନକୁ ଦିନ ଏହି ମାନବର ଅଗ୍ରଗତି ଦ୍ରୁତ ଗତିରେ ବଢୁଅଛି ।

କିନ୍ତୁ ଏତେ ସବୁ ଅଗ୍ରଗତି, ଉନ୍ନତି ସତ୍ତ୍ୱେ ମଧ୍ୟ କେଉଁଠି ନା କେଉଁଠି ଅନୁଭବ ହୁଏ ଯେ ଆମେ ସଭିଏଁ ଏହି ଧରଣୀର ସନ୍ତାନ । କାହିଁ କେତେ ଯୁଗ ଯୁଗାନ୍ତରର ତପସ୍ୟା ବଳେ ମାନବ ଜନ୍ମ ନେଇଛେ କିନ୍ତୁ ଆଶ୍ଚର୍ଯ୍ୟ କଥା ଏହି କି ଯେ ଆମେ ସମସ୍ତେ ଏକ ହେଲେ ମଧ୍ୟ ଭିନ୍ନତା ଆମମାନଙ୍କ ମଧ୍ୟରେ ଭରି ରହିଅଛି । ଗଭୀର ଭାବେ ଚିନ୍ତାକରିଲେ ବଡ ବିଚିତ୍ର ଲାଗେ ଏହି ପୃଥିବୀ । ପ୍ରତ୍ୟେକ ମାନବର ଚିନ୍ତାଧାରା, ଚାଲିଚଳଣୀ, ରଙ୍ଗଢ଼ଙ୍ଗ ଏବଂ ଆଚାର ବ୍ୟବହାରରେ ଯଥେଷ୍ଟ ଭିନ୍ନତା ପରିଲକ୍ଷିତ କରାଯାଇପାରେ । ଯଦିଓ ଆମେ ପରିଗଣିତ ତଥାପି ଏହା କେବେ କୁହାଯାଇପାରିବ ନାହିଁ ଯେ ଆମ ସମସ୍ତଙ୍କର ଜୀବନର ଲକ୍ଷ୍ୟ ଏବଂ ଜୀବନ ଧାରା ଏକ ।

ଜୀବନକୁ ବିଶ୍ଳେଷଣ କରିଲେ ଜଣାଯାଏ । ଯେ ଏହା କଠିନ ତଥା ଜଞ୍ଜାଳମୟ, ବିଷାଦ ଗ୍ରସ୍ତ ଏବଂ କ୍ଷଣସ୍ଥାୟୀ ଜୀବନର ମୋହ ସମସ୍ତଙ୍କର ସମାନ ନଥାଏ । ପରିସ୍ଥିତି ପ୍ରତିଟି ମାନବର ଭିନ୍ନ ସେ ଆର୍ଥିକ ହେଉ କି ମାନସିକ, ଶାରୀରିକ ହେଉ କି ଚିତ୍ତବୃତ୍ତିକ ଏଠାରେ ସମସ୍ତେ ପରସ୍ପର ଠାରୁ ଭିନ୍ନ । ଜୀବନ ସମସ୍ତଙ୍କ ପାଇଁ ପରୀକ୍ଷାର ପ୍ରସ୍ତୁତି କରିଥାଏ । କାହାକୁ କମ୍ ପରିକ୍ଷାରେ ଉତ୍ତିର୍ଣ୍ଣ ତ କାହାକୁ ବହୁଥର ପରିକ୍ଷା ନିରିକ୍ଷା କରିଥାଏ ।

କାହା ପାଇଁ ଘିଅମହୁର ସ୍ୱାଦିଷ୍ଟ ଭୋଜନ ତ କାହା ପାଇଁ ମୁଠାଏ ଖାଦ୍ୟ ବି ସପନ । କାହା ପାଇଁ ଲଜ୍ୟା ନିବାରଣ ନିମନ୍ତେ ପୋଷାକଟିଏର ଘୋର ଅଭାବ ତ କାହା ପାଇଁ ନାନା ଜାକଯକମାର ପୋଷାକ ମାଳ ମାଳ ଏବଂ ନିଜ ଦୈନନ୍ଦିନ ଜୀବନରେ କାହା ପାଇଁ ଉଚ୍ଚତର ଶିକ୍ଷା ଓ ପ୍ରତିଭା ବିକାଶ ଲାଗି ସୁବିଧା ସୁଯୋଗର ଘୋର ଅଭାବ ତ କେଉଁଠି ସୁଯୋଗର ମାତ୍ରା ବହୁତ ।

ଏହି ପ୍ରକାରର ପରିସ୍ଥିତି ଆମେ ପ୍ରତ୍ୟେକଟି ସ୍ଥାନରେ ପରିଲକ୍ଷିତ କରି ଆସୁଅଛେ । ଏତେ ସବୁ ଭିତରେ ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରିଉଠେ କି ଯଦି ଜାତି, ଧର୍ମ, ବର୍ଣ୍ଣ, ଗୋତ୍ର ନିର୍ବିଶେଷରେ ମଣିଷ ଜୀବନ ଏକ ତେବେ ଏତେ ସବୁର ବାଛ ବିଚାର ଏବଂ ପାତର ଅନ୍ତର କାହିଁକି ଏ ଭଗବାନ କରିଲେ । କାହିଁକି ଦୁନିଆକୁ ଦିନକୁ ଦିନ କଠୋର, କ୍ରୁର ଏବଂ କୁପଥଗାମୀ ହେବାରେ ଆରୋପ ଲଗାଉନାହାଁନ୍ତି ? ଏତେ ଧର୍ଯ୍ୟର ପରୀକ୍ଷା କାହିଁକି ନଉଛନ୍ତି ନିରିହ, ନିଷ୍ପାପ ଓ ନିର୍ବିକାର ମଣିଷଙ୍କର ? ଦୁର୍ବଳଟି ଉପରେ ସବଳର ଅତ୍ୟାଚାରକୁ ସହ୍ୟ କିପରି ସେ କରିପାରୁଛନ୍ତି । ଅସତ ମାର୍ଗରେ ଚାଲୁଥିବା ବ୍ୟକ୍ତିକୁ କିପରି ସେ ଶାସ୍ତି ନଦେଇ ରହିପାରୁଛନ୍ତି ।

କଣ ଭଗବାନଙ୍କର ଏପରି ନୀତିକୁ ଅନ୍ୟାୟ, ଅନ୍ୟାଚାର କୁହାଯାଇପାରିବନି ? କଣ ଭଗବାନଙ୍କର ଏପରି ନିତିକୁ ଗ୍ରହଣ ଯୋଗ୍ୟ ମାନିନବା ହିଁ ସହି ଆସୁଥିବା ମାନବର କର୍ତ୍ତବ୍ୟ ? ଯଦି ଗଭୀର ଭାବେ ଚିନ୍ତା କରିବା ତେବେ ସର୍ବଶକ୍ତିମାନ ଈଶ୍ୱରଙ୍କର ମଧ୍ୟ ବିଚାର ବି ତ୍ରୁଟିମୟ ଲାଗେ ।

ମନକୁ ଭୁଲାଇବା ପାଇଁ, କଷ୍ଟକୁ ଲାଘବ କରିବା ପାଇଁ ମନେ ମନେ କିଏ କେତେ କଣ କଥା ଭାବିଥାନ୍ତି ଏବଂ ଆପଣାର ମାନେ ସାନ୍ତ୍ୱନା ଦେଇଥାନ୍ତି । ସବୁ ପରେ ବି ଅନ୍ୟାୟର ଶିକାର ହୋଇଥିବ ହେତୁ ଈଶ୍ୱରଙ୍କ ଉପରେ ବିରକ୍ତି ପ୍ରକାଶ ଓ କ୍ରୋଧାନ୍ୱିତ ହେବ ସ୍ୱାଭାବିକ । କେବେ କେବେ ରାଗିଯାଇ ଆମେ କାହିଁ କେତେ କ ଈଶ୍ୱରଙ୍କୁ କହିଯାଉ କିନ୍ତୁ କଥାରେ ଅଛି The two most pow erful warriors are patience & time. ଯଦି ତୁ ଧର୍ଯ୍ୟର ସହିଣ ପ୍ରତିଟି ପରୀକ୍ଷାକୁ ଜୀବନରେ ସାମ୍ନା କରୁଛ ତେ

ଜୀବନ କେବେବି ତୁମକୁ ହରାଇବାକୁ ଦେବନି । କାରଣ ଏଜୀବନର ପରିକ୍ଷା କୌଣସି ଦିନେ ଚାରିଦିନ ପାଇଁ ନୁହେଁ ବରଂ ଲମ୍ବା ସମୟ ପାଇଁ ଆସିଥାଏ । ଏଠି ତୁମର ଧର୍ଯ୍ୟ, ବିଶ୍ୱାସ, ସାହାସର ପରିକ୍ଷା ନେଇଥାଏ ।

ମୁଁ ଗୋଟେ କଥା ଦୃଢ଼ ଭାବେ ବିଶ୍ୱାସ କରେ ଯେ ୯୯% ପରିଶ୍ରମ, ୧% ଭାଗ୍ୟ। ଯଦି ତୁମେ ୯୯% ସଠିକ୍ ରୂପେ ତୁଲାଉଛ ତେବେ ୧% ଭାଗ୍ୟ ମଧ୍ୟ ଶେଷରେ ତୁମକୁ ବିଜୟ କରିବା ପାଇଁ ବାଧ ହେବ । ତେବେ ବିଶ୍ୱାସକୁ ଦୃଢ଼ କରି ସାହାସର ସହ ଧର୍ଯ୍ୟକୁ ମନରେ ବାନ୍ଧି ସବୁ ପ୍ରକାରର କଠିନରୁ କଠିନତର ରାସ୍ତାକୁ ଏ ଜୀବନରେ ସମ୍ମୁଖୀନ କରିବା ଉଚିତ୍ । କାରଣ ଜୀବନର ପରୀକ୍ଷାରେ ଉତ୍ତିର୍ଣ୍ଣ ହେବାକୁ ହେଲେ ଆମକୁ ସାହାସ, ଧର୍ଯ୍ୟଏବଂ ଦୃଢ଼ ବିଶ୍ୱାସି ହେବା ଦରକାର ।

ଅନ୍ତରେ ଈଶ୍ୱରଙ୍କ ବିଚାର ଆମ ପାଇଁ ଶୁଭପ୍ରଦ ଏବଂ ମଙ୍ଗଳମୟ ହେବ ଏହି ବିଶ୍ୱାସକୁ ମନରେ ବାନ୍ଧିବା ଉଚିତ୍ ।

- o -

ଜେନାପୁର, ଯାଜପୁର
ଓ ସଦସ୍ୟା, ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ

ଏକତାର ବଳ

ସ୍ୱାତୀ ସ୍ୱାଗତିକା ସାମଲ

ଗୋଟିଏ ଝଙ୍କାଳିଆ ବରଗଛରେ କୁଆ, ବଗ ଓ ଅନ୍ୟାନ୍ୟ ପକ୍ଷୀମାନେ ବାସ କରୁଥାଆନ୍ତି । ସେମାନେ ସୁନ୍ଦର ବସା ତିଆରି କରିଥାଆନ୍ତି । ବସାରେ ଅଣ୍ଡା ଦିଅନ୍ତି, ଛୋଟ ଛୋଟ ପକ୍ଷୀ ଛୁଆମାନେ କିଚିରି ମିଚିରି ଶବ୍ଦକରି ଆନନ୍ଦରେ ରହନ୍ତି । କିନ୍ତୁ କେଉଁଠୁ ଗୋଟିଏ ବୁଢ଼ାମାଙ୍କଡ ଆସି ସେମାନଙ୍କର ଶତ୍ରୁ ହେଲା । ଏ ଡାଳରୁ ସେ ଡାଳକୁ ଡେଇଁ ଚଢ଼େଇ ବସା ଭାଙ୍ଗିବା ସହିତ ସେମାନଙ୍କର ଅଣ୍ଡାଗୁଡିକୁ ନଷ୍ଟ କଲା । ଉଡିବା ଶିଖିନଥିବ ଶାବକମାନେ ତଳେ ପଡି ବିଲୁଆ କୁକୁର ଓ ଦୁଷ୍ଟ ପିଲାଙ୍କ ଦ୍ୱାରା ମରିଗଲେ । ଏହା ଦେଖି ପକ୍ଷୀମାନେ ଏକାଠି ହୋଇ ବୁଢ଼ା ମାଙ୍କଡଟିକୁ ପାନେ ଦେବା ପାଇଁ ଚିନ୍ତା କଲେ । ଥରେ ସମସ୍ତେ ଏକାଠି ହୋଇ ମାଙ୍କଡଟିକୁ ଖୁମ୍ପି ଖୁମ୍ପି ହାଲିଆ କରିଦେଲେ । ମାଙ୍କଡ ଗଛ ଛାଡି ପ୍ରାଣ ବିକଳରେ ପଳାଇଗଲା । ସେମାନେ ଆନନ୍ଦରେ ରହିଲେ । ପକ୍ଷୀମାନଙ୍କର ଏକତା ଯୋଗୁଁ ଏହା ହୋଇପାରିଲା । ଏକତା ବଳରେ ଅନେକ କଷ୍ଟକର କାମ ସହଜରେ ହୋଇପାରିବ ।

-o-

ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜେନାପୁର

ଏକତା ହିଁ ବଳ

ରାନୁ ବିଶ୍ୱାଳ

ଏକଦା କୌଣସି ଏକ ଗ୍ରାମରେ ଏକ ଧନୀ ଜମିଦାର ରହୁଥିଲା । ତା'ର ତିନୋଟି ପୁଅ ଥିଲା । ସେହି ଗ୍ରାମର ଲୋକମାନେ ଭାବୁଥିଲେ ସେ ତ ଜମିଦାର ସେ ବହୁତ ଧନୀ ଏବଂ ଖୁସି ମଣିଷ ହୋଇଥିବେ । ପ୍ରକୃତରେ ଜମିଦାରଙ୍କ ପାଖରେ ଧନ ଥିଲେ କ'ଣ ହେଲା ? କିନ୍ତୁ ତାଙ୍କ ପାଖରେ ଖୁସୀ ନଥିଲା । କାରଣ ତାର ତିନି ପୁଅଙ୍କ ମଧ୍ୟରେ ଏକ ଭୁଲ୍ ବୁଝାମଣା ରହିଥିବା ଯୋଗୁଁ ତିନି ପୁଅଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ତିନି ପୁଅଙ୍କ ମଧ୍ୟରେ କୌଣସି କଥା ପତ୍ତୁନଥିଲା । ଥରେ ଏକ ବାବା ବାଟରେ ଯାଉଥିବା ସମୟରେ ଜଣେ ଜମିଦାର ନିଜ ଘରେ ବିଶ୍ରାମ ନେଉଥିଲେ । ଜମିଦାର ବାବାଙ୍କୁ ଦେଖି ଆନନ୍ଦରେ ଘରକୁ ନେଇ ଖିଆ ପିଆର ବ୍ୟବସ୍ଥା କଲେ । ତାଙ୍କ ଚର୍ଚ୍ଚାରେ କୌଣସି ଉଣା ରଖିଲେନି । କିନ୍ତୁ ବାବା ଦେଖିଲେ ଏତେ ଧନ ସମ୍ପତ୍ତି ଥାଇବି ସେ ଦୁଃଖ ଏବଂ ଚିନ୍ତାରେ ଥିଲେ । ଚିନ୍ତାର କାରଣ ଜମିଦାରକୁ ପଚାରିବାରୁ ରାଜା କହିଲେ, ଏତେ ଧନସମ୍ପତ୍ତି ମୋର ଯୋଉ ପୁଅଙ୍କ ପାଇଁ ଅଛି ସେମାନେ କଦାପି ଏକା ରହୁ ନାହାନ୍ତି । ବାବା ଏହା ବୁଝିପାରିଲେ ଏବଂ ଜମିଦାରଙ୍କୁ କହିଲେ କିଛି କାଠିକୁ ନେଇ ମୁଠାକରି ବାନ୍ଧି ଦିଅ ଏବଂ ତିନିପୁଅକୁ ମୋ ନିକଟକୁ ଆଣ । ଜମିଦାର କିଛି ଜାଣିପାରୁ ନଥିଲେ କିନ୍ତୁ ବାବାଙ୍କ କଥା ଅନୁଯାୟୀ ସବୁ କଲେ । ଯେତେବେଳେ ତିନି ପୁଅ ନିକଟକୁ ଆସିଲେ ବାବା ଜଣ ଜଣଙ୍କୁ କାଠି ବିଡା ଭାଙ୍ଗିବାକୁ କହିଲେ । କିନ୍ତୁ କାଠି ବିଡା ଗୁଡିକ କେହିବି ଭାଙ୍ଗି ପାରୁନଥିଲେ । ତା ପରେ ବାବା ଗୋଟିଏ କାଠି ଖୋଲି ତିନି ଜଣଙ୍କୁ ଭାଙ୍ଗିବାକୁ କହିଲେ । ତିନି ଜଣ ଗୋଟିଏ ଗୋଟିଏ କାଠିକୁ ଅତି ସହଜରେ ଭାଙ୍ଗି ଦେଲେ । ଏହା ସବୁ ଦେଖି ଜମିଦାର ଏବଂ ତିନିପୁଅ ଆଶ୍ଚର୍ଯ୍ୟ ହୋଇଥିଲେ । ବଡପୁଅ ବାବାଙ୍କୁ ପଚାରିଲା ଏସବୁ କାହିଁକି କଲେ । ବାବା କହିଲେ କାଠି ଗୁଡିକ ବିଡା ଥିବା ବେଳେ ତୁମେ କେହି ଭାଙ୍ଗିପାରିଲନି କିନ୍ତୁ ଗୋଟିଏ କାଠିକୁ ସବୁ ଭାଙ୍ଗି ଦେଲ । ତେଣୁ ତମେ ବି ଏହି କାଠି ବିଡା ଭଳି । ସେ ପର୍ଯ୍ୟନ୍ତ ଏକାଠି ଅଛ ତମକୁ କେହି ଅଲଗା କରି ପାରିବେ ନାହିଁ । ତା ପରେ ତିନି ଭାଇ ତାଙ୍କ ଭୁଲ ବୁଝିପାରିଲେ ଏବଂ ତାଙ୍କ ବାପାଙ୍କୁ ଭୁଲ୍ ମାଗିଲେ ।

ଏକତା ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଆମେ କାହାରିକୁ ଘୃଣା ନକରି ସମସ୍ତେ ଏକାଠି ରହିବା । ଆମେ ଏଥିରୁ ଶିକ୍ଷା ପାଇଲେ ଯେ ଏକତା ହିଁ ବଳ ।

- o -

ଅଷ୍ଟମ ଶ୍ରେଣୀ

ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ପ୍ରକୃତ ସାଙ୍ଗ ବଗ

ସ୍ମିତିସ୍ମିତା ସେଠୀ

ଗୋଟିଏ ଜଙ୍ଗଲରେ ଗୋଟିଏ ବଡ ବରଗଛଟେ ଥିଲା । ସେଥିରେ ଗୋଟିଏ ବଗ ଓ କାଉ ବାସ କରୁଥିଲେ । ସେ ଦୁହେଁ ବହୁତ ଭଲ ସାଙ୍ଗ ଥିଲେ । ବଗ ଓ କାଉ ବହୁତ ମାଛ ଖାଇବା ପାଇଁ ଭଲ ପାଆନ୍ତି । ସେହି ଜଙ୍ଗଲରେ ମଧ୍ୟ ଟିକି ଚଢ଼େଇଟି ବାସ କରୁଥିଲା । ତାଙ୍କର ଏପରି ଘନିଷ୍ଠ ବନ୍ଧୁତାକୁ ଦେଖି ସହିପାରିଲା ନାହିଁ । ସେ ତାଙ୍କର ବନ୍ଧୁତାକୁ ଭାଙ୍ଗିବା ପାଇଁ ଚେଷ୍ଟା କଲା । ଦିନେ ଚଢ଼େଇଟି ମିଛରେ କାଉକୁ ଆସି କହିଲା, ଜାଣିଛନା, ସବୁଦିନ ବଗ ଜଙ୍ଗଲ ଆରପଟେ ଥିବା ନଦୀକୁ ମାଛ ଖାଇବା ପାଇଁ ଯାଉଛି । ଅଥଚ ତୁମକୁ ଜଣାଉନାହିଁ । ସେ ନଦୀରେ ବହୁତ ମାଛ ଅଛି ଏକଥା କାଉ ଶୁଣିଲା, କିନ୍ତୁ ବିଶ୍ୱାସ କରିଲା ନାହିଁ । ତାର ମନ କଥାକୁ ମନରେ ରଖି ସେ ଏକଥାର ସତ୍ୟତାକୁ ପରୀକ୍ଷା କରିବାକୁ ଚାହିଁଲା । ତା ପରଦିନ ସେ ନିଜେ ଜଙ୍ଗଲ ସେ ପାଖକୁ ଗଲା ଦେଖିଲା ସେଠାରେ କିଛି ନାହିଁ । ନଦୀ ନାହିଁ କି ମାଛ ନାହିଁ । ମନ ଭିତରେ କୋଣସି ଦ୍ୱନ୍ଦ ନରଖି ସବୁଦିନ ପରି କାଉଟି ବଗ ସହିତ ବନ୍ଧୁତା ରଖିଲା । ଏହି ଗପଟିରୁ ଆମେ ଜାଣିଲେ ଯେ ପ୍ରକୃତରେ ଯାହା ଆମେ ନିଜେ ନ ଦେଖିଥିବା, କାହାରି କଥାକୁ ଅନ୍ଧ ଭାବରେ ବିଶ୍ୱାସ କରିବା ନାହିଁ । ଯେତେବେଳେ ଯେଉଁ କାର୍ଯ୍ୟ କରିବା ଭାବିଚିନ୍ତି କରିବା । କୌଣସି ନିଷ୍ପତ୍ତି ନେବା ପୂର୍ବରୁ ବାରମ୍ବାର ଭାବିବା ।

-.o-

ଷଷ୍ଠ ଶ୍ରେଣୀ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେନାପୁର

ପ୍ରତୀକ୍ଷା

ରଚିତା ରତୁପର୍ଣ୍ଣା ଜେନା

ପ୍ରେମ ପଙ୍ଗୁକୁ ଚଢ଼ାଇ ପାରେ ଉଚ୍ଚତମ ଗିରି ଶୃଙ୍ଗ । କାଲା ସିନା ଶୁଣିପାରେ ନାହିଁ, ସେ କିନ୍ତୁ ନିଜ ଭିତରେ ଅନୁଭବ କରିପାରେ ପ୍ରେମର ସଂଗୀତ । ଅନ୍ଧଟିଏ ବି ପଢ଼ିପାରେ ହୃଦୟର ଲୁକାୟିତ ଲିପି । ହୃଦୟରେ ପରିସ୍ଫୁଟିତ ଶବ୍ଦମାଳାକୁ ଯଦି ଅନ୍ଧ ପ୍ରେମିକ ପଢ଼ିପାରେ, ତେବେ ମୋ ହୃଦୟର ଜର୍ଜରିତ ସେଇ ପ୍ରେମକୁ କାହିଁକି ବୁଝିପାରି ନଥିଲ ତୁମେ !

କାରଣ ତୁମ ହୃଦୟ ଥିଲା କଠୋର, ଶୁଷ୍କ ଓ ଆଦ୍ରତା ହୀନ । ତଥାପି ମୁଁ ତୁମକୁ ଭଲପାଉଥିଲି, ରଞ୍ଜାହୀନ ଲତା ସଦୃଶ । ହୃଦୟ ଚାଙ୍ଗୁଡିରେ ସଜ୍ଜିତ କରିଥିଲି ତୁମକୁ, ପ୍ରେମକୁ ଢ଼ାଳି ଦେଉଥିଲି ତୁମ ଠାରେ । ତୁମେ କାହିଁକି ଅନୁଭବ କରିପାରି ନଥିଲ, ଆମ ସଂପର୍କରେ କେବଳ ମୁଁ ନୁହଁ ତୁମେ ବି ଥିଲ ! ଭଅଁର ଭଳି ମୋ ଜୀବନର ମଧୁକୁ ପାନ କରି ତୁମେ ଚାଲିଯାଇଥିଲ କେଉଁ ଅଜଣା ଦୁନିଆକୁ । ମୋତେ ଛାଡି ଦେଇ ସେଇ ବନ୍ଦିଶାଳାର କାଳ କୋଠରୀ ଭିତରେ ।

ଆଜି ଦୀର୍ଘ ବର୍ଷ ପରେ ତୁମ ସହ ଦେଖା ହେବାଟା ଥିଲା ଗୋଟେ ସଂଯୋଗ । ହେଲେ ଏଇ ସଂଯୋଗଟି ମୋର ପୁରୁଣା କ୍ଷତକୁ ରକ୍ତାକ୍ତ କରି ଦେଇଛି । ତୁମ ଓଠରୁ ପ୍ରତୀକ୍ଷା ଡାକ ଶୁଣି ମୁଁ ସ୍ତବ୍ଧ । ଆଖିର ଲୁହକୁ ଜମେଇ ଦେଲି ସମଗ୍ର ଚେତନାରେ, ଓଠରେ ହସ ଓ ଆଖିରେ ଥିଲା ଚମକ, ମୁହଁକୁ ମୁଁ ମଳିନ ପଡିବାକୁ ଦେଲି ନାହିଁ, କାରଣ ତୁମ ସାମ୍ନାରେ ମୁଁ ନିଜକୁ ଦୁର୍ବଳ କରିବାକୁ ଚାହୁଁ ନଥିଲି । ଏଇ ବସ୍ ଷ୍ଟାଣ୍ଡରୁ ଆରମ୍ଭ ହେଇଥିଲା ଆମ ପ୍ରେମ ଆଉ ଏହି ଠାରେ ହିଁ ତୁମେ ସମାଧି ଦେଇଥିଲ ଆମ ଦୁହିଁଙ୍କ ସଂପର୍କକୁ । ତୁମେ ଜଣେ ଠକ, ପ୍ରତାରକ ଓ ନାରୀ ମାଂସ ଲୋଭି । ପୁଣି ଥରେ

ଏଇ ଜାଗାରେ ଅକସ୍ମାତ୍ ଦେଖା ହେବାଟା ଖୁବ୍ ଯନ୍ତ୍ରଣା ଦାୟକ ନିଶ୍ଚୟ ।

ଓଠରେ ହସ ରଖି କଥାକୁ ଆଗକୁ ବଢ଼ାଇଲି । ଭଲମନ୍ଦ କଥା ପଚାରୁ ପଚାରୁ ଜାଣିବାକୁ ପାଇଲି ତୁମେ ତୁମ ସ୍ତ୍ରୀ ଓ ପୁଅକୁ ନେଇ ଖୁସିରେ ସଂସାର କରୁଛ । ଶୁଣି ଖୁସି ହେଲି, ସେଇ ଅଫେରା ଅତୀତର ଅବିବେକୀ ପ୍ରେମିକଟି ଆଜି ଖୁସିରେ ଅଛି ।

ମୋତେ ଅମା ଅନ୍ଧକାରକୁ ଠେଲି ଦେଇ ସେ ଆଜି ପୂର୍ଣ୍ଣ ଜୋଛନା ସାଉଁଟୁଛି । ବାଃ.....

ଖୁବ୍ ଖୁସିର କଥା ।

ତୁମ ସହ ଦେଖା ହୋଇ ଖୁସି ଲାଗିଲା ଅମର । ଏତିକି କହି ସେଠାରୁ ଚାଲି ଆସିବା ବେଳେ ପୁଣି ପଛରୁ ତୁମ ଡାକ...

ପ୍ରତୀକ୍ଷା ଶୁଣ.....କଥା ଏବେ ବି ବାକି ଅଛି !!!

ଓଃ.....

ତୁମ ପାଟିରୁ ମୋ ନାଆଁ ଶୁଣି ମୋତେ ଯେ ବିରକ୍ତି ଲାଗୁଛି ଅମର ! ତୁମେ କାହିଁକି ବୁଝି ପାରୁ ନାହିଁ ?

ହଁ ତୁମେ କଣ ବୁଝିବ !! ବୁଝିଥିଲେ ବୋଧହୁଏ ଆଜି ମୁଁ ଏଠି ନଥାନ୍ତି । ମନେ ମନେ ଗୁଣୁଗୁଣୁ ହୋଇ ପୁଣି ପଛକୁ ଫେରିଲି । କଣ କୁହ !! ପ୍ରତୀକ୍ଷା କାହିଁ କହିଲ ନାହିଁ ତୁମ ବୈବାହିକ ଜୀବନ କେମିତି ଚାଲିଛି ? ସବୁ ଠିକ୍ ନା ? ତୁମକୁ ଦେଖିଲେ ଲାଗୁଛି ତୁମେ ଖୁବ୍ ଖୁସିରେ ଥିବ । କଣ ଯେ, କିଛି କହୁ ନାହଁ ।

ମୁଁ କଣ ଖାଲି ପ୍ରଶ୍ନ କରୁଥିବି ? ତୁମ ଠାରୁ ତୁମ ବିଷୟରେ ଶୁଣିବାର ଖୁବ୍ ଇଚ୍ଛା ପ୍ରତୀକ୍ଷା ।

ଓଃ..... ।

ଏସବୁ ପ୍ରଶ୍ନ ମୋତେ ବିଚଳିତ କରୁଛି ! ହଁ.....

ମୁଁ ଖୁବ୍ ଖୁସିରେ ଅଛି ଅମର । ବିନା ରକ୍ତ ପାତରେ ତୁମେ ହତ୍ୟା କରିଥିଲ ମୋ ହୃଦୟକୁ କିନ୍ତୁ ଆଜି ମୁଁ ଅନେକ ଖୁସିର ଅଧିକାରିଣୀ । ଏତିକି କହି ତୁମ ଠାରୁ ବିଦାୟ ଥିଲା ଅତି ମର୍ମାହତର ବିଷୟ । ଘର ପୋତି ଆଖିକୁ ଦେଖାଯାଏ । ହେଲେ ମନପୋତି ଗଲେ ତାହା କଣ କାହା ଆଖିକୁ ଦିଶେ ?

ଆଜି ବି ମୁଁ ସଂପୂର୍ଣ୍ଣ ଏକା । ଅହଲ୍ୟା ଅପେକ୍ଷା କରିଛି - ଶ୍ରୀ ରାମଚନ୍ଦ୍ରଙ୍କୁ । ଏ ପାଷାଣି ଜୀବନରୁ କେବେ ମୁକ୍ତି ମିଳିବ କେଜାଣି ? ବିବାହର ଏତେ ବର୍ଷ ପରେ ବି ମୋ ଜୀବନରେ ଆସି ନାହିଁ ପୂର୍ଣ୍ଣତା । ବାପା ମାଆଙ୍କ ଜିଦ୍‌ରେ ବିବାହ କରିଥିଲି ସରକାରୀ ଚାକିରିଆକୁ । ମନକୁ ମାରି ବେଦିରେ ବସିଥିଲି । ଅନିଚ୍ଛା ସତ୍ତ୍ୱେ ବାନ୍ଧିଥିଲି ଆଶା । ମଣିଷର ମନ ବଡ ବିଚିତ୍ର । ଯାହା ତା'ର ଥାଏ, ସେଥିପ୍ରତି ତା'ର ଆକର୍ଷଣ କମ୍ । କିନ୍ତୁ ଯାହା ତା'ର ହାତ ପାହାନ୍ତାରୁ ଦୂରରେ ସେଥି ପାଇଁ ମନରେ ତାର ଅପରିସୀମ ଆଗ୍ରହ । କଣ୍ଟାକୁ ଛାଡି ଯେପରି ଗୋଲାପ ନାହିଁ, ଯନ୍ତ୍ରଣାକୁ ଛାଡି ସେପରି ପ୍ରେମ ନାହିଁ । ପ୍ରଣୟନ ଆରମ୍ଭ ହୁଏ ହସରେ, ଶେଷ ହୁଏ ଅଶ୍ରୁରେ । ସେହି ଅଶ୍ରୁ ଗୁଡିକୁ ବିସର୍ଜନ କରିଥିଲି ହୋମ ନିଆଁରେ ।

ବିବାହ ପରେ ଆରମ୍ଭ ହେଲା ମୋ ଜୀବନରେ ନୂଆ ଅଧ୍ୟାୟ । ମୁଁ ପୁଣି ସ୍ୱପ୍ନ ଦେଖିଲି । ସଂସାର କରିବି, ବିତି ଯାଇଥିବା ଘଟଣା ଗୁଡିକର ପୁନରାବୃତ୍ତି ମୋ ଜୀବନରେ ଠପ୍ ହୋଇଗଲା ।

ବିବାହର ଦୁଇ ସପ୍ତାହପରେ ମୁଁ ବୈଭବଙ୍କୁ ଠିକ୍ ବୁଝି ପାରିଥିଲି । ତାଙ୍କ ପାଇଁ ମୁଁ ତାଙ୍କ ସ୍ତ୍ରୀ ନୁହଁ ବରଂ ଥିଲି ଗୋଟିଏ ବସ୍ତୁ । ଏକଥା ମୋତେ ଅଛପା କିମ୍ବା ଅବୁଝା ନଥିଲା । ଘରର ଅନ୍ୟାନ୍ୟ ଜିନିଷ ମାନଙ୍କ ମଧ୍ୟରେ ବୈଭବ ମୋତେ ତୁଳନା କରୁଥିଲେ । ସମାଜ ଆଗରେ ମୁଁ ତାଙ୍କ ପାଇଁ ଆବଶ୍ୟକତା ମାତ୍ର । ମଦରେ ବୁଡି ରହୁଥିବା ବୈଭବ ରାତିର ଅନ୍ଧକାରରେ ପାଲଟି ଯାଏ ନୃଶଂସ ।

ତଥାପି କରିଛି ଅପେକ୍ଷା .....

କେବେ ଘଟିବ ଏ ଅପେକ୍ଷାର ଅନ୍ତ ?

ବାରମ୍ବାର ନୃଶଂସତାର ଶିକାର ସାଜି ବଞ୍ଚିବା ମୋ ସ୍ୱାଭିମାନକୁ ରୁଦ୍ଧ କରୁଛି । ତୁମକୁ ଭଲପାଇ ପ୍ରତାରଣାର ଶିକାର ହେବା ଓ ବାପାଙ୍କ କଥାରେ ବିବାହ କରିବା କଣ ଭୁଲ୍ ଥିଲା ?

ଏ ଯାବତ୍ ମୁଁ ଭବିଷ୍ୟତର ଚିନ୍ତା କରୁ ନାହିଁ । କିନ୍ତୁ ବର୍ତ୍ତମାନରେ ମୋ ସହ ଘଟୁଛି କଣ ? ତୁମ ସହ ଆଜି କେଇ ସମୟର କଥାବାର୍ତ୍ତା ପରେ, ମୁଁ ଫେରିଯାଇଥିଲି ଆମ କଲେଜ ବେଳକୁ । ପୁଣି ଥରେ ପୁନରୁଦ୍ଧାର କରିଥିଲି ଆମ ଦୁହିଁଙ୍କ ସଂପର୍କକୁ । ହୃଦୟ ତରାଜୁରେ ମାପି ଥିଲି ତୁମକୁ ଓ ବୈଭବଙ୍କୁ ।

ପୂରା ପରିଷ୍କାର ଭାବରେ ମୋତେ ମିଳି ଯାଇଥିଲା, ତରାଜୁର ଦୁଇ ପାର୍ଶ୍ୱ ପୂରା ସମାନ । ଆଜି ନିଜେ ନିଜକୁ ପ୍ରଶ୍ନ କରେ ମୁଁ କାହାର ସ୍ତ୍ରୀ ନା କେଉଁ ଅନ୍ଧାରୀ କୋଠରୀର ବସ୍ତୁ....!

ମୋ ଚାରିପାଖରେ ଘୋଟି ଯାଉଥାଏ ଅନ୍ଧାର । ଧୀରେ ଧୀରେ

ପତଳା ଆସ୍ତରଣରୁ ଅଭ୍ୟନ୍ତରକୁ ଗାଢ ନିଳଦ୍ରି । ଅନ୍ଧାର ନିବିଡ ହୁଏ । ମୁଁ ସେ ଭିତରେ ହଜିଯିବାକୁ ଚେଷ୍ଟାକରେ । ଖୋଜିବାକୁ ଆରମ୍ଭ କରେ, କେଉଁ ଏକ ଅଜଣା ଇପ୍ସିତ ଅଥଚ ଅଦୃଶ୍ୟ ଫଲ୍‌ଗୁର ଧାର । କାନରେ ଗୁଞ୍ଜରି ଉଠେ ଏକ ସମ୍ମୋହକ ବଂଶୀ ସ୍ୱନ । ମୁଁ.... ମୁଁ ହୋଇ ନଥାଏ । ପାଲଟୁ ଥାଏ ଏକ ସୂକ୍ଷ୍ମ ଚେତନାର ସ୍ରୋତ । ଛୁଇଁ ଯିବାକୁ ଚାହେଁ ତାକୁ ଯିଏ ଏ ଅଧାଗଢ଼ା ଅମଣିଷ୍ପ ବଶରେ ମୋତେ ବାଟବଣା କରି ଛାଡି ଦେଇଛି ।

ମୁଁ ଲୁହ କି ଲହୁ ନୁହେଁ ମୋର ମୁଁ ଦ୍ୱକୁ ସମର୍ପଣ ପାଇଁ ପ୍ରସ୍ତୁତ ଥିଲି । ଅପେକ୍ଷା ଥିଲା ସେ ପୁରୁଷୋତ୍ତମଙ୍କୁ..... ଚେତନାର ଚତୁହଦ୍ଦୀ ପରେ ଏକ ଅଦ୍ଭୁତ ଶୂନ୍ୟତାକୁ .....ମୁଁ ପ୍ରତୀକ୍ଷା କରୁଥିଲି.....!

- o -

ଫାଇନ୍ ଆର୍ଟ୍ସ ପେଣ୍ଟିଙ୍ଗ୍ ଛାତ୍ରୀ
ରେଣନ୍ଦା ପାଟଣା, ଭୁବନ, ଢ଼େଙ୍କାନାଳ, ଓଡିଶା

ଲଳିତାର ଶିକ୍ଷା

ପ୍ରଜ୍ଞାସିନି ପାତ୍ର

ଦଶରଥପୁର ଗ୍ରାମର ଝିଅ ଲଳିତା । ପିଲାଟି ଦିନରୁ ସେ ତା'ର ମାମୁଁ ଘରେ ରହେ । ଅଜା ତା'ର ଗ୍ରାମର ମୁଖିଆ । ସେବା କାର୍ଯ୍ୟ, ପାଠପଢ଼ାରେ ଭାରି ଆଗ୍ରହୀ । ମା' ତା'ର ଭାରି ଅଳସୁଇ । ଘରେ ଘର କାମ କରିବା ବଦଳରେ ସାହି ପିଲାଙ୍କ ସହ ତାସ ଖେଳେ । ବାପା ତା'ର ଘରର ସବୁ କାମ କରନ୍ତି । ସେତେବେଳେ ଝିଅପିଲାଙ୍କ ପାଠପଢ଼ାକୁ ନେଇ କିଏ କେତେ କଥା କୁହନ୍ତି । ସେଥିଲାଗି ଗ୍ରାମର କୋଉ ଝିଅ ପାଠପଢ଼ିବାକୁ ଯାଏ ନାହିଁ । କିନ୍ତୁ ତା ଅଜା ତାକୁ ପାଠ ପଢ଼ିବାକୁ ଛାଡିଲେ । ଲଳିତାର ପାଠପଢ଼ା ଠିକ୍ ଚାଲିଥିଲା କିନ୍ତୁ ଅଜାଙ୍କ ମୃତ୍ୟୁପରେ ଗ୍ରାମର ଲୋକମାନେ ଲଳିତାକୁ ତା ଅଜାଙ୍କ ମୃତ୍ୟୁର ଦାଇକା ଦେବାରୁ ତା ଆଈ ତା ପାଠପଢ଼ା ବନ୍ଦ କରିଦେଲେ । କିନ୍ତୁ ଲଳିତାର ମାମୁଁ ସହରରେ ରହୁଥିଲେ । ସେ ତା'ର ପାଠପଢ଼ାର ମହତ ବୁଝିଥିଲେ । ଲଳିତାର ମାମୁଁ ତା'ର ଆଇକୁ ପାଠପଢ଼ିବାକୁ ଛାଡିବା ପାଇଁ କହିବାରୁ ସେ ମନା କଲେ । କିନ୍ତୁ ଲଳିତା ମାମୁଁ ଅତି ବାଧ୍ୟ କରିବାରୁ ସେ ତାକୁ ଛାଡିବେ ବୋଲି କହିଲେ । ବହୁତ ଦୁଃଖ ସହି ଲଳିତା ପାଠ ପଢ଼ିଲା । ସବୁଦିନ ସେ ସ୍କୁଲ ଯାଏ । ଏମିତି ଆଜି ବି ସେ ସ୍କୁଲ ଯାଉଛି । ସ୍କୁଲରେ ସେ କିଛି ପିଲାଙ୍କୁ ନେଇ ଗୋଟିଏ ସଂଘ ଗଠନ କରିଛି । ଯେଉଁଥିରେ ଲଳିତା ସମସ୍ତ ଶପଥ ନେଇ କହିଛି ଆମେ କାହା ଆଗରେ ହାତ ନ ପତାଇ ଗରିବମାନଙ୍କୁ ସାହାଯ୍ୟ କରିବା । ସେହି ସମସ୍ତ ପିଲା ଏହି ଶପଥଟି ନେଲେ । ଆଉ ଗାଁ ବିଲରେ ଧାନ ଚାଷ କରି ସମସ୍ତଙ୍କୁ ସେହି ଧାନ ବିକା ପଇସାରେ ସହଯୋଗ କଲେ । ଯାହା ପାଖରେ ପିନ୍ଧିବାକୁ ପୋଷାକ ନଥିଲା, ତାକୁ ପୋଷାକ ଦେଲେ, ଯାହା ପାଖରେ ଖାଦ୍ୟ ନଥିଲା ତାକୁ ଖାଦ୍ୟ କିଣି ଦେଲେ । ଏହିପରି ସବୁବେଳେ ସେ ଗରିବମାନଙ୍କୁ ସାହାଯ୍ୟ କଲେ । ତାର ଏହି ଭଲ କାମ ପାଇଁ ତାକୁ ସରକାରଙ୍କ ଦ୍ୱାରା ପୁରସ୍କାର ଦିଆଯାଇ ପୁରସ୍କୃତ କରାଗଲା । ତା ଆଇ ବୁଝିପାରିଲେ ଯେ ଝିଅପିଲା କେବଳ ଘରକାମ ନୁହେଁ, କି କାହାର ମୃତ୍ୟୁର କାରଣ ନୁହେଁ । ସେ ସବୁବେଳେ ସବୁକାର୍ଯ୍ୟ କରିପାରିବେ । ଛୋଟ ପିଲାଟିଏ ହେଲେ ମଧ୍ୟ ସେ ସମସ୍ତଙ୍କୁ ଦେଖାଇ ଦେଲା । ସୁଯୋଗକୁ କେବେ ଅପେକ୍ଷା କରିବା ନାହିଁ । ସୁଯୋଗକୁ ସବୁବେଳେ ନିଜେ ତିଆରି କରିବ ।

- o -

ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଆମ ପ୍ରୟାସ, ଆମ ପରିଚୟ...



ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀ



ରକ୍ତଦାନ କାର୍ଯ୍ୟକ୍ରମ



ଛରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମଧୁ ଜୟନ୍ତୀ ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଭା



ଓ ଶାସ୍ତୀ ଜୟନ୍ତୀ ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଭା



ଗୁରୁଦିବସ ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଭା



ଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ



ଜୁ ଚିକିତ୍ସା ନିମନ୍ତେ ସହାୟତା


ମୁଦ୍ରଣ : ଜନପ୍ରିୟ ଅଫସେଟ ପ୍ରେସ